

◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-203 ♦SUNDAY ♦18 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୩ ♦ରବିବାର ♦୧୮ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦₹.୭.୦୦ (ସିନ୍ଦୂରା ସହ)

ଓଇଆରସିରେ ସରକାରୀ ଉଦ୍ୟୋଗଗୁଡ଼ିକର ଦାବି

ବଢ଼ିବ ବିଜୁଳି ଶୁଳ୍କ !



■ ଭୁବନେଶ୍ୱର, ୧୭।୧ (ସମିସ): ରାଜ୍ୟବ୍ୟାପୀ ସ୍ମାର୍ଟ ମିଟର, ବିତରକ କମ୍ପାନୀଙ୍କର ଅତିରିକ୍ତ ସୁରକ୍ଷା ଜମା(ଏଏସ୍‌ଡି) ଯାତନାରୁ ସାଧାରଣ ଲୋକେ ମୁକୁଳିପାରି ନ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷରୁ ରାଜ୍ୟରେ ବିଜୁଳି ଶୁଳ୍କ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିତରଣ ସେବାରେ ଥିବା ୪ଟି ଯାକ ବିତରକ କମ୍ପାନୀ ସାଙ୍ଗକୁ ସରକାରଙ୍କ ୪ଟି ପ୍ରମୁଖ ଶକ୍ତି ଉଦ୍ୟୋଗ ଗ୍ରାଡ୍‌କୋ, ଓପିଟିସିଏଲ୍, ଓପିଜିସି ଏବଂ ଓଏର୍‌ପିସି ମଧ୍ୟ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ନିକଟରେ ଦାବି ରଖିଛନ୍ତି। ଓଇଆରସିରେ ବିଜୁଳି ଦର ନେଇ ଆସନ୍ତା ଫେବ୍ରୁଆରୀରୁ ଶୁଣାଣି ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଆର୍ଥିକ ବର୍ଷରେ ବିଜୁଳି ଦର ବୃଦ୍ଧି ହେବ ବୋଲି ଆପାତତଃ ସ୍ଥିର ହୋଇସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ ମଧ୍ୟ ଗତ ବର୍ଷରେ ୬୬୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇ ବିଜୁଳି ମୂଲ୍ୟ ବୃଦ୍ଧି ପାଇଁ ଦାବି କରିଛନ୍ତି। ଅପରପକ୍ଷେ ଗ୍ରାଡ୍‌କୋ ପୂର୍ବବର୍ଷରେ (୨୦୨୪-୨୫) ୩୪୭ କୋଟି ଟଙ୍କା ଲାଭ କରିଥିବା ବେଳେ ପାଇକାରୀ ବିକ୍ରି ମୂଲ୍ୟକୁ ୟୁନିଟ ପିଛା ୫୮ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛନ୍ତି। ସେହିପରି ଓପିଟିସିଏଲ ୨୩୮ କୋଟିଟଙ୍କା ଲାଭ କରିଥିବା ବେଳେ ବିଦ୍ୟୁତ ସଂଚାରଣ ଖର୍ଚ୍ଚ ୟୁନିଟ ପିଛା ୧୦ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛି। ଓପିଜିସି ୫୩୪ କୋଟିଟଙ୍କା ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଶକ୍ତି କେନ୍ଦ୍ର ପାଇଁ (୧୩୨୦ ମେଗାୱାଟ) ଉତ୍ପାଦନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଗତବର୍ଷ ଦରଖାସ୍ତ ଦାଖଲ କରିଥିଲେ ବି ଏପର୍ଯ୍ୟନ୍ତ ଆୟୋଗ ଫଇସଲା କରିନାହାନ୍ତି। ତେବେ କ୍ରୟଚୁକ୍ତି ଆଳରେ ଓଇଆର୍‌ସି ଅଧିନିୟମକୁ ଫାଙ୍କିଦେଇ ଓପିଜିସି ଉତ୍ପାଦନ ମୂଲ୍ୟକୁ ବର୍ଷକୁ ବର୍ଷ ବୃଦ୍ଧିକରି ସମୁଦାୟ ଲାଭକୁ ୨୩୪୮ କୋଟି ଟଙ୍କାରେ ପହଞ୍ଚାଇଛି। ▶ପୃଷ୍ଠା-୭

ସ୍ମାର୍ଟ ମିଟର, ଅତିରିକ୍ତ ସୁରକ୍ଷା ଜମା ନୋଟିସ୍ ପରେ ଦରବୃଦ୍ଧି ପ୍ରସ୍ତାବ ବେଡ଼ି ଉପରେ କୋରଡ଼ା

ସରକାରୀ ଉଦ୍ୟୋଗଙ୍କ ଲାଭଖୋର ମନୋବୃତ୍ତିକୁ ଶକ୍ତି ସମୀକ୍ଷକଙ୍କ କଡ଼ା ସମାଲୋଚନା

ସର୍ବଭାରତୀୟ ସ୍ତରଠାରୁ ଅଧିକ ବିଜୁଳି ଶୁଳ୍କ ଦେଉଛନ୍ତି ଓଡ଼ିଶାର ଉପଭୋକ୍ତା

ଟ୍ରମ୍ପଙ୍କୁ କ୍ରିମିନାଲ୍ କହିଲେ ଖାମନେଇ

ଆମେରିକା ରାଷ୍ଟ୍ରପତି ଇରାନ ଜନତାଙ୍କ ହତ୍ୟାକାରୀ



■ ତେହରାନ, ୧୭।୧ (ଏଜେନ୍ସି): ଇରାନରେ ବଢ଼ୁଥିବା ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ଜେନ୍-ଜେଡ୍ ଆନ୍ଦୋଳନକୁ ଦମନ କରିବା ପାଇଁ ଇରାନ ସରକାର ବଳପ୍ରୟୋଗ କରୁଛନ୍ତି। ଅତର୍କିତ ଗୁଳିମାଡ଼ କରି ବିକ୍ଷୋଭକାରୀଙ୍କ ଜୀବନ ନେଉଛନ୍ତି। ମାତ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିକ୍ଷୋଭକାରୀଙ୍କୁ ସମର୍ଥନ କରୁଛନ୍ତି। ସେ ସମସ୍ତ ପ୍ରକାରର ସହାୟତା ଦେବେ ବୋଲି କହିଛନ୍ତି। ଏପରି ସମୟରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ଟ୍ରମ୍ପଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଆମେରିକା ରାଷ୍ଟ୍ରପତିଙ୍କୁ କ୍ରିମିନାଲ ବା ଅପରାଧୀ କହିଛନ୍ତି। ଦେଶରେ ଜାରି ହିଂସା, ଅପପ୍ରଚାର ଏବଂ ଜୀବନହାନି ପାଇଁ ଟ୍ରମ୍ପଙ୍କୁ ଦାୟୀ କରିଛନ୍ତି। ତାଙ୍କୁ ଇରାନ ଜନତାଙ୍କ ହତ୍ୟାକାରୀ କହି ଚେତାବନୀ ମଧ୍ୟ ଦେଇଛନ୍ତି। ହିଂସା ପାଇଁ ଦାୟୀ ଜାତୀୟ କିମ୍ବା ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକାରୀ କାହାରିକୁ ଛାଡ଼ିବୁ ନାହିଁ ବୋଲି ଖାମନେଇ କହିଛନ୍ତି।

ଇରାନ ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଖାମନେଇ କହିଥିଲେ ଯେ ଏବେକାର ବିକ୍ଷୋଭ ପ୍ରଦର୍ଶନ ପୂର୍ବଠାରୁ ଅଲଗା ଥିଲା। କାରଣ ଏବେ ବିକ୍ଷୋଭରେ ଆମେରିକା ରାଷ୍ଟ୍ରପତି ସାମିଲ ହୋଇଯାଇଛନ୍ତି। ଇରାନ ବିରୋଧରେ ଆମେରିକା କେବଳ ଷଡ଼ଯନ୍ତ୍ର କରିନାହିଁ, ବରଂ ହିଂସାକୁ ପ୍ରୋତ୍ସାହନ ଦେଇଛି। ହଜାର ହଜାର ଲୋକଙ୍କ ଜୀବନ ▶ପୃଷ୍ଠା-୭

ମୁହାଁମୁହିଁ ଧକ୍କା ପରେ କାର୍-ଅଟୋରେ ନିଆଁ

ଜଳିଗଲେ ୩ ଯୁବକ; ଜଣେ ମୃତ



■ ଫୁଲବାଣୀ, ୧୭।୧ (ସମିସ): ଅଟୋ ସହ ଜୀବନ୍ତ ଜଳିଗଲେ ଯୁବକ। ଫୁଲବାଣୀ ସହର ଉପକଣ୍ଠ ଦାତପାକୁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନିକଟରେ ଆଜି ସନ୍ଧ୍ୟାରେ ଏପରି ଏକ ଛାତିଥରା ଦୁର୍ଘଟଣା ଘଟିଛି। ବିପରୀତ ଦିଗରୁ ଆସୁଥିବା କାରକୁ ମୁହାଁମୁହିଁ ଧକ୍କା ଦେବା ପରେ ଅଟୋଟି ନିଆଁ ଲାଗି ଜଳି ଯାଇଛି। ଅଟୋରେ ବସିଥିବା ୩ ଯୁବକ ପୋଡ଼ି ଯାଇଥିବା ବେଳେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ଫୁଲବାଣୀ ବ୍ଲକ ଦାତପାକୁ ପଞ୍ଚାୟତ ମିଣିଆକାଠି ଗ୍ରାମର ବରୁଣ ମଲ୍ଲିକ(୨୦)। ଗୁରୁତରଦ୍ୟ ହେଲେ, ବରୁଣଙ୍କ ଭାଇ ବାବୁଲା ମଲ୍ଲିକ (୨୨) ଓ ଦଡ଼କି ପଞ୍ଚାୟତ ସିଙ୍ଗାପଡ଼ାର ଶୈଳେନ୍ଦ୍ର କହଁର (୫୦)। ଦୁହିଁଙ୍କର ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ି ଯାଇଛି। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛି। କିନ୍ତୁ ଅବସ୍ଥା ସଂକଟାପନ୍ନ ▶ପୃଷ୍ଠା-୭

ନିଲମ୍ବନର ଜବାବ ରଖିଲା ବିଜେଡି

ଦଳବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ସନାତନ ଓ ଅରବିନ୍ଦ

■ ଭୁବନେଶ୍ୱର, ୧୭।୧ (ସମିସ): ବିଜେଡିକୁ ଦୁର୍ବଳ କରିବାକୁ ମିଡ୍ ଡେ' ଅପରେସନ୍ ଯୋଜନା ହୋଇଥିଲା। ପୂର୍ବରୁ 'ମିଡ୍ ନାଇଟ୍' ଅପରେସନ ଫେଲ୍ ହୋଇଥିଲା, ଏବେ ମିଡ୍ ଡେ' ଅପରେସନ ବି ଫେଲ୍ ହୋଇଛି। ଦଳ ବିରୋଧରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଅଂଶ ବିଶେଷଭାବେ ସନାତନ ମହାକୁଡ଼, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ର ସାମିଲ ଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳର ଅନୁଶାସନ ଭାଙ୍ଗିବା ତଥା ବିଶ୍ୱାସଘାତକତା କରିବା କାରଣରୁ ଦୁଇ ବିଧାୟକଙ୍କ ବିରୋଧରେ ବହୁ ଭାବିଚିନ୍ତି ଦଳ ପକ୍ଷରୁ ଏପରି ▶ପୃଷ୍ଠା-୭

'ମିଡ୍ ନାଇଟ୍' ପରେ ଏବେ ମିଡ୍ ଡେ' ଅପରେସନ ବି ଫେଲ୍

ଦଳଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି

ତୃଣମୂଳ ସ୍ତରରୁ ମତାମତ ନେଇ ନବୀନ ନେଇଛନ୍ତି ନିଷ୍ପତ୍ତି

ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

■ ଢାକା, ୧୭।୧ (ଏଜେନ୍ସି): ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ରାଜବାଡ଼ି ଜିଲ୍ଲାରେ ଏକ ପେଟ୍ରୋଲ ପମ୍ପରେ ୩୦ ବର୍ଷୀୟ ରିପନ ଶାହା ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ପେଟ୍ରୋଲ ଭରିବା ପରେ ପଇସା ନ ଦେଇ ପଳାଇଯାଉଥିବା ଏକ ଏସ୍‌ୟୁଭିକୁ ସେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏସ୍‌ୟୁଭି ଡ୍ରାଇଭର ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇ ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ ଶୁକ୍ରବାର ଭୋର ୪.୩୦ରେ ଏହି ଘଟଣା ଘଟିଥିଲା। ଏକ କଳା ଏସ୍‌ୟୁଭି ଗାଡ଼ି ପେଟ୍ରୋଲ ପମ୍ପକୁ ଆସିଥିଲା ଓ ପାଖାପାଖି ▶ପୃଷ୍ଠା-୭

ବିଏନ୍‌ପି ନେତା ଗିରଫ

୩୦ ଦିନରେ ଅଷ୍ଟମ 'ହିନ୍ଦୁ' ହତ୍ୟା

ମହାନଦୀ ଜଳ ବିବାଦ: ବିରୋଧୀ ଦଳ ଓ ବୁଦ୍ଧିଜୀବୀଙ୍କ ଦାବି ମାନିଲେ ସରକାର

ଛତିଶଗଡ଼ ସହ ଆଲୋଚନା ପୂର୍ବରୁ ସର୍ବଦଳୀୟ ବୈଠକ

■ ଭୁବନେଶ୍ୱର, ୧୭।୧ (ସମିସ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଜେଡି ସମେତ ବିଭିନ୍ନ ସଂଗଠନର ଦାବିକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଆସନ୍ତା ୨୩ ତାରିଖରେ ଦୁଇଟି ପର୍ଯ୍ୟାୟରେ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ସହ ରାଜ୍ୟ ସରକାର ଆଲୋଚନା କରିବେ। ଆଲୋଚନାର ନିଷ୍କର୍ଷ ଭିତ୍ତିରେ ରାଜ୍ୟ ସରକାର ଆଲୋଚନା ପାଇଁ ଛତିଶଗଡ଼ ଯିବେ ବୋଲି ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଉଚ୍ଚସ୍ତରୀୟ କମିଟିରେ ନିଷ୍ପତ୍ତି ନିଆଯାଇଛି।

ଶନିବାର ସ୍ଥାନୀୟ ରାଜୀବ ଭବନରେ କମିଟିର ଦ୍ୱିତୀୟ ବୈଠକ ହୋଇଥିଲା। ବୈଠକ ପରେ ଗଣଶାଧମକୁ ସୂଚନା ଦେଇ କମିଟିର ଅଧକ୍ଷ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ମହାଦନୀ ଜଳ ବିବାଦ ମାମଲାରେ ରାଜ୍ୟ ବିଜେପି ସରକାର ଛତିଶଗଡ଼ ସହ ଆପୋସ ବୁଝାମଣା ଉଦ୍ୟମ ଜାରି ରଖିଛନ୍ତି। ତେବେ ଏହି ଆପୋସ ଆଲୋଚନାର ସର୍ତ୍ତ କ'ଣ ଏବଂ ବୁଝାମଣାରେ କେଉଁ ବିଷୟବସ୍ତୁ ନିଆଯାଇଛି, ତାହାକୁ ସାର୍ବଜନୀନ କରିବାକୁ ବିରୋଧୀ ଦଳ ତଥା ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ ଦାବି କରି ଆସୁଥିଲେ। ତଦନୁଯାୟୀ, ଆସନ୍ତା ୨୩ ତାରିଖରେ ମହାନଦୀ ବିବାଦକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ମହାନଦୀ ସହ ଜଡ଼ିତ ବିଭିନ୍ନ ସଂଗଠନ, ଅଂଶୀଦାର, ପରିବେଶବିତଙ୍କ ସହ ମଧ୍ୟ ସରକାର ବିଚାରବିମର୍ଶ କରିବେ। ଏହି ଦୁଇ ପର୍ଯ୍ୟାୟବୈଠକ ଆଲୋଚନାର ନିଷ୍କର୍ଷକୁ ନେଇ ପରବର୍ତ୍ତୀ ସମୟରେ ଛତିଶଗଡ଼ ସହ ଆଲୋଚନା କରାଯିବ। ଆସନ୍ତା ୩୧ ଓ ଫେବ୍ରୁଆରୀ ୧ ତାରିଖରେ ଛତିଶଗଡ଼ରେ ହେବାକୁ ଥିବା ଆଲୋଚନାରେ ଓଡ଼ିଶାର ତା'ର ପକ୍ଷ ରଖିବ। ଟ୍ରିବ୍ୟୁନାଲରେ ଆସନ୍ତା ଫେବ୍ରୁଆରୀ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ଥିବାରୁ ଏହାପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ସରକାରଙ୍କୁ ସମୟ ▶ପୃଷ୍ଠା-୭

ଆସନ୍ତା ୨୩ରେ ଅଂଶୀଦାରମାନଙ୍କ ସହ ସରକାରଙ୍କ ଆଲୋଚନା

ଛତିଶଗଡ଼ ଆଲୋଚନାରେ ଉପସ୍ଥାପିତ ହେବ ବୈଠକର ନିଷ୍କର୍ଷ

ରାଉରକେଲା ବିମାନ ଦୁର୍ଘଟଣାରେ ଗୁରୁତର ଯାତ୍ରୀଙ୍କ ମୃତ୍ୟୁ



■ ରାଉରକେଲା, ୧୭।୧(ସମିସ): ଭୁବନେଶ୍ୱର-ରାଉରକେଲା ବିମାନ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯାତ୍ରୀଙ୍କ ଆଜି ମୃତ୍ୟୁ ହୋଇଯାଇଛି। ସେ ହେଲେ, ସୁଶାନ୍ତ କୁମାର ବିଶ୍ୱାଳ(୪୮)। ତାଙ୍କ ଘର ରାଉରକେଲା ବେଦବ୍ୟାସ ଅନ୍ତର୍ଗତ ସିଂହଟୋଲାରେ। ସେ ରାଉରକେଲାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବା ବେଳେ ଗତ ୧୦ ତାରିଖରେ ଭଉଣୀ ଅନୀତା ସାହୁଙ୍କ ସହ ଇଣ୍ଡିଆ-ୱାନ୍ ଏୟାର ବିମାନରେ ରାଉରକେଲା ଫେରୁଥିଲେ। କିନ୍ତୁ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନଟି ଜରୁରୀକାଳୀନ ଲ୍ୟାଣ୍ଡିଂ କରିବା ▶ପୃଷ୍ଠା-୭

SAI INTERNATIONAL SCHOOL
SAI INTERNATIONAL RESIDENTIAL SCHOOL
The Journey to success begins at SAI
SAI International School | SAI International Residential School
Affiliated to CBSE & Cambridge

2025 RESULTS

CBSE COMMERCE — SCHOOL RANK #1 — 98.8% — Dhiraj Dhanuka
CBSE HUMANITIES — SCHOOL RANK #1 — 98.2% — Anoushka Panda
CBSE SCIENCE — SCHOOL RANK #1 — 98% — N. Shreya Amolika
JEE ADVANCED — SCHOOL RANK #1 — AIR 934 — Suvram Jyoti Behera
NEET — STATE RANK #2 — AIR 128 — Aditya Kiran Bal
AILET — STATE RANK #1 — AIR 8 — Prathmesh Gaurav
CLAT — STATE RANK #1 — AIR 14 — Prathmesh Gaurav

NEET 114 STUDENTS
JEE MAIN 51 STUDENTS
JEE ADV 19 STUDENTS
CLAT 22 STUDENTS
FOREIGN UNIVERSITY 44 STUDENTS

SAI ENTRANCE TEST (SET)
CLASS XI
JAN 24 -25, 2026

REGISTRATIONS OPEN PG TO CLASS IX

SAI International School |0674-7100200, +91-9338336699
www.saiinternational.edu.in
SAI International Residential School |0671-7100100, +91-8114368700
www.sirs.edu.in
Plot no. 5A, Chandrasekharpur, Infocity Ave, Bhubaneswar, Odisha, Pin - 751024 | www.sai.edu.in | info@sai.edu.in

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

ସକାଳ
THE SAKALA

ନିଜସ୍ୱ ଗୃହ ଥାଇ ସ୍କୁଲ ଘରେ ଚାଲିଛି ଡାକ୍ତରଖାନା

କେବେ ହେବ ଉଦ୍‌ଘାଟନ; ପାଲଟିଛି ଭୂତକୋଠି

ଓଳାଭର,୧୭।୧(ସମିସ)

ରାଜକନିକା ବ୍ଲକ ଅଧୀନସ୍ଥ ହାଟସାହିଠାରେ ୧୯୮୦ରେ ଆରମ୍ଭ ହୋଇଥିଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଏଠାରେ ହୋମିଓପାଥିକ ରୋଗର ଚିକିତ୍ସା ନିମନ୍ତେ ହାଟସାହି ବିଦ୍ୟାଳୟର ଏକ କୋଠରୀକୁ ବ୍ୟବହାର କରାଯାଇଥିଲା। ବିଡ଼ମ୍ବନାର ବିଷୟ ଇତିମଧ୍ୟରେ ୪୬ ବର୍ଷ ପରେ ବି ସେଇ ସ୍କୁଲ ଘରେ ରୋଗୀସେବା ଚାଲିଛି। ଅଥଚ ଡାକ୍ତରଖାନାର ନିଜସ୍ୱ ଗୃହ ୧୧ ବର୍ଷ ପୂର୍ବେ ନିର୍ମାଣ ସରିଥିଲେ ବି ଏଯାବତ୍ ତାହା ହସ୍ତାନ୍ତର ହୋଇନାହିଁ କି ଡାକ୍ତରଖାନା ଗୃହ ପ୍ରବେଶ କରିନାହିଁ। ୨୦୧୫ରେ ଡାକ୍ତରଖାନା ଗୃହ ନିର୍ମାଣ ସରିଥିବାବେଳେ ଏବେ ଭୂତକୋଠି ପାଲଟିଛି। ଯାହାକି ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନ ଛିଡା କରାଇଛି।

ପଶ୍ଚିମାଞ୍ଚଳର ଏହି ଉପାନ୍ତଅଞ୍ଚଳର ପ୍ରାୟ ପାଞ୍ଚଟି ପଞ୍ଚାୟତର ହଜାର ହଜାର ଲୋକ ଏହି ମେଡିକାଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେବେ ବିଭାଗୀୟ ଉଦାସୀନତା ପାଇଁ ନିଜସ୍ୱ ଘର ଥାଇ ବେଘର ହୋଇ ପଡିରହିଛି ମେଡିକାଲ। ପ୍ରତ୍ୟହ ୪୦ରୁ ୫୦ ରୋଗୀ ଆସିଥା'ନ୍ତି ଏହି ମେଡ଼ିକାଲକୁ। ସ୍କୁଲ ଘରେ କଳାପଟା ପାଖରେ ରୋଗୀ ସେବା ସହିତ ପେଟି ପେଟି ମେଡିସିନ୍ ଏଣେତେଣେ ଥାଇ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ମେଡିକାଲ ନିମନ୍ତେ ଏକ ନୂତନ ଗୃହ ୨୦୧୫ରେ ନିର୍ମାଣ ସରିଛି। ଏଥିପାଇଁ ସେତେବେଳେ ୧୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହା ଭିତରେ ୧୧ବର୍ଷ ବିତିଲାଣି। ଅଥଚ ଗୃହଟି ମେଡିକାଲକୁ ହସ୍ତାନ୍ତର ହୋଇପାରିନାହିଁ କି ଉଦ୍‌ଘାଟନ ହୋଇନାହିଁ। ସେ ନୂଆ ଗୃହଟି ଏବେ ଉଦ୍‌ଘାଟନ ଆଗରୁ ସଉା ହରାଇ ଜରାଜୀର୍ଣ୍ଣ ହୋଇପଡ଼ିଲାଣି। କାନ୍ଥ ଫାଟି ଗଛ ଉଠିଲାଣି। ପାଣି ବି ଟପ୍ ଟପ୍ ଖସୁଛି। ଘରର କବାଟ ଝରକା ଆପେ ଆପେ ଭାଙ୍ଗିରୁଜି ଗଲାଣି। ଭଙ୍ଗା କବାଟ ବାଟେ ବିଷଧର ସର୍ପ ବି ଘର ଭିତରେ ଆସ୍ଥାନ ଜମାଇଲେଣି। ଘରଟି ଏବେ ଭୂତକୋଠି ପାଲଟିଯାଇଛି। ଏମିତିକି ନୂତନ ଗୃହକୁ ଯିବା ପାଇଁ ରାସ୍ତା ନ ଥିବାରୁ ମେଡିକାଲ ଘର ଅପନ୍ତରା ଭାବେ ନିର୍ମାଣ ହୋଇ ସଉା ହରାଇଛି। ଦୀର୍ଘବର୍ଷ ହେବ ମେଡିକାଲର ଏଭଳି ବିକଳ ସ୍ଥିତି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।



- ୪୬ ବର୍ଷ ହେବ ସ୍କୁଲ ଘରେ ରୋଗୀସେବା
- ୨୦୧୫ରେ ସରିଛି ଡାକ୍ତରଖାନା ଗୃହ

ହାଟସାହି ପଞ୍ଚାୟତ ସରପଞ୍ଚ ସୀତା ଦାସ ମେଡିକାଲର ଏତାଦୃଶ ଅବସ୍ଥାରେ ତୁରନ୍ତ ବ୍ୟବସ୍ଥିତ କରିବାକୁ ଦାବି ରଖିଥିବାବେଳେ ଏଠାରେ କାର୍ଯ୍ୟରତ ଡାକ୍ତର ଜିତେନ୍ଦ୍ର ମଲିକ ବି ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସମିତିସଭ୍ୟ ସଞ୍ଜୟ ବେହୁରା ନୂତନ ଗୃହ ଉଦ୍‌ଘାଟନ ହେବା ଆଗରୁ ପୁନରୁଦ୍ଧାର ଦାବି କରିଛନ୍ତି। ଡାକ୍ତରଖାନାକୁ ଆସିଥିବା ରୋଗୀ ସୁମିତ୍ରା ମଲିକ ନିଜର କ୍ଷୋଭ ପ୍ରକାଶ କରି ଅନ୍ତତଃପକ୍ଷେ ମେଡିକାଲକୁ ବ୍ୟବସ୍ଥିତ କରିବାକୁ ଦାବି କରିଥିବାବେଳେ ବହୁ ରୋଗୀ ନୂଆ ଗୃହର ନବକଳେବର କରିବାକୁ ଦାବି କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚାଧିକାରୀ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ମହାକାଳପଡ଼ା,୧୭।୧(ସମିସ): ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗୋଗୁଆ ଗ୍ରାମର କଳ୍ପତରୁ ଓଝାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତାଙ୍କ ପତ୍ନୀ କଳ୍ପନା ଓଝା ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ରାତି ଦଶଟା ସମୟରେ ବଡ଼ପଲ୍ଲୀ ଗ୍ରାମରୁ ତାଙ୍କ ସ୍ୱାମୀ କଳ୍ପତରୁ ଘରକୁ ଫେରୁଥିଲେ। ଏହି ସମୟରେ ସେହି ଗ୍ରାମର କାଳିଆ ଜେନା, ଜଗା ଜେନା, କ୍ଷୀରୋଦ ଜେନା ଓ ଚିତ୍ତ ମଲିକ କଳ୍ପତରୁଙ୍କୁ ଅଟକାଇ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ସଙ୍ଘବଦ୍ଧ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇଦେଇଛନ୍ତି। କଳ୍ପତରୁଙ୍କ ପାଖରୁ ନଗଦ ୧ ଲକ୍ଷ ଟଙ୍କା, ମୋବାଇଲ୍ ଫୋନ୍ ଛଡାଇ ନେବା ସହ ତାଙ୍କ ବାଇକକୁ ଭାଙ୍ଗିଦେଇଥିବା ଅଭିଯୋଗରେ କଳ୍ପନା ଉଲ୍ଲେଖ କରିଛନ୍ତି। କଳ୍ପତରୁ ଏବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି।



ଶ୍ରୀଶ୍ରୀ ଜଗନ୍ନାଥ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ରାଜନଗର,୧୭।୧(ସମିସ): ସ୍ଥାନୀୟ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ "ଭାରତର ବିଦେଶ ନୀତିର ନିରନ୍ତରତା ଓ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଓ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଜୟକୃଷ୍ଣ ବରାଳ ଭାରତର ବିଦେଶ ନୀତିର ନିରନ୍ତରତା ଓ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତର ବିଦେଶ ନୀତି ସ୍ୱାଧୀନତା ପରଠାରୁ କିପରି ସମୟ ଅନୁସାରେ ପରିବର୍ତ୍ତିତ ହେଉଥିଲେ ମଧ୍ୟ କିଛି ମୌଳିକ ନୀତି ନିରନ୍ତର ରହିଆସିଛି, ଏପରି ଭାବେ ଭାରତୀୟ ବିଦେଶ ନୀତିରେ ନିରନ୍ତରତା ଓ ପରିବର୍ତ୍ତନ ଉଭୟ ଦେଖିବାକୁ ମିଳେ। ସ୍ୱାଧୀନ ବିଦେଶ ନୀତି, ନିରପେକ୍ଷତା, ପଞ୍ଚଶୀଳ ସିଦ୍ଧାନ୍ତ, ପରିବର୍ତ୍ତନ ଯେପରିକି ପଡ଼ୋଶୀ ପ୍ରଥମ ନୀତି, ଆକ୍ଟ ଇଷ୍ଟ ପଲିସି ବିଷୟରେ ଶ୍ରୀ ବରାଳ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରତାପ ସ୍ୱାଇଁ ସଭା ପରିଚାଳନା କରିବା ସହିତ ଭାରତ କିପରି ଆଗାମୀ ଦିନରେ ବିଶ୍ୱଗୁରୁ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ପ୍ରଣତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଧାନଖାଇ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଗୋବିନ୍ଦପୁର,୧୭।୧(ସମିସ): ସିଂହଗାଁ ପଞ୍ଚାୟତ ଅନ୍ତର୍ଗତ ଧାନଖାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପୁରୁଷୋତ୍ତମ ପଲାଇଙ୍କ ଦ୍ୱାରା ଉଦଘାଟିତ ଏହି ଉତ୍ସବ ତିନିଦିନ ଧରି ଚାଲିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରଜନୀକାନ୍ତ ଦାସ, ସମ୍ମାନିତ ବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ କାନ୍ତ ସାହୁ ଓ ପ୍ରକୃତି ବନ୍ଧୁ କବି ବଟକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ଓଷ୍ଟାର ଉପସଭାପତି ସଞ୍ଜୟ ସାମଲ, ସିଆରସିସି ମନୋଜ ସେଠୀ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ଶିକ୍ଷାବିତ ପ୍ରଭାକର ପାତ୍ର, ଆଦିକନ୍ଦ ବେହେରା, ସମାଜସେବୀ ପଦ୍ମଲୋଚନ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ସାମଲ ବିବରଣୀ ପାଠ କରିଥିବାବେଳେ ସହଦେବ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୁତିସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିତା ଦାସ, ଗୀତାଞ୍ଜଳି ସାହୁ, ନିରଞ୍ଜନ ବେହେରା ଓ ଅଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା,୧୭।୧(ସମିସ): ଜଳ ସମ୍ପଦର ସୁଷମ ବଣ୍ଟନ, କୃଷକ ସଶକ୍ତିକରଣ ଓ ସହଭାଗୀ ଜଳସେଚନ ପରିଚାଳନାର ଗୁରୁତ୍ୱକୁ ନେଇ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ଜଣ୍ଟିଲୋ ଜଳସେଚନ ଡାକବଙ୍ଗଳା ପରିସରରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ କୃଷି ଓ ଜଳସେଚନର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଉପସଭାପତି ଭୀଷ୍ମ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ ଓ ନିର୍ମଳା ମହାନ୍ତି, ଜିଲ୍ଲା ମୁଖ୍ୟ ଅଧିକାରୀ ସୁରେଶ ମଲ୍ଲିକ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସ୍ୱାଇଁ, ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଜୟ ସେଠୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ନିର୍ମଳ ଜେନା ଓ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ରାଜ୍ୟ ସରକାରଙ୍କ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ଭାବେ ସଫଳ ଓ ଦୀର୍ଘସ୍ଥାୟୀ କରିବା, ଜଳ ବଣ୍ଟନଜନିତ ବିବାଦକୁ ଆପୋଷ ସମାଧାନ କରିବା, ସମସ୍ତ ସେଚ ଅଞ୍ଚଳରେ ସୁଷମ ଜଳ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ସଭ୍ୟଙ୍କୁ ଶପଥ ପାଠ କରାଯାଇଥିଲା।

ଉଦଯାପନୀ ଉତ୍ସବ ଅବସରରେ ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ରଚନା, କୁଇଜ, ଚିତ୍ରକଳା, ବକ୍ତୃତା ଓ ମଡେଲ ପ୍ରତିଯୋଗିତାର ୧୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ବିଷୟରେ ଅଭିଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳା ନିକେତନ ସମ୍ପାଦକ କମଳ ପରିଡା ମଞ୍ଚ ପରିଚାଳନା କରିଥିଲେ। କଳାକାରମାନେ ସ୍ୱାଗତ ସଙ୍ଗୀତ, ବନ୍ଦେ ମାତରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏ ଅବସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ମଣିପୁରା ଗ୍ରାମର ମହିଳା କୃଷକ କେତକୀପ୍ରଭା ସାହୁଙ୍କୁ ଶ୍ରେଷ୍ଠ କୃଷକ ଘୋଷଣା କରାଯାଇଥିଲା। ସେ ଆଗାମୀ ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ହେବେ।



ସ୍ୱେଚ୍ଛାସେବୀ ସେବା ଓ ସଡ଼କ ସଚେତନତା ଶିବିର

ମାର୍ଶାଘାଇ, ୧୭ ।୧(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ଦ୍ୱିଦିବସୀୟ ସ୍ୱେଚ୍ଛାସେବୀ ସେବା ଓ ସଡ଼କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଡଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା, ଜିଲ୍ଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଅଧ୍ୟାପକ ବିକାଶ ନାୟକ, ଅଧ୍ୟାପକ ସୁକାନ୍ତ ପ୍ରଧାନ, ଶିବିର ସଂଯୋଜକ ଅଧ୍ୟାପକ ଖଗେଶ୍ୱର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବଳ ବ୍ୟକ୍ତିତ୍ୱ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ, ଗୁଣାବଳୀ ଓ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କୀୟ ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କୁ କରିଥିଲେ। ଅଧ୍ୟାପକ ବିଭୁସେନ ପତିଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୦ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟାପକ ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଦିଲ୍ଲୀ ଉତ୍କଳ ଉତ୍ସବରେ ସମାଜସେବୀ ସଂଗ୍ରାମ ସାମଲ ସମ୍ବର୍ଦ୍ଧିତ




ପଟ୍ଟାମୁଣ୍ଡାଇ,୧୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ସାମଲ ନିସ୍ୱାର୍ଥପର ଜନସେବା ପାଇଁ ଦିଲ୍ଲୀ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହାମାରୀ କରୋନା ସମୟରେ ଦୁସ୍ଥ ତଥା ଅସହାୟ ଲୋକଙ୍କ ପାଖରେ ଦେବଦୂତ ଭଳି ପହଞ୍ଚି ସହାୟତା ପ୍ରଦାନ କରିବା ସହ ନିରନ୍ତର ଭାବେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତା କରିଆସୁଛନ୍ତି। ସମାଜସେବାକୁ ଜୀବନର ବ୍ରତ କରିଥିବା ସଂଗ୍ରାମ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନିଭାଇଥା'ନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଉଶୁ କ୍ରୀଡ଼ା ସଭାପତି ଭାବେ କ୍ରୀଡାବିତଙ୍କ ବିକାଶ ପାଇଁ ଲାଗିପଡିଛନ୍ତି। ତାଙ୍କ ପ୍ରୋତ୍ସାହନରେ ବିଗତ ବର୍ଷମାନଙ୍କରେ କେନ୍ଦ୍ରାପଡ଼ା ଜିଲ୍ଲା ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରିଛି। ନିକଟରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଉତ୍କଳ ଉତ୍ସବରେ ସମାଜସେବା ପାଇଁ ସଂଗ୍ରାମଙ୍କୁ ରତ୍ନଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ସୋସାଇଟି ଅଧକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍କଳ ଉତ୍ସବରେ ଓଡିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୁରମା ପାଢ଼ୀ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ପ୍ରମୁଖଙ୍କ ଯୋଗଦେଇ ସଂଗ୍ରାମ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ନେଇ ସଂଗ୍ରାମଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ସମାଜସେବୀ ଅଭିରାମ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୧୭।୧(ସମିସ): ବିଶିଷ୍ଟ ସମାଜସେବୀ ତଥା ଧୋୟାଞ୍ଚଳର ଜଣେ ପରୋପକାରୀ, ଧର୍ମପ୍ରାଣ ବ୍ୟକ୍ତି ଭାବେ ଜଣାଶୁଣା ପ୍ରାକ୍ତନ ସରକାରୀ କର୍ମଚାରୀ ଅଭିରାମ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ତାଙ୍କ ତରଡ଼ିପାଳସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ୱର୍ଗତ ଅଭିରାମ ବିଶ୍ୱାଳଙ୍କ ଗୃହାସନରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସଙ୍କ ପୂଜା ସେବାର ବିଶେଷ ଆୟୋଜନ କରାଯାଇଥିଲା। ଶ୍ରୀ ନୀଳାଚଳ ସାରସ୍ୱତ ସଂଘ, ପୁରୀଙ୍କ ପୌରୋହିତ୍ୟ, ଛବି ଭାଇଙ୍କ ସଭାପତିତ୍ୱରେ ଶ୍ରୀଶ୍ରୀ ଠାକୁର ମହାରାଜଙ୍କ ପୂଜା ସେବା ସୁରୁଖୁରୁରେ ସମ୍ପାଦିତ ହୋଇଥିଲା। ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ଅନ୍ୟାନ୍ୟ ସନ୍ନ୍ୟାସୀ, ଗୁରୁଭ୍ରାତା ଓ ମାଆ, ତରଡ଼ିପାଳ ଶାଖା ସଂଘର ଗୁରୁଭାଇ ଓ ମାଆ, ସ୍ୱର୍ଗତ ଅଭିରାମ ବିଶ୍ୱାଳଙ୍କ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।



ଅରଡ଼ପଲ୍ଲୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଅରଡ଼ପଲ୍ଲୀ ଆଞ୍ଚଳିକ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ପ୍ରଧାନଶିକ୍ଷକ ଶରତ ମଲିକ ଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ସହଦେବ ଘଡାଇ, ସହକାରୀ ଶିକ୍ଷୟିତ୍ରୀ ରୋଜିନା ରାଉତ, ଶୈଳବାଳା ଲେଙ୍କା, ସୋନମ ଦାସ, ମମତା ମହାପାତ୍ର, ପ୍ରୀତିପ୍ରଜ୍ଞା ଦାଶ, ପ୍ରଜ୍ଞାଜ୍ୟୋତି ପ୍ରଧାନଙ୍କ ନେତୃତ୍ୱରେ ୧୦୦ ମିଟର, ୨୦୦ ମିଟର ୪୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର, କୌତୁକ ପୋଷାକ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦଯାପନୀ ଉତ୍ସବରେ ପଞ୍ଚସଖା କମିଟି ଅଧକ୍ଷ ସତ୍ୟବ୍ରତ ରାୟ, ଏସପି ନୋଡାଲ ସିଆରସିସି ରଞ୍ଜନ ବେହେରା ଶିକ୍ଷାବିତ ପଣ୍ଡିତ ପ୍ରମୋଦ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ସଭାପତି ମମତା ଘଡାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିନିୟର ବାଳକ ଚାମ୍ପିଅନ ଦୀପକ ମଲିକ, ବାଳିକା ଚାମ୍ପିଅନ ଭାଗ୍ୟଲକ୍ଷ୍ମୀ ନାୟକ, ଜୁନିୟର ବାଳକ ଚାମ୍ପିଅନ ଆଶିଷ ବେହେରା, ବାଳିକା ଚାମ୍ପିଅନ ଲିଜାସ୍ମିତା ଜେନା ଓ ସବଜୁନିୟର ଚାମ୍ପିଅନ ଆଲୋକ ମଲିକଙ୍କ ସମେତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷକ ରାଖାଲ ସାହୁ ସ୍ୱାଗତ ଭାଷଣ ଓ ବିଶାଖା ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୁକ୍ତା ଦାସ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ରତ୍ନପର୍ଣ୍ଣା ରାୟ ଓ ଲଳିତା ରାଉତ ପରିଚାଳନା କରିଥିଲେ।

ବନ୍ଦେ ମାତରମ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଅଣ୍ଟରା ବନ୍ଦେ ମାତରମ ଉଚ୍ଚବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମୀର କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଶାନ୍ତ ସାମଲ ମୁଖ୍ୟଅତିଥି, ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ ମୁଖ୍ୟବକ୍ତା, ସିଆରସିସି ମନୋଜ ସେଠୀ, ତ୍ରୈଲୋକ୍ୟନାଥ ସ୍ୱାଇଁ ଓ ବୁଦ୍ଧିମାନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସହକାରୀ ଶିକ୍ଷକ ସନ୍ତୋଷ ଅଗସ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡାରେ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ବାର୍ଷିକ ଉତ୍ସବକୁ ଶିକ୍ଷକ ଗିରିଜା ଶଙ୍କର ଖିଲାର, ବୈଷ୍ଣବ ପରିଡା, ନିର୍ମଳ ବେହେରା, ସରସ୍ୱତୀ ବାରିକ, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ସରୋଜ ନାୟକ, ଆଶିଷ ମଲିକ, ସାଇଦା ବେଗମ, ବିଶ୍ୱରଞ୍ଜନ ପୃଷ୍ଟି, ଜୟନ୍ତ ବିଶ୍ୱାଳ, ଶ୍ରୀଧର ବାରିକ, ଗୀତାଞ୍ଜଳି ସାମଲ, ରାଜଶ୍ରୀ ସ୍ୱାଇଁ, ସୁଶ୍ରୀ ସୋନାଲି ସାହୁ, ସ୍ୱର୍ଣ୍ଣମୟୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବିଜୁଳି ଦେଖିନି ସୁଶାନ୍ତିଙ୍କ ପରିବାର

ମହାକାଳପଡ଼ା,୧୭।୧(ସମିସ)

ଆଜି ବି ଜଣେ ଅସହାୟ ପରିବାର ନିକଟରେ ବିଦ୍ୟୁତ୍ ସେବା ପହଞ୍ଚିପାରିନି। କେବଳ ବିଦ୍ୟୁତ୍ ସେବା କାହିଁକି ସରକାରଙ୍କ ଆବାସ ଯୋଜନାରୁ ମଧ୍ୟ ବଞ୍ଚିତ ରହିଛନ୍ତି ଏହି ହିତାଧିକାରୀ। ଉନ୍ନୟନମୂଳକ କାର୍ଯ୍ୟର ନକ୍ସା ଆଙ୍କୁଥିବା ବ୍ଲକ୍ କାର୍ଯ୍ୟାଳୟର ନାକତଳେ ଏହି ଚିତ୍ର ସାମ୍ନାକୁ ଆସିବା ପରେ ସରକାରଙ୍କ ଯୋଜନା ସାଧାରଣ ଲୋକଙ୍କ ପାଇଁ କେତେ ଫଳପ୍ରଦ ହେଉଛି, ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଖବର ସାମ୍ନାକୁ ଆସିଛି ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ କୁହାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାରେ। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ଅଧୀନସ୍ଥ ଚଡାଇଗୁଆଁ ଗ୍ରାମରେ ଅସହାୟ ଜୀବନ କାଟୁଛନ୍ତି ୬୦ ବର୍ଷୀୟା ସୁଶାନ୍ତି ଦାସ।

ସୁଶାନ୍ତି ପରିବାର କହିଲେ କେବଳ ତାଙ୍କର ୧୮ ବର୍ଷୀୟା ଝିଅ ଲକ୍ଷ୍ମୀପ୍ରିୟା ଦାସ। ୧୦ ଦିନ ପୂର୍ବେ ସ୍ୱାମୀ ପ୍ରମୋଦ ଦାସ(୭୦)ଙ୍କ ଦେହାନ୍ତ ହୋଇଯାଇଛି। ପ୍ରମୋଦ ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ଅସହାୟ ହୋଇପଡିଛନ୍ତି ପତ୍ନୀ ସୁଶାନ୍ତି। ଯେଉଁ ଘରେ ସେ ମୁଣ୍ଡ ଗୁଞ୍ଜୁଛନ୍ତି ତାହାର ଅବସ୍ଥା ଦେଖିଲେ ଆପଣଙ୍କ ମନରେ ଅଜଣା ଭୟ ସୃଷ୍ଟି ହେବା ସ୍ୱାଭାବିକ। କାନ୍ଥ ଭୁଶୁଡ଼ି ଯାଇ ମାଟିକୁ ସ୍ପର୍ଶ କରୁଛି। ସମ୍ବଳ ଅଭାବରୁ ମରାମତି କରିପାରୁନାହାନ୍ତି। ଦୀର୍ଘବର୍ଷ ଧରି ଛପର ନ ହୋଇ ଯେଉଁ ପାଲ ଖଣ୍ଡିଏ ଘୋଡାଇଥିଲେ ତାହା ମଧ୍ୟ ନଷ୍ଟ ହୋଇଯାଇଛି। ସରକାରଙ୍କ ଆବାସ ଯୋଜନା ସୁଶାନ୍ତିଙ୍କ ପାଇଁ ଯେମିତି ଉପହାସ ପାଲଟିଛି। କେବଳ ସେତିକି ନୁହେଁ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ମଧ୍ୟ ସେ ଦେଖି ନାହାନ୍ତି। ଡିବିରି ଆଲୁଅରେ ଅନ୍ଧାରି ଜୀବନ କାଟୁଛନ୍ତି ଅସହାୟ ସୁଶାନ୍ତି। କେବଳ ରାସନ୍ କାର୍ଡକୁ ଛାଡ଼ିଦେଲେ ତାଙ୍କ ପାଖରେ ଅନ୍ୟକୌଣସି ସରକାରୀ ଯୋଜନା ପହଞ୍ଚିପାରିନି। ଅଞ୍ଚଳର ବିକଶିତ ନକ୍ସା ଆଙ୍କୁଥିବା ମହାକାଳପଡ଼ା ବ୍ଲକର ନାକତଳେ ଜଣେ ଅସହାୟ ପରିବାର ଅନ୍ଧାରୀ ଜୀବନ କାଟୁଛନ୍ତି ଓ ସରକାରୀ ସହାୟତା ତାଙ୍କ ପାଖରେ ନ ପହଞ୍ଚିବା ଖବର ଲୋକପ୍ରତିନିଧିଙ୍କ ପାରିବାପଣିଆକୁ ଯେତିକି ପ୍ରଶ୍ନ ସୃଷ୍ଟି କରୁଛି, ତାହାଠୁ ଅଧିକ ପ୍ରଶ୍ନ ବ୍ଲକ୍ ପ୍ରଶାସନ ଉପରେ ଅଙ୍ଗୁଳି ଉଠାଉଛି। ସରକାର ସାଧାରଣ ଲୋକଙ୍କ ପାଇଁ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଗାଲୁଆମି ପାଇଁ ସାଧାରଣ ଲୋକଟି ତା'ର ମୌଳିକ ଅଧିକାରରୁ ବଞ୍ଚିତ ରହୁଥିବା ଦେଖାଯାଉଛି। ବୟସର ଅପରାହ୍ନରେ ନିଜର ୧୮ ବର୍ଷୀୟା ଝିଅକୁ ନେଇ ଏହି ଦୟନୀୟ ଜୀବନରୁ କେମିତି ଉଦ୍ଧାର ହେବେ, ଏ କଥା ଭାବିଭାବି ସେ ଦିନରାତି ଲୁହ ଗଡାଉଛନ୍ତି। ଏ ନେଇ ମହାକାଳପଡ଼ାର ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରୁ ହିତାଧିକାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର, ବିଧବା ଭତ୍ତା ଟଙ୍କା ପାଇଁ ବ୍ୟବସ୍ଥା କରାଯିବା ଓ ନୂତନ ବିଦ୍ୟୁତ ସଂଯୋଗ ପାଇଁ ଅନଲାଇନରେ ଆବେଦନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ସୁଶାନ୍ତିଙ୍କ ଅନ୍ଧାରୀ ଜୀବନରେ କେବେ ଯୋଜନା ରୂପକ ଆଲୋକ ପହଞ୍ଚିବ, ତାହା ଦେଖିବାକୁ

- ଏବେବି ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ
- ପଞ୍ଚାୟତ କର୍ତ୍ତୃପକ୍ଷ ଙ୍କ ପଡୁନି ନଜର



ଜଳିଗଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

ଅନୁଗୋଳ,୧୭ ।୧(ସମିସ): ଅନୁଗୋଳ ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ପଦ୍ମା ବଘାରଙ୍କ ଦୁଇବଖରା ଚାଳଛପର ଘର ଜଳିଯାଇଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଘର। ପଦ୍ମା ସବୁଦିନ ପରି ଶନିବାର ଘରେ ଥିବା କାଠ ଚୁଲିରେ ରୋଷେଇ କରି ଖାଇବା ପରେ ଶୋଇବାକୁ ଯାଇଥିଲେ। କିଛି ସମୟ ପରେ ଘରେ ନିଆଁ ଲାଗିବା ଜାଣି ତୁରନ୍ତ ବାହାରକୁ ବାହାରି ଆସିଥିଲେ। ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ପରେ ବନ୍ତଳା ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଘର ସହ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏଥିସହ ପଦ୍ମାଙ୍କ ଶରୀରର କିଛି ଅଂଶ ନିଆଁରେ ଜଳିଯାଇଥିବା ଜଣାପଡ଼ିଛି। ତୁରନ୍ତ ପଦ୍ମାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ଘର ପ୍ରଦାନ କରିବାକୁ ଦାବି ହେଉଛି।

ପଟ୍ଟାମୁଣ୍ଡାଇରେ ଦି' ହବ୍ ଶୋ'ରୁମ୍ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ,୧୭।୧ (ସମିସ): ପଟ୍ଟାମୁଣ୍ଡାଇ ସହରର ନୀଳମାଧବ ବଜାରରେ ନୂତନ ଭାବେ ଦି' ହବ୍ ଶୋରୁମ୍ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର ଉଦଘାଟକ ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ମୁଖ୍ୟଅତିଥି ଓ ପୂର୍ବତନ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ବ୍ୟବସାୟ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଦିହବର ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ରାଜସ୍ଥାନ, ଛତିଶଗଡ, କୋଲକାତା, ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟ ଗୁଡିକରେ ଥିବାବେଳେ ଓଡ଼ିଶାରେ ପ୍ରଥମକରି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଠାରେ ଏହାର ଏକ ଶୋ ରୁମ୍ ଉଦଘାଟିତ ହୋଇଛି। ଏହି ଶୋ ରୁମ୍ ରେ ମହିଳା, ଶିଶୁ ଓ ପୁରୁଷ ମାନଙ୍କ ପାଇଁ ଅତ୍ୟାଧୁନିକ ପୋଷାକ ପତ୍ର ସହିତ ଘରକରଣା ଜିନିଷ ମାନ ଉପଲବ୍ଧ ହେବ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ସବୁ ବର୍ଗର ଲୋକଙ୍କୁ ସୁହାଇବା ଭଳି ମୂଲ୍ୟ ନିର୍ଦ୍ଧାରଣ ହୋଇଥିବା ମଧ୍ୟ କୁହାଯାଇଛି।

ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

ମହିଳା ପ୍ରଦର୍ଶନୀ ମ୍ୟାଚ୍‌ରେ ଖୋର୍ଦ୍ଧା ବିଜୟୀ



ରାଜନଗର,୧୭।୧(ସମିସ): ରାଜନଗର ବ୍ଲକ ବଡ଼ପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା କ୍ରିକେଟ ଟ୍ରଫିର ଆଜି ମହିଳା ପ୍ରଦର୍ଶନ ମ୍ୟାଚ୍ ଖୋର୍ଦ୍ଧା ମହିଳା କ୍ରିକେଟ ଟିମ ଓ କିଟ ମହିଳା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ମହିଳା ଟିମ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ସଂଗ୍ରହ କରିଥିଲା। ଦଳର ତନଭି ୫୫ ବଲରୁ ୮୩ ରନ କରିଥିଲେ। ୧୬୦ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା କିଟ ମହିଳା ଟିମ ୨୦ ଓଭରରେ ୪ ୱିକେଟ ହରାଇ ୧୪୬ ରନ କରି ପରାସ୍ତ ହୋଇଥିଲା। ଦଳର ଅଙ୍କିତା ଗିରି ୩୯ ରନ କରିଥିଲେ। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଯୁବ ନେତା ଦିଲ୍ଲୀପ ପାଲ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ତନଭି ରାଜନ୍ନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳରେ ଭାଷ୍ୟକାର ଭାବେ ବିଶ୍ୱଜିତ ମହାପାତ୍ର, ବିଜୟ ବଳ, ଅମ୍ପାୟାର ଭାବେ ନିରଞ୍ଜନ ଦାଶ, ନିରୋଦ ବଳ ଓ ସ୍କୋରର ଭାବେ ପ୍ରକାଶ ସେଠୀ ଦାୟିତ୍ୱ ତୁଲାଇଥିଲେ। ତପନ ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ ଓ କମିଟିର ସଦସ୍ୟ ପରିଚାଳନା କରିଥିଲେ।

ପୋତି ହୋଇଗଲାଣି ଚେକ୍‌ଡ୍ୟାମ୍

ଖଜୁରିଆକଟା,୧୭ ।୧(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଜଳସେଚନ ପାଇଁ ନିର୍ମାଣ ହୋଇଥିବା ଶତାଧିକ ଚେକଡ୍ୟାମ ଏବେ ନିଶ୍ଚିହ୍ନ ହେବାକୁ ବସିଛି। ହିନ୍ଦୋଳ ଏନଏସି ଅଞ୍ଚଳରେ ୫/୧୦ ବର୍ଷ ମଧ୍ୟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୃଷି ସମେତ ଜନସାଧାରଣ, ପଶୁପକ୍ଷୀ ବ୍ୟବହାର ପାଇଁ ବିଭିନ୍ନ ନାଳ ଉପରେ ହୋଇଥିବା ଶତାଧିକ ଚେକଡ୍ୟାମ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡ଼ିଥିବା ବେଳେ ସେଥିରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଚୋରି ହୋଇଗଲାଣି। ସେଥିରେ ଥିବା ଗେଟ୍ ଚୋରି ହୋଇଯିବା ସହ ଉଭୟ ପାର୍ଶ୍ୱ ମାଟିରେ ପୋତିହୋଇ ଲାଟାବୁଦା ଉଠିଗଲାଣି। ଫଳରେ ଏହା ଆଉ କୌଣସି କାମରେ ଆସୁନାହିଁ। ହେଲେ ବିଭାଗର ଏଥିପ୍ରତି ନିଘା ନ ଥିବା ପରି ମନେ ହେଉଛି। ବିଭାଗୀୟ ଯନ୍ତ୍ରୀ, ଅଧିକାରୀ, କର୍ମଚାରୀ ଏହାକୁ ଆଡ଼ ଆଖିରେ ବି ଚାହୁଁନାହାନ୍ତି। ହିନ୍ଦୋଳ ଏନଏସିର ମଲିଆଗଣ୍ଡି, ଧୋବାତୁଠ, ଆଲୁସିଂ, ବେଲଗଣ୍ଡି, ବାଘମାରି,

ପାଣିରେ ପଡ଼ିଲା କୋଟି କୋଟି ଟଙ୍କା

ଧୋବାପଶି, ମଧୁବନ, ନେବାତିନାଳ, ଗୁଡ଼ିଆତଇଲା, ଭୀମକୁଣ୍ଡ, ମଙ୍ଗଳପୁର ଇତ୍ୟାଦି ସ୍ଥାନରେ ନାଳ ଉପରେ ନିର୍ମିତ ଚେକଡ୍ୟାମଗୁଡ଼ିକ ପୋତି ହୋଇଯାଇ ନିଶ୍ଚିହ୍ନ ହୋଇଗଲାଣି। ତୁରନ୍ତ ଏଗୁଡ଼ିକର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।



ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ମହିଳା ମୃତ

ପରଜଙ୍ଗ,୧୭ ।୧(ସମିସ): ୫୩ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ କୁନାଲ କମ୍ପାନୀ ଅସ୍ଥାୟୀ ଶିବିର ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡମୋଳ ଗ୍ରାମର ତ୍ରିନାଥ ପରିଡ଼ାଙ୍କ ସ୍ତ୍ରୀ ସୁଷମା ପରିଡ଼ା। ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ତ୍ରିନାଥ ଓ ସୁଷମା ପୁଅର ବାହାଘର ନିମନ୍ତ୍ରଣ ଦେବାକୁ ଶନିବାର ସକାଳେ ସ୍କୁଟି ଯୋଗେ ଘରୁ ବାହାରିଥିଲେ। ସନ୍ଧ୍ୟାରେ ଉଭୟ ଘରକୁ ଫେରୁଥିବା ବେଳେ କୁନାଲ କମ୍ପାନୀ ଅସ୍ଥାୟୀ ଶିବିର ସମ୍ମୁଖରେ ଏକ ଟ୍ରେଲର ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ସୁଷମା ଗାଡ଼ିରୁ ଛିଟିକି ରାସ୍ତାରେ ପଡ଼ିଯାଇଥିଲେ। ଟ୍ରେଲର ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରେଲର ପିଟିରି ଆଡ଼କୁ ଫେରାର ହୋଇଯାଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାର ସ୍ଥାୟୀ ପ୍ରତିକାର ତଥା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଯୌତୁକ ନିରୋଧ ଅଧିନିୟମର ପ୍ରଶିକ୍ଷଣ ଶିବିର



ଜଗତସିଂହପୁର,୧୭।୧(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଯୌତୁକ ନିରୋଧ ଅଧିନିୟମର ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ମେଡିକାଲ ଅଫିସର ଡ. ବାସନ୍ତୀ ପାଲ, ସହାୟକ ଜିଲ୍ଲାପାଳ ତୃପ୍ତିମୟୀ ପ୍ରଧାନ, ମୁଖ୍ୟ ଆଇନ ସହାୟକ ପ୍ରତିରକ୍ଷା ପରାମର୍ଶଦାତା ଭାବେ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଏବଂ ଏସ୍‌ଭିଏମ୍ କଲେଜର ଅଧ୍ୟାପିକା ଶୁଭଶ୍ରୀ ମହାନ୍ତି ଓ ସଭାପତି ରାଧାକୃଷ୍ଣ କ୍ଲବ ପୂର୍ଣ୍ଣଚନ୍ଦ୍ର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବିଷୟ ଯୌତୁକ ପ୍ରଥାର ସମାଜ ଚେତନା ଉପରେ କୁପ୍ରଭାବ ଏବଂ ଏଥି ସହିତ ସଂଯୁକ୍ତ ନ୍ୟାୟିକ ବ୍ୟବସ୍ଥା ଉପରେ ସମସ୍ତେ ନିଜର ମତ ପ୍ରକାଶ କରିଥିଲେ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଯୌତୁକ ଦ୍ୱାରା କିଶୋରୀ ବାଳିକା ଏବଂ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଓ ଏହାର ନିରାକରଣ ବିଷୟରେ ମତ ରଖିଥିଲେ। ଅଧ୍ୟାପିକା ଶ୍ରୀମତୀ ମହାନ୍ତି ଶିକ୍ଷା ମାଧ୍ୟମରେ କିପରି କୁପ୍ରଥାକୁ ସମାଜରୁ ଦୂର କରି ହେବ ସେ ବିଷୟରେ ସୂଚନା ପ୍ରଦାନ କଲେ। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହିତ ସଭାକୁ ପରିଚାଳନା କରିଥିଲେ। ଉପ ବିଭାଗୀୟ ଅଧିକାରୀ କବିତା ମୁର୍ମୁ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସମସ୍ତ ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ, ମହାବିଦ୍ୟାଳୟ ଛାତ୍ରୀ, ଶକ୍ତି ସଦନର କାର୍ଯ୍ୟକାରୀ ମହିଳା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସଭାକୁ ସଫଳ କରିବାରେ ସହଯୋଗ କରିଥିଲେ।

ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ପାରାଦୀପ,୧୭।୧(ସମିସ): ନୃଶଂସ ସ୍ୱାମୀ ଘଟାଇଛି ଅମାନୁଷିକ କାଣ୍ଡ। କୌଣସି କାରଣକୁ ନେଇ ଏହି ମଦ୍ୟପ ସ୍ୱାମୀ ଶେଷରେ ମଦ ପିଇ ଟାଙ୍ଗିଆ ସାହାଯ୍ୟରେ ପତ୍ନୀ ନନ୍ଦିନୀକୁ ଜୀବନରେ ମାରିଦେବାକୁ ଉଦ୍ୟମ କରୁଥିଲା। ତେବେ ଆକ୍ରମଣ ବେଳେ ପତ୍ନୀର ଚିତ୍କାର ଶୁଣି ସାହି ପଡ଼ିଶା ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ନନ୍ଦିନୀକୁ ଉଦ୍ଧାର କରି ସ୍ଥାନୀୟ ଅଠରବାଙ୍କୀ



ମେଡିକାଲ ନେଇଥିଲେ। ଖବର ପାଇ ପାରଦୀପ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରି ଥାନାକୁ ଆଣିଥିଲେ। ଖବର ମୁତାବକ ଯାଜପୁର ଜିଲ୍ଲାର ଟୁକୁନା ମଲ୍ଲିକ ନିଜ ପିଲାଛୁଆଙ୍କୁ ଧରି କିଛି ବର୍ଷ ହେବ ପାରଦୀପର କମଳା ସିନେମା ହଲ ସାମ୍ନା ୧୫ ନମ୍ବର ୱାର୍ଡ ବସ୍ତିରେ ରହି ମିସ୍ତ୍ରି କାମ କରୁଥିଲେ। ତେବେ ଆଜି ସକାଳ ସମୟରେ ଟୁକୁନା ମଦ ପିଇ ନିଜ ପତ୍ନୀକୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହିତ କାମରୁ ସେ ଆସିଲା ବେଳକୁ ଘର ଛାଡି ଚାଲିଯିବାକୁ ସ୍ତ୍ରୀକୁ କହିଥିଲେ। ସ୍ତ୍ରୀ ସ୍ୱାମୀଙ୍କର ଏଭଳି କଥା ଶୁଣି ପିଲାଛୁଆ ଧରି ସେ ବାପ ଘରକୁ ପଳାଇଯିବା ନେଇ କହିବା ପରେ ସ୍ୱାମୀ ଟୁକୁନା ରାଗିଯାଇ ନିଶାସକ୍ତ ଅବସ୍ଥାରେ ଏକ ଟାଙ୍ଗିଆ ସାହାଯ୍ୟରେ ପତ୍ନୀ ନନ୍ଦିନୀକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସ୍ତ୍ରୀର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ଟୁକୁନା କେଉଁଆଡ଼େ ଫେରାର ହୋଇଯାଇଥିଲେ। ନନ୍ଦିନୀର ଚିତ୍କାର ଶୁଣି ସାହିପଡିଶା ଲୋକେ ତୁରନ୍ତ ନନ୍ଦିନୀକୁ ଉଦ୍ଧାର କରି ଅଠରବାଙ୍କି ମେଡିକାଲକୁ ନେଇଯାଇଥିଲେ। ପ୍ରାଥମିକ ଚିକିତ୍ସା କରାଇ ଘରକୁ ଫେରିଥିଲେ।

ରାଜକନିକା ଗ୍ରାମାଞ୍ଚଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଫାଇନାଲ୍‌ରେ ଆୟୋଜକ ନେତାଜୀ କ୍ଲବ୍



ରାଜକନିକା,୧୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତରାସସ୍ଥ ନେତାଜୀ ମିନି ଷ୍ଟାଡିୟମରେ ନେତାଜୀ କ୍ଲବ୍ ପକ୍ଷରୁ ଆୟୋଜିତ ନେତାଜୀ ଗ୍ରାମାଞ୍ଚଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସମାପ୍ତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ସମାଜସେବୀ ଭାଗୀରଥି ସିଂହ ଓ ସାମ୍ବାଦିକ ପ୍ରବୀଣ ବଳ ଉପସ୍ଥିତି ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍‌ରେ ନେତାଜୀ କ୍ଲବ୍ ୨-୦ ଗୋଲରେ ପଦନପୁର ଫୁଟବଲ୍ ଟିମକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ କରିଥିବା ବିଜେତା ଦଳର ଖେଳାଳି ଶେଖର ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଖେଳ ପରିଚାଳନା ଅରୁଣ ବାରିକ, ସଞ୍ଜୟ କୁମାର ନାୟକ ଓ ଶରତ ଜେନା କରିଥିଲେ। ଆସନ୍ତାକାଲି ଆୟୋଜକ ନେତାଜୀ କ୍ଲବ୍ ତରାସ ବନାମ ଯୁବଜ୍ୟୋତି କ୍ଲବ ଚେରଣ୍ଟପଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର କୋଷାଧ୍ୟକ୍ଷ ସଞ୍ଜୀବ ଲୋଚନ ନାୟକ ସୂଚନା ଦେଇଛନ୍ତି। କ୍ଲବର ସଦସ୍ୟ ଭରତ ବାରିକ, ଶିବପ୍ରସାଦ ମଲ୍ଲିକ, ରାଜେଶ ବିଶ୍ୱାଳ, ସୁଜିତ ଜେନା, ସୁଶାନ୍ତ ବାରିକ, ସୁମନ୍ତ ନାୟକ, ପ୍ରଜ୍ଞାଜିତ୍ ନାୟକ, ଶରତ ସେଠୀ, ତପନ ବାରିକ, ବିଶ୍ୱଜିତ ବିଶ୍ୱାଳ, ଦିବ୍ୟପ୍ରକାଶ ନାୟକ, ରତିକାନ୍ତ ଦଳାଇ, ଲଗ୍ନଜିତ ବାରିକ, ନନ୍ଦନ ସାହୁ, ସନ୍ଦୀପ ରାଉତ, ଅଭିଷେକ ନାଥ, ବିଶାଳ ନାୟକ ଉପସ୍ଥିତ ରହି ଖେଳକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

'ଦୀନବନ୍ଧୁ ଥିଲେ ସାମ୍ୟବାଦ ଆନ୍ଦୋଳନର ଅଗ୍ରଦୂତ'



କୁଜଙ୍ଗ,୧୭।୧(ସମିସ): ଷାଠିଏ ଦଶକରେ ଅବିଭକ୍ତ କଟକ ଜିଲ୍ଲାରେ ସାମ୍ୟବାଦ ଆନ୍ଦୋଳନର ଅଗ୍ରଦୂତ ଥିଲେ ଦୀନବନ୍ଧୁ ତରାଇ। ସାମନ୍ତବାଦୀ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇ ଏକ ସାମ୍ୟ ସମାଜର ସ୍ୱପ୍ନ ବୁଣି ଯାଇଥିଲେ। ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି ବୋଲି ୨୬ତମ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି। କୁଜଙ୍ଗ ସୂଚନା ଭବନରେ କମ୍ରେଡ ଦୀନବନ୍ଧୁ ତରାଇ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସ୍ମୃତିସଭା ବାବୁରାମ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଚଳିତବର୍ଷ ସମାଜସେବୀ ଗୌରାଙ୍ଗ ଚରଣ ହୋତାଙ୍କୁ ଦୀନବନ୍ଧୁ ସେବା ସମ୍ମାନ ସନନ୍ଦ, ଉପଢୌକନ ସହ ପାଞ୍ଚ ହଜାର ଟଙ୍କା ସ୍ମୃତି ସଂସଦ ପକ୍ଷରୁ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଅଜୟ ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଚାଷୀ ନେତା ଶଶିଭୂଷଣ ସ୍ୱାଇଁ, ଆଡଭୋକେଟ ବାସୁଦେବ, ଡ. ରଘୁନାଥ ସାହୁ, ମାୟାଧର ଦାସ, ଆଡଭୋକେଟ ଅନନ୍ତ ଚରଣ ପରିଡା, ସୁରେନ୍ଦ୍ର ନାଥ ସ୍ୱାଇଁ, ମଥୁରାନନ୍ଦ ତରାଇ, ଶିଶିର ମହାପାତ୍ର, ମନୋରମା ଖଟୁଆ, ବିଜୟ ଖଟେଇ ପ୍ରମୁଖ ଯୋଗ ଦେଇଥିଲେ। କବି ନବୀନ ପ୍ରଧାନ, ରୁନିବାଳା ମଲ୍ଲିକ, ଗୌରହରି ବାରିକ, ଜୟନ୍ତୀ କୁମାରୀ ଦାସ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ସଭାକୁ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ସଂଯୋଜନା କରିଥିବା ବେଳେ ଦୀନବନ୍ଧୁ ତରାଇଙ୍କ ସୁପୁତ୍ର ତଥା ସାଂସଦ ବିଭୂପ୍ରସାଦ ତରାଇ ନିଜ ପିତାଙ୍କ ସଂପର୍କରେ ସ୍ମୃତିଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସିଙ୍ଗିଡ଼ି ମିନି ବ୍ୟାଙ୍କରେ ଅଚଳାବସ୍ଥା

ଜମା ଅର୍ଥ ଉଠାଣ ନ ହେବାରୁ ଅସନ୍ତୋଷ

ରାଜକନିକା,୧୭।୧(ସମିସ)

ଗତ ଦୁଇମାସ ଧରି କାଟଣା ବଜାରରେ ଅବସ୍ଥିତ ସିଙ୍ଗିଡ଼ି ମିନି ବ୍ୟାଙ୍କରେ ସମ୍ପାଦକଙ୍କ ନିଲମ୍ବନ ପରେ ଚାଷୀଙ୍କ ସହ ଜମାକାରୀ ବହୁତ ହଇରାଣ ହେଉଛନ୍ତି। ଏହି ବଜାର ଅଞ୍ଚଳରେ କୌଣସି ବ୍ୟାଙ୍କ ସୁବିଧା ନ ଥିବାବେଳେ ପଡୋଶୀ ୩ ପଞ୍ଚାୟତ ସହ ଶହ ଶହ ଲୋକେ ଏହି ମିନିବ୍ୟାଙ୍କ ଉପରେ ନିର୍ଭର କରିଆସିଛନ୍ତି। ମାତ୍ର ସିଙ୍ଗିଡ଼ି ପ୍ରାଥମିକ କୃଷି ସମବାୟ ସମିତିରେ କିଛିଦିନ ଧରି ସମ୍ପାଦକ ଓ ପରିଚାଳନା ବୋର୍ଡ ସଦସ୍ୟଙ୍କ ମଧ୍ୟରେ କୃଷି ଋଣକୁ ନେଇ ବିବାଦ ଲାଗି ରହିଥିବାବେଳେ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବା ସମସ୍ତ ଗ୍ରାହକ ଏବେ ଅର୍ଥ କାରବାରକୁ ନେଇ ଅସୁବିଧାରେ ପଡିଛନ୍ତି।

ଗତ ନଭେମ୍ବର ୧୭ ତାରିଖ ଦିନ ଏହି ପାକ୍ସର ସମ୍ପାଦକ ନିଲମ୍ବନ ହୋଇ ଥିବାରୁ ବ୍ୟାଙ୍କ କାରବାର ଏକବାର ଠପ ହୋଇଯାଇଛି। ତେବେ ନିୟମ ଅନୁଯାୟୀ ଏହି ପାକ୍ସର ସହସମ୍ପାଦକ ମିନିବ୍ୟାଙ୍କ ପରିଚାଳନା କରିବାକୁ ଥିବାବେଳେ ଏଠାରେ କୌଣସି ସହ ସମ୍ପାଦକ ନ ଥିବାରୁ ଖୋଦ ସମ୍ପାଦକ ଉଭୟ ପାକ୍ସ ଓ ମିନି ବ୍ୟାଙ୍କ ଚଳାଇଥା'ନ୍ତି। ଯେହେତୁ ସମ୍ପାଦକ ନିଲମ୍ବନ ହୋଇଛନ୍ତି, ତାଙ୍କର ପୁନଃ ଯୋଗଦାନ ନ ହେବା ଯାଏ ପାକ୍ସର ପିଅନଙ୍କ ଦ୍ୱାରା ମିନି ବ୍ୟାଙ୍କର ଅର୍ଥ କାରବାର ଚାଲୁ ରହିଥିବାବେଳେ ଜମାକାରୀଙ୍କ ଦ୍ୱାରା ଜମା ବାବଦ ପାଣ୍ଠି ଗଚ୍ଛିତ ନ ଥିବାରୁ ଲୋକେ ଟଙ୍କା ଉଠାଣ କରି ନ ପାରି ହଇରାଣ ହେଉଥିବା କହିଛନ୍ତି। ଏମିତି ସମସ୍ୟାରେ ଛନ୍ଦି ହେଉଥିବା ଜମାକାରୀ ଖଣ୍ଡେଇତାର ଗୋପୀନାଥ ଦ୍ୱିବେଦୀ, ପାଣ୍ଡରକୋଳିର ଗଗନ ବିହାରୀ ବେହେରା, ସୁବାସିନୀ ବାରିକ, ସୁଭଦ୍ରା ବାରିକ, ବଣିଆର ଭରତ ବେହେରା, ଗାରଡ଼ପୁରର ରାମଚନ୍ଦ୍ର ସ୍ୱାଇଁ, ନଗେନ ପରିଡା, କବିତା ପରିଡା, କାଟଣାର ରଙ୍କନିଧି ପଲାଇ, ରାଜୀବ ଲୋଚନ ମାହୁନ୍ତ, ପ୍ରତାପ ମିଶ୍ର, ହିମାଂଶୁ ଭୂଷଣ ପଣ୍ଡା, ସୁବାସୀନୀ ପଲାଇ, ଅଞ୍ଜନ ପଣ୍ଡା, ଗଙ୍ଗାଧର ସାମଲ, ମଦରଙ୍ଗାପାଟର ଧିରେନ ବାରିକ ପ୍ରମୁଖ ନିଜର ଅତି ଆବଶ୍ୟକୀୟ ଅର୍ଥ ଉଠାଇ ନ ପାରି ହଇରାଣ ହେଉଛନ୍ତି। ସିଙ୍ଗିଡ଼ି ମିନି ବ୍ୟାଙ୍କର ଏହି ଅଚଳାବସ୍ଥା ଦୂର ପାଇଁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

ଶିବ ମନ୍ଦିର ଲିଙ୍ଗ କୁଣ୍ଡରୁ ପୂଜକଙ୍କ ମୃତଦେହ ଉଦ୍ଧାର

ଜଗତସିଂହପୁର,୧୭।୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପୁନଙ୍ଗ ଗ୍ରାମରେ ଥିବା ପୂର୍ଣ୍ଣେଶ୍ୱର ମନ୍ଦିରର ପୂଜକ ଓମପ୍ରକାଶ ପଣ୍ଡା ଓରଫ ଶିବୁଙ୍କ ମୃତଦେହ ଆଜି ମଧ୍ୟାହ୍ନରେ ମନ୍ଦିର ଭିତରେ ଥିବା ଶିବଲିଙ୍ଗ କୁଣ୍ଡରୁ ଉଦ୍ଧାର କରାଯାଇଛି। ଶିବୁ ଆଜି ଠାକୁରଙ୍କ ନୀତି କରିବାରୁ ମନ୍ଦିର ଯାଇଥିଲେ। ତେବେ ମଧ୍ୟାହ୍ନ ସମୟରେ ଠାକୁର ଦର୍ଶନ ପାଇଁ ଯାଇଥିବା ଗ୍ରାମବାସି ଲିଙ୍ଗ କୁଣ୍ଡ ପାଣିରେ ଶିବୁର ମୁଣ୍ଡ ବୁଡି ରହିଥିବା ଏବଂ ଗୋଡ଼ ଉପରେ ଥିବା ଦେଖିଥିଲେ। ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା। ଲିଙ୍ଗ କୁଣ୍ଡରେ ବୁଡି ଶିବୁର ମୃତ୍ୟୁ ହୋଇଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ଶ୍ରମିକ ମୃତ୍ୟୁ ପରେ ହିନ୍ଦୋଳରେ ଖଣି, କ୍ରସର ବନ୍ଦ

ହିନ୍ଦୋଳ,୧୭ ।୧(ସମିସ)

ହିନ୍ଦୋଳ ଉପଖଣ୍ଡ ମୋଟଙ୍ଗା ଥାନା ନିମିଧା ପଞ୍ଚାୟତ ଗୋପାଳପୁର ପଥର ଖଣିରେ ବିସ୍ଫୋରଣ ଘଟି ୨ ଶ୍ରମିକଙ୍କ ମୃତ୍ୟୁ ହେବା ପରେ ଜିଲ୍ଲାପ୍ରଶାସନ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଓଡ଼ାପଡ଼ା ସମେତ ହିନ୍ଦୋଳ

- ଉପଖଣ୍ଡରେ ଉନ୍ନୟନ କାର୍ଯ୍ୟ ଠପ୍
- ହାତବାନ୍ଧି ବସିଛନ୍ତି ଶତାଧିକ ଶ୍ରମିକ

ଉପଖଣ୍ଡରେ ଥିବା ସମସ୍ତ ପଥର ଖଣି ଓ କ୍ରସର ୟୁନିଟଗୁଡ଼ିକୁ ସିଲ୍ କରିଦେଇଛି। ଫଳରେ ଉପଖଣ୍ଡ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡିଛି। ବାଲି, ଚିପ୍ସ ଯୋଗାଣ ଏବେ ସମ୍ପୂର୍ଣ୍ଣ ବନ୍ଦ ହେବା ଫଳରେ ବିଭିନ୍ନ ଗ୍ରାମରେ ଲୋକେ ନିଜ ଘରକାର୍ଯ୍ୟ ମଧ୍ୟ କରିପାରୁନାହାନ୍ତି। କ୍ରସର ସିଲ୍ ହେବା ପରେ ହିନ୍ଦୋଳବାସୀଙ୍କୁ ଚିପ୍ସ ଗାଣ୍ଡୁଏ ମିଳିବା ବି କଷ୍ଟକର ହୋଇପଡ଼ିଛି। ବିଭିନ୍ନ ଗ୍ରାମରେ ହେଉଥିବା ଘର ନିର୍ମାଣ ସହ ସରକାରଙ୍କ ତରଫରୁ ଚାଲିଥିବା ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଯାଇଛି। ବାଲି, ଚିପ୍ସ ମିଳୁ ନ ଥିବାରୁ ଠିକାଦାରମାନେ କାର୍ଯ୍ୟ ବନ୍ଦ କରିଦେଇଛନ୍ତି।

ଏଣେ ଖଣି, କ୍ରସର ବନ୍ଦ ହେବା ଫଳରେ ଖଣିଖାଦାନରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଶହ ଶହ ଶ୍ରମିକ ହାତବାନ୍ଧି ଘରେ ବସିଛନ୍ତି। କାମ ମିଳୁ ନ ଥିବାରୁ ଶ୍ରମିକମାନଙ୍କ ପରିବାର ଭୋକ ଉପାସରେ ରହୁଥିବା ଅଭିଯୋଗ ହେଉଛି। ସିଲ୍ କରାଯାଇଥିବା ଖଣି, କ୍ରସର ମଧ୍ୟରୁ କେତେକ ବୈଧ ଥିବାବେଳେ ପ୍ରଶାସନ ତାହାକୁ ବିଚାରକୁ ନ ନେଇ କିପରି ସମସ୍ତ କ୍ରସର ବନ୍ଦ କଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତସାରରେ ଚାଲୁଥିବା ବେଆଇନ ପଥର ଖଣି, କ୍ରସର ୟୁନିଟ ଓ ବାଲିଘାଟଗୁଡ଼ିକରୁ ଅଧିକାରୀମାନେ ମୋଟା ଅଙ୍କର ହାତଗୁଞ୍ଜା ନେଇ ପରୋକ୍ଷରେ ସେମାନଙ୍କୁ ସମର୍ଥନ କରିଆସୁଥିଲେ। ଫଳରେ ଚୋରା ଚାଲାଣ ଉପରେ ପ୍ରଶାସନର ଅଙ୍କୁଶ ଲାଗିପାରୁ ନ ଥିଲା। ଏବେ ଦୁର୍ଘଟଣାରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ହେବା ପରେ ବୈଧ କ୍ରସରଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା କେତେଦୂର ଯଥାର୍ଥ ବୋଲି ଆଲୋଚନା ହେଉଛି। ଏହାଦ୍ୱାରା ଉପଖଣ୍ଡର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ ସମସ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏହାର ପୁନର୍ବିଚାର କରି ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଧ ପଥର ଖଣି ଓ କ୍ରସର ୟୁନିଟକୁ ଚଲାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

ସକାଳ THE SAKALA

www.sakalaepaper.com

ଜଳେଶ୍ୱର କୃଷି ଜିଲ୍ଲାରେ କର୍ମଚାରୀ ମରୁଡ଼ି

■ ୭୮ ପଦରୁ ୪୩ ଫାଙ୍କା
■ ବନ୍ୟା ପରେ ରବିଚାଷ ପାଇଁ ଚିନ୍ତାରେ ଚାଷୀ

ଜଳେଶ୍ୱର, ୧୭।୧ (ସମିସ)



ଖରିଫ ଋତୁରେ ସୁବର୍ଣ୍ଣରେଖା ନଦୀରେ ୭ଟି ବନ୍ୟା ଦେଖାଦେଇଥିବାରୁ ଚଳିତବର୍ଷ ରବିଚାଷ ଲାଗି କୃଷକ ଉଦ୍ବିଗ୍ନ କିନ୍ତୁ ଅର୍ଦ୍ଧାଧିକ ପଦବୀରେ କୃଷି ଅଧିକାରୀ ଓ କର୍ମଚାରୀ ନ ଥିବାରୁ ରବିଚାଷ ପାଇଁ ୩ଟି ବ୍ଲକର କୃଷକମାନେ ଚିନ୍ତାରେ ଅଛନ୍ତି। ଗ୍ରାମାଂଚଳରେ ରହିବାକୁ ଥିବା ୪୮ଟି ଗ୍ରାମ୍ୟ କୃଷି ଅଧିକାରୀ କର୍ମଚାରୀ ମଧ୍ୟରୁ ୨୮ଟିରେ କେହିନଥିବା ଜଣାଯାଇଛି। ସମଗ୍ର ବାଲେଶ୍ୱର ଜିଲାରେ ୫ଟି କୃଷି ଜିଲା ଥିବା ବେଳେ ଜଳେଶ୍ୱର କୃଷି ଜିଲାରେ ବ୍ୟାପକ ରବିଚାଷ ହୋଇଥାଏ। ବିଶେଷକରି ସମଗ୍ର ଜିଲାରେ ୨୫ହଜାର ହେକ୍ଟର ଧାନଚାଷ ହେଉଥିବା ବେଳେ ଜଳେଶ୍ୱର କୃଷି ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକରେ ୨୧ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଏହା ବ୍ୟତିତ ୩୫୦୦ ହେକ୍ଟର ଜମିରେ ଡାଲି ଜାତୀୟ, ୩ ହଜାର ହେକ୍ଟର ଜମିରେ ପନିପରିବା ଚାଷ ମଧ ହୋଇଥାଏ। ଜଳେଶ୍ୱର କୃଷି ଜିଲାର କୃଷକମାନେ ସଚେତନ ହୋଇଥିବାରୁ କୃଷି ଅଧିକାରୀମାନଙ୍କ ପରାମର୍ଶ ଲୋଡିଥାନ୍ତି। ସମଗ୍ର ରାଜ୍ୟରେ ଜାନୁଆରୀ ମାସରେ ରବିଧାନ ତଳିପଡୁଥିବା ବେଳେ ଜଳେଶ୍ୱର କୃଷି ଜିଲାର ପ୍ରାୟ ୫୦ଭାଗ ରୁଆପୋତା ଶେଷ ହୋଇଛି। କିନ୍ତୁ ଗତ କିଛିବର୍ଷ ଧରି କୃଷି କର୍ମଚାରୀଙ୍କ ଅଭାବ ଯୋଗୁଁ ଚାଷୀମାନ କୃଷି ପରାମର୍ଶ ପାଇପାରୁନାହାନ୍ତି।

କୃଷି ବିଭାଗର ତଥ୍ୟ ଅନୁଯାୟୀ ଜଣେ କୃଷି ଜିଲା ଅଧିକାରୀ ରହିବାକୁ ଥିବା ବେଳେ ଦୀର୍ଘମାସ ଧରି ଫାଙ୍କା ପଡିଛି। ୩ଟି ବ୍ଲକରେ ୩ଜଣ ବ୍ଲକ କୃଷି ଅଧିକାରୀ ପଦବୀ ଥିବା ବେଳେ ଏବେ ଗୋଟିଏ ପଦବି ଜଳେଶ୍ୱର ଫାଙ୍କା ପଡିଛି। ସହକାରୀ କୃଷି ଅଧିକାରୀଭାବେ ୭ଜଣ ରହିବାର ବ୍ୟବସ୍ଥା ଥିବା ବେଳେ ୫ଟି ପଦବୀରେ କେହି ନାହାନ୍ତି। କୃଷି ଅଧିକାରୀଭାବେ ୧୦ଟି ପଦବୀରୁ ୪ଟି ଫାଙ୍କା ଓ ପିପିଏ ଅଧିକାରୀ ପଦବୀ ଫାଙ୍କା ରହିଛି। ଭୋଗରାଇରେ ୧୫ଜଣ ଗ୍ରାମ୍ୟକୃଷି ଅଧିକାରୀ ରହିବାକୁ ଥିବା ବେଳେ ୮ଟି, ଜଳେଶ୍ୱରରେ ୧୯ଟି ମଧ୍ୟରୁ ୭ଟି, ବାଲିଆପାଳରେ ୧୪ଟି ମଧ୍ୟରୁ ୯ଟି ଫାଙ୍କା ପଡିଥିବାରୁ କୃଷକମାନେ ହତୋତ୍ସାହ ହୋଇ ପଡିଛନ୍ତି। କୃଷି ଜିଲାରେ ୩ଜଣ ବରିଷ୍ଠ କିରାଣି ରହିବାକୁ ଥିବା ବେଳେ ଗୋଟିଏ ଓ କନିଷ୍ଠ କିରାଣି ଗୋଟିଏ ରହିବାକୁ ଥିବା ବେଳେ ତାହା ମଧ ଫାଙ୍କା ପଡିଛି। ସେହିଭଳି ପିଅନ୍ ଓ ରାତିଜଗୁଆଳି ୩ଟି ପଦବୀ ଥିବା ବେଳେ ଦୁଇଜଣ ରହିଛନ୍ତି।

ପ୍ରକାଶଯୋଗ୍ୟ କୃଷି ପରାମର୍ଶ ଲାଗି ପଶ୍ଚିମବଂଗ ଓ ଆନ୍ଧ୍ରରେ ବିଭିନ୍ନ ସୁବିଧା ସୁଯୋଗ ଓ ଅଧିକ କର୍ମଚାରୀ ତଥା କୃଷି କମ୍ପାନୀ ଗୁଡିକ ପରାମର୍ଶ ଦେବାର ଥିବା ବେଳେ ଓଡିଶାରେ ତାହା ନାହିଁ। ଏହା ବ୍ୟତିତ ବିଭିନ୍ନ ସରକାରୀ ଯୋଜନାରେ କୃଷି ଅଧିକାରୀ ଏବଂ ଦୈବଦୁର୍ବିପାକରେ ସେମାନଙ୍କୁ ନିୟୋଜିତ କରାଯାଉଥିବା ବେଳେ କର୍ମଚାରୀ ମରୁଡି ଯୋଗୁଁ ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ କି କୃଷକ ମାନଙ୍କ ଉନ୍ନତି ହୋଇପାରୁ ନାହିଁ। କର୍ମଚାରୀ ଅଭାବ ଲାଗି ଆଗାମୀ ଦିନରେ ଆନ୍ଦୋଳନ ହୋଇପାରେ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି।

ଓଝାପୋଖରୀ-ନନ୍ଦୁର ମୁନି ମହୋତ୍ସବ ଉଦ୍‌ଘାଟିତ

ଖଇରା,୧୭।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ମୁନି ମେଳା ୧ଶହ ବର୍ଷ ଅଧୀକ ସମୟ ଧରି ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ର ଅନ୍ୟତମ ଆକର୍ଷଣ ଓଝାପୋଖରୀ ନନ୍ଦୁର ମୁନୀ ମହୋତ୍ସବ ଶୁକ୍ରବାର ସଂଧ୍ୟାରେ ନାଚ ଗୀତର ଆସର ଦର୍ଶକଙ୍କୁ ବିମୋହିତ କରିଛି। ଉଦ୍‌ଘାଟନୀ ସଭାରେ ଖଇରା ବିଡିଓ ନାରାୟଣ ସାହୁ ମୁଖ୍ୟ ଅତିଥି, ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ଓଝା, ଙ୍କ ଅନନ୍ତ କିଶୋର ଓଝା, ନନ୍ଦୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦ୍ୱିବେଦୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଗଣ୍ଡିବେଡ ସାଇଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରୟଲୋକ୍ୟ ଓଝା ଧନ୍ୟବାଦ ଅର୍ପଣ, ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରାୟୋଜିତ ଓଡିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ବିଜୟୀ ଲକ୍ଷ୍ମୀ ଓଝାଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।



ମା’ ବଡ଼ପଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୧୭।୧ (ସମିସ): ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୧୧ ନମ୍ବର ୱାଡର୍ କ୍ଷେତ୍ରସନସାହି ଗ୍ରାମର ଦୁଇଦିବସୀୟ ମା’ବଡ଼ପଣ୍ଡା ମିନିଗୋଲି (ଛୋଟ ଗୋଲପୋଷ୍ଟ) ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ, ସମ୍ମାନୀତ ଅତିଥିଭାବେ ଏନ୍.ଏ.ସି.ର ପୂର୍ବତନ ଚେୟାରମ୍ୟାନ ରାଧାଗୋବିନ୍ଦ ଖଟୁଆ ଉପସ୍ଥିତ ରହି ଖେଳକୁ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶିର କୁମାର ମହାପାତ୍ର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ର(ଟୁଟୁଲୁ) ଯୋଗଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ପ୍ରବୀଣ ନାୟକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଲମ୍ବୋଦର ସିଂ ମଞ୍ଚ ପରିଚାଳନା କରିଥିଲା ବେଳେ ପରେଶ ସିଂ ଧାରା ପ୍ରଦାନ କରିଥିଲେ। କ୍ଲବର ସଭାପତି ଟୀକା ସିଂ, ସମ୍ପାଦକ ସୁଶାନ୍ତ ବେହେରା,ସଦସ୍ୟ ଦେବାଶିଷ, ଆଶିଶ୍,ତାଲା ବାବୁ,ମକୁରୁ, ଚୁକା, ମୁଙ୍ଗୁଲିଆ, ଡାଣ୍ଡୁ,ନାଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୧୬ଟି ଦଳ ଭାଗନେଇଥିଲ। ରାଇସନ ଟୁଡୁ ଚାମ୍ପିଅନ ହୋଇଥିଲା ବେଳେ ରାଇଙ୍ଗା ଏଫ୍.ସି. ରନ୍‌ର୍ସ ଅପହୋଇଥିଲେ।

ହୋ ଆଦିବାସୀ ସମ୍ପ୍ରଦାୟ ଲୋକ ମହୋତ୍ସବ ଉଦ୍‌ଯାପିତ



ନୀଳଗିରି,୧୭।୧(ସମିସ):ବାଲେଶ୍ୱରଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନକୁଳକର ହାଟଠାରେ ହୋ ଆଦିବାସୀ ସମ୍ପ୍ରଦାୟର ଲୋକ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୁଦ୍ଧିରାମ ସିଂ, ମୁଖ୍ୟବକ୍ତା ଭାବେ ନୀଳଗିରି ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ, ସମ୍ମାନିତ ଅତିଥି ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ୧୧ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ମଦନ ମୋହନ ମାଝୀ, ଗଙ୍ଗାଧର ମିଶ୍ର ମଞ୍ଚାସୀନ ଥାଇ ହୋ ଆଦିବାସୀ ସମ୍ପ୍ରଦାୟର ସମାଜ, ପରମ୍ପରା, ସଂସ୍କୃତି, ଭାଷାର ଉନ୍ନତି ପାଇଁ ସମସ୍ତେ ଏକ ହେବାର ଆବଶ୍ୟକତା ଅଛି ବୋଲି ଅଭିଭାଷଣରେ କହିଥିଲେ। ସୁରେନ୍ଦ୍ର ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ଶିବାଜୀ ସିଂ, ସମ୍ପାଦକ ସୁରେନ୍ଦ୍ର ସିଂ, ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ଗରପାଲ, ଜିଲ୍ଲା ଉପ ସଭାପତି ଭାଗିରଥି ମୁର୍ମୁ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ, ମୁନା ସିଂ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ସ୍ମରଣିକା ‘ଗୁରୁଗୌରବ ସୀତାନାଥ’ ଉନ୍ମୋଚିତ

ନୀଳଗିରି, ୧୭।୧ (ସମିସ): ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ନୀଳଗିରି, ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ପ୍ରଥମ ଅଧ୍ୟକ୍ଷ ଏବଂ ଜଳେଶ୍ୱର ଦୀନକୃଷ୍ଣ କଲେଜର ଓଡ଼ିଆ ବିଭାଗର ରିଡର୍ ଗତ ଜାନୁଆରୀ ୩ତାରିଖ ୯୦ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ନୀଳଗିରି ଏବଂ ସନ୍ତରାଗଡିଆ ସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ସର୍ବବିଧ ଉନ୍ନତି ହୋଇଥିଲା। ତାଙ୍କ ଏକଦଶାହରେ ସନ୍ତରାଗଡିଆ ସ୍ଥିତ ବାସଭବନରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ବ୍ୟକ୍ତିତ୍ୱଙ୍କ ସମାଗମ ହୋଇଥିବା ବେଳେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ସୀତାନାଥଙ୍କ ମାନସସନ୍ତାନ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତତିନି ତରଫରୁ “ଗୁରୁ ଗୌରବ ସୀତାନାଥ‘ ନାମକ ସ୍ମରଣିକା ବହୁ ବିଶିଷ୍ଟବ୍ୟକ୍ତିଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ସ୍ମରଣିକା ଉନ୍ମୋଚନ ଉତ୍ସବରେ ପ୍ରଫେସର ବିପିନବିହାରୀ ବିଶ୍ୱାଳ, ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫେସର ଅନାଦିଚରଣ ଗାହାଣ, ପ୍ରାଧ୍ୟାପକ ରାଖାଲ ଚନ୍ଦ୍ର ଘଡେଇ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଲେଶ୍ୱର ସଂସଦୀୟ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କାଳିପଦ ପଣ୍ଡା, ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବଡପୁଅ ଡ. ଅକ୍ଷୟ ପାଣିଗ୍ରାହୀ, ଅମିୟ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।



ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲରେ ଆନ୍ତଃଶ୍ରେଣୀ ବିଜ୍ଞାନ ପ୍ରଦର୍ଶନୀ



ଜଳେଶ୍ୱର, ୧୭।୧ (ସମିସ): ଜଳେଶ୍ୱର ଷ୍ଟେସନ ବଜାର ମିଲବାଡି ସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ଇଂରାଜୀ ମିଡିୟମ ସ୍କୁଲରେ ଆନ୍ତଃ ଶ୍ରେଣୀ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବରୁଣ ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିଖରପୁର ବିଜ୍ଞାନ ଶିକ୍ଷୟିତ୍ରୀ ଦେବୀଦତା ବାରିକ, ଭଣ୍ଡାରପୋଲି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବଂଶୀଧର ବାରିକ, ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ଜେନା, ସ୍ୱସ୍ତି ସ୍ୱାଗତୀକା ହୁଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନମୀତା ମହାନ୍ତି ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବିରେନ କୁମାର ପାତ୍ର ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସିଇଓ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ପ୍ରେରଣା ବାର୍ତା ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶୈଲେନ ଦେବନାଥ, ନମୀତା ମହାନ୍ତି ଏବଂ ସତ୍ୟବ୍ରତ ଦେ ପ୍ରମୁଖ ପରିଚାଳନା କରିଥିଲେ।

ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିଲେ ଜିଲ୍ଲା ବିଚାରପତି



ଖଇରା,୧୭।୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲ ଖୋଲିବା ନେଇ ଘୋଷଣାର ଦେଢ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ବ୍ଲକ ପରିସରରେ ଥିବା ରାଜୀବଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅସ୍ଥାୟୀ କୋର୍ଟ ଖୋଲିବା ନେଇ ପ୍ରସ୍ତୁତି କଚ୍ଛପ ଗତିରେ ଚାଲିଥିବାରୁ ସାଧାରଣ ଲୋକଙ୍କ ଭରସା କମିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଶନିବାର ଜିଲା ବିଚାରପତି ସତ୍ୟନାରାୟଣ ମିଶ୍ର ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ହାଜତ ପାଇଁ ଉଦ୍ଦିଷ୍ଟ ଘରର ସିଲ ଖୋଲିବା ଦିଗରେ ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂ ସହ ଆଲୋଚନା କରିଥିବାବେଳେ ଫେବୃଆରୀ୧୫ତାରିଖ ସୁଦ୍ଧା କୋର୍ଟ କାର୍ଯ୍ୟାଳୟ, ଶୌଚାଳୟ ନିର୍ମାଣ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସାରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ,ବିଡିଓ ନାରାୟଣ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ନୟାଖଣ୍ଡି ମୌଜାରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କୋର୍ଟ ପାଇ ଉଦ୍ଦିଷ୍ଟ ଯାଗା ପରିଦର୍ଶନ କରିଥିଲେ। ରେଜିଷ୍ଟାର ଶଶିକାନ୍ତ ପ୍ରଧାନ, କୋର୍ଟ ପରିଚାଳକ ପ୍ରିୟଙ୍କା ମିଶ୍ର,ସରକାରୀ ଓକିଲ ଲମ୍ବୋଦର ନାୟକ,ଆଇନଜିବୀ ପ୍ରମୋଦ ଦାସ, ନିରଞ୍ଜନ ବେହେରା, ଲିଙ୍ଗରାଜ ମହାନ୍ତି, ତହସିଲଦାର ଅମିତ ରଞ୍ଜନ ହୋତା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ ଓ ସମ୍ପାଦକ ମୁକ୍ତିକାନ୍ତ ଶତପଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଙ୍କ ସମେତ କୋର୍ଟ ପାଇଁ ଦିର୍ଘଦିନ ଧରି ଦାବି କରି ଆସୁଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

● ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ପ୍ଲାଟିନମ୍ ଜୁବୁଲି ଉତ୍ସବର ଦ୍ୱିତୀୟ ଦିବସ



ଜଳେଶ୍ୱର, ୧୭।୧ (ସମିସ): ଜଳେଶ୍ୱର ପୌରାଂଚଳ ଅନ୍ତର୍ଗତ ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ପ୍ଲାଟିନମ ଜୁବୁଲିର ଦ୍ୱିତୀୟ ଦିବସରେ ଆୟୋଜିତ ସାଂସ୍କୃତିକ ସଭାରେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଲଳିତ ରଂଜନ ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଚିତ୍ତରଂଜନ ଚିଂଜିତ, ମୁଖ୍ୟ ବକ୍ତା ଭାବେ ଡ. ରବିନ୍ଦ୍ର କୁମାର ବିହାରୀ ଯୋଗଦେଇ ଜୁବଲୀ ପାଳନର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଗିରି, ମଧୁସୂଦନ ବ୍ରହ୍ମ, ରମାକାନ୍ତ ଜେନା, ନିତ୍ୟାନନ୍ଦ ଦାସ, ଜଗନ୍ନାଥ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ଅତିଥି ମାନଙ୍କୁ ମଂଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ସଂଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ୟାସକବି ଜୟନ୍ତୀ ପାଳିତ



ଖଇରା,୧୭।୧ (ସମିସ): ବାଲେଶ୍ୱର ଜିଲା ଖଇରା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଖଇରା ବ୍ଲକ ପରିସରରେ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଥମେ ବ୍ଲକ ପରିସରରେ ଥିବା ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ବିଡିଓ ନାରାୟଣ ସାହୁ ତଥା ଅନ୍ୟ ସଦସ୍ୟ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବ୍ଲକ ସଭାଗୃହରେ ଅନ୍ତର୍ଯାମୀ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ସଭ୍ୟ ଅଭିରାମ ମହାପାତ୍ର, ଜଗତାନନ୍ଦ ମହାପାତ୍ର, ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥି, ଚିନ୍ତାମଣି ସାହାଣୀ ଓ ବସନ୍ତ ଖିଲାର ପ୍ରମୁଖ ଯୋଗ ଦେଇ ଫକୀର ମୋହନଙ୍କ ପାଇଁ ବାଲେଶ୍ୱର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପ୍ରକାଶ କରିଥିଲେ।

୪ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ କନ୍‌ଭେନ୍‌ସନ୍



ସୋର,୧୭।୧ (ସମିସ): ୧୦ଟି ସର୍ବ ଭାରତୀୟ ଶ୍ରମିକ ସଂଗଠନ ତଥା ସ୍ୱାଧୀନ ଫେଡେରେସନ ମାନଙ୍କ ମିଳିତ କନଭେନସନ ରେଡ଼କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଶ୍ରମ ଆଇନ ସଂସ୍କାର ଆଳରେ,୧୯୪୮ ମସିହାରୁ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ତିଆରି ହୋଇଥିବା ୪୪ ଗୋଟି ଶ୍ରମ ଆଇନକୁ ରଦ୍ଦ କରି ମାଲିକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଚାରିଗୋଟି ନୂତନ ଶ୍ରମ କୋଡ଼ ସୃଷ୍ଟି କରି, ଶ୍ରମିକ ମାନଙ୍କୁ ଗୋଟିଶ୍ରମିକ ଭାବେ ଶୋଷଣ କରିବାକୁ ବିଲ ଆଣିଛନ୍ତି। ଅନ୍ୟ ପକ୍ଷରେ ମହାତ୍ମା ଗାନ୍ଧିଙ୍କ ନାମରେ ନାମିତ ମନରେଗା ଆଇନକୁ ବାତିଲ କରି, ଭି. ବି. ଜି. ରାମ.ଜୀ ଆଇନ ଏବଂ ଶାନ୍ତି ବିଲ ୨୦୨୫ ଯାହା ସମ୍ପୂର୍ଣ୍ଣ ଜନବିରୋଧୀ ଆଇନ ତଥା ଶ୍ରମିକ ମାନଙ୍କ କଣ୍ଠରୋଧ କରିବା ପାଇଁ ପୁଞ୍ଜିପତି ମାନଙ୍କ ସ୍ୱାର୍ଥର ହିତ ପାଇଁ ସୃଷ୍ଟି କରିଛନ୍ତି।ଯଦି ଏହି ଜନ ବିରୋଧୀ ଆଇନ ପ୍ରତ୍ୟାହାର ନକରନ୍ତି ତେବେ, ଆସନ୍ତା ଫେବୃୟାରୀ ୧୨ ତାରିଖ ୨୦୨୬ ରିଖ ଦିନ ଦେଶର ବିଭିନ୍ନ ବର୍ଗର ଶ୍ରମିକ କର୍ମଚାରୀ, ସ୍କିମ ୱାର୍କର,କୃଷକ, ବ୍ୟାଙ୍କ, ବୀମା ତଥା ସମସ୍ତ ରାଜନୈତିକ ଦଳ ମାନେ ଏହି ଧର୍ମଘଟରେ ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କନଭେନସନରେ ଆଇ.ଏନ. ଟି. ୟୁ.ସି.ର ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ସି ଆଇ ଟି ୟୁ ର ଜନାର୍ଦ୍ଦନ ପତି, ସିପିଆଇର ପୂର୍ବତନ ବିଧାୟକ ନାରାୟଣ ରେଡି, ଏ. ଆଇ. ଟି. ୟୁ. ସି.ର ସମ୍ପାଦକ ମାୟାଧର ନାୟକ, ଏଚ ଏମ ଏସ ର ପୂର୍ବତନ ସଂସଦ ବ୍ରଜକିଶୋର ତ୍ରିପାଠୀ, କୃଷକ ସଭାର ସମ୍ପାଦକ କ୍ଷୀରୋଦ ସଂଦେଓ ପ୍ରଭୃତି ବକ୍ତବ୍ୟ ରଖିଥିବା ବେଳେ, ମହେନ୍ଦ୍ର ପରିଡା, ଗୌରାଙ୍ଗ ପାଣିଗ୍ରାହୀ, କିଶୋର ଜେନା ପ୍ରଭୃତିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ବିଷ୍ଣୁ ପ୍ରସାଦ ମହାନ୍ତି ଭିତିପତ୍ର ଉପସ୍ଥାପନ କରିଥିବା ବେଳେ, କିଶୋର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

ଅସହାୟଙ୍କୁ କମ୍ବଳ ବଣ୍ଟନ

ଲଙ୍ଗଳେଶ୍ୱର, ୧୭।୧ (ସମିସ) : ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଶୀତ ଦାଉରୁ ସୁରକ୍ଷା ଦେବା ପାଇଁ ସମାଜସେବୀ ସୂର୍ଯ୍ୟ ନାରାୟଣ ସାହୁ ବାଲିଆପାଳ ବ୍ଲକ ଅନ୍ତର୍ଗତ ଛଡା ଗ୍ରାମରେଥିବା ଶ୍ରଦ୍ଧା ବୃଦ୍ଧାଶ୍ରମ, ଲଙ୍ଗଳେଶ୍ୱର ସ୍ଥିତ ନାଲ ବଜାର ଏବଂ ରାଇପୁର ଗ୍ରାମର ଶତାଧିକ ଗରିବ ଏବଂ ଅସହାୟ ଲୋକ ମାନଙ୍କୁ କମ୍ବଳ ବଣ୍ଟନ କରିଛନ୍ତି।

ମା’ ମଙ୍ଗଳା କ୍ଲବ ପକ୍ଷରୁ କ୍ୟାରମ ପ୍ରତିଯୋଗିତା

ଜଳେଶ୍ୱର,୧୭।୧(ସମିସ): ଜଳେଶ୍ୱର ସହର ସ୍ଥିତ ୱାର୍ଡ ନଂ ୬ ମଙ୍ଗଳା ମନ୍ଦିର ପରିସରରେ ମା’ ମଙ୍ଗଳା କ୍ଲବ ପକ୍ଷରୁ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବାପି କର୍ମକାରଙ୍କ ସ୍ମୃତିରେ କ୍ଲବର ସଦସ୍ୟଙ୍କ ଦ୍ୱାରା ଏହି କ୍ୟାରମ ପ୍ରତିଯୋଗିତା ଆୟୋଜନ କରାଯାଇଛି।ଏହି ପ୍ରତିଯୋଗିତାକୁ ସମାଜସେବୀ ଦୁର୍ଯ୍ୟାୟ ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ଅନନ୍ତ ଦାସ, ଭବାନୀ କିଙ୍କର ପାତ୍ର, ଅକ୍ଷୟ ଜେନା, ଅନୀଲ ସାହୁ, ଚନ୍ଦ୍ରକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ। କ୍ୟାରମ ଖେଳ ଦୁଇଦିନ ଧରି ହେବା ସହିତ ୪୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଖେଳକୁ କ୍ଲବର ସଭାପତି ସନ୍ୟାସୀ ପରିଡ଼ା, ସମ୍ପାଦକ ସୁଚିବ୍ରତ ଦାସ, ସଦସ୍ୟ ସଂଜୀବ ପାତ୍ର, ହର ନାରାୟଣ ଜେନା, ଅରବିନ୍ଦ ଜେନା, ସପନ ମହାନ୍ତି, ଦିଲ୍ଲୀପ ସାହୁ, ସୁକୁମାର କରଣ ପ୍ରମୁଖ ସହଯୋଗ କରିଥିଲେ।

ବାଲିକୁଟି ଗ୍ରାମରେ ‘ଶିଶୁ ସଂସ୍କାର ଶାଳା’

ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାରେ ଗଢୁଛି ପିଲାଙ୍କ ଭବିଷ୍ୟତ

ବାଲିଆପାଳ, ୧୭।୧ (ସମିସ)

ଏହି ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ବାଲିକୁଟି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ‘ଶିଶୁ ସଂସ୍କାର ଶାଳା’ ନାମକ ଏକ ଅନନ୍ୟ ସଂସ୍କାରମୂଳକ ଅନୁଷ୍ଠାନ ଗଢ଼ି ଉଠିଛି। ଏହି ଅନୁଷ୍ଠାନ ଗ୍ରାମର ଜଣେ ଶିକ୍ଷିତ ମହିଳା ବିଜୟଲକ୍ଷ୍ମୀ ଭୂୟାଁ ଏବଂ ଶିକ୍ଷିତ ଯୁବକ ଚନ୍ଦନ ସେଠୀଙ୍କ ମିଳିତ ପ୍ରୟାସର ଆରମ୍ଭ ହୋଇଛି। ଗ୍ରାମର କୁନି କୁନି ପୁଅ ଓ ଝିଅ ମାନଙ୍କୁ ଆଧ୍ୟାତ୍ମିକ, ନୈତିକ ଓ ସଂସ୍କାର ମୂଳକ ଶିକ୍ଷା ଦେବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ପ୍ରତି ରବିବାର ସ୍ୱେଚ୍ଛାକୃତ ଭାବରେ ବହୁ ସମାଜପ୍ରେମୀ ଶିକ୍ଷକ ଏଠାରେ ଯୋଗଦେଇ ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ରାମାୟଣ, ମହାଭାରତ, ଭାଗବତ, ଚାଣକ୍ୟନୀତି ପରି ମହାନ ଗ୍ରନ୍ଥର ଆଲୋଚନା ସହିତ ଗଳ୍ପ, କାହାଣୀ, ନାଚ, ଗୀତ ଓ ଚିତ୍ରକଳା ମାଧ୍ୟମରେ ପିଲାମାନଙ୍କର ଚରିତ୍ର ଗଠନ ଓ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଗ୍ରାମବାସୀମାନେ ଏହି ଅନୁଷ୍ଠାନର ଶିକ୍ଷାଦାନ ପ୍ରଣାଳୀକୁ ପ୍ରଶଂସା କରିବା ସହ ନିଜ ନିଜ ପିଲାମାନଙ୍କୁ ଏଠାରେ ଯୋଗଦେବା ପାଇଁ ଉତ୍ସାହିତ କରୁଛନ୍ତି। ଶ୍ରୀମତୀ ଭୂୟାଁ ଓ ଶ୍ରୀ ସେଠୀ ନିରନ୍ତର ଭାବେ ଏହି ଅନୁଷ୍ଠାନର ଉନ୍ନତି ଓ ବିସ୍ତାର ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାଲିକୁଟି ଗ୍ରାମର ଏହି ଶିକ୍ଷିତ ମହିଳା ଓ ଯୁବକଙ୍କ ସାମାଜିକ ପ୍ରୟାସକୁ ବୁଦ୍ଧିଜୀବୀ ମହଲ ଉଚ୍ଚ ପ୍ରଶଂସା କରିବା ସହିତ ‘ଶିଶୁ ସଂସ୍କାର ଶାଳା’ର ଅଧିକ ବିକାଶ ନିମନ୍ତେ ସରକାର ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି।



ସଚେତନତା ସତ୍ତ୍ୱେ କମୁନି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର

୪ ବର୍ଷରେ ୧୫୩୮ ଦୁର୍ଘଟଣା; ଯାଇଛି ୮୭୧ ମୁଣ୍ଡ

ବାଲେଶ୍ୱର,୧୭ା୧(ସମିସ)



ଅଧିକାଂଶ ସମୟରେ କାଳ ସାଜୁଛି ବିନା ହେଲମେଟରେ ଗାଡି ଚଲାଇବା। ଘଟୁଥିବା ଦୁର୍ଘଟଣା ଭିତରେ ୪୦-୪୫ ପ୍ରତିଶତ ବିନା ହେଲମେଟରେ ଗାଡି ଚଲାଉଥିବା ଲୋକ ରହୁଛନ୍ତି। ବିଶେଷକରି ଘଟୁଥିବା ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଲୋକମାନେ ସାଧାରଣତଃ ବିନା ହେଲମେଟରେ ଗାଡି ଚଲାଉଥିବା କାରଣରୁ ହୋଇଥିବା ଜଣାପଡିଛି। ବାଲେଶ୍ୱରରେ ଦୁର୍ଘଟଣା ଏବଂ ସେଥିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନାହିଁ। ବାଲେଶ୍ୱର ଜିଲ୍ଲାରେ ୨୦୨୨ ମସିହାରେ ୩୫୮ ଟି ଦୁର୍ଘଟଣା ଘଟିଥିବା ବେଳେ ୨୨୦ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ୨୩୪ ଜଣ ହେଉଛି ଆହତଙ୍କ ସଂଖ୍ୟା। ସେହିପରି ୨୦୨୫ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୩୨୮ଟି ଦୁର୍ଘଟଣା ଘଟିଥିବା ବେଳେ ୧୬୧ ଜଣ ମୃତ୍ୟୁ ଏବଂ ୨୮୧ ଜଣ ଆହତ ହୋଇଛନ୍ତି। ଚାରି ବର୍ଷରେ ସମୁଦାୟ ୧୫୩୮ ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୮୭୧ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରତିବର୍ଷ ସଚେତନତା ସତ୍ତ୍ୱେ କମୁନି ଦୁର୍ଘଟଣା ଜନିତ ମୃତକଙ୍କ ସଂଖ୍ୟା।

ସୂଚନାଯୋଗ୍ୟ, ଜାନୁଆରୀ ୧ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ବ୍ୟାପକ ସଚେତନତା ସତ୍ତ୍ୱେ ବାଲେଶ୍ୱର ଜିଲ୍ଲାରେ ସଡ଼କ ଦୁର୍ଘଟଣା ଏବଂ ଦୁର୍ଘଟଣା ଜନିତ ମୃତକଙ୍କ ସଂଖ୍ୟା ଆସୁନଥିବା ସରକାରୀ ତଥ୍ୟରୁ ଜଣାପଡିଛି। ସରକାରୀ ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ୨୦୨୦ ମସିହାରେ ୩୫୮ ସଡ଼କ ଦୁର୍ଘଟଣାରେ ୨୨୦ ଜଣଙ୍କ ମୃତ୍ୟୁ ଘଟିଥିବା ୨୩୪ ଜଣ ଆହତ ହୋଇଛନ୍ତି। ୨୦୨୩ରେ ୪୨୦ଟି ଦୁର୍ଘଟଣାରେ ୨୩୩ ମୃତ୍ୟୁ ଓ ୨୬୪ ଆହତ, ୨୦୨୪ରେ ୪୩୨ ଦୁର୍ଘଟଣାରେ ୨୫୭ଜଣଙ୍କ ମୃତ୍ୟୁ ଏବଂ ୩୩୫ ଜଣ ଆହତ ହୋଇଥିଲେ। ସେହିପରି ୨୦୨୫ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୩୨୮ ଟି ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ୧୬୧ ଜଣଙ୍କ ମୃତ୍ୟୁ ଏବଂ ୨୮୧ ଜଣ ଆହତ ହୋଇଛନ୍ତି। ତେବେ ପ୍ରତିବର୍ଷ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଛି। ସଡ଼କ ସୁରକ୍ଷା ସଚେତନତାର ବିଶେଷ ସଫଳତା ମିଳୁନଥିବାରୁ ୨୦୨୬ରେ ସ୍ୱତନ୍ତ୍ର ତଥା ପ୍ରଭାବଶାଳୀ ଢଙ୍ଗରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ ଚାଲିଛି। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଦୁର୍ଘଟଣା କମାଇବାରେ ଫଳପ୍ରଦ ହେଉନି। ବିନା ହେଲମେଟରେ ଗାଡି ଚଲାଇବା ଏବଂ ମଦ ପିଇ ଗାଡ଼ି ଚାଳନା ଦୁର୍ଘଟଣାର ଅନ୍ୟତମ କାରଣ ସାଜୁଛି। କେବଳ ନାମକୁ ମାତ୍ର ସଡ଼କ ସୁରକ୍ଷା ମାସ ପାଳନ ନକରି ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

'ଚାଲାଣ ନୁହେଁ ସଚେତନତାକୁ ଗୁରୁତ୍ୱ ଦେଉଛୁ'

ଆର୍‌ଟିଓ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି ସଡ଼କ ସୁରକ୍ଷା ମାସ ପାଳନ ପାଇଁ ଆମେ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଉଛୁ। ଏହି ମାସରେ ଚାଲାଣ କାଟିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉନି। ଲୋକଙ୍କୁ ସଚେତନତା କରାଯାଉଛି। ସଡକ ସୁରକ୍ଷା ମାସର ପ୍ରଥମ ଦିନରେ ପିକ୍‌ନିକ୍ ସ୍ପଟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ପୂର୍ବରୁ ପ୍ରଥମେ ଜାତୀୟ ରାଜପଥ ଉପରେ ଭାରୀଯାନ ପାର୍କିଂ ଉଠାଯାଇଛି। ସଡକ ସୁରକ୍ଷା ମାସ ପାଳନ ପାଇଁ ସହଦେବଖୁଣ୍ଟା ବସଷ୍ଟାଣ୍ଡ ରେ ଗାଡି ଚାଳକଙ୍କ ପାଇଁ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଦିଆଯାଇଥିଲା। ସମସ୍ତଙ୍କୁ ଲିଫଲେଟ୍ ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ନେଇ ପଦଯାତ୍ରା ହୋଇଛି। ଗାଡ଼ି ଚାଳକଙ୍କୁ ସଚେତନତାବାର୍ତ୍ତା ଦିଆଯାଇଛି। ପୁଲିସସହିତ ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟା କରାଯାଇଛି। ଦୁର୍ଘଟଣା ସହିତ ମୃତ୍ୟୁହାର କମାଇବା ଲକ୍ଷ୍ୟ ରହିଛି। ଆମେ ଯଦି ଦୁର୍ଘଟଣା ହାର ଦେଖିବା ତାହେଲେ ସେଥିରେ ୪୦-୪୫ ପ୍ରତିଶତ ବିନା ହେଲମେଟ ଯୋଗୁଁ ଘଟୁଛି। ସେଥିପାଇଁ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଗକୁ ଖଇରା, ରେମୁଣାରେ ସଚେତନତା କାର୍ଯ୍ୟକ୍ରମ ରହିଛି।

ତୁଳା ଗୋଦାମରେ ଅଗ୍ନିକାଣ୍ଡ, ବ୍ୟାପକ କ୍ଷତି



ବସ୍ତା ବ୍ଲକ/ରୁପସା, ୧୭ା୧ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ହଳଦୀପଦା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ତୁଳା ଗୋଦାମରେ ଅଗ୍ନିକାଣ୍ଡ ଘଟି ୫୦ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି।

ହଳଦୀପଦା ଗୋବିନ୍ଦା ଅଞ୍ଚଳର ମନ୍ମଥ ପ୍ରଧାନଙ୍କ ସ୍ତ୍ରୀ କବିତା (୪୫) ଆଜକୁ ଦେଢ ବର୍ଷ ହେବ ଉକ୍ତ ସ୍ଥାନରେ ଏକ ତୁଳା ଗୋଦାମ ଚଳାଇ ଆସୁଥିଲେ। କୋଲକାତାରୁ କଞ୍ଚାମାଲ(କତରନ) ଆଣି ତୁଳା ପ୍ରସ୍ତୁତ କରି ସେଥିରୁ ରେଜେଇ, ତକିଆ, ଗଦି, କମ୍ବଳ, ବେଡସିଟ୍, ମଶାରି ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ତାହା ପାଇକାରି ଓ ଖୁଚୁରା ବିକ୍ରି କରିବା ସହ ବହୁ ଦୂର ଦୂରାନ୍ତ ବ୍ୟବସାୟୀଙ୍କୁ ବିକ୍ରି କରି ଆସୁଥିଲେ। ଆଜି ଅପରାହ୍ଣ ୫ଟା ସମୟରେ କୌଣସି କାରଣ ବଶତଃ ଉକ୍ତ ଗୋଦାମରେ ନିଆଁ ଲାଗିଯାଇଥିଲା। କର୍ମଚାରୀ ଏବଂ ମନ୍ମଥ ଅଗ୍ନିଶମ ବାହିନୀ ଖବର ଦେବା ସହ କଳେବଳେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ପାରି ନଥିଲେ। ତେବେ ଅଗ୍ନିଶମ ବାହିନୀ ପାଖା ପାଖି ଦେଢ ଘଣ୍ଟା ପରେ ପହଞ୍ଚିବା ବେଳକୁ ଗୋଦାମରେ ଥିବା ୫୦ ଲକ୍ଷରୁ ଅଧିକ ଟଙ୍କାର କଞ୍ଚାମାଲ ସମେତ ପ୍ରସ୍ତୁତ ହୋଇସାରିଥିବା ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଭୟାବହ ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ବସ୍ତା ଅଗ୍ନିଶମ ବାହିନୀ ପାଣି ଉଠା ମୋଟର ପମ୍ପ ନନେଇ କେବଳ ନିର୍ଦ୍ଦିଷ୍ଟ ଆୟତନର ଟ୍ୟାଙ୍କର ନେଇଯାଇଟିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଫଳରେ ପୁଣି କର୍ମଚାରୀ ମାନେ ମୋଟର ପମ୍ପ ନେଇ ନିଆଁ ଲିଭାଇବା କାର୍ଯ୍ୟରେ ଲାଗି ପଡ଼ିଥିଲେ। ଇତି ମଧ୍ୟରେ ବାଲେଶ୍ୱରରୁ ମଧ୍ୟ ଏକ ଦମକଳ ବାହିନୀ ପହଞ୍ଚି ଥିବା ବେଳେ ମୋଟ୍ ୪ଗୋଟି ଦମକଳ ଗାଡ଼ି ନିଆଁ ଲିଭାଇବାରେ ନିୟୋଜିତ ହେବା ପରେ ପାଖା ପାଖି ଅଢେଇ ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ବସ୍ତା ଥାନା ପୁଲିସ ମଧ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଚଳାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଆଖି ଆଗରେ ସବୁକିଛି ଜଳି ପାଉଁଶ ହେବା ଦେଖି ପ୍ରଧାନ ଦମ୍ପତି ନିଜର ମାନସିକ ଭାରସାମ୍ୟ ହରାଇ ବସିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଉକ୍ତ ସର୍ବସ୍ୱାନ୍ତ ଦମ୍ପତିକୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରକୁ ମହାଲକ୍ଷ୍ମୀଙ୍କ ବିଜେ ଉତ୍ସବ



ରେମୁଣା,୧୭ା୧(ସମିସ): ରେମୁଣା ଖୁସାଲିଗଞ୍ଜଠାରେ ଅବସ୍ଥିତ ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରରେ ଆଜି ମା' ମହାଲକ୍ଷ୍ମୀ ନିଜ ପିତ୍ରାଳୟ ନନ୍ଦରାଣୀ ନିବାସରୁ ଶ୍ରୀମନ୍ଦିର କୁ ବିଜେ କରିଛନ୍ତି। ମନ୍ଦିର କମିଟିର ସଦସ୍ୟ ତଥା ଶ୍ରଦ୍ଧାଳୁ ଭକ୍ତମାନେ ତାଙ୍କୁ ତାଙ୍କ ପିତ୍ରାଳୟରୁ ସୁସଜ୍ଜିତ ପାଲିଙ୍କିରେ ଏକ ସଭାଯାତ୍ରା ରେ ଭଜନ କୀର୍ତ୍ତନ କରି ଶ୍ରୀମନ୍ଦିରକୁ ଆଣିଥିଲେ। ଲକ୍ଷ୍ମୀ ମାଙ୍କୁ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇ ମନ୍ଦିର ପରିସରକୁ ନିଆଯାଇଥିଲା। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାସିଆ ବାଉରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଯୁବ ସାମ୍ବାଦିକ ଶୁଭଙ୍କର ପିରିଙ୍କ ସ୍ମୃତିରେ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର କମିଟି, ରସଲପୁର ଚଡ଼କ ଉତ୍ସବ କମିଟି, ନରହରିପୁର ଗ୍ରାମୀଣ ମେଳା କମିଟି, ମା ଭାରତୀ ଗୋସେବା କେନ୍ଦ୍ରକୁ ନାମାବଳୀ, ଗୀତା, ମହାପ୍ରଭୁ ଶ୍ରୀଜଗନ୍ନାଥ , ବୃକ୍ଷ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିରର ପୁରନ୍ଧା ଇଂ ଦୟାଲ ଚନ୍ଦ୍ର ଦାଶଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ଘରେ କଳାକନା ବୁଲାଇଲେ ଚୋର

ସୋର, ୧୭ା୧ (ସମିସ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ମାଣତ୍ରୀ ଗ୍ରାମରେ ଘରେ କେହି ନ ଥିବା ବେଳେ ଚୋର ମାନେ ଜଣଙ୍କ ଘରୁ ଚୋରି କରିନେଇଥିବା ଜଣାପଡିଛି। ଗ୍ରାମର ବନମାଳି ଜେନା କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ଏବେ ସେ ପରିବାର ସହ ଚିକିତ୍ସା ପାଇଁ ବାଙ୍ଗାଲୋର ଯାଇଛନ୍ତି। ଘରେ କେହି ନ ଥିବା ବେଳେ ଏହାର ସୁଯୋଗରେ ଚୋର ମାନେ ତାଙ୍କ ଘର ଗ୍ରିଲ ତାଲା କାଟି ଘର ମଧ୍ୟରେ ପଶି ଗଡ଼ରେଜ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଏକ କିଲୋରୁ ଉର୍ଦ୍ଧ୍ୱ ଓଜନର ରୁପା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଆଜି ସନ୍ଧ୍ୟାରେ ବନମାଳୀଙ୍କ ଭାଇ ବୋହୂ ପାର୍ବତୀ ଘରକୁ ଆସିଥିବା ବେଳେ ଗ୍ରିଲ ତାଲା କଟା ଯାଇଥିବା ଦେଖି ଘର ମଧ୍ୟକୁ ଯାଇଥିଲେ। ସେଠାରେ ଗଡ଼ରେଜ ଭାଙ୍ଗି ଚୋର ମାନେ ଚୋରି କରିଥିବା ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଲଙ୍ଗଳେଶ୍ୱର, ୧୭ା୧ (ସମିସ): ବାଲିଆପାଳ ବ୍ଲକ ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଦ୍ୟୁତ ପରିଷଦର ସଂଯୋଜକ ସନ୍ତୋଷ କୁମାର ଗିରି ଯୋଗଦେଇ ଥିଲେ। ଗୁରୁମା ଅର୍ଚ୍ଚନା ପାଣିଗ୍ରାହୀ, ରାକ୍ଷୀ ଦାସ, ମଧୁମିତା ଗିରି, ସୁପ୍ରିୟା ବାରିକ, ପିଙ୍କି ବେହେରା, ଗୀତାଞ୍ଜଳୀ ନାଥ, ବିକାଶ ରାଉତ, ନିର୍ମଳ ରଣଜିତ, ନରୋତ୍ତମ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୧୯ ରୁ ନାଟ୍ୟପ୍ରଭାର ବାର୍ଷିକ ଉତ୍ସବ ଓ ପ୍ରଥମ ନାଟ୍ୟୋତ୍ସବ

ବାଲେଶ୍ୱର,୧୭ା୧(ସମିସ): ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ପୁରାତନ ନାଟ୍ୟାନୁଷ୍ଠାନ "ନାଟ୍ୟପ୍ରଭା'ର ୨୨ତମ ବାର୍ଷିକ ଉତ୍ସବ ଓ ପ୍ରଥମ ନାଟ୍ୟୋତ୍ସବ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହେବ। ଚାରିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ଚାରୋଟି ନାଟକ ମଞ୍ଚସ୍ଥ ହେବା ସହ ନାଟକ ସହିତ ଜଡ଼ିତ ଥିବା ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି 'ନାଟ୍ୟପ୍ରଭା' ପକ୍ଷରୁ ଆଜି ଓଡ଼ିଶା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।। 'ନାଟ୍ୟପ୍ରଭା'ର ସମ୍ପାଦକ ସୁଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଚାରିଦିବସୀୟ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଚଳିତବର୍ଷ ଚାରୋଟି ସନ୍ଧ୍ୟାକୁ ଉଭୟ ବାଲେଶ୍ୱର ଓ ଭଦ୍ରକରେ ପ୍ରବାହିତ ଚାରୋଟି ନଦୀ ଯଥା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କାଂଶବାଂଶ, ସାଳନ୍ଦୀ ନାମରେ ନାମିତ କରାଯାଇଛି। ଏହି ଚାରୋଟି ସନ୍ଧ୍ୟାରେ ଚାରି ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ଯଥାକ୍ରମେ ବାଲେଶ୍ୱରର ନାଟ୍ୟପ୍ରଭା ପକ୍ଷରୁ "ଦ ଲାଷ୍ଟ ପେଗ୍', ସ୍ରଷ୍ଟା ପକ୍ଷରୁ "ଏକ ନଷ୍ଟ ନାୟକର ନାଟ୍ୟକାର, ବାରିପଦାର ନୂପୁର ପକ୍ଷରୁ "ଚକ୍ରବ୍ୟୂହ', ବାଲେଶ୍ୱରର ନାୟିକା ପକ୍ଷରୁ "ଫୁଲ୍ ଟେନସନ' ମଞ୍ଚସ୍ଥ କରାଯିବ। ଏହା ବ୍ୟତୀତ ଏହି ଚାରିଦିନରେ ଡ. କୁମାର ଗୋପାଳ ସମ୍ମାନ ନାଟ୍ୟକାର ଦେବବ୍ରତ ଦେ', ଇଂ ଅରୁଣୀ କୁମାର ରକ୍ଷିତ ସ୍ମାରକୀ ସମ୍ମାନ ବିଶିଷ୍ଟ ଅଭିନେତା ରତିକାନ୍ତ ବେହେରା, ଡ. ରମାକାନ୍ତ ସ୍ମୃତି ସମ୍ମାନ ବିଶିଷ୍ଟ ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ନାଟ୍ୟପ୍ରଭା ସମ୍ମାନ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତିଦିନ ଜଣେ ଲେଖାଏଁ ଦର୍ଶକଙ୍କୁ ଲକି ଡ୍ର ମାଧ୍ୟମରେ ୫ ଶହ ଟଙ୍କାର ପୁରସ୍କାର ସହ ଉଦ୍‌ଯାପନୀ ଉତ୍ସବରେ ଜଣେ ଶ୍ରେଷ୍ଠ ଦର୍ଶକଙ୍କୁ 'ନାଟ୍ୟପ୍ରଭା ଦର୍ଶକ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ଉପଦେଷ୍ଟା ଆଇନଜୀବୀ ପର୍ଶୁରାମ ପ୍ରଧାନ ସଙ୍ଗଠନ ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଅନ୍ୟତମ ଉପଦେଷ୍ଟା ଗୌର ଚନ୍ଦ୍ର ବାରିକ ସଙ୍ଗଠନ ଇତିହାସ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂହିତା ଦାସ, ଶ୍ରୀନିବାସ ପଣ୍ଡା ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଦେଇଥିଲେ।

କାଳ ସାଜିଲା ମାଞ୍ଜା ସୂତା, ଯୁବକ ଗୁରୁତର



ବାଲେଶ୍ୱର,୧୭ା୧(ସମିସ): କାଳ ତଥା ଘାତକ ହେଉଛି ମାଞ୍ଜା ସୂତା। ପ୍ରତିଦିନ ମାଞ୍ଜା ସୂତାର ଆହତ ହେଉଛନ୍ତି ସହରବାସୀ। ଆଜି ଅରଡବଜାର ଅଞ୍ଚଳର ଜଣେ ଯୁବକ ମାଞ୍ଜା ସୂତା ପାଇଁ ଗୁରୁତର ଆହତ ହୋଇଛନ୍ତି। ଆହତ ହୋଇଥିବା ଯୁବକ ଜଣକ ହେଉଛନ୍ତି ସାବିର୍ ଖାନ୍ (୨୨)। ସୂଚନାଯୋଗ୍ୟ, ଆଜି ସାବିର୍ ଅରଡବଜାରରୁ ଆନନ୍ଦ ବଜାରକୁ ଯାଉଥିବା ସମୟରେ ଗୁଡ଼ି ସୂତା ଲାଗି ଆଖି ପାଖ କଟିଯାଇଛି। ଆହତ ହେବା ପରେ ତାଙ୍କ ପରିବାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ଉକ୍ତ ଅଞ୍ଚଳରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ କର ମଧ ମାଞ୍ଜା ଗୁଡ଼ି ସୂତାର ଶିକାର ହୋଇଥିଲେ। ଫଳରେ ଏଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସହଦେବଖୁଣ୍ଟା ଏବଂ ଟାଉନ ଥାନା ଆଇଆଇସିଙ୍କୁ ଜଣାଇଥିଲେ।

ସାର୍ବଜନୀନ ଶ୍ରୀରାମ ଚରିତ ପାରାୟଣ ଓ ଜ୍ଞାନଯଜ୍ଞ

ବାଲେଶ୍ୱର,୧୭ା୧(ସମିସ): ସ୍ଥାନୀୟ କୁରୁଡା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ସାର୍ବଜନୀନ ଶ୍ରୀରାମ ଚରିତ ନବାହ୍ନ ପରାୟଣ ଓ ଜ୍ଞାନଯଜ୍ଞ ଉଦଘାଟନ ହୋଇଯାଇଛି। ଉଦଘସଟକ ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ନିରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ପ୍ରବଚକ ପ୍ରଶାନ୍ତ ଓଝା ରାମଚରିତ ମାନସ ଉପରେ ପ୍ରବଚନ ରଖିଥିଲେ। ଦେବେନ୍ଦ୍ର କୁମାର ମହାନ୍ତି ସଂକ୍ଷିପ୍ତ ସୂଚନା ପ୍ରଦାନ ପୂର୍ବକ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟିର ସଭାପତି ସାବିତ୍ରୀ ଜେନା ସଭାପତିତ୍ୱ କରିଥିଲେ। କମିଟି ସମ୍ପାଦକ ଶରତ କୁମାର ଜେନା କମିଟିର ଆୟ ବ୍ୟୟ ପ୍ରଦାନ ପୂର୍ବକ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ବ୍ୟକ୍ତି ମାନଙ୍କ ମଧ୍ୟରେ ରାଜେନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ଗିରି, ଶ୍ରୀଧର ବେହେରା, ଭାସ୍କର ଚନ୍ଦ୍ର ପଣ୍ଡା, ନୟନ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା, ଗଜେନ୍ଦ୍ର କୁମାର ଚଣ୍ଡ, ମହେଶ କୁମାର ଚଣ୍ଡ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

ତହସିଲ ପକ୍ଷରୁ ଇଟାଭାଟିରେ ଚଢ଼ଉ

ସୋର,୧୭ା୧(ସମିସ): ସୋରର ବିଭିନ୍ନ ଜଙ୍ଗଲ ଜମିରେ ଓ ସରକାରୀ ଜାଗାରେ ଇଟାଭାଟି ଗଢି ଉଠିଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଉନାହିଁ। ସ୍ଥାନୀୟ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବା ବେଳେ ମାଫିଆ ମାନେ ମାଲେମାଲ ହେଉଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ କିଛିଦିନ ତଳେ ସୋର ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଢିଉଠିଥିବା ଏହି ଇଟା ଭାଟିଗୁଡିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଆଜି ଅପରାହ୍ଣରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଏକ ଟିମ ସହ ସୋର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ସହଯୋଗରେ ବନ୍ଧସାହିରେ ଗଢିଉଠିଥିବା ଚଦର ଇଟାଭାଟି ଉପରେ ଚଢାଉ କରି ପାଣି ମାରିବା ସହିତ ଗଢାଯାଇଥିବା ଇଟା ଓ ପୋଡା ଯାଉଥିବା ଇଟାକୁ ନଷ୍ଟ କରିଥିଲେ।

● ମା' ବଗଳାଦେବୀଙ୍କ ଜନ୍ମୋତ୍ସବ ଓ ପିତାମ୍ବରା ସିଦ୍ଧ ମହାଶକ୍ତିପୀଠର ବାର୍ଷିକୋତ୍ସବ

ମା'ଙ୍କ ନିକଟରେ ଲାଗିହେଲା ୧୦୦୮ ପ୍ରକାର ବ୍ୟଞ୍ଜନ



ବାଲେଶ୍ୱର,୧୭ା୧(ସମିସ): କୁରୁଡା ନିକଟସ୍ଥ ପୀତାମ୍ବରା ମା'ବାଗଳାମୁଖୀଙ୍କ ଜନ୍ମୋତ୍ସବ ତଥା ଶ୍ରୀ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠର ତ୍ରୟୋଦଶ ବାର୍ଷିକ ଉତ୍ସବ ତିନି ଦିନ ଧରି ଆୟୋଜିତ ହୋଇଯାଇଛି। ୧୫ ତାରିଖରୁ ଆରମ୍ଭ ହୋଇଥିବା ଜଗତଜନନୀ ମା' ବଗଳାମୁଖୀଙ୍କ ଜନ୍ମ ଉତ୍ସବ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶତାଧିକ ଭକ୍ତଙ୍କ ଗହଣରେ ଶନିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି।

ମହାଶକ୍ତିପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧିପୂର୍ବକ ସମାପନହୋଇଥିଲା। ଜନ୍ମୋତ୍ସବଅବସରରେ ମା'ଙ୍କୁ ୧୦୦୮ ପ୍ରକାରର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ପୀଠ ପରିସରରେ ଉପସ୍ଥିତ ରହି ନିଷ୍ଠାର ସହ ସମସ୍ତ ପ୍ରସାଦ ପ୍ରସ୍ତୁତ କରିଥିଲେ। ଜନୈକ ମହିଳା ଭକ୍ତ ମା'ଙ୍କ ଜନ୍ମୋତ୍ସବ ପାଇଁ ବିଶାଳ କେକ୍ ପ୍ରସ୍ତୁତ କରିଥିବା ଦେଖିବାକୁ ମିଳିଥିଲା। ଶନିବାର ସନ୍ଧ୍ୟାରେ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହା ପରେ ବାଣ ରୋଷଣୀ ସହ ଯଜ୍ଞମଣ୍ଡପରୁ ମା' ଶ୍ରୀ ମନ୍ଦିରକୁ ବିଜେ କରିବା ପରେ ମହାଆଳତୀ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଉପାଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୀଠର ସେବକ ସେବିକାମାନେ ଉତ୍ସବକୁ ପରିଚାଳନା କରିଥିଲେ।

ଭୀମେଶ୍ୱର ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ବାଲେଶ୍ୱର,୧୭ା୧(ସମିସ): ଭୀମେଶ୍ୱର ସାଂସ୍କୃତିକ ପରିଷଦ ଓ ଭୀମେଶ୍ୱର ଉନ୍ନୟନ ପରିଷଦ ମିଳିତ ଆନୁକୂଲ୍ୟରେ ଭୀମେଶ୍ୱର ମକର ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ତଥା ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ ସିନେ ତାରକା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଅତଲୁ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଦସ୍ୟ ରମେଶ ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିନ୍ମୟ ରଥ ଓ କୀର୍ତ୍ତି ରଞ୍ଜନ ଦ୍ୱିବେଦୀ ବେଦ ପାଠ, ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜୟକୃଷ୍ଣ ଜେନା, ତାପସ ରଥ, ମୃତ୍ୟୁଞ୍ଜୟ ଦାସ୍, କାର୍ତ୍ତିକ ଜେନା, ଈଶ୍ୱର ଦାସ, ସତ୍ୟବ୍ରତ ପ୍ରଧାନ, ରଣଜିତ୍ ବେହେରା, ଗୋବିନ୍ଦ ଚନ୍ଦ୍ର ଦାସ, ଶଶିକାନ୍ତ ମହାନ୍ତି, ସତ୍ୟରଞ୍ଜନ ରଥ ପ୍ରମୁଖ ପରିଚାଳନା କରିଥିଲେ।

ଟିପିଏନ୍‌ଓଡିଏଲ ପକ୍ଷରୁ ବାଲେଶ୍ୱରରେ ଉପଭୋକ୍ତା ସମ୍ମିଳନୀ

ବାଲେଶ୍ୱର,୧୭ା୧(ସମିସ)



ଟିପିଏନଓଡିଏଲ ପକ୍ଷରୁ ବାଲେଶ୍ୱରର ନୋସୀ ପରିସରରେ ବାଲେଶ୍ୱର, ଭଦ୍ରକ ଓ ବାରିପଦା ସର୍କଲର ଏଚଟି ଓ ଇଏଚ୍‌ଟିର ପ୍ରମୁଖ ଉପଭୋକ୍ତାମାନଙ୍କୁ ନେଇ ଉପଭୋକ୍ତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଗଜାନନ କାଲେ, ବାଣିଜ୍ୟ ଓ ବିଇ ମୁଖ୍ୟ ଜୟଦୀପ ରୟ, ପରିଚାଳନା ମୁଖ୍ୟ ନିଲେଶ ପୋଟଫୋଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ମାନବ ସମ୍ବଳ ମୁଖ୍ୟ ରମେନ୍ଦ୍ର ବନିକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ତଥା ସଦସ୍ୟମାନେ ଉପସ୍ଥିତ ଥିଲେ। ଆୟୋଜିତ ଉପଭୋକ୍ତା ସମ୍ମିଳନୀରେ ଟିପିଏନଓଡିଏଲର ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ ସେବା, ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ ତଥା ଅଭିନବ ଉପଭୋକ୍ତା-କୈନ୍ଦ୍ରୀକ ଆଭିମୁଖ୍ୟ ବିଷୟରେ ଆଲୋକପାତ କରାଯିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ନେଇ ବିଶେଷ ଉପସ୍ଥାପନା କରଯାଇଥିଲା ଓ ଉପସ୍ଥିତ ଉଦ୍ୟୋଗ ପ୍ରତିନିଧୀମାନେ ମଧ୍ୟ ଟିପିଏନଓଡିଏଲର ବିଦ୍ୟୁତ ପରିଚାଳନା ନେଇ ନିଜର ମତାମତ ପ୍ରକାଶ କରିବା ସହ ବିତରଣ କ୍ଷେତ୍ରରେ ହୋଇଥିବା ରୂପାନ୍ତରଣକୁ ନେଇ ପ୍ରଶଂସା କରିଥିଲେ ଓ ଏହି ଅବସରରେ ସିଇଓ ଶ୍ରୀ କାଲେ ଉପଭୋକ୍ତାଙ୍କୁ ଗୁଣା।କ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଏନଓଡିଏଲ ପ୍ରତିଶ୍ରୁତିବଦ୍ଧ ରହିଥିବାବେଳେ ଗ୍ରାହକ-କୈନ୍ଦ୍ରିକ ସେବା, ବିଦ୍ୟୁତ ସୁରକ୍ଷା, ସୌରୀକରଣ ଏବଂ ନିରନ୍ତର ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ କାର୍ଯ୍ୟରତ ରହିଛି ବୋଲି କହିଥିଲେ। ବିଦ୍ୟୁତ୍ ନିର୍ଭରଯୋଗ୍ୟତା ତଥା ସୌରଶକ୍ତିର ବହୁଳ ବ୍ୟବହାର କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ସଶକ୍ତ କରିବା ପାଇଁ ଟିପିଏନଓଡିଏଲ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ସେ ଦୋହରାଇଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡା ଓ ଭଦ୍ରକ ଅଧିକ୍ଷଣ ଯନ୍ତ୍ରୀ ଭୁପେନ୍ଦ୍ରନାଥ ସାହୁଙ୍କ ସମେତ ତିନୋଟି ସର୍କଲର ସମସ୍ତ ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଉଦ୍ୟୋଗ ପ୍ରତିନିଧୀମାନଙ୍କୁ ନେଇ 'ଭାରତର ବଢୁଥିବା ବିଦ୍ୟୁତ ଆବଶ୍ୟକତା ପୂରଣରେ ନବୀକରଣୀୟ ଶକ୍ତିର ଭୂମିକା' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।



ଲୁଟେରା-ପୁଲିସକୁ ନେଇ ଚର୍ଚ୍ଚା

ସମନ୍ୱୟ ଅଭାବ ନା ସଲାସୁତରା?

ଭୁବନେଶ୍ୱର, ୧୭।୧ (ସମିସ): କମିସନରେଟ ପୁଲିସକୁ ରାଜ୍ୟର ସବୁଠାରୁ ଦକ୍ଷ ପୁଲିସ ବ୍ୟବସ୍ଥା କୁହାଯାଏ। ଚୋରି, ଲୁଟ୍ ଓ ଡକାୟତି ଭଳି ଘଟଣାରେ ଅଭିଯୁକ୍ତକୁ ଗିରଫ କରି ସମ୍ପତ୍ତି ଜବତ କରିବା ଠାରୁ ଆରମ୍ଭ କରି ନାଗରିକ ସୁରକ୍ଷାକୁ କମିସନରେଟ ପୁଲିସ ଗୁରୁତ୍ୱ ଦେଉଛି ବୋଲି ଏଠାକାର ମୁଖିଆ ସବୁବେଳେ କହି ଆସୁଛନ୍ତି। ମାମଲା ଗୁଡ଼ିକର ତଦନ୍ତ ଶୀଘ୍ର ସାରି ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଡିସିପି ମଧ୍ୟ ଅଗ୍ରାଧିକାର ଦେଉଛନ୍ତି। ହେଲେ ଏହାରି ଭିତରେ ପୁଲିସର ଅପାରଗତା ପଦାରେ ପଡ଼ିଥିବା ବେଳେ କିଛି ଅଧିକାରୀଙ୍କ ପାଇଁ କମିସନରେଟ ପୁଲିସର ଛବିକୁ ମଳିନ କରିଛି। ପୁଲିସ ରିମାଣ୍ଡ ନ ଲଗାଇବାରୁ ମାତ୍ର ୭ ଦିନ ମଧ୍ୟରେ ଜାମିନ୍ ପାଇଯାଇଛି ସୁନା ଚେନ୍ ଲୁଟେରା। ଯଦିଓ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇଛି, କିନ୍ତୁ ଏହା ତଦନ୍ତକାରୀ ଅଧିକାରୀଙ୍କ ଚରମ ଅବହେଳାକୁ ଏକପ୍ରକାର ସ୍ପଷ୍ଟ କରିଛି। ଏପରି ଘଟଣା ଦ୍ୱାରା କମିସନରେଟ ପୁଲିସର ଥାନା ଓ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି।

ଅଭିଯୁକ୍ତକୁ ଜାମିନ ପରେ ଅଧିକାରୀଙ୍କ ଚେତା ପଶିଲା



ପୂରା ଘଟଣା ଥିଲା ଏମିତି, ଗତ ୫ ତାରିଖ ଭୋରରୁ କଳିଙ୍ଗନଗର କେ-୪ର ଲିଲି ପ୍ରତାପ ସିଂହ ପ୍ରାତଃ ଭ୍ରମଣ କରୁଥିବାବେଳେ ଆକାଶ ନାଏକ, କମଳାକାନ୍ତ ଦାସ ଓ ଜଣେ ନାବାଳକ ତାଙ୍କ ଠାରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। ୬ ତାରିଖ ଦିନ ଲିଲିଙ୍କ ସ୍ୱାମୀ ଉମାକାନ୍ତ ଜୟସିଂହଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲା। ସେହିପରି ୮ ତାରିଖ ଦିନ ଭୋରରୁ କଳିଙ୍ଗନଗର କେ-୧ର ବିଦ୍ୟୁତ୍ କୁମାରୀ ମହାପାତ୍ର ମର୍ଣ୍ଣିଂ ୱାର୍କ କରୁଥିବା ବେଳେ ଆକାଶ ଓ କମଳାକାନ୍ତ ତାଙ୍କ ସୁନା ଚେନ୍ ଛଡ଼ାଇ ନେଇଥିଲେ। ସେ ସେହିଦିନ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଜାନୁଆରୀ ୧୦ ତାରିଖ ଦିନ ତମାଣ୍ଡୋ ଥାନା ପୁଲିସ ସୁନା ଚେନ୍ ଲୁଟେରା ଆକାଶ, କମଳାକାନ୍ତ ଓ ନାବାଳକକୁ ଗିରଫ କରିବା ସହ ମଙ୍ଗଳସୂତ୍ର, ସୁନା ଚେନ୍, ୩ଟି କେଏଟିଏମ୍ ବାଇକ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଥିଲା। ନାବାଳକକୁ ଜେଜେବିରେ ହାଜର କରାଯାଇଥିବା ବେଳେ ଆକାଶ ଓ କମଳାକାନ୍ତକୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଥିଲା।

ତେବେ ପଚରାଉଚରା ସମୟରେ ଅଭିଯୁକ୍ତମାନେ କଳିଙ୍ଗନଗର କେ-୧ ଅଞ୍ଚଳରେ ମଧ୍ୟ ସୁନା ଚେନ ଲୁଟ୍ କରିଥିବା ତମାଣ୍ଡୋ ଥାନା ପୁଲିସ ଆଗରେ ସ୍ୱୀକାର କରିଥିଲେ। ସମ୍ପୃକ୍ତ ଘଟଣାଟି ଭରତପୁର ଥାନା ଅଞ୍ଚଳର ହୋଇଥିବାରୁ ତମାଣ୍ଡୋ ପୁଲିସ ଏନେଇ ତାଙ୍କୁ ଅବଗତ କରାଇଥିଲା। ହେଲେ ତଦନ୍ତକାରୀ ଅଧିକାରୀ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରି ନ ଥିଲେ। ଫଳରେ ଏହାରି ଭିତରେ ଅଭିଯୁକ୍ତ ଆକାଶ ଅଦାଲତରୁ ଜାମିନ୍ ପାଇ ଯାଇଥିଲା। ଅଭିଯୁକ୍ତ ଜାମିନରେ ଆସିବା ପରେ ଯାଇ ଅଧିକାରୀଙ୍କ ଚେତା ପଶିଥିଲା। ଶନିବାର ଭରତପୁର ଥାନା ପୁଲିସ ଆକାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏପରି ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ କାଠଗଡ଼ାରେ ଛିଡ଼ା କରାଇଛି। ଏହା ଅଭିଯୁକ୍ତ ସହ ସଲାସୁତୁରା ନା ଅପାରଗତା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜନ୍ମମାଟିକୁ କେବେ ଭୁଲି ହେବନି



ସେଠି ସକାଳ ହୁଏ ଅଜଣା ପକ୍ଷୀଙ୍କର ସମ୍ମିଳିତ କାକଳିରେ ଏବଂ ସନ୍ଧ୍ୟା ଆସେ ମାଦଳ ଓ ଘଣ୍ଟର ମଧୁର ତାନରେ। ଗାଁ ମୋର ସବୁଜ ଗଛଲତାର ମେଳରେ ବେଶ ସୁନ୍ଦର ଦେଖାଯାଏ। ଢିଙ୍କି କୁଟା ଚାଉଳର ବାସ୍ନାରେ ଦାଣ୍ଡ ମହକୁଥାଏ। ସେଇ ମାଟିରେ ବିତିଛି ପିଲାଦିନ। ଚିହ୍ନା ଅଚିହ୍ନା କେତେ ସ୍ନେହଭରା ସମ୍ପର୍କଙ୍କ ଭିତରେ ସେଠି କଟିଛି ମୋ ଜୀବନର ଶ୍ରେଷ୍ଠ ସମୟ।

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମଣିଷ ହେଉଛନ୍ତି ବିଷ୍ଣୁ ପ୍ରସାଦ ରାଉତ। ଭଦ୍ରକ ଜିଲ୍ଲାର ବାଲିପାଟଣା ଗ୍ରାମରେ ତାଙ୍କ ଘର। ଦୀର୍ଘ ୧୬ ବର୍ଷ ହେବ ରାଜଧାନୀର ରହୁଛନ୍ତି। ଚିନ୍ତାମଣିଶ୍ୱର ଅଞ୍ଚଳ ଏବେ ତାଙ୍କ ଠିକଣା। ତାଙ୍କ ମତରେ ସେ ସମୟରେ ଗାଁ ବହୁତ ସୁନ୍ଦର ଥିଲା। ବର୍ତ୍ତମାନ ଯେପରି ସହରୀକରଣ ଗାଁର ସଜ୍ଞା ବଦଳାଇ ଦେଉଛି। ହେଲେ ଜନ୍ମମାଟି କେବେ ଭୁଲି ହବନି। କାରଣ ସବୁ ପରଚୟର ଠିକଣା ହେଉଛି ସେହି ସ୍ଥାନ। ଗାଁ ଦାଣ୍ଡର ଭାଗବତ ଟୁଙ୍ଗିରୁ ଭାସିଆସେ ରାମାୟଣ ଓ ଭାଗବତର ସ୍ୱର। ଜୀବିକା ଗଢିବା ପାଇଁ ସମସ୍ତେ ଦିନରାତି ପରିଶ୍ରମ କରୁଥିଲେ। ହେଲେ ସହରରେ ଚାରିଆଡେ ପ୍ରଦୂଷଣ, ଗାଡି ମୋଟରର କର୍କଶ ସ୍ୱର ଏବଂ ବିନା ସବୁଜିମାରେ ସହର ମନକୁ ବିଚଳିତ କରିପକାଏ। କର୍ମମୟ ଜୀବନ ସିନା ସମସ୍ତଙ୍କୁ ଏ ସହରକୁ ଟାଣି ଆଣିଛି। ହେଲେ ଅବସରର ସେ ସମୟରେ ଲୋକ ପୁଣି ଗାଁ ମୁହାଁ ହେଉଛନ୍ତି। କାରଣ ସେଠାରେ ହିଁ ଶାନ୍ତି ଅଛି। ଏହାଛଡା ସେଠି ସବୁ ପର୍ବପର୍ବାଣୀ, ପିଠାପଣା ଧୂମ୍‌ଧାମରେ ପାଳନ କରାଯାଏ। ସହରର ପିଲା ଆଉଟଡୋର ଖେଳ ବିଷୟରେ ସେତେ ମନ ବଳାଉ ନାହାନ୍ତି। ସାମାଜିକ ଗଣମାଧ୍ୟମକୁ ଏକ ପ୍ରକାରର ଅଭ୍ୟାସରେ ପରିଣତ କଲେଣି। ସେ ସମୟରେ ଚାଲି ଚାଲି ଆମେ ସ୍କୁଲକୁ ଯାଉଥିଲୁ। ସାଙ୍ଗସାଥୀ ମେଳରେ କେତେ ଗପ ଆସର ଜମେ। ଏଠି ପିଲାଙ୍କୁ ଗାଡି ନେଇ ସ୍କୁଲରେ ଛାଡୁଛି। ଖରାଛୁଟିକୁ ସଭିଏଁ ଅପେକ୍ଷା କରି ବସନ୍ତି। କେତେବେଳେ ସ୍କୁଲରୁ ଫେରି ମାମୁ ଘରକୁ ବୁଲି ଯିବେ। ବର୍ତ୍ତମାନ ସମୟରେ ପିଲାଙ୍କୁ ଛୁଟି ବିତେଇବା ପାଇଁ ବାହାର ରାଜ୍ୟ ଏବଂ ହିଲ ଷ୍ଟେସନକୁ ନେଇ ଯାଉଛନ୍ତି। ସେହିଭଳି ଗାଁରେ ଭୋଜି ଭାତ ହେଲେ ତଳେ ବସି କଦଳୀ ପତ୍ରରେ ଖାଇବାକେ କେତେ ସୁଖ। ହେଲେ ଏଠି କଦଳୀ ଗଛ ବି କ୍ୱଚିତ୍ ଦେଖିବାକୁ ମିଳୁଛି। ସହରରେ ଭାଇଚାରା ନାହିଁ ତା ସହ ଏଠି ସମସ୍ତଙ୍କ ପାଖେ ସମୟର ଘୋର ଅଭାବ।

ଆମେ ଗାଁରୁ ଆସିଛୁ

ଦୋକାନ ଭିତରକୁ ପଶିଗଲା କାର୍

ଭୁବନେଶ୍ୱର, ୧୭।୧(ସମିସ): ଭୁବନେଶ୍ୱର ଉପକଣ୍ଠସ୍ଥିତ ବାଳକାଟି ବଜାର ଅଟୋଷ୍ଟାଣ୍ଡ ନିକଟରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମଦ୍ୟପ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ପାଇଁ ଏକ କାର୍ ଦୋକାନ ଭିତରକୁ ପଶି ଯାଇଥିଲା। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ୫ଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଶନିବାର ବାଳକାଟି ହାଟ ପାଳି ପାଇଁ ଭିଡ଼ ଲାଗିଥିଲା। ଏହି ସମୟରେ ସରଦେଇପୁର ନିମାମଡ଼ା ରାସ୍ତାରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ମାଡ଼ି ଯାଇଥିଲା। ଫଳରେ କାର୍‌ଟି ୫ଟି ବାଇକ୍ ଉପରେ ଚଢ଼ି ଦୋକାନ ଭିତରକୁ ପଶି ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକେ କାର୍ ଚାଳକଙ୍କୁ ଅଟକାଇଥିଲେ ଏବଂ କିଛି ଉତ୍ତ୍ୟକ୍ତ ଲୋକେ କାର୍‌ଟିକୁ ଭଙ୍ଗାରୁଜା କରିଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ପୁଲିସ ପହଞ୍ଚି ମଦ୍ୟପ ଡ୍ରାଇଭରକୁ ଅଟକ ରଖିଛି।

ଏସି ଚୋରି ଗ୍ୟାଙ୍ଗ୍ ଠାବ, କବାଡ଼ିବାଲାଙ୍କ ସହ ୪ ଗିରଫ



ଭୁବନେଶ୍ୱର, ୧୭।୧(ସମିସ): ଏକ ଏସି ଚୋରି ଗ୍ୟାଙ୍ଗକୁ ଠାବ କରିଛି ଖଣ୍ଡଗିରି ଥାନା ପୁଲିସ। ଏହି ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ଚୋରି ସାମଗ୍ରୀ କିଣିଥିବା ଜଣେ କବାଡ଼ିବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋତିବୁଲ ଖାନ, ସେଖ ସମିରୁଦ୍ଦିନ ଗେନ, ସେଖ ରିଆଜ ଓ କବାଡିୱାଲା ଶେଖ ସରିଫୁରଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଚୋରା ୮ ଏସି କମ୍ପ୍ରେସର ଜବତ ହୋଇଛି।

ପୁଲିସ ସୂଚନା ମୁତାବକ, କିଛି ଦୁର୍ବୃତ୍ତ ଅଭିଯୋଗକାରୀଙ୍କ ସରକାରୀ କ୍ୱାର୍ଟର୍ସରୁ ଏସି କମ୍ପ୍ରେସର ଚୋରି କରି ନେଇଯାଇଥିଲେ। ଏନେଇ ଜାଣିବା ପରେ ଅଭିଯୋଗକାରୀ ଖଣ୍ଡଗିରି ଥାନାରେ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଏହି ମାମଲାର ତଦନ୍ତ ଚାଲୁରହିଥିବା ବେଳେ ସକାଳ ସମୟରେ ସିରିପୁର ସୌଭାଗ୍ୟନଗର ରୋଡ୍ ନିକଟରେ ତିନିଜଣ ସନ୍ଦିଗ୍ଧ ବ୍ୟକ୍ତି ପୁରୁଣା ଏସି କମ୍ପ୍ରେସର ଲୋଡ୍ ହୋଇଥିବା ଗୋଟିଏ ଟ୍ରଲି ରିକ୍ସା ସହିତ ଠିଆ ହୋଇ ତାହାକୁ ବିକ୍ରୟ କରିବାକୁ ଚେଷ୍ଟା କରୁଥିବା। ପୁଲିସ ଘଟଣାସ୍ଥଳକୁ ଯାଇ ୩ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଟିଭିଏସ ଏକ୍ସଏଲ-୧୦୦ ହେଭି ଡ୍ୟୁଟି ମୋଟରସାଇକେଲ ଏବଂ ଦୁଇଟି ଭୋଲ୍ଟାସ୍ ଏସି କମ୍ପ୍ରେସର ଜବତ କରାଯାଇଥିଲା। ଅଧିକ ପଚରାଉଚରା ପରେ ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ ସେମାନେ ଚୋରି ଏସି କମ୍ପ୍ରେସର ସାମଗ୍ରୀ ମସଜିଦ୍ କଲୋନି ୟୁନିଟ୍-୩ର ଶେଖ ସରିଫୁରଙ୍କୁ ବିକ୍ରି କରିଥିଲେ। ଏହି ଅନୁଯାୟୀ ଶେଖ ସରିଫୁରଙ୍କୁ ଗିରଫ କରାଯାଇଥିଲା। ସେ ଜାଣିଶୁଣି ଚୋରି ଏସି କମ୍ପ୍ରେସର ପାଇଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ଚାରୋଟି ସାମସଙ୍ଗ ଏସି କମ୍ପ୍ରେସର ଏବଂ ଦୁଇଟି ଏଲଜି ଏସି କମ୍ପ୍ରେସର ଜବତ ହୋଇଛି।

ଗ୍ରାହକ ବେଶରେ ସର୍ଭିସ ସେଣ୍ଟରରୁ ବାଇକ୍ ଚୋରି

ଭୁବନେଶ୍ୱର, ୧୭।୧(ସମିସ): ଗ୍ରାହକ ବେଶରେ ଆସି ସର୍ଭିସ ସେଣ୍ଟରରୁ ବାଇକ୍ ଚୋରି ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମନୋଜ ଗୋଛାୟତ ଓରଫ ଡମ୍ବରୁଧର। ଡମ୍ବରଧରଙ୍କ ଠାରୁ ଦୁଇଟି ଚୋରା ମୋଟର ସାଇକଲ୍ ଜବତ କରାଯାଇଛି।

ଗାଡି ସର୍ଭିସିଂ ପାଇଁ ସର୍ଭିସ୍ ସେଣ୍ଟରକୁ ଆଣାଯାଇଥିଲା। ଏକ ୟାମାହା ମୋଟରସାଇକେଲକୁ ଜଣେ ଅଜଣା ବ୍ୟକ୍ତି ଗ୍ରାହକ ଭାବରେ ପରିଚୟ ଦେଇ ସେଣ୍ଟର ପରିସରରେ ପ୍ରବେଶ କରି ଚୋରି କରିନେଇଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଜଣାପଡ଼ିଥିଲା ଯେ ଜଣେ ଅଜଣା ବ୍ୟକ୍ତି ଏକ କଳା ରଙ୍ଗର ହିରୋ ଡିଲକ୍ସ ମୋଟରସାଇକେଲ୍‌ରେ ସର୍ଭିସ୍ ସେଣ୍ଟରକୁ ଆସିଥିଲେ। ସେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଗ୍ରାହକଙ୍କ ପରିଆଚରଣ କରିଥିଲେ। ନିଜକୁ ଡମ୍ବରୁ ବୋଲି ପରିଚୟଦେଇଥିଲେ। ପରେ ପ୍ରାୟ ୧୨.୦୮ ଟା ସମୟରେ ଚୋରି କରିବା ଉଦ୍ଦେଶ୍ୟରେ ସର୍ଭିସ୍ ସେଣ୍ଟର ପରିସରରେ ଥିବା ୟାମାହା ମୋଟରସାଇକେଲ୍‌କୁ ସେଠାରୁ ହଟାଇ ନେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପୁଲିସ ଛାନ୍‌ବିନ୍ କରି ତାଙ୍କ ହେପାଜତରୁ ଚୋରି ୟାମାହା ମୋଟରସାଇକେଲ୍ ସହିତ ଏହାର ଚାବି ଜବତ କରାଯାଇଥିଲା। ସେହିପରି ଅପରାଧରେ ବ୍ୟବହୃତ କଳା ରଙ୍ଗର ହିରୋ ଡିଲକ୍ସ ମୋଟରସାଇକେଲ୍‌ଟିକୁ ମଧ୍ୟ ଜବତ କରିଥିଲା।

କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା

କଳା ବ୍ୟାଜ୍ ପିନ୍ଧି ପିଜି ଡାକ୍ତରଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୭।୧(ସମିସ): କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ଼ ଘଟଣାରେ ଶନିବାରଠାରୁ ପିଜିଆଇଏମ୍‌ଇଆର୍ ପିଜି ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ସେମାନେ ଜରୁରିକାଳୀନ ସେବା ସହିତ ଓପିଡି ସେବା ଜାରି ରଖିଛନ୍ତି। ହେଲେ ସରକାର ଡାକ୍ତରଙ୍କ ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ ନକରନ୍ତି, ତାହେଲେ ଆଗକୁ ଆନ୍ଦୋଳନ ଭଳି ନିଷ୍ପତ୍ତି ନିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ହସ୍ପିଟାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଅବସରପ୍ରାପ୍ତ କର୍ମଚାରୀ ନିୟୋଜିତ ହେବେ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି।



ଶନିବାର ଜୁନିଅର ଡାକ୍ତର ଆସୋସିଏସନ୍ ଛାତ୍ରଛାତ୍ରୀ ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କୁ ଭେଟିଛନ୍ତି। ଆସୋସିଏସନ୍ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଓପିଡିରେ ଆର୍ମ ଫୋର୍ସଙ୍କୁ ମୁତୟନ କରଯାଉ, ଡାକ୍ତରଙ୍କଠାରୁ ନର୍ସ ଓ ସ୍ୱାସ୍ଥ୍ୟକର୍ମଚାରୀଙ୍କୁ ସୁରକ୍ଷିତ ବାତାବରଣରେ ଯୋଗାଇ ଦେବା, ହସ୍ପିଟାଲକୁ ଆମ୍ବୁଲାନ୍ସ ଓ ଯାନବାହାନ ସୁବିଧାରେ ଯିବା ଆସିବା କରିବା ଆଦି ପାଇଁ ଦାବି କରିଛନ୍ତି।

ଏହି ଘଟଣା ନେଇ ସ୍ୱାସ୍ଥ୍ୟ ସଚିବ ଏସ ଅସ୍ୱାଥି, କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହିତ ସୁପରିନ୍‌ଟେଣ୍ଡେଣ୍ଟ ଓ ପିଜିଆଇଏମ୍‌ଇଆର୍‌ର ବିଭାଗୀୟ ଓ ଜୁନିଅର ଡାକ୍ତର ସଂଘ ସହିତ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଡାକ୍ତରଙ୍କ ସୁରକ୍ଷା ପାଇଁ ଆମେ ଯତ୍ନବାନ ଅଛୁ। ଡାକ୍ତରମାନେ ଭଲ କାମ କରୁଛନ୍ତି, ତାଙ୍କୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ। ଏସମ୍ପର୍କରେ ପୋଲିସ ପ୍ରଶାସନ ସହ ମଧ୍ୟ ସେ କଥା ହୋଇଥିବା କହିଛନ୍ତି।

ହିଂସା ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର, ୧୭।୧(ସମିସ): ଓଡ଼ିଶାରେ ହତ୍ୟା ଓ ହିଂସା ଦିନକୁ ଦିନ ଭୟାବହ ରୂପ ନେଉଥିବା ବେଳେ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଶନିବାର ମାନବତା ବଞ୍ଚାଅ ଅଭିଯାନ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ସରକାର ବଦଳିବା ପରେ ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କ ସୁରକ୍ଷା ଗଭୀର ଭାବେ ବିପନ୍ନ ହୋଇଛି। ଗୋ-ରକ୍ଷା ଓ ଧର୍ମ ନାମରେ ହିଂସା ବଢ଼ି ଚାଲିଥିବା ବେଳେ ଆଇନର ଭୟ ଅପରାଧୀଙ୍କ ମନରୁ ହଟିଯାଇଛି। ଗତ ୧୪ ତାରିଖରେ ବାଲେଶ୍ୱର ଜିଲ୍ଲାର ସାହାଡ଼ା ଗ୍ରାମ ନିକଟରେ ଶେଖ୍ ମକନ୍ଦର ମହମ୍ମଦଙ୍କୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଥିବା ଘଟଣା ସମେତ ମୟୂରଭଞ୍ଜ, ପୁରୀ ଓ ମାଲକାନଗିରିରେ ଘଟିଥିବା ଭିଡ଼ ହିଂସା ଘଟଣାଗୁଡ଼ିକ ରାଜ୍ୟରେ ଜଙ୍ଗଲ ରାଜ୍ ଚାଲିଥିବା ପ୍ରମାଣ ଦେଉଛି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ବିକ୍ଷୋଭ ସଭାରେ ଭିଡ଼ ହତ୍ୟା ଓ ଭିଡ଼ ହିଂସା ପ୍ରତିରୋଧ ପାଇଁ ରାଜ୍ୟରେ ସ୍ୱତନ୍ତ୍ର କଠୋର ଆଇନ ପ୍ରଣୟନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କଡା ପାଳନ, ପୀଡ଼ିତ ପରିବାରକୁ କ୍ଷତିପୂରଣ ଓ ଦୋଷୀଙ୍କ ସମ୍ପତି ବାଜ୍ୟାପ୍ତି ଦାବି କରାଯାଇଛି। ଦାବି ପୂରଣ ନହେଲେ ସାରା ରାଜ୍ୟରେ ବୃହତ୍ତର ଜନଆନ୍ଦୋଳନ ହେବ ବୋଲି ସଚେତନ କରାଯାଇଛି।

ଯନ୍ତ୍ରପାତି ଯୋଗାଣ ଆଳରେ ୧୨ ଲକ୍ଷ ଠକେଇ

ଭୁବନେଶ୍ୱର, ୧୭।୧ (ସମିସ): ଯନ୍ତ୍ରପାତି ଯୋଗାଣ ଆଳରେ ୧୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ କମ୍ପାନୀର ବରିଷ୍ଠ ପରାମର୍ଶଦାତାଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ମହିଳା ହେଉଛନ୍ତି ମଞ୍ଚେଶ୍ୱର ଆଦିମାତା କଲୋନୀରେ ରହୁଥିବା ଖୋର୍ଦ୍ଧା ପୋଡ଼ାଡ଼ିହର ଶୁଭଶ୍ରୀ ପଣ୍ଡା (୩୫)।

ପୁଲିସ ସୂଚନାନୁଯାୟୀ, ଗତ ଡିସେମ୍ବର ୧ ତାରିଖ ଦିନ ବିଜେବି ନଗର ଅଞ୍ଚଳରେ ଲାଲା ଗ୍ଲୋବାଲ୍ ଏଣ୍ଟରପ୍ରାଇଜେସ୍ ଏକ ନୂତନ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲା। କମ୍ପାନୀରେ ବରିଷ୍ଠ ପରାମର୍ଶଦାତା ଶୁଭଶ୍ରୀ ମେସିନ୍ ଓ ଯନ୍ତ୍ରପାତି ଉତ୍ପାଦ ଯୋଗାଣ କରିବା ଆଳରେ ବିଭିନ୍ନ ଲୋକଙ୍କ ଠାରୁ ଟଙ୍କା ଆଦାୟ କରିଥିଲେ। ବିଭୀଷଣ ମାଝୀଙ୍କଠାରୁ ୯୭ ହଜାର, ରାଧା ବେହେରାଙ୍କ ଠାରୁ ୩୫ ହଜାର, ଝରଣା ବାଗସିଂଙ୍କଠାରୁ ୮୦ ହଜା ଅମରେଶ୍ୱର ମହାନ୍ତିଙ୍କ ଠାରୁ ଏକଲକ୍ଷ ୮ ହଜାର ଟଙ୍କା ନେଇଥିଲଜ। ଶୁଭଶ୍ରୀ ମୋଟ ୩୬ ଜଣ ଗ୍ରାହକଙ୍କଠାରୁ ୧୧ ଲକ୍ଷ ୭୫ ହଜାର ୨୦୦ ଟଙ୍କା ଆଦାୟ କରିଥିଲେ ମଧ୍ୟ ଯନ୍ତ୍ରପାତି ଯୋଗାଇନଥିଲେ। ଉକ୍ତ ଟଙ୍କାକୁ ନିଜ ବ୍ୟାଙ୍କ ଆକାଉଣ୍ଟ ଓ ତାଙ୍କ ଝିଅଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ସେଥିମଧ୍ୟରୁ ୪ ଲକ୍ଷ ୧୨ ହଜାର ୭୦୦ ଟଙ୍କା ଉକ୍ତ ରାଶି ମଧ୍ୟରୁ ସେ ଅନଲାଇନ୍ କମ୍ପାନୀକୁ ଦେଇଥିବା ବେଳେ ଅବଶିଷ୍ଟ ଟଙ୍କା ଫେରସ୍ତ କରିନଥିଲେ। ଗତମାସ ୩୧ ତାରିଖ ଦିନ ଶୁଭଶ୍ରୀ ଅଫିସ୍ ଛାଡ଼ି ଚାଲି ଯାଇଥିଲେ। ଏହା ପରେ ଗ୍ରାହକମାନେ କଞ୍ଚାମାଲ ଓ ମେସିନ୍ ବିତରଣ ସମ୍ପର୍କରେ କାର୍ଯ୍ୟାଳୟକୁ ଆସି ପଚରାଉଚରା କରିଥିଲେ। ଶୁଭଶ୍ରୀ ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅନ୍ୟ ଗ୍ରାହକଙ୍କଠାରୁ ଅଧିକ ଟଙ୍କା ଆଦାୟ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ଶୁଭଶ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


ବନ୍ଧା ହେଲେ କମ୍ପାନୀର ବରିଷ୍ଠ ପରାମର୍ଶଦାତା

ବସ୍ତି ପାଲଟିଛି ଅପରାଧୀଙ୍କ ଅନ୍ତୁଡ଼ିଶାଳ

ଭୁବନେଶ୍ୱର, ୧୭।୧(ସମିସ): ଅପରାଧମୁକ୍ତ ହେବ ରାଜଧାନୀର ବସ୍ତି। ଏଥିପାଇଁ ପୁଲିସ ବସ୍ତି ବାସିନ୍ଦାଙ୍କ ସହ ଉତ୍ତମ ସମ୍ପର୍କ ରଖିବା ସହ ବନ୍ଧୁତ୍ୱର ହାତ ବଢ଼ାଇବ। ଏଭଳି ମହତ୍ ଉଦ୍ଦେଶ୍ୟ ନେଇ କମିସନରେଟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା 'ବସ୍ତିକୁ ଚାଲ' ଅଭିଯାନ। ବସ୍ତିରେ ବଢୁଥିବା ଅପରାଧ ଓ ଅପରାଧିକ କାର୍ଯ୍ୟକଳାପକୁ ରୋକିବାକୁ 'ପୁଲିସ ମିତ୍ର' ମଧ୍ୟ ନିଯୁକ୍ତି କରାଯାଇଥିଲା। ହେଲେ ଏବେ ସେସବୁ କାଗଜପତ୍ରରେ ସୀମିତ ରହିଯାଇଛି। ଆଉ 'ବସ୍ତିକୁ ଚାଲ' ଅଭିଯାନ କୋମାକୁ ଚାଲି ଯାଇଛି। ଏବେ ବସ୍ତିରେ କଥା କଥାକେ ଫୁଟୁଛି ଗୁଳିକାଣ୍ଡ ସାଙ୍ଗକୁ ବୋମାମାଡ଼ ହେବା ସହ ନୂଆ ନୂଆ ଗ୍ୟାଙ୍ଗ ମୁଣ୍ଡ ଟେକୁଛି। ବିଭିନ୍ନ ବସ୍ତିରେ ହେଉଥିବା ଗୋଷ୍ଠୀ ବିବାଦରୁ ଏହା ସ୍ପଷ୍ଟ ହୋଇଛି।

- ମୁଣ୍ଡ ଟେକୁଛି ନୂଆ ଗ୍ୟାଙ୍ଗ; ବଢୁଛି ନିଶା କାରବାର
- ଗିରଫଙ୍କ ମଧ୍ୟରେ ସିଂହଭାଗ ବସ୍ତିର
- କାମ କରୁନି ବସ୍ତିକୁ ଚାଲ ଅଭିଯାନ

ରାଜଧାନୀ ଯେତିକି କାୟା ବିସ୍ତାର କରୁଛି ରାତାରାତି ସେତିକି ନୂଆ ବସ୍ତି ଗଢ଼ିଉଠୁଛି। ପ୍ରଥମେ ସରକାରୀ ଜମି ମାଡ଼ି ବସି ଆଶ୍ରୟ ନେଇଥିବା ଲୋକ ପରବର୍ତ୍ତୀ ସମୟରେ ବିପଦଜନକ ସାବ୍ୟସ୍ତ ହେଉଛନ୍ତି। ସରକାରୀ ଜମି ଉପରେ ଛିଡ଼ା ହୋଇଥିବା ବସ୍ତି ବର୍ତ୍ତମାନ ଅପରାଧୀଙ୍କ ପେଣ୍ଠସ୍ଥଳ ପାଲଟିଛି। ଗଞ୍ଜେଇ, ବ୍ରାଉନସୁଗର କାରବାର ଠାବ ଆରମ୍ଭ କରି ଗୋଷ୍ଠୀ ସଂଘର୍ଷ ଓ ହଣାକଟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ବସ୍ତି ମାଧ୍ୟମରେ ପୁରା ରାଜଧାନୀକୁ କବଜା କରିବାକୁ ବସିଲେଣି। ବସ୍ତି ଗୁଡ଼ିକରେ ନିଶା କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ବସ୍ତି ଗୁଡ଼ିକ ଏବେ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରା ମଦ କାରବାରର ମଙ୍ଗ ଧରିଛନ୍ତି। ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡା ବୁଲାଇଥିବା କେଦାରପଲ୍ଲୀ ବସ୍ତିର ଆକାଶ ନାୟକ ଓରଫ୍ ଗୁଣ୍ଡା ଓ ତାରିଣୀ ବସ୍ତିର ଚନ୍ଦନ ନାୟକକୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଥିଲା। ସେହିପରି ସୁନା ଚେନ ଲୁଟ୍ କରିଥିବା ତାରିଣୀ ବସ୍ତିର ଆକାଶ ଓ କମଳାକାନ୍ତକୁ ଗିରଫ କରିଥିଲା ତମାଣ୍ଡୋ ଥାନା ପୁଲିସ। ଇଏ କେବଳ ଦୁଇଟି ମାମଲା ନୁହଁ, ବସ୍ତିରୁ ହିଁ ଅପରାଧୀ ତିଆରି ହେଉଥିବା ନେଇ ଶହ ଶହ ଉଦାହରଣ ରହିଛି।



ନିଶା ମାଫିଆମାନେ ପ୍ରଥମେ ବସ୍ତିରେ ରହୁଥିବା ବେକାରୀ ଯୁବକମାନଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କ ମାଧ୍ୟମରେ ବସ୍ତିରେ ନିଶା କାରବାରକୁ ବ୍ୟାପକ କରୁଛନ୍ତି। ବେକାରୀ ଯୁବକମାନେ ନିଶା ମାଫିଆଙ୍କ ଠାରୁ ନିଶାଦ୍ରବ୍ୟ ଆଣି ବିକ୍ରି କରି କମିସନ ପାଉଛନ୍ତି। ବିନା କୌଣସି ବିନିଯୋଗରେ ନିଶା କାରବାରରୁ ଟଙ୍କା ଉପାର୍ଜନ ହେବାପରେ ଗଣ୍ଡଗୋଳର ସୂତ୍ରପାତ ଆରମ୍ଭ ହେଉଛି। ଏଭଳି ସହଜ ଉପାୟରେ ଅର୍ଥ ଉପାର୍ଜନ ପାଇଁ ଅସାମାଜିକ ଯୁବକମାନେ ନିଜର ଗ୍ୟାଙ୍ଗ୍ ତିଆରି କରୁଛନ୍ତି। ଏହାପରେ ନିଶା କାରବାରକୁ କେନ୍ଦ୍ରକରି ହଣାକଟା ଓ ଗୋଷ୍ଠୀ ସଂଘର୍ଷ ହେଉଛି। ଏହାକୁ ନେଇ ବସ୍ତିରେ ଆତଙ୍କ ସୃଷ୍ଟି ହେବା ସହ ଗୁଳି ଓ ବୋମା ଫୁଟୁଛି। ଦିନେ ବସ୍ତିରେ ବେକାରୀ ହୋଇ ବୁଲୁଥିବା ଯୁବକ ରାତାରାତି ଅପରାଧୀ ହୋଇ ଉଭା ହେଉଛି।

ବସ୍ତିର ଅସାମାଜିକ ଯୁବକ ନିଶା କାରବାର ଟଙ୍କାରୁ ଗ୍ୟାଙ୍ଗ ଗଢ଼ିବା ପରେ ଆଉ ପାଦେ ଆଗକୁ ଯାଉଛନ୍ତି। ଆଖପାଖରେ ଥିବା ସରକାରୀ ଜମି ଉପରେ ନଜର ପକାଉଛନ୍ତି। ଏକାକୀ ନଯାଇ ପାଖ ଗାଁ ଗୁଡ଼ିକର ଯୁବକଙ୍କୁ ସାଥୀ କରୁଛନ୍ତି। ପରେ ବସ୍ତି ଓ ପାଖ ଗାଁର ଯୁବକ ମିଶି ସରକାରୀ ଜମିକୁ କବଜା କରୁଛନ୍ତି। ଏହାପରେ ଜମି ଜବରଦଖଲକୁ ନେଇ ଆରମ୍ଭ ହେଉଛି ଗୋଷ୍ଠୀ ବିବାଦ। ବିବାଦରୁ ଗୁଳିକାଣ୍ଡ ଓ ବୋମାମାଡ଼ ଭଳି ସାଙ୍ଘାତିକ ଅପରାଧଘଟାଇବାକୁମଧ୍ୟପଛାଉନାହାନ୍ତି। ବସ୍ତିରୁଆରମ୍ଭ ହୋଇଥିବା ନିଶା କାରବାରର ଧାରା ପରେ ବଡ଼ ବଡ଼ ଅପରାଧ ଘଟାଉଛି। ବସ୍ତିରେ ଅପରାଧ ରୋକିବା ଲାଗି କମିସନରେଟ ପୁଲିସର ପକ୍ଷରୁ ଆରମ୍ଭ କରାଯାଇଥିବା ବସ୍ତିକୁ ଚାଲ ଅଭିଯାନ ଏକପ୍ରକାର ଫେଲ୍ ମାରିଛି।



ଭୁବନେଶ୍ୱର ସିଟି

କୁମ୍ଭମେଳା ପାଇଁ ବିଏମ୍‌ସିର ସମୀକ୍ଷା ବୈଠକ

୧୦୦ କ୍ୟାମେରା ଜଗିବ ଖଣ୍ଡଗିରି ମେଳା

ଭୁବନେଶ୍ୱର, ୧୭।୧(ସମିସ): ଖଣ୍ଡଗିରି କୁମ୍ଭ ମେଳା ପାଇଁ ଭୁବନେଶ୍ୱର ମହାନଗର ନିଗମ ଏକାମ୍ର ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହୋଇଛି। ସେନେଇ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ।

ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଉଛି। ଚଳିତ ବର୍ଷ ମେଳା ଅଞ୍ଚଳ ତଥା ଖଣ୍ଡଗିରି ଛକରୁ ଜୟଦେବ ଭାଟିକା ପର୍ଯ୍ୟନ୍ତ ଅଞ୍ଚଳ ସିସିଟିଭି ନଜରରେ ରହିବ। ସମଗ୍ର ମେଳା ଅଞ୍ଚଳରେ ୧୦୦ ଟି ସିସିଟିଭି ଲାଗିବ। ବିଭିନ୍ନ ସ୍ଥାନରେ ପୁଲିସ ଓ ବିଏମ୍‌ସି ଏନଫୋର୍ସମେଣ୍ଟ ମୁତୟନ ରହିବେ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୁଲିସକୁ ସହାୟତା କରିବାକୁ ଟ୍ରାଫିକ୍ ୱାର୍ଡେନଙ୍କୁ ମୁତୟନ କରାଯାଉଛି। ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜନସାଧାରଣ ନିଜର ନିଜର ଯାନବାହନ ଏଣେତେଣେ ନ ରଖି କେବଳ ପାର୍କିଂ ସ୍ଥାନରେ ରଖିବା ପାଇଁ କୁହାଯାଇଛି। ଯେ କୌଣସି ଦୁର୍ଘଟଣା ପାଇଁ ୨୪ ଘଣ୍ଟିଆ ଅଗ୍ନିଶମ ବାହିନୀ ସଜାଗ ରହିବେ। ସେଠାରେ ଫାୟାର, ପୁଲିସ, ବିଏମ୍‌ସି ଓ ମେଡିକାଲ କଣ୍ଟ୍ରୋଲ ରୁମ୍ ମଧ ଖୋଲାଯାଉଛି।



ସେହିପରି ମେଳା ପାଇଁ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯାଉଛି। କୋଳଥିଆ ଜଗନ୍ନାଥ ମନ୍ଦିରଠାରୁ ଖଣ୍ଡଗିରି ପାହାଡ ଉପର ପର୍ଯ୍ୟନ୍ତ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯାଉଛି। ସେହିପରି ଯାତ୍ରା ପାର୍ଟିମାନେ ଅଶ୍ଳୀଳ ନୃତ୍ୟ ନ କରିବା ପାଇଁ ବିଧାୟକ ଓ ମେୟର ଅନୁରୋଧ କରିଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସେଠାରେ ଥିବା ଟ୍ୟୁବୱେଲଗୁଡ଼ିକ ମଧ କାର୍ଯ୍ୟକ୍ଷମ କରାଯାଇଛି।

ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିବର୍ଷ ଶହ ଶହ ସାଧୁ ସନ୍ନ୍ୟାସୀ ଖଣ୍ଡଗିରି କୁମ୍ଭ ମେଳାକୁ ଆସିଥାନ୍ତି। ସେମାନଙ୍କର ରହିବା, ଖାଇବା, ଟଏଲେଟ୍ ଆଦି ସହ ହୋମ, ଯଜ୍ଞ ପାଇଁ ମଧ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ବୁଲା ବିକାଳିଙ୍କୁ ଖଣ୍ଡଗିରି କୁମ୍ଭ ମେଳାରେ ବ୍ୟବସାୟ କରିବା ପାଇଁ ବାରଣ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ପାଟରାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ଥାନ ସଂରକ୍ଷଣ କରାଯାଇଛି। କାରଣ ସେହିମାନେ ମେଳା ଆରମ୍ଭରୁ ହିଁ ଏଠାରେ ଦୋକାନ ବଜାର ପକାଇ ଆସୁଛନ୍ତି। ତେଣୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଏବଂ ଅଧିକ ସ୍ଥାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଯେଉଁ ବିଭାଗର କିଛି କାର୍ଯ୍ୟ ବାକି ରହିଛି, ସେମାନେ ୨୩ ତାରିଖ ସୁଦ୍ଧା କାମ ସାରିବାକୁ ତାଗିଦ କରାଯାଇଛି। ଆସନ୍ତା ୨୩ ତାରିଖ ଦିନ ମେୟରଙ୍କ ସହ ଏକାମ୍ର ବିଧାୟକ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ସ୍ଥାନୀୟ କର୍ପୋରେଟର ବୃନ୍ଦ ଓ ଜାଗମରା ଗ୍ରାମ୍ୟ କମିଟି କର୍ମକର୍ତ୍ତା ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଷ୍ଟାଣ୍ଡିଂ କମିଟି ଅଧକ୍ଷ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏକାଧିକ ବିଭାଗର ପ୍ରମୁଖ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ମ୍ୟୁଜିକ ସର୍କଲ ପକ୍ଷରୁ 'ମୁଜିକ୍ ଇନ ପାର୍କ'

ଭୁବନେଶ୍ୱର, ୧୭।୧(ସମିସ): ମ୍ୟୁଜିକ ସର୍କଲ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କରେ 'ମୁଜିକ୍ ଇନ ପାର୍କ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯେଉଁଥିରେ 'ଲଭେବୁଲ ରାଗଜ୍' ଆଧାରିତ ସଙ୍ଗୀତ ପରିବେଷଣ ହୋଇଥିଲା। ପାରମ୍ପରିକ ସଙ୍ଗୀତ ପ୍ରତି ରୁଚି ରଖୁଥିବା ଲୋକଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପାର୍କରେ ଆୟୋଜିତ ହୋଇଥିଲା। ମ୍ୟୁଜିକ ସର୍କଲ ପକ୍ଷରୁ ପ୍ରତି ଶୀତ ଋତୁରେ ଦୁଇରୁ ତିନୋଟି କାର୍ଯ୍ୟକ୍ରମ ପାର୍କରେ ଆୟୋଜିତ ହୋଇଥାଏ। ଏଥିରେ ସ୍ୱପ୍ନାରାଣୀ ପାତ୍ର ଏବଂ ଧୃତିମୟ ବେହେରା ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ଏଥିରେ ରତିକାନ୍ତ ବେହେରା, ସଞ୍ଜୟ ରାଉତ ଏବଂ ପ୍ରିୟରଞ୍ଜନ ମହାନ୍ତି ସହଯୋଗ କରିଥିଲେ।

ସୁବୀର ଦାସଙ୍କୁ ପ୍ରଣବ ପରମ୍ପରା ସମ୍ମାନ

ଭୁବନେଶ୍ୱର, ୧୭।୧(ସମିସ): ସମ୍ଭାବନା ପକ୍ଷରୁ କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆସନ୍ତା ଜାନୁଆରୀ ୧୯ରେ ପ୍ରଣବ ପରମ୍ପରା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଜୟଦେବ ଭବନଠାରେ ସୌ÷ରଭ ନାୟକ, ଗୌ÷ତମ ଗିରି, ହରପ୍ରିୟା ସ୍ୱାଇଁ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥି, ସତ୍ୟ ସାର୍ଥକ ମହାପାତ୍ର ପ୍ରମୁଖ ବହୁ ପ୍ରତିଷ୍ଠିତ ସଙ୍ଗୀତ ଶିଳ୍ପୀମାନେ ପ୍ରଣବ ସଙ୍ଗୀତ ପରିବେଷଣ କରିବେ। ପ୍ରତିବର୍ଷ ଏହି ଅବସରରେ ଓଡ଼ିଆ ସଙ୍ଗୀତ ଗାୟନ ପାଇଁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଏହି ସମ୍ମାନ ବେତାର କଣ୍ଠଶିଳ୍ପୀ ସୁବୀର ଦାସଙ୍କୁ ପ୍ରଦାନ କରାଯିବ। ଏସମ୍ପର୍କରେ ସଂସ୍କୃତି ସମୀକ୍ଷକ ସୂର୍ଯ୍ୟ ଦେଓ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ ସେନାପତି, ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ପ୍ରଫୁଲ୍ଲ ଦେ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ମାଧମରେ ସୂଚନା ଦେଇଥିଲେ। ପୂର୍ବରୁ ବୀଣାପାଣି ନାୟକ, ଦେବାଶିଷ ମହାପାତ୍ର, ଡ. ସଙ୍ଗୀତା ଗୋସାଇଁ, ଇନ୍ଦ୍ରାଣୀ ମିଶ୍ର ଆଦି ଏହି ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିସାରିଛନ୍ତି।

କିମ୍‌ସରେ ବର୍ଷକର ଶିଶୁର ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୭ ।୧(ସମିସ):କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ (କିମସ)ରେ ଜଣେ ଏକ ବର୍ଷ ବୟସର ଶିଶୁଠାରେ ଜଟିଳ ଓ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଶିଶୁଟିର ମୁଣ୍ଡର ଆକାର ଅସ୍ୱାଭାବିକ ରହିଥିବା ବେଳେ ଆଖି ଫୁଲିବା ଓ ବୃଦ୍ଧି ବିଳମ୍ବ ହେଉଥିଲା ଏପରି ଅବସ୍ଥାରେ ଶିଶୁଟିକୁ ପରିବାର ଲୋକେ କିମ୍‌ସ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ଶିଶୁଟି କ୍ରୁଜନ୍ ସିଣ୍ଡ୍ରୋମ୍‌ରେ ପୀଡ଼ିତ ଓ ଖପୁରୀ ଭିତରେ ବିପଜ୍ଜନକ ଭାବରେ ଉଚ୍ଚ ଚାପ ଥିବା ଜଣାପଡ଼ିଥିଲା। କିମ୍‌ସର ବିଶେଷଜ୍ଞମାନେ ଶିଶୁଠାରେ ସଫଳତାର ସହ କ୍ରାନିଓଫେସିଆଲ୍ ଅସ୍ତ୍ରୋପଚାର କରିଥିଲେ। କିମସର ପ୍ରଫେସର ସୁନୀଲ କୁମାର ରାଉତ (ପ୍ଲାଷ୍ଟିକ୍ ସର୍ଜରୀ), ପ୍ରଫେସର ଦୀପ୍ତି ରଞ୍ଜନ ଶତପଥୀ (ନ୍ୟୁରୋସର୍ଜରୀ), ବରିଷ୍ଠ ଆନାସ୍ଥସିଓଲୋଜିଷ୍ଟ ଡ. ସଞ୍ଜୟ କୁମାର ମାଝୀ ଓ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ସେବାରଞ୍ଜନ ବିଶ୍ୱାଳଙ୍କ ନେଇ ଏକ ବହୁମୁଖୀ କ୍ରାନିଓଫେସିଆଲ୍ ବିଶେଷଜ୍ଞ ଦଳ ଏଥିରେ ସାମିଲ ଥିଲେ। ଏଭଳି ବିରଳ ଓ ସଫଳ ଚିକିତ୍ସାରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜପଥ ପାଟ୍ରୋଲିଂ ଟିମଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର, ୧୭ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ରାଜ୍ୟର ରାଜପଥଗୁଡ଼ିକୁ ଆହୁରି ସୁରକ୍ଷିତ କରିବା ଲକ୍ଷ୍ୟରେ ରାଜପଥ ପାଟ୍ରୋଲିଂ ଅଧିକାରୀମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ୧୭ଟି ଜିଲ୍ଲାରୁ ଆସିଥିବା ୫୦ରୁ ଅଧିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ସଡ଼କ ଦୁର୍ଘଟଣା ହ୍ରାସ, ପାଟ୍ରୋଲିଂର ଭୂମିକା, ବିଭାଗୀୟ ସମନ୍ୱୟ ଓ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସର ପ୍ରମୁଖ ପ୍ରକଳ୍ପ ଅଧିକାରୀ ତଥା ଅବସରପ୍ରାପ୍ତ ପ୍ରଶାସକ ଗଙ୍ଗାଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ପରିବହନ କମିଶନର (ସଡ଼କ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର, ଭୁବନେଶ୍ୱର- ୨ ଆରଟିଓ ସନତ ଜେନା, ଅବସରପ୍ରାପ୍ତ ଆରଟିଓ ଅଧିକାରୀ ରବିନ୍ ପଟ୍ଟନାୟକ ମତ ଉପସ୍ଥାପନ କରି ଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟିର ଲକ୍ଷ୍ମଣ ସ୍ୱାଇଁଙ୍କଠାରୁ ସଡ଼କ ଦୁର୍ଘଟଣା ପରେ ପ୍ରାଥମିକ ଚିକିତ୍ସା ଏବଂ ଜରୁରିକାଳୀନ ପ୍ରତିକ୍ରିୟା କେତେ ଗୁରୁତ୍ୱପୂର୍ଣ୍ଣ ଓ ଏହା କିଭଳି କରାଯାଇପାରିବ ତାହାର ଲାଇଭ ଦେଖାଇଥିଲେ।

୧୯ରେ ଓୟୁଟିଆର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୧୭ ।୧(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ତୃତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱର ରେଳ ଅଡିଟୋରିୟମ ଠାରେ ହେବାକୁ ଥିବା ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସଭାପତିତ୍ୱ କରିବେ। ଏନେଇ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସୂଚନା ଦେଇଛନ୍ତି। ସମାବର୍ତ୍ତନ ଉତ୍ସବରେ ୭୩୯ ସ୍ନାତକ, ୩୩୭ ସ୍ନାତକୋତ୍ତର, ପ୍ରଥମ ଥର ପାଇଁ ୪ଜଣଙ୍କୁ ପିଏଚ୍‌ଡି, ୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏହାସହ ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ, ୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯିବ ବୋଲି ପ୍ରଫେସର ବିଶ୍ୱାଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ମୀରା ବିଶ୍ୱବନ୍ଧ୍ୟା, ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ପ୍ରଫେସର ରଞ୍ଜନ କୁମାର ଜେନା, ପ୍ରଫେସର ଅରୁଣା ତ୍ରିପାଠୀଙ୍କ ସମେତ ବହୁ ଅଧାପକ ଅଧାପିକା ଉପସ୍ଥିତ ଥିଲେ।

ଭୁବନେଶ୍ୱର ଦୁଗ୍ଧ ଉତ୍ପାଦନକାରୀ ସଂଘ ସଭାପତି ହେଲେ ପୀତାମ୍ବର

ଭୁବନେଶ୍ୱର, ୧୭ ।୧(ସମିସ): ଦୁଗ୍ଧ ଉତ୍ପାଦନକାରୀ ସଂଘ ଭୁବନେଶ୍ୱରର ସଭାପତି ଭାବେ ପିତାମ୍ବର ବେହେରା ନିର୍ବାଚିତ ହୋଇଛନ୍ତି। ଶନିବାର ବାୟାବାବା ମଠ କାର୍ଯ୍ୟାଳୟରେ ଭୁବନେଶ୍ୱରର ସମସ୍ତ ଦୁଗ୍ଧଚାଷୀ ସଦସ୍ୟ ଉପସ୍ଥିତ ରହି ଶ୍ରୀ ବେହେରାଙ୍କୁ ସଭାପତି ଭାବେ ନିର୍ବାଚିତ କରିଛନ୍ତି। ରାଜଧାନୀର ଦୁଗ୍ଧ ଚାଷୀ ମାନଙ୍କର ଅଧିକାର ପାଇଁ ଲଢେଇ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ବେହେରା, କାଳନ୍ଦୀ ବେହେରା, ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

ଫେବୃୟାରୀ ୧୨ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧୭ ।୧(ସମିସ) କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନବିରୋଧୀ ନୀତି ପ୍ରତିବାଦରେ ଆସନ୍ତା ମାସ ୧୨ ତାରିଖରେ ସର୍ବଭାରତୀୟ ଧର୍ମଘଟ କରାଯିବ। ଏହି ଧର୍ମଘଟକୁ ସଫଳ କରିବାକୁ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍‌ୟୁନିଅନ ଓ ସ୍ୱାଧୀନ ଫେଡେରେସନମାନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ରେଡକ୍ରସ ଭବନ ଠାରେ ଆୟୋଜିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କର ରାଜ୍ୟ ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀରେ କେନ୍ଦ୍ର ସରକାରଙ୍କର ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ଶ୍ରମିକ ଓ କର୍ମଚାରୀମାନଙ୍କର ୧୪ ଦଫା ଦାବି ପୂରଣ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନାକୁ ଦୁର୍ବଳ କରାଯାଉଥିବା ପ୍ରଚେଷ୍ଟା ବିରୋଧରେ ତୀବ୍ର ଆପତ୍ତି ପ୍ରକାଶ ପାଇଛି। ଏହି ଧର୍ମଘଟକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ସହିତ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍/ଏଲ) ଲିବରେସନ ଓ ଫରୱାର୍ଡ ବ୍ଲକ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ସମ୍ମିଳନୀରେ ରାଜନୈତିକ ଦଳ ପକ୍ଷରୁ ସିପିଆଇଏମର ନେତା ଜନାର୍ଦ୍ଦନ ପତି, ସିପିଆଇ ନେତା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇଏମଏଲ ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଏସୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ କମିଟି ସଦସ୍ୟ ସୁରେନ୍ଦ୍ର ପ୍ରଧାନ ଓ ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା କ୍ଷୀରୋଦ ନାରାୟଣ ସିଂ ଦେଓ, ବୃହସ୍ପତି ସାମଲ, ଅଜୟ ମହାନ୍ତି, ରୂପ ନାରାୟଣ ସାହୁ, ମହେନ୍ଦ୍ର ପରିଡ଼ା ଆଦି ଧର୍ମଘଟକୁ ସଫଳ କରିବାକୁ ଡାକରା ଦେଇଥିଲେ।

ଦୁଇଦିନ ବଢ଼ିଲା ଶିଶିର ସରସ ମେଳା

ଭୁବନେଶ୍ୱର, ୧୭ ।୧(ସମିସ): ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଶିଶିର ସରସ ମେଳା ଅବଧି ଆଉ ଦୁଇ ଦିନକୁ ବୃଦ୍ଧି କରାଯାଇଛି। ୧୮ ତାରିଖରେ ସମାପ୍ତ ହେବାକୁ ଥିବା ଏହି ମେଳା ୧୯ ଓ ୨୦ରେ ମଧ ଖୋଲା ରହିବ। ଅଷ୍ଟମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ଅଷ୍ଟମ ଦିନରେ ସୁନ୍ଦରଗଡ଼ର ମହୁଆ ଉତ୍ପାଦ, ବେଷ୍ଟ ଫୁଡ୍ ଷ୍ଟଲରେ ମୟୂରଭଞ୍ଜର ଖାଦ୍ୟ, ବେଷ୍ଟ ଆଉଟସାଇଡ୍ ଷ୍ଟେଟ୍ ଇନୋଭେଟିଭ ପ୍ରଡ଼କ୍ଟରେ ତ୍ରିପୁରା ବାଉଁଶ କାମ, ବାଲେଶ୍ୱରର ଲାଖ କାମକୁ ବେଷ୍ଟ ଥିମ୍ ଷ୍ଟଲ ପୁରସ୍କାର ସହ କୋରାପୁଟ ଷ୍ଟଲକୁ ବେଷ୍ଟ ପ୍ୟାକେଜିଂ, ବେଷ୍ଟ ଡିସ୍‌ପ୍ଲେ ଗୁଜରାଟ ଷ୍ଟଲ, ବେଷ୍ଟ ସେଲ୍ସମ୍ୟାନ୍ ଯାଜପୁର ଷ୍ଟଲକୁ ପୁରସ୍କୃତ କରାଯାଇଛି। ଏହାସହ ମେଳାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଗୋଷ୍ଠୀ ଭିତ୍ତିକ ସଂଗଠନ (ସିବିଓ) ମାନଙ୍କୁ ସେମାନଙ୍କର ଅନନ୍ୟ କୃତି ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଓରମାସ ଏବଂ ଆଇସିଏଆର-ସିପିସିଆରଆଇ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଆଇସିଏଆର-ସିପିସିଆରଆଇର ନିର୍ଦ୍ଦେଶକ ଡ. କେ.ବି. ହେବାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ଏହି ଚୁକ୍ତି ଅନୁଯାୟୀ, ନଡ଼ିଆର ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦର ବିକାଶ ପାଇଁ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ, ଯାହା ସ୍ଥାନୀୟ କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ନୂତନ ଜୀବିକା ପନ୍ଥା ସୃଷ୍ଟି କରିବ। ପ୍ରାରମ୍ଭରେ ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିବା ବେଳେ ସଞ୍ଜୀବ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ଆଇସିଏଆର-ସିପିସିଆରଆଇ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

ଦ୍ୱିତୀୟ ସନ୍ଧ୍ୟାରେ କର୍ଣ୍ଣାଟକୀ ସଙ୍ଗୀତ ଓ ସନ୍ତୁର ବାଦନ

ଭୁବନେଶ୍ୱର, ୧୭ ।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଓ ସନ୍ତୁର ବାଦନର ମୂର୍ଚ୍ଛନାରେ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଥିଲା। ପ୍ରଥମେ ଚେନ୍ନାଇର ସୁମିତ୍ରା ବାସୁଦେବଙ୍କ ଦ୍ୱାରା କର୍ଣ୍ଣାଟକୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀର ପଣ୍ଡିତ ଅଭୟ ରୁସ୍ତମ ସୋପୋରୀ ଏବଂ ସାଥିଙ୍କ ଦ୍ୱାରା ସନ୍ତୁର ବାଦନ କରିଥିଲେ। ତାଙ୍କ ସହ ପଖୱାଜରେ ରିଷି ଶଙ୍କର ଉପାଧ୍ୟାୟ, ତବଲାରେ ଉଜ୍ଜିତ ଉଦୟ କୁମାର ଏବଂ ଘଟମରେ ବରୁଣ ରାଜାଶେଖରନ ଥିଲେ। ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପ୍ରଫେସର ଅପର୍ଣ୍ଣା ସୋପୋରି, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଡ. ସାଧନା ଶ୍ରିବାସ୍ତବ ଓ ଡ. ସଙ୍ଗୀତା ଗୋସାଇଁ।

୧୬ କୋଟିର କେନାଲର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ବାଲିଅନ୍ତା, ୧୭ ।୧(ସମିସ): ପ୍ରାଚୀ ଡିଭିଜନ ବାଲିଅନ୍ତା କେନାଲ ସବ ଡିଭିଜନ ଅଧୀନ ବାଲିଅନ୍ତା ସାଇଫନ ଛକସ୍ଥିତ ଗୋପ ଶାଖା କେନାଲର ବିକାଶ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ୧୬ କୋଟି ୧୯ ଲକ୍ଷ ୪୫ ହଜାର ଟଙ୍କା ମଞ୍ଜୁର ହୋଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୪ କିମି ପର୍ଯ୍ୟନ୍ତ କେନାଲ ଶଯ୍ୟା ଉନ୍ନତୀକରଣ କରାଯିବ। ସାଇଫନ ଛକ ଠାରୁ ବେଣୁପୁର ପର୍ଯ୍ୟନ୍ତ ୨୫୫୦ ମିଟର ନଦୀ ଶଯ୍ୟାର ଉଭୟ ପାର୍ଶ୍ୱ କଂକ୍ରିଟ ଲାଇନିଂ କାର୍ଯ୍ୟ କରାଯିବ। ସେଠାରୁ ରାମଚନ୍ଦ୍ରପୁର ପର୍ଯ୍ୟନ୍ତ କେନାଲର ଜଳଧାରଣ କ୍ଷମତା ବଞ୍ଚାଇବା ପାଇଁ ଉନ୍ନତୀକରଣ କରାଯିବ। ପ୍ରତି ୨୦୦ ମିଟର ବ୍ୟବଧାନରେ ଜନ ସାଧାରଣ ସ୍ନାନ ସେଚ ପାଇଁ ପାହାଚ ନିର୍ମାଣ କରାଯିବ। ସେହିପରି ୭୪୪ ମିଟର କେନାଲବନ୍ଧ ସୁଦୃଢ଼ୀକରଣ କରାଯିବ। ଜଳସେଚନ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ୬ଟି ଜଳ ନିଷ୍କାସନ ପଥ (ଶୋଠ) ମରାମତି କରାଯିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, ସାଂସଦଙ୍କ ପ୍ରତିନିଧି ଚୌଧୁରୀ ଦ୍ୱାରିକା ନାଥ ଦାଶ, ମଣ୍ଡଳ ସଭାପତି ପ୍ରେମାନନ୍ଦ ଖୁଣ୍ଟିଆଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



'ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ'ରେ ସୋଆ ଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର, ୧୭ ।୧(ସମିସ):'ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ କମ୍ପ୍ୟୁଟର ସାଇନସ୍ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ଅଖିଳ କୁମାର ଦ୍ୱିବେଦୀ। ଶ୍ରୀ ଦ୍ୱିବେଦୀ 'ବିକଶିତ ଭାରତ ପାଇଁ ଭବିଷ୍ୟତ ପ୍ରସ୍ତୁତ କାର୍ମିକ ଶକ୍ତି ଗଢ଼ିବା' ଥିମାଟିକ୍ ଟ୍ରାକ୍ ଅଧୀନରେ ଅଂଶଗ୍ରହଣ କରିଥିଲେ। ଚୟନ ପ୍ରକ୍ରିୟା ଏକାଧିକ ପର୍ଯ୍ୟାୟରେ ହୋଇଥିଲା ଏବଂ ଏଥିରେ ଓଡ଼ିଶାରୁ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଭାଗ ନେଇଥିଲେ। ଭୁବନେଶ୍ୱର ଫେରିବା ପରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଶ୍ରୀ ଦ୍ୱିବେଦୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

ଉପନ୍ୟାସ 'ସନ୍ଦେହର ସଳିତା' ଉନ୍ମୋଚିତ

ଭୁବନେଶ୍ୱର, ୧୭ ।୧(ସମିସ): ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବିଧାନସଭା ପରିସରରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ କବି ଅପର୍ଣ୍ଣା ମହାନ୍ତି, କଥାକାର ପ୍ରବୀଣା ମହାନ୍ତି, ପ୍ରକାଶକ ସରୋଜ ବଳ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

୨୭ରୁ ଉତ୍ତରପୁରୁଷ ନାଟ୍ୟ ପରିକ୍ରମା

ଭୁବନେଶ୍ୱର, ୧୭ ।୧ (ସମିସ):ଭୁବନେଶ୍ୱରର ପୁରାତନ ନାଟ୍ୟ ସଂସ୍ଥା ଉତ୍ତର ପୁରୁଷର ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ଚଳିତ ଜାନୁଆରୀ ମାସ ୨୭ରୁ ଆୟୋଜିତ ହେବ ଉତ୍ତର ପୁରୁଷ ନାଟକ ପରିକ୍ରମା -୨୦୨୬। ଏହି ଅବସରରେ ରବୀନ୍ଦ୍ର ମଣ୍ଡପରେ ତିନି ଦିନ ଧରି ତିନୋଟି ନାଟକ ପରିବେଷଣ ହେବ। ପ୍ରଥମ ସନ୍ଧ୍ୟା ଅର୍ଥାତ୍ ୨୭ ତାରିଖରେ ୨୧ ବର୍ଷୀୟ ଜଣେ ଯୁବ ନାଟ୍ୟକାରଙ୍କ ପ୍ରଥମ ଲିଖିତ ନାଟକ 'ଅଦୃଷ୍ଟ' ପରିବେଷଣ ହେବ। ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'କର୍ଣ୍ଣ' ମଞ୍ଚସ୍ଥ ହେବ। ସେହିପରି ଶେଷ ସନ୍ଧ୍ୟାରେ ନାଟକ 'ରାଜଜେମା' ମଞ୍ଚସ୍ଥ ହେବାକୁ ଯାଉଛି।

ବିଦ୍ୟାଳୟ ଶିକ୍ଷାରେ ମାନସିକ ସ୍ୱାସ୍ଥ୍ୟ ଓ ଭାରତୀୟ ଜ୍ଞାନ ପରମ୍ପରାର ପ୍ରସାର କର୍ମଶାଳା

ଭୁବନେଶ୍ୱର, ୧୭ ।୧(ସମିସ): ଏନ୍‌ସିଇଆର୍‌ଟିର ମନୋଦର୍ପଣ ବିଭାଗ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ 'ବିଦ୍ୟାଳୟ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରା ଓ ମାନସିକ ସ୍ୱାସ୍ଥ୍ୟ ପ୍ରଚଳନ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ମନୋଦର୍ପଣ ବିଭାଗର ମୁଖ୍ୟ ପ୍ରଫେସର ବିନୋଦ କୁମାର ସାନ୍ୟାଲ୍ 'ଉମ୍ମିଦ ମାର୍ଗଦର୍ଶିକା'କୁ ବିଭିନ୍ନ ଭାରତୀୟ ଭାଷାରେ ଏହାର ଅନୁବାଦ ହେଉଥିବା ସୂଚନା ଦେଇଛନ୍ତି। ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଲକ୍ଷ୍ମୀଧର ବେହେରା, ଡ. କଳିଙ୍ଗ କେତକୀ, ଡ. ବେଦପ୍ରକାଶ ବର୍ମାଙ୍କ ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହର ବିଷୟ ବିଶେଷଜ୍ଞମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ଓ ଉଦ୍‌ବେଗକୁ ହ୍ରାସ କରି ସାମଗ୍ରିକ ଭାବେ ସେମାନଙ୍କ ବିକାଶ ଉପରେ ଆଲୋଚନା କରିଥିଲେ। ବିଶେଷଜ୍ଞ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ଜୟନ୍ତ କୁମାର ନାୟକ, ପ୍ରଫେସର ଦେବେନ୍ଦ୍ର କୁମାର ବିଶ୍ୱାଳ, ଡ. ସୁଭଦୀପ ପାଲ, ଡ. ଯୋଗାମାୟା ପଣ୍ଡା, ଡ. ବେନ୍ନି ଜୟ, ଡ. ଏସ୍‌ଏମ୍ ଅବାସ ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବାଣ୍ଟିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ।


ଅହଙ୍କାରକୁ ଏକ ମନସ୍ତାତ୍ତ୍ୱିକ ତ୍ରୁଟି: ଆଚାର୍ଯ୍ୟ ପ୍ରଶାନ୍ତ

ଭୁବନେଶ୍ୱର, ୧୭ ।୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାର୍ଶନିକ ଏବଂ ଲେଖକ ଆଚାର୍ଯ୍ୟ ପ୍ରଶାନ୍ତ କହିଛନ୍ତି, ଅହଙ୍କାରକୁ ଏକ ମନସ୍ତାତ୍ତ୍ୱିକ ତ୍ରୁଟି ଭାବରେ ବର୍ଣ୍ଣନା କରିଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ ଏବଂ ସମ୍ ହସ୍ପିଟାଲ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି), ଭୁବନେଶ୍ୱର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରଶାନ୍ତଙ୍କୁ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଏବଂ ଭୁବନେଶ୍ୱର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି)ର ପ୍ରଫେସର ଗୌତମ ସାହା ସମ୍ମାନିତ କରିଥିଲେ।

ଓଡ଼ିଶାର ବଜ୍ରଜାନ ବୌଦ୍ଧ ଧର୍ମ ଆଲୋଚନାଚକ୍ର

'ସ୍ୱାଟ୍ ଭେଲି' ପାକିସ୍ଥାନର ନୁହେଁ; ମହାନଦୀ କୂଳରେ ଅବସ୍ଥିତ

ଭୁବନେଶ୍ୱର, ୧୭ ।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରସ୍ଥିତ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ଶନିବାର 'ଓଡ଼ିଶାର ବଜ୍ରଜାନ ବୌଦ୍ଧ ଧର୍ମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ୍ଟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ମିତାଲି ଚିନାରା, ମୁଖ୍ୟବକ୍ତା ଫରାସୀ ଗବେଷକ ଡ଼. ଫେଡ଼େରିକ୍ ମୋରନଭାଲ, ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ପ୍ରଫେସର ଜୟନ୍ତୀ ଡ଼ୋରା, ଡ଼. ଅନାମ ବେହେରା, ଡ଼. ସୁଶାନ୍ତ କୁମାର ପାତ୍ର, ଡ଼. ଅଜିତ ସାହୁ ଏବଂ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନ କରି ଖୋଲାଯାଇଥିବା ଐତିହ୍ୟ ସଂରକ୍ଷଣ ଉତ୍କର୍ଷ କେନ୍ଦ୍ର ଏହି ଦିଗରେ ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ମୁଖ୍ୟ ଅତିଥି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଡ଼.ଫେଡ଼ିକଙ୍କ ମୋରନଭାଲ ତାଙ୍କ ବକ୍ତବ୍ୟରେ ବଜ୍ରଜାନ ବୌଦ୍ଧ ଧର୍ମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହିତ ସେ କହିଥିଲେ ଲୁମ୍ବିନ୍ ହେଉଛି ସିଦ୍ଧାର୍ଥଙ୍କ ଜନ୍ମସ୍ଥାନ। ସେ ହେଉଛନ୍ତି ପ୍ରଥମ ବୁଦ୍ଧ। ପଦ୍ମ ସମ୍ଭବ ଦ୍ୱିତୀୟ ବୃଦ୍ଧ ଏବଂ ତାଙ୍କର ଜନ୍ମ ସ୍ଥାନ ହେଉଛି ଓଡ଼ିଶା (ସମ୍ବଲପୁର)। ସେ ଏହାକୁ ପ୍ରମାଣିତ କରିବାକୁ ଯାଇ ଅନେକ ଗ୍ରନ୍ଥ ଏବଂ ପରିବ୍ରାଜକଙ୍କ ଲେଖନୀର ଉପସ୍ଥାନା କରିଥିଲେ। ଏଥିସହିତ ଜଳବାୟୁ, ଉଭିଦ ବିଜ୍ଞାନ ପ୍ରଭୃତିର ଉଦାହରଣ ଦେଇ ପୂର୍ବରୁ ପ୍ରଚଳିତ ଥିବା ଉଦ୍ୟାନ ପୀଠ 'ସ୍ୱାଟ ଭେଲି' ପାକିସ୍ଥାନର ନୁହେଁ, ଉଦ୍ୟାନପୀଠ ଓଡ଼ିଶାର ମହାନଦୀ କୂଳରେ ଅବସ୍ଥିତ। ପଦ୍ମ ସମ୍ଭବ ପଦ୍ମରୁ ସର୍ପିତ ପଦ୍ମଫୁଲ ଓଡ଼ିଶାର ପୁଷ୍କରିଣୀଗୁଡ଼ିକରେ ପ୍ରସ୍ଫୁଟିତ ହୋଇଥାଏ। ତାହା ୱାଟ ଭେଲି ବରଫାବୃତ ଅଞ୍ଚଳରେ ପ୍ରସ୍ଫୁଟିତ ହୁଏ ନାହିଁ। ସେହିଭଳି ଭାବରେ ସେ ଚମ୍ପାଫୁଲର ଉଦାହରଣ ମଧ ଉପସ୍ଥାପନା କରିଥିଲେ। ଉଡ଼୍ୟାନ ପୀଠ ବୌଦ୍ଧ ଧର୍ମର ଉତ୍ପତ୍ତିସ୍ଥଳ ସହିତ ଇନ୍ଦ୍ରଭୂତି ରାଜାଙ୍କ ସମ୍ପୃକ୍ତ ଏବଂ ଜଗନ୍ନାଥଙ୍କ ଉଲ୍ଲେଖ ପ୍ରଭୃତି ବୋଦ୍ଧଧର୍ମ, ତନ୍ତ୍ର ଧର୍ମ ଗ୍ରନ୍ଥରେ ଉଲ୍ଲେଖ ରହିଅଛି। ଏହିସବୁ କାରଣ ସହିତ ଉଡ଼୍ୟାନ ପୀଠ ଓଡ଼ିଶା ଏବଂ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ଓଡ଼ିଶାର ସମ୍ବଲପୁର ଅଞ୍ଚଳ ହୋଇଥିବାର ଉଲ୍ଲେଖ କରିଥିଲେ। ଏହି ଆଲୋଚନାଚକ୍ରରେ ଡ଼. ଅନାମ ବେହେରା ବିଭାଗୀୟ ସଂଯୋଜକ ସ୍ୱାଗତ ଭାଷଣ ଦେଇଥିବାବେଳେ, ଡ଼. ସୁଶାନ୍ତ କୁମାର ପାତ୍ର ବିଷୟ ବସ୍ତୁ ବିବରଣୀ ପାଠ କରିଥିଲେ। ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଅନେକ ଗବେଷକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।



ଶ୍ରୀରାମଙ୍କ ଦିବ୍ୟଧନୁକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



ସାଲେପୁର,୧୭।୧(ସମିସ): ସନ୍ଧ୍ୟାରେ ଶ୍ରୀରାମ ଧନୁ ସୁସଜ୍ଜିତ ରଥରେ ସାଲେପୁର ନିର୍ବାଚନମଣ୍ଡଳୀର ଦ୍ୱୀପାଞ୍ଚଳର ରଟିଲୋ ହନୁମାନ ମନ୍ଦିରରେ ପହଞ୍ଚିବା ପରେ ସେଠାରୁ ସହସ୍ରାଧିକ ଭକ୍ତ ଶୋଭାଯାତ୍ରାରେ ଦ୍ୱୀପାଞ୍ଚଳ ପରିକ୍ରମା କରାଇଥିଲେ। ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଘଣ୍ଟ, ଘଣ୍ଟା, ଖୋଳ, କୀର୍ତ୍ତନ ଓ ଶଙ୍ଖଧ୍ୱନିରେ ଏକ ଶୋଭାଯାତ୍ରାରେ ସାଲେପୁର କଲେଜରୋଡ୍ ଦେଇ ସାହେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ପ୍ରଭୁ ଶ୍ରୀରାମଙ୍କ ଧନୁ ଜଗତ୍‌ସିଂହପୁର ଜିଲ୍ଲାରୁ ବାହାରି ସାଲେପୁରଠାରେ କଟକ ଜିଲ୍ଲାକୁ ପ୍ରବେଶ କରିଥିଲା। ଏହି ଅବସରରେ ରଟିଲୋ ହନୁମାନ ମନ୍ଦିର, ବିଶେଶ୍ୱର ମନ୍ଦିର, ରୋଧପୁର ଶାରଳା ମନ୍ଦିର, ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସାହେଶ୍ୱରୀ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ମାଛୁଆତି ତାରିଣୀ ମନ୍ଦିର ସମେତ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ଛକରେ ଦିବ୍ୟ ଧନୁକୁ ଭକ୍ତିପୂତ ପୂଜାର୍ଚ୍ଚନା କରିବା ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଧନୁକୁ ଦର୍ଶନକରିବାକୁ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ କରାଯାଇଥିଲା। ସତ୍ୟବାଦୀ ଚଇନି, ଚିତ୍ତରଂଜନ ଶତପଥୀ, ସତ୍ୟଶିବସୁନ୍ଦର କର, ଯଶୋବନ୍ତ ରାଉତ, କେଦାରଶନ ସାହୁ, ତ୍ରୈଲୋକ୍ୟନାଥ ପଣ୍ଡା, ମୁନା ଜେନାଙ୍କ ସମେତ ଶତାଧିକ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଯୁକ୍ତ ଦୁଇ ଛାତ୍ରୀଙ୍କ ଆତ୍ମହତ୍ୟା



ସାଲେପୁର,୧୭ ।୧(ସମିସ): ଜଣେ ଯୁକ୍ତ ଦୁଇ ଛାତ୍ରୀ ବେକରେ ଶାଢ଼ି ବାନ୍ଧି ଶୋଇବା ଘରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ମୃତ ଛାତ୍ରୀ ହେଲେ ରାହାମା ଅଞ୍ଚଳର ବର୍ଷା ନନ୍ଦ। ସାଲେପୁର ଥାନା ଅନ୍ତର୍ଗତ ନାନ୍ଦୋଳଗଡ଼ା ଗ୍ରାମରେ ନିଜ ବଡ଼ବାପାଙ୍କ ଘରେ ରହି ବହୁଗ୍ରାମ କଲେଜରେ ଯୁକ୍ତ ଦୁଇରେ ଅଧ୍ୟୟନ କରୁଥିଲେ। ପରିବାର ଲୋକେ ଏ ସଂପର୍କରେ ସାଲେପୁର ପୁଲିସକୁ ଖବର ଦେଲା ପରେ ପୁଲିସ ଘଟଣାସ୍ଥଳରୁ ଶବ ଜବତ କରି ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ପରେ ଆଜି ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଛାତ୍ର ଜଣକ କ'ଣ ପାଇଁ ଆତ୍ମ୍ ହତ୍ୟା କଲେ ତାହା ସ୍ପଷ୍ଟ ଜଣାପଡିନାହିଁ।

ସ୍ୱାସ୍ଥ୍ୟ ସଚେତନତା ମିନି ମାରାଥନ୍



କିଶନନଗର,୧୭।୧(ସମିସ): କଟକ ସଦର ଅନ୍ତର୍ଗତ ସୋମପୁର କିଶନନଗର ରାସ୍ତାର ବୁଢିଆଣୀ ମନ୍ଦିର ନିକଟରେ ଥିବା ଇଂରାଜୀ ମାଧ୍ୟମ ଉଇସଡମ ପବ୍ଲିକ ସ୍କୁଲ ପକ୍ଷରୁ ଶନିବାର ପ୍ରତିଷ୍ଠାତା ନିର୍ଦ୍ଦେଶକ ବିବେକାନନ୍ଦ ଭୂୟାଁଙ୍କ ଆହ୍ୱାନକ୍ରମେ ପରିଚାଳନା ନିର୍ଦ୍ଦେଶକ ପ୍ରିତମ ଚୌଧୁରୀଙ୍କ ପରିଚାଳନାରେ ସ୍ୱାସ୍ଥ୍ୟ ହିଁ ସମ୍ପଦ ସଚେତନତା ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ଗୀତାଞ୍ଜଳି ନାୟକ, ମୁସ୍ତାକ ଅହମ୍ମଦ, ରଶ୍ମିରଞ୍ଜନ ରଣା, ସାହେବା ଅଞ୍ଜୁମ, ମୌସୁମୀ ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

ଅବସରପ୍ରାପ୍ତ ଖଣି ଅଧୀକ୍ଷକଙ୍କ ବିୟୋଗ



ନିଶ୍ଚିନ୍ତକୋଇଲି,୧୭ ।୧(ସମିସ): କଟରପଡ଼ା ପଞ୍ଚାୟତ ପିଠାପଡ଼ା ଗ୍ରାମର ମୁରବୀ ତଥା ଖଣି ବିଭାଗର ଅବସରପ୍ରାପ୍ତ ଅଧୀକ୍ଷକ ଧରଣୀଧର ପାତ୍ର (୯୧)ଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଜୀବନ ବଲ୍ଲଭ, କନ୍ୟା ଦୀପାଞ୍ଜଳି, ସ୍ମିତାଞ୍ଜଳି ଓ ପୁଷ୍ପାଞ୍ଜଳି ଉପସ୍ଥିତ ଥିଲେ। ମର ଶରୀରକୁ ଗ୍ରାମକୁ ଅଣାଯାଇ ଶ୍ମଶାନରେ ଦାହ କରାଯାଇଛି। ପୁତ୍ର ଜୀବନ ବଲ୍ଲଭ ମୁଖାଗ୍ନି ଦେଇଥିଲେ। ପ୍ରାକ୍ତନ ସରପଞ୍ଚ ସନ୍ତୋଷ ପାତ୍ର, ଶିକ୍ଷାବିତ୍ ଫକୀର ଚରଣ ନାୟକ, ଇତିବାଳା ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅଡ଼ଶପୁର ତ୍ରିଛକିରେ ଜବରଦଖଲ ଉଚ୍ଛେଦ

କଣ୍ଠପଡ଼ା,୧୭।୧(ସମିସ): ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ତ୍ରିଛକିରେ ଶନିବାର ଅଦାଲତ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ୬ଟି ଦୋକାନକୁ ଉଚ୍ଛେଦ କରାଯାଇଛି। ଅଡ଼ଶପୁର ଗ୍ରାମର ସଂଜୟକୁମାର ନାୟକ ଦୀର୍ଘବର୍ଷ ହେବ ତ୍ରିଛକି ନିକଟରେ ୬ଟି ଦୋକାନଘର କରି ଭଡ଼ା ସୂତ୍ରରେ ଲଗାଇଥିଲେ। ମାତ୍ର ଉକ୍ତ ଜାଗା ଉରାଡ ଗ୍ରାମର ଦିଲୀପ କୁମାର ମହାପାତ୍ର (ବାପା ମୁଶେଶ୍ୱର ମହାପାତ୍ର)ଙ୍କ ହୋଇଥିବା କାରଣରୁ ଜୋରଜବରଦସ୍ତ ଦଖଲ କରିଥିବା ନେଇ ଶ୍ରୀ ମହାପାତ୍ର ଅଦାଲତରେ ମାମଲା ରୁଜୁ କରିଥିଲେ। ଦୀର୍ଘ ବର୍ଷର ବ୍ୟବଧାନ ପରେ ଅଦାଲତର ନିର୍ଦ୍ଦେଶକ୍ରମେ ଓଲଟପୁର ଓ ଗୋବିନ୍ଦପୁର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସହାୟତାରେ ଉକ୍ତ ବିବାଦୀୟ ଦୋକାନଗୁଡିକୁ ଭାଙ୍ଗି ଦିଆଯାଇଛି।

ଇଟାଭାଟି ପ୍ରଦୂଷଣରେ ଲଗାମ୍ ନାହିଁ

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ-ପ୍ରଶାସନର ସମନ୍ୱୟ ଅଭାବ



କଟକ,୧୭।୧(ସମିସ):

ବର୍ତ୍ତମାନ ଶୀତ ଋତୁରେ ପ୍ରଦୂଷଣ ସ୍ତର ବୃଦ୍ଧି ଚିନ୍ତାଜନକ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ନାନା କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ଗାଁଗହଳିରେ ବେଆଇନ ଇଟାଭାଟି ଜଳୁଛି। କୋଇଲା ଧୂଆଁରେ ଏଥିପାଇଁ ଆଖପାଖ ବାୟୁମଣ୍ଡଳ ଆଚ୍ଛାଦିତ ହେବା ସହ ପ୍ରଦୂଷଣ ବୃଦ୍ଧି ପାଉଛି। ଗ୍ରାମାଞ୍ଚଳରେ ଚିନ୍ତା ବଢ଼ାଇଦେଇଛି ଏହିଭଳି ଶହଶହ ବେଆଇନ ଇଟାଭାଟି।

ମିଳିଥିବା ସୂଚନାନୁସାରେ, ଏଭଳି ଇଟାଭାଟିଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କୌଣସି ଅନୁମତି ପ୍ରଦାନ କରାଯାଉନାହିଁ। କେବଳ ଜିଲ୍ଲାରେ ଥିବା ସ୍ଥାୟୀ ଚିମନିଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏନଓସି(ନୋ ଅବଜେକ୍ସନ ସାର୍ଟିଫିକେଟ) ଏକାନ୍ତ ଅପରିହାର୍ଯ୍ୟ। ଫଳରେ ଛୋଟ ଛୋଟ ଇଟାଭାଟି ପାଇଁ ସେଭଳି କିଛି କଟକଣା ଲଗାଇପାରୁନାହିଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏ ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ପାଇଁ ଏନଫୋର୍ସମେଣ୍ଟ କଡାକଡି ହୋଇପାରୁନି।

ବାର୍ଷିକ ଜଣେ ଜଣେ ବ୍ୟବସାୟୀ ୫ରୁ ୧୦ଲକ୍ଷ ଇଟା ପୋଡୁଛନ୍ତି। ଏମାନେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍କାନରରେ ରହୁ ନଥିବାର ପରିଲକ୍ଷିତ ହୋଇଛି। ଜିଲ୍ଲାର ଅନେକ ଚିମିନି ଭାଟି ବି ଏନଓସି ନନେଇ ଇଟା ପୋଡୁଥିବାର ଅଭିଯୋଗ ହେଉଛି।

ଜିଲ୍ଲାର ୧୪ଟି ବ୍ଲକରେ ପ୍ରାୟ ୫୮ଟି ସ୍ଥାୟୀ ଇଟାଭାଟି ତଥା ଚିମନି ଥିବା ଜଣାପଡିଛି। ଏଥିମଧ୍ୟରୁ ଅଧିକାଂଶର ଏନଓସି ନଥିବାର ଜଣାପଡିଛି। ଏନଓସି ନଥିବା ଚିମିନି ଇଟାଭାଟିଗୁଡିକୁ ବନ୍ଦ କରିବାକୁ ବୋର୍ଡ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କୁହାଯାଇଥିଲେ ବି ତହସିଲ ପ୍ରଶାସନ କିନ୍ତୁ ନିରବଦ୍ରଷ୍ଟା ସାଜୁଛନ୍ତି। ଜିଲ୍ଲାରେ ତହସିଲ ପ୍ରଶାସନକୁ ଏନଓସି ନେଇ ନଥିବା ଇଟାଭାଟିଗୁଡିକ ସଂପର୍କରେ ଅବଗତ କରାଯାଉଥିବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜଣାପଡିଛି। ତହସିଲଦାରମାନେ ଚାହିଁଲେ ଏଗୁଡିକୁ ବନ୍ଦ କରିପାରିବେ; କିନ୍ତୁ ଏକ୍ଷେତ୍ରରେ କାଗଜକଲମ ଅଧିକ, ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କମ ରହୁଛି। ଏଗୁଡିକ ଜନବସତି ନିକଟରେ ସ୍ଥାପନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ନିୟମ ମଧ ରହିଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ମଧ ସ୍ପଷ୍ଟ ଗାଇଡଲାଇନ ରହିଛି। ଏଗୁଡିକୁ ଠିକ ଭାବେ ଅନୁଧ୍ୟାନ କରାଯାଇପାରୁନାହିଁ। ଇଟାଭାଟି ବ୍ୟତୀତ ଛୋଟମୋଟ ଇଟାଭାଟିଗୁଡିକ ଉପରେ ଆଦୌ ଅଙ୍କୁଶ ରହୁ ନଥିବାର ଅଭିଯୋଗ ହେଉଛି। ଇଟାଭାଟି ଗୁଡିକ ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ଥାନୀୟ ତହସିଲ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର କର୍ତ୍ତୃତ୍ୱ ରହିବା କଥା ହେଲେ ଏହା ଠିକ ଭାବେ ସଂପାଦନ ହେଉନାହିଁ।

ଗ୍ରାମାଞ୍ଚଳରେ ଜଳୁଛି ଶତାଧିକ ଭାଟି

ଏ ସଂପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀଙ୍କ କହିବାନୁସାରେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ତହସିଲଦାରଙ୍କ ରହିଛି। ସେହିପରି ଗାଁ ଗହଳିରେ ଯେଉଁ ଛୋଟ ଇଟାଭାଟିଗୁଡିକ ପୋଡାଯାଉଛି ସେଗୁଡିକୁ ତହସିଲ ପ୍ରଶାସନ ଯାଞ୍ଚ କରିବା କଥା। ଏପରିକି ପୋଡା ଯାଉଥିବା ଇଟା ସଂଖ୍ୟା ଅନୁସାରେ ଟିକସ ଆଦାୟ କରିବାର ନିୟମ ରହିଛି। କିନ୍ତୁ ଏହି ନିୟମ ସଠିକ ଢଙ୍ଗରେ ପାଳନ କରାଯାଉ ନଥିବାର ଜଣାପଡିଛି। ସ୍ଥାନୀୟ ରାଜସ୍ୱ ନୀରୀକ୍ଷକମାନେ ସଂପର୍କରେ ରିପୋର୍ଟ ଦେଲା ପରେ ଇଟାଭାଟିଗୁଡିକର ଚାଲାଣ କଟାଯାଇଥାଏ। ଅନେକ ସମୟରେ ଇଟା ବ୍ୟବସାୟୀମାନେ ଯେତିକି ସଂଖ୍ୟାର ଇଟା ପୋଡିଥାନ୍ତି ତା'ଠାରୁ କମ ଇଟା ଦର୍ଶାଇଥାନ୍ତି। ଫଳରେ ତହସିଲର ରାଜସ୍ୱ ତ ହାନି ହୁଏ ଅନ୍ୟପଟରେ ଇଟାଭାଟି ସଂପର୍କରେ ସଠିକ ତଥ୍ୟ ମିଳୁ ନଥିବା ଜଣାପଡ଼ିଛି।

ଗଞ୍ଜେଇ ଜବତ; ଦୁଇ ଗିରଫ

ଆଠଗଡ଼, ୧୭।୧(ସମିସ): ଶନିବାର ସକାଳେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଆଠଗଡ଼ ଥାନା ଅଧିନ ଗୁଣ୍ଡିଚାପୁର ଛକରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ସହିତ ଗୋଟିଏ ବାଇକ୍ ଜବତ କରାଯାଇଛି। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମର ଗୟାଚାନ୍ଦ ସାହୁ (୬୨) ଏବଂ ତାରେଶ ପ୍ରସାଦ ମହାପାତ୍ର (୬୩) ଗୋଟିଏ ବାଇକ୍ (ଓଡି୦୬ ୪୧୮୩) ରେ ଏହି ଗଞ୍ଜେଇ ଢେଙ୍କାନାଳ ଅଞ୍ଚଳକୁ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ଧରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଯାଞ୍ଚ କରାଯାଇ ପୁଲିସ ଗିରଫ କରିବା ସହ ଶନିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ବିବାଦର ଅନ୍ତ; ଅରିଲୋରେ ଖୋଲିବ ଧାନମଣ୍ଡି

କିଶନନଗର, ୧୭।୧(ସମିସ): ଦୀର୍ଘ କିଛି ଦିନ ହେଲା ସ୍ଥାନ ନିରୂପଣକୁ ନେଇ ଅରିଲୋ ଧାନ ମଣ୍ଡି ବିବାଦ ଘେରରେ ରହିଥିଲା। ଯେଉଁଥିପାଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଆସୁଥିଲା। ଦୀର୍ଘ ୧୦ ବର୍ଷ ଧରି ସୋମପୁର ନିକଟରେ ଅରିଲୋ ମଣ୍ଡି ଖୋଲା ହେଉଥିଲା କିନ୍ତୁ କିଛି ଚାଷୀଙ୍କ ମଧ୍ୟରେ ବିବାଦ ଦେଖାଯିବାରୁ ମଣ୍ଡି ସମବାୟ ସମିତି ନିକଟରେ ଖୋଲିବାକୁ ନେଇ ଦାବି କରିଥିଲେ। ଏନେଇ ମଣ୍ଡି ୭ ତାରିଖରୁ ଖୋଲିବାର ହୋଇଥିଲେ ମଧ ତାହା ଖୋଲା ଯାଇ ନଥିଲା। ଚାଷୀଙ୍କ ଅଭିଯୋଗ ପରେ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଅରିଲୋଠାରେ ମଣ୍ଡି ଖୋଲିଯିବ ବୋଲି ଜଣାପଡିଛି। ଶନିବାର ସମିତି କାର୍ଯ୍ୟାଳୟ ପରିସରରେ ସଭାପତି କୈଳାସ ଦାସଙ୍କ ଆବାହକତ୍ୱରେ ଚାଷୀ, ସମିତି ସଭ୍ୟସଭ୍ୟା ଓ କ୍ରୟକମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ପ୍ରଶାସନର ନିଷ୍ପତ୍ତିକୁ ଗ୍ରହଣ କରାଯାଇ ଆସନ୍ତା ସୋମବାର ଅରିଲୋଠାରେ ମଣ୍ଡି ଉଦଘାଟନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବୈଠକ



କଟକ,୧୭।୧(ସମିସ): ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବାର୍ଷିକ କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ କନିଷ୍ଠ ସହାୟକଙ୍କ ଚାକିରି ସମ୍ବନ୍ଧୀୟ ଭବିଷ୍ୟତ, କ୍ୟାଡର ଗଠନ, ପଦୋନ୍ନତି ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ସଂଘର ସଭାପତି ପ୍ରିତମ ଏକ୍ସିଲନ୍ ଉପସ୍ଥାପନା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଦାବି ସ୍ୱରୂପ ଉଚ୍ଛେଦ ହୋଇଥିବା ପରିସଂଖ୍ୟାନ ସହାୟକଙ୍କ କ୍ୟାଡର ଗଠନ, ଗ୍ରେଡେସନ ତାଲିକା ଓ ସମୟୋଚିତ ପଦୋନ୍ନତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ସଂଘର ଏକ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ସଂଘର ସମ୍ପାଦକ ପଦାରବିନ୍ଦ କର ଧନ୍ୟବାଦ ଦେଇଥିଲେ। ରାମଚନ୍ଦ୍ର ସ୍ୱାଇଁ, ସିଦ୍ଧାନ୍ତ କୁମାର ସାହୁ, ବିନିତା ପ୍ରିୟଦର୍ଶିନୀ ମିଶ୍ର, ଶୁଭ୍ରାଂଶୁ ଶେଖର ସାହୁ, ହିରମ୍ ତୁରୁକ, ମଧୁସ୍ମିତା ପରିଡ଼ା, ବିକ୍ରମ କେଶରୀ, କମେଶ୍ୱର ସିଂହ, ବନ୍ଦିତା ଦେହୁରୀ, ସୌମ୍ୟରଞ୍ଜନ, ଅଭିଜିତ ସୁତାର, ରାଜେଶ ଦେହୁରିଆ, ରାଜକୁମାର ନାୟକ ଉପସ୍ଥିତ ଥିଲେ।

ଗଡ଼ାପୋଖରୀ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ



ବଡମ୍ବା,୧୭।୧(ସମିସ): ବଡମ୍ବା ବ୍ଲକ୍ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ଶନିବାର ଚତୁର୍ଥ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ବେହେରା ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଚଳିତବର୍ଷଠାରୁ ଏହି ଦୁଇ ଶ୍ରେଣୀରେ ପାସ ଓ ଫେଲ ବ୍ୟବସ୍ଥା ରହିବ ବୋଲି ସୂଚନା ପ୍ରଦାନ କରି ସମାପ୍ତି ସୂଚକ ଆକଳନ ୧ର ଫଳାଫଳ ଉପରେ ମଧ ଚର୍ଚ୍ଚା କରାଯାଇଥିଲା। ବ୍ଲକ ସଦର ମହକୁମାର ଅତି ନିକଟରେ ଥାଇ ମଧ ବିଦ୍ୟାଳୟଟି ସେହି ପୁରୁଣା ଘର ରହିଥିବାରୁ ଏହାକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଶିକ୍ଷୟିତ୍ରୀ ଶାନ୍ତିଲତା ଦେଇ, ଅନିତା ନାଏକ, ଶତ୍ରୁଘ୍ନ ବେହେରା, ହରପ୍ରିୟା ସାହୁ, ବିଜୟ କୁମାର ନାଏକ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ଶିକ୍ଷକ ସତୀଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱନାହାକାଣୀରେ ଟବାକୋମୁକ୍ତ ସଚେତନତା



ଟାଙ୍ଗୀ,୧୭।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାଣୀ ସରକାରୀ ହାଇସ୍କୁଲ ପରିସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଟବାକୋମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୁଷ ଚିକିତ୍ସକ ଡ଼ ସସ୍ମିତା ପଣ୍ଡା, ସୁପରଭାଇଜର ହରିପ୍ରୀୟା ସେନାପତି, ବିଜୟ କୁମାର ସାହୁ ଓ ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯିବା ସହ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଇସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ସଦର ବ୍ଲକ୍ ବିଜେଡି ସଭାପତି ହେଲେ ବିଭୂତି



କନ୍ଦରପୁର,୧୭।୧(ସମିସ): କଟକ ସଦର ବ୍ଲକ ବିଜୁ ଜନତା ଦଳ ସଭାପତି ଭାବେ ତଥା ବରିଷ୍ଠ ସଂଗଠକ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ମହାନ୍ତି ମନୋନୀତ ହୋଇଛନ୍ତି। ବିଭୂତି ହେଉଛନ୍ତି ୪ ନମ୍ବର ଉରାଳି ଜିଲ୍ଲା ପରିଷଦ ଜୋନର ବିଜେଡ଼ି ନେତା। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା କର୍ମକର୍ତ୍ତା ଓ ସଂଗଠନର ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ କହିଛନ୍ତି।

ଜିଲ୍ଲାସ୍ତରୀୟ ଭିବି ଜୀ-ରାମ-ଜୀ କର୍ମଶାଳା

କଟକ, ୧୭।୧ (ସମିସ):



ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ଜିଲ୍ଲାରେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜୀ-ରାମ-ଜୀ)ର ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୫ଟି ନିର୍ବାଚନମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଏବଂ ଭିବି ଜୀ-ରାମ-ଜୀ ମଣ୍ଡଳ ସଂଯୋଜକମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସଂପାଦକ ସ୍ମୃତିରଞ୍ଜନ ମିଶ୍ର ଅତିଥି ପରିଚୟ କରିଥିଲେ। ଜିଲ୍ଲା ପ୍ରଭାରୀ ଇଂ ଜ୍ଞାନଦେବ ବେଉରା, ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବରିଷ୍ଠ ବିଜେପି ନେତା ହୃଷୀକେଶ ଜେନା ଏବଂ ଲଲାଟେନ୍ଦୁ ବହୁ ଜିଲ୍ଲାର ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଭିବି ଜୀ-ରାମ-ଜୀର ରାଜ୍ୟ ସଂଯୋଜକ ଶ୍ରୀ ପାଢ଼ୀ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିଥିବାବେଳେ, ଜିଲ୍ଲା ପ୍ରଭାରୀ ଇଂ ବେଉରା ପ୍ରତ୍ୟେକ ପଞ୍ଚାୟତ ଏବଂ ବୁଥ୍ ସ୍ତରରେ ସାଧାରଣ ଲୋକଙ୍କ ନିକଟରେ ଭିବି ଜୀ-ରାମ-ଜୀର ଉଦ୍ଦେଶ୍ୟ ଏବଂ ଲାଭ ସମ୍ବନ୍ଧରେ ପହଞ୍ଚାଇବା ମୂଳ ଲକ୍ଷ୍ୟ ହେଉ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଇନ୍ଦ୍ରମଣି ମଲ୍ଲିକ, ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଜଗନ୍ନାଥ ପରିଡା, ସୁନୀଲ ଦ୍ୱିବେଦୀ, ବସନ୍ତ କୁମାର ଜେନା, ଦେବାଶିଷ ଘୋଷ, ସୁରେଶଚନ୍ଦ୍ର ଜେନା, ବିପ୍ଳବିନୀ ଦାସ, ଜିଲ୍ଲା ସଂପାଦକ ବୈରାଗୀ ଚରଣ ପ୍ରଧାନ, ସ୍ୱାଧୀନ ମହାନ୍ତି, ଲଲାଟେନ୍ଦୁ ଦାସ, ଅନୀତା ମିଶ୍ର, ସରୋଜ ସ୍ୱାଇଁ, ସରିତା ଶୁକ୍ଳ, ପ୍ରଭାତ କୁମାର ଜେନା, ସୁଜତା ନନ୍ଦ, କୋଷାଧ୍ୟକ୍ଷ ପ୍ରଭୋଦ କୁମାର ବଡପଣ୍ଡା, ସହ କୋଷାଧ୍ୟକ୍ଷ ମଙ୍ଗଳଚାନ୍ଦ ମିଶ୍ର, କାର୍ଯ୍ୟାଳୟ ସଂପାଦକ ପ୍ରଶାନ୍ତ ଦାସ, ସହ ସଂପାଦକ ଶୁଭମ ସ୍ୱାଇଁ, ସୁରଜ ଦାସ, ମନୋରମା ରାଉତ, ମଧୁସ୍ମିତା ପ୍ରଧାନ, କଳ୍ପନା ବେହେରା, ସଂଯୁକ୍ତା ମିଶ୍ର, ମାମିନା ମହାନ୍ତି, ନିର୍ମଳ ଆଚାର୍ଯ୍ୟ, ପ୍ରତିମା ସ୍ୱାଇଁ, ମମତା ନନ୍ଦି, ଶୁଭଶ୍ରୀ ସାମଲ, ସ୍ୱର୍ଣ୍ଣଲତା ସେଠୀ, ସବିତା ବେହେରା, କଳ୍ପନା ଦାସ, ସୁଜତା ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଅନ୍ୟତମ ସାଧାରଣ ସଂପାଦକ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।



କଟକ ସିଟି



୨୫୦ ଚୋରା ମଦ ବେପାରୀ ଫେରାର୍

୧୧୦ ଜଣଙ୍କ ନାଁରେ ଲାଗୁହେବ ଏନ୍ଏସ୍ଏ

କଟକ,୧୭ ।୧(ସମିସ): ଦିନକୁ ଦିନ ବଢ଼ି ଚାଲିଛି ଚୋରା ମଦ ବ୍ୟବସାୟ। ଏହି ଚୋରା କାରବାର କରୁଥିବା ମଦ ବେପାରୀଙ୍କୁ ଧରିବାରେ ଅବକାରୀ ବିଭାଗ କର୍ମଚାରୀ ବିଫଳ ହେଉଥିବା ଦେଖିବାକୁ ମିଳିଛି। ମଦ ମାଫିଆ ତଥା ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ କଠୋର ହେବା ପରିବର୍ତ୍ତେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। କଟକ ସହର ସମେତ ଜିଲ୍ଲାରେ ଥିବା ଚୋରା ମଦ ବ୍ୟବସାୟୀ ଦିନକୁ ଦିନ ସେମାନଙ୍କ କାରବାର ବୃଦ୍ଧି ଘଟାଉଛନ୍ତି। ବିପୁଳ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ, ସେମାନଙ୍କୁ ଗିରଫ କରାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେମାନେ ଜାମିନ୍‌ରେ ମୁକୁଳି ପୁଣି ଥରେ ଏହି କାରବାର କରୁଛନ୍ତି। ଅଧିକାଂଶ ଚୋରା ମଦ ମାଫିଆ ଫେରାର୍ ହୋଇ ଯାଉଥିବା ସୂଚନା ରହିଛି। ସହର ସମେତ ଜିଲ୍ଲାର ୯ଟି ଅବକାରୀ ଷ୍ଟେସନ୍ ଓ ୨ଡିଭିଜନ୍ ପକ୍ଷରୁ ୨୪ଘଣ୍ଟିଆ ଚଢ଼ଉ ଜାରି ରହିଥିଲେ ମଧ୍ୟ ଏହା ଫଳପ୍ରଦ ହୋଇ ପାରୁନାହିଁ। ଏଥି ପାଇଁ ଅବକାରୀ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କଟକ ସହର ସମେତ ସମଗ୍ର ଜିଲ୍ଲାରେ ୧୧୦ଜଣ ଚୋରା ନିଶା ବେପାରୀ ଫେରାର୍ ହୋଇଯାଇଥିବା ଦର୍ଶାଇ ସେମାନଙ୍କ ବିରୋଧରେ ଏନ୍ଏସ୍ଏ ଲାଗୁ କରିବାକୁ ବିଭାଗୀୟ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ପରେ ଏହି ଏନ୍ଏସ୍ଏ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ୨୦୨୩ ମସିହାରେ ୧୪୦ଜଣ ନିଶା ବେପାରୀ ଫେରାର୍ ହୋଇଯାଇଥିବା ବେଳେ ୨୦୨୪ ୨୪୦ଜଣ ଏବଂ ୨୦୨୫ ମସିହାରେ ୨୫୦ଜଣ ନିଶା ବେପାରୀ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧୦ଜଣଙ୍କ ନାଁରେ ଏହି ଏନ୍ଏସ୍ଏ ଲାଗୁ କରାଯିବ ବୋଲି ଜଣାପଡ଼ିଛି।

ଅବକାରୀ ବିଭାଗ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, ଯେଉଁମାନେ ସର୍ବ ସାଧାରଣରେ ଆତଙ୍କ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ଧନଜୀବନରେ କ୍ଷତି ପହଞ୍ଚାଇ ଥାଆନ୍ତି, ସେମାନଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗର ପ୍ରମାଣ ମିଳିଲେ, ଏହି ଏନ୍ଏସ୍ଏ ଲାଗୁ କରାଯାଇଥାଏ। ପ୍ରଥମେ ୩ମାସ ପର୍ଯ୍ୟନ୍ତ ଏହି ଏନ୍ଏସ୍ଏ ବୁକ୍ କରାଯିବା ପରେ ଜଣେ ବିଚାରପତିଙ୍କୁ ନେଇ ଏକ ସ୍ୱତନ୍ତ୍ର ବୋର୍ଡ ବସିଥାଏ। ବୋର୍ଡର ଅନୁମୋଦନ କ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଏ। ଏଭଳି କଠୋର ପଦକ୍ଷେପ ଚୋରା ମଦ ମାଫିଆଙ୍କ ବିରୋଧରେ ନିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗତ ଦେଢ଼ ମାସ ମଧ୍ୟରେ ହୋଇଥିବା ଚଢ଼ଉରେ ଅବକାରୀ ବିଭାଗ ସମୁଦାୟ ୨କୋଟି ୫୬ଲକ୍ଷ ୨୩ହଜାର ୩୩୭ଟଙ୍କା ନିଶା ସାମଗ୍ରୀକୁ ଜବତ କରିଛି। ସମୁଦାୟ ୩୪୬ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୫୪ଜଣ ନିଶା ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ବ୍ୟବହୃତ ୧୭ଟି ବାଇକ୍ ଓ ୪ଟି କାର୍‌କୁ ଜବତ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟତଃ ଆଠଗଡ଼ ଓ ବାଙ୍କି ଅଞ୍ଚଳରୁ ଚୋରା ମଦ, ଗଞ୍ଜେଇ ଓ ଭାଙ୍ଗ କଟକ ସହର ମଧ୍ୟକୁ ଆସୁଛି। ନରାଜ, ଜୁଡିସିଆଲ୍ ଏକାଡେମୀ ଓ ଚହଟା ଛକରେ ୩ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ନିଶା କାରବାରକୁ ରୋକିବାକୁ ପ୍ରତ୍ୟେକ ଦିନ ଚଢ଼ଉ କରୁଛନ୍ତି। ସେହିପରି ମଙ୍ଗୁଳି ଟୋଲ୍ ଗେଟ୍ ଓ ପାହାଲଠାରେ ଜାତୀୟ ରାଜପଥ କଡରେ ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ସହର ମଧ୍ୟରେ ଓ ଗ୍ରାମାଞ୍ଚଳରେ ସାଦା ପୋଷାକଧାରୀ ଅବକାରୀ ପୁଲିସ ପଇଁତରା ମାରୁଛନ୍ତି। ହେଲେ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇ ପାରୁନାହିଁ।



ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀଙ୍କ ନିକଟରେ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଣ୍ଣ ଧନୁଷକୁ ଆଳତି

ନ୍ୟୁ ଷ୍ଟୁଆର୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା 'ଆଥଲେଟିକା'

କଟକ,୧୭।୧(ସମିସ): ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୩୪ତମ ବାର୍ଷିକ କ୍ରୀଡ଼ା 'ଆଥଲେଟିକା' ବିଦ୍ୟାଳୟର ଅଧକ୍ଷ ମୋୟେଶ ମହାନ୍ତିଙ୍କ ପୌରୋହିତ୍ୱରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପୋଷ୍ଟମାଷ୍ଟର ଜେନେରାଲ, ସମ୍ବଲପୁର, ଓଡ଼ିଶା ତଥା ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳି ଲଳିତେନ୍ଦୁ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ଡାୟୋସିସ୍‌ର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ, ବିଶିଷ୍ଟ ଅତିଥି ଭାବେ ପ୍ରସିଦ୍ଧ କ୍ରିକେଟର ରାଜକୁମାର ଦାସ ଯୋଗ ଦେଇଥିଲେ। ସିନିଅର ବିଭାଗରେ ଛାତ୍ର ଅଜମତ ଖାନ ଓ ଛାତ୍ରୀ କୁମାରୀ ସ୍ମିତ ଶୋଭା ପ୍ରିୟଦର୍ଶିନୀ ତଥା ଇଣ୍ଟରମିଡ୍‌ଏଟ ବିଭାଗରେ ଛାତ୍ର ସୁଧାଂଶୁ ପ୍ରାମାଣିକ ଓ ଛାତ୍ରୀ ଜୟା ଯଶସ୍ୱୀ ବ୍ୟକ୍ତିଗତ ଚାମ୍ପିଅନ ହୋଇଥିବା ବେଳେ ସୁଭାଷଚନ୍ଦ୍ର ବୋଷ ହାଉସ ଦଳଗତ ଚାମ୍ପିଅନ ଓ ବିଶପ ହାଉସ ରନର୍ସ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ସୁଲତା ବେହେରା, କ୍ରୀଡା ଶିକ୍ଷକ ଅମୂଲ୍ୟ କୁମାର ବେହେରା, ପ୍ରେମାଶିଷ ଜେନା, ଜ୍ଞାନରଞ୍ଜନ ଓଝା ଓ ମର୍ସି ରାଉତ ପ୍ରମୁଖ ପରିଚାଳନା କରିଥିଲେ। ରୋଜାଲିନ ନାୟକ, ସୁସ୍ମିତା ପାତ୍ର, ସ୍ତୁତିସ୍ମିତା ଚୌଧୁରୀ, ଆଲୋକ ପ୍ରକାଶ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଡିପିଏସ୍ କଳିଙ୍ଗରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଫୁଲନଖରା,୧୭।୧(ସମିସ): ଅଡ଼ାଳିଆସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗର ଗତ ୭ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରୋ-ଭାଇସ୍ ଚେୟାରପର୍ସନ ମାଲା ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା ଅଭିବାଦନ ଗ୍ରହଣ କରିଥିଲେ। ଉପାଧ୍ୟକ୍ଷା ସ୍ୱାତି ନାଥ ଓ ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ପତାକା ପ୍ରଦର୍ଶନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଉଚ୍ଚଡିଆଁ, ଲମ୍ବଡିଆଁ, ଦୌଡ ପ୍ରତିଯୋଗିତା, ରିଲେ ରେସ୍, ଡିସ୍କସ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ ଇତ୍ୟାଦି କ୍ରୀଡା ପ୍ରତିଯୋଗିତା ମାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କ୍ରୀଡା ସଂପାଦକ ଅର୍ଣ୍ଣବ ପଟ୍ଟନାୟକ ଓ ସୁକୁନ ଶାହାନୱାଜ୍ ମଶାଲ ଶୋଭାଯାତ୍ରା ଓ ପରେଡ୍‌ର ନେତୃତ୍ୱ ଗ୍ରହଣ କରିଥିଲେ। କ୍ରୀଡ଼ା ବିଭାଗ ମୁଖ୍ୟ ସମୀର କୁମାର ଜେନା ଓ ଅନ୍ୟ କ୍ରୀଡ଼ା ଶିକ୍ଷକଗଣ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସ୍ୱାତି ମହାନ୍ତି ଓ ପୂଜା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ତରଫରୁ ଆକର୍ଷଣୀୟ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ଯମୁନା ହାଉସ୍ ଚାମ୍ପିଅନ ହୋଇଥିବା ବେଳେ ମହାନଦୀ ହାଉସ୍ ରନର୍ସଅପ୍ ହେବାର ଗୌରବ ଅର୍ଜନ କରିଛି।

■ ନିବେଶ ନାଁରେ ୧. ୯୪ କୋଟି ଟଙ୍କା ଠକେଇ

ପଶ୍ଚିମବଙ୍ଗରୁ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୧୭ ।୧(ସମିସ): ଅନଲାଇନ୍ ଟ୍ରେଡିଂ ଜରିଆରେ ରାତାରାତି କୋଟିପତି ହେବାର ଲୋଭ ଦେଖାଇ ଲୋକଙ୍କୁ କୋଟିକୋଟି ଟଙ୍କାର ଚୂନ ମାରିଥିବା ଜଣେ ଧୂର୍ତ୍ତକୁ କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲା, ହୁଗୁଳି ଜିଲ୍ଲା ରିଷଡ଼ା ଅଞ୍ଚଳର ଅଜୟ କୁମାର ପାଲ (୬୦)। ଇନ୍ସପେକ୍ଟର ଆରତି ପରିଡ଼ାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ କାରବାରକୁ ଆଧାର କରି ପଶ୍ଚିମବଙ୍ଗର ହୁଗୁଳିରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଅଜୟକୁ ଗିରଫ କରିବା ସହ ତାଙ୍କ ପାଖରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ଅନେକ ସାମଗ୍ରୀ ଜବତ କରାଯାଇଛି। ସାଇବର ଠକମାନେ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କୁ ଯୋଗାଯୋଗ କରିଥିଲେ। ପରେ ତାଙ୍କୁ ଡିଜିଟାଲ ଡାଇନାମସ ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ସାମିଲ କରାଯାଇଥିଲା। ଗ୍ଲୋବିକ୍ସ ଭଲ୍ଟ ନାମକ ଏକ ନକଲି ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମରେ ଅର୍ଥ ନିବେଶ କଲେ ବହୁ ଗୁଣା ଲାଭ ମିଳିବାର ପ୍ରଲୋଭନ ଦେଖାଇଥିଲେ। ଏହି ପ୍ରଲୋଭନରେ ପଡ଼ି ଜଣେ ଯୁବକ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧,୯୪,୭୨,୩୧୦ ଟଙ୍କା ଠକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ, ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇବା ପରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ହୁଗୁଳି କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ କଟକ ଅଣାଯାଇଛି। ପରବର୍ତ୍ତୀ ସମୟରେ ତାଙ୍କୁ ନବରଙ୍ଗପୁର ଏସଡିଜେଏମ କୋର୍ଟରେ ହାଜର କରାଯିବ।

ପଞ୍ଜୀକରଣ ପରେ ବକେୟା ପଇଠ ବିଳମ୍ବ ପାଇଁ ଅଧିକାରୀ ଦଲିଲ ଅଟକାଇ ରଖିପାରିବେ ନାହିଁ: ହାଇକୋର୍ଟ



କଟକ, ୧୭ ।୧(ସମିସ): ଦଲିଲ ପଞ୍ଜୀକରଣ ପରେ ବକେୟା ଷ୍ଟାମ୍ପ ଡ୍ୟୁଟି, ପଞ୍ଜୀକରଣ ଫି' ସହ ଜରିମାନା ପଇଠରେ ବିଳମ୍ବ ପାଇଁ ଦଲିଲକୁ ଷ୍ଟାମ୍ପ କଲେକ୍ଟର୍ ତଥା ଆଇଜିଆର ଅଟକ ରଖିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବିଶେଷକରି ଦଲିଲ ପଞ୍ଜୀକରଣ ପରେ କର୍ତ୍ତୃପକ୍ଷ ଏହାକୁ ଅଟକାଇ ରଖିପାରିବେ ନାହିଁ। ତୁରନ୍ତ ଏହାକୁ ପ୍ରାଧିକୃତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ପାଇଁ ପ୍ରୟାସ କରିବା ପଞ୍ଜୀକରଣ ଅଧିକାରୀ (ରେଜିଷ୍ଟ୍ରିଂ ଅଫିସର)ଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ହାଇକୋର୍ଟ ଏକ ରାୟ ଦେଇଛନ୍ତି। ବି.ଡି. ପାଣିଗ୍ରାହୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ଯାଞ୍ଚ ବେଳେ କୌଣସି ଦଲିଲ ବା ନଥିପତ୍ର ପଞ୍ଜୀକରଣ ପାଇଁ ରେଜିଷ୍ଟ୍ରେସନ ଆଇନ ଅନୁସାରେ ଉପଯୁକ୍ତ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଫି ଦିଆଯାଇ ନଥିବା ଜଣାପଡ଼େ, ତେବେ ଏ ବାବଦ ଅର୍ଥକୁ ଜମି ରାଜସ୍ୱ ବକେୟା ଭାବେ ଅସୁଲ କରାଯାଇପାରିବ। ଏଥିସହ ୨୦୦୯, ଫେବୃଆରି ୨୫ରେ ପଞ୍ଜୀକୃତ ସଂପତ୍ତି ବିକ୍ରି କବଲାକୁ ପ୍ରାଧିକୃତ ବ୍ୟକ୍ତିଙ୍କୁ ୭ଦିନ ଭିତରେ ପ୍ରଦାନ କରିବାକୁ କଟକସ୍ଥିତ ରାଜସ୍ୱ ପର୍ଷଦର ଷ୍ଟାମ୍ପ କଲେକ୍ଟର ତଥା ଆଇଜିଆରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଏକ ଜମି କିଣିଥିଲେ। ଏଥିପାଇଁ ଆବେଦନକାରୀଙ୍କ ସପକ୍ଷରେ ତିନିଜଣ ବ୍ୟକ୍ତି କରିଥିବା ବିକ୍ରି କବଲା ୨୦୦୯ ଫେବୃଆରି ୨୫ରେ ଗଞ୍ଜାମରେ ସବ୍-ରେଜିଷ୍ଟ୍ରାରଙ୍କ ନିକଟରେ ପଞ୍ଜୀକୃତ ହୋଇଥିଲା। କିନ୍ତୁ ସଂପତ୍ତିର ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଯାଇ ଏହି ଦଲିଲ ପଞ୍ଜୀକରଣ କରାଯାଇଥିବା ଅଭିଯୋଗ ହେବା ପରେ ଏକ ଅଣ୍ଡର-ଭାଲ୍ୟୁଏସନ୍ ମାମଲା ଆବେଦନକାରୀଙ୍କ ବିରୋଧରେ ରୁଜୁ ହୋଇଥିଲା। ଏଣୁ ନିଅଣ୍ଟ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି' ପଇଠ କରିବାକୁ ଆଇଜିଆର ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଏହି ଅର୍ଥ ପଇଠ କରିଥିଲେ ମଧ୍ୟ ତାଙ୍କୁ ପଞ୍ଜୀକୃତ ବିକ୍ରି କବଲା ପ୍ରଦାନ କରାଯାଇନଥିଲା। ବିଳମ୍ବ ପାଇଁ ବର୍ଷକୁ ୧୨.୫ ପ୍ରତିଶତ ସୁଧ ହାରରେ ଟଙ୍କା ଜମା କରିବାକୁ ଆଇଜିଆର ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ଥିତିରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବକେୟା ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି' ପଇଠରେ ବିଳମ୍ବ ପାଇଁ ଧାର୍ଯ୍ୟ ଜରିମାନା ରାଶି ନଦେବା କାରଣରୁ ପଞ୍ଜୀକୃତ ଦଲିଲ ଅଟକ ରଖିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।

ରାମକୃଷ୍ଣ କୁଟୀରରେ ବିଷ୍ଣୁ ଜେନାଙ୍କ ଶ୍ରାଦ୍ଧସଭା



କଟକ,୧୭।୧(ସମିସ): ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ପ୍ରାକ୍ତନ ତତ୍ତ୍ୱାବଧାରକ ତଥା ବିଶିଷ୍ଟ ଶିକ୍ଷାବିତ୍ ବିଷ୍ଣୁଚରଣ ଜେନାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ରାଜନେତା ତଥା ସମାଜସେବୀ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ମୁଖ୍ୟଅତିଥି ଡ଼ଃ ଗୋବିନ୍ଦଚନ୍ଦ୍ର ଚାନ୍ଦ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। କୁଟୀରର ଉପସଭାପତି ପ୍ରଫେସର ଡ଼ଃ ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ଼ଃ ସତ୍ୟ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀନାରାୟଣ ଦାଶ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସହ ସଂପାଦକ ଭୁବନାନନ୍ଦ ମହାନ୍ତି ଓ ପ୍ରିୟରଞ୍ଜନ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ବିଚିତ୍ରାନନ୍ଦ ମିଶ୍ର, ପ୍ରଶାନ୍ତ କୁମାର ଜେନା, ଦୈତାରୀ ସାହୁ, ଚିତ୍ତରଞ୍ଜନ ଦାଶ, ଦିଲ୍ଲୀପ ଦାସ ବ୍ରହ୍ମାନନ୍ଦ ବିଶ୍ୱାଳ, ଶ୍ୟାମସୁନ୍ଦର ସାହୁ, କିଶୋରଚନ୍ଦ୍ର ଦାସ, ବିଦ୍ୟୁତ କୁମାରୀ ଲାଲା, ଜୀବନାନନ୍ଦ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ସଂଗ୍ରହାଳୟ ପରିଦର୍ଶନ କଲେ ନେତାଜୀ ଓ ଆବିଦ୍ ହସନ୍‌ଙ୍କ ଦାୟାଦ

କଟକ,୧୭ ।୧(ସମିସ): ଦ୍ୱାଦଶ ରାଷ୍ଟ୍ରୀୟ ନେତାଜୀ ସୁଭାଷ ମହୋତ୍ସବ 'ଜୟ ହିନ୍ଦ୍-୨୦୨୬' ଅବସରରେ କଟକସ୍ଥିତ ଐତିହାସିକ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଶନିବାର ଅପରାହ୍ନରେ ଏକ ୧୫ ଜଣିଆ ବିଶିଷ୍ଟ ପ୍ରତିନିଧି ଦଳ ଓଡ଼ିଆ ବଜାରସ୍ଥିତ ନେତାଜୀ ଭବନ ପରିଦର୍ଶନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ପ୍ରତିନିଧି ଦଳରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ନେତାଜୀଙ୍କ ନିକଟ ସମ୍ପର୍କୀୟ ତଥା ତାଙ୍କ ବଡ଼ ଭାଇ ଶରତଚନ୍ଦ୍ର ବୋଷଙ୍କ ନାତି ଅଭିଜିତ ରାୟ। ତାଙ୍କ ସହିତ ନେତାଜୀଙ୍କ ଅତି ଘନିଷ୍ଠ ସହଯୋଗୀ ତଥା 'ଜୟ ହିନ୍ଦ୍' ନାରାର ରୂପକାର ଆବିଦ୍ ହସନ୍ ସଫ୍ରାନିଙ୍କ ଦାୟାଦ ସାଜିଦ ମେହେମୁଦ୍ ମଧ୍ୟ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ଆବିଦ୍ ହାସାନ୍ ସଫ୍ରାନି ସେହି ବ୍ୟକ୍ତି ଥିଲେ, ଯିଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀରୁ ଜାପାନ ପର୍ଯ୍ୟନ୍ତ ଦୁଇ ମାସର ବିପଦସଙ୍କୁଳ ସବ୍‌ମେରାଇନ୍ ଯାତ୍ରାରେ ନେତାଜୀଙ୍କ ଏକମାତ୍ର ସଙ୍ଗୀ ଥିଲେ। ପ୍ରତିନିଧି ଦଳ ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀ ବୁଲି ଦେଖିବା ସହ ନେତାଜୀଙ୍କ ବ୍ୟବହୃତ ସାମଗ୍ରୀ ଓ ଦୁର୍ଲଭ ଫଟୋଚିତ୍ର ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ଚଳିତ ବର୍ଷର ଏହି ମହୋତ୍ସବକୁ ଓଡ଼ିଶାର ବିପ୍ଳବିଣୀ ପାର୍ବତୀ ଗିରି ଓ ଆବିଦ୍ ହାସାନ୍ ସଫ୍ରାନିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ପରିଦର୍ଶନ ସମୟରେ ପ୍ରତିନିଧିମାନେ ନେତାଜୀଙ୍କ ଆଦର୍ଶ, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ନେତାଜୀ ପ୍ରେମୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହିଦମାନଙ୍କ ପ୍ରତି ସମ୍ମାନ ଜଣାଇଥିଲେ।



ସମର୍ପିତ ଜୀବନ

ପରିମଳ ସେବାରେ ସାତ 'ସୁପରହ୍ୟୁମ୍ୟାନ୍'

କଟକ,୧୭ ।୧(ସମିସ): ପ୍ରବାହମାନ ସମାଜର ମୁଖ୍ୟସ୍ରୋତ ତଥା ଚାକଚକ୍ୟ ଓ ଚଞ୍ଚଳତା ଭିତରେ କେଉଁଠି ନା କେଉଁଠି କିଛି ଚେହେରା ଅବହେଳିତ ହୋଇ ରହିଯାଆନ୍ତି। କେବେ ସାମାଜିକ ବାସନ୍ଦ ତ କେବେ ପରିଚୟର ସଙ୍କଟ। ଏହି ଦ୍ୱନ୍ଦ୍ୱ ଭିତରେ ଗତି କରୁଥିବା ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଜୀବନ ସବୁବେଳେ ଏକ ସଂଘର୍ଷର ପାଠଶାଳା ହୋଇ ରହିଆସିଛି। ମାତ୍ର କଟକର ମତଗଜପୁରସ୍ଥିତ 'ମଳ-ପଙ୍କ ପରିଚାଳନା ପ୍ଲାଣ୍ଟ' (ଏଫ୍ଏସ୍‌ଟିପି) ଆଜି ଏହି ସାମାଜିକ କଳଙ୍କକୁ ପୋଛି ଏକ ନୂଆ ଇତିହାସ ରଚନା କରିଛି। ଓଡ଼ିଶା ସରକାରଙ୍କ 'ଗରିମା' ଯୋଜନା ମାଧ୍ୟମରେ ଏହି ପ୍ଲାଣ୍ଟର ଦାୟିତ୍ୱ ନେଇଥିବା ସାତ ଜଣ କିନ୍ନର ଆଜି ସହର ପାଇଁ କେବଳ ପରିମଳ କର୍ମୀ ନୁହନ୍ତି, ବରଂ 'ସୁପରହ୍ୟୁମ୍ୟାନ୍' ସାଜିଛନ୍ତି। ଏକପ୍ରକାର ଅନ୍ଧାରୀ ଦୁନିଆର ତୃତୀୟ ଲିଙ୍ଗୀ କୁହାଯାଉଥିବା ଏହି ବିଶେଷ ବର୍ଗ ଏବେ ସେମାନଙ୍କ ଯାତ୍ରା ସମାଜର ମୁଖ୍ୟସ୍ରୋତ ତଥା ଆଲୋକିତ ପଥକୁ ଯାତ୍ରା କରିସାରିଛନ୍ତି। ସେମାନେ ଏହାଦ୍ୱାରା ଏକ କଣ୍ଟକିତ ପଥକୁ ଛାଡ଼ି ଏକ ସ୍ୱତନ୍ତ୍ର ଜୀବନଶୈଳୀ ମାଧ୍ୟମରେ ଆଧୁନିକ ସୁବିଧା ସୁଯୋଗଗୁଡ଼ିକୁ ମଧ୍ୟ ଆପଣେଇ ପାରିଛନ୍ତି।

ଦିନେ ଯେଉଁ ହାତ ସାମାନ୍ୟ ସହାୟତା ପାଇଁ ଅନ୍ୟମାନଙ୍କ ଆଗକୁ ଲମ୍ବି ଯାଉଥିଲା, ଆଜି ସେହି ହାତରେ ରହିଛି ସହରକୁ ସ୍ୱଚ୍ଛ ରଖିବାର ଗୁରୁଦାୟିତ୍ୱ। ସୁଶ୍ରୀ ଶୀତଲ ବାଡ଼ିଆଙ୍କ ନେତୃତ୍ୱରେ ତନୁଶ୍ରୀ, ଶିବାନୀ, ପ୍ରୀତମ, ସୁମନ, ଟିକି ଓ ରଞ୍ଜନଙ୍କୁ ନେଇ ଗଠିତ ଏହି ଦଳ ମତଗଜପୁର ପ୍ଲାଣ୍ଟକୁ ଆତ୍ମବିଶ୍ୱାସର ସହ ପରିଚାଳନା କରୁଛନ୍ତି। ବୈଜ୍ଞାନିକ ପଦ୍ଧତିରେ ମଳ ପଙ୍କର ଉପଚାର କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହ ସେମାନେ ନିଜ ଜୀବନର ଅନ୍ଧକାରକୁ ମଧ୍ୟ ଦୂର କରିପାରିଛନ୍ତି। ଦୈନିକ ୬୦ କେଏଲଡି କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ସହିତ ୧୩ଟି ସେସପୁଲ୍ ଗାଡ଼ିର ସମନ୍ୱୟ ରକ୍ଷା କରିବା ସେମାନଙ୍କ ବୃତ୍ତିଗତ ଦକ୍ଷତାର ପ୍ରମାଣ ଦେଉଛି। ଏହି କାର୍ଯ୍ୟ ସେମାନଙ୍କୁ କେବଳ ଆର୍ଥିକ ସ୍ୱଚ୍ଛଳତା ଦେଇନି, ବରଂ ସମାଜରେ ଏକ ସମ୍ମାନଜନକ ପରିଚୟ ପ୍ରଦାନ କରିଛି।



ଏହି ସଫଳତା କେବଳ ଏକ ସରକାରୀ ଯୋଜନାର ରୂପାୟନ ନୁହେଁ, ବରଂ ଏହା ମାନବିକତାର ଏକ ବିଜୟ। ଯେଉଁମାନେ ଦିନେ ସମାଜର ମୁଖ୍ୟସ୍ରୋତରୁ ବାସନ୍ଦ ହୋଇ ରହିଥିଲେ, ଆଜି ସେମାନେ ସହରର ସ୍ୱାସ୍ଥ୍ୟ ରକ୍ଷା କବଚ ସାଜିଛନ୍ତି। 'ଗରିମା' ଯୋଜନା ସେମାନଙ୍କୁ କେବଳ କାମ ଦେଇନି, ବରଂ 'ଗର୍ବର ସହ ବଞ୍ଚିବାର' ଏକ ମାଧ୍ୟମ ଦେଇଛି। କଟକ ମହାନଗର ନିଗମର ଏହି ଅଭିନବ ପ୍ରୟାସ ଆଜି ସାରା ରାଜ୍ୟ ପାଇଁ ଏକ ମଡେଲ୍ ସାଜିଛି, ଯେଉଁଠି ପରିମଳ ସେବା ସହିତ ସାମାଜିକ ସମାବେଶୀକରଣର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳୁଛି। ଏହି ସାତ 'ସୁପରହ୍ୟୁମ୍ୟାନ୍'ଙ୍କ କାହାଣୀ ଆଜି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

ବିହାରୀ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଠେଙ୍ଗାରେ ପିଟି ୩ ଜଣଙ୍କୁ କଲେ ଲହୁଲୁହାଣ



ଖଲ୍ଲିକୋଟ,୧୭ ।୧(ସମିସ)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମରେ ଜଣେ ବିହାରୀ ଯୁବକ ଶନିବାର ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି । ଯୁବକ ଜଣକ ୩ ଜଣଙ୍କୁ ଠେଙ୍ଗାରେ ପିଟି ଲହୁଲୁହାଣ କରିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳୁ ଭେଜିପୁଟ ଗ୍ରାମରେ ଜଣେ ବିହାରୀ ଯୁବକ ଆତଙ୍କ ଖେଳାଇଥିଲା । ରାସ୍ତାରେ ଯାହାକୁ ଦେଖିଲା ଗୋଡ଼େଇ ଗୋଡ଼େଇ ଠେଙ୍ଗାରେ ପିଟିଥିଲେ । ରାସ୍ତାରେ ଯାଉଥିବା ଜଣେ କଲେଜ ଛାତ୍ରୀ ଓ ଅନ୍ୟ ଜଣେ ସ୍ଥାନୀୟ ଯୁବକ ଆକ୍ରମଣରେ ସାମାନ୍ୟ ଆହତ ହୋଇ ଖସି ଯାଇଥିବା ବେଳେ ଘର ଆଗରେ ଛିଡ଼ା ହୋଇଥିବା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସୁବଳ ସାହୁ (୬୨)ଙ୍କ ମୁଣ୍ଡରେ ଠେଙ୍ଗା ପାହାର ବାଜିବାରୁ ସେ ରକ୍ତ ଜୁବୁବୁବୁ ହୋଇ ତଳେ ପଡିଯାଇଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କ ମୁଣ୍ଡରେ ୮ଟି ଷ୍ଟିଚ୍ ପଡ଼ିଛି । ସ୍ଥାନୀୟ ଲୋକ ବିହାରୀ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିବାବେଳେ ସେ ପାଖରେ ଥିବା ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ । ଦୀର୍ଘ ସମୟ ଧରି ପୋଖରୀ ମଝିରେ ରହିଥିବା ବେଳେ ଯିଏ ତାଙ୍କୁ ଧରିବାକୁ ଗଲା ତାକୁ ଛୁରୀରେ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିଲା । ପରେ ଖବର ପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପୁଲିସ ଟିମ ସହ ପହଞ୍ଚିଥିଲେ । ଦମକଳ ବାହିନୀ ସହାୟତାରେ ଉକ୍ତ ବିହାରୀ ଯୁବକଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଉକ୍ତ ଯୁବକଙ୍କୁ କାବୁ କରିବା ପରେ କେଉଁ ପରିସ୍ଥିତିରେ ସେ ଏଠାକୁ ଆସିଲେ ଓ ଏପରି କାଣ୍ଡ ଘଟାଇଲେ ପୁଲିସ ତଦନ୍ତ ଜାରି ରଖିଛି । ତାଙ୍କ ପରିଚୟ ମିଳିପାରିନାହିଁ ।

କାବୁ କରିବାକୁ ପୁଲିସ ଓ ଅଗ୍ନିଶମ ବାହିନୀ ନାକେଦମ

ପାଣି ଯୋଗାଣରେ ଅନିୟମିତତା ନେଇ ବୈଠକ



କୁକୁଡ଼ାଖଣ୍ଡି,୧୭ ।୧(ସମିସ): ଗ୍ରାମରେ ପାଣି ଯୋଗାଣ ବ୍ୟବସ୍ଥାର ଅନିୟମିତତା ଓ ହିସାବ ସ୍ୱଚ୍ଛତାକୁ ନେଇ ଆଜି କୁକୁଡ଼ାଖଣ୍ଡି ଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସରପଞ୍ଚ ବନ୍ଦନା ସେଠି, ସମିତିସଭ୍ୟ ଅଶୋକ ଦାସ, ପିଇଓ ବିଷ୍ଣୁ ସାହୁ ଓ ଜଳଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ଏଥିସହ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ପଟନାୟକ, ନାରାୟଣ ଦଳାଇ, ସଂଯୋଗ ପଟନାୟକ, ନାଗା ଆଚାରୀ, ଅର୍ଜୁନ ରାଉତ, ଅଦଳ ଚିନା, ଏ. ଚକ୍ରପାଣି, କେ. ମଣି ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ । ବୈଠକରେ ଗ୍ରାମବାସୀ ପାଣି ଯୋଗାଣ ବ୍ୟବସ୍ଥାର ଦୟନୀୟ ସ୍ଥିତି ନେଇ ଅଭିଯୋଗ ଉଠାଇଥିଲେ । ଗ୍ରାମର ସମସ୍ତ ସାହିକୁ ନିୟମିତ ଭାବେ ପାଣି ଯୋଗାଣ ହେଉନଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି । ଗତ ୪ ବର୍ଷ ଧରି ଘରପିଛା ୬୦ଟଙ୍କା ପଞ୍ଚାୟତ ଦ୍ୱାରା ଆଦାୟ ହେଉଥିବା ଟଙ୍କାର ହିସାବ ମାଗିଥିଲେ ଗ୍ରାମବାସୀ । ସରପଞ୍ଚ ବନ୍ଦନା ସେଠି ତୁରନ୍ତ ହିସାବ ପ୍ରଦାନ କରିବାକୁ ପଞ୍ଚାୟତ ସମ୍ପାଦକକୁ ନିର୍ଦ୍ଦେଶ ଦେଇଥିଲେ । ପାଣି ଯୋଗାଣ ବ୍ୟବସ୍ଥା ସୂଚାରୁ ଭାବେ ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରିବାକୁ ଜନସାଧାରଣ ଦାବି ହୋଇଥିଲା ।

ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏଶ୍ରୀ ଉତ୍ସବ



କୋଦଳା,୧୭ ।୧(ସମିସ): କୋଦଳା ଏନ୍ଏସି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ମାଝୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଜାତୀୟ ଶିକ୍ଷାନୀତିର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀଙ୍କର ସର୍ବାଙ୍ଗୀନ ବିକାଶ ବୋଲି କହିଛନ୍ତି । କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ, ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ଲକ୍ଷ୍ମୀ ନାରାୟଣ ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ପଦ୍ମ ଚରଣ ପାଢୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କେ ଚନ୍ଦ୍ରାବତୀ ପାତ୍ର କ୍ଲଷ୍ଟର ସାଧନ ସଂଯୋଜକ ବିଷ୍ଣୁ ପ୍ରସାଦ ସିଂ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡି, ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଜିଟି ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ



ବେଲଗୁଣ୍ଠା,୧୭ ।୧(ସମିସ): ଜି.ଟି ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣାଙ୍କ ସଭାପତିତ୍ୱରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ବିଡ଼ିଓ ସିଙ୍ଗାପୁରମ ହରି, ସମ୍ମାନିତ ଅତିଥି ଭାବେ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠି, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ସାଂସଦ ପ୍ରତିନିଧି ନାରାୟଣ ସାହୁ, କାଉନସିଲର ଦିବ୍ୟ ରଞ୍ଜନ ଦାଶ ଓ ପ୍ରଦୀପ ସେଠି, ବେଲଗୁଣ୍ଠା ଏନଏସି ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରଜକିଶୋର ମହାରଣା, ତନରଡ଼ା ସିଆରସିସି ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ ।

ସଡ଼କ ସୁରକ୍ଷା ପାଇଁ ସଚେତନତା ପଦଯାତ୍ରା

ଆସିକା,୧୭ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ବାହିନୀର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଡ଼. ସରୋଜ କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କିଶୋର କୁମାର ଦେଓ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ମେକ ମାଓକେଲ ସୂର୍ଯ୍ୟକାନ୍ତ ପରିଡା, ସନ୍ତୋଷ ପୋଲାଇ, ମୁନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସଂସ୍କୃତ କଲେଜର ଅଧ୍ୟାପକ ଅଶ୍ୱିନୀ ଦାସ, ମହିଳା ମହାବିଦ୍ୟାଳୟର ଡ଼.ଲୀଳା ଲିଲି ଲିୟାନ, ବରିଷ୍ଠ ଅଧ୍ୟାପକ ଏସଟି ରେହମାନ, ଗୋପୀନାଥ କର, ଡ଼. ଯଶସୀ କର, ସୁଧାଂଶୁ ହୋତା, ଯଶସୀ ମଲ୍ଲିକ, ଭାରତୀ ପାତ୍ର, ଶିବାନୀ ପାଲ, ରିଙ୍କି ନାହାକ ପ୍ରମୁଖ ସହଯୋଗ କରିଥିଲେ ।

■ କଟନୀ ଛଟ୍ନୀକୁ ନେଇ ଚାଲିଥିଲା ବିବାଦ

ପୁଲିସ ଉପସ୍ଥିତିରେ ମଣ୍ଡିରୁ ଉଠିଲା ଧାନ

ଦିଗପହଣ୍ଡି,୧୭।୧(ସମିସ): ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ଗ୍ରାମ ଶ୍ରୀ ରଘୁନାଥ ମହାପ୍ରଭୁ ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀଙ୍କ ଠାରୁ ମଣ୍ଡି ଜରିଆରେ ଧାନ କ୍ରୟ ସମୟରେ କୁଇଣ୍ଟାଲ ପ୍ରତି ୫ କେଜି କଟ୍ନୀ ଛଟ୍ନୀକୁ ନେଇ ଚାଲିଥିବା ବାଦବିବାଦ ସମାଧାନ ହୋଇଛି । ଶନିବାର ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର, ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ୍ୱର ରାୟ, ବ୍ରହ୍ମପୁର ସମବାୟ ସହକାରୀ ନିବନ୍ଧକ ଦେବାଶିଷ ସ୍ୱାଇଁ, ସମବାୟ ସଭାପତି ରାମକୃଷ୍ଣ ଚୌଧୁରୀ, ଭାରପ୍ରାପ୍ତ ସମବାୟ ସମ୍ପାଦକ ଅଶୋକ କୁମାର ପ୍ରଧାନ, ବ୍ଲକ ସମବାୟ ଅଧିକାରୀ ଚାନ୍ଦିନୀ ସେଠୀ, ମିଲର ଗୌରାଙ୍ଗ ସାହୁ, କୈଳାସ ଚନ୍ଦ୍ର ପଣ୍ଡା, ଗୋପୀଚାନ୍ଦ ପଣ୍ଡା, କୃଷ୍ଣଚନ୍ଦ୍ର ରଥ, ବଜାର ନିୟନ୍ତ୍ରଣ କମିଟି କାର୍ଯ୍ୟାଳୟ ଅଧିକାରୀ ଦୀପକ କୁମାର ଜେନା, ସଂଗ୍ରାମଜିତ୍ ପାଳ ପ୍ରମୁଖଙ୍କ ଉପସ୍ଥିତିରେ ୫ ଚାଷୀଙ୍କ ଠାରୁ ୧୫୫ କୁଇଣ୍ଟାଲ ୪୪ କେଜି ଧାନ କ୍ରୟ କରାଯାଇଛି । ଗତ ଶୁକ୍ରବାର ସନ୍ଧ୍ୟାରେ ତହସିଲଦାର, ବ୍ଲକ ମାର୍କେଟିଂ ଇନ୍ସପେକ୍ଟର,ସମବାୟ ସମ୍ପାଦିକା ରୋଜାଲିନ ରେଡ୍ଡୀ,ସରପଞ୍ଚ ଲିଙ୍ଗରାଜ ଦୋରା,ସମବାୟ ସଭାପତି ରାମକୃଷ୍ଣ ଚୌଧୁରୀ ସମବାୟ କାର୍ଯ୍ୟାଳୟରେ ଉପସ୍ଥିତ ରହି ମଣ୍ଡିରେ ଚାଷୀଙ୍କ ଠାରୁ ସରକାରୀ ଦରରେ ଧାନ କ୍ରୟ କରାଯିବା ନିମନ୍ତେ ପ୍ରସ୍ତୁତି ନେଇ ଆଲୋଚନା ଚାଲିଥିବା ବେଳେ ବି. ତୁରୁବୁଡ଼ି ଗ୍ରାମର କିଛି ଅଣଚାଷୀ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ । ସରପଞ୍ଚ ବାହାରକୁ ଆସି ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଠେଲାପେଲା କରି ମାଡ଼ ମାରିବାରୁ ସେ ସେଠାରୁ ଚାଲିଯାଇଥିଲେ । ପ୍ରକାଶ ଯେ, ସମବାୟ କାର୍ଯ୍ୟାଳୟରେ ଥିବା ଧାନମଣ୍ଡିରେ କିଛିଦିନ ହେଲା କେତେକ ବ୍ୟକ୍ତି ପଶି ଆସି ସମବାୟ ସମ୍ପାଦିକା ରୋଜାଲିନ ରେଡ୍ଡୀଙ୍କୁ ଗାଳି କରି ଧମକ ଦେବାରୁ ସେ ଶନିବାର ଠାରୁ ଲମ୍ବା ଛୁଟିରେ ଚାଲିଯାଇଛନ୍ତି ।

ଯୁବକଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ

ବ୍ରହ୍ମପୁର,୧୭।୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି । ଆକ୍ରମଣର ଶିକାର ଯୁବକ ଜଣଙ୍କ ଆଙ୍କୁଲିର ସନ୍ତୋଷ ବୋଲି କୁହାଯାଉଛି । ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ପୂର୍ବଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି । ଆଜି ଅପରାହ୍ନରେ ସନ୍ତୋଷ ଶିଳ୍ପାଞ୍ଚଳ ଛକରେ ଛିଡା ହୋଇଥିବା ବେଳେ ଏକାଧିକ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ । ଖଣ୍ଡା ଚୋଟରେ ସନ୍ତୋଷଙ୍କ ମୁଣ୍ଡରେ ଏକାଧିକ କ୍ଷତ ହୋଇଛି ।



ଆଉଟ୍‌ସୋର୍ସିଂ ଆଳରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତିକୁ ବିରୋଧ

ଭଞ୍ଜନଗର,୧୭ ।୧(ସମିସ): ଓଡିଶା ବନ ଉନ୍ନୟନ ନିଗମରେ ଆଉଟସୋର୍ସିଂ ଆଳରେ ଗଳା ବାଟ ଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରକ୍ରିୟାକୁ ନିଗମର କର୍ମଚାରୀ ମହାସଂଘ ତୀବ୍ର ବିରୋଧ କରିଛି । ଏଭଳି ଅପଚେଷ୍ଟାରୁ କର୍ତ୍ତୃପକ୍ଷ ବିରତ ନହେଲେ ଆଗାମୀ ଦିନରେ ନିଗମର ମୁଖ୍ୟ କାର୍ଯ୍ୟାଳୟ ଆଗରେ କର୍ମଚାରୀ ମହାସଂଘ ଧାରଣାରେ ବସିବ ବୋଲି ଚେତାବନୀ ଦେଇଛି ।

ଦୀର୍ଘଦିନ ଧରି ବନ ଉନ୍ନୟନ ନିଗମରେ ପୁନଃନିଯୁକ୍ତି ଆଳରେ ପ୍ରାୟ ୨ଶହ ଅବସରପ୍ରାପ୍ତ କର୍ମଚାରୀଙ୍କୁ ରଖାଯାଇଥିଲା । ଫଳରେ ନିଗମର ଆର୍ଥିକ କ୍ଷତି ହେବା ସଂଗେ ସଂଗେ ନିୟମିତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା । ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘର ବିରୋଧ ଓ ପ୍ରଚେଷ୍ଟା ଫଳରେ ପରିଚାଳନା କର୍ତ୍ତୃପକ୍ଷ ଗତବର୍ଷ ଡ଼ିସେମ୍ବର ୩୧ରେ ଅବସରପ୍ରାପ୍ତ କର୍ମଚାରୀଙ୍କର ପୁନଃନିଯୁକ୍ତି ବନ୍ଦ କରିଦେଲେ । ପୁଣି ଏହି ଧାରାକୁ ବଜାଇ ରଖିବାକୁ ଅପଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି । କିଛି କର୍ମଚାରୀଙ୍କ ସହଯୋଗରେ ସେମାନଙ୍କର କ୍ଷମତା ନଥାଇ ମଧ୍ୟ ପୁନଃନିଯୁକ୍ତି ପାଇଁ ଆଦେଶ ଦିଆଯାଉଥିବା ସଂଘ କହିଛି । ବନ ଉନୟନ ନିଗମର ବ୍ରହ୍ମପୁର ଜୋନ୍‌ରେ ଏଭଳି କିଛି ବେଆଇନ ନିଯୁକ୍ତି ଦିଆଯାଉଥିବା ରାଜ୍ୟ ବନ ନିଗମ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି । ଏନେଇ ସେ ଭଞ୍ଜନଗରଠାରେ ଏହି ପୁନଃ ନିଯୁକ୍ତିକୁ ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ କେନ୍ଦ୍ରୀୟ କମିଟି ତୀବ୍ର ବିରୋଧ କରିବା ସଂଗେ ସଂଗେ ନିଗମର ରାଜ୍ୟ ମୁଖ୍ୟ ପରିଚାଳକ ଉକ୍ତ ଆଦେଶକୁ ତୁରନ୍ତ ରଦ୍ଦ କରିବାକୁ ଅନୁରୋଧ କରାଯାଇଥିବା କଥା କହିଛନ୍ତି । ଯାହା ଫଳରେ କର୍ମଚାରୀ ଓ ନିଗମ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରହି ପାରିବ । ଯଦି ନିଗମ କର୍ତ୍ତୃପକ୍ଷ ଏଥିରୁ ବିରତ ନହୁଅନ୍ତି ଏବଂ ଜୋର କରି ଆଉଟସୋର୍ସିଂ ଆଳରେ ପୁନଃନିଯୁକ୍ତି ଦିଅନ୍ତି ତେବେ ନିଗମର ସ୍ୱାର୍ଥଦୃଷ୍ଟିରୁ ଏବଂ କର୍ମଚାରୀଙ୍କ ଭବିଷ୍ୟତ ପାଇଁ ସଂଘ ଧାରଣା ଦେବାକୁ ବାଧ୍ୟ ହେବ ବୋଲି କୁହାଯାଇଛି ।

କଂସାବାସନ ଓ ଅଳଙ୍କାର ଦୋକାନରୁ ଲୁଟ୍

ପୁରୁଷୋତ୍ତମପୁର,୧୭ ।୧(ସମିସ): ପୁରୁଷୋତ୍ତମପୁର ବଡ଼ବଜାର ସ୍ଥିତ ଏଖ କଂସାବାସନ ଓ ଅଳଙ୍କାର ଦୋକାନରୁ ଲୁଟ ହୋଇଛି । ଶୁକ୍ରବାର ରାତିରେ ଲୁଟେରାମାନେ ଏକ ଦୋକାନର ଟିଣ ଛପର କାଟି ଭିତରେ ପଶି ସୁନା, ରୁପା ଅଳଙ୍କାର ସହ ସିସିଟିଭି ହାର୍ଡ ଡିସ୍କ ଲୁଟି ନେଇଛନ୍ତି । ଟାଙ୍ଗୁଡିଆପଦର ସାହିର ପ୍ରଶାନ୍ତ କୁମାର ନାୟକ ଶହେ ଗ୍ରାମର ସୁନା ଅଳଙ୍କାର ସହ ୧କେଜି ରୁପାର ଅଳଙ୍କାର ଓ କଂସାବାସନ ଲୁଟ୍ ହୋଇଥିବା ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛନ୍ତି ।

ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

ସୋରଡ଼ା,୧୭ ।୧(ସମିସ): ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି । ଅତିଥିଭାବେ ସ୍ଥାନୀୟ ବିଧାୟକ ନୀଳମଣି ବିଶୋୟୀ, ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ୬୩ନଂ ଜିଲ୍ଲା ପରିଷଦ ସମରେନ୍ଦ୍ର କୁମାର ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ସୁବାସ ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ସଭାରେ ଓଡ଼ିଶା ସରକାରଙ୍କ ଏହିଭଳି ମହତ ପଦକ୍ଷେପ ପାଇଁ ଓ ସୋରଡ଼ା ବିଧାୟକ ନୀଳମଣି ବିଶୋୟୀଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି । ଏହି ବ୍ଲକର ଦୁଇ ଗୋଟି ବିଦ୍ୟାଳୟ ଯଥା ଗାଙ୍ଗପୁର ଉଚ୍ଚ ବିଦ୍ୟାଳୟ ବଡଗଡ଼ ଓ ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟ ସୋରଡ଼ା ଯୋଡ଼ି ହୋଇ ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ଠାରୁ ନିଆରା ବ୍ୟବସ୍ଥା ସହିତ ପାଠ୍ୟକ୍ରମ ଆରମ୍ଭ ହେବା ନେଇ ପ୍ରକାଶ ପାଇଛି । ନିରୀକ୍ଷକ ଭାବେ ଅବସରପ୍ରାପ୍ତ ଶିକ୍ଷକ କୁମୁଦ ଚନ୍ଦ୍ର ବାଡ଼ତ୍ୟା, ପିସିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଂଯୁକ୍ତା ପଣ୍ଡା, ଅଧ୍ୟାପିକା ସସ୍ମିତା ପଣ୍ଡା ନିରୀକ୍ଷଣ କରି ଜିଜ୍ଞାସାରେ ଅର୍ପିତା ସ୍ୱାଇଁ, କ୍ରୀଡାଙ୍ଗନାରେ ଦେବାଶିଷ ଗୌଡ଼, କୌଶଳୀରେ ଜିତେନ୍ଦ୍ର ବେହେରା, ଭିଜନ ଓଡ଼ିଶାରେ ଦେବଶ୍ରୀ ସାହୁ, ସବୁଜ ଓଡ଼ିଶାରେ ସୋମନାଥ ଗୋଛାୟତ, ଦୋକାନ ଯାତ୍ରାରେ ପି. ରଞ୍ଜନ ରାଓ ଓ ସାହିତ୍ୟ ସୃଜନୀରେ ରବି ନାରାୟଣ ପଣ୍ଡା ଆଦି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହି କ୍ରମରେ ଚାରିଜଣ ଲେଖାଏଁ କୃତି ପ୍ରତିଯୋଗିଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଛି ।

ଗୌରୀଶଙ୍କର-ଚନ୍ଦନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ; ଗୁମ୍ମା ବିଜୟୀ

ଦିଗପହଣ୍ଡି,୧୭।୧(ସମିସ): ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମସ୍ଥିତ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ପଡିଆଠାରେ ବୃନ୍ଦାବନ ଚନ୍ଦ୍ର ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଗୌରୀଶଙ୍କର ଓ ଚନ୍ଦନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି ।

ଦିଗପହଣ୍ଡି ଏନ୍ଏସିର ପୂର୍ବତନ ନଗରପାଳ ଭି. ରବିନାରାୟଣ ରାଜୁ ମୁଖ୍ୟ ଅତିଥି, କାଉନସିଲର ନୀଳମାଧବ ଗୌଡ଼, ନଗର ବିଜେଡି ସଭାପତି ତାରାପ୍ରସାଦ ପଟ୍ଟନାୟକ, ସାମାଜିକ କର୍ମୀ ନିଗମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ମ୍ୟାଚ୍‌ରେ ଗଜପତି ଜିଲା ଗୁମ୍ମା ଗ୍ରାମ ଭଲିବଲ ଟିମ୍ ପ୍ରତିପକ୍ଷ ଡେଙ୍ଗାପଦର ଗ୍ରାମ ଭଲିବଲ ଟିମ୍‌କୁ ୩-୦ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଛତ୍ରପୁରର ବିଶିଷ୍ଟ କ୍ରୀଡାବିତ୍ ଗୋବିନ୍ଦ ନାୟକ ଖେଳ ପରିଚାଳନା କରିଥିଲେ । ଆୟୋଜକ କମିଟି ସଭାପତି ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ସମ୍ପାଦକ ଚିତ୍ରସେନ ଗୌଡ଼, କୋଷାଧ୍ୟକ୍ଷ ପ୍ରଶାନ୍ତ ଗୌଡ଼, ଉପଦେଷ୍ଟା ଶିବାନନ୍ଦ ପାଣିଗ୍ରାହୀ, ଭୈରବ କର, ଦୁର୍ଗାପ୍ରସାଦ ଗୌଡ଼, ଜୟସେନ ପାଣିଗ୍ରାହୀ, ସନ୍ତୋଷ ସାହୁ, କମିଟି ସଦସ୍ୟ ରାଧାକାନ୍ତ ମହାନ୍ତି, ଅରୁଣ ପାଣିଗ୍ରାହୀ, ପଞ୍ଚାନନ ସାହୁ, ରଞ୍ଜନ ଗୌଡ, କାଳୁଚରଣ ଗୌଡ଼, ପିଣ୍ଟୁ ଆଚାରୀ, ମିଳନ ପାଣିଗ୍ରାହୀ, ଶଙ୍କର ଦୋରା, କିରଣ ଗୌଡ଼, ସନ୍ତୋଷ ସାହୁ , ଶରତ ଶବର , ଚନ୍ଦନ ପାତ୍ର , କାଳିଆ ରାଓ ସମେତ କ୍ଲବ ସଦସ୍ୟ ବୃନ୍ଦ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚ ଦାରିଙ୍ଗିବାଡି ଏବଂ ଗୁମ୍ମା ମଧ୍ୟରେ ଅନୁଷ୍ଠିତ ହେବ ।



ହୋମଗାର୍ଡ ନିମନ୍ତେ ଶାରୀରିକ ଦକ୍ଷତା ପରୀକ୍ଷା

ଆସିକା,୧୭ ।୧(ସମିସ): ଗଞ୍ଜାମ ଜିଲ୍ଲାର ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ଥାନା ଅଞ୍ଚଳର ହୋମଗାର୍ଡ ପଦବୀ ନିମନ୍ତେ ଶାରୀରିକ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୀମା ସ୍ୱାଇଁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା, ଆସିକା ଥାନା ଅଧିକାରୀ କୂଳମଣି ସେଠୀ, କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ରେଡ଼ି, ସୋରଡ଼ା ଥାନା ଅଧିକାରୀ ସୁନୀଲ ବେହେରା, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ, ବଡ଼ଗଡ଼ ଥାନା ଅଧିକାରୀ ବିମଳ କଅଁର ପ୍ରମୁଖ ଉପସ୍ଥିତ ଥିଲେ । ହୋମଗାର୍ଡ ପଦବୀ ପାଇଁ ଶନିବାର ଦିନ କଲେଜ ଖେଳ ପଡିଆରେ ଆୟୋଜିତ ଏହି ଶିବିରରେ ମହିଳା ୩୧ଜଣ ଓ ପୁରୁଷ ୨୬୦ ଜଣଙ୍କ ସମେତ ମୋଟ ୩୯୧ଜଣ ଏହି ପରୀକ୍ଷା ନିମନ୍ତେ ଉପସ୍ଥିତ ଥିଲେ । ଦୁଇଦିନ ଧରି ହୋମଗାର୍ଡ ପଦବୀ ନିମନ୍ତେ ଶାରୀରିକ ଦକ୍ଷତା ପାଇଁ ଦୌଡ଼, ପୁଷଅପ, ମେଡିକାଲ ଆଦି ପରୀକ୍ଷା ହେଉଥିବା ବେଳେ ଝିଅ ମାନଙ୍କ ପାଇଁ ଦୌଡ଼, ଉଚ୍ଚତା ମେଡିକାଲ ପରୀକ୍ଷା କରାଯିବ ।

ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଜଗନ୍ନାଥପ୍ରସାଦ,୧୭ ।୧(ସମିସ): ଜଗନ୍ନାଥପ୍ରସାଦ ଥାନା ବିଡ଼ିପୁର ମୁଖ୍ୟ ବଜାରରେ ଜଣେ ଯୁବକ ଲୁଗାରେ ଫାଶୀ ଲଗାଇ ଅତ୍ମହତ୍ୟା କରିଛନ୍ତି । ମୃତକ ନୟାଗଡ ଜିଲ୍ଲା ଓଡଗାଁ ଥାନା ପନ୍ତିଖାରୀ ଗ୍ରାମର ଲକ୍ଷ୍ମୀ ନାରାୟଣ ମିଶ୍ର(୨୯) । ମୃତକଙ୍କ ମାଆ ୪ବର୍ଷ ହେବ ବିଡ଼ିପୁରର ଏକ ସରକାରୀ ସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ । ପ୍ରତିଦିନ ଭଳି ଶନିବାର ସକାଳେ ମା' ସ୍କୁଲ ଯାଇ ମଧ୍ୟାହ୍ନରେ ଫେରି ଘର ଭିତରୁ କବାଟ ବନ୍ଦ ଥିବା ଦେଖିଥିଲେ । ବାରମ୍ବାର ଡାକିବା ସତ୍ତ୍ୱେ ପୁଅ କବାଟ ନ ଖୋଲିବାରୁ ସ୍ଥାନୀୟ ଲୋକଙ୍କୁ ସହଯୋଗ ଲୋଡ଼ିଥିଲେ । ପରେ କବାଟ ଭାଙ୍ଗି ଭିତରେ ଦେଖିଲା ବେଳେ ପୁଅ ଲକ୍ଷ୍ମୀ ନାରାୟଣ ଫ୍ୟାନ୍ ହୁକ୍‌ରେ ଲୁଗାରେ ଫାଶୀ ଲଗାଇ ଝୁଲୁଛି । ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ବିଦ୍ୟାଳୟ ଚାରିପଟେ କୁଢ଼ କୁଢ଼ ଆବର୍ଜନା

● ଦୁର୍ଗନ୍ଧରେ ଫାଟି ପଡୁଛି ଛାତ୍ରଛାତ୍ରୀଙ୍କ ନାକ

● ବାଟବଣା ସ୍ୱଚ୍ଛ ଭାରତ ଅଭିଯାନ



ସାନଖେମୁଣ୍ଡି,୧୭ ।୧(ସମିସ): ଗ୍ରାମାଞ୍ଚଳରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସରକାର କରିଛନ୍ତି ଅନେକ ଯୋଜନା । ପିଲାଙ୍କୁ ବିଦ୍ୟାଳୟମୁଖୀ କରିବାକୁ ସ୍ମାର୍ଟ କ୍ଲାସ୍‌ରୁମ ଠାରୁ ଆରମ୍ଭ କରି ମାଗଣା ପୋଷାକ, ବହି, ଜୋତା ଆଦି ଦେଉଛନ୍ତି । ସ୍କୁଲରେ ସ୍ୱଚ୍ଛତା, ପରିମଳ ଓ ପରିଚ୍ଛନ୍ନତାକୁ ବି ଗୁରୁତ୍ୱ ଦିଆଯାଉଛି । କିନ୍ତୁ ସାନଖେମୁଣ୍ଡି ବ୍ଲକ କଉଡ଼ିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚାରିପଟେ କୁଢ଼ କୁଢ଼ ଅଳିଆ ଆବର୍ଜନା ଭର୍ତ୍ତି ହୋଇଛି । ଫଳରେ ଛାତ୍ରଛାତ୍ରୀଙ୍କ ଦୁର୍ଗନ୍ଧରେ ନାକ ଫାଟୁଛି । ଯାହାକୁ ନେଇ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ନାକରେ ହାତ ଦେଇ ବସି ପଢୁଛନ୍ତି ।

ଏହି ସମସ୍ୟା ଦିନେ କି ଦୁଇଦିନ ନୁହେଁ ବରଂ ଦୀର୍ଘବର୍ଷ ଧରି ଲାଗି ରହିଛି । ଡେଙ୍ଗୁ ମ୍ୟାଲେରିଆ ଭଳି ଅନେକ ରୋଗରେ ସଂକ୍ରମଣ ଆଶଙ୍କା କରିଛନ୍ତି ଅଭିଭାବକ । ଯିଏ ପାରିଲା ସିଏ ଆଣି ଏଠାରେ ଅଳିଆ ଫିଙ୍ଗି ଚାଲିଯାଉଛି । ଫଳରେ ନାଳ ଜାମ ହୋଇ ନର୍ଦ୍ଦମା ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଭାସିବା ସହ କୃତ୍ରିମ ପୋଖରୀ ପରି ଦୃଶ୍ୟମାନ ହେଉଛି । ମଶାମାଛି ଅଣ୍ଡାଦାନ କରି ବଂଶବିସ୍ତାର କରୁଛନ୍ତି । ବର୍ଷା ଦିନର କଥା ନ କହିବା ଭଲ । ସିଧା ନାଳନର୍ଦ୍ଦମା ପାଣି ନିଷ୍କାସନ ନ ହୋଇ ବିଦ୍ୟାଳୟ ମଧ୍ୟରେ ପଶୁଛି । ଏଣୁ ବିଦ୍ୟାଳୟ ସମ୍ମୁଖ ସଫେଇ କରି ନାଳ ନର୍ଦ୍ଦମା ପାଣି ନିଷ୍କାସନ କିଭଳି ହେବ ସ୍ଥାନୀୟ ପ୍ରଶାସନ ସରକାର ଦୃଷ୍ଟି ଦିଅନ୍ତୁ ବୋଲି କହିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ ।

ଅନ୍ୟପଟେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କହିଛନ୍ତି, ବିଦ୍ୟାଳୟ ସମ୍ମୁଖ ସଫା ରଖିବା ସମସ୍ତଙ୍କ ଦାୟିତ୍ୱ । ନିଜ ପିଲା ସ୍କୁଲରେ ପଢୁଛନ୍ତି କିନ୍ତୁ ଗ୍ରାମବାସୀ ହିଁ ଅଳିଆ ଆଣି ପକାଉଛନ୍ତି । ଏନେଇ ଅଭିଭାବକମାନେ କହିଛନ୍ତି କି କାହିଁକି ଗ୍ରାମରେ ସଫେଇ ହେଉନାହିଁ । ସୁନ୍ଦର ପରିବେଶ ସହ ସଫେଇ ପାଇଁ ଆସୁଥିବା ଟଙ୍କା ଯାଉଛି କୁଆଡେ ବୋଲି ପ୍ରଶ୍ନ କରିଛନ୍ତି ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯମୁନା ଦାଶ
(କବୟତ୍ରୀ)
ଗ୍ରାମ - ଚୁକୁନା ଶାସନ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ - ୦୬.୦୧.୧୯୨୯
ତିରୋଧାନ - ୦୬.୦୧.୨୦୨୬
ଆଜି ତୁମ ଦ୍ୱାଦଶାହ ତିଥିରେ ଅମର ଆତ୍ମାର ସଦଗତି କାମନା କରୁଛୁ
ଇତି: ତୁମର ହତଭାଗ୍ୟ ପରିବାର ଓ ଆତ୍ମୀୟସ୍ୱଜନ

ଜବରଦଖଲକାରୀଙ୍କ କବ୍‌ଜାରେ 'ରାଜୀବ ଆବାସ'





ବ୍ରହ୍ମପୁର, ୧୭ ।୧ (ସମିସ): ସହରାଞ୍ଚଳର ବସ୍ତିବାସିନ୍ଦାଙ୍କ ଆଶ୍ରୟ ପାଇଁ ମୁଣ୍ଡ ଉପରେ ଛାତ ସହିତ ସର୍ବନିମ୍ନ ମୌଳିକ ସୁବିଧା ଦେବାକୁ ଯାଇ ସରକାରଙ୍କ ପକ୍ଷରୁ ରାଜୀବ ଆବାସ ଯୋଜନାରେ ଗୃହ ନିର୍ମାଣ କରି ଯୋଗାଇ ଦିଆଯାଇଥିଲା। ୪ଟି କିସ୍ତିରେ ୧୦ହଜାର ଲେଖାଏଁ ପୈଠ କରି ମୋଟ ୪୦ହଜାର ଟଙ୍କାରେ ଗୃହ ଯୋଗାଇ ଦିଆଯାଇଥିଲା। ଗୃହନିର୍ମାଣ ପରେ ଚିହ୍ନଟ ଯୋଗ୍ୟ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ଗୃହ ଯୋଗାଇ ଦିଆଯାଇଥିଲା। ଏହି କ୍ରମରେ ବ୍ରହ୍ମପୁର ସହରରେ ମୋଟ ୧୨ଟି ସ୍ଥାନରେ ସ୍ୱତନ୍ତ୍ର ରାଜୀବ ଆବାସ କଲୋନୀ ପ୍ରତିଷ୍ଠା କରାଯାଇ ମୋଟ ୨୧୩୨ଟି ଗୃହ ନିର୍ମାଣ କରାଯାଇଛି। କଚ୍ଚା ଘରୁ ପକ୍କା ଘରେ ବସବାସ କରିବା ପାଇଁ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଉତ୍ସାହ। ତେବେ ତଦାରଖରେ ଅଭାବ ହେଉ କିମ୍ବା ପରିଚାଳନା ଗତ ତ୍ରୁଟି ହେଉ ସହରରେ ଥିବା ସମସ୍ତ ୧୨ଟି ରାଜୀବ ଆବାସ କଲୋନୀରେ ବହୁ ଘର ଲୋକଙ୍କ ଜବରଦଖଲରେ ଥିବା ଜଣାପଡିଛି।

କେଉଁଠି ପ୍ରକୃତ ହିତାଧିକାରୀ ନଥିବା ବେଳେ ସେମାନଙ୍କ ସମ୍ପର୍କିୟ ରହୁଛନ୍ତି ତ ଆଉ କେଉଁଠି ଭଡ଼ାସୂତ୍ରରେ ଦେଇ କେତେକ ହିତାଧିକାରୀ ପୁଣି ବସ୍ତିରେ ରହୁଛନ୍ତି। କିଛି ଲୋକ ପାଇଥିବା ଘର ବିକି ଦେଇଥିବା ଜଣାପଡ଼ିଛି। ମୋଟାମୋଟି ଭାବେ କହିବାକୁ ଗଲେ ଜବରଦଖଲକାରୀଙ୍କ କବଜାରେ ରାଜୀବ ଆବାସ କଲୋନୀ ରହିଛି।

ଏଭଳି ଅଭିଯୋଗ ପାଇବା ପରେ ବିଏମସି ପକ୍ଷରୁ ସର୍ଭେର୍ କରାଯାଇ ସତ୍ୟତା ଥିବା ଜଣାପଡିଥିଲା। ନେହେରୁ ନଗର ଠାରେ ଥିବା କଲୋନୀରେ ମୋଟ ୨୮୯ଟି ଘର ମଧ୍ୟରୁ ୨୧ଟି ଘର ଭଡ଼ାରେ ଲାଗିଥିବା ବେଳେ ୧୦୮ ଟିରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିଭଳି ଗୋଟିଏ ଘରର ହିତାଧିକାରୀଙ୍କର ଦେହାନ୍ତ ହୋଇସାରିଥିବା ବେଳେ ଅନେକ ଘରେ ରହୁଥିବା ବ୍ୟକ୍ତିବିଶେଷଙ୍କ ନିକଟରେ ସମ୍ପୃକ୍ତ ଘରର ଡକ୍ୟୁମେଣ୍ଟ ନଥିବା ଜଣାପଡିଛି। ସେପଟେ ଏହି କଲୋନୀରେ ପ୍ରକୃତ ହିତାଧିକାରୀଙ୍କ ସଂଖ୍ୟା କମ୍ ଥିବା ବେଳେ କଲୋନୀ ପାଇଁ ମଟର ପମ୍ପ ବାବଦରେ ଟାଟାପାୱାର ପକ୍ଷରୁ ବକେୟା ୫ଲକ୍ଷ ଟଙ୍କାର ବିଦ୍ୟୁତ ବିଲ ଆସିଥିବା ନିଗମ କର୍ତ୍ତୃପକ୍ଷଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଏଭଳି ପରିସ୍ଥିତିରେ ସହରରେ ଥିବା ବିଭିନ୍ନ ରାଜୀବ ଆବାସ କଲୋନୀକୁ ଜବରଦଖଲ ମୁକ୍ତ କରିବାକୁ ଅଣ୍ଟା ଭିଡିଛନ୍ତି ବିଏମସି କର୍ତ୍ତୃପକ୍ଷ। ପ୍ରତ୍ୟେକ କଲୋନୀରେ ହୋଇଥିବା ସର୍ଭେ ରିପୋର୍ଟ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ ରହିବାକୁ ସୁଯୋଗ ଦେଇ ଅନ୍ୟ ତଥା ଅଯୋଗ୍ୟ ହିତାଧିକାରୀଙ୍କୁ ଉଚ୍ଛେଦ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ।

- ବିଏମ୍‌ସିର ନିଘା ନାହିଁ;ସହରରେ ରହିଛି ୧୨ଟି ସ୍ୱତନ୍ତ୍ର କଲୋନୀ
- ୨୧୩୨ଟି ଗୃହ ମଧ୍ୟରୁ ଆବଣ୍ଟନ ହୋଇଛି ୧୮୩୦ଟି
- ଘର ପାଇ ସୁଦ୍ଧା କିଛି ରହୁଛନ୍ତି ବସ୍ତିରେ
- ଜବରଦଖଲ ହଟାଇବାକୁ ନିଆଯିବ ପଦକ୍ଷେପ : ମେୟର

ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର



ବ୍ରହ୍ମପୁର, ୧୭।୧ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଭାଲିଆଝୋଳ ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପି. ରାମଚନ୍ଦ୍ରପୁର ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କ୍ଲଷ୍ଟର ସିଆରସିସି ଦିଲ୍ଲୀପ କୁମାର ପ୍ରଧାନ, ପି. ରାମଚନ୍ଦ୍ରପୁର ପୋଷ୍ଟମାଷ୍ଟର ଶାନ୍ତନୁ ମହାପାତ୍ର, ଭାଲିଆଝୋଳ ପୋଷ୍ଟମାଷ୍ଟର ଓ ସରପଞ୍ଚ ଯୋଗ ଦେଇଥିଲେ। ବିଭିନ୍ନ ସ୍ୱଳ୍ପସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଉପକାରିତା ଏବଂ ସାଇବର୍ ଫ୍ରଡ୍ ସମ୍ବନ୍ଧରେ ଆଲୋଚନା କରଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକସେବା ଓ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ। ଶିବିରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଜାମିନରେ ଥିବା ନାଟ୍ୟ ଅଧିକାରୀଙ୍କ ମୃତ୍ୟୁ

ଗଞ୍ଜେଇ ବ୍ୟବସାୟୀଙ୍କୁ ହତ୍ୟା କରି ଗିରଫ ହୋଇଥିଲେ ବାପ-ପୁଅ



ବ୍ରହ୍ମପୁର,୧୭।୧(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଜେନା ସାହିରେ ଗଞ୍ଜେଇ ବ୍ୟବସାୟୀ ତଥା ବେଲଗାଁ ନିବାସୀ ଜଗଦୀଶ ପାଣିଗ୍ରାହୀ ଓରଫ କୋକ (୩୪)ଙ୍କୁ ଗଳାକାଟି ହତ୍ୟା ଘଟଣାରେ ପୁଲିସ ଆକ୍ରମଣକାରୀ ବାପା ତ୍ରିନାଥ ପାଣିଗ୍ରାହୀ (୭୩) ଓ ତାଙ୍କ ପୁଅ ପ୍ରଦୀପ କୁମାର ପାଣିଗ୍ରାହୀ(୪୦)ଙ୍କୁ ଗିରଫ କରିଥିଲା। ନିକଟରେ ଅଭିଯୁକ୍ତ ତ୍ରିନାଥ ସର୍ତ୍ତମୂଳକ ଜାମିନରେ ଜେଲରୁ ଆସିଥିବାବେଳେ ତାଙ୍କର ଅସୁସ୍ଥତା ଯୋଗୁ ମୃତ୍ୟୁ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ପୁଅ ପ୍ରଦୀପ ଜେଲରେ ଥିବାବେଳେ ବାପା ତ୍ରିନାଥଙ୍କ ମୃତ୍ୟୁ ହୋଇଛି।

ବେଲଗାଁ ଶ୍ରୀଶ୍ରୀ ମା' ହରକାଳୀ ଯାତ୍ରା କମିଟିର ଅଧିକାରୀ ଥିଲେ ତ୍ରିନାଥ ପାଣିଗ୍ରାହୀ। ୨୦୨୫ ମାର୍ଚ୍ଚ ୩୧ ରାତିରେ ବଡ଼ବଜାର ଥାନା ଅନ୍ତର୍ଗତ ଜେନା ସାହିର ଶାନ୍ତନୁ କୁମାର ସାହୁଙ୍କ ଘର ଦାଣ୍ଡରେ ବେଲଗାଁର ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା।

ରାତିରେ ଦଣ୍ଡନାଚ ଭୋଗ ବଣ୍ଟନ ବେଳେ ଗଞ୍ଜେଇ ବ୍ୟବସାୟୀ କୋକ ଓ ଦଣ୍ଡନାଚର ନାଟ୍ୟ ଅଧିକାରୀ ତ୍ରିନାଥ ପାଣିଗ୍ରାହୀଙ୍କ ମଧ୍ୟରେ ବଚସା ଓ ପରେ ଦଣ୍ଡନାଚ ପାଇଁ ପ୍ରସ୍ତୁତି ବେଳେ ମଞ୍ଚକୁ ନେଇ ପୁଣି କୋକ ଓ ନାଟ୍ୟ ଅଧିକାରୀ ତ୍ରିନାଥଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କୋକ ତ୍ରିନାଥଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। କଳାକାରମାନଙ୍କ ନିକଟରେ ଥିବା ତ୍ରିନାଥଙ୍କ ପୁଅ ପ୍ରଦୀପ ଖବର ପାଇ ପହଞ୍ଚି ଏକ ଧାରୁଆ ଛୁରୀରେ କୋକଙ୍କ ଗଳା କାଟି ଦେଇଥିଲା।

ଗୋପାଳପୁର ବେଳାଭୂମିରେ ଅମୃତକାଳ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ



ବ୍ରହ୍ମପୁର,୧୭।୧(ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଅମୃତକାଳ ସାଂସ୍କୃତିକ ସମାରୋହ ଅବସରରେ ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉଦ୍‌ଘାଟନ ସମାରୋହରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମ, ବିଏମସି କମିସନର ପ୍ରଥମେଶ ଅରବିନ୍ଦ ରାଜେସିର୍କେର୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନର ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ ସମାରୋହର ଉଦଘାଟନୀ ସନ୍ଧ୍ୟାରେ ଗଞ୍ଜାମର ଶ୍ରୀଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ଘଣ୍ଟ ମୃଦଙ୍ଗ ସଂଘ ଦ୍ୱାରା ଘଣ୍ଟ ମୃଦଙ୍ଗ ଓ ପଶୁ ନୃତ୍ୟ, ନରେନ୍ଦ୍ର ପୁର ଲୋକାନୃତ୍ୟ ଦଳ ପକ୍ଷରୁ ଯୋଡିଶଙ୍ଖ, ସାଧୁ ଗୋସାଇଁ ନାଟ୍ୟ ପରିଷଦ ପକ୍ଷରୁ ଦଣ୍ଡନାଚ, ଭୁବନେଶ୍ୱରର ସାଧନା ଆର୍ଟ ଆଣ୍ଡ କଲଚର ପକ୍ଷରୁ ଓଡିଶୀ ନୃତ୍ୟ, ଗଞ୍ଜାମର ଜୟ ମା ସନ୍ତୋଷୀ ଲୋକାନୃତ୍ୟ କଳା ସାଂସଦ ପକ୍ଷରୁ ରାଧା ପ୍ରେମଲୀଳା, କଟକର ଜାଗୃତି ନୃତ୍ୟ କଳା ମନ୍ଦିର ଦ୍ୱାରା ଓଡିଶୀ ନୃତ୍ୟ ଓ ଗଞ୍ଜାମର ନୃସିଂହନାଥ ନାଟ୍ୟ କଳା ସଙ୍ଘ ଦ୍ୱାରା ପ୍ରହଲାଦ ନାଟକ ଇତ୍ୟାଦି ପରାମ୍ପରୀକ ନୃତ୍ୟ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରାଯାଇଥିଲା। କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଗଞ୍ଜାମ କଳାକାରଙ୍କୁ ଉତ୍ସାହିତ କରିବାକୁ କଲିକତା ସ୍ଥିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ରଙ୍କ ଉଦ୍ୟମକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସହଯୋଗ କରାଯାଉଛି।

ଘୋଷଣାରେ ସୀମିତ ଏମ୍‌କେସିଜି ହସ୍ପିଟାଲ ଅଧୀକ୍ଷକଙ୍କ ନିର୍ଦ୍ଦେଶନାମା

୩ ସପ୍ତାହ ପରେ ବି ଖୋଲିଲାନି ନୂତନ ନିରାମୟ କେନ୍ଦ୍ର

ବ୍ରହ୍ମପୁର,୧୭।୧(ସମିସ): ଚିକିତ୍ସା କ୍ଷେତ୍ରରେ ଏମକେସିଜି ମେଡ଼ିକାଲ ଉପରେ ଦୈନିକ ହଜାର ହଜାର ରୋଗୀ ନିର୍ଭର କରିଥାନ୍ତି। ମେଡ଼ିକାଲ ପରିସରରେ ଥିବା ସମସ୍ତ ୬ଟି 'ନିରାମୟ' ଔଷଧ ବିତରଣ କେନ୍ଦ୍ରରେ ସାଧାରଣତଃ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ଯାହାକୁ ଦୃଷ୍ଟିରେ ରଖି ତଥା ରୋଗୀଙ୍କ ସୁବିଧା ପାଇଁ କ୍ୟାମ୍ପସରେ ଆଉ ଦୁଇଟି ନିରାମୟ ଔଷଧ ବିତରଣ କେନ୍ଦ୍ର ଖୋଲିବାକୁ ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ନିଷ୍ପତି ନେଇଥିଲେ। ଏପରିକି ଗତ ଡ଼ିସେମ୍ବର ୨୭ରେ ପୂର୍ବରୁ ଥିବା ନିରାମୟ କେନ୍ଦ୍ର ନିକଟରେ ଗୋଟିଏ ଏବଂ ମେଡ଼ିକାଲ ଆଶୁଚିକିତ୍ସା ବିଭାଗରେ ଆଉ ଗୋଟିଏ ଔଷଧ ବିତରଣ କେନ୍ଦ୍ର (ଦିବାରାତ୍ର) ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଇତି ମଧ୍ୟରେ ୩ ସପ୍ତାହ ବିତି ଯାଇଥିଲେ ହେଁ ମେଡ଼ିକାଲ ପରିସରରେ ଗୋଟିଏ ମଧ୍ୟ ଔଷଧ କେନ୍ଦ୍ର ଖୋଲା ଯାଇପାରିନାହିଁ। ଅନ୍ୟପକ୍ଷରେ ଅବଶ୍ୟକ ଭିତ୍ତିଭୂମି ଯୋଗାଇବାକୁ ପୂର୍ତ୍ତ ବିଭାଗକୁ କୁହାଯାଇଥିବା ବେଳେ ଉକ୍ତ କାର୍ଯ୍ୟ ଜାରି ରହିଛି। ଅଳ୍ପଦିନ ମଧ୍ୟରେ ଅତିରିକ୍ତ ଦୁଇଟି କେନ୍ଦ୍ର ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହେବ ବୋଲି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ଡ଼ା. ଦୁର୍ଗା ମାଧବ ଶଥପଥୀ କହିଛନ୍ତି।

ଗଞ୍ଜାମ ଜୁନିଅର ହ୍ୟାଣ୍ଡବଲ୍ ଦଳର ରାୟଗଡ଼ା ଯାତ୍ରା



ବ୍ରହ୍ମପୁର,୧୭।୧(ସମିସ): ରାୟଗଡ଼ାର ବିଷମକଟକ ଠାରେ ୩୧ତମ ଆନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲାର ଉଭୟ ବାଳକ ଓ ବାଳିକା ଦଳ ୧୬ ଲେଖାଏଁ ଖେଳାଳି ରାୟଗଡ଼ା ଯାତ୍ରା କରିଛନ୍ତି। ଉକ୍ତ ପ୍ରତିଯୋଗିତା ଆସନ୍ତା ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଟୁର୍ଣ୍ଣାମେଣ୍ଟରେ ଖେଳ ପରିଚାଳନା ଓ ରେଫରି ଦାୟିତ୍ୱ ତୁଲାଇବାକୁ ଗଞ୍ଜାମରୁ ସନ୍ଦୀପ କୁମାର ପାତ୍ର, ବିକାଶ କୁମାର ସାସମଲ, ରମାଶିଷ ଜେନା, ଜ୍ୟୋତି ପାତ୍ର ଓ ପ୍ରମୋଦ କୁମାର ପଟ୍ଟନାୟକ ରାୟଗଡ଼ା ଯାତ୍ରା କରିଛନ୍ତି। ଉଭୟ ବାଳକ ଓ ବାଳିକା ଦଳ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ନିୟମିତ ଏନଆଇଏସ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ଅଭ୍ୟାସ କରୁଛନ୍ତି। ବିଗତ ବର୍ଷ ଗଞ୍ଜାମର ଏହି ବାଳିକା ଦଳ ବ୍ରହ୍ମପୁରରେ ଆୟୋଜିତ ଅନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଥିଲେ।

ବ୍ୟାଗ ଚୋରି ମାମଲାରେ ଅଟୋ ଚାଳକ ଗିରଫ

ବ୍ରହ୍ମପୁର,୧୭।୧(ସମିସ): ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବ୍ୟାଗ ଲୁଟ ମାମଲାରେ ଟାଉନ ଥାନା ପୁଲିସ ଜଣେ ଅଟୋ ଚାଳକକୁ ଗିରଫ କରିଛି। ଗିରଫ ଅଟୋ ଚାଳକ ହେଲେ ଲୋଚାପଡ଼ାର ଶିବରାମ ବେହେରା(୩୯)। ପୁଲିସ ଗିରଫ ଶିବ ନିକଟରୁ ଚୋରି ବ୍ୟାଗ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି। ସୂଚନା ପ୍ରକାରେ, ରାଉଳ ସାହିର ବିଜୟ କୁମାର ପାଢୀ କୌଣସି କାମରେ ବ୍ରହ୍ମପୁର ଆର୍ମି କ୍ୟାଣ୍ଟିନ ନିକଟକୁ ଆସିଥିବା ବେଳେ ତାଙ୍କ ବ୍ୟାଗ ଚୋରି ହୋଇଯାଇଥିଲା। ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ଶିବରାମଙ୍କ ଅଟୋକୁ ଚିହ୍ନଟ କରିଥିଲା। ତାଙ୍କୁ ନୂଆ ବସଷ୍ଟାଣ୍ଡ ନିକଟରୁ କାବୁ କରିବା ପରେ ପଚରାଉଚରା କରିଥିଲା। ତାଙ୍କ ନିକଟରୁ ଚୋରି ବ୍ୟାଗ ଜବତ କରି ଗିରଫ କରାଯାଇଥିଲା। ଶିବଙ୍କ ନାମରେ ପୂର୍ବରୁ ୩ ଟି ମାମଲା ରହିଥିବା ପୁଲିସ କହିଛି।

୩୨କେଜି ଗଞ୍ଜେଇ ସହ ବାଇକ ଜବତ; ୨ ଗିରଫ



ବ୍ରହ୍ମପୁର,୧୭।୧(ସମିସ): ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସ୍ଥାନୀୟ ଫାଷ୍ଟଗେଟ ନିକଟରେ ଏକ ବାଇକ୍‌ରୁ ୩୨ କେଜି ଗଞ୍ଜେଇ ଜବତ କରାଯାଇ ୨ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବେଲଗାଁ ଅନୀଲ ପୃଷ୍ଟି (୨୧) ଓ ହିଞ୍ଜିଳିକାଟୁର ଦୀପକ ସ୍ୱାଇଁ(୨୦)। ଗଜପତି ଜିଲ୍ଲାରୁ ୨ଜଣ ଯୁବକ ଏକ ବାଇକ ଯୋଗେ ଗଞ୍ଜେଇ ନେଇ ବ୍ରହ୍ମପୁର ଅଭିମୁଖେ ଆସୁଥିବା ସୂଚନା ପାଇ ବିଭାଗର ଉପ ଅଧୀକ୍ଷକ ଶ୍ରୁତିକାନ୍ତ ରାଉତଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସୁଶ୍ରୀ ସଂଗୀତା ମହାପାତ୍ର ଓ ନମ୍ରତା ନାହାକ ସ୍ୱତନ୍ତ୍ର ଟିମ ସହ ଫାଷ୍ଟଗେଟ ଠାରେ ନାକାବନ୍ଦୀ କରିଥିଲେ। ଏହି ସମୟରେ ଦିଗପହଣ୍ଡି ପଟୁ ଆସୁଥିବା ଏକ ବାଇକକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଥିବା ୨ଯୁବକଙ୍କ ବ୍ୟାଗରୁ ୩୨କେଜି ଗଞ୍ଜେଇ ମିଳିଥିଲା। ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ପୀତବାସ ହତ୍ୟା ମାମଲା

ଜିଲ୍ଲା କୋର୍ଟରେ ସୁନିଲଙ୍କ ଜାମିନ ଆବେଦନ


ବ୍ରହ୍ମପୁର,୧୭।୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ଜୟପୁରର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା ଆଜି ନିଜ ଓକିଲ ଚକ୍ରପାଣି ନାହାକଙ୍କ ଜରିଆରେ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ପିଟିସନ ଦାଖଲ କରି ଜାମିନ ଆବେଦନ କରିଛନ୍ତି। ଗତକାଲି ଏସଡିଜେଏମ୍ ସୁନୀଲ ହୋତାଙ୍କ ସମେତ ମଳୟ ବିଷୋୟୀ, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶୱାନ ଆଦି ୬ଜଣଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ତେବେ ଆଜି କେବଳ ସୁନିଲ ହୋତା ଜିଲ୍ଲା କୋର୍ଟରେ ଜାମିନ ଆବେଦନ କରିଥିବା ଜଣାପଡିଛି।

କଂଗ୍ରେସର ଜିଲ୍ଲାସ୍ତରୀୟ ସମବାୟବିତ୍ ସମ୍ମିଳନୀ



ବ୍ରହ୍ମପୁର,୧୭।୧(ସମିସ): ସ୍ଥାନୀୟ ବାପୁଜୀ ଆଶ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସ୍ତରୀୟ ସମବାୟବିତ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର କୃଷକ ସେଲର ସଭାପତି ଅମୀୟ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମାର୍ଚ୍ଚ ୩୧ ସୁଦ୍ଧା ପ୍ରତି ଜିଲ୍ଲାରେ ସମବାୟ ସମାବେଶ କରିବା ପାଇଁ ଯୋଜନା ଥିବା କହିଥିଲେ। ଏହାସହ ସମାବେଶରେ ସମବାୟର ସ୍ୱରୂପ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟତମ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସଭାପତି(ପୂର୍ବ) ରଶ୍ମି ପଟ୍ଟନାୟକ ସମବାୟକୁ କିଭଳି ସୁଦୃଢ଼ୀକରଣ କରାଯାଇପାରିବ ମତବ୍ୟକ୍ତ କରିଥିଲେ। ସମବାୟ ସଂଗଠନକୁ ସୁଦୃଢୀକରଣ ପାଇଁ ପ୍ରତି ଜିଲ୍ଲାରୁ ୩୦ଜଣ ଅଭିଜ୍ଞ ସମବାୟବିତ୍‌ଙ୍କୁ ଚୟନ କରାଯିବ। ପ୍ରତି ସମବାୟ ସଂସ୍ଥାରୁ ୧୫ଜଣ ସଦସ୍ୟ ଚିହ୍ନଟ କରାଯିବ ବୋଲି କୁହାଯାଇଥିଲା। ବୈଠକରେ ପିସିସି ସମ୍ପାଦକ ସାକା ସୁଜିତ, ଭୋକାଲି ସେଠୀ, ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଶ୍ୟାମସୁନ୍ଦର ସାହୁ, ଷ୍ଟିଅରିଂ କମିଟି ସଦସ୍ୟ ଗଣପତି ବାରିକ, ପୂର୍ବତନ ବିଧାୟକ ଡାକ୍ତର ତ୍ରିନାଥ ବେହେରା ଓ ଅଶୋକ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ ବକ୍ସିଂ ରେଫରୀ ଶିଶିରଙ୍କ ପୁଣେ ଯାତ୍ରା



ବ୍ରହ୍ମପୁର,୧୭।୧(ସମିସ): ଆସନ୍ତା ୧୯ରୁ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଭାରତୀୟ ବକ୍ସିଂ ଦଳ ଚୟନ ଶିବିରରେ ଟେକ୍ନିକାଲ ଅଫିସିଆଲ୍ ଭାବେ ଯୋଗ ଦେବାପାଇଁ ଆନ୍ତର୍ଜାତୀୟ ବକ୍ସିଂ ରେଫରୀ ତଥା କୋଚ୍ ଶିଶିର କୁମାର ପାଣିଗ୍ରାହୀ ପୁଣେ ଯାତ୍ରା କରିଛନ୍ତି। ଏହି ଚୟନ ଶିବିର ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଏଏସଆଇ ପୁଣେ ମହାରାଷ୍ଟ୍ରର ମିଳିତ ଆନୁକୁଲ୍ୟରେ ପୁଣେ ସ୍ଥିତ ଆର୍ମି ସ୍ପୋର୍ଟସ ଇନଷ୍ଟିଚ୍ୟୁଟ ଠାରେ ଅନୁଷ୍ଠିତ ହେବ ବୋଲି କେ ପ୍ରଭାକର ରାଓ ଜଣାଇଛନ୍ତି। ଆଶୀର୍ବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସମ୍ପାଦକ ଅନିଲ ବୋହିଦାର, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, କେ. ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ. କେ. ନାୟକ, ଶରତ ମହାପାତ୍ର, ବସନ୍ତ ପାଣିଗ୍ରାହୀ, ଉପେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ରାଉତ, ବି.ଏସ. ସାମନ୍ତ, ପୂର୍ଣ୍ଣ ପାତ୍ର ଓ ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ମହାତ୍ମା ଗାନ୍ଧୀ ଷ୍ଟାଡିୟମର ସମସ୍ତ ସଦସ୍ୟ, ଜିଲ୍ଲା କ୍ରୀଡା ସଂଘର ସମସ୍ତ ସଦସ୍ୟ ଏବଂ ବହୁ ବକ୍ସର ଓ କ୍ରୀଡାବିତ ଶୁଭେଚ୍ଛା ଜଣାଇଛନ୍ତି।

ବ୍ରହ୍ମପୁରରେ ଆରମ୍ଭ ହେଲା ବୁଲା କୁକୁରଙ୍କ ବନ୍ଧ୍ୟାକରଣ

ସହରରେ ଅଛନ୍ତି ୫ ହଜାରରୁ ଊର୍ଦ୍ଧ୍ୱ କୁକୁର

ପ୍ରଥମ ଦିନରେ ୭ କୁକୁରଙ୍କ ବନ୍ଧ୍ୟାକରଣ



ବ୍ରହ୍ମପୁର,୧୭।୧(ସମିସ): ମହାନଗର ନିଗମ ଅଞ୍ଚଳରେ ଶନିବାର ବୁଲା କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ବନ୍ଧ୍ୟାକରଣ ମାଧ୍ୟମରେ ବୁଲା କୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ରେବିଜ୍ ଭଳି ରୋଗର ପ୍ରସାରକୁ ରୋକାଯାଇ ପାରିବ। ବ୍ରହ୍ମପୁରରେ ପ୍ରାଥମିକ ପର୍ଯ୍ୟାୟରେ ମହାନଗର ନିଗମ ଅଞ୍ଚଳରେ ଗୋଟିଏ କୁକୁର ଧରା ଗାଡ଼ି ବୁଲିବ। ବର୍ତ୍ତମାନ ସହରରେ ପାଖାପାଖି ୫ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି। ସେମାନଙ୍କୁ ବନ୍ଧ୍ୟାକରଣ କରିବାକୁ ବେଙ୍ଗାଲୁରୁ ସ୍ଥିତ ଅନିମାଲ ୱେଲଫର ଅର୍ଗାନାଇଜେସନ୍ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୨ବର୍ଷ ପାଇଁ ଏହି ବନ୍ଧ୍ୟାକରଣ ପ୍ରକ୍ରିୟା ଜାରି ରହିବ। ବନ୍ଧ୍ୟାକରଣ ପାଇଁ ଜଣେ ଅନୁଭବୀ ପଶୁ ଡାକ୍ତର, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ ହୋଇଛନ୍ତି।

ପ୍ରଶିକ୍ଷିତ ପଶୁ ଚିକିତ୍ସକଙ୍କ ଦ୍ୱାରା ନିରାପଦ ଭାବେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଇ ପରବର୍ତ୍ତି ସମୟରେ ସେମାନଙ୍କୁ ଯଥା ସ୍ଥାନରେ ଛାଡ଼ି ଦିଆଯିବ। ଏଥିପାଇଁ ସ୍ୱଚ୍ଛ ଅପରେସନ ଥିଏଟର, ଔଷଧ ଓ ପୋଷ୍ଟ-ଅପରେସନ ଯତ୍ନର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦଫାରେ ଏହି କାର୍ଯ୍ୟକ୍ରମ ପଶୁ ଚିକିତ୍ସାଳୟ ନିକଟସ୍ଥ ମିଲିଟାରୀ ଲାଇନ ଅଞ୍ଚଳରୁ ଆରମ୍ଭ ହୋଇ ପ୍ରଥମ ଦିନରେ ୭ଟି କୁକୁରଙ୍କୁ ଧରି ବନ୍ଧ୍ୟାକରଣ କରାଯାଇଛି। ଏହି ପଦକ୍ଷେପ ସହରକୁ ସୁରକ୍ଷିତ, ସ୍ୱଚ୍ଛ ଓ ସନ୍ତୁଳିତ ପରିବେଶ ଦିଗରେ ଆଗେଇ ନେବ ବୋଲି ଆଶା ପ୍ରକାଶ କରାଯାଉଛି। ଉଦଘାଟନୀ ଅବସରରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ମୁଖ୍ୟ ବିତ୍ତ ଅଧିକାରୀ ଦେବ କୁମାର ସାହୁ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଅଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା, ସିଟି ପ୍ରାଣୀ ଚିକିତ୍ସାଧିକାରୀ ଡ଼. ସତ୍ୟନାରାୟଣ କର, ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ପ୍ରଦୀପ ଶତପଥୀ, ଡି. କରୁଣାକର, ଧୀରେଶ କୁମାର ସାବତ, ବନିତା ସାହୁ, ଆପ୍ପା ରାଓ, ଶ୍ୱେତାରେଖା ତ୍ରିପାଠୀ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଜିଲ୍ଲା ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ରୋନାଲି ପାଣିଗ୍ରାହୀଙ୍କ ସମେତ ଠିକା ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ।

ରାସ୍ତା ମଝିରେ ଝୁଲୁଛି ନେତାଙ୍କ ମାଳମାଳ ହୋର୍ଡିଂ



ବାସୁଦେବପୁର,୧୭।୧(ସମିସ): ବାସୁଦେବପୁର ସହରରେ ନୂତନ ବର୍ଷକୁ ନେଇ ଚାରିଆଡ଼େ ଶୁଭେଚ୍ଛା ବ୍ୟାନର ଛାଇ ହୋଇଯାଇଛି। ସହରର ଦୁଇପାଖର୍ ରାସ୍ତା ବ୍ୟାନରରେ ଭର୍ତ୍ତି ହୋଇ ଯାଇଥିବାବେଳେ ରାସ୍ତା ମଝିକୁ ବି ନେତା ମନ୍ତ୍ରୀମାନେ ଛାଡ଼ି ନ ଥିବା ଭଳି ସଙ୍ଗିନ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ମଝି ଡିଭାଇଡରରେ ବସିଥିବା ଲାଇଟ୍ ଖୁଣ୍ଟିରେ ମାଳମାଳ ବିକଟାଳ ହୋର୍ଡି ଯାତାୟାତରେ ବାଧା ସୃଷ୍ଟି କରୁଥିବାବେଳେ କେତେକ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରର ମର୍ଯ୍ୟାଦା ବଢ଼ାଇବା ପରିବର୍ତ୍ତେ ଦୁର୍ଘଟଣାକୁ ଆମନ୍ତ୍ରିତ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ଲାଗିଥିବା ନେତା ମନ୍ତ୍ରୀଙ୍କ ହୋର୍ଡିଂ ଆକାର ବଳିଯାଇଛି ଲାଇଟ୍ ଖୁଣ୍ଟ ଓ ଡିଭାଇଡରକୁ। ଯାହାକି ଗାଡ଼ି ମୋଟର ଚାଳକମାନଙ୍କୁ ଗାଡ଼ି ଚଳାଇବା ପାଇଁ ସାମ୍ନା ପଟର ଦୃଶ୍ୟ ଅଡୁଆ ସୃଷ୍ଟି କରୁଛି। ଏଥିସହିତ ଧାମରା ବନ୍ଦରକୁ ଯାତାୟାତ କରୁଥିବା ଭାରୀଯାନ ଡାହାଣ ପାଖର ହୋର୍ଡିଂକୁ ସୁରକ୍ଷିତ ରଖି ବାମପାଖରେ ଚାପି ହୋଇ ଯାଉଥିବା ଦେଖିବାକୁ ମିଳୁଛି। ଫଳରେ ସହରର ସଂକୀର୍ଣ୍ଣ ରାସ୍ତାରେ ଅନ୍ୟ ଛୋଟଛୋଟ ଗାଡ଼ି ସହିତ ବାଇକ୍ ଆରୋହୀ ଓ ବାଇକ୍ ଆରୋହୀ ଅବା ପଥଚାରୀ ବିପଦର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଏ ଦିଗରେ ପୌର ପ୍ରଶାସନ ଦୃଷ୍ଟିଦେବା ପାଇଁ ଦାବି ହୋଇଛି।

ପ୍ରକାଶ ଥାଉକି, ସ୍ଥାନୀୟ ସହରର ମାତାଜୀ ମଠ ଛକଠାରୁ ଦୋକାନ ବଜାର ଲାଗିଥିବାବେଳେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳର ଛାମୁଆ ନେତାମାନେ ବ୍ୟାନର ମାଧ୍ୟମରେ ଲୋକମାନଙ୍କୁ ଇଂରାଜୀ ନବ ବର୍ଷର ଶୁଭେଚ୍ଛା ବାର୍ତ୍ତା ବାଣ୍ଟିବାରେ ବ୍ୟସ୍ତ ରହିଛନ୍ତି। ଏହି ବ୍ୟାନର ଓ ହୋର୍ଡିଂ ଦୀର୍ଘ ୩ କିଲୋମିଟର ସହର ଶେଷ ତାରେଣୀ ଛକ ପର୍ଯ୍ୟନ୍ତ ଛାଇ ହୋଇଯାଇଛି। ବିଶେଷ ଭାବେ ରାସ୍ତା ମଝି ଲାଇଟ୍ ଖୁଣ୍ଟିରେ ହୋର୍ଡିଂ ବି ଲାଇଟ ଲାଗିଥିବା କାରଣରୁ ଯାତାୟାତର ବ୍ୟାଘାତ ଦେଉଥିବା ଅଭିଯୋଗ ସାମ୍ନାକୁ ଆସିଛି।

ସହର ମଧ୍ୟରେ ମଝିରେ ମଝିରେ ଲୋକମାନଙ୍କୁ ରାସ୍ତା ପାର୍ ହେବା ସମୟରେ ଆଗପଛରୁ ଯାତାୟାତ କରୁଥିବା ଭାରୀଯାନ ସତର୍କତାର ସହ ଚଳାଇବା କଷ୍ଟକର ବ୍ୟାପାର ସାବ୍ୟସ୍ତ ହେଉଛି। ତେବେ ପୌର ପ୍ରଶାସନର ଦୃଷ୍ଟି ଆଢୁଆଳରେ ଏହି ପର୍ବ ଚାଲିଥିବା ଏକ ବିଶେଷ ସୂତ୍ରରୁ ସୂଚନାପ୍ରାପ୍ତ ହୋଇଛି। ବେଧଡ଼କ ଭାବେ ଲଗାଯାଇଥିବା ଏହି ବ୍ୟାନର ହୋର୍ଡିଂ ପାଇଁ ଜନସାଧାରଣଙ୍କୁ ଶୁଭେଚ୍ଛା ବାର୍ତ୍ତା ଯାତାୟାତର ଅଡୁଆ ସୃଷ୍ଟି କରୁନାହିଁ ତ ବୋଲି ପ୍ରଶ୍ନ ଉଠିଛି। ବେଧଡ଼କ ଭାବେ ବ୍ୟାନର ଲଗାଇ ଲୋକମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଗିଳେଇ ଦେବା ପରି ଲାଗୁଥିବା କେତେକ କୁହାକୁହି ହେଉଥିବା ଶୁଣିବାକୁ ମିଳିଛି। ସେ ଯାହା ବି ହେଉ ବ୍ୟାନର ଲାଗୁ କି ହୋର୍ଡିଂ ଦୁର୍ଘଟଣାକୁ ଆମନ୍ତ୍ରଣ କରୁ ପଛେ, ସେଥିରେ ଦୁଃଖ ନାହିଁ କାହିଁକି ନା ଏଥିପାଇଁ ଆମ୍ଭର ରାଜସ୍ୱ ବ୍ୟାଗ ଭର୍ତ୍ତି ହେଉଛି ବୋଲି ମଧ୍ୟ ଲୋକେ ଆଲୋଚନା କରୁଛନ୍ତି। ତେବେ ପ୍ରକାଶ ପାଇଥିବା ଜନ ଅସନ୍ତୋଷ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁଙ୍କ ସହିତ ହୋର୍ଡିଂ ଲଗାଇବା ପ୍ରସଙ୍ଗରେ ଯୋଗାଯୋଗ କରିବାରୁ ଲଗେଇଥିବା ସଂସ୍ଥାକୁ ଆମେ ନୋଟିସ୍ କରିଛୁ ଅଉ ଦୁଇରୁ ତିନିଦିନ ଭିତରେ କାଢ଼ି ନ ନେଲେ ଅମେ କାଢ଼ି ଦେବୁ କହିଛନ୍ତି।

ଗୋଟିଏ ରାତିରେ ୨ଟି ସ୍ଥାନରୁ ଚୋରି

ଭଣ୍ଡାରିପୋଖରୀ/ବାରିକପୁର,୧୭।୧(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ୍ ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ରାତିରେ ୨ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ତେସିଙ୍ଗା ପଞ୍ଚାୟତ ବିଶୋଳ ଗ୍ରାମର ଦୟାନିଧି ସାହୁଙ୍କ ପରିବାର ଲୋକେ ଘରେ ଶୋଇଥିବାବେଳେ ଚୋର ଦଳ ଚତୁରତାର ସହିତ ତାଙ୍କ ଘରୁ ଚୋରି କରିଥିଲେ। ଘରେ ଥିବା ଆଲମିରା ଭାଙ୍ଗି ସୁନା ଓ ଟଙ୍କା ନେଇଥିବା ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ଲେଖା ହେବା ଯାଏଁ ଥାନା ପକ୍ଷରୁ ମାମଲା ରୁଜୁ ହୋଇ ନ ଥିବା ସୂଚନା ଦିଆଯାଇଛି। ଅନୁରୂପ ଭାବେ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଗାଁର ଆଲୋକ ଭାରତୀଙ୍କ ଘରୁ ବିଳମ୍ବିତ ରାତିରେ ଚୋରମାନେ ସୁନା ଗହଣା ନେଇଯାଇଥିବା ଅଭିଯୋଗ ହୋଇଛି। ରାତିରେ ୩ଜଣ ବ୍ୟକ୍ତି ଆସି ଘରର ଜଣେ ମହିଳାଙ୍କ ପାଟିକୁ ଚାପି ରଖିଥିଲେ। ଅନ୍ୟ ଦୁଇଜଣ ତାଙ୍କ ବାକ୍ସ ଓ ଟ୍ରଙ୍କ୍‌କୁ ନେଇ ଏକ ନିଛାଟିଆ ସ୍ଥାନରେ ପକାଇବା ସହ ସେଥିରେ ଥିବା ସୁନା ଗହଣାକୁ ନେଇ ପଳାଇ ଯାଇଥିବା ପରିବାର ପକ୍ଷରୁ ଜଣାଯାଇଛି। ଏ ଘଟଣାରେ ଥାନାରେ ଅଭିଯୋଗ ହୋଇ ନ ଥିବା ମଧ୍ୟ ଜଣାଯାଇଛି।



ଭଦ୍ରକ-ଚାନ୍ଦବାଲି ରାସ୍ତା; ପଡୁପଡୁ ଉଠିଲାଣି ପିଚୁ

ଭଦ୍ରକ/ଦୋଳସାହି,୧୭।୧(ସମିସ): ଭଦ୍ରକ-ଚାନ୍ଦବାଲି ରାଜପଥରେ ଚାଲିଛି ପ୍ୟାଚିଂ କାର୍ଯ୍ୟ। ଏହି ରାଜପଥର ସମସ୍ତ ବଜାରରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିବାବେଳେ ଅନ୍ୟ ସ୍ଥାନରେ ପିଚୁ ରାସ୍ତା ହୋଇଛି। ନିର୍ମାଣ ହୋଇଥିବା ଏହି ପିଚୁ ରାସ୍ତାର ସମସ୍ତ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳୁଥିବାବେଳେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ହୋଇଥିବା ଦେଖିବାକୁ ମିଳୁଛି। ଏହି ସମସ୍ତ ଫାଟ ସୃଷ୍ଟି ହୋଇଥିବା ସ୍ଥାନରେ ପିଚୁ ପ୍ୟାଚିଂ କାର୍ଯ୍ୟ ହେଉ ନ ଥିବା ସହ ଯେଉଁ ଯେଉଁ ସ୍ଥାନରେ ପିଚୁ ପ୍ୟାଚିଂ କାର୍ଯ୍ୟ ହେଉଛି ସେହି ସମସ୍ତ ସ୍ଥାନରେ ପିଚୁ ଉଠୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ନିମ୍ନମାନର ନିର୍ମାଣ କରି ଜନପ୍ରତିନିଧି ଓ ପ୍ରଶାସନ ଅର୍ଥ ଆତ୍ମସାତ୍ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ନିର୍ମାଣ ଚାଲିଥିବା ଏହି ପ୍ୟାଚିଂ କାର୍ଯ୍ୟ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକାଙ୍କ ଧାମନଗର ଗସ୍ତ ଓ ସମୀକ୍ଷା

ଧାମନଗର,୧୭।୧(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶିଶୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଧାମନଗର ପରିଦର୍ଶନ କରି ରୋଗୀମାନଙ୍କର ବିଭିନ୍ନ ସମସ୍ୟା ଓ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପାର୍ଶ୍ୱର ପରିବେଶ, ସୁରକ୍ଷା ଓ ସ୍ୱଚ୍ଛତା କିପରି ଅଛି ବୁଲି ଦେଖିବା ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଧାମନଗର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ମାଝି ମାଝୀଙ୍କ ଅଧକ୍ଷତାରେ ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକା ଡା. ଅନିନ୍ଦିତା ପଟ୍ଟନାୟକ(କନ୍‌ସଲଟାଣ୍ଟ ଶିଶୁ ସ୍ୱାସ୍ଥ୍ୟ), ଡା. ସନ୍ଦିପନା ପତି (ଯୁଗ୍ମ ନିର୍ଦ୍ଦେଶିକା ତାଲିମ), ଡା. ଔରୁଲିପି ଗୁଣବତ୍ତା ବିଭାଗ ମୁଖ୍ୟ ଭୁବନେଶ୍ୱରରୁ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା, ଔଷଧ ସୁବଣ୍ଟନ କରିବା, ଏକ୍ସରେ, ମେଡିକାଲ ଡାକ୍ତର ସମସ୍ୟା, ଷ୍ଟାଫ୍ କ୍ୱାର୍ଟର ସମସ୍ୟା, ପରିବେଶକୁ ଭଲଭାବରେ ସଫାସୁତରା ରଖିବା ଇତ୍ୟାଦି ବିଷୟରେ ଗୁରୁତ୍ୱାରୋପ କରିଥିବାବେଳେ ବିଭାଗର କାଗଜପତ୍ର ଯାଞ୍ଚ କରି ଅଧିକାରୀଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଡା. ହିମାଂଶୁ ନାଥ, ରାକେଶ ଦାସ, ସୁବ୍ରତ ବରାଳ, ମଧୁଶ୍ରୀ ସାହୁ, ଦିବ୍ୟଜ୍ଞାନ ନାୟକ, ଆୟୁଷ ଡାକ୍ତର ସଞ୍ଜୟ ହୁଇଁ, ଡା. ଶ୍ରୀମାଧବ ସେଠୀ, ଭଦ୍ରକରୁ ରାଜେଶ ଆଚାର୍ଯ୍ୟ (ଏପିଏମ୍), ସୁଶାନ୍ତ ମହାପାତ୍ର (ଟିଭି ରୋଗ ବିଶେଷଜ୍ଞ) ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଅଂଶଗ୍ରହଣ କରିଥିବା ସମସ୍ତ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ବୋଲି ଅଧିକାରୀ ଡା. ମାଝୀ ସୂଚନା ଦେଇଛନ୍ତି।



ଏଫ୍‌ଏକ୍ୟୁ ମାନ ନୁହେଁ କହି ଧାନ ଫେରାଇଦେଲେ

ଅସୁରାଳି,୧୭।୧(ସମିସ): ଧାମନଗର ବ୍ଲକ୍‌ରେ ଧାନ ମଣ୍ଡିକୁ ନେଇ ଅନିଶ୍ଚିତତା ମଧ୍ୟରେ ଚାଷୀ। ଜାନୁଆରୀ ୫ରୁ କଣ୍ଟା ପୂଜା କରି ନିରବରେ ବସିଛି ଯୋଗାଣ ବିଭାଗ। ଚାଷୀଟିଏ ଧାନ ଅମଳ କରି ଏକ ମାସ ହେଲା ମଣ୍ଡିରେ ଧାନ ଦେବ ବୋଲି ଅନେଇ ବସିଛି। ଶନିବାର ଧାନ କିଣିବା ପାଇଁ ୪ ଜଣ ଚାଷୀଙ୍କୁ ସମ୍ପାଦକ ଯୋଗାଯୋଗ କରିଥିଲେ। ଚାଷୀମାନେ ମଧ୍ୟ ଧାନ ନେଇ ପହଞ୍ଚିଥିଲେ। ଚାଷୀ ରାମ ଜନାର୍ଦ୍ଦନ ଦାସ, ବିଷ୍ଣୁମୋହନ ବେହୁରିଆ, ମନୋଜ ସାହୁ ଓ ଚକ୍ରଧର ମୈକାପ ଧାନ ନେଇ ଆସିଥିଲେ। ଉପସ୍ଥିତ ସରକାରୀ କର୍ମଚାରୀ ତଥା ତହସିଲ୍‌ଦାର ସାଇ ଲୋକନାଥ ସେଠୀ, ବିଡିଓ ବନ ବିହାରୀ ଧିନ୍ଦା, ଯୋଗାଣ ଅଧିକାରୀ ରସାନନ୍ଦ ବେହେରା, ମଣ୍ଡି ନୋଡାଲ ଅଫିସର ରାଜୀବ ଲୋଚନ ସେଠୀ, ନୋଡାଲ ଅଫିସର ରାକେଶ ସେନାପତି, ଏରିଆ ଅଫିସର ସୁବ୍ରତ ତ୍ରିପାଠୀ ଓ ମିଲର ପ୍ରମୁଖ ଉପସ୍ଥିତ ରହି ଧାନର ମାନକୁ ଅନୁଧାନ କରିଥିଲେ। ମାତ୍ର କୌଣସି ଚାଷୀଙ୍କର ଧାନର ମାନ ଏଫ୍‌ଏକ୍ୟୁ ସହିତ ସମାନ ନ ହେବାରୁ ଧାନକୁ ଫେରାଇଦେବା ପାଇଁ ଅଧିକାରୀମାନେ କହିଥିଲେ। ଏଣୁ ଏହାକୁ ବିରୋଧ କରି ଚାଷୀମାନେ ହୋ-ହଲ୍ଲା କରିଥିଲେ।

ବରଗଡ଼ ସମବାୟ ସମିତିରେ ୪୨୦ ଚାଷୀ ପଞ୍ଜିକୃତ ହୋଇଛନ୍ତି। ୧୫ ହଜାର କ୍ୱିଣ୍ଟାଲ ଧାନ କିଣିବାର ଟାର୍ଗେଟ ମଧ୍ୟ ଦିଆଯାଇଛି। ମାତ୍ର ଏହି ଧାନ ଫେରାଇବା ଘଟଣାକୁ ଦେଖି ଲାଗୁଛି କିପରି ଦିଆଯାଇଥିବା ଟାର୍ଗେଟ ପୂରଣ କରାଯିବ। ଚାଷୀଟିଏ ବର୍ଷଯାକର ଝାଳବୁହା ପରିଶ୍ରମ କରି ଏଇ ଧାନ ପଛରେ ଲଗେଇ ଦେଉଛି। ମାତ୍ର ସରକାରଙ୍କ ପ୍ରଦତ୍ତ ଏଫ୍‌ଏକ୍ୟୁ ମାନ ସହ ଅସମାନ ହେବାରୁ ଧାନକୁ ଫେରାଇ ଦିଆଯାଉଛି। ଯାହା ଚାଷୀଙ୍କ ଦାନାକୁ ପ୍ରଭାବିତ କରୁଛି। ଏହି ଘଟଣାରେ ଚାଷୀଗଣ ସେଠାରେ ଧାନ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଚରା ଚାଷୀ କଥା କିଏ ବୁଝିବ? ସରକାର ନା ମଣ୍ଡି ଅଧିକାରୀ? ୧୦ ମାସର ପରିଶ୍ରମ କ'ଣ ପାଣିରେ ପଡ଼ିଯିବ? ଏହି ପ୍ରଶ୍ନର ଉତ୍ତର ଖୋଜି ବୁଲୁଛି ଚାଷୀକୂଳ। ଏହି ସମସ୍ୟାର ସମାଧାନ ନ ହେଲେ ଚାଷୀକୂଳ ଜିଲ୍ଲାପାଳ ଅଫିସ ଘେରଉ କରିବେ ବୋଲି ଚେତାବନୀ ଦେଇଛି।



ବାରାପୁର ମକର ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୧୭।୧(ସମିସ): ଉଦ୍‌ଯାପିତ ହେଲା ୩ ଦିନ ଧରି ଚାଲିଥିବା ମକର ମହୋତ୍ସବ। ଶୀତୁଆ ସନ୍ଧ୍ୟାରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ। ବାସୁଦେବପୁର ବ୍ଲକ୍‌ର ଆର୍ଡ଼ୁଁ ପଞ୍ଚାୟତର ମହାବୀର କ୍ଲବ୍ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ବାରାପୁର ମକର ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବୀର କ୍ଲବ୍‌ର ସଭାପତି ବିଦ୍ୟୁଭୂଷଣ କର ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁଖ୍ୟବକ୍ତା ଭାବେ ସିମୁଳିଆ ଅଞ୍ଚଳର ବିଜେଡି ନେତା ଶଶୀକୁମାର ସାହୁ, ବରେଣ୍ୟ ଅତିଥି ଅଜିତ୍ ନାୟକ, ମନ୍ମଥ ସାହୁ, ଗୌତମ ସେଠୀ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ଜିଲ୍ଲା ପରିଷଦ ସଭ୍ୟ ଯଦୁନାଥ ନାୟକ ଯୋଗଦେଇ କହିଥିଲେ ବାରାପୁର ମକର ମହୋତ୍ସବ ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧି ଭାଇ ଚାରା ସୃଷ୍ଟି କରେ। ବାରାପୁର ଅଞ୍ଚଳର କୁନିକୁନି ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ବାରାପୁର ମହୋତ୍ସବ ଏକ ସୁଯୋଗ ସୃଷ୍ଟି କରିଛି। ସମାଜର ସଫଳ ବ୍ୟକ୍ତି ଭାବେ ବିଜ୍ଞାନ ଶିକ୍ଷକ ବିଜୟ ବେହେରା, ସନାତନ ପାଡ଼ୀ ଓ ସଫଳ ଚାଷୀ ଅନୀଲ ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦର୍ଶକ ଶୀତୁଆ ସନ୍ଧ୍ୟାକୁ ଖାତିର୍ ନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଜା ଉଠାଇଥିଲେ। ବିଶେଷ କରି ପୂର୍ବତନ ବିଧାୟକ ଶ୍ରୀ ରାଉତରାୟଙ୍କ ସଙ୍ଗୀତ ପରିବେଷଣକୁ ଦର୍ଶକ ଉପଭୋଗ କରିଥିଲେ। ସିନେ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକ ମନରେ ଉଷ୍ମତା ଭରି ଦେଇଥିଲା।



ମା' ରଟନ୍ତୀ କାଳୀ ପୂଜା ଆରମ୍ଭ

ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି ଅପେରା, ମୀନାବଜାର

ଅସୁରାଳି,୧୭।୧(ସମିସ): ଅସୁରାଳି ଗାଁରେ ପ୍ରାୟ ୭୭ ବର୍ଷ ଧରି ମା' ରଟନ୍ତି କାଳୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଆସୁଛି। ୧୯୪୮ରେ ସ୍ୱର୍ଗତ ବଳରାମ ନାୟକ, ବାବାଜୀ ନାୟକ, ପଞ୍ଚାନନ ଦାସ, ଗୌରାଙ୍ଗ ଦାସ, ବ୍ରଜକିଶୋର ସାହୁ, ବୈରାଗୀ ନାୟକ, ବାଞ୍ଛାନିଧି ସାହୁ, ଶଙ୍କର୍ଷଣ ଦାସ ଓ ଅନ୍ୟାନ୍ୟ ସମାଜସେବୀଙ୍କ ନେତୃତ୍ୱରେ, ସନ୍ଥ ସଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଛୋଟ କୁଟୀରରେ ଆରମ୍ଭ ହୋଇଥିବା ଏହି ପୂଜା କ୍ରମେ ଜିଲ୍ଲାର ଅନ୍ୟତମ ଆଧାତ୍ମିକ ଓ ସାଂସ୍କୃତିକ ମହୋତ୍ସବରେ ପରିଣତ ହୋଇଛି। କେବଳ ପୂଜା ନୁହେଁ ଏହା ସହିତ ଯାତ୍ରା, ସିନେମା, ସର୍କସ, ମିନାବଜାର, ପାଲା, ଭଜନ, ଧର୍ମସଭା ଓ ଆଧାତ୍ମିକ ଆଲୋଚନା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଏହା ଛଡ଼ା ଆଞ୍ଚଳିକ କଳାକାରଙ୍କ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷର ତିଥି ଅନୁଯାୟୀ, ମାଘ ମାସ କୃଷ୍ଣ ପକ୍ଷର ୪ ଦିନଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତଥା ଇଂରାଜୀ ମାସ ଅନୁଯାୟୀ, ଜାନୁଆରୀ ୧୭ରୁ ୨୬ ପର୍ଯ୍ୟନ୍ତ ନିୟମିତ ପୂଜା, ଆରତି, ପ୍ରବଚନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଓଡ଼ିଶୀ, ସମ୍ବଲପୁରୀ, ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯିବ। ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ "ଯାତ୍ରା ଓଁକାର' ଦ୍ୱାରା ଫ୍ରି ଅପେରା ଶୋ' (୧୮ରୁ ୨୬ ତାରିଖ) ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା କମିଟି ସଭାପତି ଡ. ସଦାନନ୍ଦ ଦାସ, ସମ୍ପାଦକ ଅଜୟ ସ୍ୱାଇଁ, ସହସମ୍ପାଦକ ଅମୂଲ୍ୟ ବେହେରା, ଉପଦେଷ୍ଟା ଅଙ୍କୁର କବି, କୋଷାଧକ୍ଷ ପ୍ରତାପ ସ୍ୱାଇଁ ଓ ଅନ୍ୟାନ୍ୟ ସଦସ୍ୟ ଏହି ବର୍ଷର ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସରତ ଅଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନର ସହଯୋଗ ମଧ୍ୟ ନିଆଯାଇଛି। ଅସୁରାଳି ସାର୍ବଜନୀନ ମା' ରଟନ୍ତୀ କାଳୀ ପୂଜା କମିଟି ଓ ବଣିକ ସଂଘ ପକ୍ଷରୁ ସମସ୍ତ ଭକ୍ତଜନ, ଗ୍ରାମବାସୀ ଓ ଅତିଥିମାନଙ୍କୁ ଏହି ମହାସମାରୋହରେ ଯୋଗଦେଇ ମା'ଙ୍କ କୃପାଲାଭ କରିବା ସହିତ ଉତ୍ସବକୁ ସଫଳ କରିବାକୁ ସବିନୟ ଅନୁରୋଧ କରାଯାଇଛି। ଏହି ପୂଜା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଏହା ଅସୁରାଳିର ସାମୁଦାୟିକ ସଂହତି, ସାଂସ୍କୃତିକ ଉନ୍ନତି ଓ ଲୋକପ୍ରିୟତାର ଜୀବନ୍ତ ଉଦାହରଣ।



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୧୭।୧(ସମିସ): ସାଧାରଣତନ୍ତ୍ର ଦିବସ-୨୦୨୬ ଉପଲକ୍ଷେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ କନିଷ୍ଠ ଓ ବରିଷ୍ଠ ବର୍ଗ ପାଇଁ ବକ୍ତୃତା ପ୍ରତିଯୋଗିତା ଗତ ୧୭ତାରିଖ ତାରିଖରୁ ଆରମ୍ଭ ହୋଇଯାଇଛି। ଭଦ୍ରକ ଜିଲ୍ଲା ପ୍ରଶାସନ ଓ ରୋଟାରୀ କ୍ଲବ୍ ଅନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭଦ୍ରକ ପୌର ପରିଷଦ ଓ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା ପାଇଁ ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର ଓ ଡ. ପ୍ରଫୁଲ୍ଲ କୁମାର ସାହୁ ବିଚାରକ ଭାବେ ଯୋଗଦେଇଥିବା ବେଳେ ଇଂରାଜୀ ବକ୍ତୃତା ପାଇଁ ଡ. ଗୋଲକ ବିହାରୀ ସାହୁ, ଡ. ସମୀର ହୁଇ ଓ ହରମୋହନ କୁଅଁର ବିଚାରକ ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ରୋଟାରୀ କ୍ଲବ୍ ପକ୍ଷରୁ ପ୍ରଦତ୍ତ ପୁରସ୍କାର ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାର ସମାପନ ଅବସରରେ ରୋଟାରୀ କ୍ଲବ୍‌ର ସନ୍ତୋଷ ନାୟକ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଭାସ୍କର ଚନ୍ଦ୍ର ପାଢ଼ୀଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ନାୟକଙ୍କ ଶ୍ରାଦ୍ଧ ଦିବସ



ଅସୁରାଳି,୧୭।୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ତଥା ଜନନେତା ସ୍ୱର୍ଗତ ଯୁଧିଷ୍ଠିର ନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ଧୂଷୁରୀଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ସଂସଦ ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧୂଷୁରୀ ଆଇଆଇସି ଅଜୟ ସୁଦର୍ଶନ ବାଗେ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଅଧ୍ୟାପକ ଶ୍ରୀଧର ସାହୁ, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ନିରୋଦ ବେହେରା, ଧୂଷୁରୀ ଥାନା ଏଏସ୍ଆଇ ଅଶିଷ ଦେଓ, ବରିଷ୍ଠ ନେତା ପ୍ରଦୀପ ମାଝୀ, ଯୁବନେତା ଦେବାନନ୍ଦ ହୋତା, ସମାଜସେବୀ ଦେବେନ୍ଦ୍ର ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି କମିଟିର ସମ୍ପାଦକ ନିଶିକାନ୍ତ ନାୟକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଉପସଭାପତି ପ୍ରଶାନ୍ତ ନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ସଭାପତି ରତିକାନ୍ତ ନାୟକ।

ଧାମନଗର ଏନ୍‌ଏସି ସମ୍ପ୍ରସାରଣରେ ରୋକ୍

ମୁସ୍ତାଫାପୁର ଓ ଦଳାଙ୍ଗରେ ବିରୋଧର ସ୍ୱର ଶାଣିତ

ଦୋବଲ,୧୭।୧(ସମିସ): ଧାମନଗର ଏନ୍‌ଏସିକୁ ପୌର ପରିଷଦରେ ପରିଣତ କରିବା ପାଇଁ ପ୍ରଶାସନ ପକ୍ଷରୁ ଚାଲିଥିବା କସରତ ଏବେ ଜନଅସନ୍ତୋଷର ପରିଧି ଭିତରକୁ ଠେଲି ହୋଇଯାଇଛି। ସରକାରୀ ନିୟମ ଅନୁଯାୟୀ, ଜନସଂଖ୍ୟା ବୃଦ୍ଧି କରି ମାନ୍ୟତା ହାସଲ ପାଇଁ ୧୮ଟି ନୂଆ ରାଜସ୍ୱ ମୌଜାକୁ ମିଶାଇବାକୁ ଯୋଜନା ହୋଇଥିବାବେଳେ ଦଳାଙ୍ଗ ଓ ମୁସ୍ତଫାପୁର ଭଳି ଅଞ୍ଚଳରେ ବିରୋଧର ସ୍ୱର ଶାଣିତ ହେବାରେ ଲାଗିଛି।

ଓଡ଼ିଶା ପୌର ପରିଷଦ ଆଇନ୍-୧୯୫୦ ଅନୁଯାୟୀ, କୌଣସି ଅଞ୍ଚଳକୁ ପୌର ପରିଷଦ ବା ମ୍ୟୁନିସିପାଲିଟିର ମାନ୍ୟତା ମିଳିବା ପାଇଁ ସେଠାକାର ସର୍ବନିମ୍ନ ଜନସଂଖ୍ୟା ୨୫ହଜାରରୁ ଅଧିକ ହେବା ଆବଶ୍ୟକ। ବର୍ତ୍ତମାନ ଧାମନଗର ଏନ୍‌ଏସିର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୨୨ ହଜାର ୯୨୦ ରହିଛି। ଯଦି ପ୍ରସ୍ତାବିତ ୧୮ଟି ନୂଆ ମୌଜା ଏଥିରେ ସାମିଲ୍ ହୁଅନ୍ତି, ତେବେ ଏହି ସଂଖ୍ୟା ୩୫ ହଜାର ୭୬୦ରେ ପହଞ୍ଚିବ। ଯାହା ପୌର ପରିଷଦ ଗଠନ ପାଇଁ ପଥ ପରିଷ୍କାର କରିବ। ଏହି କଳେବର ବୃଦ୍ଧି ପାଇଁ ୨୦୨୩ ଜାନୁଆରୀ ମାସରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। 'ଆରବୀ ଆସୋସିଏଟ୍‌ସ' ପକ୍ଷରୁ ଜିଆଇଏସ୍/ଜିଆର୍ଏସ୍ ସର୍ଭେ କରାଯିବା ପରେ ନିକଟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସାଂସଦ ଓ ମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଜନଶୁଣାଣି ସମୟରେ ଦଳାଙ୍ଗ ପଞ୍ଚାୟତର ବାସିନ୍ଦାମାନେ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ପଞ୍ଚାୟତ ଶାସନରେ ହିଁ ଖୁସି ଅଛନ୍ତି। ସେମାନଙ୍କର ପ୍ରମୁଖ ଯୁକ୍ତିଗୁଡ଼ିକ ହେଲା, ଗ୍ରାମଗୁଡ଼ିକ ଏନ୍‌ଏସି ମୁଖ୍ୟାଳୟଠାରୁ ୪ରୁ ୫ କିଲୋମିଟର ଦୂର, ଯାହା ପ୍ରଶାସନିକ ସୁବିଧା ପାଇବାରେ ବାଧା ସୃଷ୍ଟି କରିବ। ସେହିପରି ପୌରସଂସ୍ଥାରେ ସାମିଲ୍ ହେଲେ ହୋଲ୍ଡିଂ ଟ୍ୟାକ୍ସ ଏବଂ ୱାଟର ଟ୍ୟାକ୍ସ ଭଳି ନୂଆ ନୂଆ କର ଦେବାକୁ ପଡ଼ିବ। ସହରୀକରଣ ଦ୍ୱାରା ସେମାନଙ୍କ ଚାଷ ଜମି ନଷ୍ଟ ହେବା ସହ ପାରମ୍ପରିକ ଜୀବନଶୈଳୀ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଲୋକେ କହିଛନ୍ତି। ଖାଲି ଦଳାଙ୍ଗ ନୁହେଁ, ମୁସ୍ତଫାପୁର ପଞ୍ଚାୟତରେ ମଧ୍ୟ ବିରୋଧର ନିଆଁ ଜଳିବାକୁ ଆରମ୍ଭ କଲାଣି। ସୂଚନା ଅନୁସାରେ, ସେଠାକାର ବିରୋଧୀ ଦଳର କର୍ମୀ ଓ ଜନପ୍ରତିନିଧିମାନେ ମଧ୍ୟ ଏହି ମିଶ୍ରଣ ପ୍ରସ୍ତାବକୁ ଖାରଜ କରିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଯଦି ଗୋଟିଏ ପରେ ଗୋଟିଏ ଗାଁ ଏହିଭଳି ବିରୋଧ କରନ୍ତି, ତେବେ ଧାମନଗରକୁ ପୌର ପରିଷଦ ମାନ୍ୟତା ଦେବା ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।



ଜମୁଛି ବରୁଣେଶ୍ୱର ମେଳା ▶ ଯାତ୍ରୀଙ୍କ ଗହଳିରେ ଉଛୁଳିଲା ପଡ଼ିଆ





ବିଞ୍ଝାରପୁର, ୧୭।୧(ସମିସ)

ଶନିବାର ପ୍ରସିଦ୍ଧ ବରୁଣେଶ୍ୱର ମେଳାର ଚତୁର୍ଥ ଦିବସ ଅବସରରେ ମେଳା ପଡ଼ିଆରେ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ଭାରି ଗହଳି ଦେଖିବାକୁ ମିଳିଛି। କ୍ରମାଗତ ଭାବେ ଭିଡ଼ ବଢୁଥିବା ବେଳେ ଶୀତୁଆ ସନ୍ଧ୍ୟାରେ ମେଳା ପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିଲା। ମେଳା ପଡ଼ିଆର ବିଭିନ୍ନ ପସରା ଓ ଷ୍ଟଲଗୁଡ଼ିକରେ ଲୋକମାନଙ୍କର ଭିଡ଼ ଲାଗି ରହିଥିଲା। ପିଲାମାନେ ଖେଳନା ଷ୍ଟଲ ଓ ଦୋଳି ପାଖରେ ଯୁବପିଢ଼ି ଗୁପଚୁପ, ଚାଟ ଓ ଫାଷ୍ଟ ଫୁଡ ଷ୍ଟଲଗୁଡ଼ିକରେ ଭାରି ଭିଡ଼ ଲଗାଇଥିଲେ। ମେଳା ପଡ଼ିଆରେ ଦୁଇ ଶହରୁ ଅଧିକ 'ହର୍-ଏକ-ମାଲ' ଷ୍ଟଲ୍ ଲାଗିଥିବା ଜଣାପଡ଼ିଛି। ଏଠାରେ ୨୦ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାମଗ୍ରୀ ମିଳୁଥିବାରୁ ବିଶେଷକରି ମହିଳାମାନେ ଏହି ଷ୍ଟଲମାନଙ୍କରେ ଭିଡ଼ ଲଗାଇ କିଣାକଟାରେ ବ୍ୟସ୍ତ ଥିବା ଦେଖାଯାଇଛି।

ବରୁଣେଶ୍ୱର ମେଳା ପଡ଼ିଆରେ ଶନିବାର ସନ୍ଧ୍ୟାରୁ ଅପେରା ପରିବେଷଣ ଆରମ୍ଭ ହୋଇଥିବା ବେଳେ ଅପେରା ଦେଖିବାକୁ ଦର୍ଶକମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଥିଲା। ଟିକଟ ପାଇଁ କାଉଣ୍ଟର ସାମ୍ନାରେ ଲମ୍ବା ଲାଇନ୍ ଲାଗିଥିବା ଦୃଶ୍ୟ ମେଳାର ଆକର୍ଷଣକୁ ଆହୁରି ବଢ଼ାଇଥିଲା।

ବରୁଣେଶ୍ୱର ମେଳାରେ ଏବେ ଆଧୁନିକତାର ଛାପ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି। ପୂର୍ବରୁ ଏଠାରେ ସୋଲା, ମଟର, ବାରମଜା, ବରା-ଆଳୁଦମ, ରସଗୋଲା, ଛେନାପୋଡ଼ ଭଳି ପାରମ୍ପରିକ ଖାଦ୍ୟ ସାମଗ୍ରୀ ବିକ୍ରୟ ହେଉଥିଲା। ବର୍ତ୍ତମାନ ଗୁପଚୁପ, ଚାଟ, ପିଜା, ବର୍ଗର, ଠୁଙ୍କାପୁରୀ ଭଳି ଆଧୁନିକ ଖାଦ୍ୟ ସାମଗ୍ରୀର ବ୍ୟାପକ ବିକ୍ରୟ ହେଉଛି, ଯାହାକୁ ଯୁବବର୍ଗ ବେଶ ଆନନ୍ଦରେ ଗ୍ରହଣ କରୁଛନ୍ତି। ସେହିପରି ପୂର୍ବରୁ ମେଳାରେ ମାଟି ନିର୍ମିତ ସାମଗ୍ରୀ ବିକ୍ରୟ ହେଉଥିଲାବେଳେ ବର୍ତ୍ତମାନ କଂସା, ପିତଳ, ଷ୍ଟିଲ ସାମଗ୍ରୀ ସହିତ ନାମୀଦାମୀ କମ୍ପାନୀର ଟିଭି, ଫ୍ରିଜ, ଟ୍ରାକ୍ଟର ଓ ମଟରସାଇକେଲ ପର୍ଯ୍ୟନ୍ତ ବିକ୍ରୟ ହେଉଥିବା ଦେଖାଯାଉଛି।

ସଂସ୍କୃତିକା ହ୍ୟାଣ୍ଡଲୁମ୍ ଉଦ୍‌ଘାଟିତ

ଯାଜପୁର, ୧୭।୧(ସମିସ): ଯାଜପୁର ମାନସାପୋଲ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଉଦ୍ୟମରେ ଆମ ସଂସ୍କୃତି ପରମ୍ପରାକୁ ନେଇ ଖୋଲିଲା ସଂସ୍କୃତିକା ହ୍ୟାଣ୍ଡଲୁମ। ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତା, ବିଜୁ ଜନତା ଦଳର ସଭାନେତ୍ରୀ ସବିତା ରାଉତ ଯୋଗ ଦେଇ ଆମ ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ସହ ଆତ୍ମନିର୍ଭରଶୀଳ ପାଇଁ ମିଶନ ଶକ୍ତି ମହିଳାଙ୍କ ଏଭଳି ଉଦ୍ୟମକୁ ବେଶ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ, ସରପଞ୍ଚ ଦେବାଶିଷ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଣେଶ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଏଥିରେ ମହିଳା ଓ ପୁରୁଷଙ୍କ ପାଇଁ ହାତ ତିଆରି ସମ୍ବଲପୁରୀ, ଟେରାକୋଟା, ହ୍ୟାଣ୍ଡଲୁମ, ମାଣିଆବନ୍ଧୀ ଆଦି ବସ୍ତ୍ର ସ୍ୱତନ୍ତ୍ର ରିଆତି ମୂଲ୍ୟରେ ଉପଲବ୍ଧ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀ ସସ୍ମିତା ସାହୁ, ନିବେଦିତା ମାନ୍ଧାତା ସୂଚନା ଦେଇଥିଲେ।

ଏମ୍‌ବିସିଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ମଙ୍ଗଳପୁର/ଦଶରଥପୁର, ୧୭।୧(ସମିସ): ଦଶରଥପୁର ବ୍ଲକ ମଲ୍ଲିକାପୁର ଏମ୍‌ବିସିଟି କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଖେଳର ପ୍ରଥମ ଦିନରେ ୪ଟି କ୍ୱାଟର ଫାଇନାଲ ମ୍ୟାଚ ଅଲ ଷ୍ଟାର ଚାଉଳିଆ ଏବଂ ବଦ୍ରି ଇଲେଭେନ ଷ୍ଟାର ମଙ୍ଗଳପୁର ମଧ୍ୟରେ, ଏମଟିସିଟି ଖୋସାଲପୁର ଓ ଜେଜେସିସି ବିରଜାପୁର ମଧ୍ୟରେ, ଜାଗୁର ସ୍ପୋର୍ଟିଂ କ୍ଲବ ବିରିପଟା ଓ ଆନନ୍ଦପୁର ମଧ୍ୟରେ, ଗେମ ଚେଞ୍ଜର ରାମକୃଷ୍ଣପୁର ଓ ଜନତା କିଲର ଅହିୟାସ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ଚାଉଳିଆ, ଖୋସାଲପୁର, ଆନନ୍ଦପୁର, ଅହିୟାସ ୪ଟି ଟିମ୍ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ବିଶ୍ୱରଞ୍ଜନ ଦାସ ଓ ସୌମ୍ୟରଞ୍ଜନ ସାମଲ ଦାୟିତ୍ୱ ତୁଲାଇଥିବା ବେଳେ ସୌମ୍ୟରଞ୍ଜନ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଏମ୍‌ବିସିଟି କ୍ଲବର ସଭାପତି ବିଶ୍ୱରଞ୍ଜନ ଦାସ, ଚୌଧୁରୀ ବିଶ୍ୱଜିତ ମହାନ୍ତି, ସୀତାକାନ୍ତ ନାୟକ, ସ୍ମୃତି ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।



ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା

କୋର୍ଟ ଜିମାରେ ରିମାଣ୍ଡରେ ଆସିଥିବା ଅଭିଯୁକ୍ତ

ଧର୍ମଶାଳା, ୧୭।୧(ସମିସ): ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ଉତ୍ତର ପ୍ରଦେଶର ବିକାଶ ଯାଦବକୁ ଧର୍ମଶାଳା ଥାନା ପୁଲିସ୍ କୋର୍ଟରୁ ୩ ଦିନିଆ ରିମାଣ୍ଡରେ ଆଣିଛି। ପଚରାଉଚରା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ପୁଲିସ୍ ଅଭିଯୁକ୍ତକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି। ତିନିଦିନ ଥାନାରେ ରଖି ବିକାଶକୁ ପଚରାଉଚରା କରି ଆଜି ପୁଲିସ ବିକାଶକୁ କୋର୍ଟ ଜିମା ଦେଇଛି। ତେବେ ରିମାଣ୍ଡରେ ଅଣାଯାଇଥିବା ଅଭିଯୁକ୍ତ ବିକାଶ ପାଖରୁ ଅଷ୍ଟଧାତୁ ଚୋରି ସମ୍ପର୍କିତ ତଥ୍ୟ ହାସଲ କରିବାରେ କିଛିଟା ସଫଳ ହୋଇଛି। ସୂଚନା ଅନୁସାରେ, ପାଟପୁର ପଞ୍ଚାୟତ ବଡ଼ବାରିସାହି ଗ୍ରାମସ୍ଥିତ ଶ୍ରୀସିଦ୍ଧବଳଦେବ ଜିଉ ମନ୍ଦିରରୁ ୨୦୨୨ ନଭେମ୍ବର ୧୧ତାରିଖ ରାତିରେ ୬ଟି ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ମନ୍ଦିରର ଟ୍ରଷ୍ଟି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଧର୍ମଶାଳା ପୁଲିସ ଏନେଇ ୬୦୯/୨୨ରେ ଏକ ମାମଲା ରୁଜୁ କରି ଲୋକଦେଖାଣିଆ ତଦନ୍ତ କରି ଚୁପ ହୋଇ ବସିରହିଥିଲା। ଏବେ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦନ ପରେ ମନ୍ଦିର ଚୋରୀ ଘଟଣାର ତଦନ୍ତ କରାଯାଇ କିଛି ଦିନ ତଳେ ଉତ୍ତରପ୍ରଦେଶରୁ ପୁଲିସ ବିକାଶକୁ ଗିରଫ କରି ଆଣି କୋର୍ଟଚାଲାଣ କରିଥିଲା।

ବରୀ ରୋଗୀ କଲ୍ୟାଣ ସମିତିର ବୈଠକ



ବରୀ, ୧୭।୧(ସମିସ): ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀକଲ୍ୟାଣ ସମିତି ବୈଠକ ସମିତିର ଅଧ୍ୟକ୍ଷ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବରୀବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ନ ମିଳିବା ଓ ରୋଗୀ କଲ୍ୟାଣ ସମିତିର ବୈଠକରେ ପ୍ରସ୍ତାବିତ କାର୍ଯ୍ୟରେ ଅନିୟମିତତା ଦେଖାଯିବା ସହ ଦାୟିତ୍ୱରେ ଥିବା ଅଧିକାରୀ ନିୟମିତ ଚିକିତ୍ସାଳୟ ନ ଆସିବା ଘଟଣାକୁ ନେଇ ବର୍ଷିଥିଲେ ବିଧାୟକ। ଡାକ୍ତର କର୍ମଚାରୀମାନେ ପାଳି କରି ଡ୍ୟୁଟି କରୁଛନ୍ତି। ଏମିତି ଅନେକ ସମସ୍ୟାକୁ ନେଇ ବିଧାୟକ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ପୂର୍ବ ବର୍ଷର ବୈଠକରେ ହୋଇଥିବା ପ୍ରସ୍ତାବିତ କାର୍ଯ୍ୟ ଓ ଖର୍ଚ୍ଚ ଉପରେ ଆଲୋଚନାବ ସହ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନଥିବା, ପାନୀୟ ଜଳ, ଶୌଚାଳୟ ଓ ତିନି ଫେଜ୍ ବିଦ୍ୟୁତ୍ ବ୍ୟବସ୍ଥା ସହ ନିର୍ମାଣ ହୋଇ ରହିଥିବା ନୂତନ ଗୃହକୁ ବରୀବାସୀଙ୍କ ସେବାରେ ଲଗାଇବାକୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ବରୀ ବାସୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଯଦି କୌଣସି ଅବହେଳା ଦେଖାଯାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ତହସିଲଦାର ଦିପ୍ତିମୟୀ ବେହେରା, ସିଡିପିଓ ତରଙ୍ଗିଣୀ ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ସବ୍ୟସାଚୀ ଦାସ, ଡକ୍ଟର ଶଶିକାନ୍ତ ସାହୁ, ପ୍ରଫୁଲ୍ଲ କୁମାର ନାୟକ ଓ କମିଟି ମେମ୍ବର ବିଜୟ କୁମାର ସାହାଣୀ, ପ୍ରମୋଦ ନାଥଶର୍ମା, ଦିଲ୍ଲୀପ ବେହେରା, ଦୁଷ୍ମନ୍ତ ମଲିକଙ୍କ ସମେତ ବିଭିନ୍ନ ବିଭାଗିୟ ଅଧିକାରି ଉପସ୍ଥିତ ଥିଲେ।

ବାବା ସନ୍ଥନ କ୍ରିକେଟ ▶ ଭୁରୁଙ୍ଗାକୁ ହରାଇ ପଦ୍ମନାଭପୁର ଚାମ୍ପିଅନ

ବରୀ, ୧୭।୧(ସମିସ): ବରୀ ବ୍ଲକ ଅନ୍ତର୍ଗତ ସନ୍ଥନ ପଡ଼ିଆ ଠାରେ ଅନୁଷ୍ଠିତ ବାବା ସନ୍ଥନ କ୍ରିକେଟ ମ୍ୟାଚ୍ ଫାଇନାଲରେ ୟୁନାଇଟେଡ ଭୁରୁଙ୍ଗାକୁ ହରାଇ ସାଇରାମ ଇଲେଭେନ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣମେଣ୍ଟର ପ୍ରାୟୋଜକ ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଦିଲୀପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ମଲିକ, ସମିତି ସଭ୍ୟ ପ୍ରୀତିରଞ୍ଜନ ଜେନା, କେଦାର ସାମଲ, ପ୍ରସନ୍ନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ସେକ ମେହେବୁବ ଅଲି ଓ ମଣ୍ଟୁ ସୁନା ପରିଚାଳନା କରିଥିବା ବେଳେ କ୍ଲବ୍‌ର ସମସ୍ତ ଟୁର୍ଣ୍ଣାମେଣ୍ଟ ସଫଳ ଆୟୋଜନରେ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ, ଫାଇନାଲ ମ୍ୟାଚ୍‌ରେ ଭୁରୁଙ୍ଗା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଖେଳି ୨ ୱିକେଟ ବିନିମୟରେ ୧୦୩ ରନ୍ ସଂଗ୍ରହ କରିଥିବାବେଳେ ପଦ୍ମନାଭପୁର ୬.୪ ଓଭର ଖେଳି ୨ ୱିକେଟ ବିନିମୟରେ ୧୦୪ ରନ କରି ଚାମ୍ପିଅନ ହୋଇଥିଲା।

ତେଲିବାହାଲୀ ପାର୍କରେ ଅଗ୍ନିକାଣ୍ଡ

ଦାନଗଦ, ୧୭।୧(ସମିସ): ଯାଜପୁର ରୋଡ୍ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ତେଲିବାହାଲୀ ପାର୍କରେ ଆଜି ଅପରାହ୍ନରେ ହଠାତ ଅଗ୍ନିକାଣ୍ଡ ଘଟି ପ୍ରାୟ ୫ ଏକର ଜାଗାରେ ଲଗାଯାଇଥିବା ବହୁ ମୂଲ୍ୟବାନ ଗଛ ସବୁ ଜଳିପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଯାଜପୁର ରୋଡ୍ ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଦମକଳ ବାହିନୀକୁ ଫୋନ କରିଥିଲେ। ଏକାଥରେ ୪ଟି ଦମକଳ ବାହିନୀ ପହଞ୍ଚିଥିଲେ ହେଁ ନିଆଁକୁ ଆୟତ୍ତ କରିବାକୁ ଦୀର୍ଘ ୪ ଘଣ୍ଟା ଲାଗିଯାଇଥିଲା। ତେବେ କ୍ଷୟକ୍ଷତି କେତେ ଟଙ୍କାର ହୋଇଛି ତାହା ଏଯାଏ ଜଣା ପଡ଼ିନାହିଁ। ଅଗ୍ନିକାଣ୍ଡ ପରେ ପାର୍କ ମଧ୍ୟକୁ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି। ସୂଚନା ଯୋଗ୍ୟ ଯେ କଳିଙ୍ଗନଗର ମହୋତ୍ସବ ବା ମହାପାଟ ପଡ଼ିଆକୁ ସୌନ୍ଦର୍ଯ୍ୟକରଣ କରିବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ଜିଲ୍ଲା ଡିଏମଏଫ ପାଣ୍ଠିରେ ୨୦୨୩-୨୪ ମସିହାରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ପାର୍କ ବନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ଯାହାକି ସରକାର ବଦଳିବା ପରେ ଏହାର ରକ୍ଷଣା ବେକ୍ଷଣ ସମ୍ଭବ ହୋଇ ନ ଥିଲା। ଫଳରେ ପାର୍କ ଲଗାଯାଇଥିବା ଗଛ ଭିତରେ ଆଣ୍ଠୁଏ ଲେଖାଏ ଘାସ ଗଛ ସବୁ ଜଙ୍ଗଲ ପରି ସୃଷ୍ଟି ହୋଇଥିଲା। ଆଜି କୌଣସି କାରଣରୁ ଏଥିରେ ଅଗ୍ନିକାଣ୍ଡ ଘଟିବାରୁ ଏସବୁ ଜଳି ପାଉଁଶ ହୋଇଥିଲା।

ହୃଦ୍‌ଘାତରେ ଖେଳ ଶିକ୍ଷକଙ୍କ ପରଲୋକ

ବଡ଼ଚଣା, ୧୭।୧(ସମିସ): ଯାଜପୁର ଜିଲ୍ଲା ଶାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ସାଇଲପଡ଼ା ସ୍ଥିତ ମହାପୁରୁଷ ବନମାଳି ମହାବିଦ୍ୟାଳୟ ଖେଳଶିକ୍ଷକ ଅଶୋକ କୁମାର ସାହୁ (୫୦) ଙ୍କର ଆଜି କଲେଜ ପରିସରରେ ହୃଦ୍‌ଘାତରେ ପରଲୋକ ହୋଇଥିବା ଜଣାପଡ଼ିଛି। କଲେଜ ପରିସରରେ ହଠାତ ଅଶୋକଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା ଏବଂ ଅସୁସ୍ଥ ଅବସ୍ଥାରେ କଲେଜରୁ ତାଙ୍କୁ ନିକଟସ୍ଥ ବଡ଼ଚଣା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅଶୋକଙ୍କ ଘର ଧର୍ମଶାଳ ବ୍ଲକର ଚଢ଼େଇଧରା ଅଞ୍ଚଳରେ। ତାଙ୍କର ମୃତ୍ୟୁରେ କଲେଜ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଶୋକପ୍ରକାଶ କରିଛନ୍ତି।


ନାବାଳିକା ଅପହରଣ ଘଟଣାରେ ଯୁବକ ଅଟକ

ଯାଜପୁର, ୧୭।୧(ସମିସ): ଗତ ତିନି ମାସ ତଳେ ବରୀ ଥାନା ବାଲିଆପାଳ ଅଞ୍ଚଳର ଜନୈକ ନାବାଳିକା ଘରୁ ଫେରାର ହୋଇଥିବାର ଖବର ଆସିଥିଲା। ଏ ନେଇ ନାବାଳିକାର ଦାଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ନାବାଳିକା ଜଣକ ଛତିଶଦେବିଲ ପଞ୍ଚାୟତ ଅରିଖିଆବାଙ୍କ ଅଞ୍ଚଳର ଭଗବାନ ପରମାଣିକ ସହ ପଳାଇ ଆସିଥିବା ଜଣାପଡ଼ିଥିଲା। ଉଭୟ ବିବାହ କରିବାକୁ ଯୋଜନା କରୁଥିବା ବେଳେ ଯାଜପୁରର ରୁଚିକା ଫାଉଣ୍ଡେସନ ଏ ସମ୍ପର୍କରେ ଜାଣି ଅଭିଯୁକ୍ତଙ୍କ ଘରେ ପହଞ୍ଚିଥିଲେ। ବରୀ ପୁଲିସର ସହାୟତାରେ ଏକ ମାମଲା ରୁଜୁ କରାଯାଇ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ ଶନିବାର ଦିନ ଏକ ଟିମ୍ ଉକ୍ତ ଅଭିଯୁକ୍ତର ଘରେ ଚଢ଼ଉ କରାଯାଇଥିବା ବେଳେ ଅଭିଯୁକ୍ତ ଭଗବାନ ପରମାଣିକକୁ ଯାଜପୁର ସଦର ଥାନାରେ ଅଟକ ରଖାଯାଇଛି। ତେବେ ନାବାଳିକା ଜଣକ ଫେରାର ଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ନାବାଳିକା ଭୁବନେଶ୍ୱରରେ ରହୁଥିବା ପୁଲିସକୁ କୁହାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

ବାଳକର ମୃତଦେହ ଉଦ୍ଧାର

କୁନ୍ଦଳ, ୧୭।୧(ସମିସ): ବଡ଼ଚଣା ବ୍ଲକ କୋଲଣଗିରି ପଞ୍ଚାୟତ ମୁଷାଟିକିରି ନିକଟସ୍ଥ ବାଲିଅନ୍ତା ତୋଟାରୁ ଗୋଟିଏ ବାଳକର ମୃତଦେହ ମିଳିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ କୋଲଣଗିରି ପଞ୍ଚାୟତର କୁନା ଦଲାଇଙ୍କ ପୁଅ ଆକାଶ ଦଲାଇ (୧୪) ଗତ ୧୪ ତାରିଖ ଠାରୁ ଘରୁ କେଉଁ ଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ ବନ୍ଧୁବାନ୍ଧବ ଘର ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା। ତେବେ ତାଙ୍କର ମୃତଦେହ ଆଜି ବାଲିଅନ୍ତା ତୋଟାରୁ ମିଳିଥିବା ବେଳେ ତାଙ୍କ ବେକରେ ରଶିଦେବା ଭଳି ଏକ ଦାଗ ଦେଖିବାକୁ ମିଳିଛି। ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ବାଲିଚନ୍ଦ୍ରପୁର ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇନଥିବା ଥାନାଧିକାରୀ ସମରଜିତ୍ ନାୟକଙ୍କ ଠାରୁ ପ୍ରକାଶ।

ଶିକ୍ଷାବିତ୍ ଗଗନ ମିଶ୍ରଙ୍କ ପରଲୋକ



ଯାଜପୁର, ୧୭।୧(ସମିସ): ଶିକ୍ଷାବିତ୍ ଗଗନ ବିହାରୀ ମିଶ୍ରଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଯାଜପୁର ଟାଉନର ବିଡି ହାଇସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ସେ ସହରର ଗଗନ୍ ସାର୍ ନାମରେ ବେଶ୍ ପରିଚିତ ଥିଲେ। ସେ ଜଣେ ମେଳାପୀ, ଧର୍ମପରାୟଣ, ପରୋପକାରୀ, ମୃଦୁଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ସହରରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ସମେତ ବହୁ ଶିକ୍ଷାବିତ୍ ଶୋକବ୍ୟକ୍ତ କରିଛନ୍ତି।

ଧର୍ମଶାଳା କଂଗ୍ରେସର ସମ୍ମିଳନୀ

ଧର୍ମଶାଳା, ୧୭।୧(ସମିସ): ଧର୍ମଶାଳା ହାଟପଡ଼ିଆ ମାଉସୀମା' ମନ୍ଦିର ପ୍ରାଙ୍ଗଣରେ ସଙ୍ଗଠନ ମଜବୁତ କରିବା ଆଳରେ ଏକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବିଜେଡି ଦଳ ଛାଡି ଅନେକ ଆଗଧାଡିର ନେତା ଓ କର୍ମୀମାନେ ବିଜେପି ଶିବିରକୁ ଯାଉଥିବା ବେଳେ କଂଗ୍ରେସ ଦଳର ଆଜିର ବୈଠକ ବେଶ ଗୁରୁତ୍ୱ ବହନ କରୁଛି। ଅଜିର ଏହି କାର୍ଯ୍ୟକ୍ରମରେ ଆଗକୁ କଂଗ୍ରେସ ଦଳର ସଙ୍ଗଠନ କିଭଳି ମଜବୁତ ହେବ ସେ ନେଇ ଅଲୋଚନା କରାଯାଇଥିବା ବେଳେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏକ ବଡ ଧରଣର ସଭା ଆୟୋଜନ କରାଯିବ ବୋଲି କଂଗ୍ରେସ ନେତା ଶ୍ରୀ ମିଶ୍ର ଉପସ୍ଥିତ ଲୋକମାନଙ୍କୁ କହିଥିଲେ।



ଆଇନ୍ ସଚେତନତା ସଭା

ଯାଜପୁର, ୧୭।୧(ସମିସ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ପକ୍ଷରୁ ଯାଜପୁର ମୁଖ୍ୟ ଦପ୍ତରରେ ଥିବା ବିରଜା ମହିଳା ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଅଧ୍ୟକ୍ଷତା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌର ସୁନ୍ଦର ଦାସ, ମୁଖ୍ୟ ବିବାହ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଓ ଆଡଭୋକେଟ୍ କୁଳମଣି ନାୟକ ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟ ଅଧ୍ୟାପିକା ବୃନ୍ଦ ଓ ଛାତ୍ରୀମାନେ ଯୋଗଦେଇଥିଲେ। ପରେ ସମୂହ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଅଧ୍ୟକ୍ଷ ସମସ୍ତଙ୍କୁ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ମହାବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

ଟିପ୍ପର ବୋଝେଇ ହାଇୱା ଧକ୍କାରେ ସାଇକଲ ଚାଳକ ମୃତ

ପ୍ରତିବାଦରେ ଗାଡ଼ି ଜାଳି ଦେଲେ ଉତ୍ତ୍ୟକ୍ତ ଲୋକ



ଜେନାପୁର, ୧୭।୧(ସମିସ)

ଜେନାପୁର ଥାନା ଅନ୍ତର୍ଗତ ବରଡ଼ା- ତୁରଙ୍ଗ ରାସ୍ତା କାଦୁଅ ମାଗୁରା ଛକ ନିକଟରେ ଟିପ୍ପର ବୋଝେଇ ହାଇୱା ଗାଡି ଧକ୍କାରେ ଜଣେ ସାଇକଲ ଚାଳକର ମୃତ୍ୟୁ ହୋଇଯାଇଛି। ମୃତ ସାଇକଲ ଚାଳକ କାଦୁଅ ମାଗୁରା ଗ୍ରାମର ବାସୁଦେବ ସାହୁ (୭୦) ବୋଲି ଜଣାପଡ଼ିଛି। ସେ ହାଟକୁ ଯାଉଥିବା ସମୟରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ କିଛି ଲୋକ ନିଆଁ ଲଗାଇ ଦେଇଛନ୍ତି। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲେ ମଧ୍ୟ ଅସହାୟ ଅବସ୍ଥାରେ କେବଳ ବୁଝାସୁଝା କରୁଥିବା ଦେଖାଯାଇଛି। କିନ୍ତୁ ସ୍ଥାନୀୟ ଲୋକେ ଅଗ୍ନିଶମ ଗାଡ଼ି କିମ୍ବା କର୍ମଚାରୀଙ୍କୁ ସେଠାକୁ ନ ଛାଡ଼ିବାରୁ ଗାଡ଼ିଟି ରାସ୍ତା ପାର୍ଶ୍ୱରେ ହୁତୁ ହୁତୁ ହୋଇ ଜଳିଯାଇଥିଲା। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରଖିବା ସହ କ୍ଷତିପୂରଣ ଦାବିରେ ଅଡ଼ି ବସିଛନ୍ତି।

ସୂଚନାଯୋଗ୍ୟ, ସମାନ ପରିସ୍ଥିତରେ ଗତ ଡିସେମ୍ବର ୨ ତାରିଖରେ ମଧ୍ୟ ଏକ ହାଇୱା ଧକ୍କାରେ କଲେଜ ଛାତ୍ରର ମୃତ୍ୟୁ ହୋଇଥିବା ବେଳେ ଏଭଳି ପରିସ୍ଥିତି ଦେଖା ଯାଇଥିଲା। ଗୋଟିଏ ଗାଡ଼ି ଦୁର୍ଘଟଣା ଘଟାଇଥିବା ବେଳେ ୪ଟି ହାଇୱାକୁ ଲୋକମାନେ ଜାଳି ଦେଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ପୁଲିସ କେବଳ ଦେଖଣାହାରି ସାଜିଛି। ପୂର୍ବ ମାମଲାରେ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା କାରଣରୁ ଆଜିର ଘଟଣାର ପୁନରାବୃତ୍ତି ହୋଇଥିବା ଆଲୋଚନା ହେଉଛି। ରାସ୍ତା ଉପରେ ମୃତଦେହ ପଡ଼ି ରହିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି। ଉକ୍ତ ରାସ୍ତାରେ ଅନେକ ସମୟରେ କଳାପଥର ବୋଝେଇ ଗାଡ଼ି ଗୁଡ଼ିକ ଦୁର୍ଘଟଣା ଘଟାଉ ଥିବାରୁ ସାଧାରଣ ଲୋକ ଯାତାୟାତ ପାଇଁ ଏକ ରାସ୍ତା ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉ ନାହିଁ। ଖଣି ଖାଦାନରୁ ଆସୁଥିବା ଗାଡ଼ି ଓ ସାଧାରଣ ଲୋକ ମାନେ ଯାତାୟାତ କରୁଥିବା ଗାଡି ମଟର ଗୋଟିଏ ରାସ୍ତାରେ ଯାତାୟାତ କରୁଥିବାରୁ ଅସାବଧାନତା କାରଣରୁ ଅନେକ ନିରୀହ ଜୀବନ ଯାଉଛି। ପ୍ରଶାସନର ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯମୁନା ଦାଶ
(କବୟିତ୍ରୀ)
ଗ୍ରାମ - ଚୁକୁନା ଶାସନ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ - ୦୬.୦୧.୧୯୨୯
ତିରୋଧାନ - ୦୭.୦୧.୨୦୨୬
ଆଜି ତୁମ ଦ୍ୱାଦଶାହ ତିଥିରେ ଅମର ଆତ୍ମାର ସଦଗତି କାମନା କରୁଛୁ
ଇତି: ତୁମର ହତଭାଗ୍ୟ ପରିବାର ଓ ଆତ୍ମୀୟସ୍ୱଜନ

ପଲ୍ଲିଶ୍ରୀ ମେଳା ଓ ଖୋର୍ଦ୍ଧା ଜିଲ୍ଲା ମହୋତ୍ସବ ଉଦ୍‌ଘାଟିତ

ମହିଳାଙ୍କ ବିନା ବିକଶିତ ଓଡ଼ିଶା ଗଠନ ଅସମ୍ଭବ: ଉପମୁଖ୍ୟମନ୍ତ୍ରୀ



ଖୋର୍ଦ୍ଧା,୧୭।୧(ସମିସ): ଓରମାସ୍, ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟିଏଲସି ରୋଡ଼ ବିଡିଏ ପଡ଼ିଆ ଠାରେ ସପ୍ତଦିବସୀୟ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ ଆଜି ଉଦଘାଟିତ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଶ୍ରୀମତୀ ପରିଡା ଗ୍ରାମୀଣ ଉତ୍ପାଦର ଚାହିଦାକୁ ବିଶ୍ୱସ୍ତରୀୟ କରିବାକୁ ପଡ଼ିବ ବୋଲି କହିଥିଲେ। ରାଜ୍ୟ ସରକାର ୨୦୨୭ ସୁଦ୍ଧା ୫୦ ଲକ୍ଷ ମହିଳାଙ୍କୁ ଲକ୍ଷ ପତି ଦିଦି ସୃଷ୍ଟି କରି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ନାରୀ ଅଦାଲତ, ସୁଭଦ୍ରା ଶକ୍ତି କେନ୍ଦ୍ର ଦ୍ୱାରା ଗ୍ରାମୀଣ ଭିତି ଅର୍ଥ ନୀତି ଅଗ୍ରସର ହେବ। ମହିଳାଙ୍କୁ ଛାଡ଼ି ବିକଶିତ ଓଡ଼ିଶା ଗଠନ ହୋଇ ପାରିବ ନାହିଁ। ଆଜିର ଏହି ଜିଲ୍ଲାସ୍ତରୀୟ ଏକତ୍ରିତ ହୋଇ ଅନୁଷ୍ଠିତ ପଲ୍ଲୀଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଓ ପୁସ୍ତକ ମେଳା ମହିଳା, ଯୁବକ ସମସ୍ତଙ୍କ ପାଇଁ ଭବ୍ୟ ଦିବ୍ୟ ମେଳା ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନସିଂହ, ଉପସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ବନଖଣ୍ଡ ଅଧିକାରୀ ଖୋର୍ଦ୍ଧା ଲାଡେ ଗଜାନନ ଦୟାନନ୍ଦ, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ମହିଳା, କୃଷକ, ଛାତ୍ର ଛାତ୍ରୀ, ଯୁବକ ଯୁବତୀମାନଙ୍କୁ ଏହି ସମନ୍ୱିତ ପଲ୍ଲୀଶ୍ରୀ ମେଳା ନୂତନ ଦିଗ ଦର୍ଶନ ଦେବବୋଲି କହିଥିଲେ।

ଉଦ୍ଘାଟନୀ ସମାରୋହରେ ମୌସୁମୀ ପାଟଯୋଶୀ, କୌଶଲ୍ୟା ବେହେରା, ସାଇଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀ, ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଝୁନୁରାଣି ପରିଡ଼ା, କାଳନ୍ଦୀ ସ୍ୱାଇଁ, ରବୀନ୍ଦ୍ର ମହାରଣା, ବିକ୍ରମ ମାର୍ଥା, ସ୍ୱଦେଶ ବାଳୀୟାର ସିଂହ, ଅମିତା ବଳିୟାର ସିଂହ, ତ୍ରିଲୋଚନ ମହାପାତ୍ର, ସୁମିତା ଜେନା, ମା ସନ୍ତୋଷି ସ୍ୱୟଂ ସହାୟିକା ଗୋଷ୍ଠୀ, ସୁବ୍ରତ ପାଇକରାୟ, ବିଙ୍ଗଟି ନାରାୟଣ ସାହୁ, ମୀନା ପଣ୍ଡା, ଗାୟତ୍ରୀ ପ୍ରଧାନ, ସୁବ୍ରତ ପଣ୍ଡା, ମା ବନଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷି ଓ ଆନୁସଙ୍ଗିକ କୃଷିରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଦ୍ଘୋଷିକା ପାୟଲ ନାୟକ, ଉଦ୍ଘୋଷକ ଅବନୀ ମିଶ୍ରଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ପରିଡା ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

୧୯ ରୁ ଭଗବତୀପୁର ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ

ବାଲୁଗାଁ, ୧୭।୧(ସମିସ): ଚିଲିକା ତହସିଲ ଅଧୀନ ଭଗବତୀପୁର ମୌଜାର ଖାତା ନଂ-୧୦୯୬, ପ୍ଲଟ ନଂ-୨୧୧୫ ଓ ୨୧୨୧ କିସମ ଗୋଚର ସରକାରୀ ଜମିରେ କିଛି ବ୍ୟକ୍ତି ବିଶେଷ ଘର ଓ ଦୋକାନ କରି ବର୍ଷ ବର୍ଷ ଧରି ଜବର ଦଖଲ କରି ଅବରୋଧ କରିଆସୁଥିବା ବେଳେ ଏ ନେଇ ଅଞ୍ଚଳବାସୀ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାୟର କରିଥିଲେ। ଉକ୍ତ ମାମଲାର ବିଚାର କରି ରାଜ୍ୟ ଉଚ୍ଚ ନ୍ୟାୟାଳୟ ଜବରଦଖଲ ଉଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଚିଲିକା ତହସିଲ ଅନ୍ତର୍ଗତ ଭଗବତୀପୁର ମୌଜାର ଜବରଦଖଲ ହୋଇଥିବା ଗୋଚର ଜମିରେ ତହସିଲ ପକ୍ଷରୁ ଉଚ୍ଛେଦ ନିମନ୍ତେ ମାପ ଚିହ୍ନଟ କରାଯାଇ ୪୫ ଜଣ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି। ଚିଲିକା ତହସିଲ ପତ୍ର ନଂ-୨୦, ୧୭/୧୨/୨୦୨୫ରିଖ ଜରିଆରେ ଉକ୍ତ ସରକାରୀ ଗୋଚର ଜମିରୁ ଘର ଓ ଦୋକାନ ଗୃହ ଜବର ଦଖଲ ଉଚ୍ଛେଦ ନିମନ୍ତେ ଆସନ୍ତା ୧୯ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଛି। ଉକ୍ତ ୪୫ ଜଣ ଜବରଦଖଲକାରୀ ଯଦି ଉକ୍ତ ଗୋଚର ଜମିରୁ ଧାର୍ଯ୍ୟ ତାରିଖ ପୂର୍ବରୁ ନିଜେ ଜବରଦଖଲ ଉଚ୍ଛେଦ ନ କରନ୍ତି ତେବେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ ସୂଚନା ଦେଇଛନ୍ତି।

ଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ଟାଙ୍ଗୀ,୧୭।୧ (ସମିସ): ଟାଙ୍ଗୀ ବ୍ଲକ ଅଧିନସ୍ଥ ନରମାନବି ସରକାରୀ ଉଚ୍ଚ ବିଦ୍ୟାଳୟକୁ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ ଅଚାନକ ପରିଦର୍ଶନରେ ଆସିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଦୈନିକ ପାଠ ଟୀକା ଦେଖାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କେତେକ ଶିକ୍ଷକ ଶିକ୍ଷୟତ୍ରୀ ଦୈନିକ ପାଠ ଟୀକା ଲେଖିଥିବା ବେଳେ ଆଉ କେତେକ ଶିକ୍ଷକ ଶିକ୍ଷୟତ୍ରୀ ଦୈନିକ ପାଠ ଟୀକା ଲେଖି ନ ଥିବା ଜଣାଇଥିଲେ ଏବଂ ଆଗାମୀଦିନରେ ଏଭଳି ତ୍ରୁଟି କରିବେ ନାହିଁ ବୋଲି କହି ଭୁଲ ସ୍ୱୀକାର କରି ଥିଲେ। କିନ୍ତୁ ସେହି ବିଦ୍ୟାଳୟ ର ସହକାରୀ ଶିକ୍ଷକ (ପ୍ରାଥମିକ କ୍ୟାଡର) ଅମୂଲ୍ୟ କୁମାର ସୁବୁଦ୍ଧି ଦୈନିକ ପାଠ ଟୀକା ଦେଖାଇବା ଦୂରେ ଥାଉ ସେ ଡ୍ରେସ କୋର୍ଡରେ ନଥିବା ସତ୍ତ୍ୱେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ପାଠ ଟୀକାକୁ ନେଇ ଅବାନ୍ତର ଯୁକ୍ତିତର୍କ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସାହୁ ସେହି ଶିକ୍ଷକଙ୍କ ଜାନୁଆରୀ ମାସର ଦରମା ବନ୍ଦ କରିବାପାଇଁ ପ୍ରଧାନ ଶିକ୍ଷକ କାଳନ୍ଦି ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ସଂପର୍କରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସାହୁ ମଧ୍ୟ ଖୋର୍ଦ୍ଧା ଜିଲ୍ଲାପାଳ ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିବା ଜଣାପଡିଛି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖୋଲିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଶାଖା



ଖୋର୍ଦ୍ଧା,୧୭।୧(ସମିସ): ସ୍ଥାନୀୟ ଶିଆଳିଆସ୍ଥିତ ଆଦର୍ଶ ବିଦ୍ୟାଳୟରେ ଖୋଲିଛି ଭାରତ ସ୍କାଉଟ ଓ ଗାଇଡ୍ସ ର ଶାଖା। ଆଜି ପିଲାମାନଙ୍କୁ ସ୍କାଉଟ୍ ଓ ଗାଇଡ୍ସ ର ନିୟମାବଳୀ ଅନୁସାରେ ପ୍ରାର୍ଥନା ଗୀତ, ଝଣ୍ଡା ଗୀତ ଓ ଚଳ ବନ୍ଧକ ରେ ବିବେଚିତ କରାଯାଇ ଅଭିଷେକ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ସ ର ଆସିଷ୍ଟାଂଟ କମିଶନର ତଥା ଜାତୀୟ ସ୍ତରରେ ପ୍ରଶିକ୍ଷକ ପିତବାସ ପଟ୍ଟନାୟକ, ଖୋର୍ଦ୍ଧା ଭାରତ ସ୍କାଉଟ୍ ଓ ଗାଇଡ୍ସ ର ସମ୍ପାଦକ ସୁଧାକର ମହାପାତ୍ର, ସ୍କୁଲ ର ଭାରତ ସ୍କାଉଟ୍ ଓ ଗାଇଡ୍ସ ର ପ୍ରଶିକ୍ଷକ ଚିତ୍ତରଞ୍ଜନ ବଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷା ସୁଜାତା ଚକ୍ର ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ସ୍କାର୍ଫ ପିନ୍ଧାଇ ଅଭିଷେକ କରାଇଥିଲେ। ଓଏଭି ସିଆଳିଆ ର ସ୍କାଉଟ୍ ମାଷ୍ଟର ରଞ୍ଜନ କୁମାର ପାତ୍ର ଓ ଗାଇଡ୍ କ୍ୟାପଟେନ୍ ମଧୁସ୍ମିତା ଦାସ୍ ପିଲାମାନଙ୍କୁ ଟ୍ରେନିଂ ଦେଇ ଯୋଗ୍ୟ ବିବେଚିତ କରାଇଥିଲେ। ସଂସ୍କୃତ ଶିକ୍ଷକ ରୁଦ୍ରନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଗଣିତ ଶିକ୍ଷକ କୈଳାଶ ସାହୁ, ଇଂରାଜୀ ଶିକ୍ଷୟତ୍ରୀ ଅନ୍ୱେଷା ପ୍ରୀୟଦର୍ଶନୀ, ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

ଦେଶୀ ମଦ ଜବତ, ତିନି କୋର୍ଟଚାଲାଣ

ବେଗୁନିଆ,୧୭।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଚଢ଼ଉ ହୋଇଛି। ଏଥିରେ ମୋଟ ୧ ଶହ ଲିଟର ଦେଶୀ ମଦ ସହ ୫ ଲିଟର ଆସ୍କା ଫର୍ଟି ଜବତ କରି ୩ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ କଲରାଝର ଗ୍ରାମର ବିକ୍ରମ ଜୟସିଂହ, ସିକୋ ଗ୍ରାମର ଦୁର୍ଯ୍ୟୋଧନ ସାହୁ ଓ ବେଗୁନିଆ ଥାନା ଅନ୍ତର୍ଗତ ଏକଡାଳିଆ ଗ୍ରାମର ଚରଣ ନାୟକ।

ସମାଜସେବୀଙ୍କ ବିୟୋଗରେ ଶୋକ

ବେଗୁନିଆ,୧୭।୧(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମର ସମାଜସେବୀ ଗଗନ ବିହାରୀ ମହାନ୍ତି (୫୯)ଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର୍ ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ସରପଞ୍ଚ ଲତା ସେଠୀ, ପୂର୍ବତନ ସରପଞ୍ଚ ସନ୍ତୋଷ ମାଣିକ, ସମାଜସେବୀ ବାଉରୀ ଶ୍ରୀଚନ୍ଦନ, ନାରାୟଣ ମାଣିକ ଓ ହରିବନ୍ଧୁ ମହାରଣାଙ୍କ ସମେତ ଗ୍ରାମବାସୀ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ପର୍ଯ୍ୟଟନ ସ୍ଥଳରେ ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା

ବୋଲଗଡ଼, ୧୭।୧(ସମିସ): ପର୍ଯ୍ୟଟନ ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସଚେତନା ଅଭିଯାନ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ ଅରିକମା ଠାରେ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ବନ କର୍ମଚାରୀ ଓ ପରିବେଶ ପ୍ରେମୀ ମାନେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଶପଥ ପାଠ କରିଥିଲେ। ଖୋର୍ଦ୍ଧା ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମା'କୋଶଳାଶୁଣୀ ପର୍ଯ୍ୟଟନ ସ୍ଥଳ ସମେତ ଅନ୍ୟ ପର୍ଯ୍ୟଟନ ସ୍ଥଳ ସ୍ଥାନ ମାନଙ୍କରେ ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକମୁକ୍ତ ରଖିବା ନେଇ ସଚେତନତା ଅଭିଯାନ କରାଯାଇଥିଲା। ପଲିଥିନ୍ ବ୍ୟବହାର ବାରଣ କରିବା ସହ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ପରାମର୍ଶ ଦିଆ ଯାଇଥିଲା। ବଣଭୋଜି ଦଳଙ୍କୁ ଥର୍ମୋକୋଲ ଥାଳି ପ୍ଲେଟ୍ ବଦଳରେ ଶାଳ କିମ୍ବା ସିଆଳି ପତ୍ର ତିଆରି ଖଲି ଓ ଦନା ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ଲାଷ୍ଟିକ ନିର୍ମିତ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ବ୍ୟବହାର ପରେ ଏଣେ ତେଣେ ପକାଇ ପରିବେଶ ନଷ୍ଟ ନ କରିବା ପାଇଁ ସଚେତନତା କରାଯାଇଥିଲା । ବୋଲଗଡ ବନପାଳ ମଧୁଛନ୍ଦା ସେଠୀ, ବନରକ୍ଷୀ ଅର୍ପିତା ନାୟକ, ଅରୂପ ବେହେରା, ଅର୍ପିତା ନାୟକ, ଛବିରାଣୀ ଦେଇ, ମମତା ସାହୁ, ବିକ୍ରମ ସାହୁ, ଶୁଚିସ୍ମିତା ବେହେରା ସମସ୍ତ ବନ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ବାଣପୁର, ୧୭।୧(ସମିସ); ୩୭ତମ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ବାଣପୁର ପୁଲିସ ପକ୍ଷରୁ ଗୋଦାବରୀଶ ମହାବିଦ୍ୟାଳୟରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ଓ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧକ୍ଷ ସୁର ପ୍ରତାପ ନରେନ୍ଦ୍ରସିଂ ବର୍ମା ପତକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବାଣପୁର ପୁଲିସ, ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଏବଂ ଏନସିସି, ଏନଏସଏସ ଓ ରେଡକ୍ରସ ର ସ୍ୱେଚ୍ଛାସେବୀଙ୍କ ସମେତ ଛାତ୍ରଛାତ୍ରୀମାନେ ସାମିଲ ହୋଇ ସଡ଼କ ସୁରକ୍ଷା ସଂପର୍କିତ ବିଭିନ୍ନ ପ୍ଲାକାଡ଼ର୍ ଧରି ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ।

ଆମ୍ବୁଲାନ୍ସ ଧକ୍କାରେ ବାଇକ ଆରୋହୀ ଗୁରୁତର

ଖୋର୍ଦ୍ଧା,୧୭।୧(ସମିସ): ସଦର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥରେ ଆଜି ଅପରାହ୍ନରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣାଯାଇଛି। ଆଜି ଓଡ଼ି.୦୫ ଏଏମ୍-୯୫୮୯ ନଂ ବିଶିଷ୍ଟ ଆମ୍ବୁଲାନ୍ସ ଭୁବନେଶ୍ୱର ଦିଗରୁ ଜଙ୍କିଆ ଅଭିମୁଖେ ଯାଉଥିଲା। ତେବେ କୁରାଡମଲ୍ଲ ଛକ ନିକଟରେ ଅପରାହ୍ନ ସାଢେ ୪ଟା ସମୟରେ ଓଡି-୦୨ଏସି-୨୮୫୨ ନଂ ବିଶିଷ୍ଟ ଏକ ବାଇକ୍ କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ରେ ଜଙ୍କିଆ ଅଭିମୁଖେ ଯାଉଥିବା ଦିଲିପ କୁମାର ବିଶୋଇ ଗୁରୁତର ଆହତ ହୋଇଥିଲେ। ଆହତ ବାଇକ ଚାଳକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଏକ ଅଟୋ ଯୋଗେ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଏମସ୍ ସ୍ଥାନାନ୍ତର କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସଦର ପୁଲିସ ଘଟଣାସ୍ଥଳରେ ପହଁଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପୁଲିସ ତଦନ୍ତ ଆରମ୍ଭ କରିଥିବା ପ୍ରକାଶ କରିଛି।

ବ୍ରାଉନସୁଗର ସମେତ ୨ ବାଇକ୍ ଜବତ; ୨ ଗିରଫ

ଖୋର୍ଦ୍ଧା,୧୭।୧(ସମିସ) : ଆଦର୍ଶ ଥାନା ପୁଲିସ ନବିନାବାଗ ଗାନ୍ଧୀପଡିଆରେ ଚଡଉ କରି ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍ଥାନୀୟ ଖ୍ରୀଷ୍ଟିଆନ ସାହି ର ସୁନୀଲ କୁମାର ସାହୁ (୨୬) ଏବଂ ପଲ୍ଲୀ କୋଣାର୍କନଗରର ସିଦ୍ଧାର୍ଥଶଙ୍କର ଦାସ (୨୬)। ଗାନ୍ଧୀପଡିଆରେ ଆଜି ମଧ୍ୟାହ୍ନ ସମୟରେ ସିଦ୍ଧାର୍ଥ ଓ ସୁନିଲ ବ୍ରାଉନସୁଗର କାରବାର କରୁଥିବା ଖବର ପାଇ ପୁଲିସ ଚଡଉ କରିଥିଲା। ଚଡଉବେଳେ ସେମାନଙ୍କ ଠାରୁ ୨୦ଗ୍ରାମ ବ୍ରେଉନସୁଗର, ଦୁଇଟି ବାଇକ୍, ୪ଟି ମୋବାଇଲ ଫୋନ୍ ଏବଂ ନଗଦ ୩୯ହଜାର ଟଙ୍କା କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି। ଏହି ଘଟଣାରେ ଏସଆଇ ଦିନେଶ ପିଙ୍ଗୁଆଙ୍କ ଅଭିଯୋଗ କ୍ରମେ ପୁଲିସ ୩୯/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।

ରେଳ ଷ୍ଟେସନରୁ ଗଞ୍ଜେଇ ଜବତ, ବେପାରୀ ଗିରଫ

ଜଟଣୀ, ୧୭।୧(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ କରିଛି ଆରପିଏଫ୍ ପୁଲିସ। ଘଟଣାରେ ପୁଲିସ ଜଣେ ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ପଶ୍ଚିମବଙ୍ଗ



ମୁର୍ଶିଦାବାଦ ଜିଲ୍ଲା ସାଗୋରପଡ଼ା ଥାନା ଅଞ୍ଚଳର ସମ୍ଭୁ ମଣ୍ଡଳ (୨୦)। ଅଭିଯୁକ୍ତ ନିକଟରୁ ୧୩ କିଲୋ ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଭୁବନେଶ୍ୱର ଅଞ୍ଚଳରୁ ଗଞ୍ଜେଇ ଆଣି ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନର ୪ନମ୍ବର ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରିଥିଲା। ଉକ୍ତ ଗଞ୍ଜେଇକୁ କେରଳ ଚାଲାଣ କରିବା ଉଦ୍ଦେଶ୍ୟରେ ଷ୍ଟେସନରେ ବସିଥିବା ବେଳେ ପୁଲିସ ସନ୍ଦେହ ଅବସ୍ଥାରେ ଚଢ଼ଉ କରିଥିଲା। ଯାଞ୍ଚ ସମୟରେ ଦୁଇଟି ଗଞ୍ଜେଇ ବସ୍ତା ଥିବା ଜାଣିବାକୁ ପାଇ ପୁଲିସ ଅଭିଯୁକ୍ତକୁ କାବୁ କରିଥିଲା। ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ବେଗୁନିଆ,୧୭।୧(ସମିସ): ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ମା' ଜାଗେଶ୍ୱରୀ ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟିତ ହୋଇଛି। ଏଥିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟକ, ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।

୩ ଲୁଟେରା ଗିରଫ, ୧୨ ସୁନା ଶଙ୍ଖା ଜବତ

ଜଟଣୀ, ୧୭।୧(ସମିସ): ରେଳ ଷ୍ଟେସନରୁ ଜଣେ ମହିଳାଙ୍କ ନିକଟରୁ ସୁନା ଶଙ୍ଖା ଲୁଟ୍ କରିବା ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅଞ୍ଚଳର ବିଜୁ କୌଶଲ୍ୟା (୨୬), ରାୟଗଡ଼ା ଟାଉନ୍ ଥାନା ଅଞ୍ଚଳର ଯତୀନ ଖୋରା (୨୫) ଓ ପରମି ଶ୍ରୀକାନ୍ତ (୨୨)। ସେମାନଙ୍କ ନିକଟରୁ ପୁଲିସ ୧୨ଟି ଚୋରି ସୁନା ଶଙ୍ଖା ଜବତ କରିଛି।

ଗତ ଜାନୁଆରି ୧୩ ତାରିଖରେ ରେଳ ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମରେ ଜଣେ ମହିଳା ଟ୍ରେନକୁ ଅପେକ୍ଷା କରି ଷ୍ଟେସନରେ ବସିଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତମାନେ ତାଙ୍କ ବ୍ୟାଗଟିକୁ ଚୋରି କରି ନେଇଥିଲେ। ପରେ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଆଜି ଅଭିଯୁକ୍ତଙ୍କୁ ରାୟଗଡ଼ାରୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ସୁନା ଶଙ୍ଖା ଜବତ କରିଛି ପୁଲିସ। ଏ ନେଇ ଜିଆରପି ଥାନାରେ ଏକ କେସ ନଂ ୬/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

ଓଡ଼ିଶା ମୋଟର ଚାଳକ ସଂଘର ଖୋର୍ଦ୍ଧା ଜିଲ୍ଲା ଶାଖା ଗଠିତ

ଖୋର୍ଦ୍ଧା,୧୭।୧(ସମିସ): ଗଡଖୋର୍ଦ୍ଧାସ୍ଥିତ କୁଞ୍ଜବିହାରୀ ମନ୍ଦିର ପରିସରରେ ଓଡ଼ିଶା ମୋଟର ଚାଳକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲାରେ ନୂତନ ଶାଖା ବିଧିବଦ୍ଧ ଭାବେ ଗଠନ କରଯାଇଛି। ସଂଘର ଆବାହକ ବ୍ରଜବନ୍ଧୁ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ମଙ୍ଗରାଜ, ଚାଳକ କଲ୍ୟାଣ ପାଣ୍ଠି ରାଜ୍ୟ ସଭାପତି ଦେବଦତ ଡାକୁଆଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଶାଖା ଗଠନ କରଯିବା ସହିତ ଖୋର୍ଦ୍ଧା ଶାଖା ସଭାପତି ଭାବେ ପଙ୍କଜ ଲୋଚନ ବେହେରା ଏବଂ ସମ୍ପାଦକ ଭାବେ ସୂର୍ଯ୍ୟ ନାରାୟଣ ସେନାପତିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ତାଙ୍କ ବକ୍ତବ୍ୟ ରେ କହିଥିଲେ, ଏହି ସଂଘ ଗାଡି ଚାଳକ ମାନଙ୍କର ସାମାଜିକ ସୁରକ୍ଷା ଓ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି।

ବକ୍ସି ଜଗବନ୍ଧୁ ବିଦ୍ୟାଧର ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ବାଣପୁର,୧୭।୧(ସମିସ) : ବାଲୁଗାଁ ନିକଟ ଅଲାଇଡିହ ଛକ ସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ବିଦ୍ୟାମନ୍ଦିରର ୮ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ସ୍ୱତନ୍ତ୍ର ଅତିଥି ଭାବେ ସିନେମା କଳାକାର ତଥା ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବାଲୁଗାଁ ଥାନାଧିକାର ଜୟପ୍ରକାଶ ପରିଡ଼ା, ଶିଶୁ ରୋଗ ବିଶେଷଜ୍ଞ ଡ.ଭାଗବତ ସ୍ୱାଇଁ, ଶିକ୍ଷାବିତ ସୁରେଶ କୁମାର ଦାସ ଓ ସାମ୍ବାଦିକ ଶକ୍ତି ପ୍ରସାଦ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିସର ସ୍ଥିତ ସ୍ୱାଧିନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସ୍ଥାନୀୟ ଆଦିବାସୀ ଅଧ୍ୟୁଷିତ ଦାମିଆ ବରବରାର ସୁଭମ ଶବର ଏବଂ ନାଣ୍ଡୁରର ଏକମାତ୍ର ମାଟ୍ରିକ ପାସ କରିଥିବା ଛାତ୍ରୀ ବନିତା ଜାନୀଙ୍କ ସମେତ ଦୃଷ୍ଟିହୀନ ହୋଇ ମଧ୍ୟ ଓଏଏସ ପରୀକ୍ଷାରେ ସଫଳତା ହାସଲ କରିଥିବା ପ୍ରସନ୍ନ ପଣ୍ଡାଙ୍କ କଠିନ ପରିଶ୍ରମ ଓ ସଫଳତାର କାହାଣୀ ଅତିଥିମାନେ ନିଜର ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ପରିଚାଳନା ପରିଷଦର ସଭାପତି ତପନ କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଉପଦେଷ୍ଟା ବିଜୟ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

ସରିଲା ଗଣନାକାରୀଙ୍କୁ ପ୍ରଶିକ୍ଷଣ; ଆଜି ଚିଲିକାରେ ପକ୍ଷୀ ଗଣନା

ବାଲୁଗାଁ,୧୭।୧(ସମିସ): ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ସିଡ଼ିଏ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରୁ ସମଗ୍ର ଚିଲିକାରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥିଲାଗି ବିଭାଗ ତରଫରୁ ସମସ୍ତ ପ୍ରସ୍ତୁତି ସରିଛି। ଶନିବାର ଏ ନେଇ ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ସ୍ଥିତ ସିଡ଼ିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ସବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ବମ୍ବେ ନ୍ୟାଚୁରାଲ୍ ହିସ୍‌ଟୋରି ଅଫ୍ ସୋସାଇଟି ର ଡ଼େପୁଟି ଡ଼ାଇରେକ୍ଟର ସତ୍ୟ ସେଲଭମ, ପିସିସିଏଫ ତଥା ସିଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗୀ ଆନନ୍ଦ, ଚିଲିକା ବନ୍ୟପ୍ରାଣୀ ଡ଼ିଏଫଓ ଅମ୍ଲାନ କୁମାର ନାୟକ, ଚିଲିକା ଡ଼ିଏଫଓ ଅମ୍ଲାନ ନାୟକ ଓ ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ପ୍ରମୁଖଙ୍କ ସମେତ ପକ୍ଷୀ ବିଷାରଦ ସାମିଲ ହୋଇ ପକ୍ଷୀଗଣନା ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସମଗ୍ର ଚିଲିକା ୧୧୬୫ ବର୍ଗ କିମି ପରିବ୍ୟାପ୍ତ ଅଞ୍ଚଳର ଚିଲିକା ନୀଳ ଜଳରାଶିରେ ପକ୍ଷୀ ଗଣନା ଲାଗି ବାଲୁଗାଁ, ସାତପଡ଼ା, ରମ୍ଭା, ଚିଲିକା ଓ ଟାଙ୍ଗୀ ଆଦି ୫ଟି ରେଞ୍ଜରେ ତଥା ୧୪ଟି ବିଟରେ ୨୨ଟି ଟିମରେ ଗଣନା କାର୍ଯ୍ୟରେ ସାମିଲ୍ ହେବାକୁ ଥିବା ମୋଟ ମୋଟ୍ ୧୩୦ ଜଣ ତାଲିମ୍ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ବିଏନଏଚଏସ, ଓୟୁଏଟି, ସିଡ଼ିଏ କର୍ମଚାରୀ, ୱାଇଲ୍ଡ ଓଡ଼ିଶା, ଭେଟେନାରୀ ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରଛାତ୍ରୀ ଓ ବହୁ ଅଭିଜ୍ଞ ପକ୍ଷୀ ବିଶାରଦ ସାମିଲ୍ ହୋଇଥିବା ଜଣାଯାଇଛି। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏଁ ଡ଼ଙ୍ଗା ସମେତ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡ଼ିଏଚ୍ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଜଣେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪-୫ଜଣ ସହଯୋଗୀ ସାମିଲ ରହିଛନ୍ତି। ପକ୍ଷୀ ଗଣନା ପାଇଁ ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ସାତପଡ଼ା ୪ଟି, ରମ୍ଭା ୨ଟି, ଚିଲିକା ୧ଟି ଓ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପ୍ରଶିକ୍ଷଣ ଶେଷ ହେବା ପରେ ପ୍ରତ୍ୟେକ ଗଣନାକାରୀ ଟିମ୍ ଶନିବାର ଅପରାହ୍ନରେ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ରବିବାର ସକାଳ ୬ଘଟିକା ସମୟରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ପକ୍ଷୀଗଣନା କାର୍ଯ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୁଚନା ମିଳିଛି। ପକ୍ଷୀ ଗଣନାରେ କୌଣସି ବାଧା ନ ଉପୁଜେ ସେଥିଲାଗି ଗଣନା ସମୟରେ ଚିଲିକା ମଧ୍ୟରେ ପକ୍ଷୀ ଗଣନାକାରୀ ଦଳଙ୍କ ବ୍ୟତିତ ଅନ୍ୟ କୌଣସି ଡଙ୍ଗା ଚଳାଚଳକୁ ନିଷିଦ୍ଧ କରାଯାଇଛି। ଗତବର୍ଷ ୧୧ଲକ୍ଷରୁ ଉଦ୍ଧ୍ୱର୍ ପକ୍ଷୀଙ୍କ ସମାଗମ ହୋଇଥିବା ଗଣନା ରିପୋର୍ଟରୁ ଜଣାପଡ଼ିଥିଲା। ତେବେ ଚଳିତ ବର୍ଷ ଚିଲିକାରେ ଜଳସ୍ତର ଅଧିକ ଥିବା ହେତୁ ପକ୍ଷୀମାନେ ବିଶେଷ କରି ଖାଦ୍ୟ ଅନ୍ୱେଷଣରେ ଚିଲିକା ତଟବର୍ତ୍ତୀ ସ୍ଥଳଭାଗରେ ଅଧିକ ସମାଗମ ହେଉଥିବା ଦେଖିବାକୁ ମିଳିଛି। ମୂଖ୍ୟତଃ ଦୁଇଗୋଟି ପଦ୍ଧତିରେ ପକ୍ଷୀ ଗଣନା ହେଉଥିବା ବେଳେ ପ୍ରଥମ ପଦ୍ଧତିଟି ହେଲା ଏକକ ପଦ୍ଧତି। ଏହି ପଦ୍ଧତିରେ ଚିଲିକା ମଧ୍ୟରେ ଯେଉଁ ସ୍ଥାନରେ ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଦୃଷ୍ଟି ଗୋଚର ହୋଇ ଥାଆନ୍ତି, ସେଠାରେ ୧, ୨, ୩... କ୍ରମ ଅନୁଯାୟୀ ପକ୍ଷୀ ସଂଖ୍ୟା ଏବଂ ପ୍ରଜାତି ଗଣନା କରାଯାଏ ଏବଂ ଦ୍ୱିତୀୟ ପଦ୍ଧତି ହେଲା ବ୍ଲକ୍ ପଦ୍ଧତି। ଏହି ପଦ୍ଧତିରେ ଯେଉଁ ସ୍ଥାନରେ ପକ୍ଷୀଙ୍କୁ ଗଣି ହୁଏ ନାହିଁ ଏବଂ ଅସଂଖ୍ୟ ସଂଖ୍ୟାରେ ପକ୍ଷୀ ସମାଗମ ଥାଆନ୍ତି, ସେଠାରେ ବାଇନାକୁଲର ପରିଧି ମଧ୍ୟମରେ ଦୃଷ୍ଟି ଗୋଚର ହେଉଥିବା ପକ୍ଷୀଙ୍କୁ ନେଇ ଗୋଟିଏ ଗୋଟିଏ ବ୍ଲକ୍ ତିଆରି କରାଯାଇ ଗଣନା କରାଯାଇଥାଏ। ଏହିପରି ଏକାଧିକ ବ୍ଲକ୍ କରି ଜିପିଏସ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରଜାତି ଏବଂ ସଂଖ୍ୟା ସମଷ୍ଟିକରଣ କରି ପକ୍ଷୀ ଗଣନା କରାଯାଏ। ଗଣନା ଶେଷ ହେବା ପରେ ରବିବାର ସଂଧ୍ୟାରେ ବିଭାଗ ପକ୍ଷରୁ ସମଗ୍ର ଚିଲିକାରେ ଚଳିତ ବର୍ଷ ସମାଗମ ହୋଇଥିବା ବିଭିନ୍ନ ପ୍ରଜାତି ଓ ପକ୍ଷୀ ସଂଖ୍ୟା ରିପୋର୍ଟ ପ୍ରକାଶ ପାଇବ।


ଶ୍ରୀକ୍ଷେତ୍ର ସିଟି

୧୭/୧/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୪,୧୬୭/- ସୁନା:୦୦.୫୫୦ ଗ୍ରାମ୍ ରୁପା: ୬୬.୦୦୦ ଗ୍ରାମ୍







ନୀତିକାନ୍ତି ବିଳମ୍ବ ସାଙ୍ଗକୁ ଗଙ୍ଗାସାଗର ଯାତ୍ରୀଙ୍କ ଭିଡ଼



ବଡ଼ଦାଣ୍ଡରେ ଲାଗିଲା ଲମ୍ବା ଧାଡ଼ି

ପୁରୀ, ୧୭।୧ (ସମିସ): ଏବେ ପୁରୀକୁ ଗଙ୍ଗାସାଗରଯାତ୍ରୀଙ୍କ ସଂଖ୍ୟା ବଢ଼ିଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗଙ୍ଗାସାଗର ଯାତ୍ରୀ ଆସୁଛି। ସେହିପରି କିଛିଦିନ ହେବ ଶ୍ରୀମନ୍ଦିରରେ ନୀତିକାନ୍ତିରେ ମଧ ବିଳମ୍ବ ହେଉଛି। ବେଳେବେଳେ ମହାସ୍ନାନର ସ୍ୱତନ୍ତ୍ର ନୀତିକାନ୍ତି ହେଉଛି। ଏହିସବୁ ପାଇଁ ଅନେକ ସମୟରେ ବଡ଼ଦାଣ୍ଡରେ ଭକ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଶୁକ୍ରବାର ନୀତିକାନ୍ତି ବିଳମ୍ବ ଯୋଗୁଁ ରାତି ୧ଟା ୫୫ରେ ପହୁଡ଼ ପଡ଼ିଥିଲା। ଶନିବାର ସକାଳ ୬ଟା ୧୦ରେ ଦ୍ୱାର ଫିଟାଯାଇ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏମିତି ବି ଶନିବାର ଏବଂ ଆସନ୍ତାକାଲି ରବିବାର ଥିବାରୁ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ଅଧିକ ରହିଥିଲା। ପୁଣି ଗଙ୍ଗାସାଗର ଯାତ୍ରୀଙ୍କ ସଂଖ୍ୟା ମଧ ଢେର୍ ଅଧିକ ଥିଲା। ସେପଟେ ଶ୍ରୀମନ୍ଦିରର ନୀତିକାନ୍ତି ମଧ ବିଳମ୍ବରେ ଚାଲିଥିଲା। ଏଥିପାଇଁ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଭର୍ତ୍ତି ହୋଇ ଭକ୍ତମାନେ ବଡ଼ଦାଣ୍ଡରେ ଧାଡ଼ି ଲଗାଇଥିଲେ। ଏହି ଧାଡ଼ି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ସିନେମା ଗଳି ପର୍ଯ୍ୟନ୍ତ ଲାଗି ରହିଥିଲା। ନୀତିକାନ୍ତି ଶୃଙ୍ଖଳିତ ହୋଇପାରୁ ନ ଥିବା ଯୋଗୁଁ ଭକ୍ତମାନେ ହଇରାଣ ହେଉଥିବା ଅଭିଯୋଗ କରିଥିଲେ। ତେବେ ସେବାୟତମାନେ ଯଦି ନିଜ ନିଜ ଭିତରେ ଉତ୍ତମ ସମନ୍ୱୟ ରଖିବେ ତେବେ ନୀତିକାନ୍ତି ଶୃଙ୍ଖଳିତ ହୋଇପାରିବ। ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ହେଲେ ଭକ୍ତଙ୍କ ଦର୍ଶନରେ ମଧ ଶୃଙ୍ଖଳା ଆସିପାରିବ ବୋଲି ଶ୍ରଦ୍ଧାଳୁ ମତ ଦେଇଥିଲେ।

ରତ୍ନଭଣ୍ଡାରର ଐତିହ୍ୟ ଓ ସଂରକ୍ଷଣ ଗ୍ରନ୍ଥ ଉନ୍ମୋଚିତ

ପୁରୀ,୧୭।୧(ସମିସ): ଦ୍ୱାଦଶ ଶତାବ୍ଦୀର ପରିଦୃଶ୍ୟମାନ ଶ୍ରୀମନ୍ଦିର ଉତ୍କଳୀୟ ଶିଳ୍ପ କଳାର ଅପୂର୍ବ ନିଦର୍ଶନ। ନୀଳାଚଳ ପର୍ବତରେ ସୁପ୍ରତିଷ୍ଠିତ ମୁଖ୍ୟ ମନ୍ଦିର ସମେତ ବିଭିନ୍ନ ପାଶ୍ୱର୍ ଦେବଦେବୀ ମନ୍ଦିର, ମଣ୍ଡପ, ରୋଷଶାଳା, କୂପ, ରତ୍ନସିଂହାସନ, ଦୁଇ ବୃହତ୍ ପ୍ରାଚୀର, ଶ୍ରୀନୀଳଚକ୍ର, ପତିତପାବନ ଧ୍ୱଜା ସର୍ବୋପରି ରତ୍ନଭଣ୍ଡାରର ଐତିହ୍ୟ ଓ ଗରିମା ପ୍ରାଚୀନ ସମୟରୁ ରହିଆସିଛି ବୋଲି କହିଛନ୍ତି ଦଶନାମୀ ସମ୍ପ୍ରଦାୟର ପ୍ରସିଦ୍ଧ ମହୀ ପ୍ରକାଶ ମଠର ମଠାଧୀଶ ଶୁଭାନନ୍ଦ ପୁରୀ ମହାରାଜ। ଶନିବାର ଶ୍ରୀକ୍ଷେତ୍ରର ଧ୍ୟାନ କେନ୍ଦ୍ରଠାରେ ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତିବିତ୍ ଗବେଷକ ଡ. ଭାସ୍କର ମିଶ୍ରଙ୍କ ବିରଚିତ



'ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରର ଐତିହ୍ୟ ଓ ସଂରକ୍ଷଣ' ଶୀର୍ଷକ ଦିବ୍ୟଗ୍ରନ୍ଥକୁ ଉନ୍ମୋଚନ ଅବସରରେ ମଠାଧୀଶ ଶୁଭାନନ୍ଦ ପୁରୀ ଏହା ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ସମାଜସେବୀ ବଦ୍ରି ମିଶ୍ର, ବରିଷ୍ଠ ଦଇତାପତି ସେବକ ଦୁର୍ଗାପ୍ରସାଦ ଦାସ ମହାପାତ୍ର, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଚେତନା ଭିତ୍ତିକ ଗ୍ରନ୍ଥ ପ୍ରକାଶନ ଫଳରେ ଦେଶବିଦେଶର ଗବେଷକ, ପ୍ରାବନ୍ଧିକ, ଗବେଷଣାରତ ଛାତ୍ରଛାତ୍ରୀ ତଥା ପାଠକମାନେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଥିଲେ। ଗ୍ରନ୍ଥ ରଚୟିତା ଡ. ମିଶ୍ରଙ୍କ ୯୫ତମ ଏହି ସଦ୍ୟ ପ୍ରକାଶିତ ରତ୍ନଭଣ୍ଡାରର ଐତିହ୍ୟରେ ଗଙ୍ଗବଂଶ ରାଜାମାନଙ୍କଠାରୁ ଭୋଇ ବଂଶ ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ (ପ୍ରଥମ)ଙ୍କ ପର୍ଯ୍ୟନ୍ତ ବିଭିନ୍ନ ରତ୍ନାଳଙ୍କାର ଦାନ, ମାଦଳା ପାଞ୍ଜିରେ ମହାପ୍ରଭୁଙ୍କ ବିବିଧ ରତ୍ନାଳଙ୍କାର ବର୍ଣ୍ଣନା, ଦୀର୍ଘ ୨୦୦ ବର୍ଷର ରତ୍ନଭଣ୍ଡାର ସମ୍ପର୍କୀୟ ଇତିହାସ, ୨୦୨୪ରେ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତିର ଧାରା ବିବରଣୀ ପ୍ରକାଶ ପାଇଛି।

ବିରୋଧ ପରେ ନରମିଲା ଶ୍ରୀମନ୍ଦିର ପ୍ରଶାସନ

କମିଲା ଭକ୍ତ ନିବାସ ଗାଡ଼ି ପାର୍କିଂ ଫି'

ପୁରୀ,୧୭।୧(ସମିସ): ଚାରିଆଡୁ ବିରୋଧ ପରେ ନରମିଲା ଶ୍ରୀମନ୍ଦିର ପ୍ରଶାସନ। ଭକ୍ତ ନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ପାଇଁ ଯେଉଁ ୫୦୦ ଟଙ୍କା ଫି' ଲଦି ଦେଇଥିଲା ତାହାକୁ କମାଇ ଦେଇଛି। ଆଉ ୫୦୦ ନୁହେଁ ଏଣିକି ଚାରିଚକିଆ ଆଣି ଭକ୍ତ ନିବାସରେ ରହୁଥିବା ଶ୍ରଦ୍ଧାଳୁ ଗୋଟିଏ ଦିନ ଅର୍ଥାତ୍ ୨୪ ଘଣ୍ଟା ପାଇଁ ୨୪୦ ଟଙ୍କା ଦେବେ। ରବିବାରଠାରୁ ଏହି ନୂଆ ପାର୍କିଂ ଫି' ଲାଗୁ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ରହଣି ସୁବିଧା ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସ (ନୀଳାଚଳ, ନୀଳାଦ୍ରି, ଗୁଣ୍ଡିଚା ଓ ପୁରୁଷୋତ୍ତମ) ରହିଛି। ଏଠାରେ ଯାତ୍ରୀମାନଙ୍କ ରହଣି ସୁବିଧା ରହିଛି। ଅନ୍‌ଲାଇନ୍‌ରେ ବୁକିଂ କରି ଯାତ୍ରୀମାନେ ଏଠାରେ ରହିଆସୁଛନ୍ତି। ଏହି ଯାତ୍ରୀନିବାସରେ ଚାରିଚକିଆ ଗାଡ଼ିର ପାର୍କିଂ ସୁବିଧା ରହିଛି। ହେଲେ ଗତ ୭ ତାରିଖଠାରୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଉପରେ ପାର୍କିଂ ଫି' ବୋଝ ଲଦି ଦେଇଥିଲା। ସେହିଦିନଠାରୁ ଚାରିଚକିଆ ଯାନ ପିଛା ୫୦୦ ଟଙ୍କା ଆଦାୟ କରାଯାଉଥିଲା। ଏହାକୁ ନେଇ ସବୁଆଡୁ ଉଠିଥିଲା ବିରୋଧର ସ୍ୱର। ବିଜୁ ଜନତା ଦଳ ମଧ ଶ୍ରୀମନ୍ଦିର ପ୍ରଶାସନର ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲା। ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ

ଏଣିକି ୫୦୦ ନୁହେଁ ୨୪୦ ଟଙ୍କା; ଆଜିଠୁ ଲାଗୁହେବ

ଦାବି କରିଥିଲେ। ଆମ ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଲୁଟିବା ସହ ପବିତ୍ର ପୁରୀ ଓ ସମଗ୍ର ଓଡ଼ିଶାର ଭାବମୂର୍ତ୍ତି ମଳିନ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ବିଜେଡି ଦୃଢ଼ ବିରୋଧ କରୁଛି ବୋଲି ଶ୍ରୀ ଦାସବର୍ମା କହିଥିଲେ। ସେହିପରି ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କୁ ଶୋଷଣ କରୁଛି ବୋଲି କହିବା ସହ ହୋଟେଲ ମାଲିକଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏଭଳି ଷଡ଼ଯନ୍ତ୍ର ବୋଲି ଅଭିଯୋଗ ଆଣିଥିଲେ।

ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନରମିଛି। ଶନିବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ନିଷ୍ପତ୍ତି ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତ ନିବାସରେ ଚାରିଚକିଆ ଗାଡ଼ି ପାର୍କିଙ୍ଗ୍ ଫି ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ନେଇ କିଛିଟା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କୌଣସି ରାଜସ୍ୱ ଆୟ ଆମର ଅଭିପ୍ରାୟ ନୁହେଁ। ସେଭଳି ଚାହିଁଥିଲେ ରୁମ୍ ଭଡ଼ା ବୃଦ୍ଧି କରିପାରିଥା'ନ୍ତୁ। ପରିଚାଳନା କମିଟି ପାର୍କିଂ ଫି' ଆଦାୟକୁ ଅନୁମୋଦନ ଦେଇଛନ୍ତି। କିନ୍ତୁ ୫୦୦ ଟଙ୍କା ନୁହେଁ, ଜେବିପିସିରେ ଯେତିକି ପାର୍କିଂ ଫି' ଅଛି ସେତିକି ମୂଲ୍ୟ ରଖାଯାଉ। ୨୪୦ ଟଙ୍କା ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଣିକି ଯେଉଁ ଶ୍ରଦ୍ଧାଳୁ ଭକ୍ତ ନିବାସରେ ରହି ତାଙ୍କର ଚାରିଚକିଆ ଗାଡ଼ି ପାର୍କିଂ କରିବେ ସେମାନେ ୨୪ ଘଣ୍ଟା ପାଇଁ ୨୪୦ ଟଙ୍କା ଦେବେ। ରବିବାରଠାରୁ ଏହି ନୂଆ ମୂଲ୍ୟ ଲାଗୁ କରାଯିବ। ଯେହେତୁ ଭକ୍ତ ନିବାସର ପାର୍କିଂ ଜାଗା ସୀମିତ ତେଣୁ ଶ୍ରଦ୍ଧାଳୁ ଜେବିପିସିରେ ଗାଡ଼ି ରଖିଲେ ଭଲ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

● ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ଡ. ଜିଏସ୍‌ଭି ଦତ୍ତାତ୍ରେୟ ମୂର୍ତ୍ତିଙ୍କୁ କାର୍ଯ୍ୟକାରୀ କୁଳପତି ଦାୟିତ୍ୱ



ପୁରୀ,୧୭।୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତିଙ୍କୁ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ, ୨୦୨୫ର ଧାରା ୬ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ସ୍ଥାୟୀ କୁଳପତିଙ୍କ ନିଯୁକ୍ତି ହେବା ପର୍ଯ୍ୟନ୍ତ କିମ୍ବା ଆଗାମୀ ୬ ମାସ ପାଇଁ ସେ ଏହି ପଦରେ କାର୍ଯ୍ୟ କରିବେ। କୁଳାଧିପତିଙ୍କ ସଚିବଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଏହି ନିଯୁକ୍ତି ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ ଅବଗତ କରାଯାଇଛି।

୬ ବର୍ଷ ପରେ ପୁଲିସ ହାତରେ ଚୋର

ପୁରୀ,୧୭।୧(ସମିସ): ଘରେ ପଶି ଚୋରି କରିବାର ୬ ବର୍ଷ ପରେ ପୁଲିସ ହାତରେ ଧରାପଡ଼ିଛି ଚୋର। ଗିରଫ ଅଭିଯୁକ୍ତ ହେଉଛି ବାଘଆଖଡ଼ା ଲେନ୍‌ର ବିକି ପ୍ରଧାନ। ୨୦୨୦ ଜୁନ୍ ୧୩ ତାରିଖରେ କୁମ୍ଭାରପଡ଼ାର କ୍ଲର୍କ ରୋଡ୍‌ସ୍ଥିତ ଅଙ୍କିତା ମହାନ୍ତିଙ୍କ ସରକାରୀ କ୍ୱାର୍ଟରରୁ ତାଲା ଭାଙ୍ଗି ୭ ଜଣ ଚୋର ଚୋରି କରିଥିଲେ। ଲୁଟେରାମାନେ ସୁନାର ମଙ୍ଗଳସୂତ୍ର, ୩ଟି ସୁନା ମୁଦି, ହଳେ କାନଫୁଲ, କିଛି ରୁପା ଅଳଙ୍କାର, ଗୋଟେ ଆଇଫୋନ୍, ଦୁଇଟି ଘଣ୍ଟା ସମେତ ୩ ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ କୁମ୍ଭାରପଡ଼ା ଥାନା ପୁଲିସ ସେତେବେଳେ ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ କିଛି ଚୋରି ସାମଗ୍ରୀ ଜବତ କରିଥିଲା। ଶନିବାର ଏହି ମାମଲାରେ ପୁଲିସ ବିକିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ହୋମ୍‌ଗାର୍ଡଙ୍କୁ ମାଡ଼ ମାରି ବାପ-ପୁଅ ଗିରଫ

ପୁରୀ,୧୭।୧(ସମିସ): କାର୍ଯ୍ୟରତ ହୋମ୍‌ଗାର୍ଡଙ୍କୁ ମାଡ଼ ମାରିବା ବାପ-ପୁଅଙ୍କୁ ମହଙ୍ଗା ପଡ଼ିଛି। କୁମ୍ଭାରପଡ଼ା ଥାନା ପୁଲିସ ଶନିବାର ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ପାଇକସାହିର ବାପା ଦିଲ୍ଲୀପ କୁମାର ତ୍ରିପାଠୀ ଏବଂ ପୁଅ ଭୀମେଶ୍ୱର ତ୍ରିପାଠୀ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଟ୍ରାଫିକ୍ ଥାନାର ହୋମ୍‌ଗାର୍ଡ ପ୍ରଶାନ୍ତ କୁମାର ସାହୁ ବଳଗଣ୍ଡି ଟ୍ରାଫିକ୍ ପୋଷ୍ଟରେ ଡ୍ୟୁଟି କରୁଥିଲେ। ଅପରାହ୍ଣ ପ୍ରାୟ ୧ଟା ସମୟରେ ଏକ ଅଟୋ (ନଂ.ଓଡି୦୫ଏଇ-୬୭୬୯) ବଡ଼ଦାଣ୍ଡର ରଙ୍ଗରୁଟ୍‌ରେ ଆସି ନିଷିଦ୍ଧ ରାସ୍ତାରେ ଯିବାକୁ ଚାହିଁଥିଲେ। ପ୍ରଶାନ୍ତ ତାଙ୍କୁ ବାରଣ କରିଥିଲେ। ଅଟୋଚାଳକ ଦିଲ୍ଲୀପ ଏବଂ ପୁଅ ଭୀମେଶ୍ୱର ଅଟୋକୁ ରାସ୍ତା ମଝିରେ ରଖି ରମେଶଙ୍କୁ ଗାଳିମନ୍ଦ କରିଥିଲେ। ଭୀମେଶ୍ୱର ତାଙ୍କୁ ପଛପଟୁ ମାଡ଼ିବସିଥିବା ବେଳେ ଦିଲ୍ଲୀପ ତାଙ୍କ ବେକକୁ ଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହା ଦେଖି ସ୍ଥାନୀୟଲୋକେ ପହଞ୍ଚିଯିବାରୁ ବାପ-ପୁଅ ଦୁଇଜଣ ପଳାଇ ଯାଇଥିଲେ। ଏହାପରେ ରମେଶ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଯାଇ ପ୍ରାଥମିକ ଚିକିତ୍ସା ପରେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୩୩/୧୭) ରୁଜୁ କରି ଶନିବାର ଉଭୟ ବାପ-ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବନ୍ଦେ ମାତରମ୍ ଜାତୀୟ ଭାବନା ସଂପ୍ରୀତିର ପ୍ରତୀକ

ପୁରୀ,୧୭।୧(ସମିସ): ପୁରୀ ପୌରାଞ୍ଚଳ ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଶନିବାର ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବନ୍ଦେ ମାତରମ୍ କେବଳ ଏକ ସଙ୍ଗୀତ ନୁହେଁ, ଏହା ଆମ ଜାତୀୟ ଭାବନା ସଂପ୍ରୀତିର ପ୍ରତୀକ ବୋଲି କହିଥିଲେ। ବଙ୍କିମଚନ୍ଦ୍ରଙ୍କ କାଳଜୟୀ ସାହିତ୍ୟ ଆନନ୍ଦ ମଠରେ ଏହା ସ୍ଥାନିତ ହୋଇ ସେତେବେଳେ ଲକ୍ଷ ଲକ୍ଷ ଦେଶପ୍ରେମୀଙ୍କୁ ସଂଗ୍ରାମ ପାଇଁ ପ୍ରେରଣା ଦେଇଥିଲା। ବନ୍ଦେ ମାତରମ୍‌ର ପ୍ରତିଟି ପଂକ୍ତି ଦେଶ ମାତୃକାର ବନ୍ଦନା ଓ ଦେଶପ୍ରେମ ପାଇଁ ଅନୁପ୍ରାଣିତ କରିଥାଏ ବୋଲି ସେ କହିଥିଲେ। ମାଷ୍ଟର ଟ୍ରେନର ରଶ୍ମିରେଖା ସାମନ୍ତରାୟ ଓ ସ୍ମିତାରାଣୀ ପଣ୍ଡା ବନ୍ଦେ ମାତରମ୍‌ର ଉତ୍ପତ୍ତି, ଜାତୀୟତା ଭାବନା ସହ ଜଡ଼ିତ ତାହାର ପ୍ରତିଟି ଶବ୍ଦ ଏବଂ ଭାବାବେଗ ସମ୍ପର୍କରେ ଆଲୋଚନା କରିବା ସହ ସାମୂହିକ ଭାବେ ବନ୍ଦେମାତରମ୍ ସଙ୍ଗୀତ ପରିବେଷଣ ଓ



ଆତ୍ମନିର୍ଭର ଭାରତର ଶପଥପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରିଜିତ୍ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଟିଆରଓ ଶୋଭନ ପଟ୍ଟନାୟକ, ପ୍ରସନ୍ନ କୁମାର ବେହେରା, ଦୀପକ କୁମାର ଶୁକ୍ଲା, ଇପ୍‌ସିତା ମହାନ୍ତି ଓ ଶକ୍ତି ସୁଧା ଦାସ ପ୍ରମୁଖ ବନ୍ଦେ ମାତରମ୍‌ର ସଂକଳ୍ପ, ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରୀ ପୌରପାଳିକା ସିଓ ରେଶମା ମହାନ୍ତି ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନାଚଘର ପକ୍ଷରୁ କୁମାର ଭୀମସେନ ଓ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପୁରୀ ଡିଭିଜନରେ ପକ୍ଷୀ ଗଣନା ଆଜି

ପୁରୀ,୧୭।୧(ସମିସ): ପୁରୀ ବନ୍ୟପ୍ରାଣୀ ଡିଭିଜନରେ ରବିବାର ପକ୍ଷୀ ଗଣନା ହେବ। ଏଥିପାଇଁ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ଶୁକ୍ରବାର ଗଣନା ସଂକ୍ରାନ୍ତୀୟ ପ୍ରଶିକ୍ଷଣ ଦିଆଯାଇଛି। ସୂଚନା ମୁତାବକ, ପୁରୀ ଡିଭିଜନରେ ୫ଟି ରେଞ୍ଜ ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ, ବ୍ରହ୍ମଗିରି ରହିଛି। ପକ୍ଷୀ ଗଣନା ପାଇଁ ସମସ୍ତ ରେଞ୍ଜ ଅଫିସର, ଫରେଷ୍ଟର, ଗାର୍ଡ ଓ ଅନ୍ୟ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପୁରୀ ଡିଭିଜନ ଅନ୍ତର୍ଗତ ଯେଉଁସବୁ ସ୍ଥାନରେ ଜଳାଶୟ ରହିଛି ଏବଂ ପକ୍ଷୀ ଆସିଛନ୍ତି ସେ ସବୁ ସ୍ଥାନରେ ଗଣନା କରାଯିବ। ଏଥିଲାଗି ପ୍ରାୟ ୨୫ଟି ଟିମ୍ ଗଠନ ହୋଇଛି। ଏରିଆ ଓ ପକ୍ଷୀଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରତି ଟିମ୍‌ରେ ୩ରୁ ୪ଜଣ ଲେଖାଏଁ ସଦସ୍ୟ ରହିଛନ୍ତି। ଭୋର୍ ୫ଟାରୁ ଗଣତି ଆରମ୍ଭ କରାଯିବା ଲାଗି ସ୍ଥିର ହୋଇଛି। ତେବେ କୁହୁଡ଼ିକୁ ଦେଖି ସମୟ ବଦଳିପାରେ। ରତ୍ନଚିରା, ଗଙ୍ଗାଦେବୀ, କୁଶଭଦ୍ରା, ପ୍ରାଚୀ, କେଲୁଣୀ ମୁହାଣ, କାଦୁଆ ନଦୀ ପ୍ରଭୃତି ସ୍ଥାନରେ ଏହି ଗଣନା ହେବ। ଏଥିରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବନ୍ୟପ୍ରାଣୀ ପ୍ରେମୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସାମିଲ ହେବେ।

ଟ୍ରେନ୍‌ରୁ ମୋବାଇଲ ଲୁଟ୍; ୨ ଗିରଫ

ପୁରୀ,୧୭।୧(ସମିସ): ଚଳନ୍ତା ଟ୍ରେନ୍‌ରେ ଚଢ଼ି ଯାତ୍ରୀଙ୍କୁ ଚାପୁଡ଼ା ମାରି ମୋବାଇଲ୍ ଝାମ୍ପିନେବା ଘଟଣା ଦୁଇ ଦୁର୍ବୃତ୍ତଙ୍କୁ ମହଙ୍ଗା ପଡ଼ିଛି। ଦୁଇ ଅଭିଯୁକ୍ତଙ୍କୁ ପୁରୀ ଜିଆରପି ଥାନା ପୁଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜଟଣୀ ରଥିପୁରର ରବି ନାୟକ ଏବଂ ପୁରୀ ରାମଚଣ୍ଡୀ ସାହି ବାଲି ଉପରର ରଞ୍ଜନ ଚମ୍ପତି। ସେମାନଙ୍କଠାରୁ ମୋବାଇଲ୍ ଜବତ କରାଯାଇଛି। ଜିଆରପିର ସୂଚନା ମୁତାବକ, ସୁବାସ କୁମାର ଓ ତାଙ୍କ ବନ୍ଧୁମାନେ ଆନନ୍ଦ ବିହାରରୁ ପୁରୁଷୋତ୍ତମ ଏକ୍ସପ୍ରେସରେ ପୁରୀ ଅଭିମୁଖେ ଆସୁଥିଲେ। ଭୋର୍ ପ୍ରାୟ ୫ଟା ୪୦ରେ ଖୋର୍ଦ୍ଧା ଷ୍ଟେସନ ଛାଡ଼ିବା ପରେ ଅଭିଯୁକ୍ତ ରବି ଚଳନ୍ତା ଟ୍ରେନ୍‌କୁ ଉଠିଥିଲା। ସୁବାସଙ୍କୁ ଚାପୁଡ଼ା ମାରି ତାଙ୍କ ମୋବାଇଲ୍ ଝାମ୍ପି ଚମ୍ପଟ ମାରିଥିଲା। ସୁବାସ ଓ ତାଙ୍କ ସହଯୋଗୀମାନେ ପିଛା କରି ୱାସ୍‌ରୁମ୍‌ରୁ ରବି ଓ ତା' ସହ ଥିବା ରଞ୍ଜନକୁ ଧରିଥିଲେ। ଏ ନେଇ ସେମାନେ ଜିଆର୍‌ପିକୁ ଜଣାଇବା ପରେ ପୁରୀ ଜିଆର୍‌ପି ଦୁଇଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍ ଜବତ ହୋଇଛି।

ସିଂହଦ୍ୱାର ଗୁମୁଟ ଦଶାବତାର ମୂର୍ତ୍ତି ବିବାଦ

ଲୋଡ଼ାଯିବ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ

ପୁରୀ,୧୭।୧(ସମିସ): ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୪ ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ସମ୍ମୁଖରେ ଲାଗି ପାରୁନାହିଁ ଦଶାବତାର ମୂର୍ତ୍ତି। ସାଧାରଣତଃ ଭକ୍ତମାନ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଅରୁଣ ସ୍ତମ୍ଭକୁ ମୁଣ୍ଡିଆ ମାରିଥା'ନ୍ତି। ପରେ ସିଂହଦ୍ୱାର ଗୁମୁଟ ଉପରେ ଥିବା ଦଶାବତାର ମୂର୍ତ୍ତିର ସାନ୍ନିଧ ନେଇ ବାଇଶିପାହାଚ ଦେଇ ବଡ଼ଦେଉଳକୁ ପ୍ରବେଶ କରିଥା'ନ୍ତି। ୧୪ ବର୍ଷ ତଳେ ସିଂହଦ୍ୱାର ମରାମତି ନାଁରେ ଦଶାବତାର ମୂର୍ତ୍ତିକୁ ଖୋଲି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ତାକୁ ନେଇ ଉଠିଥିଲା ବାଦ ବିବାଦ। ତେବେ ଏହି ବିବାଦ ଏବଂ ଆଇନର ଜାଲ ମଧ୍ୟରେ ଛନ୍ଦି ହୋଇଗଲା ଭକ୍ତଙ୍କ ଭାବାବେଗ। ଆଇନର ଆଳ ଦେଖାଇ ଭକ୍ତଙ୍କ ବିଶ୍ୱାସରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି ଏଏସ୍ଆଇ। ଫଳସ୍ୱରୂପ ଶ୍ରୀହୀନ ଏବେ ଶ୍ରୀମନ୍ଦିର ସିଂହଦ୍ୱାର। ଏହାକୁ ନେଇ ବିଭିନ୍ନ ସମୟରେ ସ୍ୱର ଉଠୁଛି। ହେଲେ କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ ଶନିବାର ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୨୦୧୨-୧୩ରେ ସିଂହଦ୍ୱାର ଗୁମୁଟ କାମ ବେଳେ ଦଶାବତାର ମୂର୍ତ୍ତିକୁ ବାହାର କରିଦିଆଯାଇଥିଲା। ତାହା ଚୂନ ପଥରରେ ନିର୍ମାଣ ହୋଇଥିଲା। ଏଏସ୍ଆଇର ଯେଉଁ ନର୍ମ ରହିଛି ସେଥିରେ ନୂଆ ଲାଗିପାରିବ ନାହିଁ ବୋଲି ସେତେବେଳେ ସେମାନେ କହିଥିଲେ। ନବମ ସ୍ଥାନରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ଅବସ୍ଥିତି ଥିଲା। ମହାପ୍ରଭୁ ହେଉଛନ୍ତି ଅବତାରୀ। ତେଣୁ ସେଠାରେ କାହିଁକି ରହିବେ ବୋଲି ସେତେବେଳେ ଅନେକ ତର୍କ ବିତର୍କ ସୃଷ୍ଟି ହୋଇଥିଲା। ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇ କରାଯାଇଥିଲା। ଯେହେତୁ ଏହା ଏକ ଧାର୍ମିକ ପ୍ରସଙ୍ଗ ତେଣୁ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଲୋଡ଼ିବା ଲାଗି ପରିଚାଳନା କମିଟି ପରାମର୍ଶ ଦେଇଛି। ଜଗତ୍‌ଗୁରୁଙ୍କର ଯେଉଁ ପରାମର୍ଶ ରହିବ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ।



ସୂଚନାଥାଉ କି, ୨୦୧୨ରେ ମରାମତି ପାଇଁ ଏଏସ୍ଆଇ ସିଂହଦ୍ୱାର ଗୁମୁଟରୁ ଚୂନର ଦଶାବତାର ମୂର୍ତ୍ତିକୁ ହଟାଇ ଦେଇଥିଲା। ହେଲେ ବିଡ଼ମ୍ବନାର ବିଷୟ ଦଶାବତାରଙ୍କ ସ୍ଥାନରେ ସାଦା ପଥର ଲଗାଯାଇଥିଲା, ଯାହା ଏବେ ବି ରହିଛି। ଏହା ଶ୍ରୀମନ୍ଦିରର ଶ୍ରୀକୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଘୋର୍ ଆଘାତ ପହଞ୍ଚାଇଛି। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏକାଧିକ ଦାବିପତ୍ର ମଧ ପ୍ରଦାନ କରାଯାଇଥିଲା। ଶେଷରେ ମନ୍ଦିର ପ୍ରଶାସନ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। ସେହି ଅନୁଯାୟୀ ପଥରରେ ମୂର୍ତ୍ତି ମଧ ବରାଦ ଦିଆଗଲା। କିନ୍ତୁ ଦଶାବତାର ମୂର୍ତ୍ତିଙ୍କ ନବମ ସ୍ଥାନରେ ବୁଦ୍ଧ ନା ଜଗନ୍ନାଥ ସ୍ଥାନିତ କରାଯିବ ତାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦଶାବତାର କହିଲେ ମତ୍ସ୍ୟ, କଶ୍ୟପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କୀଙ୍କୁ ବୁଝାଏ। ମାତ୍ର ନବମ ସ୍ଥାନରେ ଜଗନ୍ନାଥ ରହିଥିଲେ। ଏହି ତ୍ରୁଟିକୁ ସୁଧାରି ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କ ମୂର୍ତ୍ତି ଲଗାଇବାକୁ ଅନେକ ଯୁକ୍ତି ବାଢ଼ିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ଅବତାର ନୁହନ୍ତି, ସେ ହେଉଛନ୍ତି ଅବତରୀ। ଯେହେତୁ ନବମ ଅବତାର ବୁଦ୍ଧଙ୍କର ତେଣୁ ଦଶାବତାର ଭିତରେ ଜଗନ୍ନାଥ ରହିବା ଅନୁଚିତ୍ ବୋଲି ମତ ରଖିଥିଲେ। ଅନେକ କିନ୍ତୁ ପୂର୍ବଭଳି ଦଶାବତାର ରଖିବାକୁ ଜିଦ୍ ଧରିଥିଲେ। ଏହି ବାଦ ବିବାଦ ଭିତରେ ମାମଲା ହାଇକୋର୍ଟରେ ପହଞ୍ଚିଥିବାବେଳେ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦଶାବତାର ମୂର୍ତ୍ତି ଲାଗିପାରୁ ନାହିଁ।

ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ଅଭିଯାନ



ପୁରୀ,୧୭।୧(ସମିସ): ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବାଲୁଖଣ୍ଡ ବନାଞ୍ଚଳ ତରଫରୁ ଶନିବାର ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବାଲୁଖଣ୍ଡ ବେଳାଭୂମିରେ ଆୟୋଜିତ ଏହି ଅଭିଯାନରେ ବାଲୁଖଣ୍ଡ ବନାଞ୍ଚଳ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ବନପାଳ ରବୀନ୍ଦ୍ର ସ୍ୱାଇଁ ଓ ବନରକ୍ଷୀମାନଙ୍କ ସହ ସମଙ୍ଗରା ଏବଂ ନାଗାପାଟଣା ଇଡିସି ସଦସ୍ୟ, ବାଲିଗୁଆଳିସ୍ଥିତ ସାରଦା ପ୍ରସାଦ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସାମିଲ୍ ହୋଇଥିଲେ। ସମସ୍ତେ ବାଲୁଖଣ୍ଡ ବେଳାଭୂମିରୁ ଜରି, ପ୍ଲାଷ୍ଟିକ୍, ଛିଣ୍ଡା ଜାଲ ସମେତ ଅଳିଆ ଆବର୍ଜନା ସଫା କରିଥିଲେ। ଏହି ପ୍ଲାଷ୍ଟିକ୍ ଆବର୍ଜନାକୁ ଜରି ବ୍ୟାଗ୍ ମଧ୍ୟରେ ରଖି ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଏହି ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ଅଭିଯାନରେ ସାମିଲ୍ ସମସ୍ତ ସଦସ୍ୟଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ଲାଷ୍ଟିକ୍ କିପରି ପରିବେଶକୁ ନଷ୍ଟ କରୁଛି, ମନୁଷ୍ୟ, ଜଙ୍ଗଲର ଜୀବଜନ୍ତୁ ଏବଂ ସାମୁଦ୍ରିକ ଜୀବଙ୍କ ପ୍ରତି ନିରବ ଘାତକ ସାଜିଛି ସେ ବିଷୟରେ ଆଲୋଚନା କରାଯାଇଥିଲା।

ଓଡ଼ିଶା କୃଷକ ବିକାଶ ପରିଷଦର ରାଜନଗର ମଣ୍ଡଳ କର୍ମକର୍ତ୍ତା ନିର୍ବାଚନ

ରାଜନଗର,୧୭।୧(ସମିସ): ରାଜନଗର ବ୍ଲକ୍ ମା' ମାଟିଆ ମଙ୍ଗଳା ପୀଠରେ ଓଡ଼ିଶା କୃଷକ ବିକାଶ ପରିଷଦ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଅକ୍ଷୟ ସାମଲ, ଓଡ଼ିଶା କୃଷକ ବିକାଶ ପରିଷଦର ପ୍ରଶାନ୍ତ ପାତ୍ର ଓ ପଟ୍ଟାମୁଣ୍ଡାଇ ରାଜନଗର ସଂଯୋଜିକା ତୃପ୍ତିମୟୀ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ବୈଠକରେ ରାଜନଗର ମଣ୍ଡଳରୁ ୧୫ରୁ ଊର୍ଦ୍ଧ୍ୱ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ରାଜନଗର ମଣ୍ଡଳରୁ ସଭାପତି ଭାବେ କୈଳାସ ରାଉତ, ଉପସଭାନେତ୍ରୀ ଅନୁସୁୟା ମହାନ୍ତି, ସମ୍ପାଦିକା ଆଶାଲତା ଦାସ, ସହସମ୍ପାଦକ ଅମୂଲ୍ୟ ବିଶ୍ୱାଳ, ସହସମ୍ପାଦିକା ପୁଷ୍ପଲତା ଖମାରୀ, କୋଷାଧ୍ୟକ୍ଷ ନିର୍ମଳା ଲେଙ୍କା ନିର୍ବାଚିତ ହୋଇଥିଲେ।



କୃଷକଙ୍କ ସବୁ ସମସ୍ୟା ଦୂରୀକରଣ, କୃଷକ ଜନସେବା କେନ୍ଦ୍ର ଖୋଲିବା, କୃଷକଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦେବା ସରକାରଙ୍କ ଦାବି କରିବା ସହିତ କୃଷକଙ୍କ ସହିତ ରହି କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଂଘ ପକ୍ଷରୁ କର୍ମ କର୍ତ୍ତା ଓ ଅତିଥି ସଭ୍ୟା ସଭ୍ୟଙ୍କୁ ଆପ୍ୟାୟିତ କରଯାଇଥିଲା। ସଭାପତି ଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ।

ନିଶାମୁକ୍ତି ଓ ସମାଜ ପୁନର୍ଗଠନରେ ଜିଲ୍ଲା ପ୍ରଶାସନର ପଦକ୍ଷେପ

ଶକ୍ତିସଦନ ଓ ନିଶାମୁକ୍ତି କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧୭।୧(ସମିସ)



ସମାଜରୁ ନିଶା ନିରାକରଣ ଓ ପୁନର୍ବାସ ପ୍ରୟାସକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ବାରିମୂଳସ୍ଥ ଶକ୍ତିସଦନ ଓ ନିଶାମୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଅନ୍ତେବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ପୁନର୍ବାସ ସମ୍ଭାବନା ବିଷୟରେ ଅବଗତ ହୋଇଥିଲେ। ଜିଲ୍ଲାପାଳ ନିଶାମୁକ୍ତି ପ୍ରକ୍ରିୟାକୁ ନୂଆ ଜୀବନର ଆରମ୍ଭ ବୋଲି ଉଲ୍ଲେଖ କରି ଅନ୍ତେବାସୀଙ୍କୁ ସକାରାତ୍ମକ ମନୋଭାବ ଓ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ।

ସେ କହିଥିଲେ, ନିଶା ମୁକ୍ତ ଜୀବନ କେବଳ ବ୍ୟକ୍ତିଗତ ଉନ୍ନତି ନୁହେଁ, ସମଗ୍ର ପରିବାର ଓ ସମାଜ ପାଇଁ ଏକ ନୂଆ ଆଶାର ସୂଚନା। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ କେନ୍ଦ୍ରର ଆବାସିକ ବ୍ୟବସ୍ଥା, ଚିକିତ୍ସା ସୁବିଧା, ପରାମର୍ଶ ସେବା ଓ ପୁନର୍ବାସ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଅନୁସନ୍ଧାନ କରିଥିଲେ। ସେ କର୍ମଚାରୀଙ୍କୁ ଅନ୍ତେବାସୀଙ୍କ ମନୋବଳ ବଢ଼ାଇବା ଓ ସେମାନଙ୍କୁ ସମାଜର ମୁଖ୍ୟଧାରାକୁ ଫେରାଇବାରେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉପସ୍ଥିତ ରହି କେନ୍ଦ୍ରର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ତଥ୍ୟ ଦେଇଥିଲେ। ନିଶାମୁକ୍ତି କେନ୍ଦ୍ର ସମାଜ ପାଇଁ ଆଶାର ଆଲୋକ ବୋଲି ଉଲ୍ଲେଖ କରି ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲା ପ୍ରଶାସନ ସଦାସର୍ବଦା ଏ ପ୍ରକାର ସଂସ୍ଥାକୁ ସମର୍ଥନ ଯୋଗାଇ ନିଶାମୁକ୍ତ ସମାଜ ଗଠନରେ ନିରନ୍ତର ପ୍ରୟାସ ଜାରି ରଖିବ।

ଭାରୀଯାନରେ ହେଲ୍‌ପର ନିଯୁକ୍ତି ଦାବି



କେନ୍ଦ୍ରାପଡ଼ା,୧୭।୧(ସମିସ): ରାଜ୍ୟରେ ଦିନକୁ ଦିନ ବଢ଼ୁଥିବା ସଡ଼କ ଦୁର୍ଘଟଣା, ବିଶେଷକରି ଭାରୀଯାନ ଯୋଗୁଁ ହେଉଥିବା ଦୁର୍ଘଟଣା ଉପରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ଏହି ପ୍ରସଙ୍ଗକୁ ଗୁରୁତ୍ୱ ସହ ଉଠାଇ କେନ୍ଦ୍ରାପଡ଼ାର ଆଇନଜୀବୀ ଓ ରୋଡ୍ ସେଫ୍ଟି ସୋସାଇଟିର ସଦସ୍ୟ ବିଧୁଭୂଷଣ ମହାପାତ୍ର ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସଡ଼କ ସୁରକ୍ଷା ଦିବସ, ସପ୍ତାହ, ପକ୍ଷ ଓ ମାସ ପାଳନ ସତ୍ତ୍ୱେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଉନାହିଁ। ବିଶେଷତଃ ଭାରୀଯାନ ଚଳାଚଳ ସମୟରେ ଡ୍ରାଇଭରଙ୍କ ସହ ହେଲପର ନ ଥିବା ଦୁର୍ଘଟଣାର ମୁଖ୍ୟ କାରଣ ଭାବେ ଚିହ୍ନଟ ହେଉଛି। ଆଇନଜୀବୀ ମହାପାତ୍ର ତାଙ୍କ ଆବେଦନରେ କହିଛନ୍ତି ଯେ, ଭାରୀଯାନ ଚାଳକମାନେ ଡ୍ରାଇଭିଂ ସମୟରେ ବାମ ପାଶ୍ୱର୍ ଉପରେ ସଠିକ୍ ନଜର ରଖିପାରୁ ନ ଥିବାରୁ ଅନେକ ସମୟରେ ସାଧାରଣ ଲୋକ, ପଶୁ ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେଉଛନ୍ତି। ଯଦି ଯାନରେ ଜଣେ ହେଲ୍‌ପର କିମ୍ବା ଆସିଷ୍ଟାଣ୍ଟ ଡ୍ରାଇଭର ଥାଆନ୍ତେ, ତେବେ ଅନେକ ଦୁର୍ଘଟଣା ରୋକାଯାଇପାରିଥା'ନ୍ତା। ତାଙ୍କ ମତାନୁସାରେ, ଅନେକ ଭାରୀଯାନ ନିର୍ମାଣ ସମୟରେ ଆସିଷ୍ଟାଣ୍ଟ ଡ୍ରାଇଭର/ହେଲ୍‌ପର ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଯାନ ମାଲିକ ଓ ଅପରେଟର ଖର୍ଚ୍ଚ ବଞ୍ଚାଇବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥାକୁ ଅନୁସରଣ କରୁନାହାନ୍ତି, ଯାହା ଦୁର୍ଘଟଣା ବୃଦ୍ଧିର ଏକ ବଡ଼ କାରଣ। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ଯେ, ପ୍ରତ୍ୟେକ ଭାରୀଯାନ ଓ ଟ୍ରକ୍‌ରେ ହେଲ୍‌ପର ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଉ। ହେଲ୍‌ପର ବିନା ଯାନ ଚଳାଚଳ କରୁଥିବା ମାଲିକ, ଅପରେଟର ଓ ସଂଘ ଉପରେ କଠୋର ନିୟମ ଲାଗୁ କରିବା ପାଇଁ ମଧ୍ୟ ସେ ଦାବି ଉଠାଇଛନ୍ତି। ସଡ଼କ ସୁରକ୍ଷା ଦୃଷ୍ଟିରୁ ଏହି ପ୍ରସ୍ତାବକୁ ବୁଦ୍ଧିଜୀବୀ ମହଲ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମର୍ଥନ ମିଳୁଛି। ଯଦି ଏହି ଦାବିକୁ କାର୍ଯ୍ୟକାରୀ କରାଯାଏ, ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇପାରିବ ବୋଲି ମତ ପ୍ରକାଶ ପାଉଛି।

ମଧୁସାଗର ମହୋତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ,୧୭।୧(ସମିସ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅଧୀନ ବୀଣାପାଣି ସଙ୍ଗୀତ ସଦନ ବାଲିଆଠାରେ ମଧୁସାଗର ମହୋତ୍ସବ କମିଟି ସଂଯୋଜକ ମଦନମୋହନ ବେହେରାଙ୍କ ଆବାହକତ୍ୱରେ ୨୦୨୬



ମଧୁସାଗର ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆସନ୍ତା ମାର୍ଚ୍ଚ ୯, ୧୦ ଓ ୧୧ ତିନିଦିନ ବ୍ୟାପୀ ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଉତ୍ସବକୁ ପୂର୍ବବର୍ଷ ଭଳି ସରସ ସୁନ୍ଦର କରାଯିବା ପାଇଁ ପରବର୍ତ୍ତୀ ବୈଠକରେ ସ୍ଥାନୀୟ ଜନପ୍ରତିନିଧି ଓ କମିଟିର ସମସ୍ତ ସଦସ୍ୟଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ କାନୁନ୍‌ଗୋ କହିଥିଲେ। କମିଟିର ପଦାଧିକାରୀ ରାଜକିଶୋର ଜେନା ଓ ଦାମୋଦର ତ୍ରିପାଠୀଙ୍କ ବିୟୋଗ ପରେ ତାଙ୍କ ସ୍ଥାନରେ ଶରତ ସ୍ୱାଇଁ ଓ ଡକ୍ଟର ମୁରଲୀଧର ରଥଙ୍କ ନାମ ଏହି ବୈଠକରେ ପ୍ରସ୍ତାବ କରାଯାଇଥିଲା। କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ ଗତବର୍ଷ ମହୋତ୍ସବ ଆୟବ୍ୟୟର ହିସାବ ଦେଇଥିଲେ। ଚଳିତ ବର୍ଷ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ପ୍ରମୋଦ ସାହୁ, ନାଟ୍ୟଗୁରୁ ଶରତ ପଣ୍ଡା, ପ୍ରାଣକୃଷ୍ଣ ସାମଲ, ବିଜୟ ମିଶ୍ର, କିଶୋର ମଲିକ, ଶରତ ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି, ନଗେନ୍ଦ୍ର ରାଉତ, ଜିତେନ୍ଦ୍ର ପ୍ରସାଦ ପାଗଳ, ଅକ୍ଷୟ ରାଉଳ, ବସନ୍ତ ଜେନା, ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲ ପ୍ରମୁଖ ଆଲୋଚନାରେ କରିଥିଲେ। ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଗୁଡ଼ି ସୂତାରୁ ବଞ୍ଚିଲେ ଦେବେନ୍ଦ୍ର

କେନ୍ଦ୍ରାପଡ଼ା,୧୭।୧(ସମିସ): ବର୍ତ୍ତମାନ ଗୁଡ଼ି ଉଡା ପର୍ବ ଚାଲିଥିବାବେଳେ କେନ୍ଦ୍ରାପଡ଼ା ସହରରେ ଗୁଡ଼ି ସୂତା ସାଧାରଣ ଲୋକଙ୍କ ପାଇଁ ମୃତ୍ୟୁର ଫାନ୍ଦ ପ୍ରମାଣିତ ହେବାକୁ ଲାଗିଛି। ପ୍ଲାଷ୍ଟିକ ଓ ମାଞ୍ଜା ସୂତା ଯୋଗୁଁ ଅନେକ ଅଘଟଣ ଘଟୁଥିବାବେଳେ ଶୁକ୍ରବାର ଅପରାହ୍ନରେ ଘଟିଥିବା ଏକ ଘଟଣା ସହରବାସୀଙ୍କୁ ଭୟଭୀତ କରିଛି।



ଅପରାହ୍ନ ସମୟରେ କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡ ବାଇପାସ ରାସ୍ତାରେ ଗୁଲନଗର ଛକ ନିକଟ ଥିବା ଏକ ଅଟୋ ଶୋ'ରୁମରେ କାର୍ଯ୍ୟରତ ଅସୁରେଶ୍ୱର ଗ୍ରାମର ଦେବେନ୍ଦ୍ର ସାହୁ (୫୧) ବାଇକ ଯୋଗେ ପୁରୁଣା ବସଷ୍ଟାଣ୍ଡ ଆଡକୁ ଯାଉଥିବାବେଳେ ହଠାତ୍ ଏକ ପ୍ଲାଷ୍ଟିକ ଗୁଡ଼ି ସୂତା ତାଙ୍କ ବେକରେ ଗୁଡେଇ ହୋଇଯାଇଥିଲା। ଅପେକ୍ଷାତୀତ ଭାବେ ଘଟିଥିବା ଏହି ଘଟଣାରେ ସେ ହଠାତ୍ ବ୍ରେକ ମାରି ରାସ୍ତା ଉପରେ ଘୁଷୁରୀ ପଡ଼ିଥିଲେ। ଫଳରେ ଦେବେନ୍ଦ୍ରଙ୍କ ହାତ ଓ ପାଏଦ ଖଣ୍ଡିଆ ହେବା ସହ ବାଇକ ମଧ୍ୟ ଭାଙ୍ଗିଯାଇଥିଲା। ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ତାଙ୍କୁ ରାସ୍ତା ଉପରୁ ଉଠାଇ ଆପଦକାଳୀନ ସହାୟତା କରିଥିଲେ। ଦେବେନ୍ଦ୍ର ସାହୁ କହିଛନ୍ତି, ଭଗବାନଙ୍କ କୃପାରୁ ମୁଁ ଆଜି ନିଶ୍ଚିତ ମୃତ୍ୟୁରୁ ବଞ୍ଚିଗଲି। ଏହି ଘଟଣା ସହ ଏକଆଡ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଜଣେ ବ୍ୟବସାୟୀ ଯୁବକଙ୍କ ବେକରେ ମଧ୍ୟ ଗୁଡି ସୂତା ଲାଗିଯାଇ ବେକ ଅଳ୍ପ କଟିଯାଇଥିବାର ସୂଚନା ମିଳିଛି। ଭୟ ଓ ଆତଙ୍କର କାରଣରୁ ସେ ତାଙ୍କ ନାମ ପ୍ରକାଶ କରି ନ ଥିବା ଜଣାପଡ଼ିଛି। କେନ୍ଦ୍ରାପଡା ସହରରେ ଗୁଡ଼ି ଉଡାଣ ନିୟନ୍ତ୍ରଣ ବାହାରକୁ ଯାଇଥିବାବେଳେ ପ୍ଲାଷ୍ଟିକ ଓ ମାଞ୍ଜା ସୂତା ସାଧାରଣ ବାଟୋଇ, ଦୁଇଚକିଆ ଓ ପଥଚାରୀଙ୍କ ପାଇଁ ମାରାତ୍ମକ ହେଉଛି। ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି ଯେ, ଏପରି ବିପଜ୍ଜନକ ଗୁଡ଼ି ସୂତା ବ୍ୟବହାର ଉପରେ ତୁରନ୍ତ ପ୍ରତିବନ୍ଧକ ଲାଗୁ କରାଯାଉ ଓ ଗୁଡି ଉଡାଣ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରାଯାଉ। ଅନ୍ୟଥା, ଗୁଡ଼ି ଉଡାଣର ଆନନ୍ଦ ଅନେକଙ୍କ ପାଇଁ ଶୋକର କାରଣ ହୋଇପାରେ ବୋଲି ସାଧାରଣ ମହଲରେ ଗଭୀର ଆଶଙ୍କା ପ୍ରକାଶ ପାଉଛି।

ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

ଡେରାବିଶ, ୧୭।୧(ସମିସ): ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା ଓ ଧାନମଣ୍ଡି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଭାଗୀରଥି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ମୁଖ୍ୟଅତିଥି, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଜିଲ୍ଲା ସମବାୟ ସମୂହ ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ, ଛୋଟି ସରପଞ୍ଚ ରଜନୀ ମଲିକ, ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ ଓ ସମିତିର ପୂର୍ବତନ ସମ୍ପାଦକ ତଥା ବ୍ଲକ ସମବାୟ ସମିତି କର୍ମଚାରୀ ସଂଘ ସଭାପତି ଗୌରାଙ୍ଗ ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ଉନ୍ନତି ପାଇଁ ସରକାର ଯୋଗାଣ ବିଭାଗ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ। ସମବାୟ ସମିତି ସମ୍ପାଦକ ଦେବପ୍ରସାଦ ସାହୁ ସମିତିର ବଜେଟ, ଆୟବ୍ୟୟ ଉପସ୍ଥାପନ କରିଥିଲେ। ପରେ ବଜେଟ ଓ ବାର୍ଷିକ ଯୋଜନାକୁ ଅନୁମୋଦନ କରାଯାଇଥିଲା। ଏ ଅବସରରେ ଅତିଥିମାନେ ଚଳିତ ବର୍ଷ ପାଇଁ ଧାନମଣ୍ଡି ଉଦଘାଟନ କରିଥିଲେ। ଚଳିତ ବର୍ଷ ଏହି ସମବାୟ ସମିତି ଅଧୀନ ନହଙ୍ଗ, ଛୋଟି, ବାରିମୂଳ ଓ କୁରୁଜଙ୍ଗା ପଞ୍ଚାୟତର ମୋଟ ୮୦୫ ଜଣ ଚାଷୀ ନିଜର ଉତ୍ପାଦ ଧାନ ମଣ୍ଡିରେ ବିକ୍ରି ପାଇଁ ନାମ ପଞ୍ଜିକୃତ କରିଥିବାବେଳେ ଏହାର ବିକ୍ରୟ ଓ ଚାଷୀଙ୍କୁ ସମସ୍ତ ସୁବିଧା ପାଇଁ ସମିତି ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ନେଇ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନହଙ୍ଗର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ପୂର୍ବତନ ସମିତିସଭ୍ୟ କ୍ଷେତ୍ରବାସୀ ନାୟକ, ଅଗ୍ରଣୀ ଚାଷୀ ତ୍ରିଲୋଚନ ସାହୁ, ଶରତ ସାହୁ, ନାରାୟଣ ଚନ୍ଦ୍ର ଲେଙ୍କା, ଆର୍ତ୍ତତ୍ରାଣ ପାତ୍ର ଓ ଅକ୍ଷୟ ତ୍ରିପାଠୀ, ପରିଚାଳନା ପରିଷଦ ନିର୍ଦ୍ଦେଶିକା ଶ୍ରେୟାରାଣୀ ରାୟ, ନିର୍ଦ୍ଦେଶକ ପ୍ରଫୁଲ୍ଲ ମଲ୍ଲ, ଆଶୁତୋଷ ସିହ୍ନା ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସମିତିର କର୍ମଚାରୀ ପର୍ଶୁରାମ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ସୁରେଶ ବେହେରା, ତ୍ରିଲୋଚନ ଜେନା ଓ ଶ୍ରୁତିକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଭୁଶୁଡ଼ିଲା ବିଦ୍ୟାଳୟ ପାଠାଗାର ସିଲିଂ, ବର୍ତ୍ତିଲେ ଛାତ୍ରଛାତ୍ରୀ

ପଞ୍ଚୁପାଣ୍ଡବ,୧୭।୧(ସମିସ): ପୂର୍ବ ସରକାର ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ଓ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଏବେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୂର୍ବ ସରକାର ବେଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଇଥିଲା। ଏବେ ସରକାର ହେଉ କି ପ୍ରଶାସନିକ ଅଧିକାରୀଙ୍କ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କାର କାମ ବରବାଦ୍ ହେବାକୁ ଯାଉଛି। ଏମିତି ଦେଖିବାକୁ ମିଳୁଛି ବ୍ଲକ୍ ଅଧୀନସ୍ଥ ନହଙ୍ଗ ପଞ୍ଚାୟତ ସନ୍ଥପୁରାସ୍ଥ କୃଷ୍ଣଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସିଲିଂ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୨ ଦିନ ତଳେ ବିଦ୍ୟାଳୟର



ଡିଜିଟାଲ ପାଠାଗାରରେ ହୋଇଥିବା ସିଲିଂ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ରାତିରେ ସିଲିଂ ଭୁଶୁଡ଼ି ଥିବା ଯୋଗୁଁ ସୌଭାଗ୍ୟବଶତଃ କାହାର କିଛି କ୍ଷତି ଘଟିନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁଙ୍କୁ ପଚାରିବାରୁ ରାତିରେ ଏହା ଘଟିଥିବାବେଳେ କିଛି ଅଘଟଣରୁ ବର୍ତ୍ତିଯାଇଥିବା କହିଥିଲେ। ବିଡିଓ ନମିତା ବାରିକଙ୍କ ମତାମତ ନେବାରୁ ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବଶୀଘ୍ର ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ତେବେ ଏହି ଘଟଣାକୁ ନେଇ ଅଭିଭାବକଙ୍କ ମହଲରେ ଉଦବେଗ ପ୍ରକାଶ ପାଇଛି। ଯଦି ବିଦ୍ୟାଳୟ ଚାଲୁଥିବା ସମୟରେ ଏଭଳି ଘଟଣା ଘଟିଥା'ନ୍ତା, ତେବେ କୁନି କୁନି ଛାତ୍ରଛାତ୍ରୀଙ୍କ ଅବସ୍ଥା କ'ଣ ହୋଇଥାନ୍ତା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏବେ ସରକାରଙ୍କ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଠିକାଦାର ନିମ୍ନମାନର କାମ କରି ସରକାରଙ୍କ ଟଙ୍କାକୁ ହରିଲୁଟ କରୁଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବାର୍‌ହା ଆକ୍ରମଣରେ ବୃଦ୍ଧା ଗୁରୁତର, କାବୁ କଲା ବନ ବିଭାଗ

ରାଜନଗର, ୧୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରଗଡାପାଟିଆ ଗାଁରେ ବାର୍‌ହା ଆତଙ୍କ ଖେଳାଇଛି। ବାର୍‌ହା ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଗାଁରେ ଆତଙ୍କ ଖେଳାଇଥିବା ବାରହାକୁ ଜାଲ ବିଛାଇ ବନ କର୍ମଚାରୀ କାବୁ କରିଛନ୍ତି। ଆଜି ସକାଳ ପ୍ରାୟ ସାଢେ ୬ଟା ବେଳେ ରଗଡାପାଟିଆ ଗାଁର ସିଦ୍ଧେଶ୍ୱର ଗିରିଙ୍କ ପତ୍ନୀ ସନ୍ଧ୍ୟାରାଣୀ ଗିରି (୬୮) ବାଡ଼ିରେ କାମ କରୁଥିବାବେଳେ ହଠାତ ବାର୍‌ହା ଆକ୍ରମଣ କରିଥିଲା। ବୃଦ୍ଧା ଜଣକ କିଛି ବୁଝିବା ପୂର୍ବରୁ ବାର୍‌ହା ଆକ୍ରମଣ କରିଥିଲା। ବାର୍‌ହା ଆକ୍ରମଣରେ ମହିଳାଙ୍କ ମୁଣ୍ଡ, ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସିବାରୁ ବାର୍‌ହା ମହିଳାଙ୍କୁ ଛାଡିଦେଇ ପରିବାର ଲୋକଙ୍କୁ ଗୋଡାଇଥିଲା। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ, କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବାର୍‌ହା ରଗଡାପଟିଆ ଗାଁରେ କେତେ ଘଣ୍ଟା ପାଇଁ ଆତଙ୍କ ଖେଳାଇଥିଲା। ବନ କର୍ମଚାରୀ ଦୀର୍ଘ ସମୟ ପରିଶ୍ରମ କରିବା ପରେ ଜାଲ ମାଧ୍ୟମରେ କାବୁ କରିବାରେ ସକ୍ଷମ ହୋଇଥିଲେ। ବାର୍‌ହା ମୁହଁରେ କ୍ଷତଚିହ୍ନ ରହିଛି। କନିକା ରେଞ୍ଜ ଅଫିସ ପରିସରରେ ବାର୍‌ହାର ଚିକିତ୍ସା କରାଯାଉଛି।

ଅଧିକ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବାକୁ ଦାବି

ଡେରାବିଶ,୧୭।୧(ସମିସ): ଡେରାବିଶ ବ୍ଲକ୍ ଇଦାଳୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ୧୫, ୧୬ ଓ ୧୭ ୱାର୍ଡରେ ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ତେବେ ଏହି ତିନୋଟି ୱାଡର୍ ପାଇଁ ବିଦ୍ୟୁତ୍ ବିଭାଗ ୬୩ କେଭି ଟ୍ରାନ୍ସଫର୍ମର ବସାଇଛି। ଫଳରେ ଖରାଦିନ କଥା ଛାଡ଼ ଶୀତଦିନରେ ବି ଉପଭୋକ୍ତାଙ୍କ ଘରେ ବହୁ କମ୍ ଭୋଲଟେଜ୍ ରହୁଛି। ଯେଉଁଥି ପାଇଁ ଉପଭୋକ୍ତା ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଗ୍ରାମରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସମାଜସେବୀ ପ୍ରଶାନ୍ତ ସାମନ୍ତରାୟ ଦାବି କରିଛନ୍ତି।

ଆଜି ଭିତରକନିକାରେ ପକ୍ଷୀଙ୍କ ଗଣନା



ରାଜନଗର,୧୭।୧(ସମିସ): ରାଜ୍ୟର ଅନ୍ୟତମ ପକ୍ଷୀବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଓ ଏଥିରେ ଥିବା ଆର୍ଦ୍ରଭୂମିରେ ଏବେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶାଗତ ପକ୍ଷୀଙ୍କ କାକାଳିରେ ମୁଖରିତ ହେବାରେ ଲାଗିଛି ଜାତୀୟ ଉଦ୍ୟାନ। ଆସନ୍ତାକାଲି ଆଗନ୍ତୁକ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯିବ। ଏଥିପାଇଁ କନିକା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର, ପକ୍ଷୀ ବିଶାରଦ ଡକ୍ଟର ଶିବପ୍ରସାଦ ପରିଡା, ଏସିଏଫ ମାନସ ଦାସ ପ୍ରଶିକ୍ଷଣ ଦେବା ସହିତ ଆଗନ୍ତୁକ ପକ୍ଷୀଙ୍କ ଗଣନା କରିବା ସମୟରେ ସେମାନଙ୍କର ଜୀବନ ଶୈଳୀ ଓ କେଉଁ କେଉଁ ସ୍ଥାନରୁ ଆସିଛନ୍ତି, ସେମାନଙ୍କର ଖାଦ୍ୟ ସଂପର୍କରେ ଟିକିନିକି ତଥ୍ୟ ସଂଗ୍ରହ କରିବା ପାଇଁ ସୂଚନା ଦେଇଥିଲେ। ବିଦେଶାଗତ ପକ୍ଷୀଙ୍କ ଗଣନା ପାଇଁ ୧୮ ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୪ରୁ ୫ ଜଣ ନିୟୋଜିତ ହୋଇ ଗଣନା କରିବେ। ଆସନ୍ତାକାଲି ସକାଳ ୬ରୁ ଦିନ ୧ଟା ଯାଏଁ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ଏଥିରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ ପାତ୍ର, ମହନ୍ତ ମଲ୍ଲିକ, ପ୍ରଶାନ୍ତ ସିଂ ପ୍ରମୁଖ ବନ କର୍ମଚାରୀ ଉପସ୍ଥିତ ଥିଲେ।

ଅଣ୍ଡରା ବ୍ରାହ୍ମଣସାହିରେ ଭାଗବତ ପାରାୟଣ

ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଅଣ୍ଡରା ବ୍ରାହ୍ମଣସାହିରେ ୧୫୩ତମ ଶ୍ରୀମଦ ଭାଗବତ ପାରାୟଣ ସପ୍ତାହ ଶନିବାର ଆରମ୍ଭ ହୋଇଛି। ପଣ୍ଡିତ ପ୍ରଦୀପ ପାଢ଼ୀ ଓ ସଞ୍ଜୟ ପାଢ଼ୀଙ୍କ ତତ୍ତ୍ୱାବଧାନରେ କଳସ ଯାତ୍ରା, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା ସମ୍ପନ୍ନ କରାଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଗତକାଲି ନବନିର୍ମିତ ଅଷ୍ଟପ୍ରହର ମଣ୍ଡପକୁ ଉଦଘାଟନ କରିଥିଲେ। ଏହି ମହାର୍ଘ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପରମ ଶାସ୍ତ୍ର ଭାଗବତ ଶ୍ରବଣ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଗୁରୁଚରଣ ପଣ୍ଡା, ବାବୁରାମ ଦାଶ, ପରମେଶ୍ୱର ପାଢ଼ୀ, ବିଶ୍ୱନାଥ ପଣ୍ଡା, ଚିନ୍ତାମଣି ପଣ୍ଡା, ପ୍ରମୋଦ ପାଢ଼ୀ, ବିଶ୍ୱନାଥ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ

'ଛାତ୍ରଛାତ୍ରୀ ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ସଫଳତା ମିଳିବ'

ପଟ୍ଟାମୁଣ୍ଡାଇ,୧୭।୧(ସମିସ)



ଛାତ୍ରଛାତ୍ରୀ ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କରିପାରିଲେ ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ଏମ୍‌ଏନ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି।

ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ କେନ୍ଦ୍ରାପଡ଼ା ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ମମତାମୟୀ ଚୌଧୁରୀ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଏମ୍‌ଏନ ହାଇସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ମହାନ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଆକାଂକ୍ଷା, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କୌଶଳୀ, ଜିଜ୍ଞାସା ସହିତ ବୃତ୍ତିଗତ ବ୍ୟବସାୟ ଆଦି ୪ଟି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପରିଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶଶାଙ୍କ ସାହୁ ବିବରଣୀ ପାଠ କରି କ୍ରୀଡାର ବିକାଶ ଓ ହାଇସ୍କୁଲର ୪୫ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରରେ ସୁଯୋଗ ପାଇଥିବାବେଳେ ଛାତ୍ରୀ ଲକ୍ଷ୍ମୀ ବିହାନୀ ଜାତୀୟ ସ୍ତରରେ ସୁଯୋଗ ପାଇଥିଲେ ବୋଲି ସୂଚନା ଦେଇଥିଲେ। ଏ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଅନୀତା ଧଳ ଧନ୍ୟବାଦ ଦେଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଏଥି ପୂର୍ବରୁ ପୂର୍ବାହ୍ନରେ ଏମଏନ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ସମାରୋହରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ମୁଖ୍ୟବକ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତଭାଷଣ ଓ ସହକାରୀ ଶିକ୍ଷକ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅନୀତା ଧଳ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ସହକାରୀ ଶିକ୍ଷକ ସୁଜୟ ରାଉତରାୟ, ତାପସ ବେହେରା, ଅନୀଲ ଦାସ, ଅଭିଷେକ ନାୟକ, ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯମୁନା ଦାଶ
(କବୟିତ୍ରୀ)
ଗ୍ରାମ - ଡୁକୁନା ଶାସନ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ - ୦୬.୦୧.୧୯୨୯
ତିରୋଧାନ - ୦୬.୦୧.୨୦୨୬
ଆଜି ତୁମ ଦ୍ୱାଦଶାହ ତିଥିରେ ଅମର ଆତ୍ମାର ସଦଗତି କାମନା କରୁଛୁ
ଇତି: ତୁମର ହତଭାଗ୍ୟ ପରିବାର ଓ ଆତ୍ମୀୟସ୍ୱଜନ

ନିରଞ୍ଜନ ନାଉଗାଁ ବ୍ଲକ୍ ବିଜେଡି ସଭାପତି



ନାଉଗାଁ,୧୭।୧(ସମିସ): ନାଉଗାଁ ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ନିରଞ୍ଜନ ବେହୁରାଙ୍କ ମନୋନୀତ କରାଯିବା ପରେ ତାଙ୍କୁ ଦଳୀୟ କର୍ମୀ, ସମର୍ଥକ ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ଏହି ଅବସରରେ ସେ ଦଳର ଦଭାପତି ନବୀନ ପଟ୍ଟନାୟକ, ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ନାଉଗାଁ ବ୍ଲକରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ବରିଷ୍ଠ, ଯୁବ, ଛାତ୍ର, ସାଧାରଣ ଏବଂ ମହିଳଙ୍କ ସମସ୍ୟାକୁ ସଂଗଠିତ ଭାବେ ଉପସ୍ଥାପନ କରିବେ ବୋଲି କହିଛନ୍ତି।

ଦେବାଶିଷ ରଘୁନାଥପୁର ବ୍ଲକ୍ ବିଜେଡି ସଭାପତି



ରଘୁନାଥପୁର,୧୭।୧(ସମିସ): ରଘୁନାଥପୁର ବ୍ଲକର ବିଜେଡି ସଭାପତି ଭାବେ ଦେବାଶିଷ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ଏଥିପାଇଁ ସେ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ତାଙ୍କ ନାମ ଘୋଷଣା ପରେ ରଘୁନାଥପୁର ବ୍ଲକ ବିଜୁ ଯୁବ ଜନତା ସଭାପତି ଯୋଶେପ୍ ସ୍ୱାଇଁ, ବିଶ୍ୱଜିତ ଦାଶ, ତାରାକାନ୍ତ ଜେନା, ରାଜେଶ ମିଶ୍ର, ଗୌତମ ପାଲିତ, କୈଳାସ ରାୟ, ମାନସ ଦାସ, ଅନ୍ତର୍ଯ୍ୟାମୀ ସାମଲ, ସରପଞ୍ଚ କିଶୋର ବେହେରା, ବଟକୃଷ୍ଣ ନାୟକ, ରହିମ୍ ଖାଁ, ଅଜୟ ସାମଲ, ବସନ୍ତ ସ୍ୱାଇଁ, କୁଞ୍ଜବିହାରୀ ସ୍ୱାଇଁ, ଗଗନ ବିଶ୍ୱାଳ, ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଇତିଶ୍ରୀ ମଲ୍ଲିକ, ପ୍ରକାଶ ମଲ୍ଲିକ, ବସନ୍ତ ବାରିକ, ପ୍ରଶାନ୍ତ ଜେନା, ପ୍ରତାପ ପଟ୍ଟନାୟକ, ବିଭୁତି ଭୁଷଣ ନାୟକ ପ୍ରମୁଖ ଶତାଧିକ ବିଜେଡି କର୍ମୀ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଦେଇ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।

ମଉଳା ଭଣଜା ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା



ନାଉଗାଁ,୧୭।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀଶ୍ରୀ ମଉଳା ଭଣଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଧର୍ମାନନ୍ଦ ପରିଡା, ଯୋଗ ଦେଇଥିଲେ। ଉତ୍ସବକୁ ଅଧ୍ୟପକ ଡ. ନିରଞ୍ଜନ ବିଶ୍ୱାଳ, ପ୍ରତାପ କୁମାର ମିଶ୍ର, ଧିରେନ କୁମାର ପତି, ହରିପ୍ରସାଦ ପତି, କ୍ରୀଡ଼ା ଶିକ୍ଷକ ଶେଖ୍ ବର୍କତୁଲା, ସନ୍ତୋଷ କୁମାର ଆଚାର୍ଯ୍ୟ, ଅଧ୍ୟାପିକା ଅନସୂୟା ଲେଙ୍କା, ନିଶାରାଣୀ ଦାସ, ସୁବାସିନୀ ଦାସ, ସତ୍ୟଜିତ୍ ଜେନା, ଦୁର୍ଯ୍ୟୋଧନ ଜେନା, ଆଲୋକ କୁମାର ସାହୁ ଓ ରୂପେଶ କୁମାର ନାୟକ ପରିଚାଳନା କରିଥିଲେ।

କାର୍ ଚଢ଼ାଇ ଲୁନା ଚାଳକଙ୍କୁ ମାରି ଦେବା ଘଟଣା

ଦୁର୍ଘଟଣା ଘଟାଇଥିବା ଯୁବକ ଗିରଫ

ପାରାଦୀପ, ୧୭।୧ (ସମିସ): ଗତ ୧୪ ତାରିଖ ରାତିରେ ପାରାଦୀପ ଶିଶୁମନ୍ଦିର ନିକଟରେ ଘଟିଥିବା ଲୋମହର୍ଷଣକାରୀ ଛାତିଥରା ଦୁର୍ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ପାରାଦୀପ ଆଦର୍ଶ ଥାନା ପୁଲିସ। ଅଭିଯୁକ୍ତ ଜଣଙ୍କ ନିଶାଶକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଜଣେ ନିରୀହ ଲୁନା ଚାଳକ ଷଣ୍ଢକୁଦ ଅଞ୍ଚଳର ଅଜୟ କରଣକୁ ହତ୍ୟା କରିଥିଲା। ଏପରି କି ଦୁର୍ଘଟଣା ପରେ ଅଭିଯୁକ୍ତ ଘଟଣାସ୍ଥଳରେ ସମସ୍ତଙ୍କୁ ଗାଳି ଦେବା ସହ ଏବଂ 'ମୋ ଗାଡ଼ି ମୁଁ ଆକ୍ସିଡେଣ୍ଟ କରିଛି, ତୁମେ କହିବାକୁ କିଏ ବୋଲି ଜୋରରେ କହିବୁଲିଥିଲା'। ଦୁର୍ଘଟଣାରେ ମୃତ ଲୁନା ଚାଳକକୁ ଅଭିଯୁକ୍ତ ନିଶାଗ୍ରସ୍ତ ଅବସ୍ଥାରେ ସେ ଚୁମ୍ବନ ଦେଇଥିଲା। ଏପରି ଘଟଣା ପରେ ସେ ଫେରାର ହୋଇଯାଇଥିଲା। ଏହିଭଳି କାଣ୍ଡ କରିଥିବା ଯୁବକ ଏକ ନିର୍ଦ୍ଦିଷ୍ଟ ଦଳର ରାଜନୈତିକ ପରିବାରର ହୋଇଥିବାରୁ କେସ୍‌କୁ ରଫାଦଫା ହୋଇଯିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଥିଲା। ପୁଲିସ୍ ମଧ୍ୟ ଘଟଣା ପରେ ଏକ ଅଦୃଶ୍ୟ ଚାପରେ ଚୁପ୍ ବସିଯାଇଥିଲା। ଏହି ଘଟଣାକୁ ସମସ୍ତ ମହଲରୁ ବିରୋଧ କରାଯିବା ସହିତ ଅଭିଯୁକ୍ତ ଯୁବକକୁ ଗିରଫ କରିବାକୁ ଦାବି ଜୋର ଧରିଥିଲା। ଶେଷରେ ସବୁ ଦାବିର ପୂର୍ଣ୍ଣଚ୍ଛେଦ ପକାଇଛି ଆଦର୍ଶ ଥାନା ପୁଲିସ। ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତକୁ କଟକରୁ ଗିରଫ କରିଥିବା ଜଣାପଡିଛି। ତେବେ ଏ ମାମଲାରେ ଅଭିଯୁକ୍ତକୁ କିଭଳି ଦଣ୍ଡ ମିଳୁଛି ଏବଂ ମୃତକଙ୍କ ପରିବାରକୁ କି କ୍ଷତିପୂରଣ ମିଳୁଛି ତାହା ଦେଖିବାକୁ ବାକି ରହିଲା।

ପୁସ୍ତକମେଳାରେ ଶ୍ରୀମଦ୍ ଭଗବଦ ଗୀତା ଆଲୋଚନା

'ଯୁବକମାନେ କେବଳ ବୃତ୍ତି ମନସ୍କ ନ ହୋଇ ତୃପ୍ତି ମନସ୍କ ହେବା ଉଚିତ'

ଜଗତସିଂହପୁର,୧୭।୧(ସମିସ)



ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଚାଲିଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ତୃତୀୟ ଦିବସ। ଏହି ଅବସରରେ ଆୟୋଜିତ ସାନ୍ଧ୍ୟ ସାହିତ୍ୟ ଆସରରେ ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଆଜିର ଆସରର ବିଷୟ ବସ୍ତୁଥିଲା "ଶ୍ରୀମଦ୍ ଭଗବଦ୍ ଗୀତା ଓ ଯୁବପିଢ଼ି"। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ସଂସ୍କାରକ, ପ୍ରବଚକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜା କହିଥିଲେ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମନୁଷ୍ୟ ଜୀବନର ବେଦ। ମନୁଷ୍ୟ ଜୀବନଯାପନର ସମସ୍ତ ସୂତ୍ର ଗୀତାରେ କୁହାଯାଇଛି। ଗୀତା ଆମକୁ ଜାଗ୍ରତ ହେବା ପାଇଁ କୁହେ ଯେପରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ। ସେ ଏହି ଅବସରରେ ଆଜିର ଯୁବପିଢ଼ିକୁ ଆଧ୍ୟାତ୍ମିକ ମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଜଳେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗଦେଇ କର୍ମରୁ ସନ୍ୟାସ ନେବା ପରିବର୍ତ୍ତେ କର୍ମ ସହିତ ସଂଯୁକ୍ତ ହୋଇ ରହିବା ଉଚିତ୍ ବୋଲି କହିଥିଲେ। ଯୁବକମାନେ କେବଳ ବୃତ୍ତି ମନସ୍କ ନ ହୋଇ ତୃପ୍ତି ମନସ୍କ ମଧ୍ୟ ହେବା ଉଚିତ୍ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଆଧ୍ୟାତ୍ମିକବାଦୀ ପ୍ରବକ୍ତା ସ୍ୱାମୀ ଶୃତିସାଗରାନନ୍ଦ ସରସ୍ୱତୀ କହିଥିଲେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଭଗବଦ୍ ଗୀତାକୁ ପାଠ କରିବା ଓ ତାର ଅର୍ଥକୁ ନିଜର ଜୀବନରେ ଲଗାଇବା ବ୍ୟବସ୍ଥା କରାଇଲେ ଏକ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ।

ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପରିଷଦର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ପ୍ରକାଶ କୁମାର ପାତ୍ର ଓ ଅରୋଶ୍ରୀ ଅଂଶୁମାନ ନାୟକ ଗୀତା ପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ଭବାନୀ ଶଙ୍କର ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ କବି ଭାନୁଦେବ ବିଶ୍ୱାଳଙ୍କ କବିତା ସଂକଳନ "ମଲ୍ଲୀ ମହ୍ଲାର' ଉନ୍ମୋଚିତ ହୋଇଥିଲା। ପରିଶେଷରେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଯ୍ୟୋଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ "ସରିତା ସାହିତ୍ୟ ସଂସଦ', ତାଳଦଣ୍ଡା, କୁଜଙ୍ଗ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ମହିମା କଲେଜ୍ ଅଫ୍ ନର୍ସିଂ, ଜଗତ ସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ଖୋର୍ଦ୍ଧାର ଅନିତା ରାଉତରାୟ ଓ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘୋଷକ ଭାବେ ରାଜେଶ୍ ରାୟ ଓ ଯାଜ୍ଞସେନୀ ନାୟକ ସଂଯୋଜନା କରିଥିଲେ।

■ ଦୁର୍ଗା ମନ୍ଦିରରୁ ଦାନବକ୍ସ ଭାଙ୍ଗି ଚୋରି ଘଟଣା

ଲୁଟ୍ କରିଥିବା ନାବାଳକ ଧରାପଡ଼ିଲା

ପାରାଦୀପ, ୧୭।୧ (ସମିସ): ପାରାଦୀପ ବଡ଼ପଡ଼ିଆରେ ଥିବା ଦୁର୍ଗା ମନ୍ଦିର ହୁଣ୍ଡିରୁ ଚୋରି କରିଥିବା ଜଣେ ନାବାଳକକୁ ଆଜି କିଛି ବ୍ୟବସାୟୀ ମନ୍ଦିର ହତା ଭିତରେ ଅଟକାଇ ଥିଲେ। ନାବାଳକ ଜଣକ ପାରାଦୀପ ଅଞ୍ଚଳରେ ରହୁଥିବା ବେଳେ ସେ ପ୍ରତ୍ୟକ ଦିନ ଦିନ ବେଳା ବଡପଡ଼ିଆ ଅଞ୍ଚଳ ବୁଲି ରାତିରେ ଚୋରି କରିଥାଏ। ଗତ ୧୨ ତାରିଖ ଦିନ ବିଳମ୍ବିତ ରାତିରେ ମନ୍ଦିର ଭିତରେ ପଶି ମା'ଙ୍କ ଦାନବକ୍ସ ଭାଙ୍ଗି ସବୁତକ ଟଙ୍କା ଲୁଟ କରି ନେଇ ପଳାଇଥିଲା। ତେବେ ଏହି ଚୋରିର ସମସ୍ତ ଚିତ୍ର ସିସିଟିଭିରେ ଉତ୍ତୋଳନ ହୋଇ ରହିବା ପରେ ଆଜି ସେହି ନାବାଳକ ଜଣକ ମନ୍ଦିର ନିକଟରେ ବୁଲୁଥିବା ବେଳେ କିଛି ବ୍ୟବସାୟୀ ତାକୁ ଚିହ୍ନିବା ସହିତ ମାଡି ବସିଥିଲେ। ଚୋରିର ସମସ୍ତ ଘଟଣା ସମ୍ପର୍କରେ ସେ ସତମାନିବା ପରେ ଥାନା ଜିମା ଦେଇଥିଲେ। ପୂର୍ବରୁ ଉକ୍ତ ନାବାଳକ ଜଣକ ଅନ୍ୟ ଏକ ଦୋକାନରୁ ଚୋରି କରି ଜେଲ ମଧ୍ୟ ଯାଇଥିଲା। ଜେଲରୁ ଫେରିବା ପରେ ପୁଣି ସେହି ଚୋରି ନୀତିକୁ ଆପଣେଇଥିବା ଜଣାପଡିଛି।

ଶ୍ରୀରାମଙ୍କ ଧନୁ ପରିକ୍ରମା ରଥକୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୧୭।୧(ସମିସ): ଶ୍ରୀରାମଙ୍କ ସୁବର୍ଣ୍ଣ ଧନୁ ପରିକ୍ରମା ରଥକୁ ତିର୍ତ୍ତୋଲର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ରଥ କଟକ- ପାରାଦୀପ ରାସ୍ତାର ତିର୍ତ୍ତୋଲ ନେହରୁ ପଡିଆଠାରେ ପହଞ୍ଚିବା ପରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ଅରୁଣକାନ୍ତ ସାମନ୍ତରାୟ ଓ ଯୋଗ ଗୁରୁ ଡ. ସ୍ମୃତି ରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଗୁରୁମା'ମାନେ ଶ୍ରୀରାମ ଧନୁ ପରିକ୍ରମା ରଥକୁ ବନ୍ଦାପନା କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସେହିପରି ଝଙ୍କଡ଼ ସାରଳା ପୀଠରେ ରଜନୀକାନ୍ତ ରାଉଳଙ୍କ ତତ୍ତ୍ୱାବଧାନରେ ଏହି ରଥକୁ ପୂଜାର୍ଚ୍ଚନା ଓ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କରସେବକ ଭାବେ ଅଯୋଧ୍ୟା ଆନ୍ଦୋଳନରେ ସାମିଲ ହୋଇଥିବା ଗୋବିନ୍ଦପୁର ଗ୍ରାମର ନିରଞ୍ଜନ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଭୁ ଭାଇ, ତ୍ରିପତି ଆଚାର୍ଯ୍ୟ, ଚୌ. ବିଜୟ ସୁତାର, ଚିଣ୍ଟୁ ମହାପାତ୍ର, ଯଦୁମଣି ସାହୁଙ୍କ ସମେତ ବିଭିନ୍ନ ହିନ୍ଦୁ ସଙ୍ଗଠନର ବହୁ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

ସାହିତ୍ୟ ସଂସ୍କୃତି ପରିଷଦର ବୈଠକ



ବିରିଡ଼ି,୧୭।୧(ସମିସ): ବିରିଡି ବ୍ଲକ ଅଞ୍ଚଳରେ ନୂତନ ଭାବେ ଗଢି ଉଠିଥିବା 'ମୋ ଜୀବନ ସାହିତ୍ୟ ସଂସ୍କୃତି ପରିଷଦ'ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ନିକୁଞ୍ଜ ବିହାରୀ ଭଞ୍ଜଙ୍କ ପୌରୋହିତରେ ଅନୁଷ୍ଠିତ ବୈଠକରେ ସାହିତ୍ୟ ଅନୁରାଗୀ ଲିଙ୍ଗରାଜ ମଲ୍ଲ, ବାଗ୍ମୀ ଅରୁଣ କୁମାର ଦାସ, ଶ୍ୟାମସୁନ୍ଦର ପାଇକରାୟ, ଗୋବିନ୍ଦ ଓଝା, ପ୍ରଶାନ୍ତ ଦାସ, ଶିବପ୍ରସାଦ ଦାସ, ଆମଲେନ୍ଦୁ ମହାପାତ୍ର, ରବି ମହାନ୍ତି, ଏସ୍‌କେ କଲିମ, ପତିତପାବନ ଜେନା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ତଦାଶା ପ୍ରିୟଦର୍ଶିନୀ ଓ ଅନ୍ୟମାନେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ବେହେରା ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦ୍‌ଘାଟିତ

କୁଜଙ୍ଗ,୧୭।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆ ଗ୍ରାମପଞ୍ଚାୟତର ଝିମାଣି ଗ୍ରାମରେ ଅବସ୍ଥିତ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ସାତଦିନିଆ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ରୟତ ସାହିଠାରେ ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷା ଡ. ବନପ୍ରଭା ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଆଜି ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୨୨ରିଖି ପର୍ଯ୍ୟନ୍ତ ଚାଲିବ। ଏଥିରେ ସଂସ୍ଥାର ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. କିଶୋର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳିତ ଜୀବନ ଓ ସମାଜସେବା ପ୍ରତି ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ପିଓ ଅଧ୍ୟାପକ ପ୍ରଦୀପ୍ତ କୁମାର ସାମଲ ଓ ବିଜୟ କେତନ ସେଠୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସୌଦାମିନୀ କର, ସୁଷମା ମହାପାତ୍ର, ସୁଶ୍ରୀ କୁସୁମ ମାଝୀ, ଅଧ୍ୟାପକ ସୁବାସ ଚନ୍ଦ୍ର ପଣ୍ଡା, ପବିତ୍ର କିଶୋର ପରିଡ଼ା, ଅଶ୍ୱିନୀ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ବିକାଶ ମହାପାତ୍ର, କୈଳାଶ ଦାସ, ଆଜୟ ପଲାଇ, ହରେକୃଷ୍ଣ ନାୟକ, ପ୍ରସନ୍ନ ସ୍ୱାଇଁ, ପ୍ରୀତି ରଞ୍ଜନ ଦାସ ଓ ପିଙ୍କି ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେଣ୍ଟ ଜାଭିୟର୍ସ ସ୍କୁଲ କ୍ରୀଡ଼ା ଉତ୍ସବ



ତିର୍ତ୍ତୋଲ,୧୭।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଓ ବିଜ୍ଞାନ ପ୍ରଦର୍ଶନୀ ଉଦଘାଘଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ବିକ୍ରମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ଆଇନଜୀବୀ ରାଜ କିଶୋର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ପ୍ରତିଯୋଗିତା ହିଁ ସଫଳତାର ବାଟ ଦେଖିଆଇଥାଏ। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ ନିରନ୍ତର ଅଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀ ସଫଳତା ପାଇ ପାରିବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଇଂ. ମାଧବେନ୍ଦ୍ର ଗୋଛାୟତ, ସ୍ଥାନୀୟ ସରପଞ୍ଚ ସାଫି ଅଜମ, ସାରଳା ମଣ୍ଡଳ ବିଜେପି ସଭାପତି ଶୁଭ୍ରକାନ୍ତ ରଣା ଯୋଗ ଦେଇ ପରିବେଶକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ କପ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ବୁଲି ଦେଖିବା ସହ ପ୍ରକଳ୍ପ ସଂପର୍କରେ ପ୍ରଶ୍ନ ପଚାରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଅଶୋକ ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମଣ୍ଡଳ, ମିନତୀ ଦାସ, ପ୍ରିୟଙ୍କା ସେଠୀ, ସନ୍ଧ୍ୟାରାଣୀ ସାସମଲ, ଯସ୍ମିନ ବେହେରା, ପ୍ରମୁଖ ସହଯୋଗ କରିଥିଲେ।

ବିଷ୍ଣୁଚରଣ ପରିଡ଼ାଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା

କୁଜଙ୍ଗ,୧୭।୧(ସମିସ): କୁଜଙ୍ଗ ବ୍ଲକ୍ ବିଶ୍ୱାଳୀ ଗ୍ରାମର ବିଷ୍ଣୁ ଚରଣ ପରିଡ଼ାଙ୍କ ଦ୍ୱାଦଶାହ ସ୍ମୃତିଚାରଣ ସଭା ବିଶ୍ୱାଳୀ ଯାତ୍ରା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ସାଂସଦ ଡା. କୁଳମଣୀ ସାମଲ, ଇଂ.ଅତନୁ ସାମନ୍ତ, ପ୍ରଶାସକ ଅରୁଣ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କରୁଣାକର ପଟ୍ଟନାୟକ, ପରିବେଶବିତ ଅମରେଶ ନରେଶ ସାମନ୍ତ, ଅଶୋକ କୁମାର ମାଝୀ, ସ୍ଥାନୀୟ ସରପଞ୍ଚ ମନୋରମା ମଲ୍ଲ, ସମିତିସଭ୍ୟା ସତ୍ୟଭାମା ସାମଲ, ଯୁବ ସମାଜସେବୀ ମାନଭଞ୍ଜନ ମଲ୍ଲ, ଧୀରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ପରିଡା, ଶରତ କୁମାର ଜେନା, ଇଂ.ଚନ୍ଦ୍ରକାନ୍ତ ସାମଲ, ଅଜୟ ବେହେରା, ମଥୁରାନନ୍ଦ ତରାଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଇଂ. ବିପିନ କୁମାର ପରିଡା ପିତାଙ୍କ ସ୍ମୃତିଚାରଣ କରିବା ସହିତ ଢ଼ନ୍ୟବାଦ ପ୍ରଦାନ କରିଥିଲେ। ତପନ କୁମାର ପରିଡା, ରମଣ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ଯୁବ ଦିବସ

ଜଗତସିଂହପୁର,୧୭।୧(ସମିସ)



ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ଯୁବ ବିଭାଗ ଆନୁକୂଲ୍ୟରେ ପାରାଦୀପସ୍ଥିତ ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ପାରାଦୀପ ପୌରାଞ୍ଚଳ ପାଇଁ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦିପ୍ତୀମୟୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ସଂସଦର ଆଜୀବନ ସଦସ୍ୟ ପ୍ରକୃତିବନ୍ଧୁ ରୋହିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ଶତପଥୀ, ପୂର୍ବତନ କାଉନସିଲର ଝାଡ଼େଶ୍ୱର ମାନା, ସଂସଦର ବିଚାରଧାରା ବିଭାଗର ଅଧ୍ୟକ୍ଷ ଲାଲା ସଂଗ୍ରାମ କେଶରୀ ରାୟ ଓ ଉତ୍କଳ କଳା ସଂସ୍କୃତି ବିଭାଗର ଅଧ୍ୟକ୍ଷ ଦେବର୍ଷି ମହାନ୍ତି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶରତ ଚନ୍ଦ୍ର ରାଉତ ଏବଂ ମୁଖ୍ୟ ଅତିଥି ଭାବେ ଓଡିଶା ପୂର୍ବସମ୍ଭାଗ (ପରିବେଶ ବିଭାଗ) ର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ 'ନିଜକୁ ପ୍ରଜ୍ୱଳିତ କରି ସମଗ୍ର ବିଶ୍ୱକୁ ଶକ୍ତି ପ୍ରଦାନ କରିବା' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୌରାଞ୍ଚଳରେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ରୁଦ୍ରନାରାୟଣ ସାହୁ ପ୍ରଥମ, ଦିବ୍ୟଲକ୍ଷ୍ମୀ ପରିଡା ଦ୍ୱିତୀୟ, ଆଶାମାଥା ତୃତୀୟ ଓ ନନ୍ଦିନୀ ରାୟ ସାନ୍ତ୍ୱନାମୂଳକ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିବା ବେଳେ କନିଷ୍ଠ ବିଭାଗରେ ଶୁଭଶ୍ରୀ ବାରିକ ପ୍ରଥମ, ତେଜସ୍ୱିନୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ମଧ୍ୟ ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷକ ଜିତେନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୂପ ବିଶ୍ୱାଳ, ଶିକ୍ଷୟିତ୍ରୀ ଏଲିନା ଶବର, ସୁଷମା ଦାସ, ମମତା ମହାନ୍ତି, ଗୀତାରାଣୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।


ଏବିଭିପି ତରଫରୁ ଛାତ୍ର ସମାବେଶ



ଜଗତସିଂହପୁର,୧୭।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ କଲେଜ ଛକରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବା ଦିବସ ଅବସରରେ ଏକ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଏବିଭିପିର ଉପ-ସଭାପତି ତ୍ରୈଲୋଚନ ଦାସ, ରାଜ୍ୟ ସହସମ୍ପାଦକ ରାଜକୁମାର ମିଶ୍ର, ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଏସ୍‌ଏଫଡି ସହ ସଂଯୋଜକ ସତ୍ୟପ୍ରକାଶ ମହାନ୍ତି, ଏବିଭିପି କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ତଥା ରାଜ୍ୟ ସିଡିଡି ସହ ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିୟା ଓ ଜଗତସିଂହପୁର ନଗର ସଭାପତି ସୁରେଶ କୁମାର ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ଅପରିଚିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଭିପିର ପୂର୍ବତନ ସହ ପ୍ରମୁଖ ଶଶାଙ୍କ ଶେଖର ପଣ୍ଡା, କେବି ପ୍ରିୟୋତୋଷ, ରିତେଶ ସିମନ, ରାଜପ୍ରସାଦ, ଆଶୁତୋଷ ଦର୍ଶନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସର୍ବ ଶେଷରେ କଟକ ବିଭାଗ ସଂଯୋଜକ ତଥା ରାଜ୍ୟ ଖେଲୋ ଭାରତ ସଂଯୋଜକ ଜ୍ୟୋତିରଞ୍ଜନ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ।

ବିକାଶ ଆଢୁଆଳରେ ବିଞ୍ଝଧର ଜଳପ୍ରପାତ

ଭିତ୍ତିଭୂମି ବିକାଶ ନେଇ ପର୍ଯ୍ୟଟନ ବିଭାଗର ନାହିଁ ନଜର



ରାଇରଙ୍ଗପୁର/ବିଶୋଇ, ୧୭।୧(ସମିସ)

ଶିମିଳିପାଳ ପର୍ବତମାଳା ପାଦଦେଶରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବିଞ୍ଝଧର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀ ରହିଛି। ଯେଉଁଠି କି ପିକନିକ ଋତୁରେ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। କିନ୍ତୁ ବାମନଘାଟି ଉପଖଣ୍ଡରେ ଥିବା ଉକ୍ତ ବିଞ୍ଝଧର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ନ ପାଇ ବିକାଶ ଆଢୁଆଳରେ ରହିଯାଇଛି। ଯାହାକୁ ନେଇ ଭିତ୍ତିଭୂମି ବିକାଶ ପାଇଁ ରାମଦୋଳି ୟୁଥ ପାୱାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଭିତ୍ତିଭୂମି ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହ ସ୍ଥାନୀୟ ଅଞ୍ଚଳବାସୀ ରୋଜଗାରକ୍ଷମ ହୋଇପାରିବେ ବୋଲି ଦାବି ହୋଇଛି।

ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତର ସାରଣ୍ଡା ଗ୍ରାମ ନିକଟରେ ବିଞ୍ଝଧର ଜଳପ୍ରପାତ ରହିଛି। ସବୁଜ ବନାନୀ ମଧ୍ୟରେ ଥିବା ଜଳପ୍ରପାତ ସ୍ଥାନୀୟ ପର୍ଯ୍ୟଟକଙ୍କୁ ଅନେକ ଆକୃଷ୍ଟ କରିଥାଏ। କିନ୍ତୁ ସରକାରୀ ଅବହେଳା ପାଇଁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇପାରୁନାହିଁ। ବଣଭୋଜି ପାଇଁ କୌଣସି



ବ୍ୟବସ୍ଥା ନ ଥିବାରୁ ଲୋକେ ଏଠାରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି। ପାନୀୟଜଳ ସମସ୍ୟା, ଆଲୋକ ବ୍ୟବସ୍ଥା, ପ୍ରତୀକ୍ଷାଳୟ, ଶୌଚାଳୟ, ବିପଦପୂର୍ଣ୍ଣ ଚଲାପଥ ଯୋଗୁଁ ଲୋକେ ଏଠାରେ ବଣଭୋଜି କରିବାକୁ ଅସୁରକ୍ଷିତ ମଣୁଛନ୍ତି। ପର୍ଯ୍ୟଟନ ବିଭାଗ କେବଳ ଏକ ସୂଚନା ଫଳକ ମାରି କାମ ସାରି ଦେଇଛି। ପାରିପାର୍ଶ୍ୱିକ ଉନ୍ନତି ନେଇ କୌଣସି ମନ ଦେଉନାହାନ୍ତି। ବିଞ୍ଝଧର ଜଳ ପ୍ରପାତର

- **ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**
- **ପର୍ଯ୍ୟଟକ ବଢ଼ିଲେ ସ୍ଥାନୀୟ ଲୋକଙ୍କ ବଢ଼ିବ ରୋଜଗାର**


ଆଗାମୀ ଦିନରେ ଭିତ୍ତିଭୂମି ବିକାଶ ପାଇଁ ଦାବିପତ୍ର ଡାକ ଜରିଆରେ ପ୍ରଦାନ କରାଯାଇଛି। ଏହାର ଭିତ୍ତିଭୂମି ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହିତ ସ୍ଥାନୀୟ ଲୋକେ ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ଦାବିପତ୍ରରେ ଦର୍ଶାଇଯାଇଛି।

ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ଜିଲ୍ଲା କମିଟି ଗଠିତ



ରାଇରଙ୍ଗପୁର/କରଞ୍ଜିଆ, ୧୭।୧ (ସମିସ): କଂଗ୍ରେସ ପକ୍ଷରୁ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କମିଟି ଗଠିତ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅନୁମୋଦନକ୍ରମେ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ ନାମ ଘୋଷଣା କରିଛନ୍ତି। କରଞ୍ଜିଆ ବ୍ଲକ ସଭାପତି ଭାବେ ସୁବାସ ଚନ୍ଦ୍ର ସଂଖୁଆଲ, ଠାକୁରମୁଣ୍ଡା ବ୍ଲକ ସଭାପତି ଭାବେ ରବୀନ୍ଦ୍ର ତ୍ରିପାଠୀ, ଯଶିପୁର ବ୍ଲକ ସଭାପତି ଭାବେ କୁଶଧର ମହାନ୍ତ, ରରୁଆଁ ବ୍ଲକ ସଭାପତି ଭାବେ ସୁଶୀଲ ଭଞ୍ଜଦେଓ, ସୁକ୍ରୁଲି ବ୍ଲକ ସଭାପତି ଭାବେ ବାପୁନ ତିରିଆ, କୁସୁମୀ ବ୍ଲକ ସଭାପତି ଭାବେ ଭରତ ବାରିକ, ରାଇରଙ୍ଗପୁର ବ୍ଲକ ସଭାପତି ଭାବେ ସୀମଳ ମାଝୀ, ବହଳଦା ବ୍ଲକ ସଭାପତି ଭାବେ ଆଲୋକ ବରିଆ, ଜାମଦା ବ୍ଲକ ସଭାପତି ଭାବେ ସନ୍ତୋଷ କୁମାର ନନ୍ଦ, ତିରିଂ ବ୍ଲକ ସଭାପତି ଭାବେ ଭାଗୀରଥି ପାତ୍ର, ବିଜାତଳା ବ୍ଲକ ସଭାପତି ଭାବେ ନିଶାକର ପାତ୍ର, ବିଶୋଇ ବ୍ଲକ ସଭାପତି ଭାବେ ହରିହର ନାଏକ, ସାରସକଣା ବ୍ଲକ ସଭାପତି ଭାବେ ତରୁଣ ଗିରି, କରଞ୍ଜିଆ ପୌରପାଳିକା ସଭାପତି ଭାବେ ସୁରଜ ସିଂ(ରିଙ୍କୁ) ଓ ରାଇରଙ୍ଗପୁର ପୌରପାଳିକା ସଭାପତି ଭାବେ ଅମର ପ୍ରଧାନ ଦେଓ ହେମ୍ବ୍ରମ ରହିଛନ୍ତି। ସେହିପରି ଉପସଭାପତି ଭାବେ ୮ ଜଣ, ସାଧାରଣ ସମ୍ପାଦକ ଭାବେ ୭ ଜଣ, ସମ୍ପାଦକ ଭାବେ ୨୪ ଜଣ, କାର୍ଯ୍ୟାଳୟ ସମ୍ପାଦକ, କୋଷାଧ୍ୟକ୍ଷ ଓ ୧୭ ଜଣ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଏ ନେଇ ପିସିସି ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜିଲ୍ଲା ସଭାପତି ଭୁବନ ବିହାରି ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶିମିଳିପାଳରେ ପୁଣି ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ



ବାରିପଦା, ୧୭ ।୧(ସମିସ): ଓଡ଼ିଶାରେ ଜାରି ରହିଥିବା ପ୍ରବଳ ଶୀତ ଲହରୀର ପ୍ରଭାବ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଅଧିକ ଦେଖାଯାଇଛି। ଲଗାତର ଏଠାରେ ଶୀତର ରାଜୁତି ଚାଲିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଉପରବାରାହାକାମୁଡାରେ ପୁଣି ସର୍ବନିମ୍ନ ତାପମାତ୍ରା ଶୂନ (୦) ଡିଗ୍ରୀ ରେକର୍ଡ ହୋଇଛି। ଅଭୟାରଣ୍ୟର ବିଭିନ୍ନ ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ରେକର୍ଡ ହୋଇଥିବା ତାପମାତ୍ରା ଅନୁସାରେ ଗୁଡଗୁଡ଼ିଆରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ, ନଅଣା ଓ ଚହଲାରେ ୪ ଡିଗ୍ରୀ, ବରେହିପାଣିରେ ୫ ଡିଗ୍ରୀ, ରାମତୀର୍ଥ, କିଆଝରି ଓ ସାତକୋଶିଆରେ ୧୧ ଡିଗ୍ରୀ ଲେଖାଏଁ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଏହି ତାପମାତ୍ରା ହ୍ରାସ ଯୋଗୁଁ ଅଭୟାରଣ୍ୟରେ ଅଧିକ ଶୀତ ଅନୁଭବ ହେଉଛି। ବନ୍ୟଜନ୍ତୁଙ୍କ ଜୀବନ ଉପରେ ପ୍ରଭାବ ପଡୁଥିବାବେଳେ ପର୍ଯ୍ୟଟକଙ୍କୁ ମଧ୍ୟ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଶୀତ ଲହରୀ ଆହୁରି କିଛି ଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଦାଣ୍ଡବୋଷ ବିମାନ ବନ୍ଦର ସ୍ଥାନ ପରିଦର୍ଶନ କଲେ ଜିଲ୍ଲାପାଳ

ରାଇରଙ୍ଗପୁର, ୧୭।୧(ସମିସ): ରାଇରଙ୍ଗପୁରର ଦାଣ୍ଡବୋଷ ବିମାନ ବନ୍ଦର ନିର୍ମାଣ କାମ ଜାରି ରହିଥିବାବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା ହୋଇଛି। ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ ସ୍ଥଳ ଜିଲ୍ଲାପାଳ ହେମକାନ୍ତ ସୟ ପରିଦର୍ଶନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ଥିବା ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦାଣ୍ଡବୋଷରେ ୧୧୭ ଏକର ପରିମିତ ଜମିରେ ଉଡ଼ାନ ଯୋଜନାରେ ଜାତୀୟ ସ୍ତରର ବିମାନ ବନ୍ଦର ନିର୍ମିତ ହେଉଛି। ଯେଉଁଥିରେ ରନୱେ, ଏୟାର ଟ୍ରାଫିକ ପରିଚାଳନା କେନ୍ଦ୍ର, ବିମାନ ବନ୍ଦର କାର୍ଯ୍ୟାଳୟ ସମେତ ଅନ୍ୟ ବିଲ୍ଡିଂ ରହିବ। ଏନେଇ ପୂର୍ବରୁ ବିଶେଷଜ୍ଞ ଦଳ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ବିମାନ ବନ୍ଦର କାର୍ଯ୍ୟକାରୀ ନେଇ ଆବଶ୍ୟକ ଭିତ୍ତିଭୂମି, ବିଲ୍ଡିଂ ନିର୍ମାଣ, ଜମି ଅଧିଗ୍ରହଣ, ଗମନାଗମନ ଆଦି ନେଇ ଅନୁଧ୍ୟାନ କରିଥିଲେ। ଯାହାକୁ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ହୋଇଛି। ଜମି ଅଧିଗ୍ରହଣ ସରିଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ



କରିବାକୁ ଜିଲ୍ଲାପାଳ ଶ୍ରୀ ସୟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ସ୍ଥଳ ନିଜେ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିମାନ ବନ୍ଦର କାର୍ଯ୍ୟକ୍ଷମ କରି ରାଇରଙ୍ଗପୁରରୁ ରାଉରକେଲାକୁ ପ୍ରଥମ ବିମାନ ସେବା ଆରମ୍ଭ କରିବା ନେଇ ପ୍ରସ୍ତାବ ରହିଛି। ବିମାନ ବନ୍ଦର ନିର୍ମାଣ ଦ୍ୱାରା ସୁଗମ ଗମନାଗମନ ବ୍ୟବସ୍ଥା ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଫେବୃଆରୀ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଅନୁଧ୍ୟାନ ସମୟରେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଓ ଅନ୍ୟାନ୍ୟ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

ରବୀନ୍ଦ୍ର ତ୍ରିପାଠୀ ଠାକୁରମୁଣ୍ଡା ବ୍ଲକ୍ କଂଗ୍ରେସ ସଭାପତି ନିଯୁକ୍ତ



ମହୁଲଡିହା, ୧୭ ।୧(ସମିସ): ଠାକୁରମୁଣ୍ଡା ବ୍ଲକରେ ନୂତନ କଂଗ୍ରେସ ସଭାପତି ଭାବେ ରବୀନ୍ଦ୍ର କୁମାର ତ୍ରିପାଠୀଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ନିଯୁକ୍ତ କରିଛନ୍ତି। ଶ୍ରୀ ତ୍ରିପାଠୀଙ୍କୁ ଠାକୁରମୁଣ୍ଡା ବ୍ଲକର କଂଗ୍ରେସ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ରବୀନ୍ଦ୍ର କୁମାର ତ୍ରିପାଠୀ ନିଯୁକ୍ତି ପାଇ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତଚରଣ ଦାସ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ସୁଶ୍ରୀ ଜବାମଣି ଟୁଡୁ, ରାଜ୍ୟ ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଘରେ ପଶି ଗଣ୍ଡଗୋଳ ଘଟଣା
୪ ଗିରଫ, କାର୍ ଜବତ

ଶୁଳିଆପଦା, ୧୭।୧(ସମିସ): ପାଚେରୀ ଡେଇଁ ରାତିରେ ଜଣକ ଘରେ ପଶି ଗଣ୍ଡଗୋଳ କରିବା ଘଟଣାକୁ ନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ ହେବା ସହ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଗଣ୍ଡଗୋଳରେ ବ୍ୟବହୃତ ଏକ କାରକୁ ମଧ୍ୟ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲାର ସଞ୍ଜୟ ବେହେରା, ରଜନୀ କାନ୍ତ ତ୍ରିପାଠୀ, ସୁନୀଲ ସେନାପତି ଓ ସୋମନାଥ ସ୍ୱାଇଁ ବୁଧବାର ରାତିରେ ଏକ କାର୍ ଯୋଗେ ଶୁଳିଆପଦା ଥାନା ଅଧୀନ ଗଡ଼ିଆ ଗ୍ରାମକୁ ଆସି ସେଠାକାର ଜଣେ ବ୍ୟକ୍ତିଙ୍କ ପାଚେରୀ ଡେଇଁ ଘର ଭିତରେ ପ୍ରବେଶ କରି ଗାଳିଗୁଲଜ କରିବା ସହ ଗଣ୍ଡଗୋଳ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ପୁଲିସ ୮/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନେ ବ୍ୟବହାର କରିଥିବା କାରକୁ ପୁଲିସ ଜବତ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।



ରୂପକ ମହାନ୍ତି ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ



ରାଇରଙ୍ଗପୁର, ୧୭।୧ (ସମିସ): ମୟୂରଭଞ୍ଜ (ପଶ୍ଚିମ) କଂଗ୍ରେସର ନୂତନ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ଭାବେ ଯୁବନେତା ରୂପକ କୁମାର ମହାନ୍ତିଙ୍କୁ ସ୍ଥାନ ଦିଆଯାଇଛି। ଏ ନେଇ ପିସିସି ସଭାପତି ଭକ୍ତଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମସ୍ତେ ଏକସୂତ୍ରରେ ବାନ୍ଧି ହୋଇ ସଂଗଠନ ସୁଦୃଢ଼ କରି ଆଗାମୀ ନିର୍ବାଚନରେ ବିଜୟ ହାସଲ କରିବା ନେଇ ମତ ପ୍ରକାଶ କରିଛନ୍ତି।

ଆଜିଠୁ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା

ରାଇରଙ୍ଗପୁର, ୧୭।୧(ସମିସ): ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ମିଳିତ ଉଦ୍ୟମରେ ରାଇରଙ୍ଗପୁରରେ ଆସନ୍ତାକାଲିଠାରୁ ୫ଦିନିଆ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆରମ୍ଭ ହେବାକୁ ଯାଉଛି। ୨୨ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରୀ ଷ୍ଟାଡ଼ିୟମଠାରେ ମେଳା ଆୟୋଜିତ ହେବ। ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟକ ସଞ୍ଜଲି ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ରାଜ୍ୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକ ଭି, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ର, ନଗରପାଳ ଅଭିଷେକ ପଟ୍ଟନାୟକ ଓ ଅତିରିକ୍ତ ବନ ସଂରକ୍ଷକ ପ୍ରଭାସ ମଲ୍ଲିକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ମେଳାରେ ୬୦ଟି ଷ୍ଟଲ ହୋଇଛି। ଯେଉଁଥିରେ ରାଜ୍ୟର ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟଙ୍କ ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାର କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ ଅଟେ। ଏଥିସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଉକ୍ତ ମେଳାକୁ ସଫଳ କରିବାକୁ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ର ନିବେଦନ କରିଛନ୍ତି।

ମୟୂରଭଞ୍ଜ କୁଇଜ୍ ପ୍ରତିଯୋଗିତା



ବାରିପଦା, ୧୭ ।୧(ସମିସ): ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତତ୍ତ୍ୱାବଧାନରେ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଆଜି ଅପରାହ୍ନରେ ବାରିପଦା ସହର ଓ ଆଖପାଖ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଲିଖିତ 'ମୟୂରଭଞ୍ଜ କୁଇଜ୍' ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀ ଚଉରାର ୯ମ ଶ୍ରେଣୀ ଛାତ୍ର ଆୟୁଷ ସାମଲ ପ୍ରଥମ, ଏମକେସି ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ନୈତିକ ଦାସ ଦ୍ୱିତୀୟ ଓ ହରି ବଳଦେବଜୀଉ ଶିଶୁ ବିଦ୍ୟାମନ୍ଦିର ୮ମ ଶ୍ରେଣୀ ଛାତ୍ର ପୂର୍ଣ୍ଣେନ୍ଦୁ କୁମାର ବେହେରା ତୃତୀୟ ସ୍ଥାନ ଲାଭକରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସ ସନ୍ଧ୍ୟା ଜିଲ୍ଲାପାଳଙ୍କ କାଉନସିଲ୍ ହଲରେ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ଇଂ. ମନୋଜ ଦଳବେହେରା, କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବସା ଓ ବରିଷ୍ଠ ସଦସ୍ୟ ନରସିଂହ ବାରିକ, ଶଙ୍କର ଜେନା, ଭାସ୍ୱତୀ ପଣ୍ଡା ଓ ସ୍ନେହଲତା ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶୁଣାଣି ଶିବିର

- **ନୂଆବର୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନୂତନ ପଦକ୍ଷେପ**
- **ଶେଷ ସପ୍ତାହରେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡରେ କାର୍ଯ୍ୟକ୍ରମ**

ବାରିପଦା, ୧୭ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ଓ କପ୍ତିପଦା ଉପଖଣ୍ଡରେ ଥିବା ସମସ୍ତ ସରକାରୀ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ୨୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ତତକ୍ଷଣାତ ୫ର ସମାଧାନ କରାଯାଇଥିଲାବେଳେ ଏକମାସ ମଧ୍ୟରେ ଅନ୍ୟ ଅଭିଯୋଗ ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର, ଏଡିଇଓ ଶଶୀଧର ସିଂ (ସ୍କିମ), ଏଡିଇଓ ବିନୋଦ ସିଂ (ଏକାଡେମିକ) ପ୍ରମୁଖ ଉପସ୍ଥିତ ରହି ଶୁଣାଣିରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ଚଳିତ ମାସର ଶେଷ ସପ୍ତାହରେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡର ହିତାଧିକାରୀଙ୍କ ପାଇଁ ଅଭିଯୋଗ ଶୁଣାଣି ହେବ ବୋଲି ଡିଇଓ ଶ୍ରୀ ସେଠୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେକ୍ସନ ଅଫିସର ସୁଦୀପ୍ତ କୁମାର, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ କନିଷ୍ଠ ସହାୟକ ପିନାକୀ ବେରା, କ୍ଷେତ୍ରମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ମୋରଡ଼ା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୋରଡ଼ା, ୧୭।୧(ସମିସ): ମୋରଡ଼ା ଷ୍ଟାଡ଼ିୟମରେ ମୋରଡ଼ା ପ୍ରିମିୟର ଲିଗର ଚତୁର୍ଥ ସଂସ୍କରଣ ଉଦଘାଟିତ ହୋଇଛି। ଉକ୍ତ ପ୍ରିମିୟର ଲିଗରେ ୬ଟି ଟିମ ଅଂଶଗ୍ରହଣ କରୁଥିବାବେଳେ ଆଜି ଉଦ୍‌ଘାଟନୀ ଉତ୍ସବରେ ସମସ୍ତ ଟିମର ମାଲିକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ମୋରଡ଼ା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଥମ ମ୍ୟାଚ୍‌କୁ ଉଦଘାଟିତ କରିଥିବାବେଳେ ପ୍ରିମିୟର ଲିଗର ସଭାପତି ଯାମିନୀକାନ୍ତ ମହାନ୍ତ, ସମ୍ପାଦକ ଜୀବନକୃଷ୍ଣ ପାତ୍ରଙ୍କ ସହିତ ସଦସ୍ୟମାନେ ଉପସ୍ଥିତ ଥିଲେ। ଛଅଦିନ ଧରି ଉକ୍ତ ଲିଗ ଚାଲିବାକୁ ଥିବାବେଳେ ପ୍ରଥମ ମ୍ୟାଚ୍ କୁନମୁନ କିଙ୍ଗ ଓ ଡାର୍କ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ କୁନମୁନ କିଙ୍ଗ୍ ବିଜୟୀ ହୋଇଥିଲା।

ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ



ରାସଗୋବିନ୍ଦପୁର, ୧୭।୧(ସମିସ): ରାସଗୋବିନ୍ଦପୁର ବ୍ଲକ ଗାଁ ଅମର୍ଦା ପଞ୍ଚାୟତର ବିଶିଷ୍ଟ ମାର୍କ୍ସବାଦୀ କମ୍ୟୁନିଷ୍ଟ ଚିନ୍ତାନାୟକ ନାରାୟଣ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ଅମର୍ଦାସ୍ଥ ବସଭାବନରେ ଶତାଧିକ ଗରିବ ବୃଦ୍ଧବୃଦ୍ଧାଙ୍କୁ ତାଙ୍କ ପୁଅ ମାନବ ମହାନ୍ତି, ସାମ୍ୟ ମହାନ୍ତି, ଝିଅ ରଶ୍ମି ମହାନ୍ତି ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରିଛନ୍ତି। ସକାଳ ୯ଟା ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ସ୍ୱର୍ଗତ ନାରାୟଣ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ୱର୍ଗତ ମହାନ୍ତିଙ୍କ ସୁକର୍ମ, ଜଣେ ସମାଜସେବୀ, ସଂଗଠକ, ବିଭିନ୍ନ ଅନୁଷ୍ଠାନ ଗଢିବାରେ ତାଙ୍କର ଅତୁଳ ଅବଦାନ ଥିବା ବର୍ଣ୍ଣନା କରିଥିଲେ। ଏ ଅବସରରେ ବୃଦ୍ଧବୃଦ୍ଧାଙ୍କୁ ଫଳ ଓ ମିଠା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୋହୂ ଗାୟତ୍ରୀ, ମାମି, ନାତିନାତୁଣୀ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ
ଉଦ୍ୟୋଗଭିତ୍ତିକ କୃଷିକୁ ବୈଠକରେ ଗୁରୁତ୍ୱାରୋପ

ବାରିପଦା, ୧୭ ।୧(ସମିସ)

ଶ୍ୟାମାଖୁଣ୍ଟାସ୍ଥ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ପକ୍ଷରୁ ଏହାର ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶନିବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଓଡ଼ିଶା କୃଷି ଓ ବ୍ୟବସାୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଆଭାସି ମାଧ୍ୟମରେ ଉଦଘାଟନ କରିଥିଲେ। ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଗତ ବର୍ଷର କାର୍ଯ୍ୟକ୍ରମ ଓ ଆଗାମୀ ବର୍ଷ ପାଇଁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ ପାଇଁ କାର୍ଯ୍ୟ ଯୋଜନା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୋଲକାତାସ୍ଥ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାର ପ୍ରମୁଖ ବୈଜ୍ଞାନିକ ଡଃ. କଲ୍ୟାଣସୁନ୍ଦର ଦାସ, ବିଶ୍ୱବିଦ୍ୟାଳୟ ପକ୍ଷରୁ ଡଃ. ତୁଷାର ରଞ୍ଜନ ମହାନ୍ତି, ଡଃ. ପାର୍ଥସାରଥି ସ୍ୱାଇଁଙ୍କ ଆଇସିଏଆର-ସିଆଇଡବ୍ଲୁଏର ନିର୍ଦ୍ଦେଶକ ଡଃ. ମୃଦୁଳା ଦେବୀ, କେନ୍ଦୁଝରର ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡଃ. କିଶୋର ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ କୃଷି ଓ ଆନୁଷଙ୍ଗିକ ବିଭାଗର ସମସ୍ତ ପଦାଧିକାରୀ ଯୋଗ ଦେଇ ସେମାନଙ୍କ ମୂଲ୍ୟବାନ




ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁଗ୍ମ ନିର୍ଦ୍ଦେଶକ ଡଃ. ରବିରତ୍ନ ଦାଶ ପରିଚାଳନା କରିଥିଲେ।

ଏଥିସହିତ ସଭାପତିତ୍ୱ ଅଭିଭାଷଣରେ ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଜିଲ୍ଲାର କୃଷି କ୍ଷେତ୍ରରେ କିପରି ଅଧିକ ଅଭିବୃଦ୍ଧି ହୋଇପାରିବ ଓ ନୂତନ ଜ୍ଞାନକୌଶଳର ପ୍ରଚାର ଓ ପ୍ରସାର ହୋଇପାରିବ, ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଦେଷ୍ଟା ମଣ୍ଡଳୀ ବୈଠକରେ କିପରି ଆଦିବାସୀ ଭାଇଭଉଣୀଙ୍କ ସର୍ବାଙ୍ଗୀନ ଉନ୍ନତି ସମେତ ବ୍ୟବସାୟିକ ଦକ୍ଷତା କୃଷି କ୍ଷେତ୍ରରେ ବଢ଼ିପାରିବ, ସେହି ଦିଗରେ ଚେଷ୍ଟା କରିବାକୁ କୃଷି ବିଜ୍ଞାନ କେନ୍ଦ୍ରକୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ତ୍ରୟମାସିକ ପତ୍ରିକା 'ଭଞ୍ଜଭୂମି କୃଷକ କଥା' ଓ ବ୍ୟବସାୟିକ ଫୁଲଚାଷ 'ପ୍ରାକୃତିକ କୃଷି' ନାମକ ୨ଟି ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବୈଠକକୁ ଅନୁଷ୍ଠାନର ମୁଖ୍ୟ ଡଃ. ସଂଘମିତ୍ରା ପଟ୍ଟନାୟକ ସଂଯୋଜନା କରିଥିବାବେଳେ ଡଃ ଝୁଣିଲାଲ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ବୈଜ୍ଞାନିକ, କର୍ମଚାରୀ ଓ ଅଗ୍ରଣୀ ଚାଷୀ ଭାଇଭଉଣୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ପନିପରିବା ଚାଷ ଉଜାଡ଼ିଲେ ହାତୀପଲ



ଚମ୍ପୁଆ, ୧୭।୧(ସମିସ): ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ କମିବା ବଦଳରେ ବଢ଼ିବାରେ ଲାଗିଛି। କେତେବେଳେ ହାତୀ ପାଦତଳେ ନିରୀହ ଜୀବନ ଚାଲିଯାଉଛି ତ କେତେବେଳେ ଏକର ଏକର ଫସଲ ଉଜୁଡି ଯାଉଛି। ହାତୀପଲକୁ ଘଉଡ଼ାଇବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଥିବା ବେଳେ ଅନେକ ସମୟରେ ହାତୀପଲ ଗୋଠଛଡ଼ା ହୋଇ ବିଭିନ୍ନ ଭାଗରେ ବିଭକ୍ତ ହୋଇ ଉପଦ୍ରବ କରୁଛନ୍ତି। ଏଥିପାଇଁ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି। ଗତରାତି ୯ ଟିକିଆ ହାତୀପଲ ଚମ୍ପୁଆ ସେକ୍ସନର ଜଡିପଦା ଗ୍ରାମରେ ପଶି ପ୍ରାୟ ୩ ଏକର ଜମିରେ ଚାଷ ହୋଇଥିବା କୋବି, ଶୋରିଷ, ମଟର ଫସଲକୁ ଖାଇବା ସହିତ ମାଡ଼ି ଦଳି ନଷ୍ଟ କରିଦେଇଛନ୍ତି। ରାତି ଅଧରେ ଏହି ହାତୀପଲ ଗ୍ରାମ ନିକଟ ଚାଷଜମିରେ ପଶି କ୍ଷୟକ୍ଷତି ଘଟାଇଥିଲେ। ଏନେଇ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି ଯେ ତଦନ୍ତ ପରେ ସରକାରୀ ନିୟମ ଅନୁସାରେ କ୍ଷୟକ୍ଷତି ବାବଦକୁ ସହାୟତା ରାଶି ପ୍ରଦାନ କରାଯିବ। ଯେଉଁମାନଙ୍କର ଫସଲ ହାନି ହୋଇଛି ସେମାନେ ଅଭିଯୋଗ କଲେ ପଦକ୍ଷେପ ନିଆଯିବ।

ବୈତରଣୀ ନଦୀବନ୍ଧ ରାସ୍ତା ଶୋଚନୀୟ

ଆନନ୍ଦପୁର, ୧୭।୧ (ସମିସ):



ନଦୀବନ୍ଧ ସୁରକ୍ଷା ପାଇଁ ସରକାର ବିପୁଳ ଅନୁଦାନ ଯୋଗାଇ ଦେଉଛନ୍ତି; କିନ୍ତୁ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଉଛି। ଆବଶ୍ୟକ ଅନୁଦାନ ଠିକ ଭାବେ ବିନିଯୋଗ ହେଉ ନଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଆନନ୍ଦପୁର ବୈତରଣୀ ନଦୀବନ୍ଧକୁ ଦେଖିଲେ ଏହାର ଦୁରବସ୍ଥା ଜଳଜଳ ଦେଖାଯାଉଛି। ଆନନ୍ଦପୁର ଓ ହାଟଡିହି ବ୍ଲକ୍ ଜନସାଧାରଣ ଦୁର୍ବଳ ନଦୀବନ୍ଧରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ତତ୍କାଳୀନ କଂଗ୍ରେସ ସରକାର ଅମଳରେ ବୈତରଣୀ ନଦୀର ବନ୍ୟା ଦାଉରୁ ଲୋକଙ୍କୁ ରକ୍ଷା କରିବାପାଇଁ ଆନନ୍ଦପୁରଠାରୁ ହାଟଡିହି ବ୍ଲକ୍‌ର ଆମ୍ରୋ ପର୍ଯ୍ୟନ୍ତ ୧୫ କିମି ନଦୀବନ୍ଧ ନିର୍ମାଣ କରାଯାଇଥିଲା। ପୂର୍ବରୁ ଅନେକଥର ବନ୍ଧ ଉପରେ ବନ୍ୟାଜଳ ପ୍ରବାହିତ ହୋଇ କ୍ଷୟକ୍ଷତି ଘଟାଇଛି। ୨୦୧୧ ବନ୍ୟାରେ ଫକୀରପୁର ନିକଟରେ ନଦୀବନ୍ଧରେ ବିରାଟ ଘାଇ ହେବାଦ୍ୱାରା ଆନନ୍ଦପୁର ପୌରାଞ୍ଚଳ ଜଳମଗ୍ନ ହୋଇଥିଲା। ପରେ ବନ୍ଧ ମରାମତି କରାଯାଇଥିଲା। ଏବେ ନଦୀବନ୍ଧରେ ପିଚୁରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଅନେକ ସ୍ଥାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫକୀରପୁର, ସିଂହଡୋଭ, ବଞ୍ଚୋ, ଶିବନାରାୟଣପୁର, ମୁଗୁପୁର, ପଞ୍ଚୁଗୋଛିଆ, ବରେଶ୍ୱର, ତରଭା, ଆମ୍ରୋ ନିକଟରେ ଏକାଧିକ ସ୍ଥାନରେ ନଦୀବନ୍ଧରୁ ଗ୍ରାମକୁ ଯିବାପାଇଁ ଯେଉଁ ରାସ୍ତା ନିର୍ମାଣ କରାଯାଇଛି। ଏହା ଅତ୍ୟନ୍ତ ବିପଦସଂକୁଳ। ଅନେକ ସ୍ଥାନରେ ରାସ୍ତା ସଂକୀର୍ଣ୍ଣ ହୋଇଛି। ଏପରିକି ଦୁଇଟି ଚାରିଚକିଆ ଗାଡ଼ି ଏକସଙ୍ଗେ ଯିବା କଷ୍ଟକର ହେଉଛି। କେତେକ ସ୍ଥାନରେ ଲୋକେ ବାଲିଗଦା, କାଠ, ଖଡଗଦା କରିଥିବାରୁ ଆମ୍ବୁଲାନ୍ସ, ଦମକଳ ଯିବା ସମ୍ଭବ ହେଉନାହିଁ। ପ୍ରତିବର୍ଷ ନଦୀବନ୍ଧର ସୁରକ୍ଷା ପାଇଁ ଆନନ୍ଦପୁର ଜଳସମ୍ପଦ ବିଭାଗ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଏଥିରେ କେବଳ ଠିକାଦାର ପୋଷା ଯାଉଛି ବୋଲି ତରଭା ଗ୍ରାମର ହରେକୃଷ୍ଣ ଓଝା କହିଛନ୍ତି। ନଦୀବନ୍ଧରୁ ତରଭା ଗ୍ରାମକୁ ଯିବାପାଇଁ ରାସ୍ତା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଥିବାରୁ ବାଇକ୍, ସାଇକଲ ଆରୋହୀ ପଡ଼ି ଆହତ ହେଉଛନ୍ତି। ପୂର୍ବତନ ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ବୈତରଣୀ ନଦୀବନ୍ଧ ସୁରକ୍ଷା ପାଇଁ ସେ ବାରମ୍ବାର ବିଧାନସଭାରେ ଦାବି ଉଠାଇବା ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଜଳସମ୍ପଦ ବିଭାଗ ଅଣଦେଖା କରିଚାଲିଛି ବୋଲି ସେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା କହିଛନ୍ତି, ଠିକାଦାରମାନେ ବ୍ୟୟ ଅଟକଳ ଅନୁସାରେ କାମ କରୁନାହାନ୍ତି। ଏନେଇ ସେ ମୁଖ୍ୟଶାସନ ସଚିବଙ୍କୁ ଭେଟି ଜଣାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଶାଳପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମଣ ମାରାଣ୍ଡିଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ଅଞ୍ଚଳବାସୀ ହନ୍ତସନ୍ତ

● ସ୍ୱାମୀ ହତ୍ୟାକାରୀକୁ ଗିରଫ କରି କୋର୍ଟ ଚାଲାଣ କଲା ପୁଲିସ

ଦୁର୍ଘଟଣାରେ ମୃତ୍ୟୁ ଅଭିଯୋଗ ଦର୍ଶାଇଥିଲା ଅଭିଯୁକ୍ତ ସ୍ତ୍ରୀ



ତୁରୁମୁଙ୍ଗା, ୧୭।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ ଶନିବାର ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ସ୍ତ୍ରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ଅଭିଯୁକ୍ତ ହେଉଛି ସାହାରପଡ଼ା ବ୍ଲକ ଗୋଧିନାଳୀ ଗ୍ରାମର ପାନେଶ୍ୱରୀ ମଝି (୩୮)। ସୂଚନା ଅନୁସାରେ, ଗତ ୧୨ ତାରିଖ ସୋମବାର ରାତିରେ ଗୋଧିନାଳି ଗ୍ରାମରେ ମାଛ ଭଜାକୁ ନେଇ ସ୍ତ୍ରୀ ପାନେଶ୍ୱରୀ ଓ ସ୍ୱାମୀ ଅର୍ଜୁନ ମାଝିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ ସ୍ତ୍ରୀଙ୍କୁ ନିଆଁ ଖୁଣ୍ଟା ଧରି ମାଡ଼ ମାରିବାକୁ ଦୌଡେଇଥିଲା। ପାନେଶ୍ୱରୀ ମଧ୍ୟ ରାଗି ଯାଇ ଏକ ବାଉଁଶ ଠେଙ୍ଗାରେ ସ୍ୱାମୀ ଅର୍ଜୁନ ମାଝୀର ମୁଣ୍ଡକୁ ପିଟିଥିଲା। ଏହାପରେ ସ୍ତ୍ରୀ ପାନେଶ୍ୱରୀ ଭାଲିଆଡିହା ପଡ଼ିଆ ନିକଟରେ ସଡ଼କ ଦୁର୍ଘଟଣାରେ ମୁଣ୍ଡ ଫାଟିଥିବା ଦର୍ଶାଇ ପାଟଣା ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସୂଚନା ଯେ ଠେଙ୍ଗା ମାଡ଼ରେ ଗୁରୁତର ହୋଇଥିବା ଅର୍ଜୁନ କଥା କହିର ପାରୁ ନଥିଲେ। ପ୍ରତ୍ୟକ୍ଷ ଦର୍ଶୀ, ପାରିପାର୍ଶ୍ୱିକ ସ୍ଥିତି, ସାକ୍ଷୀ, ଶବ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପାନେଶ୍ୱରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି। ଏନେଇ ପାଟଣା ଥାନାରେ ୧୭/୨୬ରେ ଏକ ମାମଲା ରୁଜୁ ହୋଇଛି।

ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବାଲିବନ୍ଧ,୧୭।୧(ସମିସ): ବାମେବାରୀ ଥାନା ଧାତିକା ସାନ କାଳିମାଟିସ୍ଥିତ ଏକ ଗଡ଼ିଆ ନିକଟରୁ ଶୁକ୍ରବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ନିକଟସ୍ଥ ସାନ କାଳିମାଟି ଗ୍ରାମର ଗୁରୁବାରୀ ମୁଣ୍ଡା(୬୦) ବୋଲି ଜଣାପଡ଼ିଛି। ନିଜ ପୁଅ ବୋହୂ ସହିତ ଧାତିକା ଗ୍ରାମରେ ରହୁଥିବା ବିଧବା ଗୁରୁବାରୀ ଗୁରୁବାର ସନ୍ଧ୍ୟାରେ କୌଣସି କାମରେ ସାନ କାଳିମାଟି ଗ୍ରାମକୁ ଯାଇ ଘରକୁ ଫେରି ନଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ କାଳିମାଟି ସ୍କୁଲ ନିକଟ ଏକ ଗଡ଼ିଆ ପାଖରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଡିଆଇଇଟିରେ ଦ୍ୱିଦିବସୀୟ ଜିଲ୍ଲାସ୍ତରୀୟ ପାଠଚକ୍ର ଉଦ୍‌ଯାପିତ



କେନ୍ଦୁଝର, ୧୭।୧(ସମିସ):

ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନରେ ଆୟୋଜିତ ଦୁଇଦିନିଆ ପାଠଚକ୍ର ଶନିବାର ଉଦ୍‌ଯାପିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀଙ୍କ ଅଧ୍ୟକ୍ଷତାରେ ରାଜଧାନୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡ଼ ଅଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ଜଗନ୍ନାଥ କୁଅଁର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ଡିଆଇଇଟିର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡଃ ଅକ୍ଷୟ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସାଗରିକା ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରସିଂହ ମୁର୍ମୁ ଅତିଥି ପରିଚୟ ଦେଇଥିଲେ। ପାଠଚକ୍ର ବିଭାଗର ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ପାଠ୍ୟଚକ୍ରର ଉଦ୍ଦେଶ୍ୟ ଓ ସାରାଂଶ ଉପସ୍ଥାପନ କରିଥିଲେ। ପ୍ରଥମ ଅଧିବେଶନରେ ବରିଷ୍ଠ ପ୍ରଶିକ୍ଷିକା ସାକ୍ଷୀ ସୋରେନଙ୍କ ସଂଯୋଜନାରେ ଚାରୋଟି ସଂଦର୍ଭ ଓ ଦ୍ୱିତୀୟ ଅଧିବେଶନରେ ଚାରୋଟି ସଂଦର୍ଭ ଉପସ୍ଥାପିତ ହୋଇଥିଲା। ଡଃ ଅଜୟ କୁମାର ସ୍ୱାଇଁ ଏବଂ ଡଃ ଜଗନ୍ନାଥ କୁଅଁର ସଂଦର୍ଭଗୁଡିକର ମୂଲ୍ୟାୟନ କରିଥିଲେ। ପାଠଚକ୍ରରେ ପାଟଣା ବ୍ଲକର ରାମେଶ୍ୱର ବାରିକ, ପ୍ରଶାନ୍ତ କୁମାର, ହାଟଡିହି ବ୍ଲକର କେଶବଚନ୍ଦ୍ର କରଙ୍କ ସଂଦର୍ଭ ଶ୍ରେଷ୍ଠ ବିବେଚିତ ହୋଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରଶିକ୍ଷକ ନରସିଂହ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଧା ପ୍ରସାରଣରେ ଶିକ୍ଷକ ପ୍ରଶିକ୍ଷକ ନୀଳାଦ୍ରି ବିହାରୀ ମହାପାତ୍ର ସହଯୋଗ କରିଥିଲେ। ଡିଆଇଇଟି କେନ୍ଦୁଝରର ସମସ୍ତ ବରିଷ୍ଠ ପ୍ରଶିକ୍ଷକ-ପ୍ରଶିକ୍ଷିକା ସଞ୍ଜିତ ପ୍ରଧାନ, ତଦାସା ତଟିନୀ ପଣ୍ଡା, ଶିକ୍ଷକ ପ୍ରଶିକ୍ଷକ ବିବେକାନନ୍ଦ ନାୟକ, ଅମିତ ଗିରି, ସୁରେଶ ନାୟକ ଏବଂ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଗଡ଼ଚଣ୍ଡୀ ପୀଠରେ ପଞ୍ଚମୁଖୀ ବଜରଙ୍ଗୀ ମହାସଂଘର ସେବାକାର୍ଯ୍ୟ

ହାଟଡ଼ିହୀ,୧୭।୧(ସମିସ): ହାଟଡ଼ିହୀ ବ୍ଲକ ସୁନ୍ଦରାପାଳସ୍ଥିତ ମା' ଗଡ଼ଚଣ୍ଡୀଙ୍କ ପୀଠରେ ପବିତ୍ର ମକର ମେଳା ଉପଲକ୍ଷେ ସର୍ବଭାରତୀୟ ପଞ୍ଚମୁଖୀ ବଜରଙ୍ଗୀ ମହାସଂଘ ତରଫରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦିଆଯାଇଛି। ମହାସଂଘର ସଭାପତି ପ୍ରତାପଚନ୍ଦ୍ର ଖଣ୍ଡେଇ ଓ ସମ୍ପାଦକ କ୍ରିଷ୍ଣା ପାତ୍ରଙ୍କ ନେତୃତ୍ୱରେ ଶତାଧିକ ପଞ୍ଚମୁଖୀ ବଜାରଙ୍ଗୀ ସଦସ୍ୟ ମନ୍ଦିର ପ୍ରାଙ୍ଗଣକୁ ସଫାସୁତୁରା କରିଥିଲେ। ମକର ମେଳା ଉପଲକ୍ଷେ ୩ଦିନ ଧରି ପୂଜାର୍ଚ୍ଚନା ସହ ମକର ମେଳା ପାଇଁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରକାରର ଦୋକାନ ବଜାର ସାଙ୍ଗକୁ ମିନବଜାରରେ ଜମିଥିଲା ଲୋକଙ୍କ ଭିଡ଼। ସଫାସୁତୁରା କରି ମାଗଣା ପ୍ରସାଦ, ଚପଲ ସେବା ଆଦି ଯୋଗାଇ ଦେଇଥିଲେ। ଏପରିକି ମେଳାର ଅନ୍ତିମ ଦିନ ତଥା ଶନିବାର ପୂର୍ବାହ୍ନରେ ମନ୍ଦିର ପରିସରକୁ



ବଣଭୋଜି ଋତୁ ଆରମ୍ଭରୁ ଏଠାକାର ବଣପାହାଡ଼ ପରିବେଶରେ ଭୋଜିଭାତ ନେଇ ପ୍ରତିଦିନ ଶତାଧିକ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଛି। ହଜାର ହଜାର ଲୋକଙ୍କ ସମାଗମ ହେତୁ ଚତୁଃପାର୍ଶ୍ୱରେ କୁଡ଼ କୁଡ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିଲା। ପରିଷ୍କାର ପରିଚ୍ଛନ୍ନ ହିଁ ମନରେ ଶାନ୍ତି, ଚଞ୍ଚଳତା ସୃଷ୍ଟି କରିଥାଏ ବୋଲି ପଞ୍ଚମୁଖୀ ବଜରଙ୍ଗୀ ମହାସଂଘ ପକ୍ଷରୁ ମନ୍ଦିର ପ୍ରାଙ୍ଗଣ ସହ ଚତୁଃପାର୍ଶ୍ୱ ସ୍ଥାନରେ ପଡ଼ିଥିବା କୁଡ଼ କୁଡ଼ ଅଳିଆ ଆବର୍ଜନା ସଫାସୁତୁରା କରାଯାଇଛି। ଏହି ସେବାକାର୍ଯ୍ୟରେ ଅବିନାଶ ଦେହୁରୀ, ବଳରାମ ପାତ୍ର, ବାବା ନାଏକ, ଅନାଥ ଦେହୁରୀ, ଶରତ ପଲେଇ, ପ୍ରଭାତ ପାତ୍ର, ସନ୍ତୋଷ ପାତ୍ର, ଲକ୍ଷ୍ମୀକାନ୍ତ ମାଝୀ, ମୁନ୍ନା ମୁଣ୍ଡା, ମିଲୁ ମୁଣ୍ଡା, ପ୍ରଶାନ୍ତ ମୁଣ୍ଡା, ମକୁନ୍ଦ ମୁଣ୍ଡା, ଚିନ୍ମୟ ଖଣ୍ଡେଇ, ନନ୍ଦକିଶୋର ମୁଣ୍ଡା, ରମେଶ ମୁଣ୍ଡା, ପିତାମ୍ବର ମୁଣ୍ଡା, ଟୁକୁନା ହୋ, ଗଣେଶ ମୁଣ୍ଡା, ପପୁ ପଡ଼ିଆରୀ, ନାଣ୍ଟୁ ହାଁସଦା, ନନନ୍ ମୁଣ୍ଡା, ଧର୍ମରାଜ ଦେହୁରୀ, ସୁବ୍ରତ ପାତ୍ର, ସୁନନ୍ଦ ହୋଙ୍କ ସହ ଶହେରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥିଲେ। ଆସନ୍ତା ଦିନରେ ଏହିପରି ସେବା ଯୋଗାଇବା କାର୍ଯ୍ୟ ଅବ୍ୟାହତ ଭାବେ ଜାରି ରହିବ ବୋଲି ସଭାପତି ପ୍ରତାପ ଖଣ୍ଡେଇ କହିଛନ୍ତି।

ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ



କେନ୍ଦୁଝର, ୧୭।୧(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ସ୍ୱଦେଶୀ ସଂକଳ୍ପ ରଥ କେନ୍ଦୁଝର ଜିଲ୍ଲାରେ ପହଞ୍ଚିଥିଲା। ସଂକଳ୍ପ ଯାତ୍ରା ଜିଲ୍ଲା ସଂଯୋଜକ ମାନସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ରଥକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାଗତ କରାଯାଇଥିଲା। ରଥ ପହଞ୍ଚିବା ପରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଘୋଷ ବଜାଇ ଅଭିବାଦନ କରିଥିଲେ। ସ୍ୱେଚ୍ଛାସେବୀ ମହିଳାମାନେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରି ବିଦ୍ୟା ମନ୍ଦିର ଭିତରକୁ ରଥକୁ ନେଇଥିଲେ। ସେଠାରେ ଜିଲ୍ଲା ସଂଘଚାଳକ ଭାଗୀରଥି ପୃଷ୍ଟି ଉପସ୍ଥିତ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ଉଦବୋଧନ ଦେବା ସହ ସ୍ୱଦେଶୀ ସଂକଳ୍ପ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ସ୍ୱଦେଶୀ ଜାଗରଣ ମଞ୍ଚ କେନ୍ଦୁଝର ଶାଖା କାର୍ଯ୍ୟକର୍ତ୍ତା ସନ୍ତୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଲେଖ ମହାନ୍ତ, ସ୍ୱେଚ୍ଛାସେବୀ ବବିତା ରାମ, ପ୍ରମୋଦ ବାବୁ ସହଯୋଗ କରିଥଲେ। ପ୍ରଶାନ୍ତ କୁମାର ଭୂୟାଁ ପୁରୀ ବିଭାଗ ସଂଯୋଜକ, ରାଜେଶ ଦାସ, ପ୍ରାନ୍ତ ସଂଗଠକ, ଓଡ଼ିଶା ପୂର୍ବ, ହୃଷିକେଶ ପ୍ରଧାନ, ପୂର୍ଣକାଳିକ, ନୟାଗଡ଼ ଜିଲ୍ଲା ଧୀରେନ୍ଦ୍ର ସାହୁ, ମନୋଜ ଶତପଥୀ, ଭବାନୀ ଶଙ୍କରଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପରେ ସ୍ୱଦେଶୀ ସଂକଳ୍ପ ରଥ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ବାହାରି ଯାଇଥିଲା।

● ସର୍ବଭାରତୀୟ ମା' ମଙ୍ଗଳା କପ୍ କ୍ରିକେଟ

କେନ୍ଦୁଝରକୁ ହରାଇ ଭୁବନେଶ୍ୱର ସେମିରେ

ଆନନ୍ଦପୁର, ୧୭।୧ (ସମିସ): ସର୍ବଭାରତୀୟ ମା' ମଙ୍ଗଳା କପ କ୍ରିକେଟ ଟୁର୍ନାମେଣ୍ଟରେ କେନ୍ଦୁଝରକୁ ହରାଇ ଭୁବନେଶ୍ୱର ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ କେନ୍ଦୁଝର ଟସ ଜିଣି ୨୩ ଓଭରରେ ୧୬୧/୯ ରନ କରିଥିବା ବେଳେ ଜବାବରେ ଭୁବନେଶ୍ୱର ୧୫.୩ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଛି। ଦଳ ପକ୍ଷରୁ ସୌମ୍ୟ ବିଶ୍ୱାଳ ୩୪ ବଲରେ ୬୧ ରନ କରିଥିବା ବେଳେ



ରୋହିତ ସାଗର ୨୫ ବଲରେ ୩୫ ରନ କରିଥିଲେ। ଭୁବନେଶ୍ୱରର ପପୁ ରୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ରମେଶ ମହାରଣା ଓ ପ୍ରାଣନାଥ ଜେନା, ସ୍କୋରର ମନୋରଞ୍ଜନ ଦାଶ, ସମ୍ବିତ ଜେନା, ଭାଷ୍ୟକାର ବୁବୁ ସିଂହ୍ନା ଖେଳ ପରିଚାଳନା କରିଥିେ। ମୁଖ୍ୟଅତିଥି ଭାବେ ଘସିପୁରା ବିଡ଼ିଓ ବିନିତା ବିଜୟିନୀ, ସମ୍ମାନିତ ଅତିଥି ସନ୍ତୋଷ କୁମାର, ଦିଲ୍ଲୀପ କୁମାର ବେଜ ଯୋଗ ଦେଇଥିଲେ। କ୍ଲବ୍ ସଦସ୍ୟ ଜ୍ୟୋତିର୍ମୟ ଦାଶ ମାନସ ସାହୁ, ଦାମୋଦର ସାହୁ, ତୋଫାନ ସାହୁ, ଚିନ୍ମୟ ନାୟକ, ରାଜେଶ ପଣ୍ଡିତ, ଉଜ୍ଜଳ ସେନାପତି, ସତ୍ୟଜିତ ଜେନା ରାଜମଙ୍ଗଲ ନାୟକ ସାହିର ଖାନ, ରାଜକିଶୋର ପେରେଇ, ବାପୁନ, ଦେବ, ବବୁଲ, ସାଇ ଶୁଭଙ୍କର ପାଢ଼ୀ, ଶୁଭଙ୍କର, ମୁନା ସୁରେଶ ସାହୁ ରମେଶ ସାହୁ, ତାପସ ପଡିଆରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

ଜଗତ୍ ଜନନୀ କ୍ଲବ୍‌ର ଟୁସୁ ମହାମିଳନ ମହୋତ୍ସବ



ତୁରୁମୁଙ୍ଗା, ୧୭।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମର ଜଗତ ଜନନୀ କ୍ଲବ ପକ୍ଷରୁ ଟୁସୁ ମହାମିଳନ ମହୋତ୍ସବ ଓ ଟୁସୁ ପ୍ରତିଯୋଗିତା ଶୁକ୍ରବାର ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତ୍ରିନାଥ ମହାନ୍ତ ଓ ଚତୁର୍ଭୁଜ ଦାସ ସଂଯୋଜନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ୨୩ ନଂ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ଓ ମୁଖ୍ୟବକ୍ତା ଭାବେ ଏରେଣ୍ଡେଇ ପଞ୍ଚାୟତ ନାଏବ ସରପଞ୍ଚ ଉମାକାନ୍ତ ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ଚରଣ ମହାନ୍ତ, ଲଳିତ କୁମାର ମହାନ୍ତ, ଶୈଳଚନ୍ଦ୍ର ମହାନ୍ତ ଓ ଖଗେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇ କୁଡୁମୀ ଜାତିର ଗାରିମାମୟ ଇତିହାସର ସ୍ମୃତି ସାଉଁଟିବା ପାଇଁ ଟୁସୁ ମହୋତ୍ସବ ଏକ ବଳିଷ୍ଠ ମାଧ୍ୟମ ବୋଲି ମତ ରଖିଥିଲେ। ଆୟୋଜିତ ଟୁସୁ ପ୍ରତିଯୋଗିତାରେ ପାଟଣା, ସାହାରପଡା ବ୍ଲକର ବଛା ବଛା ୧୦ଟି ଟୁସୁ ମେଢ ଅଂଶଗ୍ରହଣ କରିଥିଲେ। ଏହି ମେଢ଼କୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାବେଶରେ ଏମଜେ ଝୁମୋର ଗ୍ରୁପ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲା। ଟୁସୁ ଆୟୋଜନର ସଭାପତି ଗୁରୁଚରଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୂଷାନାଳୀର ମା' ବାସୁଳୀ ଟୁସୁ ଦଳ ପ୍ରଥମ, ଝଲିଆପଡା ଦ୍ୱିତୀୟ ଓ ଗୋଜାପଥର ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିବା ବେଳେ ଅନ୍ୟ ଦଳମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଗତ ଜନନୀ କ୍ଲବ ସଦସ୍ୟ ଅଭିଷେକ ମହାନ୍ତ ଅବିନାଶ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ସନ୍ତୋଷ ମହାନ୍ତ, ଡମ୍ବୁରୁଧର ମହାନ୍ତ, କରୁଣାକର ମହାନ୍ତ, ହରିହର ମହାନ୍ତ, କୃପାସିନ୍ଧୁ ମହାନ୍ତ, ବିଚିତ୍ର ମହାନ୍ତ, ନେତ୍ରାନନ୍ଦ ମହାନ୍ତ, ରାକେଶ ମହାନ୍ତ ଓ ପପୁ ମହାନ୍ତ ସହିତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

ବରକୋଟି ମକରମେଳାରେ ପ୍ରବଳ ଜନସମାଗମ

ଆନନ୍ଦପୁର, ୧୭।୧(ସମିସ): ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତ ବରକୋଟି ମକରମେଳାରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି। ଗତ ୧୪ତାରିଖରୁ ମେଳା ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ମକର ସଂକ୍ରାନ୍ତି ଦିନ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଚନ୍ଦନେଶ୍ୱର ଓ ମା'ବରକୋଟିଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ଚନ୍ଦନେଶ୍ୱରଙ୍କ ପୂଜକ ସୁବାସ ଦାଶ, ବରକୋଟିଙ୍କ ପୂଜକ ସିଦ୍ଧାନ୍ତ ନାଇକ, ସୁନ୍ଦୁରିଆ ଗ୍ରାମର ମୁରବୀ ଅନାଦି ବିନିଶା, ଅଙ୍ଗଦ ନାଇକ, ନଟ ନାଇକ, କୁସାସନ ନାଇକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଠାରେ ମେଳାପାଇଁ ଶହେରୁ ଅଧିକ ଷ୍ଟଲ ଲାଗିଥିବାବେଳେ ଅପରାହ୍ନ ୨ଟାରୁ ଲୋକମାନଙ୍କ ସମାଗମ ହୋଇଥିଲା। ମେଳାରେ ହରେକ ମାଲ, ଘରକରଣା ସାମଗ୍ରୀ ରହିଥିବାବେଳେ ଯୁବଗୋଷ୍ଠୀ ଫାଷ୍ଟଫୁଡ, ଚାଉମିନ୍, ଦୋସା, ବାରମଜା, ଆଇସକ୍ରୀମର ମଜା ଉଠାଇଥିଲେ। ଅପରାହ୍ନରେ ମେଳାରେ ଭଲ କାରବାର ହୋଇଥାଏ ବୋଲି ଗତ ଚାରିବର୍ଷ ହେଲା ଏଠାକୁ ବାରମଜା ବିକ୍ରି କରିବାକୁ ଆସିଥିବା ନଦା ଗ୍ରାମର ଉମାକାନ୍ତ ଖଣ୍ଡେଇ ପ୍ରକାଶ କରିଛନ୍ତି। ମେଳାକୁ ଆସୁଥିବା ଲୋକମାନେ ପାହାଚରେ ଯାଇ ପାହାଡ ଉପରୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ସୁନ୍ଦୁରିଆ ଗ୍ରାମବାସୀ, ମନ୍ଦିର କମିଟି ସଦସ୍ୟ, ଶ୍ରୀମା



ବାରଖଣ୍ଡା କ୍ଲବର ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା କରୁଛନ୍ତି। ସମିତିସଭ୍ୟ ମାନସ ରଞ୍ଜନ ନାଇକ, ଗୋପବନ୍ଧୁ ନାଇକ, ବିଭୀଷଣ ନାଇକ, ସୁକାନ୍ତ ବିନିଶା, ପ୍ରଶାନ୍ତ ବିନିଶା, ମାଧ ନାଇକ, ଯଶୋବନ୍ତ ନାଇକ, ଉଦ୍ଧବ ବିନିଶା, ଜଗନ ବିନିଶା, ସୁନୀଲ ନାଇକ, ଲକ୍ଷ୍ମଣ ନାଇକ, ଅଜିତ ନାଇକ, ରବି ନାଇକ, ସୁରେଶ ନାଇକ, ଅଶ୍ୱନୀ ବିନିଶା, ଅନିଲ ନାଇକ, ଶ୍ରୀକାନ୍ତ ନାଇକ, ଉପେନ୍ଦ୍ର ନାଇକ, ଶରତ ନାଇକ, ତପନ ନାଇକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପଶ୍ଚିମଓଡ଼ିଶା ଇତିହାସ କଂଗ୍ରେସ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ସମ୍ବଲପୁର, ୧୭।୧ (ସମିସ)



ସରକାରୀ ମହିଳା ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର ଦୁଇଦିନିଆ ତୃତୀୟ ବାର୍ଷିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ସମ୍ବଲପୁରସ୍ଥିତ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ କହିଥିଲେ ଯେ, ମାନବ ସମ୍ବଳର ଯଥାଯଥ ବିନିଯୋଗର ଇତିହାସ ଲିପିବଦ୍ଧ ହେବା ଆବଶ୍ୟକ । ଆଞ୍ଚଳିକ ଇତିହାସ ସୂକ୍ଷ୍ମ ସମସ୍ୟା ସମୂହକୁ ଜାଗରୁକ କରିବାରେ ସମର୍ଥ ହୋଇଥାଏ । କଂଗ୍ରେସର ସଭାପତି ପ୍ରଫେସର ଗୌରୀଶଙ୍କର ପଟେଲ ଉତ୍ସବର ସଫଳତା ପାଇଁ ମହାବିଦ୍ୟାଳୟର କର୍ମକର୍ତ୍ତା, ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସମ୍ପାଦକ ଡ. ସାକିର୍ ହୁସେନ ପଶ୍ଚିମ ଓଡ଼ିଶା ଇତିହାସର ଅନାଲୋଚିତ ଦିଗ ବିଶେଷତଃ ମୂଲ୍ୟବାନ ରତ୍ନପ୍ରସ୍ତରର ବାଣିଜ୍ୟର ଇତିହାସ ଉପରେ ଗବେଷଣା ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଛାତ୍ରୀ ଏବଂ ଗବେଷକମାନଙ୍କ ପ୍ରତିକ୍ରିୟା, ମତାମତ ଏବଂ ପ୍ରସ୍ତାବମାନଙ୍କ ଗ୍ରାଫିକ୍ ଉପସ୍ଥାପନା କରିଥିଲେ । ଆଲୋଚନାଚକ୍ରରେ ପଶ୍ଚିମ ଓଡ଼ିଶାର ଅନାଲୋଚିତ ଅଧ୍ୟାୟକୁ ନେଇ ୭୨ଟି ଗବେଷଣା ପତ୍ର ପାଠ କରାଯାଇଥିଲା । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଂଯୋଜନା କରିଥିବାବେଳେ ପ୍ରଫେସର ମାମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ 'ଆତ୍ମନିର୍ଭର ଭାରତ କ୍ରାଫ୍ଟ ମେଳା' ଆୟୋଜନ କରାଯାଇଥିଲା । ଇତିହାସ ବିଭାଗ ଅଧ୍ୟାପିକା ମୀରା ପଟ୍ଟନାୟକ, ସୁହାନୀ ପଣ୍ଡା, ଆୟେଶା ପଣ୍ଡା, ବବି ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ



ହୀରାକୁଦ, ୧୭ ।୧(ସମିସ): ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବଲପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୂର୍ବରୁ ଆୟୋଜିତ ରାମାନୁଜନ ଗଣିତ ଅଲିମ୍ପିୟାଡ଼ ଓ ସାଧାରଣଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଭାଇଭଉଣୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ମାତା, ପିତା, ଗୁରୁ ଏମାନେ ଆମ ଚଳନ୍ତି ଠାକୁର ଥିବାରୁ ତାଙ୍କୁ ଆମେ ସମ୍ମାନ କଲେ ନିଶ୍ଚୟ ଭବିଷ୍ୟତରେ ଉନ୍ନତି କରିପାରିବା ବୋଲି କହିଥିଲେ ।କାର୍ଯ୍ୟକ୍ରମକୁ ପର୍ଯ୍ୟାୟ ପ୍ରମୁଖ ବୈକୁଣ୍ଠ ନାଗ, ନିବେଦିତା ମହାନ୍ତ ପରିଚାଳନା କରିଥିଲେ । ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।



ବାମରାର ପ୍ରସିଦ୍ଧ ମକର ମହୋତ୍ସବରେ ଗାୟିକା ଅର୍ଚ୍ଚନା ପାଢ଼ୀଙ୍କ ଗୀତ ପରିବେଷଣ

ଅଜଣା ବ୍ୟାଗ ପଡ଼ିଥିବା ନେଇ ବୋମା ଗୁଜବ

ସମ୍ବଲପୁର, ୧୭ ।୧(ସମିସ): ଅଇଁଠାପାଲି ଥାନ ବୁଢ଼ାରଜା ସହଯୋଗ ନଗର ଯିବା ରାସ୍ତାରେ ଶନିବାର ସନ୍ଧ୍ୟାରେ ଏକ ବ୍ୟାଗ ବହୁ ସମୟ ଧରି ପଡ଼ି ରହିଥିଲା । ଫଳରେ ସ୍ଥାନୀୟ ମହଲରେ ବୋମା ଥିବା ନେଇ ଆତଙ୍କ ଖେଳି ଯାଇଥିଲା । ବୋମ ସ୍କ୍ୱାର୍ଡ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା ହେଲେ କିଛି ପାଇନଥିଲା । ଜଣେ ବ୍ୟକ୍ତି ଏୟାରପୋର୍ଟରୁ ଘରକୁ ଫେରୁଥିବା ବେଳେ ବାଟରେ ବ୍ୟାଗଟି ପଡ଼ି ଯାଇଥିଲା । କିଛି ଦିନ ଆଗରୁ କୋର୍ଟରେ ଆର୍‌ଡିଏକ୍ସ ଗୁଜବ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ୱେବସାଇଟ୍ ହ୍ୟାକ ଘଟଣା ପରେ ସହରରେ ଭୟ ସୃଷ୍ଟି ହୋଇଥିଲା । ତେଣୁ ଲୋକେ ଅଜଣା ବ୍ୟାଗ ଦେଖି ଭୟଭୀତ ହୋଇଥିଲେ । କିଛି ଦିନ ଆଗରୁ ସମଲେଇ ମନ୍ଦିରରେ ମଧ୍ୟ କେହି କ୍ୟାମେରା ବ୍ୟାଗ ଛାଡି ଯାଇଥିଲେ । ତେଣୁ ସେଠାରେ ମଧ୍ୟ ଆତଙ୍କ ଖେଳି ଯାଇଥିଲା । ସମ୍ବଲପୁର ପୁଲିସ, ବମ୍ ସ୍କ୍ୱାର୍ଡ ଏପରି ଘଟଣା ଆସିଲେ ସଙ୍ଗେ ସଙ୍ଗେ ଗୁରୁତର ସହ ନେଇ ଯାଞ୍ଚ ପକ୍ରିୟା କରୁଛନ୍ତି ।

ରାଜେଶ୍ୱରୀ ଧରଙ୍କ ପରଲୋକ



ସମ୍ବଲପୁର, ୧୭।୧ (ସମିସ) : ସିନ୍ଦୂରପଙ୍କ ନିବାସୀ ରାଜେଶ୍ୱରୀ ଧର(୮୫)ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ଧର୍ମପରାୟଣ ମହିଳା ଥିଲେ । ଶେଷ ଶଯ୍ୟା ନିକଟରେ ସ୍ୱାମୀ ଗିରିଧାରୀ ଧର, ପୁଅ ବିଜୟ, ଜୟନାରାୟଣ, ପୁରୁଷୋତ୍ତମ ଓ ନରୋତ୍ତମ, ଝିଅ ବାସନ୍ତୀ, କୁନ୍ତୀ, ଶାନ୍ତି ଓ ସୁକାନ୍ତି ତଥା ଜ୍ୱାଇଁ, ବୋହୂ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ରାଜେଶ୍ୱରୀଙ୍କ ବିୟୋଗରେ ଜ୍ଞାତି ପରିଜନ ମହଲରେ ଶୋକର ଛାୟା ଖେଳିଯାଇଛି ।

ଶିଶୁକନ୍ୟାକୁ ମିଳିଲା ନୂଆ ପରିଚୟ



ସମ୍ବଲପୁର, ୧୭।୧ (ସମିସ) : ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ୪ ମାସର ଶିଶୁକନ୍ୟାକୁ ପୋଷ୍ୟ ଦମ୍ପତିକୁ ହସ୍ତାନ୍ତର କରିଛନ୍ତି । ରୁକ୍ମିଣୀ ଲାଠ ନିକେତନଠାରେ ଥିବା ୪ ମାସର ପ୍ରଦତ୍ତ ଶିଶୁ କନ୍ୟାକୁ ପଶ୍ଚିମବଙ୍ଗର ଏକ ଦମ୍ପତି ଗ୍ରହଣ କରିଛନ୍ତି । ଶିଶୁ କନ୍ୟାଟି ବାପାମା' ସହ ନୂତନ ପରିଚୟ ପାଇଛି । ଏହି ଦମ୍ପତିଙ୍କର କୌଣସି ସନ୍ତାନ ନଥିବାରୁ ସେମାନେ ପୋଷ୍ୟ ଗ୍ରହଣ ପାଇଁ ସର୍ବଭାରତୀୟସ୍ତରରେ ଆବେଦନ କରିଥିଲେ । ଜିଲ୍ଲା ପ୍ରଶାସନ ଓ ସିଡବ୍ଲୁସି ପକ୍ଷରୁ ନିୟମାନୁଯାୟୀ ସେମାନଙ୍କ ଆବେଦନ ଓ ଅନ୍ୟ ତଥ୍ୟ ଯାଞ୍ଚ କରାଯିବାପରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଆଜି ଜିଲ୍ଲାପାଳଙ୍କ ଚ୍ୟାମ୍ବରରେ ଜିଲ୍ଲାପାଳ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିବାସହ ବିଭିନ୍ନ ପରାମର୍ଶ ଦେଇଛନ୍ତି । ଏହି ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଓ ଆଇନଜୀବ ପ୍ରଦୀପ ବହିଦାର ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥିକ ବର୍ଷର ଏଯାବତ୍ ୬ ଜଣ ଶିଶୁ କନ୍ୟାଙ୍କୁ ବିଭିନ୍ନ ରାଜ୍ୟର ଇଚ୍ଛୁକ ଦମ୍ପତିମାନେ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ।

ରାସ୍ତା ଖୋଳି ଛାଡ଼ିଦେଲେ, ଲୋକେ ହନ୍ତସନ୍ତ



ସମ୍ବଲପୁର, ୧୭।୧ (ସମିସ) : ସମ୍ବଲପୁର ସହରରେ ଯାହାର ଇଚ୍ଛା ରାସ୍ତା ଖୋଳି ପରେ ତାହାକୁ ନପୋତି ଚାଲିଯାଉଛନ୍ତି । ମହାନଗର ନିଗମ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ସେଭଳି ସଂସ୍ଥା ବା ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏଭଳି କାର୍ଯ୍ୟର ଫଳ ଭୋଗୁଛନ୍ତି ସମ୍ବଲପୁରବାସୀ । କେଇଦିନ ତଳେ ବିପିସିଏଲ ପାଇପ୍ ଲାଇନ ପକ୍ଷରୁ ମୁଦିପଡ଼ା ଛକରୁ କ୍ଷେତରାଜପୁର ଷ୍ଟେସନକୁ ଯାଉଥିବା ରାସ୍ତା ମଝିରେ ଖୋଳି ଗ୍ୟାସ ପାଇପ୍ ପକାଯାଇଥିଲା । ତେବେ, ପାଇପ୍ ବିଛାଯିବା ପରେ ପୂର୍ବବତ୍ ରାସ୍ତାକୁ ମରାମତି କରାଗଲା ନାହିଁ । କେବଳ ଖୋଳିଥିବା ସ୍ଥାନରେ ମାଟି ପକେଇ ଚାଲିଯାଇଛନ୍ତି । ଏହି ରାସ୍ତା ଦେଇ ଯାଉଥିବା ଚାରିଚକିଆ ଗାଡ଼ି ଗୁଡ଼ିକର ଚକ ଦବିଯିବା ଫଳରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ପୁଣି ଗାଡ଼ି ଫଶିଯିବା ପରେ କିଛିସମୟ ପାଇଁ ଟ୍ରାଫିକ୍ ଜାମ୍ ହୋଇଯାଉଛି । ଟ୍ରାଫିକ୍ ପୁଲିସ ପକ୍ଷରୁ ଗାଡ଼ି ଯାତାୟାତ ନିୟନ୍ତ୍ରଣ କରିବାକୁ ପୁଲିସ ମୁତୟନ ଥିଲେ ହେଁ ଘଣ୍ଟା ଘଣ୍ଟା ଧରି ଲୋକେ ଜାମ୍‌ରେ ଫଶି ଅତିଷ୍ଠ ହୋଇଯାଉଛନ୍ତି । ମହାନଗର ନିଗମ ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏହାକୁ ନଜରଅନ୍ଦାଜ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

ଚିକିତ୍ସାଧୀନ ଅବସ୍ଥାରେ ଅଭିଯୁକ୍ତ ମୃତ

ସମ୍ବଲପୁର, ୧୭।୧ (ସମିସ) : ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଞ୍ଚଳରେ ଏକ ଜମି ମାମଲାକୁ ନେଇ ନିଆଯାଉଥିବା ଅଭିଯୁକ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଶାସନ ଥାନାର ଏକ ଜମି ମାମଲାରେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଗୁରୁପଡ଼ାର ଶ୍ରୀରଞ୍ଜନ ପଟ୍ଟନାୟକ (୫୫)ଙ୍କୁ ଶୁକ୍ରବାର ପୁଲିସ ଗିରଫ କରିଥିଲା । ତାଙ୍କୁ କୋର୍ଟଚାଲାଣ କରିବା ପୂର୍ବରୁ ସେ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ସଦର ଡାକ୍ତରଖାନା ଓ ପରେ ଭିମସାର୍‌ରେ ଭର୍ତ୍ତି କରାଯାଇଥିଲା । ଭିମ୍‌ସାର ମେଡିସିନ୍ ୱାର୍ଡରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି । ତାଙ୍କ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ପାଣିରେ ବୁଡ଼ି ପର୍ଯ୍ୟଟକ ମୃତ

ଜମନକିରା, ୧୭ ।୧(ସମିସ): ମୁକ୍ତେଶ୍ୱର ମନ୍ଦିର ବୁଲିବାକୁ ଆସି ପାଣିରେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । ଜମନକିରା ଥାନା ପ୍ରସିଦ୍ଧ ଶୈବପୀଠ ମୁକ୍ତେଶ୍ୱର ମନ୍ଦିରକୁ ବୁଲିବାକୁ ଆସି ନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡିଗଲେ ତାମିଲନାଡୁ କ୍ରିଷ୍ଣପୁରାମ ଅଞ୍ଚଳର ପର୍ଯ୍ୟଟକ ବାଲାଜୀ ଗଣେଶ କୁମାର ସୁବ୍ରମଣ୍ୟମ । ପାଣିରୁ ଉଦ୍ଧାର କରି ପ୍ରଥମେ ଜମନକିରା ଡାକ୍ତରଖାନା ଆଣି ସେଠାରୁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇ ଥିଲା । କୁଚିଣ୍ଡାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସାଙ୍ଗମାନଙ୍କ ସହ ଗଣେଶ କୁମାର ମୁକ୍ତେଶ୍ୱର ମନ୍ଦିରକୁ ବୁଲିବାକୁ ଆସିଥିବା ବେଳେ ଗାଧେଇବାକୁ ମନ୍ଦିର ପାର୍ଶ୍ୱସ୍ଥ ନଦୀକୁ ଯାଇଥିଲେ । ନଦୀର ଗଭୀର ପାଣିରେ ସେ ବୁଡି ଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରି ଜମନକିରା ଡାକ୍ତରଖାନାକୁ ଆନା ଯାଇଥିଲା । ପରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ପହଞ୍ଚି ପରିବାର ଲୋକଙ୍କୁ ସୂଚନା ପ୍ରଦାନ କରାଯାଇଛି ।

ଲୋକମୁକ୍ତି ସଂଗଠନ ପକ୍ଷରୁ ସଚେତନତା ସଭା



କୁଚିଣ୍ଡା, ୧୭ ।୧(ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କର୍ଲିଆଡିହି ଗ୍ରାମର ସାପ୍ତାହିକ ହାଟରେ ଲୋକମୁକ୍ତି ସଂଗଠନ ପକ୍ଷରୁ ଜରାବଗା ପଞ୍ଚାୟତସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।ସଭାରେ ଲୋକମୁକ୍ତି ସଂଗଠନ ପକ୍ଷରୁ ଉପଦେଷ୍ଟା ଅନନ୍ତ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନରେଗାକୁ ସମାପ୍ତ କରି ବିକଶିତ ଭାରତ ରୋଜଗାର ଓ ଅଜୀବିକା ଗ୍ୟାରେଣ୍ଟି ମିଶନ ଗ୍ରାମୀଣ ନାମରେ ନୂତନ ଆଇନ ଆଣିବା ଦ୍ୱାରା ଶ୍ରମିକଙ୍କ କିଭଳି ଆଇନଗତ ଅଧିକାରକୁ ସମାପ୍ତ କରି ଦିଆଯାଉଛି ସୂଚନା ଦେଇଥିଲେ । ଲୋକମୁକ୍ତି ସଂଗଠନର ସଂଯୋଜକ ଜିନିତ ସାମାଦ ଓ ସଂଯୋଜକ ରବୀନ୍ଦ୍ର ନାଏକ ପେସା ଆଇନ୍ ଓ ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ଜଣାଇ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ କରିଥିଲେ । ଲୋକମୁକ୍ତି ସଂଗଠନ ପକ୍ଷରୁ ସ୍ଥିର କରାଯାଇଥିବା ଦୁଇ ଶ୍ରମିକ ବିରୋଧୀ ଆଇନକୁ ପ୍ରତ୍ୟାହାର କରିବା ଏବଂ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବି ନେଇ ଆସନ୍ତା ୧୩ ଫେବୃଆରୀ ଦିନ ବାମରା ଠାରେ ସଂଗଠନ ପକ୍ଷରୁ ଗଣ ଶୋଭାଯାତ୍ରା ଏବଂ ପ୍ରତିବାଦ କରାଯାଇ ବାମରା ବିଡିଓଙ୍କ ଜରିଆରେ କେନ୍ଦ୍ରସରକାର ଏବଂ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ସଭା ପକ୍ଷରୁ ସଂକଳ୍ପ ନିଆଯାଇଥିଲା । ସଭାରେ ନାଏବ ସରପଞ୍ଚ ପୁରୁଷୋତ୍ତମ ମନୋହରୀ, ଉମ୍ଳାନ ତପ୍ପ, ପଦ୍ମିନୀ ଭୋଇ, ରାଜେନ କୁଲୁ, ମାତିଆସ ବାଗେ, ରହଣୀ ଗୌଡ, ପୁଷ୍ପଲତା କିସାନ୍, ସୌଭାଗ୍ୟ ଭଇଁଶା, ଶାନ୍ତି ଖେସ, ବାହାଲେନ୍ ଭେଙ୍ଗରା, ଅନନ୍ତ ନାଏକ, ଫିର୍ନୁସ ଡୁଙ୍ଗଡୁଙ୍ଗ ପ୍ରମୁଖଙ୍କ ସମେତ ଜରାବଗା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ପୁରୁଷ ମାନେ ଯୋଗଦାନ କରିଥିଲେ ।

ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ



ଯୁଯୋମୁରା / ସମ୍ବଲପୁର, ୧୭।୧ (ସମିସ) : ତିନି ଦିନ ଧରି ପାଳିତ ହେଉଥିବା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଅବସରରେ ଆଜି ପ୍ରଥମ ଦିନରେ ଯୁଯୋମୁରାରେ ପଦଯାତ୍ରା ଓ ବାଇକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଶତବାର୍ଷିକୀ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୁଯୋମୁରା ଗ୍ରାମୀଣ ଉଦ୍ୟାନ ପରିସରରୁ ଆରମ୍ଭ ହୋଇଥିଲା । ଏଠାରେ ଆୟୋଜିତ ସଭାରେ ଯୁଯୋମୁରା ବ୍ଲକ ଅଧକ୍ଷା ମମତା ନାଏକ, ବିଡିଓ ରାଜେଶ ଏକ୍କା, ଭାରପ୍ରାପ୍ତ ଥାନା ଅଧିକାରୀ ବିନୋଦିନୀ ନାଏକ, ବିଜେପି ନେତା ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ସ୍ଥାନୀୟ ସରପଞ୍ଚ ବାସନ୍ତୀ ପ୍ରଧାନ, ସମିତିସଭ୍ୟ ଜୟନ୍ତ ପ୍ରଧାନ, ସହିଦ ମଧୁ ଗଡ଼ତିଆ, ସ୍ମୃତି କମିଟିର ସଭାପତି କିରଣ ପ୍ରଧାନ, ସମ୍ପାଦକ ରଜନୀକାନ୍ତ ପାଣିଗ୍ରାହୀ, ପ୍ରଶାନ୍ତ ସିଂ, ଅଶ୍ୱିନୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଉଦ୍ୟାନ ପରିସରରେ ଥିବା ସହିଦ ମଧୁ ଗଡ଼ତିଆଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ତା'ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ନେଇ ଏକ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଏଥିରେ ଯୁଯୋମୁରା ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହୁଲପାଲି ଫୁଲଝରଣସ୍ଥିତ ପାର୍ବତୀ ଗିରି ଡିଗ୍ରୀ ମହାବିଦ୍ୟାଳୟ, ପାର୍ବତୀ ଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ମାତୃ ନିକେତନ ଉଚ୍ଚ ବିଦ୍ୟାଳୟ ଓ ମାତୃବିହାରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ପରେ ଯୁଯୋମୁରାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଫୁଲଝରଣସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳ ନିକେତନଠାରେ ପହଞ୍ଚିଥିଲା । ସେଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶତବାର୍ଷିକୀ କମିଟିର ଉପସଭାପତି ସୁରେଶ୍ୱର ପ୍ରଧାନ, ସମ୍ପାଦକ କୁଳଧର ପ୍ରଧାନ, ସହସମ୍ପାଦକ ଅରୁଣ ଦେହୁରୀ ଓ ଆଦିତ୍ୟ ରହନା, କୋଷାଧକ୍ଷ ସୁଶୀଳ ବେହେରା, ସଂଯୋଜକ ପ୍ରଫୁଲ୍ଲ ପଣ୍ଡାଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

ବାହୁଡ଼ିଲେ ବାବା ଧବଳେଶ୍ୱର



ସମ୍ବଲପୁର, ୧୭।୧ (ସମିସ): ସମ୍ବଲପୁର ଜିଲ୍ଲା ବାମରାର ପ୍ରସିଦ୍ଧ ହରିହର ମିଳନ ଓ ମକର ମହୋତ୍ସବରେ ବାମରାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ତିନିଦିନ ଧରି ପ୍ରଭୁ ମଦନମୋହନଙ୍କ ଆତିଥ୍ୟ ଗ୍ରହଣ କରିବା ପରେ ଆଜି ଅପରାହ୍ଣରେ ବାବା ଧବଳେଶ୍ୱର କେନ୍ଦୁପାନି ଗ୍ରାମସ୍ଥିତ ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । କେନ୍ଦୁପାନୀ ଗ୍ରାମର ଗୌନ୍ତିଆ ସୁନିଲ ନାୟକଙ୍କ ସହ ଗ୍ରାମବାସୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପାରମ୍ପରିକ ପୂଜାର୍ଚ୍ଚନା ପରେ ବାବା ଧବଳେଶ୍ୱରଙ୍କୁ ରଥାରୂଢ଼ କରାଇଥିଲେ । ମକର ମହୋତ୍ସବ କମିଟି ସଦସ୍ୟ ପ୍ରଫୁଲ୍ଲ ନାୟକ, ଜ୍ୟୋତି କୁମାର ଲାଠ, ସଞ୍ଜୟ ଜୈନ, ଅଲେଖ ବିଶ୍ୱାଳ, ବୀରବଲ୍ ପଟେଲ, ଆକାଶ ଦୀକ୍ଷିତ, ବୁଟୁ ମହାରଣା, ଦିନେଶ ଚୌଧୁରୀ, ସୁଧୀର ରାୟ, ସଞ୍ଜୟ ମେହେର, ଅଜୟ ଚୌଧୁରୀ ପ୍ରମୁଖ ବାବା ଧବଳେଶ୍ୱରଙ୍କ ରଥକୁ ଟାଣି ଡୁମେରମୁଣ୍ଡା ଛକ ପର୍ଯ୍ୟନ୍ତ ନେଇଥିଲେ । କେନ୍ଦୁପାଣି ମନ୍ଦିର କମିଟି ସଦସ୍ୟ ହେମନ୍ତ ସାହୁ, ଯୋଗବିହାରି ପରିଡ଼ା, କ୍ଷୀରୋଦ ସା ତଥା ଗ୍ରାମବାସୀ ରଥାରୂଢ଼ ବାବା ଧବଳେଶ୍ୱରଙ୍କୁ ପ୍ରାୟ ୮ କିଲୋମିଟର ଟାଣି ଟାଣି ସ୍ୱ ମନ୍ଦିରକୁ ନେଇଥିଲେ ।

ପିଏମ୍‌ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ରେଢ଼ାଖୋଲ, ୧୭ ।୧(ସମିସ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖନ୍ଦାଡ଼ିପ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ, ରେଢ଼ାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ଏନ୍ଏସି ଅଧକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟାପକ ଡ଼, ମନୋରଞ୍ଜନ ମହନ୍ତ, ଆଲୁମିନି ସଭାପତି ଗଣେଶ୍ୱର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପ୍ରମୋଦ କୁମାର ପଣ୍ଡା ଯୋଗଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମହନ୍ତ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସର୍ବ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡ଼ଃ ପଣ୍ଡା ଶିକ୍ଷା ବ୍ୟବସ୍ଥାର ବିଶଦ ଆଲୋଚନା ପୂର୍ବକ ପିଏମ୍‌ଶ୍ରୀ ବିଦ୍ୟାଳୟର ଆଦର୍ଶତା, ଉତ୍କୃଷ୍ଟତା, ମହନୀୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଇନ୍ନୋଭାରିଙ୍ଗ ଓଡ଼ିଶା ୨୦୩୬, ବିଜନେସ କଂକ୍ଲେଭ, ଟାଲେଣ୍ଟ ଗ୍ୟାଲେରୀର ବିଭିନ୍ନ ଷ୍ଟଲ ଗୁଡ଼ିକୁ ଅତିଥି ବୃନ୍ଦ ପରିଦର୍ଶନ କରିଥିଲେ ।



ଏହା ପରେ କବିତା ପାଠୋତ୍ସବ ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଅନିଲ କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବିଜ୍ଞାନ ଶିକ୍ଷକ ଶ୍ରୀ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।



ସାଧାରଣତନ୍ତ୍ର ଦିବସ ପାଇଁ ତର୍କ ପ୍ରତିଯୋଗିତା

ବରଗଡ଼, ୧୭।୧(ସମିସ): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ୭୭ ତମ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ (କନିଷ୍ଠ ବିଭାଗ) ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ଜିଲ୍ଲା ସ୍ତରୀୟ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ତତ୍ତ୍ୱାବଧାନରେ ଓ ଡ.ଡୋଳାମଣି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ୪୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ 'ରାଷ୍ଟ୍ର ନିର୍ମାଣରେ ଗଣତନ୍ତ୍ରର ଭୂମିକା' ଶୀର୍ଷକ ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରୀ ଆରାଧ୍ୟା ଲାଠ ପ୍ରଥମ, ରୋଟାରୀ ପବ୍ଲିକ ସ୍କୁଲ ଛାତ୍ରୀ ଅନୁକ୍ଷା ଶୁକ୍ଳା ଦ୍ୱିତୀୟ, ଏଇ ମିଶନ ପବ୍ଲିକ ସ୍କୁଲ ଛାତ୍ରୀ ଶୁଭ ଲକ୍ଷ୍ମୀ ଦୀପ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ବିବେକାନନ୍ଦ ଅଦାବର୍, ଉଦ୍ଧବ ଦେବତା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟାଉନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ତେବେ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

ବୈଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ପର୍ବ

ବରଗଡ଼, ୧୭।୧(ସମିସ): ସ୍ଥାନୀୟ ବୈଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ତଥା ବିଦ୍ୟାଳୟର ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଜୁନିୟର ମାନେ ନିଜ ସିନିୟର ମାନଙ୍କୁ ବିଦାୟ ଦେବାବେଳେ ଭାବପ୍ରବଣ ହୋଇଥିବା ଦେଖା ଯାଇଥିଲା। ଦ୍ୱିତୀୟ ବର୍ଷର ଆୟୁଷ, ଅନିଲ, ପ୍ରିତିଶ, ପରିଣୀତା, ତନ୍ମୟୀ, ଜ୍ୟୋସ୍ନାରାଣୀ ଓ ସାଇନା ବିଦ୍ୟାଳୟରେ ନିଜର ଦୁଇ ବର୍ଷର ଅନୁଭୂତି ବର୍ଣ୍ଣନା କରିବା ସହ ପ୍ରଥମ ବର୍ଷର ସାନ ଭାଇଭଉଣୀ ମାନଙ୍କୁ ଭଲ ବାଟରେ ଚାଲିବାର ଦିଗଦର୍ଶନ ଦେଇଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀମାନେ ଗୀତ ଓ ନୃତ୍ୟର ଆସରରେ ଦ୍ୱାଦଶ ଶ୍ରେଣୀର ବଡ ଭାଇଭଉଣୀ ମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କ ପାଇଁ କୌତୁକ ଖେଳର ଆୟୋଜନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରେରଣା ତଥା ସହଯୋଗରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ନିବେଶ, କ୍ରିଷ୍ଟାମୟୀ, ନେହା, ଶ୍ରେୟା, ଲିଜା, ପ୍ରୀତି, ପ୍ରଗତି, ରାକ୍ଷୀ, ରାଜ ଆର୍ଯ୍ୟନ ପ୍ରମୁଖ ଆୟୋଜନ କରିଥିଲେ।

କାଦୋବାହାଲ ସରସ୍ୱତୀ ଶିଶୁ ମନ୍ଦିରର ମାତୃ କର୍ମଶାଳା

ଅତାବିରା, ୧୭।୧(ସମିସ): କାଦୋବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୦ତମ ମାତୃ କର୍ମଶାଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାଦୋବାହାଲ କଲେଜ ଅଧ୍ୟାପିକା ଦିପ୍ତିମୟୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ରାଜେଶ୍ୱରୀ ଶତପଥୀ, ସିଆରସିସି ତ୍ରିଲୋଚନ ଭୁଏ, ପ୍ରଧାନଆଚାର୍ଯ୍ୟା ସୁକାନ୍ତି ସିଂହ ଯୋଗ ଦେଇଥିଲେ। ଶେଷରେ ଗୁରୁମା ଶିଖାରାଣୀ ଭୋଏ, ମଧୁମିତା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଗୁରୁମା ଯଶୋବନ୍ତି ମିଶ୍ର, ଚୁମକି ଭୁଏ, ରୀତାଞ୍ଜଳି ସିଂହ, ପି ସିରିଶା, ପ୍ରମୋଦିନି କୁମ୍ଭାର ପରିଚାଳନା କରିଥିଲେ। ମାଆମାନଙ୍କର ଝୋଟି, ଗୀତ, ସଙ୍ଗୀତ, ଚୌକି ପ୍ରତିଯୋଗୀତା ମଧ୍ୟ ହୋଇଥିଲା।

ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ପଦ୍ମପୁର, ୧୭।୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଇନଜୀବୀ ଦୀପ୍ତିମୟୀ ଶତପଥୀ ନାରୀ ସୁରକ୍ଷା ଓ ଆଇନଗତ ସଚେତନତା ସମ୍ପର୍କରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବୁନି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା, ଅଧ୍ୟାପିକା ମୋନାଲିସା ସ୍ୱାଇଁ ଏବଂ ସୁରେଶ୍ୱରୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ ନିଜର ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଡ.ସସ୍ମିତା ମେହେର ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପୁରୀରେ ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦର ସଂକୀର୍ତ୍ତନ ଜାଗରଣ ମହୋତ୍ସବ

ବରଗଡ଼, ୧୭।୧(ସମିସ): ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ବରଗଡ଼ ପକ୍ଷରୁ ରାଜ୍ୟସ୍ତରୀୟ ସଙ୍କୀର୍ତ୍ତନ ଜାଗରଣ ଓ ଭକ୍ତି ବର୍ଷଣ ମହୋତ୍ସବର ଦ୍ୱିତୀୟ ଦିବସରେ ଏକ ଦଳ ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚିଥିଲା। ସରଧାବାଲି ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ସହିତ ସଙ୍କୀର୍ତ୍ତନରେ ମନ୍ଦିର ପରିକ୍ରମା କରିଥିଲେ। ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଡ.ପ୍ରମୋଦ ଦାଶଙ୍କ ନେତୃତ୍ୱରେ ଶହ ଶହ ସଙ୍କୀର୍ତ୍ତନ କଳାକାର ସଙ୍କୀର୍ତ୍ତନ ଜାଗରଣ ଶୋଭାଯାତ୍ରାରେ ବାହାରି ପୁରୀ ବଡ ଆଖଡା ମଠରେ ପହଞ୍ଚି ଥିଲେ। ବାବାରାମ ନାରାୟଣ ଦାସ, ଉପଦେଷ୍ଟା ଲଳିତ ମୋହନ ପଣ୍ଡା, ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ବରିଷ୍ଠ ସଦସ୍ୟ ପଞ୍ଚାନନ ବାଗ, ପ୍ରମୋଦ ପ୍ରଧାନ, ମୀନକେତନ ମେହେର, ଗୌର ଚନ୍ଦ୍ର ସାହୁ, ସୁଶିଲ ଦାଶ, ଶିବ ନାରାୟଣ ଦାଶ, କିଙ୍କର ପଟେଲ, ତୌଫିକ ଖାନ୍, ଜଗନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ବଡଦାଣ୍ଡରେ ସଙ୍କୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ସମ୍ପ୍ରତି ସଙ୍କୀର୍ତ୍ତନ ସଂସ୍କୃତିରେ ବାଧକ ସାଜିଥିବା ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ପରିବେଷଣକୁ ତୀବ୍ର ବିରୋଧ କରାଯାଇଥିଲା।

ବରଗଡ଼ ଧନୁଯାତ୍ରା ବିକାଶର ଏକ ମାଧ୍ୟମ

ବରଗଡ଼, ୧୭।୧(ସମିସ)



ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ଠାରେ ବରିଷ୍ଠ ନାଗରିକ ସେବା ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଧନୁଯାତ୍ରାକୁ ବରଗଡ଼ର ଏକ ବିକାଶର ଯାତ୍ରା ବୋଲି ଅଭିହିତ କରିବା ସହିତ ବରଗଡ଼ ଜିଲ୍ଲାର ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରେ ରଖି ପୂଜ୍ୟପୂଜାରେ ସମସ୍ତଙ୍କୁ ଏକାସାଙ୍ଗରେ ପୂଜା କରିପାରିବା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଯୋଗଦେଇ ଧନୁଯାତ୍ରା ବରଗଡ଼ର ଅସ୍ମିତାର ପରିଚୟ, ଆଗାମୀ ଦିନରେ ଆହୁରି ଆକର୍ଷଣୀୟ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ଏସ୍‌ପି ପ୍ରହ୍ଲାଦ ସହାୟ ମିନା ବରିଷ୍ଠ ନାଗରିକ ମାନେ ସାଇବର ଠକେଇର ଶିକାର ହେଉଥିବା ଏବଂ ଏଥିପାଇଁ ସତର୍କ ରହିବାକୁ ଅନୁରୋଧ କରିଥିଲେ। ସାଇବର ଠକେଇର ଶିକାର ହେଲେ ସାଙ୍ଗେ ସାଙ୍ଗେ ୧୯୩୦ ଟୋଲ ଫ୍ରି ନମ୍ବରରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ର, ଓ ସମ୍ପାଦକ ଗୋବିନ୍ଦ ଦାଶ ମଞ୍ଚାସୀନ ଥିଲେ। ବିଧାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ତଥା ଶ୍ରୀ ଶତପଥୀଙ୍କୁ ବରିଷ୍ଠ ନାଗରିକ ସେବା ସମ୍ମାନ ୨୦୨୫ରେ ପୁଷ୍ପଗୁଚ୍ଛ, ଉପଢ଼ୌକନ ତଥା ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। ସଂଗଠନ ସମ୍ପାଦକ ଯୋଗେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସର୍ବଶ୍ରୀ ଗୌନ୍ତିଆ ସାହୁ, ଅମୂଲ୍ୟ ପତି, ଗୌର କିଶୋର କର, ସୁଶୀଲ ମହାପାତ୍ର, ନିର୍ମଳ କିଶୋର କର, ବିମଳ ମିଶ୍ର, ସର୍ଦ୍ଦାର ପ୍ରିତମ ସିଂ, କେଦାର ଚରଣ ଦାଶ,

ବରିଷ୍ଠ ନାଗରିକ ସେବା ସମ୍ମାନ ସମାରୋହ

ସତ୍ୟ ନାରାୟଣ ପଣ୍ଡା, ଅଚ୍ୟୁତାନନ୍ଦ ବାରିକ, ଅଶୋକ ପଶାୟତ, ସାଧୁ ଚରଣ ଦାଶ, ବାସୁଦେବ ପ୍ରଧାନ, ପ୍ରଦୀପ ସାହୁ, ପ୍ରଶନ୍ନ ପ୍ରଧାନ, ବିନୋଦ ପଣ୍ଡା, ମନୋରଞ୍ଜନ ପୂଜାରୀ, ଲୋକନାଥ ଆଚାର୍ଯ୍ୟ, ଦେବୀ ପ୍ରସାଦ ପଟ୍ଟନାୟକ, କାହ୍ନୁ ଚରଣ ପୃଷ୍ଟି, ସ୍ୱାଧୀନ ମହାରଣାଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ସଦସ୍ୟ ସଦସ୍ୟା ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ଗୌନ୍ତିଆ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ନେତାଜୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ସଚେତନତା

ଗାଇସିଲେଟ, ୧୭।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ନେତାଜୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ୍ ଦ୍ୱାରା ସେମେଲମୁଣ୍ଡା ଗାଁରେ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଶ୍ରୀବତ୍ସ ବଡ଼େଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା, ବନପାଳ ଝରଣା ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଭାନୁ ବଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅତିଥି ମାନେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ଗାଁରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିଥି ମାନେ ପ୍ଲାଷ୍ଟିକ ବ୍ୟବହାର ଯୋଗୁଁ ମାଟି, ଜଳ ଓ ପରିବେଶ ଦୂଷିତ ହେଉଛି ଏବଂ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ବୁଝାଇଥିଲେ। ସେହିପରି ସମସ୍ତେ କପଡ଼ା ବ୍ୟାଗ, କାଗଜ ଥଳି ଓ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ। ସଭାକାର୍ଯ୍ୟ ପରେ ଶିକ୍ଷକ ନବୀନ ଚନ୍ଦ୍ର ବରିହାଙ୍କ ରଚିତ ଏବଂ ବିଜୟ ଦେବତାଙ୍କ ନିର୍ଦ୍ଦେଶନାରେ 'ଜରି' ନାମକ ସମ୍ବଲପୁରୀ ପଥପ୍ରାନ୍ତକ ନାଟକ ଛାତ୍ରଛାତ୍ରୀ ପରିବେଷଣ କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଗାଁର ବିଭିନ୍ନ ରାସ୍ତାଘାଟ ଓ ପୋଖରୀକୁ ତଥା ନିଜ ଗାଁକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଲୋକମାନଙ୍କୁ ଅନୁରୋଧ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ବିପିନ ବିହାରୀ ନନ୍ଦ, ଅନଙ୍ଗ ସାହୁ, କଂଗ୍ରେସ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ବିପିନ ବିହାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ପିଏମ୍‌ଶ୍ରୀ ଶାସନ ହାଇସ୍କୁଲର ବାର୍ଷିକୋତ୍ସବ



ସମ୍ବଲପୁର, ୧୭।୧ (ସମିସ) : ଶାସନସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରା ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁଖ୍ୟଅତିଥି, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ବିଶିଷ୍ଟ ଅତିଥି, ଅଧ୍ୟାପକ ମନୋରଞ୍ଜନ ମିଶ୍ର ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ତିୱାରୀ, ସମିତି ସଭ୍ୟା ଅମରଲତା ବେହେରା, ସ୍କୁଲ ପରିଚାଳନା ସମିତି ସଭାପତି ଗୀତା ମହାପାତ୍ର, ଦୁଷ୍ମନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାହ୍ନା ପାତ୍ର ଓ ତମନ୍ନା ଭୋଇ 'ଷ୍ଟୁଡେଣ୍ଟ ଅଫ ଦି ଇୟର' ଭାବେ ପୁରସ୍କୃତ ହୋଇଥିବାବେଳେ ଗଙ୍ଗା ହାଉସ୍ ଓ ଯମୁନା ହାଉସକୁ ଶ୍ରେଷ୍ଠ ହାଉସ୍ ଭାବେ ପୁରସ୍କୃତ କରାଯାଇଥିଲା। ସଭାପରେ ଗୁରୁ ଦୁର୍ଗା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟାସାଗର ଏକାଡେମୀରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ବରଗଡ଼, ୧୭।୧(ସମିସ): ବିଦ୍ୟାସାଗର ଏକାଡେମୀରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।



ବିଚାରକ ଭାବେ ଡ.ଡୋଲାମଣୀ ଶତପଥୀ ଓ ଆଇନଜୀବୀ ରବୀନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବିଚାରକମାନଙ୍କୁ ବିଦ୍ୟାଳୟର ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର ଓ ସିଏଚଏସଇ ଅଧ୍ୟକ୍ଷ ବିକାଶ ସେନ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୁକ୍ତ ଦୁଇ ଓ ମହାବିଦ୍ୟାଳୟ ସ୍ତରର ଏହି ପ୍ରତିଯୋଗିତାକୁ ଶିକ୍ଷକ ସୁଶୀଲ ବୁଧିଆ ପରିଚାଳନା କରିଥିଲେ। ଜିଲ୍ଲାର ଅନେକଗୁଡିଏ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ପଞ୍ଚାୟତ ମହାବିଦ୍ୟାଳୟର ଅବିନାଶ ନାଗ ପ୍ରଥମ, ବିଦ୍ୟାସାଗର ଏକାଡେମୀର ଶ୍ରୁତିଶିଖା ତ୍ରିପାଠୀ ଦ୍ୱିତୀୟ ଓ କ୍ରିଷ୍ଣାବିକାଶ ବିଦ୍ୟାଳୟର ଆଦ୍ୟାନ୍ତ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ବଳରାମ ବିଶି, ମ୍ୟାନେଜିଙ୍ଗ ଡାଇରେକଟର ଶୁଭ୍ରାନିତା ବିଶି, ଏକାଡେମିକ ଡାଇରେକଟର ଡ.ଜୟଦେବ ଭୋଇ, ଆଡମିନିଷ୍ଟ୍ରେଟିଭ ଡାଇରେକଟର ସୁଧାମୟୀ ଭୋଇ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଶିକ୍ଷକ ଆଶିଷ ମହାକୁର ଧନ୍ୟବାଦ ଦେଇଥିଲେ।

ଘନାମାଲରେ 'ଆସ ଆମେ ସ୍କୁଲ ଯିବା' ଅଭିଯାନ

ପଦ୍ମପୁର, ୧୭।୧(ସମିସ): 'ଆସ ଆମେ ସ୍କୁଲ ଯିବା' ଅଭିଯାନ ଅଧୀନ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲର ସରକାରୀ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପଲସାପାଲି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗାଁରେ ପାଠଛାଡା ଓ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ଶିକ୍ଷାର ମୁଖ୍ୟଧାରାରେ ଆଣିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏମିତି ଛାତ୍ରଛାତ୍ରୀଙ୍କୁ ଏସଆଇଓଏସ ଏନଆଇଓଏସ ରେ ନାମଲେଖାଇ ଶିକ୍ଷା ଜାରି ରଖିବାକୁ ପ୍ରେରିତ କରାଯାଉଛି। ସେହିପରି ଦେବରାଜ ବାଗ, ସୁଗ୍ରୀ ପଧାନ ପରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସାମାଜିକ ଓ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ହ୍ୱିଲଚେୟାର ଓ ଟ୍ରାଏସାଇକଲ ଯୋଗାଇ ଦିଆଯାଇ ଉତ୍ସାହିତ କରାଯାଉଛି। ବ୍ଲକ ଗୋଷ୍ଠୀ ସମାଜ କଲ୍ୟାଣ ଅଧିକାରୀ ଅମିତ ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ ସାହୁ ଓ ଭଗବାନ ତରିଆଙ୍କୁ ଶ୍ରୀ ସାହୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଅଭିଭାବକ, ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟିର ବୈଠକ

ଅମ୍ବାଭୋନା, ୧୭।୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ପିଏମଶ୍ରୀ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଅଭିଭାବକ, ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ଡ୍ରପ ଆଉଟ୍ ରୋକିବା ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ପଢ଼ିବା ଗଢ଼ିବା ଓଡ଼ିଶା ଅଭିଯାନ, ପଠନ ପ୍ରୋତ୍ସାହନ ଅଭିଯାନ, ବାଲ୍ୟ ବିବାହ ନିଷେଧ ଆଇନ୍-୨୦୦୬, ପରୀକ୍ଷା ପେ ଚର୍ଚ୍ଚା- ୨୦୨୬, ଡ୍ରପ ଆଉଟର ନିରାକରଣ, ଛାତ୍ରଛାତ୍ରୀଙ୍କ ପ୍ରଗତି ପରୀକ୍ଷଣ, ଡିଜିଟାଲ ଶିକ୍ଷା, ସମଗ୍ର ଶିକ୍ଷା ଯୋଜନାରେ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଦିଆଯାଉଥିବା ସୁବିଧା ସୁଯୋଗ ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଶିକ୍ଷକଙ୍କ ଦାୟିତ୍ୱ, ବିଦ୍ୟାଳୟ ପରିବେଶକୁ ବୁଲା କୁକୁର ମୁକ୍ତ କରିବା ଓ ବୁଲାକୁକୁର କାମୁଡା ରୋକିବା ପାଇଁ କି କି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ସେ ସମ୍ପର୍କରେ ଅଭିଭାବକ ମାନଙ୍କ ସହିତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ପଲିଥିନମୁକ୍ତ ବଣଭୋଜି ସ୍ଥଳ ପାଇଁ ଆହ୍ୱାନ

ଅମ୍ବାଭୋନା, ୧୭।୧(ସମିସ): ଅମ୍ବାଭୋନା ବ୍ଲକ ବଙ୍ଗାପାଲି ଗ୍ରାପ ଅଧୀନ ତାମଦେଇ ଠାରେ ବଣଭୋଜି ସ୍ଥଳରେ ବରଗଡ଼ ବନାଞ୍ଚଳ ପକ୍ଷରୁ 'ପଲିଥିନ ମୁକ୍ତ ବଣଭୋଜି ସ୍ଥଳ' ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଭଟଲି ରେଞ୍ଜର ସୁବୋଧ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସରୋଜ ପଣ୍ଡା ଡିଏଫଓ ବରଗଡ଼, ସମ୍ମାନିତ ଅତିଥି ଭାବେ ଏସିଏଫ୍ ହରିଶଙ୍କର ନାଏକ, ଭୈରବ ପାତ୍ର, ମୁଖ୍ୟବକ୍ତା ପରିବେଶବିତ ଭାବେ ବୈଷ୍ଣବ ଭୋଇ, ଜିଲ୍ଲାର ରେଞ୍ଜର ଫରେଷ୍ଟର୍‌ଙ୍କ ସହିତ ଡୁଙ୍ଗୁରି ବୀର ସୁରେନ୍ଦ୍ର ସାଏ ହାଇସ୍କୁଲର ବିଦ୍ୟାର୍ଥୀ, ତାରିଣୀ ଏସ୍‌ଏଚଜି ତାମଦେଇର ସଭ୍ୟାବୃନ୍ଦ ଯୋଗଦାନ କରିଥିଲେ। ଦିନକୁ ଦିନ ସିଙ୍ଗଲ୍ ୟୁଜ୍ ପଲିଥିନ୍‌ର ବ୍ୟବହାର ସମଗ୍ର ମାନବ ଜାତି ପାଇଁ ବିପଦର କାରଣ ହେଲାଣି ବୋଲି ମତପ୍ରକାଶ ପାଇଥିଲା। ପର୍ଯ୍ୟଟନ କେନ୍ଦ୍ର ଏବଂ ବଣଭୋଜିସ୍ଥଳ ମାନଙ୍କରେ ଜରି, ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବା ଏବଂ ପ୍ରତିବଦଳରେ ପତ୍ରର ଖଲି, ଦନା, କପଡ଼ା ମୁଣି, ଅଖାମୁଣି, ମାଟି ପାତ୍ର ବ୍ୟବହାର କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଶେଷରେ ଭଟଲି ଫରେଷ୍ଟର୍ ରାଜେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ଜାମସେଠରେ ଅଷ୍ଟପ୍ରହର ନାମଯଜ୍ଞ

ପାଇକମାଳ, ୧୭।୧(ସମିସ): ପାଇକମାଳ ବ୍ଲକ ଜାମସେଠ କଟାପଡ଼ା ସ୍ଥିତ କାଳୀ ମନ୍ଦିର ପରିସରରେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ହୋଇ ଶନିବାର ନାମ ଆରମ୍ଭ ହୋଇଛି। ପୂଜା କର୍ତ୍ତା ଭାବେ ଦାମୋଦର ରଣା ତାଙ୍କ ଧର୍ମପତ୍ନୀ ସତ୍ୟବତୀ ରଣା, ହେମନ୍ତ ପ୍ରଧାନ ତାଙ୍କ ଧର୍ମପତ୍ନୀ ଗୋପେଶ୍ୱରୀ ପ୍ରଧାନ ଥିବା ବେଳେ ମୁଖ୍ୟ ପୂଜକ ଭାବେ ମାନଭଞ୍ଜନ ତ୍ରିପାଠୀ, ଘନଶ୍ୟାମ ମହାପାତ୍ର ସହ ପୂଜକ ଭାବେ ଶେଷାନ ରଣା, ଗଣେଶରାମ, ଜ୍ୟୋତିଷ୍କ ଦେବାର୍ଚ୍ଚନ ଶଗଡ଼ିଆ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଆଖପାଖ ୭ଟି ସଙ୍କୀର୍ତ୍ତନ ଦଳ ସହ ଦର୍ଶନ କରି ଆସିଥିବା ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ।

ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା





ବରଗଡ଼, ୧୭।୧(ସମିସ)

ସ୍ଥାନୀୟ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ.ସଙ୍ଗୀତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାବେ, ବିଶିଷ୍ଟ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ସ୍କୁଲ କମିଟି ଉପସଭାପତି ଶୁଭଶ୍ରୀ ରାଉତ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ଶଶୀଭୂଷଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସୁତ୍ତମ ଦାସ, ଗୋପାଳ ପ୍ରସାଦ ମିଶ୍ର ଓ ଜୟନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଙ୍ଗୀତା ପାଢ଼ି, ସନ୍ତୋଷୀ ଅଗ୍ରୱାଲ, ମନୀଷା ସାହୁ, ସୌମ୍ୟ ବିଭାର, ନନ୍ଦ ମିଶ୍ର, ପ୍ରଶାନ୍ତି ପଣ୍ଡା, ପ୍ରେମଲତା ସାହୁ, ନିରୁପମା ରାୟ, କଲ୍ୟାଣୀ ମହାନନ୍ଦ, ସଞ୍ଜୁରାଣୀ ଦେବତା, କେଦାର ଧରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

ପଦ୍ମପୁର: ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅଧୀନ ଧୁମାଭଟା ଆଶ୍ରମ ବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ସମ୍ପାଦିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କଳାଚନ ଧରୁଆ, ଉପ ସଭାପତି ଶ୍ରଯୁକ୍ତ ଚତୁର୍ଭୁଜ ଡନସନା ତଥା କମିଟିର ଅନ୍ୟ ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସାହୁ, ସହ ଶିକ୍ଷକ ବେଦବ୍ୟାସ ଦୀପ, ସହ ଶିକ୍ଷୟିତ୍ରୀ ଚାନ୍ଦିନୀ ରଥ, କମିଟି ସଭାପତି କଳାଚନ ଧରୁଆ ଓ ଉପସଭାପତି ଚତୁର୍ଭୁଜ ଡନସନା ଖେଳ ପରିଚାଳନା କରିଥିଲେ।


ଅମ୍ବାଭୋନା: ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକର ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଉତ୍ସାହ ଓ ଆଡମ୍ବରର ସହ ପାଳିତ ହୋଇଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଜ୍ଞାନ ପରୀକ୍ଷାଗାରର ଉଦ୍‌ଘାଟନ କରାଯାଇଥିଲା। ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗ ଓ ମୁଖ୍ୟବକ୍ତା ଭାବେ ତହସିଲଦାର ରଘୁନାଥ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀରମୋହନ ପଧାନ, ଛାତ୍ର ଅତିଥି ଚିଣ୍ଟୁ ପଟେଲ ଓ ଛାତ୍ରୀ ହିତେଶ୍ୱରୀ ପଟେଲ ଅଭିଭାଷଣ ଦେଇଥିଲେ। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚିଣ୍ଟୁ ପଟେଲଙ୍କୁ 'ଷ୍ଟୁଡେଣ୍ଟ ଅଫ ଦ ଇୟର' ଓ ୨୦୨୪-୨୫ ଶିକ୍ଷାବର୍ଷରେ ସର୍ବାଧିକ ନମ୍ବର ରଖିଥିବା ଜୟନ୍ତୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଶୁଭଶ୍ରୀ ପଟେଲ ଓ ଶିବ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସ୍ତରୀୟ କ୍ରୀଡା ଖେଳାଳି ଉମେଶ ବୈଗାଙ୍କୁ ମଧ୍ୟ ସମ୍ମାନ ଜଣାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ଦେବପ୍ରିୟା ତାଣ୍ଡି ଓ ଶିକ୍ଷକ ମହେଶ୍ୱର ପଧାନ କରିଥିବା ବେଳେ ଶିକ୍ଷକ ଆକାଶ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଷଣ୍ଢପଥର ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ ଓ ମେଳା



ଜମନକିରା, ୧୭।୧(ସମିସ): ଜମନକିରା ବ୍ଲକ ଷଣ୍ଢପଥର ପିଏମଶ୍ରୀ ହାଇସ୍କୁଲରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ଼ ରାଜେନ୍ଦ୍ର କୁମାର ଜଗତ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଜ୍ୟୋତିମୟୀ ଜୋସ୍ନା ଦାଶ ମିଳିତ ଉଦ୍ୟମରେ ପିଏମଶ୍ରୀ ଉତ୍ସବ ଓ ମେଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ ଯୋଗ ଦେଇ ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମ ଦ୍ୱାରା ଭଲ ମଣିଷ ହୋଇ ସମାଜର ବିକାଶରେ ଭାଗୀଦାର ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବକୀ ନାଏକ, ସମ୍ମାନିତ ଅତିଥି ଭାବରେ ଜମନକିରା ଜିଲ୍ଲା ପରିଷଦ ସଭ୍ୟ ଜୋନ-୧ ସୁଜାତା ଖୁଣ୍ଟିଆ, ବଡ଼ରମା ସରପଞ୍ଚ ବିଜୟ କୁମାର ନାଏକ, ଓଡ଼ିଶା ଆଦର୍ଶ୍ୟଆଦଶ ବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନନ୍ଦ, ଜମନକିରା ଡବ୍ଲୁଇଓ(ଙ୍ଗରକ୍ଟ) ଐଶ୍ୱର୍ଯ୍ୟ ନାୟକ, ଷଣ୍ଢପଥର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ତୀର୍ଥରାଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ସୃଜନୀ, କୋଶଳୀ, ଜିଜ୍ଞାସା, କ୍ରୀଡାଙ୍ଗନ, କ୍ଲବ ରେ ଛାତ୍ରଛାତ୍ରୀ ନିଜ ନିଜ ସୃଜନଶୀଳତା ପ୍ରଦର୍ଶନ କରି ୨୦୩୬ ଓଡ଼ିଶା ଗଠନ ଉପରେ ବିଭିନ୍ନ ପ୍ରକାର ଷ୍ଟଲ ଲାଗିଥିଲା। ଫୁଡ୍ ବଜାର, ସେଲୁନ, ବିୟୁଟି ପାଲର୍, ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ, ଛାୟା ସଂସଦ ଶୀତ କାଳୀନ ଅଧିବେସନ, କମେଡି, ଡ୍ୟାନ୍ସ, କମ୍ପ୍ୟୁଟର ପାର୍ଟସ, ନେଟ୍‌ୱର୍କିଙ୍ଗ, ଡ୍ରାମା, ଦୋକାନ ବଜାରରେ, ଖଟାଦହି, ଫ୍ରୁଟ୍ସ, ଝାଲମୁଢ଼ି, କଷ୍ଟର ରେ ଗୁପଚୁପ, ଭଜା ବାଦାମ, ସିଝା ଅଣ୍ଡା ପ୍ରଭୃତି ଅନେକ ଷ୍ଟଲ ଲାଗି ଥିଲା। କାର୍ଯ୍ୟକ୍ରମକୁ ସ୍ୱରୂପା ମାଝୀ, ହିମାଦ୍ରୀ କଂସ ରାଲୀ, ବିନାୟକ ପଣ୍ଡା, ମମତା ପଣ୍ଡା, ଅଲକା ପଟେଲ, ଅଚ୍ୟୁତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

ପୁସ୍ତକ 'ୱାନ୍ ଇୟର ମେନି ଲେସନ୍' ଉନ୍ମୋଚିତ



ରାଉରକେଲା, ୧୭ ।୧(ସମିସ): ଇଞ୍ଜିନିୟର ଶୁଭଙ୍କର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ 'ୱାନ୍ ଇୟର ମେନି ଲେସନ୍' (ଏକବର୍ଷ ଅନେକ ପାଠ) ଉନ୍ମୋଚିତ ହୋଇଯାଇଛି । ଏନେଇ ଉଦିତନଗର ସ୍ଥିତ ଆରଏମ୍ ବିଲ୍ଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଆରଏମ୍ ମୋଟର୍ସ ପ୍ରତିଷ୍ଠାତା ରାଜେଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପୁସ୍ତକକୁ ଉନ୍ମୋଚନ କରିଥିଲେ । ବ୍ରହ୍ମାନନ୍ଦ ବେହେରା ଓ ବାଲଗୋପାଳ ନାମତାଙ୍କ ସହାୟତାରେ ଅଭିପ୍ସା ରାଉତ ପୁସ୍ତକଟିର ସମ୍ପାଦନା କରିଛନ୍ତି । ବାସ୍ତବ ଜୀବନ ଅଭିଜ୍ଞତା ତଥା ଛାତ୍ର ଏବଂ ଯୁବ ଇଞ୍ଜିନିୟରମାନଙ୍କ ଶିକ୍ଷଣୀୟ ନିମନ୍ତେ ଏହି ପୁସ୍ତକଟିକୁ ରଚନା କରିଥିବା ଲେଖକ ଇଂ ଶୁଭଙ୍କର ରାଉତ କହିଛନ୍ତି । ଯୁବକ ବୟସରେ ବହୁ ବାଧାବିଘ୍ନ, ଉତ୍ଥାନ ପତନ, ବାରମ୍ବାର ଭୁଲ ଠିକ ମଧ୍ୟରେ ନୂତନ ଭାବେ ଷ୍ଟାର୍ଟଅପ୍ ନିର୍ମାଣ କରିବାରେ କିପରି ଆହ୍ୱାନ ସବୁକୁ ସେ ସମ୍ମୁଖୀନ ହୋଇଥିଲେ ସେ ସମ୍ପର୍କରେ ଶୁଭଙ୍କର ଉଲ୍ଲେଖ କରିଛନ୍ତି ।

ସୁନ୍ଦରଗଡ଼ ଗୋଷ୍ଠୀ ସଂଘର୍ଷ ଘଟଣାରେ ୧୦ ଗିରଫ

ସିସିଟିଭି ଫୁଟେଜ ଆଧାରରେ ବାନ୍ଧିଲା ପୁଲିସ

ରାଉରକେଲା, ୧୭।୧(ସମିସ)

ଗୋମାଂସ ମହଜୁଦ ଗୁଜବକୁ ନେଇ ଗତ ଗୁରୁବାର ସୁନ୍ଦରଗଡ଼ ସହରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଶନିବାର ସୁନ୍ଦରଗଡ଼ ଟାଉନଥାନା ପୁଲିସ ସିସିଟିଭି ଫୁଟେଜ ଆଧାରରେ ଉଭୟଗୋଷ୍ଠୀର ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକମାନେ ହେଲେ ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ରିଜେଣ୍ଟ ମାର୍କେଟର ଅହମ୍ମଦ ଖାନ୍ ଓରଫ୍ ଛୋଟୁ ଖାନ୍ (୪୪), ରଙ୍ଗାଡିପାର କୀର୍ତ୍ତନ ମାହର (୩୩) ଆଦର୍ଶ ନଗରର କ୍ରିଷ୍ଣା ବାରିକ୍ (୧୯), ହସ୍ପିଟାଲ ଛକର ରାକେଶ କୁମାର ସୋନକର (୩୪), ନିଉ ଅମଲିପାଲିର ପ୍ରଦୀପ ରଥ(୩୩), ଆଦର୍ଶ ନଗରର ଦୀନେଶ ଠାକୁର (୩୫), ସୁନ୍ଦରଗଡ଼ ଟାଉନଥାନା ଅଧୀନ ଭିତିରିଆପଡ଼ାର ସୁଭମ୍ ସାହୁ (୨୬), ରଙ୍ଗାଡିପା ବସନ୍ତ ବଗିଚାର ଶୁଭଙ୍କ ରୋହିଲା (୨୩), ରିଜେଣ୍ଟ ମାର୍କେଟ୍ ର ଶେଖ୍ ସବିର୍(୫୦) ଏବଂ ପାତ୍ରପଡ଼ାର ସୁଶିଲ ଗୁପ୍ତା (୩୭) ।

ଉଲ୍ଲେଖଯୋଗ୍ୟ ଯେ ଗତ ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ବଜରଙ୍ଗ ଦଳ ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା । ଏହି ଖବରପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା । ହେଲେ ସେଠାରେ କୌଣସି ଗୋ-ମାଂସ ନ ମିଳିବାରୁ ଏସଡିପିଓ ନିର୍ମଳ କୁମାର ମହାପାତ୍ର ଏବଂ ଟାଉନ ଥାନା ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରିଯାଇଥିଲା । ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥରମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଖବରପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ । ତୁରନ୍ତ ଏସ୍ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍ପି ଶାନ୍ତାନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏହାପରେ ଖବର ପାଇ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ରାଉରକେଲାରୁ ଯାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲାଗୁ କରାଯାଇଥିଲା । ଏଥିପାଇଁ ଗତ ଗୁରୁବାର ସଂଧ୍ୟାରୁ ସହରରେ ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା । ସହରରେ ଶାନ୍ତି ଫେରାଇ ଆଣିବା ଏବଂ ଭବିଷ୍ୟତରେ କୌଣସି ଅଶାନ୍ତ ପରିବେଶ ସୃଷ୍ଟି ନ କରାଇବା ନିମନ୍ତେ ଶୁକ୍ରବାର ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଶାନ୍ତିକମିଟି ବୈଠକରେ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ । ସହରରେ କିପରି ବିଭିନ୍ନ ଜାତିଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରହିବ, ଶାନ୍ତ ବାତାବରଣ ସୃଷ୍ଟି ହେବ ସେ ନେଇ ସହଯୋଗ କରିବାକୁ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସମସ୍ତ ସମ୍ପ୍ରଦାୟର ନେତୃବୃନ୍ଦଙ୍କୁ ନିବେଦନ କରିଥିଲେ । ଶୁକ୍ରବାର ୧୬୩ ଧାରା ପ୍ରତ୍ୟାହାର କରି ନିଆଯିବା ସହ ବନ୍ଦ ରଖାଯାଇଥିବା ଇଣ୍ଟରନେଟ ସେବାକୁ ସ୍ୱାଭାବିକ କରାଯାଇଥିଲା ।

ସମରା ଓରାମ ବିଦ୍ୟାଳୟରେ ପଞ୍ଚାୟତସ୍ତରୀୟ ବାର୍ଷିକ ଉତ୍ସବ

ବଣାଇଁ, ୧୭ ।୧(ସମିସ): ବଣାଇଁ ବ୍ଲକ ଅଧୀନ ଘୋଷରା ଗ୍ରାମରେ ଥିବା ସମରା ଓରାମ ଉଚ୍ଚବିଦ୍ୟାଳୟରେ ପଞ୍ଚାୟତସ୍ତରୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥିଭାବେ ଗ୍ରାମର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋବିନ୍ଦପୁର ସରପଞ୍ଚ ଯମୁନା ନାୟକ, ହେମନ୍ତ କୁମାର ପ୍ରଧାନ, ସି ଆରସିସି ଚତୁର୍ଭୁଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସୁଶୀଲ କୁମାର ରଥ ଛାତ୍ରଛାତ୍ରୀଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଗଙ୍ଗାଧର ବିଶ୍ୱାଳ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୀମାରାଣୀ ପଟେଲ, ଗଗନ ନାୟକ ଭାବଗ୍ରାହୀ ମାଝୀ, ବେଣୁଧର ବିଶ୍ୱାଳ, ଶୁଭଙ୍କର ସାହୁ, ଗୀତାଞ୍ଜଳି ବେହେରା ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଶିକ୍ଷକ ଜଗବନ୍ଧୁ ଗହୀର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ବୈଠକ



ରାଉରକେଲା, ୧୭।୧(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସେଲ୍ଫ ସୁରକ୍ଷା ସଂସ୍ଥା (ଏସଏସଓ), ରାଞ୍ଚି ସହଭାଗିତାରେ ଆୟୋଜିତ 'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ଉପରେ ତୃତୀୟ ସୁରକ୍ଷା ପରିଚାଳନା କମିଟି ବୈଠକ ଜାନୁଆରୀ ୧୬ ତାରିଖରେ ରାଉରକେଲା କ୍ଲବ୍‌ରେ ଆରମ୍ଭ ହୋଇଛି । ଏହାର ଉଦ୍‌ଘାଟନୀ ଅଧିବେଶନରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରାଞ୍ଚି ସ୍ଥିତ ସେଲ୍ଫ ସୁରକ୍ଷା ସଂସ୍ଥା (ଏସଏସଓ)ର ନିର୍ବାହୀ ନିର୍ଦ୍ଦେଶକ କେ ରାମକୃଷ୍ଣ ସମ୍ମାନିତ ଅତିଥି ଥିଲେ । ଏହି କାର୍ଯ୍ୟକ୍ରମରେ ଖଣି ଉନ୍ନୟନ ସିଏମଏଲଓ ର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ, ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ଏବଂ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ତଥା ଆର୍କ୍ଟି ଇଡି (ୱର୍କ୍ସ) ଅତିଶ ଚନ୍ଦ୍ର ସରକାର ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବର୍ମା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି ଦେଢ଼ ଦିନିଆ ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେଲ୍ଫ, ଟାଟା ଷ୍ଟିଲ, ଆରଆଇଏନଏଲ, ଜେଏସଡବ୍ଲୁ, ଏନଏମଡିସି, ଏଏମଏନଏସ ଏବଂ ମେକନ୍‌ର ବିଭିନ୍ନ ୟୁନିଟ୍‌ରୁ ପ୍ରାୟ ୬୦ ଜଣ ପ୍ରତିନିଧି ଯୋଗ ଦେଉଛନ୍ତି । ଶ୍ରୀ ବର୍ମା ପ୍ଲାଣ୍ଟ ଗେଟରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ପଡ଼ିବ, ଏହା ସମସ୍ତ କର୍ମଚାରୀଙ୍କ ଏକ ସାମୂହିକ ପ୍ରତିଶ୍ରୁତି ହେବା ଉଚିତ ବୋଲି କହିଥିଲେ । ରୋଲିଂ ମିଲ୍ କାର୍ଯ୍ୟ ବିଷୟରେ ସେ ସୂଚାଇଥିଲେ ଯେ, ହାଇ-ସ୍ପିଡ୍ ଉପକରଣ, ହାଇଡ୍ରୋଲିକ୍ ସିଷ୍ଟମ୍, ଗ୍ୟାସ୍ ଲାଇନ ଏବଂ କେବୁଲ୍ ଗ୍ୟାଲେରୀଗୁଡ଼ିକ ସର୍ବୋଚ୍ଚସ୍ତରର ଯତ୍ନ ଏବଂ ସୁରକ୍ଷା ପ୍ରୋଟୋକଲର କଠୋର ପାଳନ ଆବଶ୍ୟକ କରନ୍ତି । ଡିଆଇସି ସପ୍ ଫ୍ଲୋର ପ୍ରବନ୍ଧକମାନଙ୍କୁ ପ୍ରତିଦିନ ସେମାନଙ୍କ ଦଳ ସହିତ ସୁରକ୍ଷା ଆଲୋଚନା କରିବାକୁ ଏବଂ ପ୍ରତ୍ୟେକ କର୍ମଚାରୀଙ୍କୁ ସୁରକ୍ଷା ଚିନ୍ତା ବିଷୟରେ ଖୋଲାଖୋଲି ଭାବରେ କହିବାକୁ ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲା । ଏହି ଅଧିବେଶନରେ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ସ୍ୱାଗତ ଭାଷଣ ଦେଇଥିଲାବେଳେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଚ୍‌ଏସ୍‌ଏମ୍-୨ ବିଭାଗର ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ ଏବଂ ଏସ୍‌ପିପି ବିଭାଗର ମ୍ୟାନେଜର ଶାମସ୍ ଗାଜାଲି ଉଦଘାଟନୀ ଅଧିବେଶନକୁ ସଂଯୋଜନା କରିଥିଲେ । ଉଦଘାଟନୀ ଦିବସରେ ବିଭିନ୍ନ ୟୁନିଟର ଦଳଗୁଡ଼ିକ ଲମ୍ବା ଏବଂ ଫ୍ଲାଟ୍ ଉତ୍ପାଦଗୁଡ଼ିକର ରୋଲିଂ ସମ୍ପର୍କିତ 'ରୋଲିଂ ମିଲ୍ସରେ ସୁରକ୍ଷା: ଭବିଷ୍ୟତରେ ସମ୍ଭାବନା ଏବଂ ଆହ୍ୱାନ, ଶିଳ୍ପ ସ୍ୱୟଂଚାଳିତତା ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ରକ୍ଷଣାବେକ୍ଷଣ ଏବଂ ପ୍ରକ୍ରିୟାରେ ସୁରକ୍ଷା ବିପଦ ହ୍ରାସ' ଉପରେ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ।

ଡାଲମିଆ ମହାବିଦ୍ୟାଳୟରେ ଇଂରାଜୀ ସମ୍ମାନ




କୁତ୍ରା, ୧୭ ।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଇଂରାଜୀ ବିଭାଗର 'ଗବେଷଣା ପଦ୍ଧତି ଓ ଭାଷାବିଜ୍ଞାନ' ବିଷୟରେ ଏକ ସମ୍ମାନ ଆୟୋଜିତ ହୋଇଯାଇଛି । ଏହି ସମ୍ମାନରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଆଲେକଜାଣ୍ଡାର ଡୁଙ୍ଗଡୁଙ୍ଗ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ଭାଷା ବିଷୟରେ ବକ୍ତବ୍ୟ ରଖିଥିଲେ । ଗବେଷିକା ଡ଼ଃ ଆଲବିନ ରିକୋ ଖାଲକୋ ଭାଷା ବିଜ୍ଞାନ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ବିଶ୍ଳେଷଣ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପିକା ଓ ସାହିତ୍ୟ ସଂସଦର ଭିପି ଶ୍ରାବଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଅସୁରଖାଲ ମକର ମେଳା



କୋଇଡ଼ା, ୧୭ ।୧(ସମିସ): କୋଇଡ଼ା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ଅଧୀନ ଆମିଲିଆମ୍ ଗ୍ରାମର ଅସୁରଖାଲ ନାମକ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥାନରେ ବାବା ଶାନ୍ତିଶ୍ୱର ମକର ମେଳା ପୂଜା କମିଟିର ପକ୍ଷରୁ ମହାଆଡ଼ମ୍ବରରେ ମକର ମେଳା ଆୟୋଜିତ ହୋଇଯାଇଛି । ପବିତ୍ର ମକର ସଂକ୍ରାନ୍ତି ଅବସରରେ ଦୁଇ ଦିନ ଧରି ଚାଲିଥିବା ଏହି ମେଳାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଆସିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କମିଟିର ସଭାପତି ବିଜୟ ଦେହୁରୀ, ସମ୍ପାଦକ ଈଶ୍ୱର ନାଇକ, ଉପସଭାପତି ଯୁଧିଷ୍ଠିର ପାଟମୁଣ୍ଡି, ଯୁଗ୍ମ ସମ୍ପାଦକ ନବୀନ ନାଏକ ସହ ଅନ୍ୟାନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ।

ଭାରସାମ୍ୟ ହରାଇ ଘାଟିରୁ ଖସିଲା ଟ୍ରେଲର



ବଣାଇଁ, ୧୭ ।୧(ସମିସ): ଟିକାୟତପାଲି ଥାନା ଅଧୀନ କୁଲକୁତା ଘାଟି ଉପରେ ଏକ ଘରୋଇ ବସ୍‌କୁ ବଞ୍ଚାଇବାକୁ ଯାଇ ଏକ ଟ୍ରଲର ଓଲଟି ପଡ଼ିଥିବା ଜଣାପଡ଼ିଛି । ସୌଭାଗ୍ୟବଶତଃ ଏକ ବଡ଼ ଦୁର୍ଘଟଣାରୁ ବସ୍ ସମେତ ଟ୍ରଲର ଡ୍ରାଇଭର ବର୍ତ୍ତିଯାଇଛନ୍ତି । ସୂଚନା ଅନୁସାରେ ଶୁକ୍ରବାର ସକାଳେ ସମ୍ବଲପୁର କୁଚିଣ୍ଡା ପଟୁ ଏକ ୧୮ ଚକିଆ ଟ୍ରଲର ରାଉରକେଲା ଅଭିମୁଖେ ଯାଉଥିବା ବେଳେ କୁଲକୁତା ଘାଟି ଉପରେ ଥିବା ବୁଲାଣିରେ ହଠାତ୍ ବସ୍‌ଟି ଟ୍ରଲର ସାମ୍ନାକୁ ଚାଲି ଆସିଥିଲା । ବସ୍‌କୁ ବଞ୍ଚାଇବାକୁ ଟ୍ରେଲର ଡ୍ରାଇଭର ଚେଷ୍ଟା କରିବା ବେଳକୁ ଭାରସାମ୍ୟ ଘାଟି ତଳକୁ ଖସି ପଡ଼ିଥିଲା । ଟ୍ରକ୍ ଡ୍ରାଇଭର ଜଣକ କେବିନ୍ ଭିତରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଟିକାୟତପାଲି ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭରଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲହୁଣୀପଡ଼ା, ୧୭ ।୧(ସମିସ): ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁସ୍ଥିତ ଅନୁସୂଚିତ ଜାତି ଜନଜାତୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପ ସଭାପତି ଅମୂଲ୍ୟ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନ କୋଡିନେଟର ଅମାତ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲାମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି, ବଣାଇଁ ଅତିରିକ୍ତ ମଙ୍ଗଳ ଅଧିକାରୀ (ଆଇ ଟିଡିଏ) ବାବୁ ଲାଲ ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଆଇଟିଡିଏ) ଶ୍ୟାମ ସୁନ୍ଦର ଦାସ, ଲହୁଣିପଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ, ସିଆରସିସି ଅଶ୍ୱିନୀ କୁମାର ବିଶ୍ୱାଳ, ହରିପ୍ରଦ ଜେନା, ଭରତ କୁମାର ପାତ୍ର ବେଣୁଧର ବେହେରା, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ ଯୋଗ ଦେଇଥିଲେ । ବଣାଇଁ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ସ୍ୱଦୀପ ଟପ୍ପୋଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଗଣନାଥ ବାରିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା ବିବରଣୀ ପାଠ କରିଥିଲେ । ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ରିଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱଜିତ ସାହୁ, ଦୀନବନ୍ଧୁ ସାହୁ, ସ୍ୱାଗତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ବଘାର, ଭାରତୀ ପ୍ରଧାନ, ଲକ୍ଷ୍ମୀବାଳା ପଟ୍ଟନାୟକ, ସରସ୍ୱତୀ କିଷାନ, ପଙ୍କଜିନି ଗଡ଼ତିଆଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କୁତ୍ରା, ୧୭।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଲତାଲଗାଠାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ରଜାବସା ସରପଞ୍ଚ ନିରୁପମା ମାଝୀ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶତ୍ରୁଘ୍ନ ଏକ୍କା, ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗ ଯୋଗଦେଇଥିଲେ । ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନଶିକ୍ଷକ ଜନାର୍ଦ୍ଦନ ବଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆସିମ୍ମା ଗୁରିଆ, ସରସ୍ୱତୀ ମିଞ୍ଜ, ନରେନ୍ଦ୍ର କୁଜୁର, ଡିଲେଶ୍ୱର ନାଏକ, ମାମିନା ବଡେଇ, ଲକ୍ଷ୍ମୀ ଖେସ, ସୁବର୍ଣ୍ଣା ସାହୁ, ଶୈବ୍ୟା ତନ୍ତୀ, କମଳିନୀ ଦିଉରିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।


ଆର୍‌ଏସ୍‌ପିର ଉଦ୍ୟାନକୃଷି ପ୍ରଦର୍ଶନୀ ଉଦ୍‌ଘାଟିତ

ରାଉରକେଲା, ୧୭।୧(ସମିସ)



ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଜୁବୁଲି ପାର୍କଠାରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀକୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା, ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗରନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ୍ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, ଦୀପିକା ମହିଳା ସଂଘତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀ, ବନ୍ଦନା ସିଂ ଏବଂ ନବନୀତା ଚୌଧୁରୀ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି କେ ଯୋଜୋ, ଡ. ଅଭିଜିତ ବିଶ୍ୱାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଡିଆଇସି ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ପ୍ରଦର୍ଶିତ ପ୍ରବେଶିକାଗୁଡିକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ । ସେ ବିଗତ ୫୮ ବର୍ଷ ଧରି ଏଭଳି ଏକ ବିଶାଳ ଆୟୋଜନ ନିମନ୍ତେ ଉଦ୍ୟାନକୃଷି ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ । ଏହି ପ୍ରଦର୍ଶନୀରେ ବିଭିନ୍ନ ବର୍ଗରେ ୯୬୦ରୁ ଅଧିକ ଏଣ୍ଟ୍ରି ସ୍ଥାନ ପାଇଥିଲା । ଏଗୁଡ଼ିକ ମଧ୍ୟରେ କଟାଯାଇଥିବା ଫୁଲ, ପଟ୍ ପ୍ଲାଣ୍ଟ, ଫଳ, ପନିପରିବା, ବନସାଇ, ଡିନର୍ ବୋଲ୍ ଆରେଞ୍ଜମେଣ୍ଟ, ବେଷ୍ଟ ଆରେଞ୍ଜଡ୍ ଫୁଲ, ବଟନ୍ ହୋଲ୍, ଫୁଲତୋଡା, ଫୁଲମାଳା ଏବଂ ଫୁଲ ଓ ପତ୍ରରେ ତିଆରି ମଡେଲ ସାମିଲ ରହିଛି । ବହୁ ସଂଖ୍ୟାରେ ଦର୍ଶକ ଜୁବିଲି ପାର୍କ ପରିଦର୍ଶନରେ ଆସି ବିଭିନ୍ନ ପ୍ରକାରର ଫୁଲ, ପନିପରିବା ଏବଂ ଫଳ, ବିଭିନ୍ନ ଗୋଲାପ, ସେବତୀ, ଡାଲିଆ, ଡାଏନ୍ଥସ, ସ୍ୱିଟ୍ ପିଜ, ଆଣ୍ଟିରିୟମ, କାର୍ନେସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ପେନ୍ସି, ଜରବେରା, ଲ୍ୟୁପିନ, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ, ଗ୍ଲାଡିଓଲି, କ୍ୟାଣ୍ଡିଟୁଫ୍ଟ ଆଦିର ପ୍ରଦର୍ଶନ ଉପଭୋଗ କରିବା ସହ ସେଗୁଡିକର ଉଚ୍ଚ ପ୍ରଶଂସା କରିଥିଲେ । ଆରଏସ୍‌ପି ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଭିବିଜୀ ରାମ୍‌ଜୀ ଉପରେ ଜିଲ୍ଲା ବିଜେପିର ବୈଠକ



ଲହୁଣୀପଡ଼ା, ୧୭।୧(ସମିସ): ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି(ବିଜେପି) କାର୍ଯ୍ୟାଳୟ ସଭାଗୃହଠାରେ ଭିବିଜୀ ରାମଜୀ ବିକଶିତ ଭାରତ ସମ୍ପର୍କରେ ଏକ ବୈଠକ ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରାଉରକେଲା ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳଙ୍କ ଅଧକ୍ଷତାରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟି ରାଉରକେଲା ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ସମ୍ମାନିତ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ସଭାପତି ଅନିଲ ମାହାନ୍ତ, ରାଉରକେଲା ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜିତ ନାଏକ ପ୍ରମୁଖ ଉପସ୍ଥିତ ରହି ବିକଶିତ ଭାରତ- ଭିବିଜୀ ରାମଜୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେହିପରି ମୁଖ୍ୟ କୃଷି ଋତୁରେ କୃଷି ଶ୍ରମିକଙ୍କ ଉପଲବ୍ଧତା ସୁନିଶ୍ଚିତ ଆଦି ଯୋଜନା ଗୁଡିକ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ସତ୍ୟପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ପ୍ରଣିତାପ ଦାସ, ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ବଣାଇଁ ଯୁବ ମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ, ରାଉରକେଲା ଜିଲ୍ଲା ସମ୍ପାଦକ ଶଂକର ଲୋହାର, ବରିଷ୍ଠ କାର୍ଯ୍ୟକର୍ତ୍ତା ଆହ୍ଲାଦ ବଡ଼ାଇ, ବୁଦ୍ଧଦେବ ସିଂ, ହେମେନ୍ଦ୍ର ମାହାନ୍ତ, ନିରୋଜ ଚତୁର୍ବେଦୀ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, କ ବଲାଙ୍ଗ ମଣ୍ଡଳ ସଭାପତି ହେମ୍ବ୍ରୋ ଓରାମ, ବଣାଇଁ ମଣ୍ଡଳ ସଭାପତି ମିଥିଳା ପାତ୍ର, ଗୁରୁଣ୍ଡିଆ ମଣ୍ଡଳ ସଭାପତି ମନୋଜ ସାହୁ, ସରସରା ମଣ୍ଡଳ ସଭାପତି ବିରେନ୍ଦ୍ର ବଡନାୟକ, ରାଜେଶ କୁମାର ଜୈସ୍ୱାଲ, ଲବକିଶରସାହୁ, କର୍ମୁ କିସାନ, ଶିବ ସୁନ୍ଦର ରାଉତ, ପ୍ରମୁଖ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

ମନରେଗା, ୩୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼

ଧାନ ଅଭାବୀ ବିକ୍ରିକୁ ନେଇ ଗର୍ଜିଲା କଂଗ୍ରେସ



ଝାରସୁଗୁଡ଼ା,୧୭।୧(ସମିସ): ଦେଶରେ ମନରେଗା ବ୍ୟବସ୍ଥାକୁ ବନ୍ଦ କରିବା, ୩ଶହ ୟୁନିଟ ବିଦ୍ୟୁତ ବିଲ ଛାଡ କରିବା ଆଳରେ ରାଜ୍ୟବାସୀଙ୍କୁ ଠକିବା ଏବଂ ବର୍ତ୍ତମାନ ସାରା ରାଜ୍ୟରେ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହେବା ଘଟଣାକୁ କଂଗ୍ରେସ ପକ୍ଷରୁ ପ୍ରବଳ ବିରୋଧ କରାଯାଇଛି। କଂଗ୍ରେସ ରାଜ୍ୟ ପ୍ରଭାରୀ ଓ ପିସିସି ସଭାପତିଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଠାରୁ ବେହେରାମାଲ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଦାୟିତ୍ୱରେ ଥିବା ପ୍ରଭାରୀ ଅଜୟ ଲଲ୍ଲୁ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ ଝାରସୁଗୁଡ଼ାରେ ହୋଇଥିବା ବିକ୍ଷୋଭ ସମୟରେ କହିଛନ୍ତି ଯେ ୟୁପିଏ ସରକାର ଦ୍ୱାରା ୨୦୦୫ରେ ଆଗତ ହୋଇଥିବା ମନରେଗା ଯୋଜନା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ମଜୁରି ଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଥିଲା। କେନ୍ଦ୍ର ସରକାର ଏହି ଆଇନକୁ ହଟାଇ ନୂତନ ଆଇନ ତିଆରି କରି ଶ୍ରମିକଙ୍କୁ ନିଜ ହକରୁ ବଞ୍ଚିତ କରିଛନ୍ତି, ରାଜ୍ୟରେ ସାଧାରଣ ନିର୍ବାଚନ ସମୟରେ ୩ ଶହ ୟୁନିଟ ବିଦ୍ୟୁତ ବିଲ ଛାଡ କରିବୁ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ଏବଂ ସାରା ରାଜ୍ୟରେ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହେବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ମନମାନୀରେ ଦେଶ ଓ ରାଜ୍ୟବାସୀଙ୍କୁ ଚଳାଉଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାସହ କଂଗ୍ରେସ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିବା ସହିତ ତାଙ୍କ ସମସ୍ତ ନୀତିକୁ ବିରୋଧ କରିଥିଲେ। ଏହି ବିକ୍ଷୋଭ ସମୟରେ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସଙ୍କ ସହିତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ବିକାଶ କମିଟି ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୭।୧(ସମିସ): ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଏବଂ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ବୈଠକ ଆୟୋଜିତ ହୋଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର କାର୍ଯ୍ୟସୂଚୀ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷଣାର୍ଥୀ ପ୍ରଜ୍ଞାନନ୍ଦନ ଗିରି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍‌ର ଉପନିର୍ଦ୍ଦେଶକ ଦେବେନ୍ଦ୍ର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାକୁ ରାଜ୍ୟର ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ କାର୍ଯ୍ୟଖସଡା ବା ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସାମାଜିକ, ଅର୍ଥନୈତିକ ଏବଂ ଭୌତିକ ଭିତ୍ତିଭୂମି କ୍ଷେତ୍ରରେ ଥିବା ସମସ୍ୟାଗୁଡିକୁ ଚିହ୍ନଟ କରାଯାଇ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗର ଚାଲୁ ରହିଥିବା କାର୍ଯ୍ୟ ଏବଂ ଅଟକି ରହିଥିବା ପ୍ରକଳ୍ପଗୁଡିକୁ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିବା ବେଳେ ପ୍ରତି ପଞ୍ଚାୟତରେ ଏକ ମିନି ଷ୍ଟାଡିୟମ ନିର୍ମାଣ ଓ ଜଳାଶୟ ଗୁଡିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର ପ୍ରତିଟି ଗାଁର ଶେଷ ସୀମା ପର୍ଯ୍ୟନ୍ତ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ବା 'ଅନ୍ତ୍ୟୋଦୟ ସଂଯୋଗ' ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ନେଇ ଏକ ମିଳିତ କମିଟି ଗଠନ କରାଯାଇଛି। ଆଗାମୀ ୫ ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ଜିଲ୍ଲାର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି 'ଦୂରଦର୍ଶୀ ଯୋଜନା' ପ୍ରସ୍ତୁତ କରିବାକୁ ପ୍ରତ୍ୟେକ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଡିପିଏମୟୁର ପ୍ଲାନିଂ ୱିଙ୍ଗ ଦ୍ୱାରା ଆୟୋଜିତ ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଲାଇକେରା, କିର୍ମିରା, କୋଲାବିରା ଓ ଝାରସୁଗୁଡ଼ାର ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ।

ଟିଆର୍ଏଲ୍ କ୍ରୋସାକିର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଝାରସୁଗୁଡ଼ା,୧୭।୧(ସମିସ): ବେଲପାହାଡ ସହରସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ସିଏସଆର ଅଧୀନରେ ସ୍ଥାନୀୟ ଗୁମାଡେରା ମାଳିପଡାସ୍ଥିତ ମିରର ଥିଏଟର ପ୍ରାଙ୍ଗଣରେ ଶନିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୌର ସ୍ୱାସ୍ଥ୍ୟ ଅଧିକାରୀ ଡ.ଦିଲୀପ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଜେନାମଣି ସେଠ, ଡ.ସୁବାସ ଚନ୍ଦ୍ର ପ୍ରଧାନ, ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଦୀପକ ସାହୁ ଉପସ୍ଥିତ ଥିଲେ। ଶିବିରରେ ବେଲପାହାଡ ପୌରାଞ୍ଚଳର ମୋଟ ୧୨୦ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଟିଆରଏଲ କ୍ରୋସାକି ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରେ ଡ. ଉପାସନା ଝୁନଝୁନୱାଲା, ବିରେନ୍ଦ୍ର ଚୌଧୁରୀଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ ଯଜ୍ଞେଶ୍ୱରୀ ନାଏକ, ଗାୟତ୍ରୀ ବେହେରା ଓ ଫାର୍ମାସିଷ୍ଟ ସିଦ୍ଧାର୍ଥ ଠାକୁର ରୋଗୀଙ୍କୁ ମାଗଣାରେ ଚିକିତ୍ସା ପରାମର୍ଶ, ରୋଗର ପରୀକ୍ଷା ଏବଂ ଔଷଧ ପ୍ରଦାନ କରିଥିଲେ। ଶିବିର ଆୟୋଜନରେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଡ.ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁଙ୍କ ସମେତ କର୍ମଚାରୀ ବ୍ରଜବନ୍ଧୁ ଶତପଥୀ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସରୋଜ ମେହେର ପ୍ରମୁଖ ସଂଯୋଜନା କରିଥିଲେ।

■ ସର୍ବଭାରତୀୟ ମାଁ ଜଳମୁଣ୍ଡି କ୍ରିକେଟ କପ୍

ପ୍ରଥମ ମ୍ୟାଚ୍‌ରେ ବିସିସି ଦେବଗଡ଼ ବିଜୟୀ



ରିଆମାଳ,୧୭।୧(ସମିସ): ଦେବଗଡ ଜିଲ୍ଲା ରିଆମାଳ ବ୍ଲକ ଟିଙ୍କବୀର ହାଇସ୍କୁଲ ପଡ଼ିଆରେ ଶନିବାର ୧୭ତମ ସର୍ବଭାରତୀୟ ମା ଜଳମୁଣ୍ଡି କ୍ରିକେଟ କପ-୨୦୨୬ ଉଦ୍‌ଘାଟିତ ହୋଇଛି। ନେତାଜୀ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ଯୋଗେଶ ପ୍ରଧାନ, ରିଆମାଳ ମଣ୍ଡଳ ସଭାପତି ସଞ୍ଜୀବ ବେହେରା, ଟିଙ୍କବୀର ସରପଞ୍ଚ ଫକୀରମୋହନ ବେହେରା ଓ ନାଏବ ସରପଞ୍ଚ ମାନସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ବିସିସି ଦେବଗଡ଼ ଓ ରାଇଜିଂ ଷ୍ଟାର ସମ୍ବଲପୁର ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୩୦ ରନ ହାସଲ କରିଥିଲା। ଜବାବରେ ବିସିସି ଦଳ ବ୍ୟାଟିଂ କରି ୧୨ ଓଭରରେ ୨ ୱିକେଟ ହରାଇ ମ୍ୟାଚ ବିଜୟୀ ହୋଇଥିଲା। ଦଳର ଶ୍ରେୟାଂସ ୪୩ ବଲରେ ଚୌକା ୯ଟି ଓ ଛକା ୩ଟି ମୋଟ ୬୮ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ବିଜେପି ଜିଲ୍ଲା ଉପସଭାପତି ଯୋଗେଶ ପ୍ରଧାନ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ମହେଶ ମୁନସୀ ଓ ପ୍ରଦୀପ ଦାସ ମ୍ୟାଚ ପରିଚାଳନା କରିଥିଲେ। ନେତାଜୀ ଆସୋସିଏସନ କ୍ଲବର ଦେବାଶିଷ ବିଶ୍ୱାଳ, ବିଷ୍ଣୁ ସାହୁ ଓ ଡୁଗୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ରେଖାଙ୍କିତ ମାଝି ଭାବେ କାର୍ଯ୍ୟ ତୁଲାଇଥିଲେ। ଖେଳ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ନିର୍ମାଲ୍ୟ ପ୍ରସାଦ ସାହୁ, ଗିରି ସାହୁ, ସୂର୍ଯ୍ୟକାନ୍ତ ଜ୍ୟୋତିଷ, ଅଜିତ ପ୍ରଧାନ, ଅଜିତ ମହାପାତ୍ର, ଲିଲୁ ଦଳବେହାର ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲା ପ୍ରଶାସନର ନିଆରା ପ୍ରୟାସ

୭ ବର୍ଷ ପରେ ଘରକୁ ଫେରିଲେ ଧୁବଲେ

ବିଚ୍ଛିନ୍ନ ପରିବାରକୁ ଯୋଡୁଛି 'ସ୍ନେହ ସେତୁ' ଅଭିଯାନ



ଝାରସୁଗୁଡ଼ା, ୧୭।୧ (ସମିସ): ଜିଲ୍ଲା ପ୍ରଶାସନର ମାନବିକ ଆଭିମୁଖ୍ୟ ଓ ନିରନ୍ତର ସେବା ମନୋଭାବରୁ ଶନିବାର ପୁଣି ଏକ ପରିବାରରେ ହସଫୁଟିଛି। ମାନସିକ ଅସୁସ୍ଥତା ଯୋଗୁଁ ଦୀର୍ଘ ୭ ବର୍ଷ ଧରି କଳାହାଣ୍ଡି ଭବାନୀପାଟଣାରୁ ନିଖୋଜ ଥିବା ଧୁବଲେ ଗାରିଆଙ୍କୁ ଆଜି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଅଛି। ୨୦୧୮ ମସିହାରୁ ଉଦ୍ଧାର ହେବା ପରେ ମିଶନ ଆଶାଲୋକଠାରେ ତାଙ୍କର ଚିକିତ୍ସା ଓ ସେବା କରାଯାଉଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ପୂର୍ବରୁ ମଧ୍ୟ ଅନେକ ବ୍ୟକ୍ତିଙ୍କୁ ନିଜ ପରିବାର ସହ ପୁନର୍ମିଳନ କରାଯାଇଛି। ଜିଲ୍ଲା ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମନ୍ୱୟରେ ପରିଚାଳିତ ଏହି ଅଭିଯାନ ଆଗାମୀ ଦିନରେ ଅନେକ ଅସହାୟଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରିବ ବୋଲି ବିଧାୟକ ମତ ପ୍ରକାଶ କରିଛନ୍ତି।

ଜଳଛାୟା ମହୋତ୍ସବ ଉଦ୍‌ଯାପିତ

ଦେବଗଡ଼,୧୭।୧(ସମିସ): ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ଅଧୀନରେ ଆୟୋଜିତ ଜଳଛାୟା ମୋହତ୍ସବ ରିଆମାଳ ବ୍ଲକ୍ ଉଟୁଣିଆ ପଞ୍ଚାୟତ ଅଧୀନ ଗୋଡାମାଳ ଗାଁରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପାଞ୍ଜିଆ ଭୋଇ, ରିଆମାଳ ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା, ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ.ସବ୍ୟସାଚୀ ସାହୁ, ଉଟୁଣିଆ ପଞ୍ଚାୟତ ସରପଞ୍ଚ ରଶ୍ମିତା ପ୍ରଧାନ ଏବଂ ରିଆମାଳ କ୍ଲଷ୍ଟର ପିଆଇଏ ଡ.ସୁନୀଲ ମନୋହର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଆଧୁନିକ ବୈଜ୍ଞାନିକ କୃଷି ପ୍ରଣାଳୀ, ମୃତ୍ତିକା ବିଶ୍ଳେଷଣର ଆବଶ୍ୟକତା, ଜଳ ସମେତ ପ୍ରାକୃତିକ ସମ୍ପଦ ସମ୍ପର୍କିତ ସଚେତନତା, ବିଜ୍ଞାନ ପ୍ରଯୁକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଚାଷୀ କିପରି ନିଜର ଆର୍ଥିକ ସ୍ଥିତିରେ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବେ ସେ ସମ୍ପର୍କରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏଥିସହ ସଭାରେ ଜଳ ବିଭାଜିକାର ସୁପରିଚାଳନା କରାଯାଇ ଜଳ ସଂରକ୍ଷଣ ଏବଂ କୃଷି କ୍ଷେତ୍ରରେ ଅଧିକ ଅମଳ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଜଳଛାୟା ଉତ୍ସବ ଅବସରରେ ବୃକ୍ଷରୋପଣ, ଶ୍ରମଦାନ, ନୂତନ ପ୍ରକଳ୍ପର ଭୂମି ପୂଜନ ସହ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ଲୋକାର୍ପଣ କରାଯାଇଥିଲା। ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଳ ବିଭାଜିକାର ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ଜଳଛାୟା ତଥ୍ୟ ଅନୁସରଣ କରି କୃଷି କ୍ଷେତ୍ରରେ ସଫଳତା ପାଇଥିବା ବିଭିନ୍ନ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦେବଗଡ଼,୧୭।୧(ସମିସ): ଦେବଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଦେବଗଡ଼ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ୩ ଦିନିଆ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ପଦ୍ମିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ ଓ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଦ୍ମାଲୀ ଲାକ୍ରା ଓ ଜୁନିୟର ରେଡକ୍ରସ ଅଧିକାରୀ ରଶ୍ମୀନ ଦାଶ ଶିବିରକୁ ଉଦ୍‌ଘାଟନ କରିଥିଲେ।

ରେଡକ୍ରସର ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ପରେ ଅତିଥି ମାନଙ୍କ ଦ୍ୱାରା ରେଡକ୍ରସ ପତାକା ଉତ୍ତୋଳନ କରାଯିବା ସହ ସମୂହ ଶପଥ ପାଠ କରାଯାଇଥିଲା। ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାର ତିନୋଟି ଯାକ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଜୁନିୟର ରେଡକ୍ରସ ପ୍ରଶିକ୍ଷାର୍ଥୀ ଓ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସଭାକୁ ମାଷ୍ଟର ଟ୍ରେନର (ଫାଷ୍ଟ ଏଡ୍) ଅମିତ ସାହୁ ସଂଯୋଜନା କରିଥିଲେ। ସଂଧ୍ୟାରେ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ବାବେ ଜୁନିୟର ରେଡକ୍ରସ ଅଧିକାରୀ ରଶ୍ମୀନ ଦାଶ, ମାଷ୍ଟର ଟ୍ରେନର(ଫାଷ୍ଟ ଏଡ୍)ଅମିତ ସାହୁ ଓ ମାଷ୍ଟର ଟ୍ରେନର(ଫାଷ୍ଟ ଏଡ୍) ସବ୍ୟବିଦ୍ୟା ଶକ୍ତିମୟ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଅଗ୍ନିଶମ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜଣାପଡିଛି।

୩ ସାମ୍ବାଦିକଙ୍କୁ ଆକ୍ରମଣ, ୩ ଗିରଫ

ଝାରସୁଗୁଡ଼ା,୧୭।୧(ସମିସ): ଝାରସୁଗୁଡ଼ାରେ ତିନିଜଣ ସାମ୍ବାଦିକ ଡିଜେଲ ଚୋରି ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମାଲିମୁଣ୍ଡା ବନ୍ଧରପଡା ନିକଟ ଇଣ୍ଡିଆନ ଅଏଲ ଟର୍ମିନାଲ ପାଖରେ ଡିଜେଲ ଚୋରି ସମ୍ବନ୍ଧୀୟ ଖବର ସଂଗ୍ରହ ପାଇଁ ଯାଇଥିବା ତିନି ଜଣ ସାମ୍ବାଦିକ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେଠାରେ ଟ୍ୟାଙ୍କରରୁ ଡିଜେଲ ବାହାର କରୁଥିବା ଯୁବକମାନେ ବିରୋଧ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା ଓ ଅଭିଯୁକ୍ତମାନେ ତିନି ଜଣ ସାମ୍ବାଦିକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଝାରସୁଗୁଡ଼ା ବିମାନବନ୍ଦର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଜଣାପଡିଛି। ଅଭିଯୋଗ ଅନୁଯାୟୀ ଖବର ସଂଗ୍ରହ ସମୟରେ ତେଲ ଚୋରିରେ ସମ୍ପୃକ୍ତ ବ୍ୟକ୍ତିମାନେ ସେମାନଙ୍କ ଉପରକୁ ଆକ୍ରମଣ କରିବା ସହ କାର୍‌ରେ ମଡାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ତିନି ଜଣ ସାମ୍ବାଦିକ ଏହି ଆକ୍ରମଣରୁ ବର୍ତ୍ତିଯିବାରୁ ସେମାନଙ୍କୁ ବାଡିରେ ମାଡ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ପୀଡ଼ିତ ସାମ୍ବାଦିକ ମାନଙ୍କ ମୁଣ୍ଡ, ଗାଲ ଏବଂ ଶରୀରର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଛି। ଅଭିଯୁକ୍ତ ବନ୍ଧରପଡା ଅଞ୍ଚଳର ଦୁର୍ଗା କିଶାନ (୩୪), ସରୋଜ କିଶାନ (୨୨) ଏବଂ ବୁଲୁ ରଣବିଡା (୨୬)ଙ୍କୁ ପୁଲିସ ଗିରଫ କରିଥିବା ନେଇ ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ମାନଙ୍କ ସମ୍ପର୍କରେ ତଦନ୍ତ କରାଯାଇ ଗିରଫ କରାଯିବ ବୋଲି ଆଇଆଇସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଏସୟୁଜେ) ଓଡ଼ିଶା ପକ୍ଷରୁ ଗଭୀର ନିନ୍ଦା କରିବା ସହ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏକ ପ୍ରେସ ବିଜ୍ଞପ୍ତିରେ ଏସୟୁଜେ ରାଜ୍ୟ ସଭାପତି କୈଳାଶ ନାୟକ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପୁଲିସ ଡିଜିଙ୍କୁ ଅବଗତ କରାଯିବା ସହ ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସମ୍ବେଦନଶୀଳ ହୋଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ଭାରୀଯାନ, ଅଳ୍ପକେ ବର୍ତ୍ତିଲେ ଲୋକ

ଝାରସୁଗୁଡ଼ା,୧୭।୧(ସମିସ): ବ୍ରଜରାଜନଗର ପୌର ପରିଷଦ ଅଧୀନ ସାନଯୋବ ଗାଁରେ ଶନିବାର ଏକ ଟ୍ରେଲର ଗାଁ ମଝି ରାସ୍ତା ଦେଇ ଯାଉଥିବା ସମୟରେ ଏକ ବିଦ୍ୟୁତ ଖୁଣ୍ଟକୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଗାଁ ଦେଇଯାଇଥିବା ବିଦ୍ୟୁତ ଖମ୍ବ ଓ ତାର ସବୁ ଛିଣ୍ଡି ଯାଇଥିଲା। ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ବ୍ରଜରାଜନଗର ପୌର ପରିଷଦ, ବ୍ରଜରାଜନଗର ଟ୍ରକ ମାଲିକ ସଙ୍ଘ ଓ ପ୍ରଶାସନକୁ ଗାଁ ମଝିରେ ଭାରୀଯାନ ଚଳାଚଳ ଯୋଗୁଁ ହେଉଥିବା ସମସ୍ୟା ବିଷୟରେ ବାରମ୍ବାର ଅବଗତ କରି ଆସିଛନ୍ତି। ସ୍କୁଲ ସମୟରେ ଛାତ୍ର ଛାତ୍ରୀ ଗମନାଗମନ କରୁଥିବା ସମୟରେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅବଗତ କରାଇ ଥିଲେ କିନ୍ତୁ କୌଣସି ସୁଫଳ ମିଳିପାରିନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଅମାନିଆ ଟ୍ରକ ଗୁଡିକ ସେହି ଗାଁ ରାସ୍ତା ଦେଇ ଦ୍ରୁତ ଗତିରେ ଯିବା ଆସିବା କରୁଛନ୍ତି ଏବଂ ଗାଁର କୌଣସି ଲୋକ ଯଦି ମନା କରୁଛନ୍ତି ତାହେଲେ ଟ୍ରକ ମାଲିକ ମାନେ ଆସି ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ମଧ୍ୟ ବାରମ୍ବାର ଆସି ଚାଲାଣ କାଟିଲେ ମାନୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଶନିବାର ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ର ମଣି ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସବୁ ନିରୀକ୍ଷଣ କରିଥିଲେ। ଆସନ୍ତା ଗ୍ରୀଭାଆନ୍ସରେ ଏ ବିଷୟରେ ଆର୍ଟିଓଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ପୂର୍ବରୁ ହୋଇଥିବା ଗ୍ରୀଭାଆନ୍ସରେ ଏ ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କେବଳ ଏକ ପ୍ରହସନ ଚାଲିଥିବା ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତ ଦଣ୍ଡିତ

ଦେବଗଡ଼,୧୭।୧(ସମିସ): ଏସଡିଜେଏମ କୋର୍ଟ ଶନିବାର ଏକ ଚେକ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ତିନିମାସ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି। ଏଥିସହ କ୍ଷତିପୂରଣ ପାଇଁ ଏକଲକ୍ଷ ୨୦ ହଜାର ଟଙ୍କା ଦେବାପାଇଁ ନିର୍ଦ୍ଦେଶ ଦେବାସହ ଅନାଦେୟ ହେଲେ ଅଧିକ ୧୫ ଦିନ ଜେଲ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଦେବଗଡ଼ ପୌରାଞ୍ଚଳ ଖପରସାହି ନିବାସୀ ଜିତେନ୍ ସାହୁ ଭିତିରିଆ ସାହି ନିବାସୀ ପ୍ରକାଶ ପାତ୍ରଙ୍କ ଠାରୁ ଏକଲକ୍ଷ ଟଙ୍କା ନେଇ ପରିଶୋଧ ପାଇଁ ଦେବଗଡ଼ ଆଇଡିବିଆଇ ବ୍ୟାଙ୍କ ଶାଖାର ଏକ ଚେକ ପ୍ରଦାନ କରିଥିଲେ। ଏହି ଚେକ ବ୍ୟାଙ୍କରେ ଜମା କରିବାରୁ ବ୍ୟାଙ୍କ ଖାତାରେ ଜମା ନଥିବାରୁ ଚେକଟି ବାଉନ୍ସ ହୋଇଥିଲା। ଏ ନେଇ ପ୍ରକାଶ ପାତ୍ର ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଏହି ମକଦ୍ଦମାରେ ଉଭୟ ପକ୍ଷଙ୍କ ସାକ୍ଷ୍ୟଙ୍କ ବୟାନ ଓ ଓକିଲଙ୍କ ଜବାବ ସୁଆଲ ପରେ ଏସଡିଜେଏମ ଧନଞ୍ଜୟ ନାୟକ ଅଭିଯୁକ୍ତଙ୍କୁ ଉପୋରକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

ଝାରସୁଗୁଡ଼ା ଡିଆଇଇଟିରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ଝାରସୁଗୁଡ଼ା,୧୭।୧(ସମିସ): ଝାରସୁଗୁଡ଼ା ଜିଲ୍ଲାର ପଞ୍ଚପଡା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ଗତ ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଆଇଇଟି ଝାରସୁଗୁଡ଼ାର ଅଧ୍ୟକ୍ଷା ମମତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଦିଲିପ ଖୁଣ୍ଟିଆ ଓ ବରଗଡ଼ ଅଞ୍ଚଳ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଭେଙ୍କଟେଶ୍ୱର ମେହେର ଆଲୋଚକ ଭାବେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ୨ୟ ଦିବସରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁନ୍ଦରଗଡ ଡିଆଇଇଟିର ପୂର୍ବତନ ଅଧ୍ୟକ୍ଷ କୁଞ୍ଜବିହାରୀ ଛତ୍ରିଆ ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଶମ୍ଭୁ ଶଙ୍କର ଦୀପ ଆଲୋଚକ ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠିତ ଦୁଇ ଦିନିଆ ଆଲୋଚନା ଚକ୍ରରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରଶ୍ମିତା ନାଏକ ଓ ସରସ୍ୱତୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସେମିଫାଇନାଲରେ ଲଇଡା ଦଳ



କୋଲାବିରା,୧୭।୧(ସମିସ): ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଲଇଡା ଦଳ ଶଙ୍କରା ଦଳକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚ ଲଇଡା ଓ ସାନଜୋବ ରିୟାଂଶ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିୟାଂଶ ଇଲେଭେନ ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଲଇଡା ଦଳ ନିର୍ଦ୍ଧାରିତ ୯ ଓଭରରେ ୩ ୱିକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ରିୟାଂଶ ଇଲେଭେନ ମାତ୍ର ୬୧ ରନରେ ଅଲ ଆଉଟ ହୋଇଥିଲା। ଲଇଡା ଦଳ ୫୧ ରନରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ଲଇଡା ଦଳର ଜଗଦୀଶ ୪୩ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଶଙ୍କରା ଓ ବୁର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଙ୍କରା ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବୁର୍ଲା ଦଳ ନିର୍ଦ୍ଧାରିତ ୯ ଓଭରରେ ୬ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଶଙ୍କରା ଦଳ ୮.୫ ଓଭରରେ ୫ ୱିକେଟ ହରାଇ ୧୧୫ ରନ କରି ୫ ୱିକେଟରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଶଙ୍କରା ଦଳର ସୁନୀଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଶେଷରେ ଲଇଡା ଓ ଶଙ୍କରା ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଇଡା ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଶଙ୍କରା ଦଳ ନିର୍ଦ୍ଧାରିତ ୭ ଓଭରରେ ୪ ୱିକେଟ ହରାଇ ୮୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଲଇଡା ଦଳ ମାତ୍ର ୪.୫ ଓଭରରେ ଗୋଟିଏ ୱିକେଟ ହରାଇ ନିର୍ଦ୍ଧାରିତ ୮୧ ରନ ସଂଗ୍ରହ କରି ୯ ୱିକେଟରେ ବିଜୟୀ ହୋଇଥିଲା ଓ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଲଇଡା ଦଳର ରାହୁଲ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପ୍ରତିଯୋଗିତାରେ ସ୍ୱର୍ଗତଃ ଉଦୟନାଥ ପୁରୋହିତ ଓ ଲକ୍ଷ୍ମୀ ପୁରୋହିତଙ୍କ ପୁତ୍ର ଅଧ୍ୟାପକ ମାନସ ପୁରୋହିତ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିତରଣ କରିଥିବା ବେଳେ ଖେଳଗୁଡିକୁ ପରିଚାଳନା କରିବାରେ କୋଲବିରା ମା' ସମଲେଶ୍ୱରୀ କ୍ଲବର ସୁନୀଲ, ଗୁଡୁ, ଧନଞ୍ଜୟ, ରଜତ, ଭାଡ଼ି, ଦିଲୀପ, ଗଣେଶ, ପ୍ରେମ, ଲୋକନାଥ, ଜିତେନ୍ଦ୍ର, ଅନିଲ, ଭକ୍ତ ଓ ଖେଳ ଶିକ୍ଷକ ରାଜେଶ ପଟେଲ ସହଯୋଗ କରିଥିଲେ।

ଚତୁର୍ଥ ଦିନରେ କଳାହାଣ୍ଡି ଉତ୍ସବ 'ଘୁମୁରା'

କଳାହାଣ୍ଡିର ମାଟି ହିଁ ଶ୍ରଦ୍ଧାଶୀଳ ଅନୁଭବର ପୃଷ୍ଠଭୂମି







ଭବାନୀପାଟଣା, ୧୭ ।୧(ସମିସ)

କଳାହାଣ୍ଡି ଉତ୍ସବ 'ଘୁମୁରା'ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୈତୁରା ଦୀପ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପରିଶ୍ରମ ଦ୍ୱାରା ଏ ମାଟିର ଚାଷୀ ସୃଷ୍ଟି କରିଛି ଭିନ୍ନ ଏକ ମାଟିର କଳାହାଣ୍ଡି। ଯୁଗ ଯନ୍ତ୍ରଣାର ଅସ୍ତିତ୍ୱକୁ ବଦଳାଇ ପାରିଛି ।ତେଣୁ କଳାହାଣ୍ଡିର ସ୍ମୃତି ଓ ସୌରଭ ସମସ୍ତଙ୍କୁ ମନକୁ ଆନ୍ଦୋଳିନ କରୁ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କଳାହାଣ୍ଡି। ଜିଲ୍ଲାରେ ଅଛି ୪୭ଟି ଝରଣା, ନଦୀ ନାଳ ପାହାଡ଼ ଏବଂ ଖଣିଜ ସମ୍ପଦ। ଏତଦବ୍ୟତୀତ ମାଟିରେ ଉତ୍ପାଦିତ ହେଉଥିବା ଧାନ, କପା, ମାଣ୍ଡିଆ, ମାଛ ପନି ପରିବା ଫଳ ଜୀବନ ଧାରଣର ଉତ୍କୃଷ୍ଟ ମାଧ୍ୟମ ପାଲଟିଯାଉ। ଲକ୍ଷ ନିର୍ମାଣର ପ୍ରାମାଣିକତା ପ୍ରତିଫଳନ ହେଉ। କଳାହାଣ୍ଡି ଉତ୍ସବ ଘୁମୁରା କଳା ସଂସ୍କୃତିର ଅନ୍ତରୀଣ ଭାବଧାରାକୁ ଉଜ୍ଜୀବିତ କରିଛି। ମାଁ ମାଣିକେଶ୍ୱରୀ ପଣତ କାନି ତଳେ ଜୀବନର ସୌନ୍ଦର୍ଯ୍ୟକୁ ଭଲପାଇବା ସହ ଜୀବନ ପରି ଜୀବନ ଅନ୍ୱେଷଣ କରି ଭବିଷ୍ୟତ ପାଇଁ ଲକ୍ଷ ସ୍ଥିର କରିବା ଉଚିତ। ସାମଗ୍ରୀକଭାବେ କହିଲେ ଏ ମାଟି ହିଁ ଶ୍ରଦ୍ଧାଶୀଳ ଅନୁଭବର ପୃଷ୍ଠଭୂମିବୋଲି ଆଜି ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଦେଇଥିଲେ ।ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ଚୟନ କରାଯାଇ କୃଷି କ୍ଷେତ୍ରରେ ଚାଷୀ ବିଶ୍ୱନାଥ ନାଗ, ବୈଦ୍ୟରାଜ ପବିତ୍ର ଶବର, କବି ସୀମାଞ୍ଚଳ ନାଗ, କ୍ରୀଡ଼ାବିତ ସନ୍ତୋଷ କୁମାର ପ୍ରଧାନ, ସେବା କ୍ଷେତ୍ରରେ ପୌର ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କଳାହାଣ୍ଡିର ବିକାଶପୁରୁଷ ଭାବେ ପରିଚିତ ସ୍ୱର୍ଗତ ଦୟାନିଧି ନାଏକଙ୍କ ସ୍ମୃତିରେ ଚଳିତ ବର୍ଷରୁ ସ୍ୱର୍ଗତ ଦୟାନିଧି ନାଏକ ସ୍ମାରକୀ ସମ୍ମାନ ଆରମ୍ଭ କରାଯାଇଛି। ପ୍ରଥମ ବର୍ଷରେ ସ୍ମାରକୀ ସମ୍ମାନ ବର୍ଷିୟାନ ସମାଜସେବୀ ଅଶୋକ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱତନ୍ତ୍ର ଭାବେ ସଙ୍ଗୀତଜ୍ଞ ଶଶାଙ୍କ ମହାପାତ୍ର, ଶୁଭେନ୍ଦୁ ପାଢ଼ୀ, ମତ୍ସ୍ୟ ଓ କୁକୁଡ଼ା ଚାଷୀ ଶରତଚନ୍ଦ୍ର ସାହୁ, ଆୟୁର୍ବେଦ ଚିକିତ୍ସକ ଯତୀନ୍ଦ୍ର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ପରିଚାଳନା ଗଠିତ ୨୬ଟି ସବ କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ନାରାୟଣ ମୁଣ୍ଡଛିନା ସଭା ପରିଚାଳନା କରିଥିଲେ। ଶ୍ରୀ ଜଗନ୍ନାଥ ସଙ୍ଗୀତ ବିଦ୍ୟାଳୟ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ଅନୁଷ୍ଠିତ ସଂସ୍କୃତିକ କାର୍ଯ୍ୟକ୍ରମରେ ମୃଣ୍ମୟୀ ଅନୁଷ୍ଠାନ, ଲଗନ୍ ସଂସ୍କୃତିକ ଅନୁଷ୍ଠାନ, ନଟରାଜ କଳା ପରିଷଦ, ଶ୍ରୀ ଅରବିନ୍ଦ କଳାକେନ୍ଦ୍ର, ନୃତ୍ୟପ୍ରଭା ଅନୁଷ୍ଠାନର ବଜାଶାଳ ନୃତ୍ୟ, ଲାଞ୍ଜିଗଡ଼ର ଡାପ ନୃତ୍ୟ, ସଂସ୍କୃତି ଅନୁଷ୍ଠାନର ଘୁଡ଼କା ନୃତ୍ୟ ପ୍ରଦର୍ଶିତ ହୋଇଥିଲା ।ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶୀ, ନୃତ୍ୟାଙ୍ଗନା, ଆସାମର ବିହୁ, ମୟୁରଭଞ୍ଜର ଛଉ, ଗୁଜରାଟର ସିଦ୍ଧି ଧମାଲ, ଅଭିନୟ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସେହିପରି ପାରବା ମୁକ୍ତମଞ୍ଚରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୪୦ଗୋଟି ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋଜ ଶର୍ମା, ମାନସ ପଣ୍ଡା, ନିହାରୀକା ନାୟକ ଓ ପାରବା ମୁକ୍ତମଞ୍ଚରେ ଦୀପ୍ତି ସିଂ, ପ୍ରଶାନ୍ତ ଦାଶ, ଆଶୁତୋଷ ପାତ୍ର, ଲିପ୍ସା ମହାରଣା, ଆରାଧ୍ୟା ନାଏକ, ସତ୍ୟବତୀ, ସସ୍ମିତା ସିଂ, ସାବିତ୍ରୀ ମହାରଣା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଶେଷରେ ଅନ୍ତରା ଚକ୍ରବର୍ତ୍ତୀ ଓ ଆଶିଷ କୁମ୍ଭାରଙ୍କ ଦ୍ୱାରା ପରିବେଷିତ ଷ୍ଟାର ନାଇଟ କାର୍ଯ୍ୟକ୍ରମକୁ ଲକ୍ଷାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ।

ଆଶିଷ କୁମ୍ଭାର, ଅନ୍ତରା ଚକ୍ରବର୍ତ୍ତିଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

'କଳାହାଁଣିଆ ବର୍ନବୋଧ' ଲୋକାର୍ପିତ

ଭବାନୀପାଟଣା, ୧୭ ।୧ (ସମିସ): ଦେଶ-ଜାତି ଓ ଏକ ଅଞ୍ଚଳର ପ୍ରତିନିଧି ସାଜେ ଭାଷା। ଭାବ ପ୍ରକାଶର ସବୁହୁଁ ଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା। ଏତେ ବଡ଼ ସୃଷ୍ଟିରେ ଏକମାତ୍ର ଜୀବ ମଣିଷ ହିଁ ଉଭୟ ଲିଖିତ ଓ ମୌଖିକ ଭାଷା ବ୍ୟବହାର କରିଥାଏ। ଓଡ଼ିଆ ଭାଷାର ବିକାଶ ଓ ଗ୍ରହଣୀୟତା ଦୃଷ୍ଟିରୁ ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ନବୋଧ' ଏକ ଅମୂଲ୍ୟ ସମ୍ପଦ। କଳାହାଣ୍ଡିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ମଧ ତତୋଧିକ। ଏହାକୁ ଦୃଷ୍ଟିରେ ରଖି ବିରଞ୍ଚି ନାରାୟଣ ମୁଣ୍ଡଙ୍କ 'କଳାହାଁଣିଆ ବର୍ନବୋଧ'



କଳାହାଣ୍ଡି ଉତ୍ସବ'ଘୁମୁରା'ର ପ୍ରଥମ ଦିବସରେ ଲୋକାର୍ପିତ ହୋଇଯାଇଛି। ପୁସ୍ତକ ପାଠକାର୍ପଣ ପର୍ବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ଥିଲେ। ପୁସ୍ତକରୁ ସାଧାରଣ ଜନଜୀବନରେ ବ୍ୟବହୃତ ଶବ୍ଦ, ବୋଲି, ଢଗ, ସଂଖ୍ୟା, ମାସ, ବାର, ଋତୁ ସହ ବିଭିନ୍ନ ଖେଳ, ସାପ, ମାଛ, ଜନ୍ତୁ, ପାରସ୍ପରିକ ସମ୍ପର୍କ ଆଦିର ନାମ କଳାହାଣ୍ଡିଆ ଭାଷାରେ ପାଠକ ଜାଣିପାରିବେ। ୫୬ ପୃଷ୍ଠା ବିଶିଷ୍ଟ 'କଳାହାଁଣିଆ ବର୍ଣ୍ଣବୋଧ' ପୁସ୍ତକର ପ୍ରକାଶକ ବିଦ୍ୟାପ୍ରିଣ୍ଟରସ୍, ଭବାନୀପାଟଣା ଥିବାବେଳେ ମୂଲ୍ୟ ୫୦ଟଙ୍କା ରହିଛି। ପଶ୍ଚିମ ଓଡ଼ିଶାର ଭାଷା ସମୃଦ୍ଧି ପାଇଁ 'କଳାହାଁଣିଆ ବର୍ନବୋଧ'ଏକ ମାପକାଠିର ଭୂମିକା ନେବ ବୋଲି ପାଠକମହଲରୁ ପ୍ରକାଶ। 'କଳାହାଁଣିଆ ବର୍ନବୋଧ' ପାଇଁ ଲେଖକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ବରିଷ୍ଠ ନାଗରିକଙ୍କ ରଶି ଟଣା ପ୍ରତିଯୋଗିତା

ଧର୍ମଗଡ଼, ୧୭ ।୧(ସମିସ): ଧର୍ମଗଡ଼ରେ ଆୟୋଜିତ କଳାହାଣ୍ଡି ଉତ୍ସବ 'ଘୁମୁରା'ଅବସରରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ରଶି ଟଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତା ରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଡୋଳା ମଣି ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜୟପାଟଣା ଥାନା ଅଧିକାରୀ ଅର୍ଚ୍ଚନା ନାୟକ, ସହ ଉପଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଧର ସାହୁ ଓ ଗ୍ରୁପ ଏବଂ ସୁନିଲ ପଣ୍ଡା ଓ ଗ୍ରୁପଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ଦଳରେ ୧୦ ଜଣ ଲେଖାଏଁ ପ୍ରତିଯୋଗୀ ସାମିଲ ହୋଇଥିଲେ। ବିଦ୍ୟାଧର ସାହୁ ଓ ଗ୍ରୁପ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ ଓ ଅଭୟ କୁମାର ବାଗ କ୍ରୀଡ଼ା ପରିଚାଳନା କରିଥିଲେ ।ଶ୍ରବଣ ଜାଲ, ନୟନ ରଞ୍ଜନ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ।



ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପିତ

କଳା ଓ କଳାକାରଙ୍କ ମହାସଙ୍ଗମ

ଧର୍ମଗଡ଼, ୧୭ ।୧(ସମିସ): ଢୋଲ ନିଶାନର ତାଳେ ଧର୍ମଗଡ଼ରେ ଆୟୋଜିତ କଳାହାଣ୍ଡି ଉତ୍ସବ 'ଘୁମୁରା' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷା ପ୍ରେକ୍ଷା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସଫଳତାର ସହିତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ଧର୍ମଗଡ଼ ନଗରପାଳ ଅଶୋକ କୁମାର ମହାନ୍ତି, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରମୁଖ ଯୋଗ ଦେଇ କଳାହାଣ୍ଡି ଉତ୍ସବ ଘୁମୁରା ଲୋକଲୋଚନକୁ ଆସି ପାରୁନଥିବା କଳା ଓ କଳାକାରଙ୍କ ମହାସଙ୍ଗମ ଓ ଭାଇଚାରାର ବାର୍ତ୍ତାବହ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଉତ୍ସବ କମିଟି ର ଅଧ୍ୟକ୍ଷା ପ୍ରେକ୍ଷା ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ସଭାକାର୍ଯ୍ୟ କୁ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ ସଂଯୋଜନା କରିଥିବା ବେଳେ ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଧର୍ମଗଡ଼, ଯଶୋଦା ଅନାଥ ଆଶ୍ରମ, ସେଣ୍ଟ ଜାଭିଅର ସ୍କୁଲର କଳାକାର, ସାକ୍ଷୀଗୋପାଳ ର ଗୋଟିପୁଅ, କଳାବିକାଶ କେନ୍ଦ୍ର ଭବାନୀପାଟଣା, ଢୁଲଫୁଲ କଳାପରିଷଦ ବରଗଡ଼, ବ୍ରିନ୍ଦାବନ ସଂସ୍କୃତିକ ଅନୁଷ୍ଠାନ କେସିଙ୍ଗା, କେନ୍ଦୁଝର ର ଝୁମର, ଶ୍ରୀନଗରର କାଶ୍ମୀର ଡାନ୍ସ ଗ୍ରୁପ, ମହାରାଷ୍ଟ୍ରର ଲାବଣୀ ଓ ଷ୍ଟାର ନାଇଟରେ ଅର୍ଚ୍ଚନା ପାଢ଼ୀ ଓ ସାଥିଙ୍କ ମେଲୋଡିରେ ଦର୍ଶକ ମାନେ ଝୁମିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନେନ୍ଦ୍ର ଭୋଇ, ଚିତ୍ତରଞ୍ଜନ କୁମାର, ରାଜେନ୍ଦ୍ର କୁମାର ମୁନି ଓ ଚିତ୍ତରଞ୍ଜନ ଦଳପତି ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମାଧବ ଲହଜଳ ପରିଚାଳନା କରିଥିଲେ।



ଭାରସାମ୍ୟ ହରାଇ ବାଇକ୍‌ଚାଳକ ଗୁରୁତର

କଣ୍ଟାବାଞ୍ଜି, ୧୭ ।୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଏନ୍‌ଏସି ଛକ ନିକଟ ରେଳ ବିଭାଗର ଭୂତଳ ପୋଲ ନିକଟରେ ଶନିବାର ରାତି ୮ରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାଗ୍ରସ୍ତ ଯୁବକ ଜଣ ହେଲେ ବେଲପଡ଼ା ଥାନା ଧୁମାଭଟା ଗାଁର କାସି ରଣା। ବଲାଙ୍ଗୀର ଥାନା ଖାତୁପାଲିର ଆକାଶ ନାଗଙ୍କୁ ସେ ବସଷ୍ଟାଣ୍ଡରୁ ବାଇକ ଯୋଗ୍ରେ ଷ୍ଟେସନରୁ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ବାଇକ୍‌ଟି ଦ୍ରୁତଗତିରେ ଥିବା ଫଳରେ ରେଳ ବିଭାଗର ଭୂତଳ ପୋଲରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

● ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ନିର୍ଦ୍ଦେଶକଙ୍କ ଗସ୍ତ

ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା

ନୂଆପଡ଼ା, ୧୭ ।୧(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର (ପିଏମ ଡ଼ିଡ଼ିକେୱାଇ) ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ କେନ୍ଦ୍ରୀୟ କୃଷି ମନ୍ତ୍ରଣାଳୟ, ଦିଲ୍ଲୀ ନିର୍ଦ୍ଦେଶକ ତଥା କେନ୍ଦ୍ରୀୟ ନୋଡାଲ ଅଧିକାରୀ ନଟବର ପାଲ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀରେ ଜିଲ୍ଲାର ଅଗ୍ରଗତିର ସମୀକ୍ଷା କରିଥିଲେ। ସେ ଜିଲ୍ଲା ପ୍ରଶାସନକୁ ଜିଲ୍ଲାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ତାଙ୍କର ଶିକ୍ଷସଂସ୍ଥା ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ବ୍ଲକକୁ ପୋଷ୍ୟ ରୂପେ ଗ୍ରହଣ କରି ଏହାର କୃଷି ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ସମୀକ୍ଷା ବୈଠକରେ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ, ରାୟପୁରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ରାମ ମୋହନ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ଉପନିର୍ଦ୍ଦେଶକ, ପରିସଂଖ୍ୟାନ ଦିଲେଶ୍ୱର ଧରୁଆ, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା ଏବଂ ସଂଶ୍ଳିଷ୍ଟ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଗସ୍ତ ଅବସରରେ ନିର୍ଦ୍ଦେଶକ ଶ୍ରୀ ପାଲ କୋମନା ବ୍ଲକ ରେଙ୍ଗଗ୍ରାମରେ ଏକ ଛେଳି ଚାଷ ୟୁନିଟ୍, ଡୁମେରପାଣି ଗ୍ରାମର ମାଛ ଚାଷ ପ୍ରକଳ୍ପ ଓ ମହୁଲଭଟାର ଚିଙ୍ଗୁଡ଼ି ଚାଷ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଚାଷୀଙ୍କୁ ଉତ୍ସାହିତ କରିବା ସହିତ ସମନ୍ୱିତ କୃଷି ପ୍ରଣାଳୀ ଆପଣାଇ ସମୃଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ।

● କର୍ଣ୍ଣାଟକ ଇଟାଭାଟିରୁ ଦାଦନ ଶ୍ରମିକ ଉଦ୍ଧାର

ଶ୍ରମିକ ପରିବାରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ

ନୂଆପଡ଼ା, ୧୭ ।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ, ଭରୁଆମୁଣ୍ଡା ପଞ୍ଚାୟତରୁ ୧୦ ଜଣ ପ୍ରବାସୀ ଶ୍ରମିକଙ୍କୁ କର୍ଣ୍ଣାଟକ ରାଜ୍ୟ ବାଗଲକୋଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଇଟାଭାଟିରୁ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଗୁରୁବାର ହସ୍ତାନ୍ତର କରାଯାଇଥିଲା। ଜିଲ୍ଲା ପ୍ରଶାସନ ବାଗଲକୋଟ, ଗୁଲେଡାଗୁଡ୍ଡା ତାଲୁକର ମୁରାଡି ଗ୍ରାମରେ ଅବସ୍ଥିତ ଇଟା ଭାଟିରୁ ୫ଜଣ ମହିଳା ଓ ୫ଜଣ ପୁରୁଷ ମୋଟ ୧୦ ଜଣ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର କରି ଜଣେ ଅଧିକାରୀଙ୍କ ସହାୟତାରେ ନୂଆପଡ଼ା ପଠାଇଥିଲେ। ପରିବାର ଗୁଡ଼ିକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରି ପ୍ରାସଙ୍ଗିକ ଆଇନ ଏବଂ ନିୟମ ଅନୁଯାୟୀ ଆବଶ୍ୟକୀୟ ପୁନର୍ବାସ ଏବଂ ପ୍ରତ୍ୟାବର୍ତ୍ତନ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ।ପୀଡ଼ିତ ୫ଟି ପରିବାର ମୁଖ୍ୟ ଯଥା ଫୁଲ ଚରଣ ହେର୍ଣ୍ଣା, ମାଧବହେର୍ଣ୍ଣା, ମହେନ୍ଦ୍ର ହେର୍ଣ୍ଣା, ଜରେଲ ପଦର ଗାଁ, ମୋହନ ଗହିର, ଶ୍ରଦ୍ଧାପୁର ଏବଂ ଭଜମନ ନାଗ, ସିନାପାଲିଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରିଛନ୍ତି। ଏହା ସହିତ ସେମାନଙ୍କ ଜୀବନ ଜୀବିକା ନିର୍ବାହ ପାଇଁ ସାଧନ ଯୋଗାଇ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟି ବୈଠକ

କଣ୍ଟାବାଞ୍ଜି, ୧୭ ।୧(ସମିସ): ସ୍ଥାନୀୟ ଅଶୋକନଗର ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟ ବତୀ ଧରୁଆ ଅଭିଭାବକଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ବୈଠକରେ ଉପସ୍ଥିତ ରହି ଅଭିଭାବକଙ୍କୁ ଗୁଣାତ୍ମକ ଶିକ୍ଷା ଓ ବିକଶିତ ଓଡ଼ିଶା, ଶିକ୍ଷଣ ଉପଲବ୍ଧିର ସମୀକ୍ଷା, ୨୦୨୫-୨୦୨୬ ବାର୍ଷିକ ପରୀକ୍ଷା (ପଞ୍ଚମ ଓ ଅଷ୍ଟମ ଶ୍ରେଣୀ), ପରୀକ୍ଷା ପ୍ରସ୍ତୁତିରେ ଅଭିଭାବକଙ୍କ ଭୂମିକା, ପଢ଼ିବା ଗଢ଼ିବା ଓଡ଼ିଶା, ଶିକ୍ଷଣ ସୋପାନ ଓ ପ୍ରଗତି ପରୀକ୍ଷଣ, ଡିଜିଟାଲ ଶିକ୍ଷା, ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ସୁବିଧା ସୁଯୋଗ, ସାମାଜିକ ଦାୟିତ୍ୱ, ବାଲ୍ୟବିବାହ ନିଷେଧ ଓ ଲିଙ୍ଗଗତ ସମାନତା, ବିଦ୍ୟାଳୟ ସୁରକ୍ଷା ଓ ବୁଲା କୁକୁର ସଚେତନତା, ଗଠନ ମୂଳକ ଆଲୋଚନା ବିଷୟରେ ବିଶଦ ଭାବେ ଆଲୋଚନ କରିଥିଲେ। ଅଭିଭାବକଙ୍କ ମତାମତ ମଧ୍ୟ ଗ୍ରହଣ କରାଯାଇଥିଲା। ଶିକ୍ଷୟିତ୍ରୀ ଭାରତୀ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ-ଅଭିଭାବିକା ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ସମୀକ୍ଷା ବୈଠକ

କୁଷ୍ଠ ରୋଗୀ ପରିବାରକୁ ଭେଟିବେ ଜିଲ୍ଲାପାଳ

ନୂଆପଡ଼ା, ୧୭ ।୧(ସମିସ)

କୁଷ୍ଠ ନିରାକରଣ ଦିବସ ଉପଲକ୍ଷେ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଉପରେ ଜିଲ୍ଲା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କୁଷ୍ଠ ନିରାକରଣ ଦିବସ-୨୦୨୬ ଜାନୁୟାରୀ ୩୦ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏ ବର୍ଷ କୁଷ୍ଠ ନିରାକରଣ ଦିବସର ବିଷୟବସ୍ତୁ ହେଉଛି 'ଅନ୍ତ ଭେଦଭାବର, ସୁରକ୍ଷା ମର୍ଯ୍ୟାଦାର'। ୨୦୨୭ ସୁଦ୍ଧା ଦେଶରୁ କୁଷ୍ଠ ରୋଗର ନିପାତ ପାଇଁ ଲକ୍ଷ୍ୟ ରଖା ଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଧନେଶ୍ୱର ସେଠୀ କୁଷ୍ଠ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ।ଜିଲ୍ଲାପାଳ କହିଲେ ଯେ କୁଷ୍ଠ ରୋଗ ଏକ ମାରାତ୍ମକ ରୋଗ ନୁହଁ କି ଏକ ମହାମାରୀ ନୁହେଁ। ଜିଲ୍ଲାର ସମସ୍ତ କୁଷ୍ଠ ରୋଗୀର ଏକ ତାଲିକା ପ୍ରସ୍ତୁତ କରି ସମସ୍ତ ବିଡ଼ିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠା ଯିବ। କୁଷ୍ଠ ରୋଗୀମାନେ ଯେପରି ସମସ୍ତ ସରକାରୀ ଯୋଜନାର ସୁବିଧା ପାଇବେ ପଦକ୍ଷେପ ଗ୍ରହଣ କରିବେ ପାଇଁ ଆଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ସ୍କୁଲରୁ ନବମ କ୍ଲାସର ଟପ୍ପର ଛାତ୍ରୀଙ୍କୁ କୁଷ୍ଠ ରୋଗର ନିରାକରଣ ପାଇଁ ହେଉଥିବା ସଚେତନତା କାମ୍ପେନର ବ୍ରାଣ୍ଡ ଆମ୍ବାସାଡର ବଛା ଯିବ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଡ. ତନ୍ମୟ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଡ. ଜ୍ୟୋତିର୍ମୟ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି), ଡ. ଦିଲୀପ କୁମାର ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ସତ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ଏବଂ ସାମୁହିକ ଭାବେ କୁଷ୍ଠାକ୍ରାନ୍ତ ବ୍ୟକ୍ତିଙ୍କ ସହିତ ହେଉଥିବା ବାସନ୍ଦ କିମ୍ବା ଭେଦଭାବକୁ ଦୂର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ସବୁ ପ୍ରକାର ଚେଷ୍ଟା ଜାରି ରଖିବୁ। ଆମ୍ଭେମାନେ ଆଜିର ଦିନରେ ଶପଥ ନେଉଅଛୁକି, ସମସ୍ତ ଭେଦ ଭାବକୁ ଦୂର କରି, କୁଷ୍ଠ ଆକ୍ରାନ୍ତଙ୍କୁ ମର୍ଯ୍ୟାଦାର ସହ ଆପଣାଇନେବା ଏବଂ କୁଷ୍ଠ ମୁକ୍ତ ଭାରତ ଗଢିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।



ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସୋନପୁର ଚାମ୍ପିଅନ

କୋମନା, ୧୭ ।୧(ସମିସ): କୋମନା ଜିତାମିତ୍ର ହାଇସ୍କୁଲ ପଡ଼ିଆରେ ଚାଲିଥିବା ବ୍ୟାସଦେବ ମେମୋରିଆଲ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସୋନପୁର ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅପ ଆଖ୍ୟା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟର ଅନ୍ତିମ ମୁକାବଲା ସୋନପୁର ଦଳ ଏବଂ ବାନେର ଦଳ ମଧ୍ୟରେ ହୋଇଥିଲା। ଆରମ୍ଭରୁ ହିଁ ସୋନପୁର ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ।ଶେଷରେ ସୋନପୁର ଦଳ ୪-୦ ଗୋଲରେ ବାନେର ଦଳକୁ ପରାସ୍ତ କରି ଟ୍ରଫି ହାତେଇଥିଲା। ବାନେର ଦଳ ଚଳିତ ବର୍ଷ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି ।ଉଦ୍‌ଯାପନୀ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟି ସଭାପତି ପ୍ରମୋଦ ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ସର୍ବେଶ୍ୱର ଜାଲ, ଅବସରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, ଅଲ୍ ଇଣ୍ଡିଆ ୟୁଥ୍ ଜେନେରାଲ ସେକ୍ରେଟାରୀ ଅଙ୍କିତ ସିଂଘାଣିଆ, ବ୍ଲକ ଚେୟାରମ୍ୟାନଙ୍କ ପ୍ରତିନିଧି ଗୁପ୍ତେଶ୍ୱର କୁମ୍ଭାର, ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ସାମ୍ବାଦିକ କୁନୁ କରୁଆଁ ପ୍ରମୁଖ ଅତିଥିମାନେ ବିଜୟୀ ସୋନପୁର ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ। ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ବଉକ, ଯାଦବ ପ୍ରଧାନ, ପରେଶ ଚନ୍ଦ୍ର ପାଣିଗ୍ରାହୀ, ମଙ୍ଗଳା ପ୍ରସାଦ ବର୍ଗେ, ରାଧେଶ୍ୟାମ କରୁଆଁ, ବଳରାମ ସରାଫ, ବଳମତ ଘିଭେଲା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ତୋଫାନ ନିଆଲ ଓ ଶଙ୍କର ଯୋଗା ରାଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆନ୍ତରାଜ୍ୟ ଟୁର୍ଣ୍ଣାମେଣ୍ଟକୁ ପ୍ରଚାର ପ୍ରସାର କରୁଥିବା ସାମ୍ବାଦିକ ନନ୍ଦିଘୋଷ ଖମାରି, ନଟ ଆଡବଙ୍ଗ, ସରୋଜ ଦାସ ଓ ମହେଶ ବାଗ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଧ୍ୟାପକ ଡ଼.ଦୀପକ ଦାସ ଉଦ୍‌ଯାପନୀ ସମାରୋହର ମଞ୍ଚ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ସମ୍ପତ୍ତି ପାଇଁ ସାନଭାଇର ହତ୍ୟା ଷଡ଼ଯନ୍ତ୍ର ରଚିଲା ବଡ଼ଭାଇ

ତୁଷୁରା ନଟରାଜ ହତ୍ୟା ମାମଲାରେ ବଡ଼ଭାଇ ସମେତ ୮ ଗିରଫ

ବଲାଙ୍ଗିର,୧୭।୧(ସମିସ)

ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଦେଉଲଗାଁର ଯୁବ ବ୍ୟବସାୟୀ ନଟରାଜ ଥନାପତି ମୃତ୍ୟୁ ମାମଲାରେ ପୁଲିସକୁ ସଫଳତା ମିଳିଛି। ଗତ ଜାନୁୟାରୀ ୨ ତାରିଖରେ ବ୍ରିଜ ତଳୁ ସନ୍ଦେହଜନକ ଅବସ୍ଥାରେ ନଟରାଜଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣା ପରେ ତାଙ୍କ ଭାବି ସ୍ତ୍ରୀ ଦେଇଥିବା ବୟାନ ଓ ଏହି ଘଟଣାରେ ତାଙ୍କ ବଡ ଭାଇଙ୍କ ନୀରବତାକୁ ନେଇ ପୁଲିସ ସନ୍ଦେହ କରିଥିଲା। ଫଳରେ ଏହି ମାମଲା ହତ୍ୟା ମାମଲାକୁ ରୂପାନ୍ତରିତ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବଡଭାଇ ନବ କୁମାର ଥନାପତି, ବନ୍ଧୁ କ୍ଷେତ୍ରମୋହନ ସୁନା, ସହଯୋଗୀ ରାଜା କୁମ୍ଭାର, ମିଳନ ବହିଦାର, ମହାଦେବ ବାଗ ଓରଫ ମଣ୍ଟୁ, ରଞ୍ଜିତ ମିଶ୍ର, ସାହିଲ ବରର୍ଡି, ମନୋଜ ସେଲମା। ଏହି ମାମଲାରେ ସଂପୃକ୍ତ ଥିବା ଆଉ ୩ ଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ସଂପୂର୍ଣ୍ଣ ଘଟଣାର ଅସଲ ମାଷ୍ଟରମାଇଣ୍ଡ ମୃତ ନଟରାଜଙ୍କ ବଡଭାଇ ବୋଲି ପୁଲିସ ସ୍ପଷ୍ଟ କରିଛି। ସେ ହିଁ ନଟରାଜଙ୍କ ବନ୍ଧୁକୁ ହାତ କରି ୬ସୁପାରୀ କିଲରକୁ ଡକାଇ ନଟରାଜଙ୍କୁ ହତ୍ୟା କରିଥିବା ଏସ୍‌ପି ଅଭିଲାଷ ଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଏହି ହତ୍ୟା ଘଟଣା ପଛରେ ଦୁଇ ଭାଇଙ୍କ ମଧ୍ୟରେ ରହିଥିବା ସମ୍ପତ୍ତି ଓ ପାରିବାରିକ ଗଣ୍ଡଗୋଳ ବୋଲି ପୁଲିସ କହିଛି।

ଗତ ୩ ତାରିଖ ସକାଳୁ ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଡାହିମାଲ ଛକ ତେଲ ନଦୀ ବ୍ରିଜ ତଳୁ ନିକଟସ୍ଥ ଦେଉଲଗାଁର ଯୁବ ବ୍ୟବସାୟୀ ନଟରାଜ ଥନାପତିଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଥିଲା। ତେବେ ସେ ଆତ୍ମହତ୍ୟା କରିଥିବା ନେଇ ପୁଲିସ ସନ୍ଦେହ କରିଥିଲା। ଏନେଇ ତୁଷୁରା ଥାନା କେସ



- ସମ୍ପତ୍ତି ପାଇଁ ତିକ୍ତତା, ତିକ୍ତତାରୁ ହତ୍ୟା
- ବଡଭାଇ ଦେଇଥିଲା ସୁପାରୀ, ବନ୍ଧୁ ସାଜିଥିଲେ ସହଯୋଗୀ

ନଂ ୧/୨୦୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ତେବେ ନଟରାଜଙ୍କ ବିବାହ ଆଉ ମାସେ ଥିଲା। ତାଙ୍କ ମୃତ୍ୟୁ ପରେ ତାଙ୍କ ଭାବି ସ୍ତ୍ରୀ ନିଜ ପ୍ରତିକ୍ରିୟା ରଖିଥିଲେ। ଯାହାକି ସନ୍ଦେହ ସୃଷ୍ଟି କରିଥିଲା। ଘଟଣା ଦିନ ରାତିରେ ସେ ନଟରାଜଙ୍କ କଥା ହେଉଥିବା ବେଳେ ଫୋନ୍ ରଖିବା ସମୟରେ ସେ ତାଙ୍କ ବନ୍ଧୁ କ୍ଷେତ୍ରମୋହନ ସୁନାଙ୍କୁ ଡାକିଥିଲେ। ସେ ହ ଘଟଣା ବିଷୟରେ ଜାଣିଥିବେ ବୋଲି ସନ୍ଦେହ ପ୍ରକାଶ କରିଥିଲେ। ଏହି ଘଟଣା ପରେ ପୁଲିସ ଛାନଭିନ ଆରମ୍ଭ କରିଥିଲା। ଶେଷରେ ଏହି ମାମଲା ଉପରୁ ପୁଲିସ ରହସ୍ୟର ପରଦା ହଟାଇଛି। ନଟରାଜ ଆତ୍ମହତ୍ୟା କରି ନ ଥିବା ବେଳେ ତାଙ୍କ ଭାଇ ହିଁ ସୁପାରୀ ଦେଇ ତାଙ୍କୁ ହତ୍ୟା କରାଇଥିବା ପୁଲିସ ସ୍ପଷ୍ଟ କରିଛି। ଉଭୟ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ପାରିବାରିକ ପ୍ରସଙ୍ଗ ଓ ସମ୍ପତ୍ତିକୁ ନେଇ ଗଣ୍ଡଗୋଳ ରହିଥିଲା। ଯାହାକୁ ନେଇ ନଟରାଜ ନିଜ ମା ବାପାଙ୍କ ସହ ଅଲଗା ଦୋକାନ କରି ରହୁଥିଲେ। ଗତ ଡିସେମ୍ବର ମାସରେ ଉଭୟଙ୍କ ମଧ୍ୟରେ ବଡ ଧରଣର ଝଗଡା ହୋଇଥିଲା। ଯାହାକୁ ନେଇ ବଡଭାଇ ନବ କୁମାର ଥନାପତି ନଟରାଜଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିପାଇଁ ନଟରାଗଙ୍କ ଭଲ ବନ୍ଧୁ କ୍ଷେତ୍ରମୋହନ ସହ ହାତ ମିଶାଇ ଟଙ୍କାର ଲୋଭ ଦେଖାଇଥିଲେ। ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ କରିବା ପରେ କ୍ଷେତ୍ରମୋହନ ତୁଷୁରା ସମଲେଶ୍ୱରୀପଡାର ରାଜା କୁମ୍ଭାରଙ୍କ ସହାୟତାରେ ଆଉ କିଛି ଯୋଗାଯୋଗ କରିଥିଲା। ୬୦ ହଜାର ଟଙ୍କା ଅଗ୍ରୀମ ଦେଇ ହତ୍ୟା ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ୨ ତାରିଖ ରାତି ପ୍ରାୟ ୧୨ଟାରେ କ୍ଷେତ୍ରମୋହନ ଜରୁରୀ କାମ ଥିବା କହି ନଟରାଜଙ୍କୁ ଡାହିମାଲ ଛକକୁ ଡାକିଥିଲେ। ପରେ ସେମାନେ ନିକଟସ୍ଥ ତେଲ ନଦୀ ବ୍ରିଜକୁ ଯାଇଥିଲେ। ସେହି ସମୟରେ କ୍ଷେତ୍ରମୋହନ କିଛି ସମୟ ପରେ ଆସୁଥିବା କହି ସେଠାରୁ ଚାଲିଯାଇଥିଲେ। ଏକା ନଟରାଜ ବ୍ରିଜ ଉପରେ ବସି ନିଜ ଭାବି ସ୍ତ୍ରୀଙ୍କ ସହ କଥା ହେଉଥିବା ବେଳେ ଦୁଇଟି କାରରେ କିଛି ଯୁବକ ଆସି ତାଙ୍କୁ ଜୋରରେ ଧକ୍କା ଦେଇଥିଲେ। ବ୍ରିଜରୁ ପଡି ନଟରାଜଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ଗାଡି ଚଢାଇ ମାରିବାକୁ ଯୁବକମାନେ ଯୋଜନା କରିଥିବା ବେଳେ ନଟରାଜ ବ୍ରିଜ ଉପରେ ବସିଥିବାରୁ ସେମାନେ ମଧ୍ୟ ଗାଡି ସହ ପଡିଯିବା ଭୟରେ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଏହି ମାମଲା ଅପମୃତ୍ୟୁ ମାମଲାରୁ ହତ୍ୟା ମାମଲାକୁ ରୂପାନ୍ତରିତ ହୋଇଥିଲା। ଶନିବାର ୮ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି।

ଭାଇ ଯେତେବେଳେ ଭଗାରୀ ସାଜେ...

କୁହାଯାଏ ଭାଇ ଭାଇର ସଂପର୍କ ବେଶ୍ ଅମୂଲ୍ୟ। ଯେତେବେଳେ ସବୁ ସଂପର୍କ ପର ହୋଇଯାଏ ସେତେବେଳେ ଭାଇ ହିଁ ପାଖରେ ଛିଡା ହୋଇଥାଏ। କିନ୍ତୁ ସମ୍ପତ୍ତି ଲୋଭ ଯେତେବେଳେ ଭାଇକୁ ଭଗାରି ସଜାଇଦିଏ ସେତେବେଳେ ନା ଦିଶେ ରକ୍ତ ସଂପର୍କ ନା ଭାଇର ସଂପର୍କ। ବଲାଙ୍ଗିର ଜିଲ୍ଲାରେ ଏମିତି ଏକାଧିକ ମାମଲା ସାମ୍ନାକୁ ଆସିଛି; ଯେଉଁଥିରେ ଭାଇ ହିଁ ଭାଇର ହତ୍ୟାକାରୀ ପାଲଟି ପୁଲିସ ହାତରେ ଗିରଫ ହୋଇଛି। ଚର୍ଚ୍ଚିତ ତୁଷୁରା ନଟରାଜ ଥନାପତି ହତ୍ୟା ମାମଲାରେ ତାଙ୍କ ବଡଭାଇ ମୁଖ୍ୟ ଅଭିଯୁକ୍ତ। ସେ ନିଜ ଭାଇକୁ ହତ୍ୟା କରିବା ପାଇଁ ସୁପାରୀ ଦେଇଥିଲେ। ଏହି ମାମଲାରେ ନଟରାଜଙ୍କ ବଡଭାଇ ନବ ଥନାପତି ଗିରଫ ହୋଇଛନ୍ତି।

ସେହିପରି ଗତ କିଛି ମାସ ପୂର୍ବରୁ ଟିଟିଲାଗଡ ହାଟପଦାପଡାରେ ଜଣେ ୧୭ ବର୍ଷର ନାବାଳକ ୧୨ ବର୍ଷର ନିଜ ସାନଭାଇକୁ ମାରି ଘର ନିକଟରେ ପୋତିଦେଇଥିଲା। ମା ବାପାଙ୍କ ସ୍ନେହ ଆଦର ସାନଭାଇ ପ୍ରତି ଥିଲା। ତାହା ଅସହ୍ୟ ହୋଇଥିବାରୁ ସେ କୁଆଡେ ନିଜ ରକ୍ତ ସଂପର୍କ ଭାଇକୁ ହତ୍ୟା କରିଥିବା ଜଣାପଡିଥିଲା। ୨୦୨୩ ମସିହାରେ ବଲାଙ୍ଗିର ସହର ସାଲେପାଲିରେ ସାନଭାଇ ପିଙ୍କୁ ମେହେର ବଡଭାଇ ରିଙ୍କୁ ମେହେରକୁ ହତ୍ୟା କରିଥିଲା। କେବଳ ହତ୍ୟା କରି ନ ଥିଲା; ମୃତଦେହକୁ ଟାଙ୍ଗିଆରେ ୮ ଖଣ୍ଡ କରି ପଲିଥିନରେ ଫିଙ୍ଗିବାକୁ ଉଦ୍ୟମ କରିଥିଲା। ଏପରିକି ଭାଇ ଶବ ସହ ସେ କିଛି ଦିନ ବିତାଇଥିଲା। ହତ୍ୟା ପରେ ବି ପଶ୍ଚତାପ କରି ନ ଥିଲା। ବଡଭାଇ ରିଙ୍କୁ ନିୟମିତ ମା, ବାପାଙ୍କୁ ମାଡ ମାରି ନିର୍ଯାତନା ଦେଉଥିବାରୁ ସେ ହତ୍ୟା କରିଥିବା କହିଥିଲା। ପୁଲିସ ତାକୁ ଗିରଫ କରିଥିଲା। ଏମିତି ଅନେକ ଉଦାହରଣ ରହିଛି; ଯେଉଁଠି ନିଜ ରକ୍ତ ସଂପର୍କର ଭାଇ ବିଭିନ୍ନ କାରଣରୁ ଭାଇକୁ ବି ହତ୍ୟା କରିବାକୁ ପଛାଉନାହିଁ।

ପ୍ୟାକ୍ସରେ ମଦ ପିଇ ଧରାପଡ଼ିଲେ ସମ୍ପାଦକ

ବେଲପଡା,୧୭ ।୧ (ସମିସ): ବେଲପଡା ବ୍ଲକ ଧୁମାଭଟା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଚିନ୍ତାମଣି ମଲ୍ଲିକ ଡ୍ୟୁଟି ସମୟରେ ମଦ ପିଇ ଧରା ପଡିଛନ୍ତି। ଏଠାରେ ଠିକ୍ ଭାବେ ମଣ୍ଡିରୁ ଧାନ ବିକ୍ରି ହେଉନି। ଅଧିକ କଟନୀ ଛଟନି କରାଯାଉଛି। ଏଭଳି ଅଭିଯୋଗ କରି ଆଜି ଚାଷୀମାନେ ବିରକ୍ତି ପ୍ରକାଶ କରି ହୋ ହାଲ୍ଲା କରିଥିଲେ। ଏହି ସମୟରେ ଦାୟିତ୍ୱରେ ଥିବା ସମବାୟ ସମିତିର ସମ୍ପାଦକ ଶ୍ରୀ ମଲ୍ଲିକ ଚାଷୀଙ୍କୁ ଖରାପ ବ୍ୟବହାର କରିଥିଲେ। ମଦ୍ୟପାନ କରି ଏପରି ବ୍ୟବହାର କରୁଥିବା ଦେଖି ଚାଷୀ ପୁଲିସକୁ ଖବର ଦେଇଥିଲେ। ବେଲପଡା ଆଇଆଇସି ଅନନ୍ତ ପଧାନ ପହଞ୍ଚି ପରୀକ୍ଷା କରିଥିଲେ। ପ୍ୟାକ୍ସ ସମ୍ପାଦକକୁ ମେସିନ ଫୁଙ୍କିବାକୁ କହିଥିଲେ। ପ୍ରମାଣ ମିଳିବା ପରେ ପୁଲିସ ତାଙ୍କୁ ଥାନାକୁ ନେଇ ଅଟକ ରଖିଛି।

କଣ୍ଠଶିଳ୍ପୀ କୁନି ଛତ୍ରିଆଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର,୧୭ ।୧(ସମିସ): ସ୍ଥାନୀୟ କଚେରୀ ଛକରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ଜଣାଶୁଣା କଳାକାର କୁନି ଛତ୍ରିଆଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୌରାଧକ୍ଷା ଲିକା ସାହୁ, ଲୋଟସ ଷଡ଼ଙ୍ଗୀ, କାଉନସିଲର ନନ୍ଦିନୀ ପୋଡ଼, କୋଶଳ ମୁକ୍ତି ମୋର୍ଚ୍ଚାର ବିକାଶ ସା, ଫ୍ରେଣ୍ଡସ କ୍ଲବର ଜଗନ୍ନାଥ ମିଶ୍ର, ମଧୁ ବନଛୋର, ରଂଜିତ ବେହେରା, ସ୍ମାଇଲ ଫର ଅଲର ସଂଜୀବ ସାହୁ, ସେମ୍ପନ ମିଶାଲ, ଲିବେରେସନର ସତ୍ୟ ହୋତା, ନଟରାଜ କଳାପରିଷଦର ରାମ ଦାସ, ଆଶିଷ ସିଂ, ଲାଇଟ ଆସୋସିଏସନର ଉତ୍ତମ ନନ୍ଦ, କଳାକାର ଲଳିତ ପୁଝାରୀ, ମିଳି ବାରିକ, ରଞ୍ଜନ ପଟେଲ, ଶ୍ରୀପଦା ଷଡ଼ଙ୍ଗୀ, ମିନତୀ ରାଓ, ପ୍ରିୟଙ୍କା ନାଗ, ହାପି ବାରିକ, ପ୍ରିୟଙ୍କା ସିଂଦେଓ, ବାସନ୍ତୀ ବାରିକ, ମାନସ ପଟେଲ, ରାଜେଶ ସାହୁ, ପ୍ରକାଶ ସାହୁ, ରାହୁଲ ବାଗ, ରବୀନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ରହି କୁନିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସୋମନାଥ ମିଶ୍ର ସଂଯୋଜନା କରିଥିଲେ। ଗୋବିନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

ବଲାଙ୍ଗିର ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ବଲାଙ୍ଗିର,୧୭ ।୧(ସମିସ): ବଲାଙ୍ଗିର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରୁଣୀ ସୁନା, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ପଦ୍ମିନୀ ସାହୁ ଏବଂ ତାଲିମ କେନ୍ଦ୍ରର ଅଧକ୍ଷ ସମା ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୬୭୮ ଜଣ ଚାକିରି ଆଶାୟୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ୯ ଜଣ ପ୍ରାର୍ଥୀଙ୍କୁ ତୁରନ୍ତ ନିଯୁକ୍ତି ପତ୍ର ଦିଆଯାଇଥିଲା। ୧୨ ଜଣଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ବଣ୍ଟନ କରାଯାଇଥିଲା। ୨୨ଟି ଘରୋଇ ନିଯୁକ୍ତିଦାତା ଆସିଥିଲେ। ସେହିପରି ଜିଲ୍ଲାରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ପାଇଁ ୧୦ ପ୍ରକଳ୍ପ କାର୍ଯ୍ୟକାରୀଣି ସଂସ୍ଥା ଅଂଶଗ୍ରହଣ କରିଥିଲେ। ଜ୍ୟୋତିପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରିଣୀ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବଲାଙ୍ଗିରରେ ଆନ୍ତଃ ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତା

ବଲାଙ୍ଗିର,୧୭ ।୧(ସମିସ): ବଲାଙ୍ଗିରରେ ନୂତନ ଭାବେ ନିର୍ମିତ ଲନ୍ ବଲ୍ କୋର୍ଟ ଓ ଆନ୍ତଃରାଜ୍ୟ ଲନ୍ ବଲ୍ ପ୍ରତିଯୋଗିତାର ଉଦ୍‌ଘାଟନ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୭ଟି ଆନ୍ତଃରାଜ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ଲନ୍ ବଲ୍‌ର ରାଜ୍ୟ ସମ୍ପାଦକ ସୁମିତ ପୁରୋହିତ ଉପସ୍ଥିତି ଥିଲେ।

ଦେଓଗାଁରେ ବ୍ଲକ୍‌ସ୍ତରୀୟ ଜୀବନଶୈଳୀ ପ୍ରଦର୍ଶନୀ

ଦେଓଗାଁ,୧୭।୧(ସମିସ): ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବ୍ଲକସ୍ତରୀୟ ଧରଣୀୟ ଜୀବନଶୈଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱ ଏବଂ ବ୍ଲକ ସଂଯୋଜକ ରାଜକିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକ, ମୁଖ୍ୟବକ୍ତା ଭାବେ ବନ୍ଧପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା, ସମ୍ମାନୀତ ଭାବେ ଏବିଇଓ କବିରାଜ ମାଝୀ, ଚୈତନ୍ୟ ଧରୁଆ, ପୁଷ୍ପାଞ୍ଜଳି ଗୁରୁ, ସୁଜାତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୭ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏସଏସଡି ରାମଚନ୍ଦ୍ରପୁରର ଅଳକା କୁମାର, ବଡବାହାଲ ହାଇସ୍କୁଲର ଶ୍ରୀୟା ରଣା ଓ ବନ୍ଧପାଲି ହାଇସ୍କୁଲର ଲିପିନା ବାଗଙ୍କ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନିତ ହୋଇଥିଲା। ବିଚାରକ ଭାବେ ଗୋପାଳ ଚନ୍ଦ୍ର ମେହେର ଓ ପ୍ରଦୀପ୍ତ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁବ୍ରତ ବାବୁ, ବିରେନ୍ଦ୍ର ସା, ରାଜକୁଶୋର ଦାଶ, ସନ୍ନନ୍ଦ ନାଏକ, ସଞ୍ଜୀବ ଷଡଙ୍ଗୀ, ସୁଶାନ୍ତ ମହାନ୍ତି, ସୁଜିତ ପଧାନ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ, କସ୍ତୁରୀ ଚରଣ ରାଉତ, ସୁଶୀଳ ପଧାନ, ମଣି ରଣା ପ୍ରମୁଖ ସହଯୋଗ କରିଥିଲେ। ପ୍ରତାପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜଳବାୟୁ ପରିବର୍ତ୍ତନ ମୁକାବିଲା କର୍ମଶାଳା

ଦେଓଗାଁ,୧୭।୧(ସମିସ): ଦେଓଗାଁ ବ୍ଲକ ସଭାକକ୍ଷରେ ବଲାଙ୍ଗିର ଡିପିଆରସି ତରଫରୁ ଶୁକ୍ରବାର ଜଳବାୟୁ ପରିବର୍ତ୍ତନ ମୁକାବିଲା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରିୟ ରଞ୍ଜନ କୁମାର, ସମ୍ମାନୀତ ଭାବେ ଏବିଡିଓ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରଶିକ୍ଷିକା ଭାବେ ଜ୍ୟୋସ୍ନା ନନ୍ଦ ଓ ଗୌର ରାଜପଲିଆ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ବିଭିନ୍ନ ଉପାୟ ବିଷୟରେ ଅବଗତ କରିଥିଲେ।

ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଚକ୍ଷୁଦାନ କଲେ ପରିବାର

ବଲାଙ୍ଗିର,୧୭।୧(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବରଣ୍ଡାବାହାଲ ଛକ ନିକଟରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ପଥର୍ଲା ଗାଁର



ଆଉଁଲ କ ଙ୍କ ସାନପୁଅ ଝସକେତନ କମ୍ପ(୨୬)। ଝସକେତନ ଘରକୁ ଫେରୁଥିବା ବେଳେ ତାଙ୍କୁ ବରଣ୍ଡାବାହାଲ ଛକରେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସକାଳୁ ତାଙ୍କ ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଅଳ୍ପ ବୟସରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଝସକେତନଙ୍କ ପରିବାର ଚକ୍ଷୁଦାନ କରି ମହାନତାର ପରିଚୟ ଦେଇଛନ୍ତି। ଏଥିପାଇଁ ଖଗେଶ୍ୱର କମ୍ପ ସ୍ୱୀକୃତୀ ପ୍ରଦାନ କରିଥିଲେ।

ମୁରିବାହାଲ ବ୍ଲକ୍ କଂଗ୍ରେସ ସଭାପତି ହେଲେ ଗିରିଧାରୀ ସାହୁ

ମୁରିବାହାଲ,୧୭ ।୧ (ସମିସ): ବଲାଙ୍ଗୀର ଜିଲ୍ଲା କଂଗ୍ରେସ ସଭାପତି ଅନିଲ ମେହେରଙ୍କ ଅନୁମୋଦନ କ୍ରମେ ବଲାଙ୍ଗୀର



ଜିଲ୍ଲା କଂଗ୍ରେସ କମିଟି ସହିତ ବ୍ଲକ୍ ଓ ମୁନସିପାଲିଟିର ସଭାପତିମାନଙ୍କ ନାମ ଘୋଷଣା ହୋଇଛି। ମୁରିବାହାଲ ବ୍ଲକ କଂଗ୍ରେସର ନୂତନ ସଭାପତି ଭାବେ ଗିରିଧାରୀ ସାହୁ ମନୋନୀତ ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ କଂଗ୍ରେସ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ବ୍ଲକ୍ କଂଗ୍ରେସ ସଭାପତି ଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଜିଲ୍ଲା ସଭାପତି ଅନିଲ ମେହେର, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା ତଥା ବ୍ଲକର ସମସ୍ତ କଂଗ୍ରେସ କର୍ମୀଙ୍କୁ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଶ୍ରୀ ସାହୁ ପୂର୍ବରୁ ୨୭ ନଂ ଜୋନ ସାଧାରଣ ସମ୍ପାଦକ ଓ ବ୍ଲକ କିଷାନ ସେଲ୍ ସଭାପତି ଭଳି ଦାୟିତ୍ୱ ନିର୍ବାହ କରିଛନ୍ତି। ଅନ୍ୟପକ୍ଷେ ମୁରିବାହାଲ ବ୍ଲକର ବରିଷ୍ଠ କଂଗ୍ରେସ ନେତା ବିଭୀଷଣ ମହାନନ୍ଦ ଓ ଯଦୁପତି ଅଗସ୍ତିଙ୍କୁ ଡିସିସି କମିଟିର ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

୧୯ରୁ ବଲାଙ୍ଗିର ଲୋକ ଉତ୍ସବ

ବଲାଙ୍ଗିର,୧୭ ।୧(ସମିସ): ୧୯ ରୁ ୨୩ତମ ବଲାଙ୍ଗିର ଲୋକ ଉତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।



ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଲୋକଉତ୍ସବର ସବିଶେଷ ବିବରଣୀ ଦେଇଥିଲେ। ଜିଲ୍ଲାର ୧୪ଟି ବ୍ଲକରୁ ବିଭିନ୍ନ ପ୍ରତିଯୋଗିତାରୁ ଚୟନ ହୋଇଆସିଥିବା କଳାକାରଙ୍କ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବେ। ଗୁଜୁରାଟ, ଆସାମ, ପଞ୍ଜାବ, ଝାରଖଣ୍ଡ, ମହାରାଷ୍ଟ୍ର, ଜମ୍ମୁ ଓ କାଶ୍ମୀର, ହରିୟଣା, ପଶ୍ଚିମବଙ୍ଗ, କେରଳ ପ୍ରଭୃତି ରାଜ୍ୟର ଲୋକ ନୃତ୍ୟ ଦଳ ଅଂଶଗ୍ରହଣ କରିବେ। ସେହିଭଳି କଳାହାଣ୍ଡି, ନବରଙ୍ଗପୁର, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ରାୟଗଡା, ଗଞ୍ଜାମ, ପୁରୀ ଓ ବଲାଙ୍ଗିର ଜିଲ୍ଲାର ପ୍ରମୁଖ ସାଂସ୍କୃତିକ ଦଳ ଏହି ଖୋଲା ରଙ୍ଗମଞ୍ଚରେ ନିଜର ନୃତ୍ୟକଳା ପରିବେଷଣ କରିବେ। ୨୯୫ଟି ଷ୍ଟଲରେ ପଲ୍ଲୀଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା ଏବଂ ସ୍ୱଦେଶୀ ମେଳା ଅନୁଷ୍ଠିତ ହେବ। ୧୫ଟି ଖାଦ୍ୟ ଷ୍ଟଲ ମଧ୍ୟ ରହିବ। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରୁଣୀ ସୁନା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ପ୍ରମୁଖ ଉପସ୍ଥିତ ଥିଲେ।

ଲେବଡ଼ାରେ ପିଏମ୍‌ଶ୍ରୀ ଉତ୍ସବ

ମୁରିବାହାଲ,୧୭ ।୧ (ସମିସ): ମୁରିବାହାଲ ବ୍ଲକ ପିଏମଶ୍ରୀ ପାଟଣେଶ୍ୱରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲେବଡା ଠାରେ ପ୍ରଥମ ପି.ଏମ୍ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଦୁତିବାହାନ ମୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦମୟନ୍ତୀ ହାତୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ମାଝୀ, ଲେବଡା ଆଞ୍ଚଳିକ ସାଧନକେନ୍ଦ୍ର ପଦ୍ମଲୋଚନା ତାଣ୍ଡି, ବ୍ଲକ ବିଜେପି ନୋମିନି ଗଙ୍ଗାଧର ହେର୍ଣା, ଯୁବନେତା ଫକିର ଲୁହା ଓ ଆଲୁମିନି ସଭାପତି ମୁକୁନ୍ଦ ସାହୁ ଯୋଗ ଦେଇଥିଲେ। ଅଧକ୍ଷ ଦୁତିବାହାନ ମୁନା ପି.ଏମ୍ ଶ୍ରୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଶିକ୍ଷକ ତୋଷ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ରାଜୀବ ଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ମେଗା ନାମଲେଖା ଶିବିର

ବେଲପଡା,୧୭ ।୧(ସମିସ): ବେଲପଡା ଦିନ ରଘୁ ମେହେର ଉଚ୍ଚ ବିଦ୍ୟାଳୟରେ ପରିଚାଳିତ ରାଜ୍ୟମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ଏକ ମେଗା ନାମଲେଖା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ପଢା ଛାଡି ଦେଇଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ଅଧକ୍ଷତା ତଥା ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଆବାକଦ୍ଧ କ୍ରମେ ଅନୁଷ୍ଠିତ ସଭାରେ ସରପଞ୍ଚ ଅମ୍ବିକା ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଯକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାରୁ ବଞ୍ଚିତ ହେଇଥିବା, ଅଧାରୁ ପାଠପଢା ଛାଡିଦେଇଥିବା ୬୨ଜଣ ଛାତ୍ରଛାତ୍ରୀ ଦଶମ ବୋର୍ଡ ପରୀକ୍ଷା ପାଇଁ ନାମ ଲେଖେଇଥିଲେ। ୧୮ ଜଣ ଛାତ୍ରଛାତ୍ରୀ +୨ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିଲେ। ସିଆରସିସି ଲୋହିତ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

ମାରୁତିନଗରରେ ଅଷ୍ଟପ୍ରହର ନାମଯଜ୍ଞ

ପାଟଣାଗଡ଼,୧୭।୧ (ସମିସ): ପାଟଣାଗଡ଼ ରାମପୁରସ୍ଥିତ ଟିଆଁପାଲି ମାରୁତିନଗରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାରୁତିନଗରସ୍ଥିତ ପ୍ରହରୀ ମଣ୍ଡପରେ ମହିଳାମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରିଥିଲେ। ରାମପୁର ଶିବ ମନ୍ଦିରଠାରେ ଥିବା ପୋଖରୀରୁ କଳସରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଅଧିବାସ ହୋଇଥିଲା। ରବିବାର ସକାଳ ୧୦ ଟାରେ ନାମ ଆରମ୍ଭ ହୋଇ ସୋମବାର ୧୦ଟା ପର୍ଯ୍ୟନ୍ତ ଚାଲିବ। ପୂଜକ ଭାବେ ବ୍ୟାସଦେବ ମିଶ୍ର, କର୍ତ୍ତା ଭାବେ ଜ୍ୟୋସ୍ନାରାଣି ସାହୁ ଓ ଜିତେନ୍ଦ୍ର ସାହୁ ଦାୟିତ୍ୱ ତୁଲାଇଥିଲେ। ବୃନ୍ଦାବନ ମେହେର, ବୁଦ୍ଧଦେବ ମେହେର, ସମ୍ପତି ପୋଡ଼, ଡୋଳାମଣି ଦାସ ପ୍ରମୁଖଙ୍କ ସହ ପଡ଼ାବାସୀ ସହଯୋଗ କରୁଛନ୍ତି।

ନବ ନିଯୁକ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ଲୋଇସିଂହା,୧୭ ।୧(ସମିସ): ବିଭିନ୍ନ ବର୍ଗର ସୁରକ୍ଷା ବାହିନୀରେ ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତର ଯୁବକଙ୍କୁ ମିଳିଛି ସଫଳତା। ପଞ୍ଚାୟତର ୮ ଜଣ ସିଆରପିଏଫ, ବିଏସଏଫ, ସିଆଇଏସଏଫ୍‌ରେ ଚାକିରି ପାଇଛନ୍ତି। ସେମାନଙ୍କ ଏହି ସଫଳତା ପାଇଁ କୁଶମେଲ ସରପଞ୍ଚ କସ୍ତୁବ ସାହୁ ପଞ୍ଚାୟତରେ ଶୁଭ କାମନା ଜଣାଇବା ସହ ସମ୍ବର୍ଦ୍ଧନା ଦେଇଥିଲେ। ସିଆରପିଏଫରେ ଜିତୁ ବିଶ୍ୱାଳ, ସୁଜନ ପଧାନ, ପ୍ରିତମ ଧରୁଆ, ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ବିଏସଏଫରେ ଅକ୍ଷୟ ଗଡତ୍ୟା, ସିଆଇଏସଏଫ୍‌ରେ ଅଶୋକ ସାହୁ, ଆଲୋକ ବିଶି, ସଞ୍ଜୟ ଚନ୍ଦନ ଚାକିରି ପାଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାତୀ ପ୍ରିୟଦର୍ଶିନୀ ସାହୁ, ସୋନୁ ସାହୁ, ଈଶ୍ୱର ଚନ୍ଦ୍ର ସିଂ ଓ ଅର୍ଜୁନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

ବରିଷ୍ଠ ୱାର୍ଡମେମ୍ବର ସୁଭାଷ ରଣାଙ୍କ ପରଲୋକ



କଣ୍ଟାବାଞ୍ଜି,୧୭ ।୧(ସମିସ): ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ କୁର୍ଲି ଗାଁର ବରିଷ୍ଠ ୱାର୍ଡ ମେମ୍ବର ସୁଭାଷ ରଣାଙ୍କ ପରଲୋକ ହୋଇଛି। ରାତିରେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହେତୁ ପରିବାର ଲୋକେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ମୃତ୍ୟୁରେ ଚଟୁଅନକା ପଞ୍ଚାୟତର ସମସ୍ତ ଗାଁରେ ଶୋକାକୁଳ ପରିବେଶ ଦେଖା ଦେଇଛି। ସୁଭାଷ ଚଟୁଅନକା ପଞ୍ଚାୟତର ଜଣେ ଦକ୍ଷ ରାଜନେତା ଭାବେ ପରିଚିତ। ୨୦୧୭ରୁ ସେ କୁର୍ଲି ୱାର୍ଡ ମେମ୍ବର ଭାବେ ନିର୍ବାଚିତ ହୋଇ ଆସୁଥିଲେ। ପଞ୍ଚାୟତର ସମସ୍ୟାକୁ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ସମାଧାନ କରୁଥିଲେ। ତାଙ୍କ ମୃତ୍ୟୁ ଦୁଃଖ ଦାୟକ ବୋଲି ସରପଞ୍ଚ ଜ୍ଞାନରଞ୍ଜନ ତାଣ୍ଡି କହିଛନ୍ତି।

ସର୍ବଭାରତୀୟ ପାଟଣା କପ୍

କଟକ ୟୁନିୟନ ସ୍ପୋର୍ଟ୍ସକୁ ହରାଇ ଫାଇନାଲରେ ରାଜସ୍ଥାନ

ପାଟଣାଗଡ଼,୧୭ ।୧(ସମିସ)

ସ୍ଥାନୀୟ ରମାଇ ହାଇସ୍କୁଲ ପଡିଆରେ ୨୧ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଛି। ଶନିବାର ପୁଲ୍ ବିର ପ୍ରଥମ ସେମିଫାଇନାଲ ମ୍ୟାଚ କଟକ ୟୁନିୟନ ସ୍ପୋର୍ଟିଂ ଓ ରାଜସ୍ଥାନର ମେୱାର ୧୧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେୱାର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୫ ଓଭର ବିଶିଷ୍ଟ ମ୍ୟାଚରେ ମେୱାର ଦଳ ୩୨ ଓଭରରେ ସମସ୍ତ ୱିକେଟ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ୟୁନିୟନ ସ୍ପୋର୍ଟିଂ ଦଳ ୩୨.୫ ଓଭରରେ ସମସ୍ତ ୱିକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଏହାଫଳରେ



ମେୱାର ଦଳ ବିଜୟୀ ହୋଇ ପୁଲ ବିରୁ ଫାଇନାଲରେ ପ୍ରବେଶ କରିଛି। ମେୱାର ଦଳର ହିତେଶ ପଟେଲ ୭ ଓଭର ବୋଲିଂ କରି ୧୮ ରନ ଦେଇ ଗୋଟିଏ ଓଭର ମେଡ଼େନ ସହ ୩ଟି ୱିକେଟ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲଓ୍ୱାର ଯୋଗ ଦେଇଥିଲେ। ମୁନା ଦରୁଆନ ଓ ଦିଲୀପ ଦାସ ଉପସ୍ଥିତ ଥିଲେ। ବାବୁଲା ଦାସ, ସନ୍ତୋଷ ନାୟର, ରାଜେନ୍ଦ୍ର ସେଠ, ପ୍ରତାପ ପାତ୍ର ଓ ଅସିତ ପଟ୍ଟନାୟକ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ମୁନା ମହାନ୍ତି, ନନ୍ଦନ ଠାକୁର, ରାଜେନ୍ଦ୍ର ସେଠ, ରାଣା ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ। ରବିବାର ଫାଇନାଲ ମ୍ୟାଚ ରାଜସ୍ଥାନର ମେୱାର ୧୧ ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

ମା' ମଝିଘରିଆଣୀଙ୍କୁ ଦର୍ଶନ କଲେ ଆନ୍ଧ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ



ରାୟଗଡ଼ା,୧୭।୧(ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ କରିଛନ୍ତି ପଡୋଶୀ ଆନ୍ଧ୍ର ପ୍ରଦେଶର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଗୁମ୍ମାଡି ସନ୍ଧ୍ୟାରାଣୀ। ସେ ଏନେଇ ଦିନିକିଆ ରାୟଗଡ଼ା ଗସ୍ତରେ ଆସିଥିଲେ। ଆଜି ସକାଳେ ସେ ମା' ମଝିଘରିଆଣୀ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ମା' ମଝିଘରିଆଣୀଙ୍କ ବହୁ ସଂଖ୍ୟାରେ ଭକ୍ତ ଥିବା ବେଳେ ଉକ୍ତ ଦୁଇ ରାଜ୍ୟରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ରାୟଗଡ଼ାକୁ ଆସୁଥିବାରୁ ମନ୍ଦିର ପରିଚାଳନା କମିଟି ତଥା ସ୍ଥାନୀୟ ପ୍ରଶାସନ ସେମାନଙ୍କ ଦର୍ଶନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ଶ୍ରୀମତି ସନ୍ଧ୍ୟାରାଣୀ ଅନୁରୋଧ କରିଥିଲେ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ରୂପାନ୍ତର କାର୍ଯ୍ୟ ଜାରି ରହିଥିବା କହିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ମନ୍ଦିରରେ ମା'ଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ମୁଣ୍ଡନ ଆଦି ବ୍ୟବସ୍ଥା ପରିଚାଳନା ହେଉଥିବା ବିଷୟରେ ଅବଗତ କରାଯାଇଥିଲା। ମନ୍ତ୍ରୀ ଶ୍ରୀମତି ସନ୍ଧ୍ୟାରାଣୀଙ୍କ ଏହି ଗସ୍ତ ସମୟରେ ରାୟଗଡା ବିଜେପିର ବରିଷ୍ଠ ନେତା ଯାଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ) ଓ ଅନ୍ୟମାନେ ଉପସ୍ଥିତ ରହି ମଝିଘରିଆଣୀଙ୍କ ଫୋଟେ ସ୍ମୃତିସ୍ମାରକୀ ଭାବେ ପ୍ରଦାନ କରିଥିଲେ। ଏହି ସମୟରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ପି.ବାସୁ, ଆକାଉଣ୍ଟାଣ୍ଟ ଭେଙ୍କେଟ ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଫେବୃଆରୀରେ ମାଟ୍ରିକ୍ ପରୀକ୍ଷା

ହାଇସ୍କୁଲସ୍ତରରେ ଖାଲି ପଡିଛି ବହୁ ଶିକ୍ଷକ ପଦବୀ

ରାୟଗଡ଼ା,୧୭।୧(ସମିସ): ଆସନ୍ତା ଫେବୃଆରୀ ମାସ ୧୭ ତାରିଖରୁ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଜିଲ୍ଲାର ୧୩୫ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନେକ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କିଭଳି ପାଠପଢ଼ା ବ୍ୟବସ୍ଥା କରାଯାଉଥିବ ତାହା କାର୍ଯ୍ୟରତ ଶିକ୍ଷକଙ୍କ ପରିସଂଖ୍ୟାନରୁ ଆପେ ବାରି ହୋଇଯାଉଛି । ସେହିପରି ଜିଲ୍ଲାର ୧୧ଗୋଟି ବ୍ଲକରେ ୧୭ଜଣ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଏବଂ ୬ଟି ବ୍ଲକ ଶିକ୍ଷାଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଛି। ଅନେକ ବ୍ଲକ ବିଇଓ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବେଳେ ସେମାନଙ୍କ ମୂଳ ଦାୟିତ୍ୱ ପୂରଣ କରିବାରେ ସେମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଶିକ୍ଷକ ମହଲରେ ଆଲୋଚନା ହେଉଛି। ଗତବର୍ଷ ରାୟଗଡ଼ା ଜିଲ୍ଲାରେ ମାଟ୍ରିକ ଏ୧ ଗ୍ରେଡ ନୈରାଶ୍ୟଜନକ ରହିଥିବା ବେଳେ ୯୮୩୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମାତ୍ର ୩ ଜଣ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିଲେ। ଯାହାକୁ ନେଇ ଜିଲ୍ଲାରେ ହାଇସ୍କୁଲସ୍ତରରେ ଶିକ୍ଷଣ ଫଳାଫଳର ବୃଦ୍ଧି କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଶିକ୍ଷାଦାନ କାର୍ଯ୍ୟକ୍ରମ ଏକ ପ୍ରକାର ପ୍ରହସନ ବୋଲି ଶୀର୍ଷକ ଆଲୋଚନା ବିଭିନ୍ନ ମହଲରୁ ଶୁଣିବାକୁ ମିଳିଥିଲା । ଏପରିକି ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ମାତ୍ରାରେ ପ୍ରଭାବଶୂନ୍ୟ ହୋଇଥିଲା। ଗତ ୨୦୨୫ ନଭେମ୍ବର ୨୫ରେ ଅନୁଷ୍ଠିତ ହୋଇଥିବା ୮୧ତମ

ପୂରଣ ହୋଇନି ୬ ବିଇଓ, ୧୭ ସହକାରୀ ବିଇଓ ପଦବୀ

ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ପ୍ରକାରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାୟଗଡ଼ା ଜିଲ୍ଲାରେ ୧୦୫୨ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଏଥିରେ ୩୨୨୪୮ଜଣ ଛାତ୍ରଛାତ୍ରୀ ଏବଂ ୨୩୪୮ଜଣ ଶିକ୍ଷକଙ୍କ ସଂଖ୍ୟା ରହିଛି। ସେହିପରି ୪୮୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୯୫୧୫ଜଣ ଛାତ୍ରଛାତ୍ରୀ ଓ ୧୯୨୨ଜଣ ଶିକ୍ଷକ ରହିଥିବା ବେଳେ ୧୨୯ଗୋଟି ମାଧ୍ୟମିକ ବିଦ୍ୟାଳୟରେ ୩୨୭୯୪ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୨୬୮ଜଣ ଶିକ୍ଷକଶିକ୍ଷୟତ୍ରୀ ଶିକ୍ଷାଦାନ କରୁଛନ୍ତି। ସେହିପରି ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୮୭୦ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୯୯ଜଣ ଶିକ୍ଷକଙ୍କ ସଂଖ୍ୟା ରହିଛି। କିନ୍ତୁ ୧୩୫ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟର ମଂଜୁରୀ ପ୍ରାପ୍ତ ଶିକ୍ଷକ ଏବଂ କାର୍ଯ୍ୟରତ ଶିକ୍ଷକଙ୍କ ପରିସଂଖ୍ୟାନକୁ ଯଦି ଅନୁମାନ କରାଯାଏ ତେବେ ଆସନ୍ତା ଫେବୃଆରୀ ମାସରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ବିଦ୍ୟାଳୟରେ କିଭଳି ଭାବେ ପ୍ରସ୍ତୁତ ହେଉଥିବେ ତାହା ପଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷା ବିଭାଗ ତଥ୍ୟ ପ୍ରକାରେ ବରିଷ୍ଠ ଏସଇଏସ୍ ପ୍ରଧାନଶିକ୍ଷକଙ୍କ ମଂଜୁରୀ ପଦବୀ ୧୨୯ଟି ରହିଥିବା ବେଳେ ଏଥିମଧ୍ୟରୁ ୨୯ ଜଣ କାର୍ଯ୍ୟରତ ଏବଂ ୧୦୦ଟି ପଦବୀ ଖାଲି ପଡିଛି। ସେହିପରି ବିଜ୍ଞାନ ଶିକ୍ଷକ (ପିସିଏମ) ୧୫୬ଟି ମଧ୍ୟରୁ ୬ଟି ଖାଲି ପଡିଥିବା ବେଳେ ବିଜ୍ଞାନ ଶିକ୍ଷକ (ସିବିଜେଡ୍)୧୫୧ଗୋଟି ମଧ୍ୟରୁ ୮୮ଜଣ ଶିକ୍ଷକ ଥିବା ବେଳେ ୬୩ଗୋଟି ପଦବୀ ଖାଲି ପଡିଛି। ସେହିପରି କଳା ଶିକ୍ଷକ (ଟିଜିଟି ଆର୍ଟସ)୩୦୧ ମଂଜୁରୀ ପ୍ରାପ୍ତ ଶିକ୍ଷକ ପଦବୀରୁ ୨୨୮ଜଣ କାର୍ଯ୍ୟରତ ଶିକ୍ଷକ ରହିଥିବା ବେଳେ ୭୩ଟି ଖାଲି ପଡିଛି। ସଂସ୍କୃତ ଶିକ୍ଷକ ୧୩୭ଟି ପଦବୀରୁ ୧୦୯ଜଣ କାର୍ଯ୍ୟରତ ଥିବା ବେଳେ ୨୮ଟି ଖାଲି ପଡିଛି । ହିନ୍ଦୀ ଶିକ୍ଷକ ୧୩୫ ଜଣଙ୍କ ମଧ୍ୟରୁ ୯୫ଜଣ କାର୍ଯ୍ୟରତ ଥିବା ବେଳେ ୪୦ଟି ପଦବୀ ଖାଲି ପଡିଛି। ଫଳରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ କିଭଳି ପ୍ରସ୍ତୁତ ହେଉଥିବେ ତାହା ଆପେ ଅନୁମେୟ। ଚଳିତ ବର୍ଷ ଜିଲ୍ଲାରେ ଏ ଗ୍ରେଡ୍ ସ୍ତରରେ ଅଧିକା ଫଳାଫଳ ମିଳିବ ନା ନାହିଁ ତାହାକୁ ନେଇ ଆଶା ଆଶଙ୍କା ଦେଖାଦେଇଥିବା ବେଳେ ବର୍ତ୍ତମାନ ଜିଲ୍ଲାରେ ୧୨୫୩୮ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଥିବା ଏବଂ ୫୩୮୬ଜଣ ଛାତ୍ରଛାତ୍ରୀ ଆଦୌ ବିଦ୍ୟାଳୟ ଯାଇ ନ ଥିବାରୁ ସର୍ବମୋଟ ୧୭୯୨୪ଜଣ ଛାତ୍ରଛାତ୍ରୀ ଶିକ୍ଷାଗତ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର ୧୧ଗୋଟି ବ୍ଲକରେ ୧୧ଜଣ ବ୍ଲକ ଶିକ୍ଷାଧିକାରୀ ଓ ୩୩ଜଣ ସହକାରୀ ଶିକ୍ଷାଧିକାରୀ ପଦବୀ ମଧ୍ୟରେ ରାୟଗଡ଼ା, କଲ୍ୟାଣସିଂହପୁର, ଗୁଣପୁର, ପଦ୍ମପୁର, ବିଷମକଟକ, ମୁନିଗୁଡା ଭଳି ୬ ଗୋଟି ବ୍ଲକରେ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡିଥିବା ବେଳେ ଗୁଣପୁର ବ୍ଲକରେ ୩ଜଣ ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ବାଦ ଦେଲେ ବଳକା ୧୦ଟି ବ୍ଲକରେ ଜଣେ କି ଦୁଇ ଜଣ ଲେଖାଏଁ ୧୭ଟି ସହକାରୀ ବ୍ଲକ ଶିକ୍ଷାଧିକାରୀ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଛି। ଫଳରେ ବ୍ଲକଗୁଡିକରେ ଅନେକ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବାରେ ତଥା ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ତ୍ୱରିତ ସମାଧାନ ହୋଇ ପାରୁନାହିଁ। ପଡୋଶୀ ନବରଙ୍ଗପୁର ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରହୁଥିଲେ ହେଁ ରାୟଗଡ଼ା ଜିଲ୍ଲାର ଶିକ୍ଷକ ଅଭାବ ସମସ୍ୟା ପୂରଣ କରିବା ଦିଗରେ କେବେ ପଦକ୍ଷେପ ଗ୍ରହଣ କରିବେ ସେନେଇ ଶିକ୍ଷକ, ଅଭିଭାବକ ଓ ସାଧାରଣରେ ଆଲୋଚନା ଜୋର ଧରିଛି ।

ମଙ୍ଗଳା ଦିବାକା ଚନ୍ଦ୍ରପୁର ବିଜେଡ଼ି ବ୍ଲକ୍ ସଭାପତି

ଚନ୍ଦ୍ରପୁର,୧୭।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ବିଜେଡ଼ି ସଭାପତି ଭାବେ ମଙ୍ଗଳା ଦିବାକାଙ୍କୁ ରାଜ୍ୟ ବିଜୁ ଜନତା ଦଳର ସଭାପତି ନବୀନ



ପଟ୍ଟନାୟକ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ସେ ବିଜେଡ଼ିର ଜଣେ ଟାଣୁଆ ସକ୍ରିୟ କର୍ମୀ ରହିବା ସହ ଦୁଇଥର ସରପଞ୍ଚ ହୋଇ ଥିଲେ। ତାଙ୍କୁ ବ୍ଲକ୍ ସଭାପତି କରିଥିବାରୁ ବ୍ଲକ୍ ଅଧକ୍ଷ କୋଇନ କିମ୍ବାକା, ପୂର୍ବତନ ବ୍ଲକ ସଭାପତି ସୁଜିତ କୁମାର ବ୍ରେଡେକା, ପ୍ରମୋଦ ସାହୁକାର, ଚନ୍ଦ୍ରପୁର ସରପଞ୍ଚ ରଞ୍ଜିତା ବ୍ରେକବେଡ଼ା, ହାଡ଼ିବନ୍ଧୁ ବ୍ରେକବେଡ଼ା, ବିଜୟ ବିଭାର, ମିଟୁ ପ୍ରଧାନୀ, ସୁରେନ୍ଦ୍ର ବିଡିକା, ଅନିଲ କୁମାର ସାହାଣୀ, ରଣେଶ୍ୱର୍ ଦିବାକା ଓ ସମର୍ଥକ ଖୁସି ବ୍ୟକ୍ତ କରିବା ସହ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସଡକ ଦୁର୍ଘଟଣାରେ ରେଞ୍ଜର ମୃତ; ଜନ୍ମମାଟିରେ ଶେଷ କୃତ୍ୟ ସମ୍ପର୍ଣ୍ଣ



କଲ୍ୟାଣସିଂହପୁର/ରାମନାଗୁଡ଼ା,୧୭।୧(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ରେଞ୍ଜର ଚନ୍ଦନ ଗମାଙ୍ଗଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ କଲ୍ୟାଣସିଂହପୁର ବ୍ଲକରେ ଶୋକର ଛାୟା ଖେଳିଯାଇଛି। ମୃତ ଗମାଙ୍ଗଙ୍କ ଶବ ବ୍ୟବଚ୍ଛେଦ କରାଯିବା ପରେ ନିଜଗ୍ରାମ ରାମନାଗୁଡା ବ୍ଲକ କୁଜେନ୍ଦ୍ରୀ ପଞ୍ଚାୟତର ମଝିଗୁଡ଼ା ଗ୍ରାମରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। କଲ୍ୟାଣସିଂହପୁର ଠାରୁ ରାୟଗଡାକୁ ନିଜ ଗାଡ଼ିରେ ରାତ୍ର ପ୍ରାୟ ଆଠଟା ସମୟରେ ଯାଉଥିବାବେଳେ କଲୋନରା ବ୍ଲକ୍ ଗାଡ଼ିସେଶଖାଲ ପଞ୍ଚାୟତର ରାମପୁର ନିକଟ ବୁଲାଣିରେ ଗଛକୁ ପିଟି ହୋଇଥିଲେ। ପୁଲିସ ପହଞ୍ଚି ଗୁରୁତର ଗମାଙ୍ଗଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାରର ସ୍ତ୍ରୀ ଓ ୧୫ମାସର ଶିଶୁ ସନ୍ତାନ ସହ ବନବିଭାଗର ଡିଏଫଓ ସଚିନ ଆନାସାହେବ, ଏସିଏଫ ଅଶୋକ କୁମାର ପ୍ରଧାନ, ରାୟଗଡା ରେଞ୍ଜର କମେଶ୍ୱର ଆଚାରି, କଲ୍ୟାଣସିଂହପୁର ବନପାଳ ପ୍ରଦୀପ କୁମାର ଜେନା, ଭଗବାନ ଶାରାକା ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଶବସତ୍କାର ସମୟରେ ବିଭାଗ ପକ୍ଷରୁ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ତାଙ୍କର ଯାହା ପ୍ରାପ୍ୟ ରହିଛି ଯୋଗାଇଦିଆଯିବ ବୋଲି ଏସିଏଫ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

● ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ମାଲକାନଗିରି ଗସ୍ତ

ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କଲେ ସମୀକ୍ଷା



ମାଲକାନଗିରି,୧୭।୧(ସମିସ): ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଶ୍ରୀମତୀ ପାଢ଼ୀ। ପ୍ରମୁଖ ଶାସନ ସଚିବ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ପହଞ୍ଚିବା ପରେ ସର୍ବ ପ୍ରଥମେ ଗୋବିନ୍ଦପାଲି ଗସ୍ତ କରି ବସ୍ ଷ୍ଟାଣ୍ଡର ସ୍ଥିତି ସମୀକ୍ଷା କରିଥିଲେ। ତତ୍ପରେ ମାଥିଲି ସ୍ଥିତ ନୂତନ ଭାବେ ନିର୍ମାଣାଧିନ ବସ୍ଷ୍ଟାଣ୍ଡ ମଧ ବୁଲି ଦେଖିଛନ୍ତି ପ୍ରମୁଖ ଶାସନ ସଚିବ। ମାଲକାନଗିରି ପହଞ୍ଚିବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ପରେ ପୌର ପରିଷଦ ମାଲକାନଗିରିର ନୂତନ ଭାବେ ନିର୍ମିତ ହେଉଥିବା କୋଠା ବୁଲି ଦେଖିଛନ୍ତି। ସେହିପରି ପୌର ପରିଷଦର ଏମଭି ୪୨ ସ୍ଥିତ ଜବରଦସ୍ତି କଲୋନୀରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟରଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀଙ୍କ ସହ କଥା ହୋଇଛନ୍ତି ଶ୍ରୀମତୀ ପାଢ଼ୀ। ସ୍ୱଚ୍ଛ କର୍ମଚାରୀଙ୍କ କଣ ସବୁ ସମସ୍ୟା ରହିଛି, ସେମାନଙ୍କର ଜୀବନ ଜୀବିକାରେ କିଭଳି ଉନ୍ନତି ହୋଇପାରିବ ସେଥି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିବି ଗୁଡା ଟ୍ୟାଙ୍କ ପରିଦର୍ଶନ କରି ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପୌର ପରିଷଦର ଅଧିକାରୀ ଏଥି ନିମନ୍ତେ ୨ କୋଟି ଟଙ୍କାର ଆର୍ଥିକ ପାଣ୍ଠି ଆବଶ୍ୟକତା ରହିଛି ବୋଲି ସଚିବଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଡିପିଆର ପ୍ରସ୍ତୁତ କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ପାଣ୍ଠି ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରମୁଖ ଶାସନ ସଚିବ। ସେ ସହରରେ ନିର୍ମାଣ ଚାଲିଥିବା ବସ୍ ଷ୍ଟାଣ୍ଡ କାର୍ଯ୍ୟର ଅଗ୍ରଗତିର ମଧ ତଦାରଖ କରିଥିଲେ। ବସ୍ ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେହିପରି ଏୟାରଷ୍ଟ୍ରିପ ପରିଦର୍ଶନରେ ଯାଇ ରାସ୍ତା ଓ କୋଠାବାଡ଼ି ବିଭାଗ ଯନ୍ତ୍ରୀଙ୍କ ସହ ଏହାର ସ୍ଥିତି ଓ ରହିଥିବା ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଭଳି ଶୀଘ୍ର ଏୟାର ଷ୍ଟ୍ରିପ କାର୍ଯ୍ୟକ୍ଷମ ହେ. ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ପୌର ପରିଷଦ ଦ୍ୱାରା ପରିଚାଳିତ ଆଦର୍ଶ ଶ୍ମଶାନ ଗସ୍ତ କରି ଏହାର ରକ୍ଷଣାବେକ୍ଷଣ ବୁଲି ଦେଖିଥିଲେ। ଏହି ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ତେଲୁଗୁ ସମାଜର 'ପୋଙ୍ଗଲ' ଉଦ୍‌ଯାପିତ

ମାଥିଲି,୧୭ ।୧(ସମିସ): ତେଲୁଗୁ ସମାଜ ପକ୍ଷରୁ ତିନି ଦିନ ଚାଲିଥିବା ପୋଙ୍ଗଲ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ପର୍ବ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ତିନି ଧରି ଚାଲିଥିଲା। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଓ ଆଖପାଖ ଅଞ୍ଚଳରେ ତେଲୁଗୁ ଲୋକମାନେ ଏଥିରେ ଯୋଗଦେଇଥିଲେ। ବଣିକ ମହାସଂଘର ସଭାପତି ଶ୍ରୀକାନ୍ତ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ମୁଖ୍ୟଅତିଥି ଭାବରେ ଉମରକୋଟ ଏନଏସି ଅଧିକାରୀ ଆଲୋକ ଅନୁଗୁଳିଆ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଶମ୍ଭୁ ଅନୁଗୁଳିଆ ଯୋଗ ଦେଇଥିଲେ। ଉଦ୍‌ଘାଟନ କରିବା ପରେ ଦୀର୍ଘ ତିନି ରାତ୍ରି ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ବେଶ ଉପଭୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିବା ବେଳେ ବି.ନୌକା ରାଜୁ, ପିଭି ଗଣେଶ, ଏମ.ବାଲ ରାଜୁ, ମଣିକୁମାର, ଚିନା ସମସ୍ତ ପ୍ରକାର ସହଯୋଗ କରିଥିଲେ।

● ରୟତ କଲୋନୀରେ ସୁଧୁରୁନି ଡ୍ରେନେଜ ସମସ୍ୟା

ସମାଧାନ ନେଇ ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ସାହିବାସିନ୍ଦା

ରାୟଗଡ଼ା,୧୭।୧(ସମିସ): ରାୟଗଡ଼ା ପୌର ପରିଷଦ ଅନ୍ତର୍ଗତ ରୟତ କଲୋନୀର ନବମ ସାହିରେ ଦୀର୍ଘ ଦିନରୁ ଡ୍ରେନ ସମସ୍ୟା ଲାଗି ରହିଥିବା ବେଳେ ଏହାର ସମାଧାନ ପାଇଁ ସାହିବାସୀନ୍ଦା ଶନିବାର ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିଛନ୍ତି। ଡ୍ରେନେଜ ସମସ୍ୟା ଯୋଗୁଁ ସାହିବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ଡ୍ରେନ୍ ପାଣି ନିଷ୍କାସନ ପାଇଁ ସୁବିଧା ନ ଥିବାରୁ ରାସ୍ତା ଉପରେ ଅଳିଆ ଅପରିଷ୍କାର ପାଣି ଭାସୁଛି। ଯାହାଦ୍ୱାରା ମଶା, ମାଛି ଉପଦ୍ରବ ବଢ଼ିବା ସହ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡିଛି। ଏଥିସହ ସାହିଟି ଦୁର୍ଗନ୍ଧ ପରିବେଶରେ ଫାଟି ପଡୁଥିବା ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କୁ ସାକ୍ଷାତ କରି ସାହିବାସୀନ୍ଦା ଅବଗତ କରିଛନ୍ତି। ସାହି ବାସିନ୍ଦାଙ୍କ ଠାରୁ ଅଭିଯୋଗ ପାଇବା ପରେ ଅତିଶୀଘ୍ର ଡ୍ରେନ କାମ ଆରମ୍ଭ କରାଯିବ ଏବଂ କିଛି ଦିନ ଆସ୍ଥାୟୀ ଭାବେ ନାଳ ପାଣିକୁ ଛାଡିବା ପାଇଁ ରାସ୍ତା ସୁବିଧା କରିବେ ବୋଲି ପ୍ରତିଶୃତି ଦେଇଥିବା ସ୍ଥାନୀୟ ବାସିନ୍ଦା ନମୋ ଶଙ୍କର, ସାନିୟା ସୁବୁଦ୍ଧି, ଟିଟୁଆ ଜେନା, ରାମମୋହନ ରାଓ, ବୃନ୍ଦାବନ ପରିଡା, ହରିକୃଣା ଓ ନିଶାର ପ୍ରମୁଖ ପ୍ରକାଶ କରିଛନ୍ତି ।



ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ମାଥିଲି,୧୭।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଉଦୁଲିବେଡା ପଞ୍ଚାୟତଠାରେ ଥିବା ସରକାରୀ ଉନ୍ନତି ବିଦ୍ୟାଳୟରେ ପ୍ରାଧାନ ଶିକ୍ଷକ ସଂଜୀବ ପାଣିଗ୍ରାହୀଙ୍କ ଅଧକ୍ଷତାରେ ପିଏମ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମାଥିଲି ଜିଲ୍ଲା ପରିଷଦ ଜୋନ୍-୩ର ସଭ୍ୟା ସସ୍ମିତା ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୧ ର ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ମାଝୀ, ସମାଜିକ ଉନ୍ନୟନ ସଂସ୍ଥାର ଜିଲ୍ଲା ସମ୍ପାଦକ ରାମ ଗୋବିନ୍ଦ ପଣ୍ଡା, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମାଥିଲି ବ୍ଲକ ପ୍ରତିନିଧି ସ୍ମୃତିରଞ୍ଜନ ପାଢ଼ୀ, ସ୍ଥାନୀୟ ସମିତି ସଭ୍ୟ ପି. ରାମେଶ୍ୱର ରାଓ, ସିଆରସିସି ମନୋଜ କୁମାର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟ ତଥା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ମାଲକାନଗିରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଙ୍ଘ ଗଠିତ



ମାଲକାନଗିରି,୧୭ ।୧(ସମିସ): ମାଲକାନଗିରି ଜିଲ୍ଲା ସଦର ସ୍ଥିତ ସଭାଗୃହରେ ମାଲକାନଗିରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଙ୍ଘ ଗଠିତ ହୋଇଛି। ଏଥିପାଇଁ ସମସ୍ତ ବ୍ଲକ୍‌ରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ଘନଶ୍ୟାମ ମାଡକାମୀ, ଉପସଭାପତି ରୂପେ ମୋହମ୍ମଦ ଫାରୁକ ଏବଂ ମାଣିକଲାଲ ଚକ୍ରବର୍ତ୍ତି, ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ରୂପେ ତପନ ମାଝୀଙ୍କୁ ଚୟନ କରାଯାଇଥିଲା। ବୈଠକରେ ଜିଲ୍ଲାରେ କେନ୍ଦୁପତ୍ର ବ୍ୟବସାୟକୁ ନେଇ ବିଗତ ବର୍ଷ ଗୁଡିକରେ ଉପୁଜିଥିବା ଅସୁବିଧା ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏ ବାବଦରେ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ ପ୍ରଧାନଙ୍କୁ ସାକ୍ଷାତ କରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଙ୍ଘ ଗଠନ ସମ୍ପର୍କରେ ଅବଗତ କରାଯାଇଥିଲା।

ଜେକେ ପେପର୍ ମିଲ୍ସକୁ 'ଗ୍ରୀନ୍ ଏନଭାଇରୋ ସେଫ୍ଟି' ପୁରସ୍କାର

ରାୟଗଡା/ଜେକେପୁର,୧୭।୧(ସମିସ): କାର୍ଯ୍ୟସ୍ଥଳ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜେକେପୁର ସ୍ଥିତ ଜେକେ ପେପର୍ ମିଲ୍ସକୁ 'ଦ୍ୱିତୀୟ ବାର୍ଷିକ ଗ୍ରୀନ୍ ଏନଭାଇରୋ ସେଫ୍ଟି ଏକ୍ସେଲେନ୍ସ ଆୱାର୍ଡ୨୦୨୬'ର ପ୍ଲାଟିନମ୍ ଶ୍ରେଣୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାରଟି ଗ୍ରୀନ୍ ଏନଭାଇରୋ ଫାଉଣ୍ଡେସନ୍, ନୂଆଦିଲ୍ଲୀ ଦ୍ୱାରା ପେପର୍ ସେକ୍ଟରରେ ଜେକେ ପେପର୍ ମିଲ୍ସର ଉତ୍କୃଷ୍ଟ ସେବାକୁ ସ୍ୱୀକୃତି ସ୍ୱରୂପ ପ୍ରଦାନ କରାଯାଇଛି। ଗୋଆରେ ଗତ ୧୨ ଜାନୁଆରୀ ୨୦୨୬ ତାରିଖରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାରଟି ଭାରତ ସରକାରଙ୍କ ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଶ୍ରୀପାଦ ୟେସୋ ନାଏକ ଜେକେ ପେପର୍ ମିଲ୍ସର ମହାପ୍ରବନ୍ଧକ (ଇଏଚଏସ) ସତ୍ୟଜିତ ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ଏହି ସଫଳତାକୁ ନେଇ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ ପ୍ରତିବଦ୍ଧତାକୁ ମୁଖ୍ୟ କାରଣ ଭାବେ ଉଲ୍ଲେଖ କରାଯାଇଛି। ଜେକେ ପେପର ମିଲ୍ସ କାର୍ଯ୍ୟନିର୍ବାହୀ ଉପସଭାପତି କାର୍ମିକ ବିନୟ ଦ୍ୱିବେଦୀ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



କେନାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

କାଲିମେଲା/ପଡିଆ, ୧୭।୧(ସମିସ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ପୋଟେରୁ କେନାଲ ବିଭାଗ ପକ୍ଷରୁ ନିର୍ମାଣାଧିନ କେନାଲ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ନିର୍ମାଣାଧିନ କାର୍ଯ୍ୟ ଗୁଡିକ ତଦାରଖ କରିବା ପାଇଁ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ଅଭାବରୁ ଏହାର ସୁଯୋଗ ନେଇ ଠିକାଦାରମାନେ ବେଧଡ଼କ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବା ସହ ଆବଶ୍ୟକୀୟ ମୁତାବକ କ୍ୟୁରିଂ କରୁନଥିବା ନେଇ ସ୍ଥାନୀୟ ନେତୃବୃନ୍ଦ ଅଭିଯୋଗ ଆଣିଛନ୍ତି। ସୂଚନାନୁଯାୟୀ, ପଡିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତ ଅନ୍ତର୍ଗତ ମେଟାଗୁଡା ଗ୍ରାମ ଦେଇ ଯାଉଥିବା ପୋଟେରୁ ଜଳସେଚନ ବିଭାଗର କେନାଲରୁ ଏକ ନୂତନ ଭାବେ ସବ୍ କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି କେନାଲ ନିର୍ମାଣ ବେଳେ ଏହାର ଉଭୟ ପାଶ୍ୱର୍ ୱାଲରେ ଚିପ୍ସ କଂକ୍ରିଟ୍



ଦିଆଯିବାକୁ ଥିବା ବେଳେ ଏଥିରେ ମେଟାଲ୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏଥିସହ ଏହି ନିର୍ମାଣ କାର୍ଯ୍ୟର ତଦାରଖ ପାଇଁ ବିଭାଗୀୟ ଅଧିକାରୀମାନେ ଆସୁନଥିବାରୁ ଏହାର ସୁଯୋଗ ନେଇ ଠିକାଦାର ଜଣଙ୍କ ନିମ୍ନମାନର ବାଲି ଓ ଅନ୍ୟାନ୍ୟ ସମାଗ୍ରୀ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏନେଇ ଜଳ ସେଚନ ବିଭାଗର କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କଲେ ମଧ କାହା ସହ ଯୋଗାଯୋଗ ହୋଇପାରୁ ନଥିବାରୁ ସ୍ଥାନୀୟ ନେତୃବୃନ୍ଦ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ଘଟଣା ବାବଦରେ ଅବଗତ କରାଇଥିଲେ। ଅନ୍ୟପଟେ ନିମ୍ନମାନର ନିର୍ମାଣ କାର୍ଯ୍ୟ ବାବଦରେ କାମ କରାଉଥିବା ସୁପରଭାଇଜରଙ୍କୁ ପଚାରିବାରୁ ସେ ଚିପ୍ସ ସହ ମେଟାଲ୍ ମିଶାଉଥିବା ସ୍ୱୀକାର

ଠିକାଦାରଙ୍କୁ ସୁହାଉଛି ଅଧିକାରୀଙ୍କ ଅନୁପସ୍ଥିତି

କରିଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଏଭଳି ଶହଶହ ମିଟର କେନାଲ କାମ ଚାଲିଥିବା ବେଳେ ଏଭଳି ନିମ୍ନମାନର କାର୍ଯ୍ୟ ଏକ ବଡ ଧରଣର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ମତ ପ୍ରକାଶ ପାଇଛି। ପ୍ରାୟ ସମସ୍ତ ସ୍ଥାନରେ ଠିକାଦାରମାନେ ଏଭଳି ମନ ମୁତାବକ କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଚୁପ ହୋଇ ରହିବା ବିଭାଗୀୟ ଉଦାସୀନତାକୁ ଦର୍ଶାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ପଡିଆ ବ୍ଲକ୍‌ସଦର ମହକୁମାରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପଛପଟେ ମଧ ନିର୍ମାଣ ହୋଇଥିବା କେନାଲ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାର୍ଯ୍ୟ କରାଯିବା ସହ ଆବଶ୍ୟକ ମୁତାବକ କ୍ୟୁରିଂ କରାଯାଇ ନଥିବା ଅଭିଯୋଗ ହୋଇଛି। ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କାମରେ କୌଣସି ଅଭିଯୋଗ ନାହିଁ ଯିଏ ଯାହା କହିଲେ ଚଳିବ ନାହିଁ ବୋଲି ବେପରୁଆ ଢଙ୍ଗରେ ମତ ପ୍ରଦାନ କରିଛନ୍ତି। ଉଭୟ ପ୍ରକଳ୍ପକୁ ନେଇ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭାଗ ପକ୍ଷରୁ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ

ଅଯୋଧ୍ୟା-ବାରଣାସୀ ଗଲେ ୬ ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ





ରାୟଗଡା,୧୭ ।୧(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାକୁ ଶନିବାର ଶୁଭାରମ୍ଭ କରିଛନ୍ତି ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଓ ଜିଲ୍ଲାପାଳ ଆଶୁତୋଷ କୂଳକର୍ଣ୍ଣି । ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଆଜି ଯାଇଛନ୍ତି ଛଅ ଗୋଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ । ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଏସକର୍ଟ ଆଜି ରାୟଗଡ଼ା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡା ବିଧାୟକ ଶ୍ରୀ କାଡ୍ରାକା, ଜିଲ୍ଲାପାଳ ଶ୍ରୀ କୂଳକର୍ଣ୍ଣିଙ୍କ ସହ ଅନ୍ୟ ଅତିଥି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରି ବିଧାୟକ କହିଥିଲେ, ପରିଣତ ବୟସରେ ବରିଷ୍ଠ ନାଗରିକଙ୍କୁ ଏହି ଯାତ୍ରା ଧାର୍ମିକ ସହାୟତା ପ୍ରଦାନ ପାଇଁ ସରକାରଙ୍କ କାର୍ଯ୍ୟକ୍ରମ । ଆର୍ଥିକ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁ ଅନେକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯିବାରୁ ବଞ୍ଚିତ ରହୁଥିଲେ । ତାହା ଦୂରେଇବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିଧାୟକ କହିଛନ୍ତି । ଜିଲ୍ଲାପାଳ ଶ୍ରୀ କୂଳକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ରେଳ ଷ୍ଟେସନଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାସ, ରେଳବାଇ ଡିଆରଏମ ଅମିତାଭ ସିଂଘଲ, ଇଷ୍ଟ କୋଷ୍ଟ ଆଇଆରସିଟିସି ଏଜିଏମ୍ କ୍ରାନ୍ତି ସବରକାର, ଏଡିଏମ୍ ଜେନେରାଲ ନବୀନ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଚଳିତ ଥର ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଏସକଟ ଅଫିସର ମିଶି ମୋଟ ୮୦୦ ଜଣ ଯାତ୍ରାର ସୁଯୋଗ ପାଇଛନ୍ତି । ୪ର୍ଥ ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବାବେଳେ ଏଥିରେ ରାୟଗଡା ଠାରୁ ଅଯୋଧ୍ୟା ଓ ବାରଣାସୀ ଭ୍ରମଣ ସ୍ଥିର କରାଯାଇଥିଲା । ଏଥିରେ ରାୟଗଡା ଜିଲ୍ଲାର ୧୧୮ ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ ଜଣ, ନବରଙ୍ଗପୁର ୧୪୮ ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ ମଧ୍ୟ ଏବଂ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲାରେ ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଜି ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା ।

■ ବ୍ଲକ୍ ଅଧ୍ୟକ୍ଷାଙ୍କ ବରୁଦ୍ଧରେ ଅନାସ୍ଥା ପ୍ରସଙ୍ଗ

୨୨ରେ ଭୋଟ ଗଣତି ସହ ଫଳାଫଳ ଘୋଷଣା

ଗୁଡାରୀ,୧୭ ।୧(ସମିସ): ଦୀର୍ଘ ଦିନର ଆଇନଗତ କୋର୍ଟ କଚେରି ଲଢେଇ ପରେ ଶେଷରେ ଆସନ୍ତା ୨୨ ତାରିଖ ଦିନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି । ହାଇକୋର୍ଟଙ୍କ ସ୍ପଷ୍ଟିକରଣ ପରେ ଅଣାଯାଇଥିବା ଅନାସ୍ଥା ଭୋଟ୍‌ର ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ଜଣାପଡିଛି । ଏହି ନିର୍ଦ୍ଦେଶ ପରେ ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧୩ ତାରିଖରେ ଏକ ନୋଟିସ ଜାରି କରାଯାଇଛି । ଯାହା ଗୁଡ଼ାରୀ ରାଜନୀତିରେ ବଡ଼ ପରିବର୍ତ୍ତନ ଆଭାସ ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ଗତ ବର୍ଷ ୨୪ ଜୁଲାଇ ୨୦୨୫ରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ୧୬ ସମିତି ସଭ୍ୟ ସରପଞ୍ଚ ଅନାସ୍ଥା ଭୋଟ୍ ଗ୍ରହଣ କରାଯାଇଥିଲା । ଲକ୍ଷ୍ମୀ ଶବର ଏହାକୁ ଚେଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ହାଇକୋର୍ଟ ଶ୍ରୀମତି ଶବରଙ୍କ ଅବେଦନକୁ ନାକଚ କରିଛନ୍ତି । ଲକ୍ଷ୍ମୀ ଶବରଙ୍କ ହାଇକୋର୍ଟରେ ସମସ୍ତ ଉପସ୍ଥାପନା ରଦ୍ଦ ପରେ ଅନସ୍ତା ଆଣିଥିବା ବିରୋଧିଦଳ ନୂଆ ଅଧ୍ୟକ୍ଷା ପାଇବା ପାଇଁ ଉତ୍ସାହରେ ବିଭର ହୋଇ ପଡିଛନ୍ତି । ଏଥି ମଧ୍ୟରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁଡାରୀ ତହସିଲଦାର ଏ ସ୍ନେହଲତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣତି କାର୍ଯ୍ୟ କରାଯିବ । ଏଥିରେ ଗୁଡ଼ାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା ସମସ୍ତ ସହଯୋଗ କରିବା ପାଇଁ ଜଣାଇଦିଆଯାଇଛି । ସାତ ମାସ ହେଲାଣି ଗୁଣପୁର ସବ୍-ଟ୍ରେଜେରୀ ଅଫିସରେ ସୁରକ୍ଷିତ ଭାବେ ପଡି ରହିଥିବା ବାଲଟ ବକ୍ସକୁ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ଗୁଡାରୀ ବ୍ଲକ କାର୍ଯ୍ୟାଳୟକୁ ଅଣାଯିବ ର ସୂଚନା ମିଳିଛି । ବ୍ଲକ ପରିଷଦର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକୀୟ ପୋଲିସ ମୁତୟନ କରିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ପଞ୍ଚାୟତ ସମିତି ସଭ୍ୟ ଓ ସଭ୍ୟା, ସରପଞ୍ଚ, କୋରାପୁଟ ସାଂସଦ ସମୟରେ ଗୁଣୁପୁର ବିଧାୟକଙ୍କୁ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇଛି ।

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ସମାରୋହ



ରାୟଗଡା,୧୭।୧(ସମିସ): ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ରାଷ୍ଟ୍ରୀୟ ସଙ୍ଗୀତ "ବନ୍ଦେ ମାତରମ" ର ୧୫୦ ବର୍ଷ ପୂର୍ତ୍ତି ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବରୁ ରାୟଗଡା ପୌରପରିଷଦ ପରିସୀମା ଭିତରେ ଥିବା ବିଭିନ୍ନ ସ୍କୁଲ ଓ କଲେଜସ୍ତରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଛି । ଏହି ସମାରୋହରେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ । ଏହା ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି, ରାୟଗଡା ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ । ପୌରପରିଷଦସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଚଳିତ ମାସ ୧୨ତାରିଖରେ ରାୟଗଡା ପୌରପାଳିକା ଅଧିନରେ ଥିବା ୫୫ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ପ୍ରାୟ ୧୦୦୦୦ ଛାତ୍ରଛାତ୍ରୀ ସାମୁହିକ ଭାବେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ' ଗାନ କରିଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

କେନ୍ଦୁପତ୍ର ରେଞ୍ଜର ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ



ଆମ୍ବଦଳା,୧୭।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ କେନ୍ଦୁପତ୍ର ରେଞ୍ଜ ତରଫରୁ ଅମ୍ବାଦଳା ଓ ମୁନିଗୁଡା କେନ୍ଦୁପତ୍ର ସେକ୍ସନରେ ଏକ ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କେନ୍ଦୁପତ୍ର ଡ଼ିଏଫଓ ଜୟପୁର ଡିଭିଜନଙ୍କ ତତ୍ୱାବଧାନର ଆତ୍ମନିର୍ଭରଶୀଳ ଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏହି ଦକ୍ଷତା ବିକାଶ ସଚେତନା କାର୍ଯ୍ୟକ୍ରମରେ ମୁନିଗୁଡା ଓ ଅମ୍ବାଦଳା ଅଞ୍ଚଳର ୧୮ ବର୍ଷରୁ ୩୫ ବର୍ଷର ଯୁବକ ଯୁବତୀମାନଙ୍କ ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଟେଲରିଂ, ମୋବାଇଲ ରିପେରିଂ, ଇଭି ମଟର ସାଇକଲ ରିପେରିଂ, ଡ୍ରାଇଭିଙ୍ଗ, ଜନସେବା କେନ୍ଦ୍ର ସ୍ଥାପନ ସଂପର୍କରେ ଯୁବକ ଯୁବତୀମାନଙ୍କୁ ସଚେତନ କରାଯାଇଥିଲା । ଅମ୍ବାଦଳା ଅଞ୍ଚଳରେ ୧୮ ଟି ଗ୍ରାମ ଓ ମୁନିଗୁଡା ଅଞ୍ଚଳର ୧୫ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଗ୍ରାମର ୪୦ ରୁ ୫୦ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନିଯୁକ୍ତି ଓ ଦକ୍ଷତା ବିକାଶ ଅଧିକାରୀ ସ୍ୱର୍ଣ୍ଣଲତା ରାଉତ, ଜେକେ କାଗଜ କଳର ସ୍ୱର୍ଷ ଅନୁଷ୍ଠାନ ସିମାଞ୍ଚଳ ନାୟକ, ଏଲସିସି କମ୍ପ୍ୟୁଟର ସଂଯୋଜକ ଭାଗବତ ବାତ୍ରା, ବିଷମକଟକ କେନ୍ଦୁପତ୍ର ରେଞ୍ଜର ଇନଚାର୍ଜ ପ୍ରମୋଦ କୁମାର ପାତ୍ର, ମୁନିଗୁଡା ଫରେଷ୍ଟର ଶକୁନ୍ତଳା ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରିତିଲତା କୁଡୁଚି ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଆଗ୍ରହୀ ଯୁବକ ଯୁବତୀମାନେ ଆଗାମୀ ଦିନରେ ହାଟମୁନିଗୁଡା ସ୍ଥିତ ରାମକୃଷ୍ଣ ମିଶନ ଏବଂ ଚାଟିକଣା ସ୍ଥିତ ପ୍ରଶିକ୍ଷଣ କେନ୍ଦ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀ ପ୍ରମୋଦ ପାତ୍ର ପ୍ରକାଶ କରିଛନ୍ତି । ଯୁବକ ଯୁବତୀମାନଙ୍କୁ ୬୦ଦିନର ପ୍ରଶିକ୍ଷଣ ଦିଆଯାଇ ବିଭିନ୍ନ କର୍ମସଂସ୍ଥାନରେ ଭର୍ତ୍ତି କରାଯିବ ଏବଂ ସେମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ରେଞ୍ଜ ଇନଚାର୍ଜ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

ଇଶ୍ୱର ବିଜେଡି ନଗର ସଭାପତି, ବିଶ୍ୱନାଥ ବ୍ଲକ୍ ସଭାପତି ଘୋଷିତ





ଗୁଡାରୀ,୧୭।୧(ସମିସ): ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ୩୦ଟି ସାଙ୍ଗଠନିକ ଜିଲ୍ଲାର ନଗର ଓ ବ୍ଲକ ସଭାପତିଙ୍କ ନାମ ତାଲିକାରେ ମୋହର ମାରିବା ପରେ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏହାକୁ ଘୋଷଣା କରିଛନ୍ତି । ଏହି କ୍ରମରେ ଗୁଡାରୀ ବ୍ଲକ୍ ସଭାପତି ଭାବେ ବିଶ୍ୱନାଥ ଶବର(ଗୁଡାରୀ ବ୍ଲକ ଉପାଧ୍ୟକ୍ଷ) ଏବଂ ଗୁଡ଼ାରୀ ବିଜ୍ଞାପିତ ପରିଷଦର ସଭାପତି ଭାବେ ଇଶ୍ୱରଚନ୍ଦ୍ର ପାଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିପାଇଁ ଉଭୟେ ଦଳ ସୁପ୍ରିମୋଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ଶବର ଏବଂ ଶ୍ରୀ ପାଣିଗ୍ରାହୀ ଆଗାମୀ ଦିନରେ ବିଜୁ ଜନତା ଦଳକୁ ତୃଣମୂଳସ୍ତରରେ ସୁଦୃଢ କରିବା ପ୍ରଥମ କର୍ତ୍ତବ୍ୟ ହେବ ବୋଲି କହିଛନ୍ତି । ପରିଷଦର ବରିଷ୍ଠ କର୍ମୀ ସନ୍ତୋଷ ମହାନ୍ତି, କେଦାର ସାହୁ, ଶୁସିଳ ଗୁରୁ, ଚନ୍ଦ୍ର ପଣ୍ଡା, ସଦା ପାଣିଗ୍ରାହୀ, ସୁବାଷ ଗୌଡ, ଦୁଇ ପଦାଧିକାରୀଙ୍କୁ ଶୁଭେଚ୍ଛା ଶଭକାମନା ଜଣାଇଛନ୍ତି ।

ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟ ଯାଞ୍ଚ କଲେ ଜିଲ୍ଲାପାଳ



ରାୟଗଡ଼ା,୧୭।୧(ସମିସ): ରାୟଗଡ଼ାର ଲାଇଫଲାଇନ କୁହାଯାଉଥିବା ଓଭରବ୍ରିଜର ପୁନରୁଦ୍ଧାର/ନିର୍ମାଣ କାର୍ଯ୍ୟ ଚଳିତ ମାସ ଜାନୁଆରୀ ୧୦ତାରିଖରୁ ଜାରି ରହିଛି । ଫଳରେ ଓଭରବିଜ୍ର ରାସ୍ତା ବନ୍ଦ ଥିବାରୁ ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ସହରର ଦୁଇଟି ବିକଳ୍ପ ରାସ୍ତାରେ ଯାତାୟାତର ସୁବିଧା ବ୍ୟବସ୍ଥା କରାଯାଇଛି । ଲୋକେ ବିକଳ୍ପ ରାସ୍ତା ବ୍ୟବହାର କଲେ ମଧ୍ୟ ଯାତାୟାତରେ ଟ୍ରାଫିକ୍ ସମସ୍ୟା କିଛି କ୍ଷେତ୍ରରେ ଦେଖାଦେଉଛି । ତୁରନ୍ତ ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତି ହେଲେ ପୂର୍ବ ପରି ଏହାର ବହୁଳ ବ୍ୟବହାର ହେବା ସହ ସହରବାସୀ ଉପକୃତ ହେବେ । ଏନେଇ ଆଜି ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ସଡକ ସୁରକ୍ଷା ସମିତି ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣି ପୂର୍ବାହ୍ନରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି । ତଦାରଖ ସମୟରେ ଜିଲ୍ଲାପାଳ ନିର୍ମାଣରେ ଗୁଣବତା, ସୁରକ୍ଷା ବ୍ୟବସ୍ଥା ଏବଂ ମରାମତି କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଛନ୍ତି । ୩୨୬ନମ୍ବର ଜାତୀୟ ରାଜପଥ ବିଭାଗ ପକ୍ଷରୁ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟଅଟକଳରେ ଜାରି ରହିଥିବା ମରାମତି କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ ହେବାର ବିଭାଗ ଆକଳନ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ସମୟାନୁକ୍ରମେ ମରାମତି କାମ ଉପରେ ନଜର ରଖିଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ରାଜପଥ ବିଭାଗର ଅନୁରୋଧ କ୍ରମେ ପୌର ପାଳିକା ପକ୍ଷରୁ ଓଭରବ୍ରିଜ ତଳେ ବସୁଥିବା ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇ ଲାଲ କନା ବୁଲାଇ ଦିଆଯାଇଥିବା ଦେଖିବାକୁ ମିଳିଛି ।

ଭାରୀଯାନ ଯାତାୟାତକୁ ସାହିବାସିନ୍ଦାଙ୍କ ବିରୋଧ



ରାୟଗଡ଼ା,୧୭।୧(ସମିସ): ରାୟଗଡ଼ା ସହରର ଓଭରବ୍ରିଜ ପୁନରୁଦ୍ଧାର ତଥା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଚଳିତ ମାସ ୧୦ ତାରିଖରୁ ଏହା ଉପରେ ଦେଇ ଯାତାୟାତ କଟକଣା ଜାରି ରହିଛି । ପ୍ରଶାସନ ପକ୍ଷରୁ ଦୁଇଟି ବିକଳ୍ପ ରାସ୍ତାକୁ ସର୍ବସାଧାରଣ ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଇଛି । ତେବେ ୩୨୬ନମ୍ବର ଜାତୀୟ ରାଜପଥରୁ ରୟତ କଲୋନୀ ଦେଇ ବାରିଝୋଲା ବାଇପାସ ରାସ୍ତାକୁ ସଂଯୋଗ ଥିବା ରାସ୍ତାକୁ ମଧ୍ୟ ଭାରିଯାନ ଓ ଚାରି ଚକିଆ ଯାନଗୁଡିକ ବହୁଳ ଭାବରେ ବ୍ୟବହାର କରୁଥିବାରୁ ଉକ୍ତ ରାସ୍ତାରେ ସଡକ ଦୁର୍ଘଟଣାର ଅଧିକ ସମ୍ଭାବନା ରହିବା ସହ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖାଦେଇଛି । ରୟତ କଲୋନୀର ସମସ୍ତ ସାହିର ରାସ୍ତାଗୁଡିକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି । ଉକ୍ତ ରାସ୍ତାରେ ବର୍ତ୍ତମାନ ଭାରୀଯାନଗୁଡିକର ଚଳାଚଳ ସଡକ ଦୁର୍ଘଟଣାର ସମ୍ଭାବନାକୁ ବୃଦ୍ଧି କରୁଛି । ତେଣୁ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଇବାକୁ ଦାବି କରି ଆଜି ରୟତ କଲୋନୀ ୧୧ନଂ ଛକଠାରେ ସାହିବାସିନ୍ଦାମାନେ ରାସ୍ତା ଉପରେ ବାଇକଗୁଡିକ ରଖି ରାସ୍ତାରୋକ କରିଥିଲେ । ଫଳରେ ଅନେକ ଯାନବାହାନ ଉଭୟ ପଟରେ ଅଟକି ରହିବା ଏବଂ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା । ଖବର ପାଇ ରାୟଗଡ଼ା ଥାନା ଆରକ୍ଷୀ ନିରୀକ୍ଷକ ପ୍ରସନ୍ନ କୁମାର ବେହେରା ଓ ଅନ୍ୟ ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ସାହିବାସିନ୍ଦାଙ୍କ ସହ ଆଲୋଚନା କରି ରାସ୍ତାରୋକ ହଟାଇଥିଲେ । ଉକ୍ତ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ପୁଲିସ କର୍ମଚାରୀ ମୁତୟନ କରି ଭାରୀଯାନ ଚଳାଚଳକୁ ନିଷେଧ କରିବା ବ୍ୟବସ୍ଥା କରିବା ସହ ଷ୍ଟପ ବୋର୍ଡଗୁଡିକ ଲଗାଇବା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଯଦି କେହି ଗାଡି ଚାଳକ ଉକ୍ତ ଷ୍ଟପ୍ ବୋର୍ଡ ହଟାଇ ସାହି ରାସ୍ତା ବ୍ୟବହାର କରେ ତେବେ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବା ସହ ତାଗିଦ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ବେହେରା କହିଛନ୍ତି ।

ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ



ଗୁଣପୁର,୧୭।୧(ସମିସ): ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଆଜି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ଠାରେ ଦକ୍ଷଣ ଓଡିଶାସ୍ତରୀୟ ପାୱାର ଲିଫଟିଂ ତଥା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରିଡା ଅଧିକାରୀ ସେଖ୍ ଆଲେନୁରୁ ମୁଖ୍ୟ ଅତିଥି ରୁପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଓ ପଦ୍ମ ଚରଣ ପଣ୍ଡାଙ୍କ ସଂଯୋଜନା କ୍ରମେ ଏହି ପ୍ରତିଯୋଗିତା ସଞ୍ଚାଳନ ହେଉଥିବା ବେଳେ ଦକ୍ଷିଣ ଓଡିଶାର ଶତାଧିକ ପ୍ରତିଯୋଗୀ ଏଥିରେ ସାମିଲ ହୋଇଛନ୍ତି । ରେଫେରି ଦୋରା କଣ୍ଡାଗିରି, ବୃନ୍ଦାବନ ପାଲକା ଯୋଗ ଦେଇଥିଲେ । ବିଡିବି ରାବଣା ମୁର୍ଣ୍ଣୀ, ଆଡିଆ ଶବର, ପେଦାଲା ସନ୍ତୋଷ ସହଯୋଗ କରିଥିଲେ ।

ଜଗନ୍ନାଥପୁର ପଞ୍ଚାୟତକୁ ନୂତନ ବ୍ଲକ୍ ମାନ୍ୟତା ଦାବି

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଗୁଣୁପୁର,୧୭।୧(ସମିସ): ଗୁଣୁପୁର ବ୍ଲକ୍‌ର ଜଗନ୍ନାଥପୁର ପଞ୍ଚାୟତକୁ ନୂତନ ବ୍ଲକ୍‌ର ମାନ୍ୟତା ପ୍ରଦାନ କରିବାକୁ ଦାବି କରି ଆଜି ୪ ରୋଟି ପଞ୍ଚାୟତର ଲୋକ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ତ୍ରିନାଥ ମନ୍ଦିର ଛକ ନିକଟରରୁ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଗୁଣୁପୁର ବ୍ଲକରେ ୧୯ ଗୋଟି ପଞ୍ଚାୟତ ରହିଛି । ଯେହେତୁ ସରକାରଙ୍କ ନିୟମ ଅନୁଯାୟି ଭୌଗଳିକ ଦୃଷ୍ଟି କୋଣରୁ ଗୁଣୁପୁର ବଡ ବ୍ଲକ୍ ରହିଛି ଜନସଂଖ୍ୟା ଅତ୍ୟାଧିକ ରହିଛି । ଏଣୁ ଏହି ବ୍ଲକ୍‌କୁ ଭାଗ କରି ଚାରୋଟି ପଞ୍ଚାୟତ ଯଥା ମୋରମା, ଗୋଠଳପଦର, ଜଗନ୍ନାଥପୁର, ଶ୍ରୀଝୋଲି , ବଂଶଧାରା ନଦୀର ପଶ୍ଚିମ ପାଶ୍ୱର୍ରେ ରହିଥିବା ଗ୍ରାମପଞ୍ଚାୟତର ଗ୍ରାମବାସୀ ଲେଖି ଦାବି ଜଣାଇଥିଲେ । ୧୯୬୦ ମସିହାରେ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ଗଠନ ସମୟରେ ଗୁଣପୁର ସହରରେ ଅବସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଜଗନ୍ନାଥପୁରରେ ପଞ୍ଚାୟତ ସମିତି ଭାବରେ କାର୍ଯ୍ୟ କରି ଆସୁଥିଲା । ପରବର୍ତ୍ତୀ ପରିସ୍ଥିତିରେ ଉପଖଣ୍ଡ ଓ ସହରର ସୁବିଧା ଦୃଷ୍ଟିରୁ ଏହାକୁ ଜଗନ୍ନାଥପୁର ବଦଳରେ ଗୁଣପୁର ସ୍ଥାନାନ୍ତର କରାଯାଇ ଗୁଣପୁର ପଞ୍ଚାୟତ ସମିତି କରାଗଲା । ଯେଉଁଥିରେ ବର୍ତ୍ତମାନ ୧୯ ଗୋଟି ଗ୍ରାମପଞ୍ଚାୟତ ରହିଛି । ଏହାରି ମଧ୍ୟରୁ ଉପରୋକ୍ତ ଗ୍ରାମ ପଞ୍ଚାୟତ ଗୁଡିକ ସମ୍ପୂର୍ଣ୍ଣ ଉପାନ୍ତ ଅଞ୍ଚଳ ଓ ଆନ୍ଧ୍ର ନିକଟବର୍ତ୍ତି ଅଞ୍ଚଳ ଅଟେ । ଉକ୍ତ ଜଗନ୍ନାଥପୁର ପଞ୍ଚାୟତ ସମିତି ଗଠନ ସମୟରେ ଏଠାରେ ଗୋଟିଏ ସିଏସସି (ପ୍ରାଥମିକ) ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଧିକାରୀଙ୍କ ରହିବା ନିମନ୍ତେ ବଙ୍ଗଳା ଗଠନ କରାଯାଇଥିଲା ଓ ଉପାନ୍ତ ଗୋଠଳପଦରଠାରେ ନକ୍ସଲ ବିରୋଧୀ ପୋଲିସ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡିକ ନିମ୍ନମତେ ଜନସଂଖ୍ୟା, ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଗୃହ, ଅଙ୍ଗନବାଡି କେନ୍ଦ୍ର, ରାଜସ୍ୱ ପରିଷଦ କେନ୍ଦ୍ର ରହିଛି । ଏହା ସହ ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡିକ ମନ୍ଦିର ମାଳିନୀ ଓ ଚାଷ ଉପଯୋଗୀ ଜମି ରହିଛି । ଶ୍ରୀ ସରକାରଙ୍କ ସହାୟତା ହେଲେ ଉପରୋକ୍ତ ଅଞ୍ଚଳରେ ପରିଦର୍ଶନ ସ୍ଥଳି ମଧ୍ୟ ସୃଷ୍ଟି କରାଯାଇ ଜମି ଯୋଗାଣ କରାଯାଇପାରିବ । ସରକାରଙ୍କ ଆବଶ୍ୟକ ମୁତାବକ ବିଭିନ୍ନ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ନିର୍ମାଣପାଇଁ ସରକାରୀ ଜାଗା ରହିଛି । ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡିକୁ ନେଇ ତୁରନ୍ତ ଏକ ପଞ୍ଚାୟତ ସମିତି (ବ୍ଲକ) ଗଠନ ନିମନ୍ତେ ଗ୍ରାମବାସୀ ଦାବି କରିଥିଲେ । ଦାବପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ଗୌରି ଗମାଙ୍ଗ, ଅବସର ପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ଚୌଧୁରି, ବରିଷ୍ଠ ଓକିଲ ଗୌରି ଦାସ, ଲୋକ ପ୍ରତିନିଧି, ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।